*<u>ଆପଣ</u>* **ସୁଧା ବାଇବଲ ବୁଝି ପାରିବେ**

# *ନୂତନ ନିୟମ ସର୍ବେକ୍ଷଣ*


ବବ ଉଟଲେ

ବାଇବଲ ଶିକ୍ଷକ



ଆନ୍ତର୍ଜାତିୟ ବାଇବଲ ଶିକ୍ଷାକେନ୍ଦ୍ର: ମାର୍ଶାଲ, ଟେକ୍ ସେସ

୨୦୦୦ (ସଂଶୋଧିତ୨୦୦୭)

# ସୁଚୀପତ୍ର


ଉତ୍ତମ ବାକ୍ୟ ଅଧ୍ୟୟନ ନିମନ୍ତେ ପରାମର୍ଶ..... ୩
ପ୍ରାରମ୍ଭିକ ଶିକ୍ଷା..... ୧୦
ମାଥିଉ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ..... ୧୨
ମାର୍କ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ..... ୧୮
ଲୁକ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ..... ୨୫
ଯୋହନ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ..... ୩୩
ପ୍ରେରିତ ମାନଙ୍କ କାର୍ଯ୍ୟର ସଂକ୍ଷିପ୍ତ ବିବରଣି..... ୪୧
ରୋମିୟ ପୁସ୍ତକର ସଂକ୍ଷିପ୍ତ ବିବରଣି ..... ୫୧
ପ୍ରଥମ କରିନ୍ଥୀୟ ପୁସ୍ତକର ସଂକ୍ଷିପ୍ତ ବିବରଣି ..... ୫୭
ଦ୍ଵୀତିୟ କରିନ୍ଥୀୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୬୫
ଗାଲାତୀୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୭୧
ଏଫିସିୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୭୬
ଫିଲିପିୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୮୬
କଲସିୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୯୨
ଥେସଲନିକୀୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୦୧
ପାଳକୀୟ ପତ୍ର ସମୁହ : ପ୍ରଥମ ଏବଂ ଦ୍ଵିତୀୟ ତୀମଥି ଏବଂ ତୀତସ..... ୧୧୦
ତୀତସଙ୍କ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୧୮
ଫିଲୀମୋନଙ୍କ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୨୧
ଏବ୍ରୀ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୨୪
ଯାକୁବଙ୍କ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୩୦
ପିତରଙ୍କ ପ୍ରଥମ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୩୬
ପିତରଙ୍କ ଦ୍ଵୀତିୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୪୫
ଯୋହନଙ୍କ ପ୍ରଥମ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୫୦
ଯୋହନଙ୍କ ଦ୍ଵିତୀୟ ଏବଂ ତ୍ରୁତୀୟ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୫୬
ଯୀହୁଦାଙ୍କ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୫୯
ପୁରାତନ ନିୟମ ଭବିଷ୍ୟଦ୍ ବାଣୀର ବିବରଣି..... ୧୬୪
ପ୍ରକାଶିତ ପୁସ୍ତକର ସଂକ୍ଷିପ୍ତ ବିବରଣି..... ୧୭୪
ପ୍ରଥମ ପରିଶିଷ୍ଟ ବିଷୟ..... ୧୮୬
ଦ୍ଵିତୀୟ ପରିଶିଷ୍ଟ ବିଷୟ..... ୧୯୫
ତ୍ରୁତିୟ ପରିଶିଷ୍ଟ ବିଷୟ..... ୧୯୯

# ଉତ୍ତମ ବାକ୍ୟ ଅଧ୍ୟୟନ ନିମନ୍ତେ ପରାମର୍ଶ

ଆମେ କଣ ସତ୍ୟ ଜାଣିପାରିବା? କୋଉଠାରୁ ପାଇପାରିବା? କଣ ଆମେ ଏହାକୁ ଯୁକ୍ତିଯୁକ୍ତ ଭାବେ ପରୀକ୍ଷା କରିପାରିବା? ଏହାର କଣ ଶେଷ ଅଧିକାର ରହିଅଛି? ସେହିଠାରେ କଣ ଆମକୁ ଏବଂ ଜଗତକୁ ଉପଦେଶ ଦେବା ନିମନ୍ତେ ସତ୍ୟତା ରହିଅଛି? ଜୀବନର ଉଦେଶ୍ୟ କଣ? କଣ ପାଇ ଆମ୍ଭେମାନେ ଏଠାରେ ଅଛୁ? ଆମ୍ଭେମାନେ କୋଉଠାକୁ ଯାଉଅଛୁ? ଏହି ସବୁ ପ୍ରଶ୍ନର ଉତ୍ତର ପାଇବା ନିମନ୍ତେ ସୃଷ୍ଟି ପ୍ରାରମ୍ଭରୁ ସମସ୍ତ ମାନବ ଜଗତ ଚିନ୍ତାକରି ଆସୁଅଛନ୍ତି, (ହିତୋପଦେଶ ୧:୧୩-୧୮, ୩:୯-୧୧)।

ମୁ ମୋର ବ୍ୟକ୍ତିଗତ ଜୀବନର ସନ୍ଧାନର କାହାଣୀକୁ ମନେପକାଏ। ପରିବାରର ଅନ୍ୟ ସଦଶ୍ୟ ମାନଙ୍କ ଆଦର୍ଶ ସକାଶୁ, ମୁ ମୋ ଯୁବା ଅବସ୍ଥାରେ ଜଣେ ବିଶ୍ଵାସୀ ହୋଇପାରି ଥିଲି। ଯେତେବେଳେ ମୁ ବୟସ ପ୍ରାପ୍ତ ହେଲି, ଅନେକ ପ୍ରଶ୍ନ ମୋ ବିଷୟରେ ଏବଂ ଜଗତ ବିଷୟରେ ମୋ ସହିତ ବଢିବାରେ ଲାଗିଲା। ସେହି ସମୟରେ ଜାଗତିକ ରୀତିନୀତି ଏବଂ ଧାର୍ମିକ ଧାରଣା ଯାହା ମୁ ପଢିଥୀଲି, ସେହିସବୁ କୌଣସି ପ୍ରକାରେ ବୁଝିବାରେ ସାହାଯ୍ୟ କରିନଥିଲା। ସେହି ସମୟ ଏକ ପ୍ରକାର ଅସ୍ୱଷ୍ଟତା ଓ କୌଣସି ପ୍ରକାର ବିଷୟର ଗୁପ୍ତ ବିଷୟର ସନ୍ଧାନ କରିବା ସଦୃଶ୍ୟ ଭାବନା ମନମଧରେ ରହି ଥିଲା, ଯାହାକି ଏକ କଷ୍ଟକର ଜଗତ ଥିଲା,

ଅନେକେ ଏହି ସବୁ ପ୍ରଶ୍ନର ଉତ୍ତର ଅଛି ବୋଲି କହନ୍ତି, କିନ୍ତୁ ଅନେକ ଅନୁସନ୍ଧାନ ପରେ ଜଣାପଡେ ଯେ, ସେହି ସବୁ ଉତ୍ତର ଅନ୍ୟ କେତେକ ବିଷୟ ଉପରେ ନିର୍ଭରଶିଳ ହୋଇଥାଏ, ଯଥା, (1) ବ୍ୟକ୍ତିଗତ ଦାର୍ଶନିକ ତତ୍ଵ, (2) ପ୍ରାଚୀନ ସମୟର କଳ୍ପୀତ କାହାଣୀ, (3) ବ୍ୟକ୍ତିଗତ ଅନୁଭବ, ଯାହାକି ଜାଗତିକ ଅନୁଭୁତି ସକାଶୁ ଦେଖାଯାଏ,

ଏହାର ସତ୍ୟତା ବିଷୟରେ ପ୍ରମାଣ ମୁ ବାଇବଲ ଅଧ୍ୟୟନ ପରେ ଖୋଜିପାଇଲି ତାହା ହେଲା, (1) ଭୁତତ୍ୱବିତ ମାନଙ୍କର ବାଇବଲ ସମ୍ବନ୍ଧିୟ ନିର୍ଭର ଯୋଗ୍ୟ ତଥ୍ୟ, (2) ପୁରାତନ ନିୟମର ଭବିଷ୍ୟତବାଣୀର ସଫଳତା, (3) ଷୋହଳ ଶହ ବର୍ଷର ବାର୍ତାର ଏକତ୍ରତା, (4) ଲୋକ ମାନଙ୍କର ବ୍ୟକ୍ତିଗତ ସାକ୍ଷ୍ୟ, ଯାହାକି ସେମାନଙ୍କର ଜୀବନକୁ ବାଇବଲ ସମ୍ପୁର୍ଣ ପରିବର୍ତ୍ତନ କରିଅଛି। ଖ୍ରୀଷ୍ଟିୟ ଧର୍ମର ବିଶ୍ଵାସ ଦ୍ୱାରା ମନୁଶ୍ୟ ଜିବନର ସମସ୍ତ ପ୍ରଶ୍ନର ସମାଧାନ ପ୍ରଦାନ କରିଥାଏ। ଏହା କେବଳ ଯୁକ୍ତିଯୁକ୍ତ ପଦ୍ଧତି ପ୍ରଦାନ କରିଥାଏ ତାହା ନୁହେ, କିନ୍ତୁ ଏହା ମୋତେ ବାଇବଲ ବିଷୟକ ବିଶ୍ଵାସର ଅନୁଭୁତି ପ୍ରଦାନ କଲା।

ବାଇବଲରେ ମୁ ମୋ ଜିବନର ସମ୍ପୁର୍ଣତାକୁ ଖୋଜି ପାଇପାରିଥିଲି, ଏହା ଏକ ଉତ୍ତେଜନା ଏବଂ ଭାବପ୍ରବଣତା ଜନକ ଭାବନା। ବର୍ତ୍ତମାନ ସୁଧା ମୋର ମନେ ଅଛି ସେହି ଆଶ୍ଚର୍ଯ୍ୟ ଧକ୍କା ଓ ଯନ୍ତ୍ରଣା ଯାହା ଭିନ୍ନ ଭିନ୍ନ ବାଇବଲ ବ୍ୟାଖ୍ୟା ଯୋଗୁ ମିଳିଥାଏ। ଅନେକ ସମୟରେ ତାହା ମଣ୍ଡଳୀର ଶିକ୍ଷା ଯୋଗୁ ହୋଇଥାଏ। ବାକ୍ୟର ଅନୁପ୍ରେରଣ ଏବଂ ଭରସା ଯୋଗ୍ୟ ସ୍ୱୀକୁତି ଶେଷ ନୁହେ, କିନ୍ତୁ ଆରମ୍ଭ ଅଟେ। କିପ୍ରକାରେ ମୁ ବାକ୍ୟର କଠିନ ଅଧ୍ୟାୟ ସବୁ ଯାଚଂ ଏବଂ ଅସ୍ୱୀକୁତି ପ୍ରଦାନ କରିପାରିବି, ଯାହାକି ଅଧିକାରଯୁକ୍ତ ଏବଂ ଭରସାଯୋଗ୍ୟ ବୋଲି ଦାବି କରେ।

ଏହି କାର୍ଯ୍ୟ ମୋ ଜୀବନର ଲକ୍ଷ୍ୟ ଏବଂ ବିଶ୍ଵାସର ଗନ୍ତବ୍ୟ ସ୍ଥଳ ଅଟେ। ମୁ ଜାଣେ ଯେ ଖ୍ରୀଷ୍ଟଙ୍କ ଠାରେ ବିଶ୍ଵାସ କରିବା ଦ୍ୱାରା ମୋ ଜିବନରେ ଶାନ୍ତି ଏବଂ ଖୁସି ଆସିଅଛି, ସମସ୍ତ ପ୍ରକାର ଧାର୍ମିକ, ସାମାଜିକ ପ୍ରଥା ଏବଂ ଧାର୍ମିକ ସମ୍ପ୍ରଦାୟର ଅହଂକାର ମଧରେ ମୋହର ମନସ୍କାମନା ଏକ ସିଦ୍ଧତା ପ୍ରତି ରହିଅଛି। ମୋ ଦ୍ରୁଷ୍ଟିଗୋଚର ଅନୁସାରେ ପୁରାତନ ବ୍ୟାଖ୍ୟାକରଣ ନିମନ୍ତେ, ଅନେକ ସମୟରେ ଆମ ସମାଜର ଐତିହାସିକ ଏବଂ ନିତିନିୟମକୁ ଆଧାର କରି ବାକ୍ୟର ବ୍ୟାକ୍ଷ୍ୟା କରାଯାଇଥାଏ, ଯାହାକି ଅତ୍ୟନ୍ତ ଦୁଖଦାୟକ ଅଟେ। ମୁ ଅନେକ ସମୟରେ ବାକ୍ୟ ନିଜ ମତକୁ ଦ୍ରୁଷ୍ଟିରେ ରଖି ପଢ଼ିଥାଏ। ମୁ ଏହାକୁ ଅନେକ ସମୟରେ ମୋହର ଅସୁରକ୍ଷିତ ଓ ଅପ୍ରାଚୁର୍ଯ୍ୟ ମତକୁ ଅନ୍ୟମାନଙ୍କୁ ଦ୍ରୁଢୋକ୍ତି କରିବା ନିମନ୍ତେ ଏକ ଅସ୍ତ୍ର ଭାବରେ ବ୍ୟବହାର କରିଥାଏ। ଏହା ଏକ ବଡ ଚିନ୍ତାର ବିଷୟ ଅଟେ।

ଯଦିଚ ମୁ କେବେ ହେଲେ ବାକ୍ୟରୁ ବାହାର ହୋଇନ ପାରେ, କିନ୍ତୁ ମୁ ଏକ ଭଲ ବାକ୍ୟ ଅଧ୍ୟୟନ ହୋଇପାରିବି। ମୁ ମୋହର ସମସ୍ତ ଦୁର୍ବଳତାକୁ ସ୍ୱୀକାର କଲି, କାରଣ ବାକ୍ୟ ବ୍ୟାଖ୍ୟାକାରି ହି ଏକ ଉତ୍ତମ ବାକ୍ୟ ଅଧ୍ୟୟନର ପରମ ଶତ୍ରୁ ଅଟେ। ଏଣୁ ମୁ ବାକ୍ୟ ଅଧ୍ୟୟନ ପୁର୍ବରୁ ମୋ ସହିତ ଥିବା କେତେକ ପୁର୍ବକଳ୍ପନା ପ୍ରକାଶ କରୁଅଛି, ଯାହାକି ସମସ୍ତ ବାକ୍ୟ ଅଧ୍ୟୟନକାରି ମୋ ସହିତ ଚିନ୍ତା କରନ୍ତୁ।

1. ବାଇବଲ ଇଶ୍ଵରଙ୍କ ଦ୍ୱାରା ଅନୁପ୍ରେରିତ ବାକ୍ୟ ଏବଂ ଏଶ୍ଵର ଏହା ମାଧମରେ ନିଜକୁ ପ୍ରକାଶିତ କରିଅଛନ୍ତି। ତେଣୁ ମୁ ଏହାକୁ ଇଶ୍ଵରଙ୍କ ଦ୍ରୁଷ୍ଟିକୋଣରୁ ଏବଂ ଏହାର ଐତିହାସିକ ପରିସ୍ଥିତିକୁ ଲକ୍ଷ୍ୟରେ ରଖି ବ୍ୟାଖ୍ୟା କରିବା ଉଚିତ।
2. ବାଇବଲ ସର୍ବସାଧାରଣଙ୍କ ନିମନ୍ତେ ଲେଖାଯାଇଅଛି ବୋଲି ମୁ ବିଶ୍ଵାସ କରେ, ଇଶ୍ଵର ଏକ ପ୍ରକାର ଐତିହାସିକ ଏବଂ ପାରମ୍ପାରିକ ପରିସ୍ଥିତିକୁ ଲକ୍ଷ୍ୟରେ ରଖି ନିଜକୁ ପ୍ରକାଶିତ କଲେ। ଇଶ୍ଵର ସତ୍ୟକୁ ନ ଲୁଚାଇ ତାହା ପ୍ରକାଶିତ କଲେ, ଯେପରି ସମସ୍ତେ ସତ୍ୟତା ବୁଝି ପାରିବେ। ଏଣୁ ଆମ୍ଭମାନଙ୍କୁ ତାହା ସେହି ସମୟାନୁସାରେ ବ୍ୟାଖ୍ୟା କରିବାକୁ ପଡିବ। ଏହା ସର୍ବସାଧାରଣ ବୁଝିବା ନିମନ୍ତେ ଉପଯୋଗି ଅଟେ।
3. ବାଇବଲର ଏକ ନିର୍ଦ୍ଧିଷ୍ଟ ବାର୍ତ୍ତା ଏବଂ ଉଦ୍ଦେଶ୍ୟ ରହିଅଛି ବୋଲି ମୁ ବିଶ୍ଵାସ କରେ। ଯଦିଚ ଏଠାରେ ଅବୁଝା ଓ ଦ୍ୱନ୍ଦାତ୍ମକ ଅଂଶ ରହିଅଛି, ତଥାପି ଏହା ପରସ୍ପର ସହିତ ସ୍ୱୀକୁତି ଏବଂ ସମ୍ମିଳନ ରହିଅଛି। ଏଣୁ ବାଇବଲକୁ ବାଇବଲ ଦ୍ୱାରାହି ସର୍ବୋତ୍ତମ ଭାବେ ବର୍ଣନା କରାଯାଇ ପାରିବ।
4. ଭବିଷ୍ୟତ ବାଣୀ ବ୍ୟତିତ, ବାଇବଲର ଲେଖକ ମାନଙ୍କର ଓ ପବିତ୍ର ଆତ୍ମାଙ୍କର କେବଳ ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ ଓ ବାକ୍ୟ ରହିଅଛି ବୋଲି ମୁ ବିଶ୍ଵାସ କରେ, ଯାହାକି ଏହାର ଐତିହାସିକ ପରିସ୍ଥିତିକୁ ଲକ୍ଷ୍ୟରେ ରଖି ପ୍ରକାଶ କରାଯାଇଅଛି। ଅଥଚ ଆମ୍ଭେମାନେ ସମ୍ପୁର୍ଣ ଭାବେ ବୁଝିନ ପାରୁ, କିନ୍ତୁ ଏହା ଅନେକ ପ୍ରକାର ସୁଚନା ପ୍ରଦାନ କରେ।
    1. ଲେଖା ଶୈଳି ଅନେକ ସମୟରେ ବାକ୍ୟର ଉଦ୍ଦେଶ୍ୟ ପ୍ରକାଶ କରିଥାଏ,

(a) ଐତିହାସିକ ପରିସ୍ଥିତି ଏବଂ ବିଶେଷ ମୁହୂର୍ତ୍ତମାନ ବାକ୍ୟର ପରିଚୟ ପ୍ରଦାନ କରନ୍ତି ।
(b) ସମ୍ପୂର୍ଣ ବହିର ଲେଖା ଶୈଳି ।
(c) ବହିର ଲେଖା ଶୈଳି ଏବଂ ସଂକ୍ଷିପ୍ତ ବିବରଣୀ, ଯାହା ସମ୍ପୂର୍ଣ ବହିର ବ୍ୟାଖ୍ୟା ପ୍ରଦାନ କରେ ।
(d) କେତେକ ନିର୍ଦ୍ଦିଷ୍ଟ ବ୍ୟାକରଣାତ୍ମକ ଶବ୍ଦର ବ୍ୟବହାର ।
(e) କେତେକ ନିର୍ଦ୍ଦିଷ୍ଟ ଶବ୍ଦର ବ୍ୟବହାର ଯାହା ସମ୍ପୂର୍ଣ ବାକ୍ୟ ବର୍ଣନା କରିଥାଏ ।

ଏହିସବୁ କାରଣ ଯୋଗୁ ହି ସଠିକ ବାଇବଲ ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଏକ ଉତ୍ତମ ବାଇବଲ ଅଧ୍ୟୟନର ପ୍ରଣାଳୀ ଚିନ୍ତା କରିବା ପୂର୍ବରୁ ମୁ ଆପଣ ମାନକୁଂ କହି ରଖିବାକୁ ଚାହେ, ଯୋଉ ସବୁ ମାଧ୍ୟମରେ ଆମ୍ଭେମାନେ ବାଇବଲକୁ ଭୁଲ ଭାବରେ ବ୍ୟବହାର କରିଥାଉ ।

1. ବାକ୍ୟର ଆକ୍ଷରିକ ଶୈଳିକୁ ଅବହେଳା କରି, ଅନେକ ସମୟରେ ଆମ୍ଭେମାନେ ବାକ୍ୟର ପ୍ରତ୍ୟକ ଶବ୍ଦ, ବାକ୍ୟ, ବାକ୍ୟାଶଂଏବଂ ଅନେକ ବ୍ୟକ୍ତିଗତ ଶବ୍ଦକୁ ବ୍ୟାକ୍ଷ୍ୟା କରିଥାଉ, ଯଦିଚ ତାହା ଲେଖକକଂ ଉଦ୍ଦେଶ୍ୟକୁ ପ୍ରକାଶ କରିନଥାଏ । ଏହିପ୍ରକାର ଶିକ୍ଷାକୁ "ପ୍ରମାଣିକ ଶିକ୍ଷା" ବୋଲି କୁହାଯାଏ ।
2. ଐତିହାସିକ ପରିସ୍ଥିତି ଏବଂ ବିଶେଷ ମୁହୂର୍ତ୍ତମାନକୁ ବିଚାରକୁ ନ ନେଇ, ନିଜ ମନରୁ ଏକ କାହାଣି ପ୍ରସ୍ତୁତ କରିବା, ଯାହାର ଅତି ଅଳ୍ପ କିମ୍ବା କୈାଣସି ମାତ୍ରାରେ ବାକ୍ୟ ସହିତ ସମାନତା ନ ଥାଏ ।
3. ଐତିହାସିକ ପରିସ୍ଥିତି ଏବଂ ବିଶେଷ ମୁହୂର୍ତ୍ତମାନକୁ ବିଚାରକୁ ନ ନେଇ, ବାକ୍ୟକୁ ଆଧୁନିକ ଯୁଗର ସକାଳ ସମୟର ସମ୍ବାଦ ପତ୍ର ସଦୃଶ୍ୟ ପାଠ କରିବା ।
4. ଐତିହାସିକ ପରିସ୍ଥିତିକୁ ବିଚାରକୁ ନ ନେଇ, ଏହାକୁ ଦାର୍ଶନିକ ଏବଂ ଧାର୍ମିକତାର ସମିଶ୍ରଣ ଭାବରେ ବ୍ୟାକ୍ଷ୍ୟା କରିବା, ଯଦିଚ ଏହା ଲେଖକକଂ ପ୍ରାଥମିକ ଉଦ୍ଦେଶ୍ୟର ସମ୍ପୂର୍ଣ ବିପରିତ ଧାରଣା ପ୍ରଦାନ କରିଥାଏ ।
5. ଲେଖକକଂ ପ୍ରାଥମିକ ଉଦ୍ଦେଶ୍ୟକୁ ନ ବୁଝି, ନିଜର ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରିବା, ଯଥା ଆଧୁନିକ ସମସ୍ୟା, ଘଟଣା ଓ ପରିସ୍ଥିତି ସହିତ ବାକ୍ୟର ତୁଳନା କରିବା । ଏହା ସଦାସର୍ବଦା ପ୍ରଚାରକ ମାନକଂର ଚିନ୍ତା ସହିତ ଯଡିତ ହୋଇଥାଏ, ଯାହାକୁ "ପାଠକକଂ ଉତ୍ତର" ଅର୍ଥାତ ଏହା ପ୍ରାଥମିକ ଭାବେ (ବାକ୍ୟ ମୋ ନିମନ୍ତେ କଣ) ଭାବରେ ପ୍ରଚାରକ ମାନେ ଚିନ୍ତା କରନ୍ତି ।

ପ୍ରାୟତ ତିନିଗୋଟି ଅଂଶ ଆମ୍ଭମାନକଂ ଲିଖିତ ଏବଂ ଯୋଗାଯୋଗରେ ଦେଖିବାକୁ ମିଳେ,




ପୁରାତନ ସମୟରେ ବିଭିନ୍ନ ପ୍ରକାରର କୌଶଳରେ ଏହି ତିନି ପ୍ରକାର ନିତିରେ ବାଇବଲ ଅଧ୍ୟୟନ କରାଯାଉ ଥିଲା, କିନ୍ତୁ ବର୍ତମାନ ଇଶ୍ୱରକଂର ମୁଖ ନିର୍ଗତ ବାକ୍ୟକୁ ସମ୍ପୂର୍ଣ ବୁଝିବା ନିମନ୍ତେ ଏକ ନୁଆ ପଦ୍ଧତିର ଆବଶ୍ୟକତା ରହିଅଛି ।




ଏହି ତିନୋଟି ପ୍ରକ୍ରିୟା ବାକ୍ୟର ବ୍ୟାଖ୍ୟାକରଣ ନିମନ୍ତେ ନିହାତି ଜରୁରି ଅଟେ, ମୁ ଯଦି କେବଳ ପ୍ରକୃତ ଲେଖକ ଏବଂ ତାହାକଂ ଲିଖିତ ବାକ୍ୟ ପ୍ରତି ଧ୍ୟାନ ଦିଏ, ତେବେ ମୋର ଭୁଲ ବ୍ୟାଖ୍ୟାକରିବାର ସମ୍ଭାବନା ରହିଥାଏ । ଯାହା ମୁ ଲକ୍ଷ୍ୟ କରିଅଛି ଆମ୍ଭେମାନେ ଏହି ପ୍ରକାର ଭୁଲ କରିଥାଉ, ଯଥା: (1) କାହାଣି

ଉପଖ୍ୟାନ ଓ ଅତି ଆଧ୍ୟାତ୍ମିକତାର ରୁପ ଦେଇଥାଉ, (2) ପାଠକ ବାକ୍ୟର ଅର୍ଥ ନିଜପାଇ ବାହାର କରିଥାଏ । ଏହି କାରଣରୁ ଆମ୍ଭେମାନେ ପ୍ରଥମେ ନିଜର ଶୈଳିକୁ ପରିକ୍ଷା କରିବା ଆବଶ୍ୟକ । ଏହାର ଅନ୍ୟଏକ ପ୍ରଶ୍ନ ହେଲା, କୋଉ ଲିଖିତ ବାକ୍ୟକୁ ଆଧାର କରି ଏହି ପରିକ୍ଷା କରାଯାଇ ପାରିବ । ଏଇଥିପାଇ ଲେଖକଙ୍କ ପ୍ରକ୍ରୁତ ଉଦ୍ଦେଶ୍ୟ ଏବଂ ବାକ୍ୟର ପ୍ରକ୍ରୁତ ଗଠନ ପ୍ରଣାଳି ଅତ୍ୟଧିକ ଗୁରୁତ୍ୱପୁର୍ଣ୍ଣ ହୋଇଥାଏ, ଯାହାଦ୍ୱାରା ଏହି ପ୍ରକାର ସମସ୍ୟାର ସମାଧାନ ମିଳିଥାଏ ।

ଭୁଲ ଭାବରେ ପଢା ଯାଉଥିବା ପ୍ରକ୍ରିୟାକୁ ଦ୍ରୁଷ୍ଟିଆଗରେ ରଖି, ଉତ୍ତମ ବାଇବଲ ଅଧ୍ୟୟନ ନିମନ୍ତେ କଣ ସବୁ ସାମ୍ଭବ୍ୟ ନିୟମ ଏବଂ ଉପାୟ ବାଇବଲ ପଠନ ନିମନ୍ତେ ଅବଲମ୍ବନ କରିବା ଆବଶ୍ୟକ, ଯାହାକି ଆମ୍ଭମାନଙ୍କୁ ଏକ ଉତ୍ତମ ପରିକ୍ଷିତ ଏବଂ ପ୍ରଭାବିତ ମାପଦଣ୍ଡ ପ୍ରଦାନ କରିପାରିବ ।

ଏହି ସବୁରେ ମୁ ଏକ ନିର୍ଦ୍ଦିଷ୍ଟ ଲେଖାଶୈଳୀ ଉଦ୍ଦେଶ୍ୟରେ ନୁହେ, କିନ୍ତୁ ଯାହାକି ସର୍ବସାଧାରଣ ଭାବେ  ସମଗ୍ର ବାଇବଲକୁ ବ୍ୟାଖ୍ୟା କରିବା ନିମନ୍ତେ ଉଦ୍ଦିଷ୍ଟାଏକ ପ୍ରୁଥକ ଲେଖା ଶୈଳୀର ଉତ୍ତମ ବ୍ୟାଖ୍ୟା ନିମନ୍ତେ ଏକ ଉତ୍ତମ ପୁସ୍ତକଟିଏ ହେଲା "*How To Read The Bible For All Its Worth*, by Gordon Fee and Douglas Stuart, published by Zondervan."

ମୋହର ବାଇବଲ ଅଧ୍ୟୟନର ପ୍ରାଥମିକ ଶୈଳି, ଅଧ୍ୟୟନ ଦ୍ୱାରା ପାଠକ ମାନେ ପବିତ୍ର ଆତ୍ମାଙ୍କୁ ତାହାଙ୍କର ମନକୁ ଖୋଲିଦେବା ନିମନ୍ତେ ସୁଯୋଗ ପ୍ରଦାନ କରିବା । ଏହାଦ୍ୱାରା ପବିତ୍ର ଆତ୍ମା ପାଠକ ମାନଙ୍କୁ ବାକ୍ୟକୁ ପ୍ରାଧାନ୍ୟ ଦେବାରେ ଏବଂ ଅତ୍ୟଧିକ ଟୀକା ଲେଖନିର ପ୍ରଭାବରୁ ଉଦ୍ଧାର କରିଥାଏ । ଏହାର ଅର୍ଥ ନୁହେ, ସେ ସବୁକୁ ହେୟ ମନେକରିବା, କିନ୍ତୁ ତାହାର ସତଉପୋଯୋଗ କରିବା ।

ଆମ୍ଭେମାନେ ବାକ୍ୟ ମାଧ୍ୟମରୁହି ବାକ୍ୟକୁ ସମର୍ଥନ କରିବାକୁ ଶିକ୍ଷିବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ନିମ୍ନରେ ପାଚଂଗୋଟି ସୋପାନ ପ୍ରଦାନ କରାଯାଇଅଛି,

(1) ଐତିହାସିକ ପରିସ୍ଥିତି ।

(2) ଲେଖା ଶୈଳୀ ।

(3) ବ୍ୟାକରାଣାତ୍ମକ ପ୍ରଣାଳୀ ।

(4) ଆଧୁନିକ ଶବ୍ଦର ପ୍ରୟୋଗ ।

(5) ଆବଶ୍ୟକିୟ ଅନୁରୁପ ଉଦ୍ଧୃତାଂଶ ।

ଆମ୍ଭମାନଙ୍କୁଆମ ବାଇବଲ ବ୍ୟାଖ୍ୟାର ଉତ୍ତମ ଏବଂ ଯୁକ୍ତିଯୁକ୍ତ କାରଣ ପ୍ରଦାନ କରିବା ଦରକାରକେବଳ ପବିତ୍ର ବାଇବଲ ଆମ୍ଭମାନଙ୍କର ବିଶ୍ୱାସ ଏବଂ ପାଳନ ନିମନ୍ତେ ଏକାନ୍ତ ଆବଶକ ଅଟେ। ଏହା ଅତି ଦୁଖର ବିଷୟଅଟେ, ଯେ ଆଜି ଅନେକ ଖ୍ରୀଷ୍ଟଧର୍ମର ଲୋକମାନେ ବାକ୍ୟର ଶିକ୍ଷା ସହିତ ଏକମତ୍ତ ହୋଇଥାନ୍ତି ।

ବାକ୍ୟର ଅଧ୍ୟୟନ ନିମନ୍ତେ ନିମ୍ନରେ ଚାରୋଟି ଉପାୟ ପ୍ରଦାନ କରାଯାଇଛି,

(1) ପ୍ରଥମ ଅଧ୍ୟୟନ ପରିସର ।

- (a) ପ୍ରଥମେ ଏକା ସାଥିରେ ଅଲଗା ଅଲଗା ଅନୁବାଦରୁ ପୁରା ପୁସ୍ତକକୁ ପଢିବା ଦରକାର ।
  - (i) ପ୍ରତ୍ୟକ ଶବ୍ଦ ନିମନ୍ତେ (NKJV, NASB, NRSV)
  - (ii) ସମାନ ଗତିଶିଳ (TEV, JB)
  - (iii) ଭାବାନୁବାଦ (TEV, JB)
- (b) ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟକୁ ଖୋଜିବାହାର କରି ବୁଝିବାକୁ ଚେଷ୍ଟା କରନ୍ତୁ ।
- (c) ଯଥା ସମ୍ଭବ ଅଧ୍ୟାୟ, ଲେଖାଶୈଳୀ, ଅନୁଚ୍ଛେଦ ଏବଂ ଯୋଉଶବ୍ଦ ସ୍ୱଛଭାବରେ ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟକୁ ଖୋଜି ବାହର କରିବା ଉଚିତ ।
- (d) ପ୍ରଧାନ ଲେଖାଶୈଳୀକୁ ଚିହ୍ନଟ କରିବା ।
  - (i) ପୁରାତନ ନିୟମ ।
    - 1) ଏବ୍ରିୟ କାହାଣୀ ।
    - 2) ଏବ୍ରିୟ କବିତା (ଗିତସଂହିତା ଏବଂ ଶଲୋମନଙ୍କ ପୁସ୍ତକ) ।
    - 3) ଏବ୍ରିୟ ଭବିଷ୍ୟତ ବାଣୀ ।
    - 4) ନିୟମ ସମୁହ ।
  - (ii) ନୂତନ ନିୟମ ।
    - 1) କାହାଣୀ (ସୁସମାଚାର ଏବଂ ପ୍ରେରିତ ମାନଙ୍କ ପୁସ୍ତକ) ।
    - 2) ପ୍ରେରିତ ମାନଙ୍କ ଚିଠି ।
    - 3) ଶେଷ ସମୟର ଘଟଣାର ଲେଖନ ଶୈଳୀ ।

(2) ଦ୍ୱୀତିୟ ଅଧ୍ୟୟନର ପରିସର ।

- (a) ମୁଖ୍ୟ ସମ୍ବାଦ ଏବଂ ଆଲୋଚ୍ୟ ବିଷୟକୁ ଦ୍ରୁଷ୍ଟିରେ ରଖି ସମ୍ପୁର୍ଣ୍ଣ ବହିକୁ ପୁଣିଥରେ ପଢନ୍ତୁ ।
- (b) ସମ୍ପୁର୍ଣ୍ଣ ବିଷୟକୁ ଚିନ୍ତାକରି ସଂକ୍ଷିପ୍ତ ଭାବରେ ମୁଖ୍ୟ ବିଷୟକୁ ଏକ ସମ୍ପୁର୍ଣ୍ଣ ବାକ୍ୟଭାବରେ ଗଠନ କରନ୍ତୁ ।
- (c) ବର୍ତ୍ତମାନ ବାକ୍ୟର ମୁଖ୍ୟ ସମ୍ବାଦକୁ ସଂକ୍ଷିପ୍ତ ବିଷୟ ସହିତ ପରିକ୍ଷା କରନ୍ତୁ ।

(3) ତ୍ରୁତିୟ ଅଧ୍ୟୟନର ପରିସର ।

(a) ବାକ୍ୟର ଐତିହାସିକ ଏବଂ ନିର୍ଦ୍ଦିଷ୍ଟ ସମୟକୁ ଜାଣିବାନିମନ୍ତେ, ପୁଣିଥରେ ସେହି ପୁସ୍ତକକୁ ପୁନର୍ବାର ପଠନ କରନ୍ତୁ ।

(b) ଐତିହାସିକ ଘଟଣାବଳୀର ଏକ ସାରଣୀ ପ୍ରସ୍ତୁତ କରନ୍ତୁ:

(i) ଲେଖକଙ୍କ ବିଷୟରେ ।

(ii) ସମୟ ।

(iii) ଗ୍ରହଣକାରି ।

(iv) ବାକ୍ୟ ଲେଖାଜିବାର ନିର୍ଦ୍ଦିଷ୍ଟ କାରଣ ।

(v) ସାମାଜିକ ରିତିନିତି, ଯାହାକି ବାକ୍ୟ ଲେଖନର ମୁଖ୍ୟ ଉଦ୍ଦେଶ୍ୟ ସହିତ ଜଡିତ ।

(c) ସବୁସମୟରେ ଅଂଶ ବ୍ୟାଖ୍ୟା କରୁଅଛ, ସେହି ବାକ୍ୟର ସମ୍ପୁର୍ଣ୍ଣ ବିଷୟକୁ ବାକ୍ୟରୁ ବାହାର କରି, ତାହାକୁ ଅନୁଛେଦରେ ବିଭକ୍ତ କରନ୍ତୁ । ଏହା ଆପଣମାନଙ୍କୁ ଲେଖକଙ୍କ ଲେଖା ଏବଂ ବର୍ଣ୍ଣନା ଉପରେ ଦୃଷ୍ଟିଦେବା ନିମନ୍ତେ ସାହାଯ୍ୟ କରିବ ।

(d) ଉପଲବ୍ଧ ଥିବା ବିଷୟ ବସ୍ତୁରୁ ବାକ୍ୟର ଐତିହାସିକ ସତ୍ୟତା ପରୀକ୍ଷା କରନ୍ତୁ ।

(4) ଚତୁର୍ଥ ଅଧ୍ୟୟନର ପରିସର ।

(a) ନିର୍ଦ୍ଦିଷ୍ଟ ଲେଖାଶୈଳୀ ଉପରେ ଆହୁରି ଅଧିକ ପଢନ୍ତୁ ।

(b) ସାହିତିକ ଏବଂ ବ୍ୟାକରଣାତ୍ମକ ଶବ୍ଦର ଧ୍ୟାନ ଦିଅନ୍ତୁ ।

(i) ବାରମ୍ବାର ଆସୁଥିବା ବାକ୍ୟାଂଶ ।

(ii) ବାରମ୍ବାର ଆସୁଥିବା ବ୍ୟାକରଣାତ୍ମକ ଶବ୍ଦ ।

(iii) ପରସ୍ପରର ବିପରିତ ଅର୍ଥ ।

(c) ନିମ୍ନଲିଖିତ ବିଷୟସବୁ ତାଲିକା ପ୍ରସ୍ତୁତ କରନ୍ତୁ ।

(i) ଗୁରୁତ୍ୱପୁର୍ଣ୍ଣ ଶବ୍ଦ ।

(ii) ଅସାଧାରଣ ଶବ୍ଦ ।

(iii) ଗୁରୁତ୍ୱପୁର୍ଣ୍ଣ ବ୍ୟାକରଣାତ୍ମକ ଗଠନ ।

(iv) ନିର୍ଦ୍ଦିଷ୍ଟ ପ୍ରକାରର କଠିନ ଶବ୍ଦ, ବାକ୍ୟାଂଶ ଏବଂ ବାକ୍ୟ ।

(d) ସାମାନ୍ୟତାଥିବା ବାକ୍ୟାଂଶ ପ୍ରତି ଧ୍ୟାନ **ଦିଅନ୍ତୁ ।**

(i) ପ୍ରଚାରିତ ବିଷୟରେ ସହଜରେ ବୁଝି ହେଉଥିବା ବାକ୍ୟାଂଶ ସବୁକୁ ଧ୍ୟାନ ଦିଅନ୍ତୁ,

(a) "systematic theology" books

(b) ବିଚାରର୍ଥକ ଏବଂ ସାହାଯ୍ୟକାରି ପୁସ୍ତକ

(c) ମିଳନ ପୁସ୍ତକ,Concordances,

(ii) ପରସ୍ପର ସହିତ ମିଳିତ ହେଉଥିବା ବିଷୟପ୍ରତି ଧ୍ୟାନ ଦିଅନ୍ତୁ; ନିଜ ମନର ଚିନ୍ତାକୁ ଠିକ୍ ବୋଲି ପ୍ରମାଣ ଦେବାକୁ ଯିବାଦ୍ୱାରା ଅନେକ ସାମ୍ପ୍ରଦାଇକ ସମସ୍ୟା ଦେଖାଦେଇ ଥାଏ । ସମସ୍ତ ବାକ୍ୟ ଇଶ୍ୱର ନିଶ୍ୱସିତ ଏବଂ ଆମ୍ଭେମାନେ ଆମ୍ଭର ବ୍ୟାଖ୍ୟାରେ ସମ୍ପୁର୍ଣ୍ଣ ବାକ୍ୟକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

(iii) ବାଇବଲ ପବିତ୍ର ଆତ୍ମାଙ୍କ ଚାଳନା ଦ୍ୱାରା ଲେଖା ହେବା ସକାଶେ ସମସ୍ତ ଲେଖକଙ୍କ ମଧ୍ୟରେ ଏକ ସାମାନ୍ୟତା ରହିଅଛି, ବାକ୍ୟ ଅଧ୍ୟୟନ ସମୟରେ ତାହା ଲକ୍ଷ୍ୟ କରନ୍ତୁ ।

(e) ଆବଶ୍ୟକିୟ ସମସ୍ତ ପୁସ୍ତକ ବ୍ୟବହାର କରି ସମସ୍ତ ଐତିହାସିକ ଏବଂ ସାମାଜିକ ପରିସ୍ଥିତିକୁ ଠିକ ଭାବରେ ବୁଝନ୍ତୁ ।

I. ବାଇବଲ ଅଧ୍ୟୟନ ।

II. ବାଇବଲ ଭାଷାକୋଶ ।

III. ବାଇବଲ ପରିଚୟ ।

IV. ବାଇବଲ ଟିକା (ଏସବୁ ବାଇବଲକୁ ଉତ୍ତମ ଭାବେ ବୁଝିବାରେ ସାହାଯ୍ୟ କରିଥାଏ)।

ବର୍ତ୍ତମାନ ଆମ୍ଭେମାନେ ଶିକ୍ଷାର ପ୍ରୟୋଗ ଦିଗକୁ ଯିବା, ଆପଣମାନେ ବାଇବଲ ବୁଝିବା ନିମନ୍ତେ ସମସ୍ତ ଚେଷ୍ଟା କରିସାରି ଅଛନ୍ତି, ବର୍ତମାନ ଏହାକୁ ନିଜର ସଂସ୍କୃତି ଏବଂ ଜୀବନରେ କାର୍ଯ୍ୟକାରି କରିବା ଅତ୍ୟନ୍ତ ଜରୁରି ଅଟେ । ଯାହା ବାଇବଲର ପ୍ରକୃତ ଲେଖକ ନିଜର ପ୍ରକୃତ ଲୋକମାନଙ୍କୁ, ସେହି ସମୟରେ ଲେଖିଅଛନ୍ତି, ମୁ ତାହାକୁ ବାକ୍ୟର ଅଧିକାର ବୋଲି ସ୍ୱୀକାର କରେ ।

ଏଣୁ ଶିକ୍ଷା ମଧ୍ୟ ସେହି ଲେଖକଙ୍କ ଇଛାମୁତାବକ, ଯେତେବେଳେ ପର୍ଯ୍ୟନ୍ତ ଜଣେ ସେହି ସମୟର ପ୍ରକୃତ ବାକ୍ୟକୁ ବୁଝିପାରିବ ନାହି, ସେ କେବେବି ଆଜି ବାକ୍ୟକୁ ସମ୍ପୁର୍ଣ୍ଣଭାବରେ ନିଜ ଜୀବନରେ ପ୍ରୟୋଗ କରିପାରିବ ନାହି। କାରଣ ଯୋଉ ଉଦ୍ଦେଶ୍ୟରେ ଏକ ବାଇବଲ ଅଧ୍ୟାୟ ଲେଖାଯାଇଅଛି, ତାହା କେବେବି ଅନ୍ୟ ଶିକ୍ଷା ପ୍ରଦାନ କରିପାରିବ ନାହି ।

ଆପଣଙ୍କର ପ୍ରସ୍ତୁତ ଅଧ୍ୟାୟ ସଂକ୍ଷିପ୍ତ ବିବରଣୀ ଆପଣଙ୍କର ସାହାଯ୍ୟ ହୋଇପାରେ, ବାକ୍ୟର ଶିକ୍ଷା ଅଧ୍ୟାୟ ମଧ୍ୟରୁ ବାହାର କରିବାର ଆବଶ୍ୟକତା ରହିଛି, ପ୍ରତ୍ୟକ ଶବ୍ଦରୁ ନୁହେ । କାରଣ ଶବ୍ଦ ଏବଂ ବାକ୍ୟାଂଶ କେବଳ ସମ୍ପୂର୍ଣ୍ଣ ପରିସ୍ଥିତିର ଅଧ୍ୟାୟ ମାଧ୍ୟମରେ ହି ବୁଝାଯାଇ ପାରିବ। ପ୍ରକ୍ରୁତ ଲେଖକ କେବଳ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ପ୍ରକ୍ରୁତ ଅର୍ଥ ଜାଣିପାରିବ, ଆମ୍ଭେମାନଙ୍କୁ କେବଳ ପବିତ୍ର ଆତ୍ମାଙ୍କର ସାହାଯ୍ୟର ଆବଶ୍ୟକତା ରହିଅଛି । କିନ୍ତୁ ସେହି ପବିତ୍ର ଆତ୍ମାଙ୍କ ସାହାଯ୍ୟତା ଆମ୍ଭମାନଙ୍କ ନିମନ୍ତେ ବାକ୍ୟ ବୁଝିବାରେ ସାହାଯ୍ୟ କରେ। ଏଣୁ "ପରମେଶ୍ୱର ଏହି ପ୍ରକାର କହନ୍ତି", ଏହି ଶବ୍ଦ ନିମନ୍ତେ ଆମ୍ଭେମାନେ ପ୍ରକ୍ରୁତ ଲେଖକଙ୍କ ସହିତ ସହମତ ହେବା ନିହାତି ଆବଶ୍ୟକ ।

ନିଜ ଅନୁସାରେ ବାକ୍ୟ ବ୍ୟାଖ୍ୟା କରନ୍ତୁ ନାହି, ବାକ୍ୟକୁ ସଦାସର୍ବଦା କହିବାକୁ ଦିଅନ୍ତୁ । ଯଦି ବାକ୍ୟ ଅନ୍ୟଏକ ବାକ୍ୟକୁ ବୁଝିବାରେ ସାହାଯ୍ୟ କରେ, ତେବେ ତାହା ସବୁଠାରୁ ସୁରକ୍ଷିତ ବିଷୟ ଅଟେ। ଅନେକ ସମୟରେ ଆମ୍ଭେମାନେ ବାକ୍ୟର ପରାମର୍ଶକୁ ନ ବିଚାର କରି, ନିଜର ନିୟମାବଳୀକୁ ବାକ୍ୟ ସହିତ ତୁଳନା କରିଥାଉ, ଯାହା କଦାପି ଠିକ ନୁହେ ।

ବାକ୍ୟକୁ ନିଜ ଜୀବନରେ କାର୍ଯ୍ୟକାରି କରିବା ପୁର୍ବରୁ ଆମ୍ଭମାନଙ୍କୁ ଏହା ଜାଣିରଖିବା ଆବଶ୍ୟକ, ଭବିଷ୍ୟତ ବକ୍ତାମାନଙ୍କର ପୁସ୍ତକ ବ୍ୟତିତ ଅଧିକାଂଶ ବାକ୍ୟର କେବଳ ଗୋଟିଏ ଅର୍ଥ ରହିଅଛି। ପ୍ରକ୍ରୁତ ଲେଖକ ଯାହା ତାଙ୍କ ସମୟରେ ଲେଖିଛନ୍ତି, ତାହା କେବଳ ତାହାଙ୍କ ସମୟରେହି ପ୍ରକ୍ରୁତ ଭାବରେ ବୁଝାଯାଇ ପାରିବ। ଅନେକ ସାମ୍ଭାବ୍ୟ ଶିକ୍ଷା ବାକ୍ୟ ମାଧ୍ୟମରୁ ଉଦ୍ଧୃତ କରାଯାଇ ପାରେ, କିନ୍ତୁ କେବଳ ଏହା ପ୍ରକ୍ରୁତ ପ୍ରାପ୍ତ ବ୍ୟକ୍ତି ମାନେହି ସେହି ଶିକ୍ଷାକୁ ଠିକ୍ ଭାବେ ବୁଝିପାରିବେ। ଏଣୁ ଏହା ଅତ୍ୟନ୍ତ ଜରୁରି ଅଟେ ।

ବର୍ତ୍ତମାନ ସୁଧା ମୁ ବାକ୍ୟର ଯୁକ୍ତିଯୁକ୍ତ ବ୍ୟାଖ୍ୟା ଓ ଶିକ୍ଷା ଉପରେ ଆଲୋଚନା କରିଅଛୁ, ବର୍ତ୍ତମାନ ବାକ୍ୟର ଆଧାତ୍ମିକ ବ୍ୟାଖ୍ୟା ଉପରେ ଚିନ୍ତା କରୁ । ନିମ୍ନ ଲିଖିତ ଟିପ୍ପଣି ଏଥିପାଇ ଫଳପ୍ରଦ ହୋଇପାରେ ।

(1) ପବିତ୍ର ଆତ୍ମାଙ୍କ ଚାଳନା ନିମନ୍ତେ ପ୍ରାର୍ଥନା କରନ୍ତୁ, (I Cor. 1:26-2:16) ।
(2) ଜାଣିଥିବା ପାପ ସକଳର କ୍ଷମା ନିମନ୍ତେ ପ୍ରାର୍ଥନା କରନ୍ତୁ, (I Jn. 1:9) ।
(3) ଇଶ୍ୱରଙ୍କୁ ଅତ୍ୟଧିକ ଜାଣିବା ନିମନ୍ତେ ପ୍ରାର୍ଥନା କରନ୍ତୁ, (Ps. 19:7-14; 42:1. 119:1) ।
(4) କୌଣସି ନୁଆ ଶିକ୍ଷାକୁ ନିଜ ଜୀବନରେ ପାଳନ କରନ୍ତୁ ।
(5) ଶିକ୍ଷଣିୟ ଏବଂ ନମ୍ର ଭାବରେ ରୁହନ୍ତୁ ।

ମନୁଷ୍ୟର ଯୁକ୍ତିଯୁକ୍ତ ଚିନ୍ତା ଏବଂ ଆତ୍ମାଙ୍କର ଶିକ୍ଷାର ବଶିଭୁତା ହେବା ବହୁତ କଷ୍ଟର ବିଷୟ ହୋଇଥାଏ, ନିମ୍ନ ଲିଖିତ ବାକ୍ୟ ଅଧିକ ବୁଝିବାରେ ସାହାଯ୍ୟ କରିପାରେ ।

(1) from James W. Sire, *Scripture Twisting*, IVP, p. 17-18:

" ଆଧାତ୍ମିକ ଚକ୍ଷୁର ଉକ୍ତି ଇଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ଅଟେ, ଆଧାତ୍ମିକ ଗୋଷ୍ଠି ନିମନ୍ତେ ନୁହେ. ଖ୍ରୀଷ୍ଟ ଧର୍ମରେ ଆତ୍ମାଙ୍କ ବ୍ୟତିତ ଆଉ କୌଣସି ବଡ ଶିକ୍ଷକଙ୍କର ଆବଶ୍ୟକତା ନୁହେ, ଏହି ପ୍ରକାର କୌଣସି ବ୍ୟକ୍ତି ନୁହନ୍ତି, ଯାହାଦ୍ୱାରା ସମସ୍ତ ସତ ବ୍ୟାଖ୍ୟା ମିଳିପାରେ। ଏହା ବ୍ୟତିତ ପବିତ୍ର ଆତ୍ମା କେବଳ ଖ୍ରୀଷ୍ଟିୟାନ ମାନଙ୍କୁ ଯେ ବାକ୍ୟର ବ୍ୟାଖ୍ୟା ନିମନ୍ତେ ବୁଦ୍ଧି ପ୍ରଦାନ କରିଥାଏ, ତାହା ନୁହେ, କିନ୍ତୁ ବାକ୍ୟ ଶିକ୍ଷା କରିବା ଏବଂ ଅଧ୍ୟୟନ ଦ୍ୱାରା ଧ୍ୟାନ କରିବା, ଏହା ପ୍ରତ୍ୟକ ବ୍ୟକ୍ତି ବିଶେଷର କର୍ତ୍ତବ୍ୟ ଅଟେ, ଯାହା ବାକ୍ୟର ପ୍ରତ୍ୟକ ବ୍ୟକ୍ତି ପକ୍ଷରେ ଅଧିକାର ରହିଅଛି । ପରମେଶ୍ୱରଙ୍କର ବାକ୍ୟ ପ୍ରତ୍ୟକ ବ୍ୟକ୍ତି ନିମନ୍ତେ ଅଟେ, ଯାହାର ସମ୍ପୂର୍ଣ୍ଣ ଅଧିକାର ରହିଅଛି, ଯାହାକି ସର୍ବସାଧାରଣ ପକ୍ଷରେ ଗ୍ରହଣିୟ ଅଟେ" ।

(2) on Kierkegaard, found in Bernard Ramm, *Protestant Biblical Interpretation*, (Grand Rapids,Mich.: Baker Book House, 1970), p. 75:

Kierkegaardଙ୍କ ଅନୁସାରେ ବାକ୍ୟର ବ୍ୟାକର୍ଣାତ୍ମକ, ଅଭିଧାନ, ଏବଂ ଐତିହାସିକ ଶିକ୍ଷାର ନିତାନ୍ତ ଆବଶ୍ୟକତା ରହିଅଛି, କିନ୍ତୁ ପ୍ରାଥମିକ ଭାବରେ ବାକ୍ୟ ଅଧ୍ୟୟନ କରିବା ନିମନ୍ତେ ଜଣେ "ଇଶ୍ୱରଙ୍କ ବାକ୍ୟକୁ ନିଜ ମନ ଏବଂ ଆତ୍ମା ଦେଇ, ଇଶ୍ୱରଙ୍କ ସହିତ କଥୋପକଥନ ନିମନ୍ତେ ଅଧ୍ୟୟନ କରିବା ଉଚିତ । ବାକ୍ୟକୁ ଅବ ହେଳିତ ଭାବରେ, ଅମନୋଯୋଗ ଭାବରେ ଅବା ଏକ ନିୟମିତ ଶାଦୃଶ୍ୟରେ ପାଠକରିବା ଅନୁଚିତ ଅଟେ।ବାକ୍ୟକୁ ପ୍ରେମ ପତ୍ର ଅଧ୍ୟୟନ କରିବା ଶାଦ୍ରୁଶ୍ୟ ଅଧ୍ୟୟନ କରିବା ଉଚିତ" ।

(3) H. H. Rowley in *The Relevance of the Bible*, p. 19:

"କୈଣସି ଆଧୁନିକ ଚିନ୍ତାଶକ୍ତି ବାକ୍ୟର ସମ୍ପୂର୍ଣ୍ଣ ଭାବକୁ ବୁଝିପାରିବ ନାହି । ଏହା ମନୁଷ୍ୟର ଜ୍ଞାଶକ୍ତିକୁ ଅଗ୍ରାହ୍ୟ କରେନାହି, କିନ୍ତୁ, ବାକ୍ୟର ନିଗୁଢ ରହଶ୍ୟ କେବଳ ଆତ୍ମାଙ୍କ ଶକ୍ତିଦ୍ୱାରା ହି ସମ୍ଭବ ପର ହୋଇପାରେ । ଏଇଥିପାଇ ଆମର ଚିନ୍ତାଶକ୍ତିର ବାହାରେ ଆତ୍ମା କାର୍ଯ୍ୟ କରନ୍ତି । ଆମ୍ଭେମାନେ ସମସ୍ତେ ସେହି ପବିତ୍ର ଆତ୍ମା ଶିକ୍ଷକଙ୍କର ଏକ ଏକ ଆଦର୍ଶ ଛାତ୍ର ଛାତ୍ରି ହେବା ଆବଶ୍ୟକ, ଯଦ୍ୱାରା ଆମ୍ଭେ ସେହି ନିଗୁଡତତ୍ୱକୁ ବୁଝିପାରୁ" ।

ଉପଯୁକ୍ତ ଶିକ୍ଷା ସହାୟକ ଟିକାଟି ନିମ୍ନ ଲିଖିତ ବିଷୟ ଉପରେ ଆଧାରିତ ହୋଇଥାଏ,

1. ଏକ ଉତ୍ତମ ଐତିହାସିକ ବିଷୟ ବସ୍ତୁର ବର୍ଣ୍ଣନା ଏବଂ ଉପକ୍ରମ. ଆପଣ ମାନେ ଅଧ୍ୟୟନର ତ୍ରୁତିୟ ସୋପାନ ଦେଖନ୍ତୁ ।
2. ପ୍ରତି ଅଧ୍ୟାୟର ପ୍ରାରମ୍ଭରେ ପୁଷ୍ଟଭୁମିର ଏକ ସଂକ୍ଷିପ୍ତ ବିବରଣି, ଏହା ସମ୍ପୂର୍ଣ୍ଣ ଅଧ୍ୟାୟର ଲିଖିତ ଶୈଳୀକୁ ପ୍ରକାଶ କରିଥାଏ ।
3. ଅଧ୍ୟାର ସଠିକ ବିଭାଜନ, ନିମ୍ନରେ କେତେକ ଆଧୁନିକ ବାଇବଲର ଉଦାହରଣ ପ୍ରଦାନ କରାଯାଇ ଅଛି ।

a. The United Bible Society Greek text, fourth edition revised (UBS4)
b. The New American Standard Bible, 1995 update (NASB)
c. The New King James Version (NKJV)
d. The New Revised Standard Version (NRSV)
e. Today's English Version (TEV)
f. The Jerusalem Bible (JB)

ଅନୁଚ୍ଛେଦ ବିଭାଜନ ବାକ୍ୟର ମୁଖ୍ୟ ଅର୍ଥକୁ ପ୍ରଭାଭିତ କରିବା ଅନୁଚିତ, ବିଭିନ୍ନ ପ୍ରକାର ଅନୁବାଦ ବାଇବଲକୁ ତୁଳନା କରି, ଜଣେ ପ୍ରକ୍ରୁତ ଲେଖକଙ୍କର ଚିନ୍ତା ଏବଂ ଉଦ୍ଦେଶ୍ୟକୁ ବୁଝିବାକୁ ଚେଷ୍ଟା କରିବା ଆବଶ୍ୟକତା ରହିଛି ।

ପ୍ରତ୍ୟକ ଅନୁଛେଦର ଏକ ଅକାଟ୍ୟ ସତ୍ୟତା ରହିଅଛି, ଯାହାକି "ପ୍ରଶଂଗ ବାକ୍ୟ" ବୋଲି କୁହାଯାଏ, ଯାହାକି ପ୍ରକ୍ରୁତ ଐତିହାସିକ, ବ୍ୟାକରଣାତ୍ମକ ଏବଂ ବାକ୍ୟ ବ୍ୟାଖ୍ୟାର ମୁଖ୍ୟ ଚିନ୍ତା ଅଟେ । ଜଣେ କେବେ ଏକ ଅନୁଛେଦରୁ କମ ବାକ୍ୟ ନେଇ ପ୍ରଚାର କରିବା ଅନୁଚିତ ଅଟେ, ଏବଂ ଏହା ମଧ ମନରେ ରଖିବା ଦରକାର, ପ୍ରତ୍ୟକ ଅନୁଛେଦ ତାହାର ଚାରିପାଖର ଅନୁଛେଦ ସହିତ ଜଡିତ ରହିଥାଏ । ଏଥିପାଇ, ଅନୁଛେଦ ବିଶିଷ୍ଟ ସାରଣୀ ନିହାତି ଆବଶ୍ୟକ ଅଟେ । ଜଣେ ପ୍ରକ୍ରୁତ ଲେଖକଙ୍କର ଚିନ୍ତାଧାରାକୁ ଅନୁସରଣ କରିବା ଅତି ଆବଶ୍ୟକ ଅଟେ ।

4. ଆମ ଟିପ୍ପଣୀ ପ୍ରତ୍ୟକ ପଦକୁ ବ୍ୟାଖ୍ୟା କରେ, ଯାହା ଆମକୁ ପ୍ରକ୍ରୁତ ଲେଖକଙ୍କର ଉଦ୍ଦେଶ୍ୟକୁ ବୁଝିବାରେ ସାହାଯ୍ୟ କରେ। ଏହା ବିଭିର୍ନ୍ନ ବିଷୟରେ ତଥ୍ୟ ପ୍ରଦାନ କରିଥାଏ ।
   a. ଲିଖିତ ପ୍ରସଗଂ ।
   b. ଐତିହାସିକ ଏବଂ ସାସ୍କୁଂତିକ ପରିଚୟ ।
   c. ବ୍ୟାକରଣାତ୍ମକ ତଥ୍ୟ ।
   d. ଶବ୍ଦଃର ବ୍ୟବହାର ।
   e. ଉପଯୁକ୍ତ ସମନ୍ବୟ ଅଧ୍ୟାୟ ।
5. ଅନେକ ସମୟରେ ଟିକା ଗୁଡିକରେ,New American Standard Version, ଅନ୍ୟ ସବୁ ଅନୁବାଦ କୁ ସାହାଯ୍ୟ କରିଥାଏ ।
   a. The New King James Version (NKJV),ଏହା ବାକ୍ୟର ପ୍ରକ୍ରୁତ ପ୍ରାପ୍ତ ବ୍ୟକ୍ତି ମାନଙ୍କର ବାକ୍ୟାଶଂକୁ ପ୍ରକାଶ କରିଥାଏ ।
   b. The New Revised Standard Version (NRSV),ଏହା National Council of Churches of the Revised Standard Versionଯୋଗୁପ୍ରତି ଶବ୍ଦର ବିଶ୍ଳେଷଣ କରିବାରେ ସାହାଯ୍ୟ କରିଥାଏ ।
   c. The Today's English Version (TEV)ଯାହକି American Bible Societyଦ୍ୱାରା ଅନୁବାଦ କରାଯାଇଅଛି ।
   d. The Jerusalem Bible (JB), ଏହା ଫ୍ରାନ୍ସର କ୍ୟାଥଲିକ ନେତ୍ରୁତ୍ୱରେ ଅନୁବାଦ କରାଯାଇ ଅଛି ।
6. ଯୋଉମାନେ ଗ୍ରୀକ ଠିକ ଭାବରେ ପଡିପାରୁ ନାହାନ୍ତି, ଏହି ସବୁ ଇଂରାଜୀ ଅନୁବାଦକୁ ଲକ୍ଷ୍ୟକରି ବାକ୍ୟରେ ଥିବା ସମସ୍ୟା ବୁଝିବାରେ ସେମାନଙ୍କ ନିମନ୍ତେ ସାହାଯ୍ୟ ହୋଇପାରେ ।
   a. ହସ୍ତଲେଖା ବିଭିନ୍ନତା ।
   b. ଶବ୍ଦର ଅନ୍ୟାନ୍ୟ ବିକଳ୍ପ ।
   c. ଏକାଧିକ ଅର୍ଥ ଥିବା ବାକ୍ୟ ।

   ଅଥଚ ଏହିସବୁ ପ୍ରଦତ ତଥ୍ୟ ସମ୍ପୁର୍ଣ୍ଣ ରୁପେ ସମସ୍ତ ସମସ୍ୟାକୁ ସମାଧାନ କରିନଥାଏ, ତଥାପି ବାକ୍ୟକୁ ଅଧିକ ଗଭୀର ଭାବରେ ବୁଝିବାରେ ନିଶ୍ଚୟ ସାହାଯ୍ୟ କରିଥାଏ ।
7. ଏହି ଅଧ୍ୟାର ସମସ୍ତ ଅନୁବାଦର ସମସ୍ୟାକୁ ଦ୍ରୁଷ୍ଟିରେ ରଖି ଏଠାରେ ପ୍ରତି ଅଧ୍ୟାୟର ସମସ୍ତ ପ୍ରକାର ଆବଶ୍ୟକିୟ ପ୍ରଶ୍ନ ଏହିଠାରେ ପ୍ରଦାନ କରାଯାଇ ଅଛି, ଯାହାକି ଅନୁବାଦର ସମସ୍ୟାକୁ କିଛି ମାତ୍ରାରେ ସାହାୟ୍ୟ କରିବ ।

*Study Guide Commentary* Volumes now available:

Vol. 0- "You Can Understand the Bible" Seminar

Vol. 1- The First Christian Primer: Matthew

Vol. 2- The Gospel According to Peter: Mark, I and II Peter

Vol. 3A- Luke the Historian: The Gospel of Luke

Vol. 3B- Luke the Historian: The Book of Acts

Vol. 4- The Beloved Disciple's Memoirs and Letters: The Gospel of John, I, II and III John

Vol. 5- The Gospel According to Paul: Romans

Vol. 6- Paul's Letters to a Troubled Church, I and II Corinthians

Vol. 7- Paul's First Letters: Galatians and I & II Thessalonians

Vol. 8-Paul's Prison Letters: Colossians, Ephesians, Philemon and Philippians

Vol. 9- Paul's Fourth Missionary Journey: I Timothy, Titus, and II Timothy

Vol. 10- The Superiority of the New Covenant: Hebrews

Vol. 11- Jesus' Half-Brothers Speak: James and Jude

Vol. 12- Hope in Hard Times—The Final Curtain: Revelation

**Old Testament Volumes:**

Vol. 1AOT- How It All Began: Genesis 1-11

Vol. 8OT-Post-Exilic Period: Ezra, Nehemiah and Esther

Vol. 10OT - Eighth Century Prophets: Amos, Hosea, Jonah and Micah

Vol. 14OT- Old Testament Apocalypses: Daniel and Zechariah

# ପ୍ରାରମ୍ଭିକ ଶିକ୍ଷା

I. ଅତ୍ୟଧିକ ବ୍ୟବହୃତ ଶବ୍ଦର ଅର୍ଥ ।

A. ପରମେଶ୍ୱରଙ୍କ ନାମ ସମସ୍ତ ।

1. ପ୍ରଭୁ (ଯିହୋବା/ କୁରିଓସ,Kurios)

2. ଇଶ୍ୱର (ଏଲୋହିମ/ ଥିଓସ,Theos)

3. ମନୁଶ୍ୟ ପୁତ୍ର

4. ଇଶ୍ୱରଙ୍କ ପୁତ୍ର

5. ଉଦ୍ଧାର କର୍ତ୍ତା

6. ଯୀଶୁ

7. ଖ୍ରୀଷ୍ଟ

B. ବିଭିନ୍ନ ପ୍ରକାରର ଲେଖା ଏବଂ ଅନୁବାଦ ।

1. Masoretic Text

2. Septuagint

3. Targums

4. Vulgate

5. Peshitta

6. Dead Sea Scrolls

C. ଶବ୍ଦ ଗୁଡିକର ବ୍ୟାଖ୍ୟା ।

D. ଲେଖାର ସମାଲୋଚନା ।

E. ଗ୍ରୀକର ଶବ୍ଦ ଯାହା ବ୍ୟାକରଣ ଏବଂ ଅନୁବାଦରେ ଗୁରୁତ୍ୱପୁର୍ଣ୍ଣ ଅଟେ ।

II. ନୂତନ ନିୟମର ନିର୍ଦ୍ଦିଷ୍ଟ ସମୟ ସୀମା ।

III. ପ୍ରଥମ ଶତାବ୍ଦୀର ଭୂମଧ୍ୟସ୍ଥର ମାନଚିତ୍ର ।

A. ଜଳଶୟ ଭୁଖଣ୍ଡ

1. ଭୁମଧ୍ୟସାଗରିୟ ଅଚଂଳ
2. କୃଷ୍ଣ ସାଗର
3. ଆଡ୍ରିକ୍ତ ସାଗର
4. ଏଜେନିଆ ସାଗର
5. ନୀଳ ନଦୀ
6. ଯର୍ଦ୍ଦନ ନଦୀ

B. ନୁତନ ନିୟମର ଦେଶ ସମୁହ

1. ମିଶର
2. ଯିହୁଦା
3. ସମରିୟା
4. ଦେକାପଲ୍ଲି
5. ଗାଲ୍ଲିଲି
6. ସିରିୟା
7. ଫୋନେସିଆ
8. ସିଲିସିଆ
9. କାପୋଡିଆ
10. ଗାଲାତିୟ
11. ପମ୍ଫିଲିଆ
12. ଲିସିୟା
13. ଏସିୟା
14. ବିଥିନିୟା
15. ପଣ୍ଟିଅସ
16. ଅକ୍ଷୟା
17. ମାସିଡୋନିଆ
18. ଇଲିରିକୁମ
19. ଇଟାଲି

C. ନୁତନ ନିୟମର ଦ୍ୱୀପ ସମୁହ

1. ସାଇପ୍ରସ
2. କ୍ରିଟ
3. ପାମ୍ମୋସ
4. ସିଲିସି
5. ମାଲତା

D. ମୁଖ୍ୟ ସହର ସମୁହ

1. ଆଲେକ୍ସଜେଣ୍ଡେର
2. ମେମ୍ଫିସ
3. ଯେରୁଶାଲେମ
4. ଆନ୍ତିଖୋ
5. ତର୍ସୀସ
6. ଏଫିସିୟ
7. ପେରଗମୁମ
8. କରିନ୍ଥ
9. ଏଥେନ୍ସ
10. ରୋମ
11. ଥେସଲନିକିୟ

# ମାଥିଉ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ

I. **ପ୍ରାରମ୍ଭିକ ବିବରଣ।**

A. ଧର୍ମଗତ ସଂସ୍କାରର ପୁନଃସ୍ଥାପନ ପର୍ଯ୍ୟନ୍ତ ମାଥିଉ ଲିଖିତ ସୁସମାଚାର ବାଇବଲର ପ୍ରଥମ ସୁସମାଚାର ପୁସ୍ତକ ବୋଲି ବିଚାର କରାଯାଉ ଥିଲା, ବର୍ତ୍ତମାନ ସୁଧା ଏହି ବିଶ୍ୱାସ ରୋମାନ କ୍ୟାଥଲିକ ମାନକଂର ରହିଅଛି ।

B. ପ୍ରଥମ ଦୁଇ ଶତାବ୍ଦିରେ ଏହି ପୁସ୍ତକଟି ଅତ୍ୟାଧିକ ମାତ୍ରାରେ ବ୍ୟବର୍ହୃତ, ସର୍ବାଧିକ ଉଦ୍ଧୃତ ଏବଂ ଲିଖିତ ସୁସମାଚାର ଭାବରେ ମଣ୍ଡଳିରେ ପ୍ରକାଶ ହୋଇଥିଲା ।

C. William Barclay in *The First Three Gospels*, p. 19, କହନ୍ତି, "ମାଥିଉ ପୁସ୍ତକକୁ ଏକ ଖ୍ରୀଷ୍ଟ ବିଶ୍ୱାସି ମାନକଂର ଏକ ଅତି ମୁଲ୍ୟବାନ ପତ୍ର ବୋଲି ପ୍ରକାଶ କରନ୍ତି" । କାରଣ ଏହି ପୁସ୍ତକରେ ଯୀଶୁ ଖ୍ରୀଷ୍ଟକଂର ଜୀବନ, ଶିକ୍ଷା ଏବଂ ସେବାକୁ ଅତି ଉତ୍ତମ ଭାବରେ ଉପସ୍ଥାପନା କରାଯାଇ ଅଛି । ଏହା ମଧ୍ୟ ଯୀଶୁକଂର ଶିକ୍ଷାର ବିଷୟ ବସ୍ତୁକୁ ପ୍ରମାଣିତ ଭାବରେ ପ୍ରକାଶ କରେ, ଏହା ନୁତନ ବିଶ୍ୱାସି ମାନକୁଂ ଶିକ୍ଷା ଦେବାରେ ସାହାର୍ଯ୍ୟ କରିଥାଏ । ଏହା ପୁରାତନ ଏବଂ ନୁତନ ନିୟମ ମଧ୍ୟରେ ଏବଂ ଯୀହୁଦି ଜାତି ଏବଂ ବିଜାତି ମଧ୍ୟରେ ଏକ ସମ୍ପର୍କ ଅଟେ ।

D. ଏହା ପୁରାତନ ନିୟମର ସମସ୍ତ ନିୟମକୁ ନୁତନ ନିୟମରେ ସଫଳ କରୁଅଛି, ଯାହାକୁ '*kerygma*' କରିସ୍ମା ବୋଲି କୁହାଯାଏ । ପୁରାତନ ନିୟମକୁ ପଚାଶ ଥର ଏବଂ ବହୁ ମାତ୍ରାରେ ଏହାକୁ ବ୍ୟବହାର କରାଯାଇ ଅଛି । ପୁଣି YHWH ଶବ୍ଦକୁ ଯୀଶୁ ବୋଲି ଅନେକ ବାଇବଲ ବିଷାରଦ ମାନେ ବ୍ୟବହାର କରି ଆସିଅଛନ୍ତି ଏବଂ ନିଜର ଉପସ୍ଥାପନାକୁ ଯୀଶୁକଂ ମଧ୍ୟରେ ରଖିଅଛନ୍ତି ।

E. ଏଣୁ, ଏହି ମାଥିଉକଂ ସୁସମାଚାରର ମୁଳ ଦୁଇଟି ଉଦେଶ୍ୟ, ଯାହାକି ସୁସମାଚାର ଏବଂ ଶିଶ୍ୟତ୍ୱର ଏକ ସମିଶ୍ରଣ ଅଟେ, ଯାହା ପ୍ରଭୁ ଯୀଶୁକଂର ସେହି ଶେଷ କାର୍ଯ୍ୟକୁ ବୁଝାଏ (୨୮: ୧୯-୨୦) ।

1. ଯିହୁଦୀ ଲୋକମାନକୁଂ ଯୀଶୁକଂ ଜୀବନୀ ଏବଂ ଶିକ୍ଷା ବିଷୟରେ ଜଣାଇବା ।
2. ଉଭୟ ଯୀହୁଦୀ ଏବଂ ବିଜାତି ଲୋକ ମାନକୁଂ ଶିଷ୍ୟକରି କିପ୍ରକାରେ ଖ୍ରୀଷ୍ଟିୟ ଜୀବନ ଯାପନ କରିବା ଆବଶ୍ୟକ ତାହା ଶିକ୍ଷା ଦେଇଥାଏ ।

II. ଲେଖକ ।

A. ଯଦିଚ ପୁରାତନ ଗ୍ରୀକ ନୁତନ ନିୟମ ଲେଖାର (ଖ୍ରୀ. ପୂ ୨୦୦-୪୦୦) ବିଷୟରେ "ମାଥିଉକଂ ନାମରେ"ଉପାଧୀ ରହିଅଛି, ତଥାପି ଏହି ପୁସ୍ତକ ଅବୈଧ ରହିଅଛି ।

B. ପୁରାତନ ମଣ୍ଡଳୀର ନିୟମ ଅନୁସାରେ ମାଥିଉ ଏହିପରି ଭାବରେ ସୁଧା ଜଣାଯାଆନ୍ତି ଯଥା, (ଲେବୀୟ ମାର୍କ ୨:୧୪, ଲୁକ ୫:୨୭, ୨୯), କରଆଦାୟ କାରି, (ମାଥିଉ ୯:୯; ୧୦:୩) ଏବଂ ଯୀଶୁକଂର ଶିଷ୍ୟ, ଯେ ଏହି ପୁସ୍ତକ ଲେଖିଅଛନ୍ତି ।

C. ମାଥିଉ, ମାର୍କ ଏବଂ ଲୁକ କିଛି ମାତ୍ରାରେ ସମାନ ଅଟନ୍ତି:

1. ଯୋଉ ସବୁ ପୁରାତନ ନିୟମର ଲେଖା ମାସୋରିଟ ଏବଂ ଅନ୍ୟ ପୁରାତନ ଲେଖାରେ ଦେଖା ନଯାଏ, ସେମାନେ ଅନେକ ସମୟରେ ରାଜି ହୋଇ ଅଛନ୍ତି ।
2. ସେମାନେ ଅତି ସାଧାରଣ ଗ୍ରୀକ ଶବ୍ଦ ଏବଂ ବ୍ୟାକରଣ ବ୍ୟବହାର କରି, ଯୀଶୁକଂ କଥାକୁ ଉଦ୍ଧୃତ କରିଅଛନ୍ତି ।
3. ଅନେକ ସମୟରେ ସେମାନେ ସମାନ ଶବ୍ଦ ଏବଂ ସମାନ ପ୍ରକାରର ବାକ୍ୟକୁ ବ୍ୟବହାର କରନ୍ତି ।
4. ନିଶ୍ଚିତ ଭାବରେ ଶବ୍ଦର ଆଦାନ ପ୍ରଦାନ ରହିଅଛି ।

D. ଅନେକ ଲେଖାଶୈଳୀ ଏବଂ କେତେକ ସୁତ୍ରରୁ ମାଥିଉ, ମାର୍କ ଏବଂ ଲୁକକଂ ମଧ୍ୟରେ ଥିବା ସମ୍ପର୍କର ଜଣାଯାଇ ଥାଏ ।

1. ପ୍ରାଚୀନ ମଣ୍ଡଳୀର ପରମ୍ପରା ପ୍ରକାଶ କରେ ଯେ ମାଥିଉ ଜଣେ (ଲେବିୟ) କର ଆଦାୟ କାରି ଏବଂ ଯୀଶୁକଂର ଜଣେ ଶିଷ୍ୟ ଥିଲେ, ଯିଏ ଏହି ସୁସମାଚାରକୁ ଲେଖିଥିଲେ । ସେ ଜଣେ ଶିଷ୍ୟ ଭାବରେ ସଂସ୍କାରଣ ପୁର୍ବରୁ ସମ୍ପୁର୍ଣ ରୁପେ ଗ୍ରହଣିୟ ହୋଇସାରି ଥିଲେ ।
2. ଲେସିଗଂ ୧୭୭୬ ଏବଂ (ପରେ ଜିସଲେର ୧୮୧୮) ସ୍ପଷ୍ଟ କରିଥିଲେ ଯେ, ଚାରି ମଗଂଳ ସୁସମାଚାର ମୌଖିକ ପ୍ରଥା ଦ୍ୱାରା ପ୍ରସାରିତ ହୋଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ପୁରାତନ ମୌଖିକ ପରମ୍ପରାର ଲେଖାସବୁ ଏକ ନିର୍ଦ୍ଦିଷ୍ଟ ଲୋକମାନକୁଂ ଆଖିଆଗରେ ରଖି ଲେଖାଯାଇ ଅଛି ।

a. ମାଥିଉ: ଯିହୁଦୀ ମାନଙ୍କ ନିମନ୍ତେ
b. ମାର୍କ: ରୋମିୟ ମାନଙ୍କ ନିମନ୍ତେ
c. ଲୁକ: ବିଜାତି ମାନଙ୍କ ନିମନ୍ତେ

ସମସ୍ତ ସୁସମାଚାର ବିଭିନ୍ନ ଭୌଗଳିକ ସ୍ଥାନ ମାନଙ୍କର ଖ୍ରୀଷ୍ଟଧର୍ମ ସହିତ ଜଡିତ ଅଟେ ।

a. ମାଥିଉ: ଆନ୍ତିଅଖିଆ, ସିରିୟା
b. ମର୍କ: ରୋମ, ଇଟାଲି
c. ଲୁକ: ପାଲେଷ୍ଟାଇନ, ସିସିରିଆର ତଟ ଭୁମି
d. ଯୋହନ: ଏଫିସିୟ, ଏସିଆ ମାଇନର

3. ଉଣେଇସି ତମ ଶତାବ୍ଦୀର ପ୍ରାରମ୍ଭରେ ଜେ. ଜେ ଗିରୀଏସବେଚ ମାଥିଉ ଏବଂ ଲୁକ ଦୁଇଜଣ ଦୁଇଗୋଟି ପୃଥକ ଭାବରେ ଯୀଶୁଙ୍କର ଜୀବନି ଲେଖିଥିଲେ ବୋଲି କହିଥିଲେ, ମାର୍କ ଏହି ଦୁଇ ଜଣଙ୍କର ମଧ୍ୟସ୍ତର ସୁସମାଚାରକୁ ଲେଖିଥିଲେ ।
4. ବିଂଶତମ ଶତାବ୍ଦୀରେ ହୋଲ୍ଟଯାମାନ କହିଥିଲେ, ମାର୍କ ସର୍ବପ୍ରଥମ ଲିଖିତ ସୁସମାଚାର ଏବଂ ବଳକା ମାଥିଉ ଏବଂ ଲୁକ ସେହି ଲେଖାକୁ ଏକ ଭିନ୍ନ ଲିଖିତ ରଚନା ଭାବେ ଯୀଶୁ ଖ୍ରୀଷ୍ଟଙ୍କର କଥା ଏବଂ ଜୀବନୀକୁ Q (ଜର୍ମାନୀ କ୍ୟୁଏଲ ତଥା ଅଂଶ) ତଥ୍ୟରୁ ଉଦ୍ଧାର କରାଯାଇ ଆଛି । ଏହା "ଦ୍ବୈତ ଅଂଶ" ପ୍ରଣାଳୀ ବୋଲିକୁହା ଯାଏ । ( ଫେଡ୍ରିକ ସେହିଲ୍ରମାଚେର ମଧ ଏହାକୁ ସ୍ୱୀକାର କରନ୍ତି) ।
5. ପରେ ବି. ଏଚ. ଷ୍ଟ୍ରୀଟେର "ଦ୍ବତ ଅଂଶ" ପ୍ରଣାଳୀକୁ "ପ୍ରାଥମିକ ଲୁକ" ଏବଂ ପରବର୍ତୀ ମାର୍କ Q ଯୋଗକରି, "ଚାରି ଅଂଶ" ବିଶିଷ୍ଟ ପ୍ରଣାଳୀରେ ପରିଣତ କଲେ ।
6. ସୁସମାଚାର ସମ୍ପୁକ୍ତିରେ ଉପରୋକ୍ତ ସମସ୍ତ ସିଦ୍ଧାନ୍ତର କୈଣସି ପ୍ରକାରର ତଥ୍ୟନାହି, ଏ ସବୁ ଏକ ପ୍ରକାରର ଅନୁମାନ ଅଟେ । କାରଣ ଏହି ସବୁ ସିଦ୍ଧାନ୍ତ ଉପରେ କୈଣସି ପ୍ରକାରର ଐତିହାସିକ କିମ୍ବା ପ୍ରକ୍ରୁତ ସାକ୍ଷୀ ଉଭୟ ସିଦ୍ଧାନ୍ତ ନିମନ୍ତେ ନାହି ।

   ଆଧୁନିକ ଯୁଗର ପଣ୍ଡିତ ମାନେ ଏବେସୁଧା ଜାଣିପାରି ନାହାନ୍ତି, ସୁସମାଚାରର ପ୍ରକ୍ରୁତ ଲେଖକ କିଏ ଏବଂ ଏହା କି ପ୍ରକାରେ ବିସ୍ତୃତ ହେଲା, (ଏହାମଧ୍ୟ ପୁରାତନ ନିୟମର ବ୍ୟବସ୍ଥା ଏବଂ ପୁର୍ବବର୍ତୀ ଭାବବାଦୀ ପୁସ୍ତକ ସହ ସମାନ ଅଟେ) । ତଥାପୀ ଏହି ସମସ୍ୟା କେବେବି ମଣ୍ଡଳୀ କିମ୍ବା ବାକ୍ୟର ଅନୁପପ୍ରେରଣ କିମ୍ବା ଭରସା ଓ ବିଶ୍ୱାସ ଉପରେ ବାଧା ସୃଷ୍ଟି କରିନାହି ।

7. ସୁସମାଚାର ପୁସ୍ତକରେ ଅନେକ ସମାନତା ପ୍ରଣାଳୀ ଏବଂ ଶବ୍ଦର ସମାନତା ରହିଅଛି, ତଥାପି ସେହି ମଧ୍ୟରେ ଅନେକ ପାର୍ଥକ୍ୟ ମଧ ରହିଅଛି । ଏହି ପାର୍ଥକ୍ୟ ପ୍ରତକ୍ଷ୍ୟଦର୍ଶୀ ମାନଙ୍କ ମଧ୍ୟରେ ନିଶ୍ଚିତ ଭାବରେ ରହିଅଛି । ପ୍ରାଚୀନ ମଣ୍ଡଳୀ ଏହି ସୁସମାଚାର ପୁସ୍ତକର ପାର୍ଥକ୍ୟ ଯୋଗୁ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଜୀବନୀର ବାକ୍ୟରେ କୈଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହୋଇନଥିଲେ ।

   ଏହାର ଉଦ୍ଦେଶ୍ୟ ବିଭିନ୍ ପ୍ରକାରର ଲେଖାଶୈଳୀ, ଗ୍ରହଣକାରି, ଲେଖକ ଏବଂ ଅନ୍ୟାନ୍ୟ ଭାଷାବାଦୀ ସମ୍ମୀଳୀତ (ଆରାମିକ ଓ ଗ୍ରୀକ) ରହିଅଛି । ଏହା ନିଶ୍ଚିତ ଭାବରେ କହି ରଖିବା ଆବଶ୍ୟକ ଅଟେ ଯେ, ଅନୁପ୍ରେରିତ ଲେଖକ, ସଂମ୍ପାଦକ ଏବଂ ସଂଗ୍ରହକ ମାନଙ୍କ ଲିଖିତ ବାକ୍ୟକୁ ସଜାଡିବା, ଭାଷାର ବ୍ୟବହାର ଏବଂ ଯୀଶୁଙ୍କର ଜୀବନିର ଶିକ୍ଷାକୁ ଏକତ୍ର କରି ସଜାଡିବାକୁ ସଂମ୍ପୁର୍ଣ ଭାବରେ ପବିତ୍ର ଆତ୍ମାଙ୍କର ଚାଳନା ପ୍ରଦାନ କରାଯାଇ ଥିଲା, (*How to Read the Bible for All Its Worth* by Fee and Stuart, pp. 113-114) ।

E. ପ୍ରାଚୀନ ମଣ୍ଡଳୀ ପାପୀଅସ ତରଫରୁ ବିଶପ ହିଏରାପଲିସଙ୍କର (ଖ୍ରୀ. ପୂ ୧୩୦) ଏକ ପରମ୍ପରା ରହିଅଛି,ଯାହା ଇଉଶେବିଉଶରେ ଲେଖାଯାଇ ଅଛି, Eusebius' *Historical Ecclesiasticus* 3:39:16, ଯେ ମାଥିଉ ଏହି ସୁସମାଚାର ଆରାମିକ ଭାଷାରେ ଲେଖିଅଛନ୍ତି । କିନ୍ତୁ ଆଧୁନିକ ଯୁଗର ପଣ୍ଡିତ ମାନେ ଏହାକୁ ନିମ୍ନ ଲିଖିତ କାରଣ ସମୂହ ଯୋଗୁ ଖଣ୍ଡନ କରନ୍ତି ଯଥା,

1. ଆରାମିକ ଭାଷାର ଅନୁବାଦରରେ ଥିବା ଚରିତ୍ର ମାଥିଉଙ୍କ ଲିଖିତ ଗ୍ରୀକ ଭାଷାରେ ଦେଖିବାକୁ ମିଳେ ନାହି ।
2. ମାଥିଉଙ୍କ ଲେଖାରେ ଗ୍ରୀକ ଭାଷାର ଶବ୍ଦର ଏକ ଭିନ୍ନତା ରହିଅଛି ।
3. ଅଧିକାଂଶ ପୁରାତନ ନିୟମର ଉଦ୍ଧୃତ ଗ୍ରୀକ ଦ୍ଵାରା ଅନୁବାଦନ କରାଯାଇଥିବା ପୁରାତନ ନିୟମରୁ (LXX) କରାଯାଇ ଅଛି, ମାସୋରିୟ ମାନଙ୍କ ଏବ୍ରିୟ ଲେଖାରୁ ନୁହେ । ୧୦:୩, ଦ୍ଵାରା ମାଥିଉଙ୍କ ଲେଖାର ଏକ ଝଲକ ଦେଖିବାକୁ ମିଳିଥାଏ, ଯାହାକି ତାଙ୍କୁ ଏକ କରଆଦାୟକାରି ବୋଲି କହିଥାଏ । ଏହି ଆତ୍ମାର ପରିଚୟ ଆମେ ଅନ୍ୟ ସୁସମାଚାର ତଥା ମାର୍କରେ ପାଇନଥାଉ । ମାଥିଉ ସୁଧା ନୁତନ ନିୟମ ସମୟର କିମ୍ବା ପ୍ରାଚୀନ ମଣ୍ଡଳୀର ଜଣେ ଜଣାଶୁଣା ବ୍ୟକ୍ତି ନ ଥିଲେ । କଣ ପାଇ ଏହି ପ୍ରଥମ ଧର୍ମଶିକ୍ଷା ସମ୍ବନ୍ଧିୟ ପରମ୍ପରା ତାହାଙ୍କ ନାମରେ ଏତେସବୁ ବିକଶିତ ହୋଇଅଛି ତାହା ଏକ ଆଲୋଚନାର ବିଷୟ ଅଟେ ।

III. ସମୟ

A. ଅନେକ ପ୍ରକାର ଦ୍ରୁଷ୍ଟିରୁ ଏହି ସୁସମାଚାର ପୁସ୍ତକର ସମସ୍ୟା ରହିଛି, ତାହା ହେଲା କିଏ କାହଠାରୁ ଉଧାର କରି ଏହି ସୁସମାଚାରକୁ ଲେଖିଅଛନ୍ତି?

1. ଇଉଶେବିଓସ, in *Historical Ecclesiasticus*, 3:39:15, କହନ୍ତି, ମାଥିଉ ମାର୍କଙ୍କର ପଦ୍ଧତିକୁ ବ୍ୟବହାର କରିଅଛନ୍ତି ।
2. ଅଗଷ୍ଟିନ କହନ୍ତି, ମାର୍କ ହେଉଛନ୍ତି ମାଥିଉଙ୍କର ଏକ ସଂକ୍ଷିପ୍ତ ବିବରଣ ପ୍ରଦାନ କାରି ଅଟନ୍ତି ।

B. ସବୁଠାରୁ ଉତ୍ତମ ଉପାୟ ହେଲା, ଏକ ପ୍ରକାରର ସାମ୍ଭାବ୍ୟ ସମୟ ନିରୁପଣ କରାଯିବା ଦରକାର,

1. ଏହା ନିଶ୍ଚୟ ଖ୍ରୀ. ପୂ ୯୬ ଓ ୧୧୫ ମଧ୍ୟରେ ଲେଖାଯାଇ ଅଛି,

   a. କ୍ଲେମେନ୍ଟ ଅଫ ରୋମ, (ଖ୍ରୀ. ପୂ ୯୬) ତାଙ୍କ କରନ୍ଥିୟ ମାନଙ୍କ ଚିଠିରେ ମାଥିଉଙ୍କ ସୁସମାଚାରର ଏକ ସଂକେତ ପ୍ରଦାନ କରିଅଛନ୍ତି।

   b. ଇଗ୍ନାସିୟସ, (ଖ୍ରୀ. ପୂ ୧୧୦-୧୧୫), ଆନ୍ତିୟଖିଆର ବିଶପ ତାଙ୍କ ଚିଠି ସ୍ମିର୍ନାସରେ ମାଥିଉ ୩:୧୫କୁ ଉଦ୍ଧୃତ କରିଅଛନ୍ତି।

2. କଷ୍ଟର ପ୍ରଶ୍ନହେଲା, କେତେଶିଘ୍ର ଏହି ପୁସ୍ତକଟି ଲେଖାହୋଇ ଅଛି?

   a. ନିଶ୍ଚିତ ଭାବରେ ହୋଇପାରେ ଏହା ୩୦ର ଘଟଣା ପରେ ହି ଲେଖାହୋଇ ଅଛି।

   b. ଏହାର ଆବଶ୍ୟକତା, ରଚନା ଏବଂ ପହଂଚିବା ନିମନ୍ତେ ନିଶ୍ଚୟ ସମୟ ଲାଗିଥିବ।

   c. ୨୪ ଅଧ୍ୟାୟର ଏବଂ ଖ୍ରୀ. ପୂ ୭୦ର ଯିରୁଶାଲେମ ମନ୍ଦିରର ଧ୍ୱଂସ ମଧ୍ୟରେ କଣ ସମ୍ପର୍କ? ଅନେକ ବଳୀଦାନର ପ୍ରୟୋଗ ସେହିସମୟ ସୁଧା ରହିଥିଲା, (୫: ୨୩-୨୪; ୧୨:୫-୭; ୧୭:୨୪୨୭; ୨୬:୬୦-୬୧)। ତାହା ମାନେ ଏହା ଖ୍ରୀ. ପୂ ୭୦ରୁ ପୁର୍ବରୁ ଅଟେ।

   d. ଯଦି ମାଥିଉ ଏବଂ ମାର୍କ ପାଉଲଙ୍କ ସେବା କାର୍ଯ୍ୟର ସମୟ ମଧ୍ୟରେ ଲେଖିଥିଲେ (ଖ୍ରୀ. ପୂ ୪୮-୬୮), ତେବେ ସେ କଣ ପାଇ ସେମାନଙ୍କ ବିଷୟରେ କେବେହେଲେ କହି ନାହାନ୍ତି? ଇରାନିୟସଙ୍କୁ ଐତିହାସିକ ଇସୁବିଆନ ଉଦ୍ଧୃତ କରିଅଛନ୍ତି, ଏହାର ଅର୍ଥ ପିତର ଏବଂ ପାଉଲ ରୋମରେ ଥିବାସମୟରେ ମାଥିଉ ଏହି ପୁସ୍ତକ ଲେଖିଅଛନ୍ତି। ପିତର ଏବଂ ପାଉଲ ନିରୋ ରାଜାଙ୍କ ସମୟରେ ଖ୍ରୀ. ପୂ ୬୮ରେ ମୃତ୍ୟୁ ବରଣ କରିଥିଲେ।

   e. ଆଧୁନିକ ପଣ୍ଡିତ ମାନେ ଏହାକୁ ଖ୍ରୀ. ପୂ ୫୦ ବୋଲିକହନ୍ତି।

C. ଅନେକ ପଣ୍ଡିତ ମାନେ ବିଶ୍ୱାସ କରନ୍ତି ଯେ, ଚାରି ମଂଗଳ ସୁସମାଚାର ଯୀଶୁଙ୍କ ଶିକ୍ଷା ଠାରୁ ଅଧିକ ପରିମାଣରେ ଐତିହାସିକ ପରିବେଶ ଓ ପାରମ୍ପରିକ ଲେଖକ ମାନଙ୍କ ଯୋଗୁ ମିଳିତ ଅଟେ। ଏହାର ଯୀହୁଦୀ ଏବଂ ବିଜାତି ମାନଙ୍କର ଘଟଣା ସକାଶୁ, ହୋଇପାରେ ମାଥିଉ ଅନ୍ତିଉଖିଉ ଠାରୁ ଲେଖିଅଛନ୍ତି, ଏହି କାରଣରୁ ଏହାର ସମୟସିମା ଖ୍ରୀ. ପୂ ୬୦ କିମ୍ବା ଖ୍ରୀ. ପୂ ୭୦ ପରେ ହୋଇପାରେ।

IV. ଗ୍ରହଣ କାରୀ।

A. ଏହି ପୁସ୍ତକର ଲେଖକ ଏବଂ ସମୟର କୈଣସି ନିଶ୍ଚିତତା ନାହି, ଠିକ ସେହିପରି ଗ୍ରହଣକାରି ମାନଙ୍କ ବିଷୟରେ ମଧ କୈଣସି ନିଶ୍ଚିତତା ନାହି। ଏହା ନିଶ୍ଚିତ ଭାବରେ ଉଭୟ ଯୀହୁଦି ଏବଂ ବିଜାତି ମାନଙ୍କୁ ସମ୍ମିଳିତରେ ରହିଅଛି। ପ୍ରାଚିନ ଯୁଗର ସିରିୟାର ଅନ୍ତିଉଖିଉ ମଣ୍ଡଳୀ ଏହା ସହିତ ଜଡିତ ଅଟେ।

B. ଓରିଜିନ, ଯାହା ଯିହୁଦୀ ବିଶ୍ୱାସି ମାନଙ୍କ ନିମନ୍ତେ ଲେଖାଯାଇ ଅଛି ତାହାକୁ ଇଉଶେବିଅସ ନିଜ ଲେଖାରେ *Historical Ecclesiasticus* 6:25:4 ଉଦ୍ଧୃତ କରିଅଛନ୍ତି।

V. ପ୍ରାଥମିକ ଚିଠାର ଗଠନ ପ୍ରଣାଳୀ।

A. ଏହି ସୁସମାଚାର ପୁସ୍ତକ କି ପ୍ରକାରେ ଗଠନ କରାଯାଇଅଛି? ଜଣେବ୍ୟକ୍ତି ଏହି ପୁସ୍ତକର ଗଠନ ପ୍ରଣାଳୀରୁ ପବିତ୍ର ଆତ୍ମାଙ୍କ ଅନୁପ୍ରେରିତ ସୁସମାଚାର ବୁଝିପାରିବେ।

B. ଅନେକ ବାଇବଲ ପଣ୍ଡିତ ମାନେ ଅନେକ ପ୍ରକାରର ଗଠନ ପ୍ରଣାଳୀର ସୁଚନା ପ୍ରଦାନ କରନ୍ତି।

1. ଯୀଶୁଖ୍ରୀଷ୍ଟଙ୍କର ଭୈଗଳିକ ଚାଲିଚଳନ।

   a. ଗାଲିଲିଅ।

   b. ଉତ୍ତର ଗାଲିଲି।

   c. ପେରେଆ ଏବଂ ଯିହୁଦା (ଯେରୁଶାଲେମକୁ ଯାତ୍ରା କରିବାର ସମୟ)।

   d. ଯେରୁଶାଲେମ।

2. ମାଥିଉଙ୍କର ପାଂଚଗୋଟି ଉଦ୍ଦେଶ୍ୟ ଏହି ବାକ୍ୟଦ୍ୱାରା ଗ୍ରହଣ କରାଯାଇ ପାରିବ ଯଥା, "ଯେତେବେଳେ ଯୀଶୁ ଏହି ସମସ୍ତ କଥା ସମାପ୍ତ କଲେ", (୭:୨୮; ୧୧:୧; ୧୩:୫୩; ୧୯:୧; ୨୬:୧)। ଅନେକ ବାଇବଲ ପଣ୍ଡିତ ମାନେ ଏହି ପାଂଚୋଗୋଟି ଅଂଶକୁ ଲକ୍ଷ୍ୟକରି, ଯୀଶୁଙ୍କୁ "ନୂତନ ମୋଶା" ଭାବରେ କହନ୍ତି। କାରଣ ଏହା ପୁରାତନ ନିୟମର ପ୍ରଥମ ପାଂଚଟି ପୁସ୍ତକର ଅନୁରୁପ ଅଟେ (ଆଦି, ଯାତ୍ରା, ଲେବି, ଗଣନା ଓ ଦ୍ୱିତିୟ ବିବରଣ)।

   a. ଏହାର ପ୍ରସ୍ତୁତ ଗଠନ ପ୍ରଣାଳୀ, ବର୍ଣନାତ୍ମକ ଏବଂ କଥୋପକଥନର ଏକ ବିକଳ୍ପ ଅଟେ।

   b. ଧର୍ମତତ୍ତ୍ୱ ଏବଂ ଜୀବନ ଚରିତ୍ର ସମ୍ବନ୍ଧିୟ ଯାହାକି ବହୁତ ମାତ୍ରାରେ ପରିଲକ୍ଷିତ ହୋଇଥିବା ଏକ ଶବ୍ଦ ଯାହାକି "ଯୀଶୁ ସେହି ସମୟ ଠାରୁ", (୪:୧୭; ୧୬:୨୧)। ଏହା ଏହି ପୁସ୍ତକକୁ ତିନି ଭାଗରେ ବିଭକ୍ତ କରୁଅଛି, (୧:୧-୪; ୪:୧୭-୧୬:୨୦ ଓ ୧୬:୨୧-୨୮:୨୯)।

c. ମାଥିଉ ତାହାଙ୍କ ପୁରାତନ ନିୟମର "ସଫଳତା" ଏକ ନିର୍ଦ୍ଦିଷ୍ଟ ଶବ୍ଦର ବ୍ୟବହାର କରିଅଛନ୍ତି, (୧:୨୨; ୨:୧୫;୧୭,୨୩; ୪:୧୪; ୮:୧୭; ୧୨:୧୭; ୧୩:୩୫; ୨୧:୪; ୨୬:୯ ଓ ୨୭:୩୫)

C. ସୁସମାଚାର ପୁସ୍ତକ ସମୁହ ଏକପ୍ରକାରର ଅଦ୍ୱୀତିୟ ଲେଖାଅଟେ । ସେଗୁଡିକ ବ୍ୟକ୍ତିଗତ ଚରିତ୍ର ସମ୍ବନ୍ଧିୟ ନୁହେ, କିମ୍ବା ଐତିହାସିକ ଘଟଣାର ବର୍ନନା ନୁହେ । ସେଗୁଡିକ ବଛାଯାଇଥିବା, ସର୍ବୋତ୍କୃଷ୍ଟ ଧାର୍ମିକ ଶିକ୍ଷା ସମ୍ବନ୍ଧିୟ ଲେଖା ଅଟେ । ସମସ୍ତ ସୁସମାଚାର ଲେଖକ ମାନେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଯୀଶୁଖ୍ରୀଷ୍ଟଙ୍କ ଜୀବନ ଏବଂ ଶିକ୍ଷାକୁ ଭିତିକରି ଲୋକମାନଙ୍କ ନିକଟରେ ଉପସ୍ଥାପନ କରିଅଛନ୍ତି । ଏହା ସୁସମାଚାର କୈନ୍ଦ୍ରିକ ଅଟେ ।

VI. ଶବ୍ଦ ଏବଂ ବାକ୍ୟାଂଶର ସଂକ୍ଷିପ୍ତ ଷ୍ପଷ୍ଟିକରଣ ।

1. ମଶୀହ, 1:1
2. କନ୍ୟା, ୧:୨୩,୨୫
3. ଇମ୍ମାନୁୟେଲ, ୧:୨୩
4. ପଣ୍ଡିତ, ୨:୧
5. ନାଜରିତ, ୨:୨୩
6. ମନ ପରିବର୍ତନ, ୩:୨
7. ସ୍ୱୀକାର, ୩:୬
8. ଫାରୁଶୀ, ୩:୭
9. ସାଦୂକୀ, ୩:୭
10. "ତାହାଙ୍କ ପାଦୁକା ବହନ କରିବା ପାଇ", ୩:୧୧
11. "ଏ ଆମ୍ଭର ପ୍ରିୟପୁତ୍ର", ୩:୧୭
12. "ମନ୍ଦିରର ଛାତ ଉପରକୁ", ୪:୫
13. "ଭାବବାଦି ମାନଂକ ବ୍ୟବସ୍ଥା", ୫:୧୭
14. "ତ୍ୟାଗପତ୍ର", ୫:୩୫
15. "ପାଦପୀଠ", ୫:୩୫
16. ସମାଜଗୃହ, ୬:୨
17. "ସଂକୀର୍ଣ୍ଣ ଦ୍ୱାର", ୭:୧୩
18. ଶାସ୍ତ୍ରୀ, ୮:୧୯
19. "ଭୁତଗ୍ରସ୍ତ", ୮:୨୮
20. "ଟେବୁଲରେ ଆଉଜି ବସିବା", ୯:୧୦
21. ଦ୍ରାକ୍ଷାରସ, ୯:୧୭
22. ବଂଶୀବାଦକ, ୯:୨୩
23. ପ୍ରେରିତ, ୧୦:୨
24. କୁଆଳୀ, ୧୧:୨୯,୩୦
25. "ଏହ ଯୁଗରେ କି ପର ଯୁଗରେ', ୧୨:୩୨
26. ଦୃଷ୍ଟାନ୍ତ, ୧୩:୩
27. ବାଲୁଗାଂ, ୧୩:୨୫
28. "ପ୍ରାଚୀନ ମାନଙ୍କର ପରମ୍ପରାର ରୀତିନୀତି", ୧୫:୨
29. ନରକ, ୧୬:୧୮
30. ରୁପାନ୍ତରିତ, ୧୭:୨
31. ବାତୁଳ, ୧୭:୨
32. "ମନ୍ଦିରର କର ଆଦାୟକାରୀ", ୧୭:୨୪
33. ଅଣା, ୨୦:୨,୯
34. "ହୋଶାନ୍ନା ଦାଉଦ ସନ୍ତାନ, ଅର୍ଥାତ 'ଆମ୍ଭମାନଙ୍କୁ ଉଦ୍ଧାର କର' ", ୨୧:୯
35. "ପ୍ରସବ ବେଦନା", ୨୪:୮

36. ଭଣ୍ଡ ଭାବବାଦିକଂ କାର୍ଯ୍ୟ, ୨୪:୨୪
37. ତୋଡା, ୨୫:୨୦
38. “ସମସ୍ତ ମହାସଭା”, ୨୬:୫୯
39. “ଆକାଶର ମେଘମାଳାରେ ଆଗମନ”, ୨୬:୬୪
40. “ରକ୍ତ କ୍ଷେତ୍ର”, ୨୭:୮
41. ଶାସନ କର୍ତ୍ତା, ୨୭:୨୭
42. “ଗଲଗଥା”, ୨୭:୩୩
43. “ମାତ୍ର କେହି କେହି ସନ୍ଦେହ କଲେ”, ୨୮:୧୭

VII. ମୁଖ୍ୟ ବ୍ୟକ୍ତି ସମୁହର ସ୍ପଷ୍ଟିକରଣ ।

1. ଜିରୁବାବିଲ, ୧:୧୨
2. ହେରୋଦ, ୨:୧୩
3. ଦାଉଦ ସନ୍ତାନ, ୯:୨୭
4. ମନୁଷ୍ୟ ପୁତ୍ର, ୧୦:୨୩
5. ଆମ୍ଭର ଦାସ, ୧୨:୧୮
6. ବାଲଜିବୁଲ, ୧୨:୨୪
7. ହେରୋଦକଂ, ୧୪:୬
8. ଯୂନସର ପୁତ୍ର ଶିମୋନ, ୧୬:୧୭
9. ପ୍ରଧାନ ଯାଜକମାନେ ଏବଂ ପ୍ରାଚୀନମାନେ, ୨୧:୨୩
10. ହେରୋଦୀୟମାନେ, ୨୨:୧୬
11. ରାବୀ, (ଗୁରୁ), ୨୩:୭
12. କୟାଫା, ୨୬:୩
13. ପୀଲାତ, ୨୭:୨
14. ବାରବ୍ବା, ୨୭:୧୬
15. ମଗଦଲୀନୀ ମରିୟମ, ୨୭:୫୬
16. ହାରାମାଥୀୟା ଯୋଶେଫ , ୨୭:୫୭

VIII. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ ।

1. ବେଥଲିହିମ, ୨:୧
2. ଯିହୁଦା ପ୍ରଦେଶର ପ୍ରାନ୍ତର, ୩:୧
3. ଗାଲିଲୀ, ୩:୧୩
4. ନାଜରିତ, ୪:୧୩
5. କଫର୍ନାହୁମ, ୪:୧୩
6. ସଦୋମ ଓ ଗମୋରା, ୧୦:୧୫
7. ବେଥସାଇଦା, ୧୧:୨୧
8. ସିଦୋନ, ୧୫:୨୧
9. କାଇସରିୟା ଫିଲିପୀ, ୧୬:୧୩
10. ଜୀତପର୍ବତ, ୨୧:୨
11. ଗେଥଶିମାନୀ, ୨୬:୩୬

IX. ଆଲୋଚନା ମୁଳକ ପ୍ରଶ୍ନସମୁହ ।

1. କଣପାଇ ମାଥିଉ ଏବଂ ଲୁକକଂର ବଂଶାବଳୀ ଅଲଗା ଅଟେ?

2. ତାମାର, ରାହାବ ଏବଂ ରୁଥଙ୍କ ମଧ୍ୟରେ କଣ ସାମାନ୍ୟତା ରହିଅଛି?
3. ଏଲିୟ ଏବଂ ଡୁବକ ଯୋହନଙ୍କ ମଧ୍ୟରେ କଣ ସାମାନ୍ୟତା ରହିଅଛି?
4. "ଈଶ୍ୱରଙ୍କ ରାଜ୍ୟ" କହିଲେ କଣ ଅଟେ?
5. ପ୍ରାନ୍ତରରେ ଶୟତାନ ପ୍ରକୃତରେ ଯୀଶୁଙ୍କୁ କୋଉ ଉଦ୍ଦେଶ୍ୟରେ ପରିକ୍ଷା କରିଥିଲେ?
6. ନିଜ ଭାଷାରେ ମାଥିଉ ୫:୧୭ ବର୍ଣ୍ଣନା କରନ୍ତୁ।
7. ନିଜ ଭାଷାରେ ମାଥିଉ ୫:୪୮ ବର୍ଣ୍ଣନା କରନ୍ତୁ।
8. ନିଜ ଭାଷାରେ ମାଥିଉ ୭:୬ ବର୍ଣ୍ଣନା କରନ୍ତୁ।
9. ମାଥିଉ ୮:୫-୧୩, କଣ ପାଇ ଅସାଧାରଣ ଏବଂ ଅତି ଗୁରୁତ୍ୱ ପୂର୍ଣ୍ଣ?
10. ନିଜ ଭାଷାରେ ମାଥିଉ ୧୦:୩୮ ବର୍ଣ୍ଣନା କରନ୍ତୁ।
11. ନିଜ ଭାଷାରେ ମାଥିଉ ୧୦:୧୯ ବର୍ଣ୍ଣନା କରନ୍ତୁ।
12. ବିଶ୍ରାମ ବାରରେ ଯୀଶୁ କଣ ପାଇ ସୁସ୍ଥତା ପ୍ରଦାନ କରୁଥିଲେ?
13. ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ପାପ କରିବାର ଅର୍ଥ କଣ ଅଟେ? (୧୨:୩୧-୩୨)
14. କିଭଳି ଭାବରେ ଅଙ୍କୁରୋଦଗମ ଓ ଫଳପ୍ରଦ ବିଜବୁଣାଳୀ ଦୃଷ୍ଟାନ୍ତରେ ପରସ୍ପର ସହିତ ଜଡିତ ଅଟନ୍ତି? (୧୩)
15. ନିଜ ଭାଷାରେ ମାଥିଉ ୧୩:୪୪ ବର୍ଣ୍ଣନା କରନ୍ତୁ।
16. ନିଜ ଭାଷାରେ ମାଥିଉ ୧୫:୧୧ ବର୍ଣ୍ଣନା କରନ୍ତୁ।
17. ନିଜ ଭାଷାରେ ମାଥିଉ ୧୬:୨୦ ବର୍ଣ୍ଣନା କରନ୍ତୁ।
18. ନିଜ ଭାଷାରେ ମାଥିଉ ୧୮:୮ ବର୍ଣ୍ଣନା କରନ୍ତୁ।
19. ସମସ୍ତ ବିଶ୍ୱାସି ମାନଙ୍କର ସୁରକ୍ଷାକାରୀ ଦୁତ ରହିଅଛନ୍ତି କି?
20. ଯୀଶୁ ଈଶ୍ୱରଙ୍କ ପୁତ୍ର ଏହି ପ୍ରସଙ୍ଗରେ ୧୯:୧୭ ବର୍ଣ୍ଣନା କରନ୍ତୁ।
21. ନିଜ ଭାଷାରେ ମାଥିଉ ୨୧:୧୮-୧୯ ବର୍ଣ୍ଣନା କରନ୍ତୁ।
22. ମାଥିଉ ୨୩ ପର୍ବରେ କଣପାଇ ଯୀଶୁ ଶାସ୍ତ୍ରୀ ଏବଂ ଫାରୁଶୀଙ୍କ ସହ ଏଭଳି କଠିନ ଭାବରେ କଥାବାର୍ତା କରୁଅଛନ୍ତି?
23. ମାଥିଉ ୨୪:୩୬ର ଗୁରୁତ୍ୱ କଣ ଅଟେ?

# ମାର୍କ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ

I. **ପ୍ରାରମ୍ଭିକ ବିବରଣ ।**

A. ପ୍ରାଚୀନ ମଣ୍ଡଳୀ ମାର୍କ ଲିଖିତ ସୁସମାଚାରକୁ ଲେଖିବାରେ, ପଢିବାରେ ଏବଂ ଶିକ୍ଷା ଦେବାରେ ମାଥିଉ ଏବଂ ଲୁକଙ୍କ ତୁଳନାରେ ଅତିକମ ଭାବରେ ବ୍ୟବହାର କରାଯାଉ ଥିଲା, କାରଣ ଲୋକମାନେ ମାର୍କ ସୁସମାଚାରକୁ ଏକ "ସଂକ୍ଷିପ୍ତ ସାରଣୀ" ବୋଲି ବିଶ୍ୱାସ କରୁଥିଲେ, ଏହି ଚିନ୍ତାଧାରା ଅଗଷ୍ଟିନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପରବର୍ତୀ ସମୟରେ ପ୍ରଚଳନ କରାଯାଇ ଥିଲା ।

B. ପ୍ରାଚୀନ ଗ୍ରୀକ ମଣ୍ଡଳୀର ନେତା ଏବଂ ଦ୍ୱୀତିୟ ଶତାବ୍ଦୀର ଯୁକ୍ତିବାଦ କରୁଥିବା ସୁସମାଚାରର ରକ୍ଷକ ମାନଙ୍କ ଦ୍ୱାରା ମାର୍କ ଲିଖିତ ସୁସମାଚାର ଉଦ୍ଧୃତ କରାଯାଇ ଅଛି ।

C. ଆଧୁନିକ ଐତିହାସିକ ବ୍ୟାକରଣ ଏବଂ ବାକ୍ୟ ଶିକ୍ଷାର ବ୍ୟାଖ୍ୟାକରଣର, ଏହି ସୁସମାଚାର ପୁସ୍ତକକୁ ଏକ ଭିନ୍ନ ଧରଣର ଗୁରୁତ୍ୱ ପ୍ରଦାନ କରିଅଛି, ଏବଂ ଏହାକୁ ସର୍ବପ୍ରଥମ ସୁସମାଚାର ପୁସ୍ତକ ବୋଲି ଧରାଯାଇ ଅଛି । ଉଭୟ ମାଥିଉ ଏବଂ ଲୁକ ଯୀଶୁଖ୍ରୀଷ୍ଟଙ୍କ ଜୀବନିର ବର୍ଣନା ନିମନ୍ତେ ଏହାକୁ ବ୍ୟବହାର କରନ୍ତି । ଏଣୁ ଯୀଶୁଖ୍ରୀଷ୍ଟଙ୍କ ଜୀବନିର ଲେଖା ନିମନ୍ତେ ଏହା ଏକ ଉପଯୁକ୍ତ ଲେଖା ଭାବରେ ପ୍ରଚଳିତ ହେଲା ।

II. ଲେଖା ଶୈଳୀ ।

A. ସୁସମାଚାର ପୁସ୍ତକସବୁ ବର୍ତମାନ ସମାଜର ଆତ୍ମଜୀବନି କିମ୍ବା ଇତିହାସ ନୁହେ । ସେହିସବୁ ଧର୍ମ ସମ୍ବନ୍ଧିୟ ଶିକ୍ଷା ଯାହାକି ଆମ୍ଭମାନଙ୍କୁ ଯୀଶୁଙ୍କ ପରିଚୟ ଦିଏ ଓ ବିଭିନ୍ନ ଲୋକମାନଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିବାକୁ ସୁଯୋଗ ପ୍ରଦାନ କରିଥାଏ । ସେହିସବୁ "ଯୀଶୁଙ୍କ ଜୀବନି ଏବଂ ସୁସମାଚାର", ଯାହାକି ସୁସମାଚାର କାର୍ଯ୍ୟରେ ସାହାଯ୍ୟ କରିଥାଏ (ଯୋହନ ୨୦:୩୦-୩୧) ।

B. ମାର୍କ ଚାରିଗୋଟି ଗୁରୁତ୍ୱପୁର୍ଣ୍ଣ ଐତିହାସିକ ଏବଂ ଧର୍ମସମ୍ବନ୍ଧିୟ ଉଦ୍ଦେଶ୍ୟକୁ ବର୍ଣନା କରୁଅଛନ୍ତି,

1. ଯୀଶୁଙ୍କର ଜିବନୀ ଏବଂ ଶିକ୍ଷା
2. ପିତରଙ୍କର ଜିବନୀ ଏବଂ ଶିକ୍ଷା
3. ପ୍ରାଚୀନ ମଣ୍ଡଳୀର ଆବଶ୍ୟକତା
4. ଯୋହନ ଏବଂ ମାର୍କଙ୍କର ସୁସମାଚାର କୈନ୍ଦ୍ରିକ ଅଟେ

C. ପୁରାତନ ଯୁଗ ଏବଂ ଗ୍ରୀକ-ରୋମିୟ ସାମ୍ରାଜ୍ୟରେ ଚାରି ମଗଂଳ ସୁସମାଚାର ଅତି ଭିନ୍ନଥିଲା । ଅନୁପ୍ରେରିତ ଲେଖକମାନେ ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ଯୀଶୁଙ୍କର ଶିକ୍ଷା, କାର୍ଯ୍ୟ ଏବଂ ଜୀବନିକୁ ବାଛିଅଛନ୍ତି, ଯାହା ଯୀଶୁଙ୍କର ଚରିତ୍ର ଓ ଲେଖକଙ୍କର ଉଦ୍ଦେଶ୍ୟକୁ ପରିପୁରଣ କରୁଅଛି ।

ସେମାନେ ଶବ୍ଦ ଓ କାର୍ଯ୍ୟକୁ ଅନ୍ୟ ଉପାୟରେ ସଜାଡି ଅଛନ୍ତି । ଏହାର ଗୋଟିଏ ଉଦାହରଣ ହେଲା, ମାଥିଉଙ୍କର ପାର୍ବତ୍ୟ ଉପଦେଶ (ମାଥିଉ ୫-୭), ହୋଇଥିବା ସମୟରେ, ଲୁକ ଏହାକୁ ସ୍ଥଳ ଭାଗରେ ବୋଲି ଲେଖିଅଛନ୍ତି । ଏହା ମଧ୍ୟ ସୁନିଶ୍ଚିତ ଅଟେ ଯେ, ମାଥିଉ ଯୀଶୁଙ୍କର ସମସ୍ତ ଶିକ୍ଷାକୁ ଏକ ଲମ୍ବା ଶିକ୍ଷା ଭାବରେ ସଂଗ୍ରହ କରିଅଛନ୍ତି । କିନ୍ତୁ ଲୁକ ଏହାକୁ ତାହାଙ୍କ ସୁସମାଚାରରେ ଦର୍ଶାଇ ଅଛନ୍ତି । ଏହି କାରଣରୁ ମାଥିଉ ତାହାଙ୍କ ସୁସମାଚାରରେ ସମସ୍ତ ଆଶ୍ଚର୍ଯ୍ୟ କାର୍ଯ୍ୟ ସବୁକୁ ଏକା ସହିତ ଉପସ୍ଥାପନ କଲାବେଳେ, ଲୁକ ତାଙ୍କ ପୁସ୍ତକର ସବୁ ସ୍ଥାନମାନଙ୍କରେ ବର୍ଣ୍ଣନା କରିଅଛନ୍ତି ।

ଏହା ସମସ୍ତ ସୁସମାଚାର ଲେଖକ ମାନଙ୍କୁ ନିଜ ଉଦ୍ଦେଶ୍ୟ ମୁତାବକ ସଜାଡିବା ଏବଂ ପୁସ୍ତକର ମୁଳ ଶିକ୍ଷାକୁ ଉପସ୍ଥାପନ କରିବାରେ ସାହାଯ୍ୟ କରିଥାଏ, (read Free and Stuart's *How to Read the Bible For All Its Worth,* pp. 113-134) । ଜଣେ ଯେତେବେଳେ ଏହି ସୁସମାଚାର ପୁସ୍ତକୁ ପଢୁଛନ୍ତି, ସେହିସମୟରେ ଲେଖକଙ୍କର ମୁଳ ଉଦ୍ଦେଶ୍ୟକୁ ବୁଝିବାକୁ ଚେଷ୍ଟା କରିବା ଆବଶ୍ୟକ ରହିଅଛି । ସେହି ନିର୍ଦ୍ଦିଷ୍ଟ ଘଟଣା, ଶିକ୍ଷା ଓ ଆଶ୍ଚର୍ଯ୍ୟ କର୍ମ କଣ ଶିକ୍ଷା ପ୍ରଦାନ କରେ ତାହା ବୁଝିବା ଦରକାର ।

D. ଭୂମଧ୍ୟସାଗରିୟ ସ୍ଥାନର ପରିଚୟ, ମାର୍କଙ୍କ ସୁସମାଚାର ଲେଖା ଓ କୋଇନେ ଗ୍ରୀକ ଦ୍ୱାରା ଜଣାପଡି ଥାଏ । ମାର୍କଙ୍କର ମାତୃଭାଷା ଆରାମିକ ଅଟେ (ଯେହେତୁ ପ୍ରଥମ ଶତାବ୍ଦୀର ସମସ୍ତ ଯୀହୁଦି ଏବଂ ଶିଷ୍ୟମାନେ ପାଲେଷ୍ଟାଇନ), ଏହି ପ୍ରଭାବ ମାର୍କଙ୍କର ଲେଖାରେ ଦେଖିବାକୁ ମିଳେ ।

III. ଲେଖକ ।

A. ମାର୍କ ଏହି ସୁସମାଚାର ପୁସ୍ତକର ଲେଖକ ଭାବେ ପାରମ୍ପାରିକ ଭାବରେ ପିତରଙ୍କ ସହିତ ଥିଲେ ବୋଲି ପରିଚିତ ଅଟନ୍ତି । କିନ୍ତୁ ଏହି କାର୍ଯ୍ୟ ଅନାମିକ ଭାବରେ ରହିଅଛି ।

B. ଆଉ ଏକ ପ୍ରମାଣ ଯାହାକି ପିତରଙ୍କର ପ୍ରତକ୍ଷ ଦର୍ଶୀର ପ୍ରମାଣ ପ୍ରଦାନ କରେ ତାହାହେଲା, ମାର୍କ ପିତରଙ୍କର ତିନିଗୋଟି ଘଟଣାକୁ ବର୍ଣନା ଯୋଉଥିରେ ପିତର ନିଜେ ବ୍ୟକ୍ତିଗତ ଭାବରେ ଜଡ଼ିତ ଅଟନ୍ତି ।

1. ପିତରଙ୍କର ଜଳ ଉପରେ ଗମନ କରିବାର କାହାଣୀ ।
2. ବାର ଜଣ ଶିଷ୍ୟମାନଙ୍କ ତରଫରୁ ପିତର ଫିଲିପିୟର ସିସିରିଆ ଅଚଂଳରେ ବିଶ୍ୱାସର ଏକ ନମୁନା ପ୍ରଦାନ କରିଥିଲେ । (ମାଥିଉ ୧୬:୧୩-୨୦), ଯାହାକି ମାର୍କ ପୁସ୍ତକରୁ "ଏହି ପ୍ରସ୍ତର ଉପରେ" ଏବଂ "ସ୍ୱର୍ଗର ଚାବିକାଠି", ଏହି ଦୁଇ ଅଧ୍ୟାୟ ଦେଖିବାକୁ ମିଳେନାହି ।
3. ମନ୍ଦିରର କର ଆଦାୟ ନିମନ୍ତେ ତାଙ୍କର ବାର୍ତା (ମାଥିଉ ୧୭:୨୪-୨୭) ।

C. ପ୍ରାଚୀନ ମଣ୍ଡଳୀର ରିତିନିତି ।

1. ୧ କ୍ଲେମେନ୍ଟ, ଯିଏକି ରୋମରୁ ଖ୍ରୀ.ଷ୍ଟ ୯୫ରେ ଲେଖିଥିଲେ, ସେ ମାର୍କଙ୍କ ଠାରୁ କିଛି ଉଦ୍ଧୃତ କରିଅଛନ୍ତି ।
2. ପାପିଅସ, ହେରିଓଲିସର ବିଶପ, wrote *Interpretation of the Lord's Sayings* ଲେଖିଥିଲେ, ଏହା ତାହାଙ୍କ *Ecclesiastical History* 3.39.15. ରେ ବର୍ଣନା କରାଯାଇ ଅଛି, ସେ କହନ୍ତି ଯେ ମାର୍କ ପିତରଙ୍କର ଅନୁବାଦନ କାରି ଥିଲେ ଯେ ଏହା ସଠିକ ଭାବରେ ଲେଖି ଅଛନ୍ତି, କିନ୍ତୁ କ୍ରମାଂଶ ଭାବରେ ନୁହେ । ହୁଏତ ମାର୍କ ପିତରଙ୍କର ସମସ୍ତ ଶିକ୍ଷାକୁ ସଂଗ୍ରହ କରି ଏକ ସୁସମାଚାର ଭାବରେ ଉପସ୍ଥାପନା କରିଅଛନ୍ତି । ଏହା ପ୍ରାଚୀନ ଯୋହନଙ୍କ ଠାରୁ ଗ୍ରହଣ କରାଯାଇ ଅଛି ବୋଲି ପାପିରସ ପ୍ରକାଶ କରେ ।
3. ଜଷ୍ଟିନ ମାର୍ଟିନ (ଖ୍ରୀ. ପୂ ୧୫୦), ମାର୍କ ୩:୧୭ କୁ ଉଦ୍ଧାର କରିଥିଲେ, ଯାହା ପିତରଙ୍କ ଠାରୁ ଆସିଅଛି ।
4. ଏକ ଲେଖା ଦ୍ୱାର ପ୍ରକାଶିତ ହୁଏ ଯେ, ଖ୍ରୀ. ପୂ ୧୮୦ରେ ଯାହାକି ମାର୍କ ନିକଟକୁ ଲେଖାଯାଇ ଅଛି, ସେ ପିତରଙ୍କୁ ମାର୍କ ସୁସମାଚାରର ପ୍ରତ୍ୟକ୍ଷଦର୍ଶୀ ବୋଲି ବର୍ଣ୍ଣନା କରନ୍ତି । ଏହା ମଧ କୁହାଯାଏ, ଯେ ମାର୍କ ପିତରଙ୍କ ମୃତ୍ୟୁ ପରେ ଇଟାଲିରୁ ଏହି ପୁସ୍ତକ ଲେଖିଅଛନ୍ତି । (ସମ୍ଭବତ ଖ୍ରୀ. ପୂ ୬୫ ବୋଲି ବିଶ୍ୱାସ କରାଯାଏ) ।
5. ଇରାନିଅସ ତାହାଙ୍କ ଲେଖାରେ ଖ୍ରୀ. ପୂ ୧୮୫ରେ ଯୋହନ, ମାର୍କଙ୍କୁ ପିତରଙ୍କ ମୃତ୍ୟୁପରେ ତାହାଙ୍କର ଏକ ପରିଚାରକ ଭାବରେ ପ୍ରକାଶ କରନ୍ତି, ଯେ ତାଙ୍କର ସମସ୍ତ ବିଷୟକୁ ଏକତ୍ର କରିଅଛନ୍ତି, (*Contra Haereses 3:1:2*) ।
6. କ୍ଲେମେଣ୍ଟ ଅଫ ଆଲେକଜ୍ୟାଣ୍ଡେର (ଖ୍ରୀ. ପୂ ୧୯୫ରେ), କହନ୍ତି, ଯୋଉମାନେ ପିତରଙ୍କର ସମ୍ବାଦ ରୋମରେ ଶୁଣିଥିଲେ, ସେମାନେ ମାର୍କଙ୍କୁ ସେହି ସବୁ ଲେଖି ରଖିବାକୁ କହିଥିଲେ ।
7. ସମସ୍ତ ନିୟମ ବା କ୍ୟାନନ ଯାହାକି ରୋମରୁ ଖ୍ରୀ. ପୂ ୨୦୦ରୁ ଲେଖା ଯାଇଥିଲା, ଅଥଚ ସେହି ଲେଖା ଅସମ୍ପୂର୍ଣ୍ଣ ଥିଲା, ସେଥିରେ ଯୋହନ ଏବଂ ମାର୍କଙ୍କର ସମ୍ମତ ଥିଲା, ଯୋହନ ପିତରଙ୍କ ପ୍ରଚାରକୁ ସ୍ୱୀକୃତି ପ୍ରଦାନ କରିଥିଲେ ।
8. ଟେର୍ଟୁଲିଆନ (ଖ୍ରୀ. ପୂ ୨୦୦) ଏବଂ ଅଗଷ୍ଟିନ, ପିତରଙ୍କ ଶିକ୍ଷାକୁ ମାର୍କ ପ୍ରକାଶ କରିଅଛନ୍ତି ବୋଲି କହନ୍ତି ।
9. *The Expositor's Bible Commentary* Vol. 8, p. 606, କହନ୍ତି ପ୍ରଚୀନ ମଣ୍ଡଳୀ ସମୁହ, ଭୈଗଳିକ ଭାବରେ ଭିନ୍ନ ଅଟନ୍ତି ।
   a. ଏସିଆ ମାଇନରର ପାପିଅସ
   b. ରୋମସାମ୍ରାଜ୍ୟର କ୍ଷୁଦ୍ର ଲେଖା
   c. ଲିଅନସ ଫ୍ରାନ୍ସର ଇରାନିଅସ (*. Adv. Haer*. 3.1.1) ଟେର୍ଟୁଲିଆନ, ଏବଂ ଦକ୍ଷିଣ ଆଫ୍ରିକାର କ୍ଲେମେଣ୍ଟ ଅଫ ଆଲେକଜ୍ୟାଣ୍ଡେର କହନ୍ତି, ଭୈଗଳିକ ଭିନ୍ନତା ତଥ୍ୟର ଭରୋସା ଯୋଗ୍ୟ ହୋଇ ଥାଏ, କାରଣ ଯେତେ ଅଧିକ ଲୋକମାନେ ଏହା ସ୍ୱୀକାର କଲେ ତାହା ସାମାଜିକ ଭାବରେ ଗ୍ରହଣ ଯୋଗ୍ୟ ଅଟେ, (*Hypotyposeis* 6 quoted by Eusebius, *Eccl. His.* 2.15.1-2; 3.24.5-8; 6:14:6-7) ।
10. ଇଶୁବିଅସ କହନ୍ତି (ଖ୍ରୀ. ପୂ ୨୩୦) , ପଂଚମ ଶତାବ୍ଦୀର ସମୟରେ ମାର୍କ ସୁସମାଚାରର ଟିକାକୁ ବ୍ୟବହାର କରାଯାଉ ଥିଲା, ଯାହ କୁହାଯାଏ ମାର୍କ ସେହି ସୁସମାଚାର ପୁସ୍ତକ ପିତରଙ୍କ ବ୍ୟାଖ୍ୟାରେ ଲେଖିଛନ୍ତି ।
11. ଇଶୁବିଅସ କହନ୍ତି କ୍ଲେମେଣ୍ଟ ଅଫ ଆଲେକଜ୍ୟାଣ୍ଡେରଙ୍କ ଲେଖା ଅନୁସାରେ, ମାର୍କ ପିତରଙ୍କ ଶିକ୍ଷାକୁ ଲେଖିଲେ, ଯୋ ଦ୍ୱାରା ସମସ୍ତେ ତାହାକୁ ପୁରାତନ ମଣ୍ଡଳୀରେ ଶୁଣିପାରିବେ ।

D. ଯୋହନ ମାର୍କଙ୍କ ବିଷୟରେ ଆମେ କଣ ଜାଣିଅଛୁ

1. ତାହାଙ୍କ ମାତା ଯିରୁଶାଲେମର ଏକ ଅତି ପରିଚିତ ବିଶ୍ୱାସି ଥିଲେ ଯାହାଙ୍କ ଘରେ ମଣ୍ଡଳୀ ସମ୍ମିଳିତ ହେଉଥିଲେ, (ଯଥାସମ୍ଭବ ରାତ୍ରି ଭୋଜସମୟରେ, ମାର୍କ ୧୪:୧୪-୧୫, ପ୍ରେରିତ ୧:୧୩-୧୪, ୧୨:୧୨) । ହୁଏତ ସେ ସେହି ଅଚିହ୍ନା ବ୍ୟକ୍ତି ଅଟନ୍ତି, ଯେ ଗେସ୍ଥମନି ବଗିଚାରୁ ବାହାରକୁ ଦୈଡିଯାଇ ଥିଲେ, (ମାର୍କ ୧୪:୫୧-୫୨) ।
2. ସେ ବର୍ଣ୍ଣବାସଙ୍କ (କଲସୀୟ ୪:୧୦) ଏବଂ ପାଉଲଙ୍କ ସହିତ ମିଶି ଆନ୍ତିଅ ଠାରୁ ଯିରୁଶାଲେମକୁ ଫେରିଥିଲେ, (ପ୍ରେରିତ ୧୨:୨୫) ।
3. ସେ ବର୍ଣ୍ଣବାସ ଏବଂ ପାଉଲଙ୍କ ସହିତ ତ୍ରୁତିୟ ମିଶନ ଯାତ୍ରାରେ ସମ୍ମିଳିତ ଥିଲେ (ପ୍ରେରିତ ୧୩:୧୫), କିନ୍ତୁ ଶିଘ୍ରମଧ ସେ ଘରକୁ ଫେରିଆସି ଥିଲେ, (ପ୍ରେରିତ ୧୩:୧୩) ।

4. ପରେ ବର୍ଣ୍ଣବାସ ତାହାକଂର ଦ୍ୱୀତିୟ ମିଶନ ଯାତ୍ରା ସମୟରେ ମାର୍କଙ୍କୁ ନିଜସାଥିରେ ନେବାପାଇ ଇଛାକଲେ, କିନ୍ତୁ ପରେ ତାହ ବର୍ଣ୍ଣବାସ ଓ ପାଉଲଙ୍କ ମଧ୍ୟରେ ଏକ ଭୁଲ ବୁଝାମଣା ଭାବରେ ପରିଣତ ହେଲା, (ପ୍ରେରିତ ୧୩:୧୩)।
5. ପରବର୍ତୀ ସମୟରେ ସେ ପାଉଲଙ୍କ ସହିତ ଯୋଗଦେଇ ଏକ ବନ୍ଧୁ ଓ ସହଯୋଗି ଶ୍ରମିକ ଭାବରେ ପରିଚିତ ହେଲେ, (କଲସୀୟ ୪:୧୦, ୨ୟ ତୀମଥି ୪:୧୧, ଫୀଲିମୋନ ୨୪)।
6. ସମ୍ଭବତ ରୋମରେ ସେ ପିତରଙ୍କ ସହ ଜଣେ ସାଥି ଏବଂ ସହୋଯୋଗି ଶ୍ରମିକ ଥିଲେ, (୧ମ ପିତର ୫:୧୩)।

E. ମାର୍କ ୧୪:୫୧-୫୨ରେ ମାର୍କ ଯୀଶୁଙ୍କୁ କେତେ ପରିମାଣରେ ଜାଣିଥିଲେ ତାହା ଜଣାଯାଏ, ଯୋଉଠି ଜଣେ ବ୍ୟକ୍ତି ଗେସ୍ଥମନି ବଗିଚାରୁ ଉଲଗ୍ନ ଭାବରେ ଯୀଶୁଙ୍କୁ ଧରିବା ପରେ ଦୌଡିଥିଲେ। ଏହି ସବୁ ମାର୍କଙ୍କର ବ୍ୟକ୍ତିଗତ ଉପସ୍ଥିତକୁ ବର୍ଣ୍ଣନା କରେ।

IV. ସମୟ।

A. ସୁସମାଚାର ପ୍ରତକ୍ଷଦର୍ଶୀ ଲେଖା, ଯାହା ଯୀଶୁ ଖ୍ରୀଷ୍ଟଙ୍କର ଜୀବନି, କାର୍ଯ୍ୟ ଏବଂ ଶିକ୍ଷାକୁ ବର୍ଣ୍ଣନା କରେ, ଯାହକି ପିତରଙ୍କର ଶିକ୍ଷାରୁ ନିଆଯାଇ ଅଛି। ସେହିସବୁ ତାହାଙ୍କ ମୃତ୍ୟୁପରେ ଏକତ୍ର କରି ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ବଣ୍ଟାଯାଇ ଥିଲା। ପିତର ଏବଂ ପାଉଲ (ଖ୍ରୀ. ପୂ ୫୪-୬୮)ରେ ନିରୋ ରାଜାଙ୍କ ସମୟରେ ରୋମରେ ପ୍ରାଣତ୍ୟାଗ କରିଥିଲେ। ଏହା ସମ୍ପୂର୍ଣ୍ଣ ଭାବେ ଠିକ ନୁହ, କିନ୍ତୁ ଯଦି ତାହା ହୁଏ, ତେବେ ସମୟ ଷାଠିଏ ଶତାବ୍ଦୀର ମଧ୍ୟବର୍ତୀ ଅଟେ।

B. ଏହା ସମ୍ଭବ ଅଟେ ଯେ, ଅନେକେ ପିତରଙ୍କ ମୃତ୍ୟୁକୁ ନ ଲେଖି, ତାହାଙ୍କର ରୋମରୁ ଯିବା ଘଟଣାକୁ ବର୍ଣ୍ଣନା କରନ୍ତି। କ୍ଲାଉଦିଅସଙ୍କର ଶାସନ ସମୟରେ (ଖ୍ରୀ. ପୂ ୫୧-୫୪) ପିତର ରୋମକୁ ଭ୍ରମଣ କରିଥିଲେ ବୋଲି କେତେକ ପ୍ରରମ୍ପରାରୁ ଜଣାପଡି ଥାଏ, (ଜଷ୍ଟିନ ଏବଂ ହିପୋଲିଟୋସ)।

C. ଲୁକ ତାହାଙ୍କ ଲେଖା ପ୍ରେରିତ ପୁସ୍ତକକୁ ପାଉଲ ଜେଲରେ ଥିବା ସମୟରେ ସମାପ୍ତ କରିଅଛନ୍ତ। ଲୁକ ନିଜ ଲେଖାରେ ମାର୍କଙ୍କର ଲେଖାକୁ ବ୍ୟବହାର କରିଅଛନ୍ତି, ଯଦିଏହା ସତ ହୁଏ ତାହାହେଲେ ନିଶ୍ଚିତ ଭାବରେ ଏହା ପ୍ରେରିତ ପୁସ୍ତକ ଠାରୁ ପ୍ରଥମରେ ଲେଖାଯାଇ ଅଛି।

D. ଲେଖା ଶୈଳି ଓ ସମୟ ଏହି ପୁସ୍ତକ ଉପରେ କୈଣସି ପ୍ରକାରର ଐତିହାସିକ, ଧାର୍ମିକଶିକ୍ଷା କିମ୍ବା ସୁସମାଚାରର ସତ୍ୟତାକୁ ପରିବର୍ତନ କରିଥାଏ। ଯୀଶୁ ଖ୍ରୀଷ୍ଟ ମୁଖ୍ୟ ଭୁମିକାରେ ଏହି ସୁସମାଚାର ପୁସ୍ତକରେ ଅଛନ୍ତି, ମନୁଶ୍ୟ ନୁହେ।

E. ଏହା ଆଶ୍ଚର୍ଯ୍ୟର ବିଷୟ ଅଟେ ଯେ, କୈଣସି ପୁସ୍ତକ ଖ୍ରୀ.ପୂ ୭୦ର ରୋମିୟ ସୈନ୍ୟଦ୍ୱାରା ଯିରୁଶାଲେମ ମନ୍ଦିରର ଧ୍ୱଂସ (ଅଥଚ ଯୋହନ ଖ୍ରୀ. ପୂ ୯୫-୯୬) ବିଷୟରେ ବର୍ଣ୍ଣନା କରେନାହି, (ମାଥିଉ ୨୪, ମାର୍କ ୧୩, ଲୁକ ୨୧), ପରେ ରାଜା ତିତସ ବର୍ଣ୍ଣନା କରନ୍ତି। ହୁଏତ ମାର୍କ ଏହି ଘଟଣା ପୁର୍ବରୁ ଲେଖିଅଛନ୍ତି। ଏହା ମଧ୍ୟ ସମ୍ଭବ ଯେ ମାଥିଉ ଏବଂ ଲୁକ ଏହି ଘଟଣା ପୁର୍ବରୁ ଲେଖିଅଛନ୍ତି। ଏହା କହିବା ଭୁଲ ହେବ ନାହି, ଯେ ସୁସମାଚାର ପୁସ୍ତକର ଏକ ସଠିକ ସମୟ ଦେବାରେ ଅନିଶ୍ଚିତତା ରହିଅଛି।

V. ଗ୍ରହଣକାରି।

A. ଅନେକ ପ୍ରାଚୀନ ମଣ୍ଡଳୀ ମାନଙ୍କ ଦ୍ୱାରା ମାର୍କ, ରୋମ ସହିତ ସଂଯୁକ୍ତ ଅଟେ
1. ୧ ପିତର ୫:୧୩
2. ମାର୍ସିଓନାଇଟ ମାନଙ୍କର ମୁଖବନ୍ଧ (ଇଟାଲି)
3. ଇରାନିଅସ, (Rome, cf. *Adv. Haer.* 3.1.2)
4. କ୍ଲେମେନ୍ଟ ଅଫ ଆଲେକଜେଣ୍ଡର, (Rome cf. Eusebius *Eccl. Hist*. 4.14.6-7; 6.14.5-7)

B. ମାର୍କ ନିଜର ଉଦ୍ଦେଶ୍ୟକୁ ସିଧାସଳଖ ଭାବରେ ପ୍ରକାଶ କରିନାହାନ୍ତି। ସେଠାରେ ଅନେକ ପ୍ରକାରର କାହାଣୀ ରହିଅଛି।
1. ସୁସମାଚାର ଭିତିକ (୧:୧), ନିର୍ଦ୍ଦିଷ୍ଟ ଭାବରେ ରୋମକୁ ଲେଖାଯାଇ ଅଛି, (୧:୧୫; ୧୦:୪୫)।
    a. ଯିହୁଦୀ ବସ୍ତୁର ଅନୁବାଦ, (୭:୩-୪, ୧୪:୧୨, ୧୫:୪୨)।
    b. ଆରାମିକ ଶବ୍ଦର ଅନୁବାଦ, (୩:୧୭, ୫:୪୧, ୭:୧, ୩୪, ୧୦:୪୬, ୧୪:୩୬, ୧୫:୨୨-୩୪)।
    c. ଲାଟିନ ଶବ୍ଦ ସମୁହର ବ୍ୟବହାର, (executioner, *୬:୨୭*; sextanus, *୭:୪*; census, ୧୨:୧୪; quadrans, ୧୨:୪୨; praetorium, ୧୫;୧୬ centurio, ୧୫;୩୯ flagellare, ୧୫:୪୨)।
    d. ଯୀଶୁଙ୍କ ସମ୍ବନ୍ଧରେ ବିଶେଷ ଶବ୍ଦର ପ୍ରଯୋଗ।
        1) ପାଲେଷ୍ଟାଇନରେ ଥିବା ବ୍ୟକ୍ତିମାନଙ୍କ ନିମନ୍ତ ବିଶେଷ ଭାଷାର ବ୍ୟବହାର, (୧:୫, ୨୮, ୩୩, ୩୯, ୨:୧୩, ୪:୧, ୬:୩୩, ୩୯, ୪୧, ୫୫)

2) ସମସ୍ତ ଲୋକମାନଙ୍କ ନିମନ୍ତେ ବିଶେଷ ଭାଷାର ବ୍ୟବହାର, (୧୩:୧୦)

2. ଖ୍ରୀ. ପୂ ୬୪ରେ ରୋମରେ ତାଡନା ଦେଖାଦେଇଥିଲା, ଯାହାକି ନିରୋ ଖ୍ରୀଷ୍ଟିଆନ ଲୋକମାନଙ୍କୁ ନିନ୍ଦା କରାଯାଇ ଥିଲା, ଏବଂ ଖ୍ରୀଷ୍ଟିଆନ ଲୋକମାନଙ୍କୁ ବହୁତ ତାଡନା ପ୍ରଦାନ କରାଯାଇ ଥିଲା । ମାର୍କ ଅନେକ ସମୟରେ ତାଡନାକୁ ତାକଂ ପୁସ୍ତକରେ ବର୍ଣ୍ଣନା କରିଅଛନ୍ତି, (ଯୀଶୁଙ୍କ ତାଡନା ୮:୩୧; ୯:୩୯; ୧୦:୩୩-୩4, ୪୫, ତାଙ୍କ ସାଥିମାନଙ୍କର ତାଡନା, ୮:୩୪-୩୮;୧୦:୨୧, ୩୦, ୩୫-୪୪) ।
3. ଦ୍ୱିତିୟ ଆଗମନର ବିଳମ୍ବ ।
4. ଯୀଶୁଙ୍କର ପ୍ରତକ୍ଷ୍ୟଦର୍ଶୀ ମାନଙ୍କର ମୃତ୍ୟୁ, ବିଶେଷତ ଶିଷ୍ୟମାନଙ୍କର ମୃତ୍ୟୁ ।
5. ଖ୍ରୀଷ୍ଟୀୟ ମଣ୍ଡଳୀ ମାନଙ୍କରେ ଭୁଲ ଶିକ୍ଷକ ମାନଙ୍କର ଆବିର୍ଭାବ ।
    a. ଯୀହୁଦିୟ ମାନେ, (ଗାଲାତିୟ)
    b. ବୁଦ୍ଧୀସମ୍ବନ୍ଧିୟ, (୧ମ ଯୋହନ)
    c. ଅନେକ ମଣ୍ଡଳୀର ମିଶ୍ରଣ, (କଲସିୟ, ଏଫିସିୟ ଏବଂ 2ୟ ପିତର) ।

VI. ଗଠନ ପ୍ରଣାଳୀ ଏବଂ ପ୍ରାଥମିକ ଚିଠା ।

A. ଯୀଶୁଙ୍କର ଶେଷ ସପ୍ତାହକୁ ଏହି ପୁସ୍ତକରେ ଅତ୍ୟଧିକ ସ୍ଥାନପ୍ରଦାନ କରାଯାଇ ଅଛି, ମାର୍କ ଏହି ପ୍ରକାର ଭାବରେ ପୁସ୍ତକଟି ଗଠନ କରାଯାଇ ଅଛି । ଶେଷ ସପ୍ତାହକୁ ଅଧିକ ଗୁରୁତ୍ୱ ଦିଆଯାଇ ଅଛି ।

B. ପ୍ରାଚିନ ମଣ୍ଡଳୀ ଅନୁସାରେ ପିତରଙ୍କ ଶିକ୍ଷାରୁ ମାର୍କ ଲିଖିତ ସୁସମାଚାରକୁ ନିଆଯାଇ ଥିବାର ବିଶ୍ୱାସ କରାଯାଉ ଥିବାରୁ ଜନ୍ମର ବିବରଣି ନଥିବା ଏକ ସାକ୍ଷ୍ୟ ପ୍ରକାରର ଅଟେ । ଯୋଉଠି ପିତର ଶିକ୍ଷା କରିଥିଲେ, ଏହା ଅତି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଯେ ଯାହାକି ବାପ୍ତିଜିକ ଯୋହନଙ୍କ ଶିକ୍ଷାରୁ ଦେଖିବାକୁ ମିଳେ, ବିଶ୍ୱାସ ଏବଂ ମନପରିବର୍ତନର ସାକ୍ଷ ମଶିହାଙ୍କ ନିମନ୍ତେ ଏକ ପ୍ରକାରର ବାଟ ପ୍ରସ୍ତୁତି ସ୍ୱରୂପ ଥିଲା ।

ପିତରଙ୍କ ଶିକ୍ଷାର ମୂଳ ତଥ୍ୟ ଓ ବ୍ୟବହାର "ମନୁଶ୍ୟ ପୁତ୍ର" ଏବଂ "ଇଶ୍ୱରଙ୍କ ପୁତ୍ର" ଅଟେ, ଏହି ସୁସମଚାର ଯିଶୁଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱକୁ ପ୍ରକାଶ କରେ । ପ୍ରଥମେ ସେ ଜଣେ ବଡ ଶିକ୍ଷକ ଏବଂ ସୁସ୍ତକାରି ଥିଲେ, କିନ୍ତୁ ପରେ ସେ ,ମଶିହା ଭାବରେ ଜଣାଗଲେ । ସେ ଜଣେ ସାମରିକ ଯୋଦ୍ଧା ଭାବରେ ଲୋକମାନଙ୍କର ଧାରଣା ଥିଲା, କିନ୍ତୁ ସେ ଜଣେ ତାଡନା ପ୍ରାପ୍ତ ଦାସ ଭାବରେ ପରିଚିତ ହେଲେ, (ଯିଶାଇୟ ୫୩) ।

C. ମାର୍କଙ୍କର ପ୍ରାଥମିକ ଚିଠାର ଭୌଗଳିକ ଗଠନ ପ୍ରଣାଳୀ ଅନ୍ୟ ସମସ୍ତ ସୁସମାଚାର ପୁସ୍ତକ ସବୁରେ ବ୍ୟବହାର କରାଯାଇ ଅଛି, (ମାଥିଉ ଏବଂ ଲୁକ ) ।
  1. ଗାଲିଲିରେ ସେବା କାର୍ଯ୍ୟ, (୧:୧୪-୬:୧୩) ।
  2. ଗାଲିଲିର ବାହାରେ ସେବାକାର୍ଯ୍ୟ, (୬:୧୪-୮:୩୦) ।
  3. ଯିରୁଶାଲମକୁ ଯାତ୍ରା, (୮:୩୧-୧୦:୫୨) ।
  4. ଯିରୁଶାଲମରେ ଅନ୍ତିମ ସପ୍ତାହ, (୧୧:୧-୧୬:୮) ।

D. ସମ୍ଭବତ ମାର୍କଙ୍କର ସୁସମାଚାର ଅନ୍ୟ ପ୍ରାଚୀନ ପ୍ରେରିତ ମାନଙ୍କ ସହିତ ସମାନ ହୋଇପାରେ । ଯଦି ଏହା ସତ ହୋଇଥାଏ, ତେବେ ମୌଖୀକ ପରମ୍ପରାର ଏହା ଶେଷ ସମୟ ହୋଇଥାଇ ପାରେ, (Acts 10:37-43, cf. C. H. Dodd's *New Testament Studies* pp. 1-11) । ଯିହୁଦୀ ଲୋକମାନେ ମୋଉଖିକ ପରମ୍ପରାକୁ (kerygma) ଲିଖିତ ଶିକ୍ଷା ଏବଂ ପରମ୍ପରା ଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି ।

E. ମାର୍କ ଯିଶୁଙ୍କ ଜିବନିର ଅତି ଚଳପ୍ରଚଳ ପୁସ୍ତକ ବୋଲି ବିଶ୍ୱାସ କରାଯାଏ, (ଅତିଚଟଂଳ ୧:୧୦) । ମାର୍କ ଅତି ଲମ୍ବା ଶିକ୍ଷା ସବୁକୁ ଲେଖି ନାହାନ୍ତି, ଗୋଟିଏ ଘଟଣା ଠାରୁ ଅନ୍ୟ ଏକ ଘଟଣାକୁ ଅତି ଶିଘ୍ର ଗମନ କରନ୍ତି, (ସେ ବାରମ୍ବାର ତତକ୍ଷଣାତ ଶବ୍ଦକୁ ବ୍ୟବହାର କରିଅଛନ୍ତି) । ଯୀଶୁଙ୍କ କାର୍ଯ୍ୟଦ୍ୱାରା ମାର୍କଙ୍କ ସୁସମାଚାର ଜଣାଯାଏ ।

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ୱଷ୍ଟିକରଣ ।

1. ପାପକ୍ଷମା ନିମନ୍ତେ ମନପରିବର୍ତନର ବାପ୍ତିସ୍ମ, ୧:୪
2. ଓଟଲୋମର ବସ୍ତ୍ର, ୧:୫
3. କୋପତ ପରି, ୧:୧୦
4. ଚାଳିଶି ଦିନ, ୧:୧୩
5. ଇଶ୍ୱରଙ୍କ ରାଜ୍ୟ ସନ୍ନିକଟ, ୧:୧୫

6. ସମାଜଗୃହ, ୧:୨୩
7. ଇଶ୍ୱରନିନ୍ଦା, ୧:୭
8. ଶାସ୍ତ୍ରୀ, ୨:୬
9. ଦ୍ରାକ୍ଷାରସ, ୨:୨୨
10. ଦୃଷ୍ଟାନ୍ତ, ୪:୨
11. ଲୁଗା, ୫:୨୭
12. ଫାରୁଶୀଙ୍କ ଖମୀର, ୮:୧୫
13. ମୋ ଆଗରୁ ଦୁର ହୁଅ ଶୟତାନ, ୮:୩୩
14. ରୁପାନ୍ତରିତ, ୯:୨
15. ନର୍କ, ୯:୪୭
16. ସମସ୍ତ ଜାତି ନିମନ୍ତେ ପ୍ରାର୍ଥନାର ଗୃହ, ୧୧:୧୭
17. ଅଧୁଲି, ୧୨:୧୫
18. ନିସ୍ତାରପର୍ବ, ୧୪:୧
19. ଜଟାମାଂସୀ, ୧୪:୩
20. ଏହି ପାନପାତ୍ର, ୧୪:୪୧
21. ସେହି ସମୟ ଉପସ୍ଥିତ, ୧୪:୪୧
22. ଆୟୋଜନଦିନ, ୧୫:୪୨
23. ସପ୍ତାହର ପ୍ରଥମ ଦିବସ, ୧୬:୨

VIII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ ।

1. ଶିମୋନ, ୧:୧୬
2. ଜେବଦୀ, ୧:୨୦
3. ଅଶୁଚି ଆତ୍ମା, ୧:୨୩
4. ଲେବି, ୨:୧୪
5. ଅବିୟାଥର, ୨:୨୬
6. କିଣାନୀୟ, ୩:୧୮
7. ବାଆଲଜିବୂଲ, ୩:୨୨
8. ବାହିନୀ, ୬:୧୪
9. ହେରୋଦ ରାଜା, ୬:୧୪
10. ହେରୋଦିଆ, ୬:୧୭
11. ସୁରଫୈନୀକୀୟା, ୭:୨୬
12. ବାର୍ଟୀମୟ, ୧୦:୪୬
13. କାଇସର, ୧୨:୧୬
14. ଉସ୍ଛନ୍ନକାରୀ ଘୃନ୍ୟ ବସ୍ତୁ, ୧୩:୧୪
15. ମନୋନୀତ, ୧୩:୨୦
16. ଭଣ୍ଡ ଖ୍ରୀଷ୍ଟ, ୧୩:୨୨
17. ପ୍ରଧାନ ଯାଜକ, ୧୪:୧
18. ପିତଃ, ୧୪:୩୬
19. ମହା ସଭା, ୧୪:୫୫
20. ବାରବା, ୧୫:୭,୧୧
21. କୂରୀଣୀୟ ଶିମୋନ, ୧୫:୨୧
22. ଶଲୋମୀ, ୧୫:୪୦
23. ଶତସେନାପତି, ୧୫:୪୫

IX. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ ।

1. ଯିହୁଦା, ୧:୪
2. ଯିରୁଶାଲେମ, ୧୪
3. ଯର୍ଦ୍ଦନ ନଦୀ, ୧:୫
4. ନାଜରିତ, ୧:୯
5. ଗାଲିଲୀ, ୧:୯
6. କଫର୍ନାହୁମ, ୧:୨୧
7. ଇଦୋମ, ୩:୮
8. ସୋର, ୩:୮
9. ସୀଦୋନ, ୩:୮
10. ଗରାସୀୟ, ୫:୧
11. ଦେକାପଲି, ୫:୨୦
12. ବେଥସାଇଦା, ୬:୪୫
13. ଦଲମନୁଥା, ୮:୧୦
14. ଯିରିହୋ, ୧୦:୪୬
15. ଜୀତପର୍ବତ, ୧୩:୩
16. ଗେଥଶିମାନୀ, ୧୪:୩୨

X. ଆଲୋଚନା ମୂଳକ ପ୍ରଶ୍ନସମୂହ ।

1. ପବିତ୍ର ଆତ୍ମାଙ୍କ ଦ୍ଵାରା ବାପ୍ତିସ୍ମ କଣ ଅଟେ? (୧:୮)
2. ନୂତନ ନିୟମର ଆବଶ୍ୟକତା ସବୁ କଣ ଅଟେ? (୧:୧୫)
3. କଣପାଇ ଯୀଶୁଙ୍କ ଶ୍ରୋତାମାନେ ତାଙ୍କ ଶିକ୍ଷାରେ ଆଶ୍ଚର୍ଯ୍ୟାନ୍ବିତ ହେଲେ ? (୧:୨୨)
4. ଭୁତ ମାନଙ୍କୁ କଥା କହିବାକୁ ଯୀଶୁ କଣ ପାଇ ଅନୁମତି ଦେଲେ ନାହି? (୧:୩୪)
5. ଯୀଶୁ ଯାହାଙ୍କୁ ସୁସ୍ଥକଲେ, କଣ ପାଇ କାହାକୁ ନ କହିବାକୁ କହିଲେ? (୧:୪୩)
6. ୨ ପର୍ବରେ କଣ ପାଇ ଯୀଶୁଙ୍କୁ ଇଶ୍ଵରନିନ୍ଦାକାରି ବୋଲି କୁହାଯାଇ ଅଛି?
7. ୨:୧୭ ନିଜ ଭାଷାରେ ସ୍ଵଷ୍ଟିକରଣ କରନ୍ତୁ ।
8. ଅନେକ ସମୟରେ ଯୀଶୁ କଣ ପାଇ ବିଶ୍ରାମ ବାରରେ ସୁସ୍ଥ କରୁଥିଲେ?
9. କଣ ପାଇ ଯୀଶୁ ଦ୍ରୁଷ୍ଟାନ୍ତ ମାଧମରେ ଶିକ୍ଷା ପ୍ରଦାନ କରୁଥିଲେ? (୩:୧୦-୧୩)
10. ବିଜ ବୁଣାଳିର ଦ୍ରୁଷ୍ଟାନ୍ତକୁ ନିଜ ଭାଷାରେ ସ୍ଵଷ୍ଟିକରଣ କରନ୍ତୁ । (୪:୩-୯)
11. କଣ ପାଇ ଯୀଶୁ ନିଜ ଗ୍ରାମରେ ଅଧିକ ଆଶ୍ଚର୍ଯ୍ୟକର୍ମ କଲେ ନାହି? (୬:୪-୬)
12. ୬ ପର୍ବରେ ଯୀଶୁ କଣ ପାଇ ଜଳ ଉପରେ ଚାଲିଲେ?
13. ୭:୬-୭ ଯିଶାଇୟଙ୍କ ଭାବବାଣୀକୁ ବର୍ଣ୍ଣନା କର ।
14. ୭:୧୫କୁ ନିଜ ଭାଷାରେ ବର୍ଣ୍ଣନା କର ।
15. ଯୀଶୁଙ୍କ'ର ଆରାମିକ ଶବ୍ଦକୁ, ମାର୍କ କଣ ପାଇ ଉଦ୍ଧୃତ କରିଅଛନ୍ତି?
16. ୮:୩୮କୁ ନିଜ ଭାଷାରେ ବୁଝାଅ ।
17. କଣ ପାଇ ଫାରୂଶୀମାନେ ୧୦ ପର୍ବରେ ଛାଡପତ୍ର ବିଷୟରେ ଯୀଶୁଙ୍କୁ ପଚାରିଲେ?
18. ୧୦:୨୫ ରେ ଯୀଶୁଙ୍କ କଥା ଶୁଣି,୧୦:୨୬ରେ କଣ ପାଇ ଶିଷ୍ୟମାନେ ଅଶ୍ଚର୍ଯ୍ୟ ହେଲେ?
19. ୧୧ପର୍ବରେ ଯୀଶୁ କଣ ପାଇ ଏକ ଗଦ୍ଧଛୁଆ ଉପରେ ବସିଥିଲେ?
20. ୧୧ପର୍ବରେ ଯୀଶୁ କଣ ପାଇ ମନ୍ଦିର ପରିଷ୍କାର କରିଥିଲେ?
21. କଣ ପାଇ ୧୧:୨୮ର ପ୍ରଶ୍ନ ଗୁରୁତ୍ଵ ପୁର୍ଣ୍ଣ ଅଟେ?
22. 12 ପର୍ବର ପ୍ରାରମ୍ଭର ଦ୍ରୁଷ୍ଟାନ୍ତ କଣ ପାଇ ଏତେ ଗୁରୁତ୍ଵପୁର୍ଣ୍ଣ ଏବଂ ତାହା କାହାକୁ ବୁଝାଏ?
23. ପୁରାତନ ନିୟମର ସର୍ବ ଶ୍ରେଷ୍ଟ ଆଦେଶ କଣ ଅଟେ?

24. ୧୩:୩୦ କଣ ପାଇ ବ୍ୟାଖ୍ୟା କରିବା କଷ୍ଟକର ହୋଇଥାଏ?

25. ୧୫:୩୪ ନିଜ ଭାଷାରେ ବୁଝାଅ ।

# ଲୁକ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ

I. **ପ୍ରାରମ୍ଭିକ ବିବରଣ** ।

A. ଲୁକ ସୁସମାଚାର ପୁସ୍ତକର ସବୁଠାରୁ ଦିର୍ଘତମ ପୁସ୍ତକ ଅଟେ । ଲୁକ ଦ୍ୱୀତିୟ ପିଡୀର ଖ୍ରୀଷ୍ଟିୟାନ ଏବଂ ଜଣେ ବିଜାତି ବ୍ୟକ୍ତି ଅଟନ୍ତି, ଏହି ଲୁକ ଏବଂ ପ୍ରେରିତ ପୁସ୍ତକ ନୁତନ ନିୟମରେ ସବୁଠାରୁ ଅତ୍ୟଧିକ ପର୍ବ ଧାରଣ କରିଅଛି, (ଯଦି ଜଣେ ଏବ୍ରୀ ପୁସ୍ତକକୁ ପାଉଲଙ୍କ ଲେଖାଭାବେ ଅଗ୍ରାହ୍ୟ କରେ) ।

B. ଏବ୍ରୀୟ ପୁସ୍ତକର ଲେଖକଙ୍କ ବ୍ୟତିତ, ଲୁକ ନୂତନ ନିୟମରେ ସର୍ବୋତ୍ତମ କୋଇନେ ଗ୍ରୀକ ବ୍ୟବହାର କରିଅଛନ୍ତି, ହୁଏତ ଗ୍ରୀକ ଲୁକଙ୍କର ମାତୃଭାଷା ଥିଲା । ପୁଣି ସେ ଜଣେ ଉଚ୍ଚ ଶିକ୍ଷିତ ଓ ଜଣେ ବୈଦ୍ୟ ଥିଲେ, (କଲସୀୟ ୪:୧୪) ।

C. ଲୁକ ଯିଶୁଙ୍କର ପ୍ରେମ ଏବଂ ଯତ୍ନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି, ବିଶେଷତ ସେମାନଙ୍କ ନିମନ୍ତେ, ଯାହାକୁ ଯୀହୁଦି ଲୋକମାନେ ଘୃଣା କରୁଥିଲେ;

1. ସ୍ତ୍ରୀ ଲୋକମାନେ, (ମେରୀ, ଏଲିଜାବେଥ, ହାନା, ମେରୀ ଏବଂ ମାର୍ଥା, ଇତ୍ୟାଦି)
2. ଗରିବ ଓ ଦରିଦ୍ର ଲୋକମାନେ, (ଲୁକଙ୍କର ସ୍ୱର୍ଗିୟ କଥା, ଓ ଶିକ୍ଷା, ଲୁକ ୬:୨୦-୨୩, ଧନ ସମ୍ପତି ବିଷୟରେ ଶିକ୍ଷା ୧୨:୧୩-୨୧; ୧୬:୯-୧୩, ୧୯-୩୧)
3. ସାମାଜିକ, ଜାତିଗତ ଏବଂ ଧାର୍ମିକ ସମାଜଚ୍ୟୁତ ଲୋକସମୂହ
    a. ଅନୈତିକ ସ୍ତ୍ରୀ, (୭:୩୬-୫୦)
    b. ସମିରଣିୟା ଲୋକସମୁହ, (୯:୫୧-୫୬, ୧୦:୨୯-୩୭, ୧୭:୧୧-୧୬)
    c. କୁଷ୍ଠରୋଗି, (୧୭:୧୧-୧୯)
    d. କର ଆଦାୟକାରି, (୩:୧୨-୧୩, ୧୮:୯-୧୪, ୧୯:୧-୧୦)
    e. ଦଶ୍ୟୁ, (୨୩:୩୫-୪୩)

D. ଲୁକ ମରିୟମଙ୍କର ଚକ୍ଷୁଦର୍ଶନ କଥା ସବୁକୁ ଲେଖିଅଛନ୍ତି, (ପ୍ରେରିତ ପୁସ୍ତକର ପ୍ରଥମ ଦୁଇ ଅଧ୍ୟାୟ), ଏବଂ ତାହାଙ୍କ ବଂଶାବଳୀ ଏହି ସୁସମାଚାର ଯୀହୁଦି ଏବଂ ବିଜାତି ଦୁହିଙ୍କୁ ଆଖିଆଗରେ ରଖି ଲେଖାଯାଇ ଅଛି ।

II. ଲେଖକ ।

A. ପ୍ରାଚୀନ ମଣ୍ଡଳୀର ରୀତିନୀତି

1. ଇରାନିଅସ କହନ୍ତି, (ଖ୍ରୀ. ପୂ ୧୭5-୧୯୫), ପାଉଲଙ୍କ ଦ୍ୱାରା ପ୍ରଚାରିତ ବାକ୍ୟକୁ ଲୁକ ତାଙ୍କ ସୁସମାଚାର ପୁସ୍ତରେ ଲେଖିଅଛନ୍ତି ।
2. ଏନ୍ଟି ମାର୍ସିଓନ କୁହନ୍ତି, (ଖ୍ରୀ. ପୂ ୧୭୫), ଏହି ସୁସମାଚାର ପୁସ୍ତକର ଲେଖକ ଲୁକ ଅଟନ୍ତି ।
3. ଟେର୍ଟୁଲିଆନ କହନ୍ତି, (ଖ୍ରୀ. ପୂ ୧୫୦-୧୬୦), ପାଉଲଙ୍କର କଥାକୁ ଲୁକ ଲେଖିଅଛନ୍ତି ।
4. ମୌରାସିଅନ ଲେଖା ଲୁକ ବୈଦ୍ୟ ଏବଂ ପାଉଲଙ୍କ ସାଥିଭାବେ କୁହେ (ଖ୍ରୀ. ପୂ ୧୮୦-୨୦୦), ଯେ ଏହି ପୁସ୍ତକ ଲେଖିଅଛନ୍ତି ।
5. ଏସେବିଅସ ଓରିଜିନରୁ ଉଦ୍ଧୃତ କରି ନିଜ ମାଥିଉ ଟୀକା ଲେଖି ଅଛନ୍ତି, ସେ ଲୁକକୁ ସେହି ସୁସମାଚାରର ଲେଖକ ବୋଲି କୁହନ୍ତି ।
6. ଏସେବିଅସ ଲୁକ ଏବଂ ପ୍ରେରିତ ପୁସ୍ତକର ଲେଖକ ଲୁକ ବୋଲି କୁହନ୍ତି ।

B. ଲୁକ ଏହା ଲେଖିଅଛନ୍ତି ବୋଲି ଆଭ୍ୟନ୍ତରିଣ ସାକ୍ଷ୍ୟ

1. ଅନ୍ୟ ସମସ୍ତ ସୁସମାଚାର ସଦୃଶ୍ୟ ଏହା ମଧ୍ୟ ଅଜଣା ଅଟେ
2. ଯଦି ଲୁକ ଏବଂ ପ୍ରେରିତ ପୁସ୍ତକ ଦୁଇଟି ଏକ ବିଭାଗିୟ ଅଟେ ଯାହାକି ତାହାଙ୍କ ପରିଚୟ ପତ୍ରରୁ ଦେଖାଯାଏ, ତେବେ ପ୍ରେରିତ ପୁସ୍ତକର "ଆମ୍ଭେ" ବିଭାଗ, (୧୬:୧୦-୧୭, ୨୦:୫-୧୬, ୨୧:୧-୧୮, ୨୭:୧-୨୮: ୧୬), ପାଉଲଙ୍କ ଧର୍ମପ୍ରଚାର ଯାତ୍ରା ପ୍ରତକ୍ଷଦର୍ଶୀ ବୋଲି ଧରାଯିବ ।
3. ଲୁକ (୧:୧-୪), ପରିଚୟ ପ୍ରଦାନ କରେ ଯେ, ଲୁକ ଯୀଶୁଙ୍କର ଜୀବନି ଏବଂ ଐତିହାସିକ ଲେଖାଶୈଳୀ ନିମନ୍ତେ ସେ ଗବେଷଣା କରିଛନ୍ତି, ଯାହା ତାହାଙ୍କର ଦ୍ୱୀତିୟ ଶତାବ୍ଦୀର ବିଶ୍ୱାସି ବୋଲି ପ୍ରମାଣ ଦେଇଥାଏ । ଏହି ଦୁଇ ସୁସମାଚାର ଅତିକମ ମାତ୍ରାରେ ମିଶ୍ରଣ ଅଟନ୍ତି, (ପୁନରୁଥାନର ପରବର୍ତୀ ଘଟଣା) ।

III. ଲୁକଙ୍କ ବ୍ୟକ୍ତିତ୍ୱ

A. ମାର୍ଶୀଆନଙ୍କ ଲୁକଙ୍କୁ ମୁଖବନ୍ଧ, (ଖ୍ରୀ. ପୂ ୧୭୫)

1. ସିରିଆର ଆନ୍ଟିଓକ
2. ବୈଦ୍ୟ
3. ଏକଲା
4. ପାଉଲଙ୍କର ଅନୁଗମନ କାରି
5. ସେ ଆଖିଆରୁ ଲେଖିଥିଲେ
6. ୮୪ ବୟସରେ ବୋଏସିଆରେ ମୃତ୍ୟୁ ବରଣ କରିଥିଲେ

B. ସିସେରିଆର ଇଶୁବିଅସ, (ଖ୍ରୀ. ପୂ ୨୭୫-୩୩୯), Hist. Eccl. III.4.2

1. ଆନ୍ତିଅଖିଆ ବ୍ୟକ୍ତି
2. ପାଉଲଙ୍କର ମିଶନ ସେବାକାର୍ଯ୍ୟର ସାଥି
3. ପ୍ରେରିତ ପୁସ୍ତକ ଏବଂ ଏହି ସୁସମାଚାର ପୁସ୍ତକ ଲେଖିଥିଲେ

C. ଜେରୋମ, (A.D. 346-420 in *Migna* XXVI. 18)

1. ଆଖିଆରୁ ସେ ଲେଖିଥିଲେ
2. ବୋଏସିଆରେ ମୃତ୍ୟୁ ବରଣ କରିଥିଲେ

D. ସେ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଥିଲେ

1. ସେ ଉତ୍ତମ କୋଇନେ ଗ୍ରୀକ ବ୍ୟବହାର କରିଥିଲେ
2. ବୃହତ ଶବ୍ଦ ସମୁହ, (ଚିକିତ୍ସା ଗତ ଓ ନୈଚାଳନା ସମ୍ବନ୍ଧିୟ)
3. ବିଷୟର ଗବେଷଣାର ତଥ୍ୟ, (୧:୧-୪)
4. ସେ ଜଣେ ବୈଦ୍ୟ ଥିଲେ (କଲସିୟ ୪:୧୪), ମାର୍କଙ୍କର ନାସ୍ତିସୁଚକ ମନ୍ତବ୍ୟ ଲୁକଙ୍କ ବିଷୟରେ ମାର୍କ ୫:୨୬, ଯାହାକି ଲୁକ ୮:୪୩ରେ ଥିଲା, ତାହାକୁ ଉଠାଇ ଦିଆଯାଇ ଅଛି। ଲୁକ ଔଷଧ, ସୁସ୍ଥତା ଓ ରୋଗ ସମ୍ବନ୍ଧିୟ ଶବ୍ଦ ସବୁକୁ ଅତିକମରେ ୩୦୦ ଥର ବ୍ୟବହାର କରିଅଛନ୍ତି, (W. K. Hobart, *The Medical language of Luke*, or better, A Hamack, *Luke the Physician*) ।

E. ସେ ଜଣେ ବିଜାତିୟ ବ୍ୟକ୍ତି ଥିଲେ

1. ପାଉଲ ନିଜ ସେବାକାର୍ଯ୍ୟରେ ସାହାଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଭିନ୍ନଭାବରେ କଲସୀୟ ୪:୧୦-୧୧ରେ ପ୍ରକାଶ କରନ୍ତି, ("ଯୋଉମାନେ ସୁନ୍ନତ ବ୍ୟକ୍ତି ସମୁହ"), ଏବଂ ଅନ୍ୟ ସାହାଯ୍ୟ କାରିମାନେ, (ଏଫାପ୍ରସ, ଲୁକ ଓ ଦିମାସ)।
2. ପ୍ରେରିତ ୧:୯ରେ "ସେମାନଙ୍କ ନିଜଭାଷା" ବୋଲି ଲୁକ ଆରାମିକ ଲୋକମାନଙ୍କୁ କହନ୍ତି, ଯାହା ପ୍ରକାଶ କରେ କି ତାହା ତାଙ୍କ ନିଜ ଭାଷା ନ ଥିଲା।
3. ଯିହୁଦୀ ମାନଙ୍କର ସମସ୍ତ ପ୍ରକାରର ବିବାଦମୁଳକ ନିୟମକୁ ଲୁକ ତାଙ୍କ ସୁସମାଚାରରେ ବାଦ ଦେଇଅଛନ୍ତି।

F. ଏହ ସୁସମାଚାର ପୁସ୍ତକ ଓ ପ୍ରେରିତ ପୁସ୍ତକ ନୁତନ ନିୟମର ଦୀର୍ଘତମ ଅଟେ, ତଥାପି ଏହାର କୈଣସି ପ୍ରକାରର ପ୍ରତକ୍ଷ ଦର୍ଶୀ ସାକ୍ଷୀ ନାହାନ୍ତି। (କୈଣସି ଶିଷ୍ୟ ନୁହେ), ବିଜାତି ଲୋକମାନେ ମନୋନିତ ଜାତିଭାବରେ ପରିଚୟ ପ୍ରାପ୍ତ ହେଇଥିବା ସକାସୁ ଏହା  ପ୍ରାଚୀନ ମଣ୍ଡଳୀରେ ସର୍ବ ସମ୍ମତ ପ୍ରକାଶ ହୋଇଥିଲା,ଏଥିରେ କୈଣସି ମତଭେଦ ନ ଥିଲା।

IV. ସମୟ ଏବଂ ଲେଖା

A. କେବେସୁଧା ଜଣେ ସଠିକ ଭାବରେ ସେ ସମ୍ପର୍କକୁ ବୁଝିପାରି ନାହାନ୍ତି, (1) ଲୁକଙ୍କର  ପ୍ରକୃତ ଲେଖାର ଅବଦାନ, (ହୁଏତ ପାଉଲ ସିସେରିଆରେ ଜେଲରେ ରହିବା ସମୟରେ ହିଇପାରେ [ପ୍ରେରିତ ୨୩-୨୬, ଏବଂ ୨୪-୨୭] ) ; (2) ତାହାଙ୍କ ଶେଷ ଲେଖା, (ଲୁକ ଲିଖିତ ସୁସମାଚାର, ମାର୍କ ଏବଂ "Q"  ନିମନ୍ତେ ବ୍ୟବହୃତ ହୋଇଅଛି) ; ଓ (3) ଲୁକ ଏବଂ ପ୍ରେରିତଙ୍କ ନିକଟରେ ପହଚିଂବା, (ଥିଓଫିଲସଙ୍କୁ ଓ ତାହାଙ୍କ ପାଇ)।

B. ଯଦି କ୍ଲେମେନ୍ଟ ଏହି ଲେଖାରୁ କିଛି ଉଦ୍ଧାର କରିଅଛନ୍ତି, ତେବେ ଏହା ନିଶ୍ଚିତ ଭାବରେ ଖ୍ରୀ. ପୂ ୯୫ ପୂର୍ବରୁ ଲେଖାଯାଇ ଅଛି, ଯାହା ସୁସମାଚାର ପୁସ୍ତକ ପରେ ଲେଖାଯାଇ ଅଛି।

1. ପ୍ରେରିତ ୧୩:୨୨- I କ୍ଲେମେନ୍ଟ ୧୮:୧
2. ପ୍ରେରିତ ୨୦:୩୬- I କ୍ଲେମେନ୍ଟ ୨:୧

C. ପ୍ରେରିତ ନିଶ୍ଚିତ ଭାବରେ ରୋମିୟ ସୈନ୍ୟ ତିତସଙ୍କର ଯେରୁଶାଲେମର ବିନଷ୍ଟ ପୂର୍ବରୁ (ଖ୍ରୀ. ପୂ ୭୦) ଅଟେ
   1. ଏଠାରେ ଏହି ମାନଙ୍କର ମୃତ୍ୟୁକୁ ବର୍ଣନା କରାଯାଇ ନାହି
      1. ଯାକୁବଙ୍କ ମୃତ୍ୟୁ (ଖ୍ରୀ. ପୂ ୬୨)
      2. ପାଉଲଙ୍କ ମୃତ୍ୟୁ (ଖ୍ରୀ. ପୂ ୬୪-୬୭)
   2. ପ୍ରେରିତ ୭ରେ ସ୍ତିପାନଙ୍କର ଶିକ୍ଷା ଯେରୁଶାଲେମର ଧ୍ୱଂଶ ବିଷୟରେ କୈଣସି ସୁଚନା ପ୍ରଦାନ କରେ ନାହି, ଯାହାକି ପ୍ରଭୁଙ୍କର ବିଚାରର ଏକ ଶକ୍ତିଶାଳୀ ପ୍ରମାଣ ଅଟେ।
   3. ପାଉଲ ଯେରୁଶାଲେମ (ପ୍ରେରିତ ୨୧) ଏବଂ ଲୁକଙ୍କୁ ଦେଖାକରିଥିଲେ, ଯଦି ସେ ଖ୍ରୀ. ପୂ ୭୦ ପରେ ଲେଖିଛନ୍ତି, ସେ ନିଶ୍ଚିତ ଭାବେ ଯେରୁଶାଲେମର ଧ୍ୱଂଶ ବିଷୟରେ ଲେଖିଥାନ୍ତେ।

D. ଯଦି ଲୁକ ମାର୍କଙ୍କର ପ୍ରାଥମିକ ଚିଠା ବ୍ୟବହାର କରିଛନ୍ତି ଏବଂ ଲୁକ ପାଲେଷ୍ଟାଇନରୁ ତାହାଙ୍କ ନିକଟ ସମୟରେ ଲେଖିଛନ୍ତି, ତେବେ ଏହା ପଚାଶତମ ଶତାବ୍ଦୀର ପରେ ଏବଂ ଷାଠିଏ ଶତାବ୍ଦୀ ପରେ ଲେଖାଅଛି ବୋଲି ଧରିନିଆ ଯିବ, (ପ୍ରେରିତ ପୁସ୍ତକ ପାଉଲ ରୋମ ଜେଲରେ ରହିବା ସମୟରେ ଖ୍ରୀ. ପୂ ୬୨-୬୩)

V. ଗ୍ରହଣ କାରି

A. ଏହି ସୁସମାଚାର ପୁସ୍ତକଟି ଥୀୟଫିଲଙ୍କୁ ଉତ୍ସର୍ଗ କରାଯାଇ ଅଛି, (ଲୁକ ୧:୧-୪, ପ୍ରେରିତ ୧:୧)। ଅନେକ ପ୍ରକାରର ଏହି ପରିଚୟ ପାଇ ବ୍ୟବହାର କରାଯାଏ।
   1. ଲୁକ ନିଜକୁ ଲୁକ ୧:୩ରେ "ଅତି ଉତ୍ତମ" ବୋଲି କହନ୍ତି, ତେଣୁ ହୋଇପାରେ ଏକ ସରକାରି କର୍ମଚାରି ଅଟନ୍ତି। ସେ ଏହି ସମାନ ପଦବୀ ଫିଲିକ୍ସ (ପ୍ରେରିତ ୨୩:୨୬, ୨୪:୩) ଏବଂ ଫେଷ୍ଟସ (ପ୍ରେରିତ ୨୬:୨୫)।
   2. ଏକ ଧନୀ ବ୍ୟକ୍ତି, (ଗ୍ରୀକ ଏବଂ ଯୀହୁଦି ଲୋକମାନଙ୍କ ମଧ୍ୟରେ ଥୀୟଫିଲ ଏକ ସାଧାରଣ ନାମ ଅଟେ), ଯେ ଲୁକ ଏବଂ ପ୍ରେରିତ ପୁସ୍ତକର ଲେଖିବାରେ, ନକଲ କରିବାରେ ଏବଂ ତାହା ବାଣ୍ଟିବାର ସମସ୍ତ ଆର୍ଥିକ ବ୍ୟୟ ବହନ କରିଥିଲେ।
   3. ତାଙ୍କ ନାମର ଅର୍ଥ, "ଇଶ୍ୱର ପ୍ରେମ", "ଇଶ୍ୱରଙ୍କ ପ୍ରେମିକ", ଏଣୁ ଏହା ହୁଏତ ଖ୍ରୀଷ୍ଟିୟ ବ୍ୟକ୍ତି ମାନଙ୍କୁ ସୁଚାଇ ଥାଏ।

B. ଲୁକ ତାହାଙ୍କ ସୁସମାଚାର ବିଜାତିୟ ମାନଙ୍କ ନିମନ୍ତେ ଲେଖିଅଛନ୍ତି
   1. ଏହା ଯୀହୁଦି ମାନଙ୍କର ପ୍ରଥାକୁ ଦର୍ଶାଇ ଥାଏ
   2. ଏହି ସୁସମାଚାର ସମସ୍ତ ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ, (୨:୧୦)
   3. "ସମସ୍ତ ଶରିର", ଏହି ଭବିଷ୍ୟତ ବାଣୀକୁ ସୁଚାଏ, (୩:୫-୬, ଯାହା ଯିଶାଇୟ ୪୦କୁ ବୁଝାଏ)
   4. ତାହାଙ୍କ ବଂଶାବଳୀ ଅତିତର ଆଦମଙ୍କ ନିକଟକୁ ଫେରିଯାଏ, (ସମସ୍ତ ବ୍ୟକ୍ତି ୩:୩୮)
   5. ବିଜାତି ମାନଙ୍କ ପ୍ରତି ଇଶ୍ୱରଙ୍କର ପ୍ରେମ, (ଲୁକ ଯେଉମାନେ ମଶିହଙ୍କ ବିବାହ ଭୋଜକୁ ଆମନ୍ତ୍ରିତ ତାହାଙ୍କର ସୀମାକୁ ବଢାଇ ଅଛନ୍ତି, ୧୩:୨୯)
   6. ପୁରାତନ ନିୟମରୁ ବିଜାତି ମାନଙ୍କ ନିମନ୍ତେ ଇଶ୍ୱରଙ୍କ ପ୍ରେମ ବିଷୟରେ ପ୍ରଚାର କରିବା, (୨:୩୨; ୪:୨୫-୨୭)
   7. ଲୁକଙ୍କର ଶେଷ ସମ୍ବାଦ ଯାହା ସମଗ୍ର ଜାତି ନିମନ୍ତେ କ୍ଷମାର ଶିକ୍ଷା, (୨୪:୪୭)

VI. ଲୁକଙ୍କ ଲେଖାର ଉଦ୍ଦେଶ୍ୟ

A. ସମସ୍ତ ସୁସମାଚାର ଏକ ପ୍ରକାରର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସୁସମାଚାର ନିମନ୍ତେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଖକୁ ଲେଖାଯାଇ ଅଛି, (ଯୋହନ ୨୦:୩୦-୩୧)
   1. ମାଥିଉ ଠାରୁ ଯିହୁଦି
   2. ମାର୍କ ଠାରୁ ରୋମିୟ
   3. ଲୁକ ଠରୁ ବିଜାତି
   4. ଯୋହନ ଠାରୁ ବିଜାତି

   ଲୁକ ୭୦ ଜଣଙ୍କ କାର୍ଯ୍ୟ ବିଷୟରେ ଜଣାନ୍ତି, (୧୦:୧:୨୪)। ୭୦ ନମ୍ବର ଏକ ଜାଗତିକତାକୁ ବୁଝାଏ, (ଆଦି 10)। ଯୀଶୁଙ୍କର ୭୦ ଜଣଙ୍କୁ ପ୍ରଚାର କାର୍ଯ୍ୟନିମନ୍ତେ ପଠାଇ ଥିଲେ, ଯାହା ପ୍ରକାଶ କରେ ସୁସମାଚାର ସମସ୍ତ ଜଗତ ନିମନ୍ତେ ଅଟେ।

B. ଆହୁରି କିଛି ଅଲଗା ଉଦ୍ଦେଶ୍ୟ

1. ଦ୍ୱିତିୟ ଆଗମନର ବିଳମ୍ବ
   a. ଲୁକ ୨୧ ଅନେକ କ୍ଷେତ୍ରରେ ମାଥିଉ ୨୪ ଏବଂ ମାର୍କ ୧୩ ଠାରୁ ଯୀଶୁ ଖ୍ରୀଷ୍ଟଙ୍କର ଅତିଶିଘ୍ର ଜଗତକୁ ଆଗମନର କିଛିମାତ୍ରାରେ ସମାନ ଏବଂ କିଛି ମାତ୍ରାରେ ଭିନ୍ନତା ରହିଅଛି ।
   b. ଲୁକ ସାରା ବିଶ୍ୱର ନିକଟରେ ସୁସମାଚାର ପ୍ରଚାର କରିବା ବିଷୟରେ କହନ୍ତି, ଯାହାକି ମଣ୍ଡଳୀ ଦ୍ୱାରା କିଛିମାତ୍ରାରେ ସମୟର ଆବଶ୍ୟକତା ରହିଅଛି ।
   c. ପାଉଲଙ୍କ ଭଳି ଲୁକ ମଧ୍ୟ ବର୍ତ୍ତମାନ ଇଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରାଧାନ୍ୟତା ଦିଅନ୍ତି (୧୦:୯,୧୧; ୧୧:୨୦, ୧୭:୨୧), ଏବଂ ଭବିଷ୍ୟତ ବିଷୟରେ ମଧ୍ୟ କୁହନ୍ତି ।
   d. ଆର୍ଚରର ବାଇବଲରେ ପଣ୍ଡିତ ମାନଙ୍କର ଏକ ଉତ୍ତମ ସାରଣୀ ଏବଂ ଯୁକ୍ତିତର୍କ ଦେଖିବାକୁ ମିଳେ, vol. 28, pp. 231-235 ।
2. ରୋମିୟ ସରକାରି ମାନଙ୍କୁ ଖ୍ରୀଷ୍ଟଧର୍ମ ବିଷୟରେ ଶିକ୍ଷାଦେବା, (ଯାହା ପ୍ରେରିତ ପୁସ୍ତକରେ ଦେଖିବାକୁ ମିଳେ)
   a. ଅତି ଉତ୍ତମ ଧରଣର ପରିଚୟ ପତ୍ର
   b. ପିଲାତ ଲୁକ ୨୩ ଅଧ୍ୟାୟରେ ତିନି ଥର "ଏହି ମନୁଶ୍ୟ ଠାରେ କୈଣସି ଭୁଲ ପାଉ ନାହି ବୋଲି କହି ଅଛନ୍ତି", (୨୩:୪, ୧୪-୧୫, ୨୨)
   c. ପ୍ରେରିତ ପୁସ୍ତକରେ ରୋମିୟ ସରକାରଙ୍କ ପ୍ରତି ପାଉଲଙ୍କର ଉତ୍ତମ ମନ୍ତବ୍ୟ, ଏବଂ ପାଉଲଙ୍କ ପ୍ରତି ତାହାଙ୍କର ଉତ୍ତମ ବ୍ୟବହାର, (ପ୍ରେରିତ ୨୬:୩୧-୩୨)
   d. ରୋମିୟ ଶତସେନାପତି, ଏବଂ କ୍ରୁଶିୟ ଯନ୍ତ୍ରଣା ଏକ ଉତ୍ତମ ସୁଚନା ପ୍ରଦାନ କରିଥାଏ, (ଲୁକ ୨୩:୪୭)

C. କେତେକ ଧାର୍ମିକ କାରଣ ଯାହକି ଲୁକଙ୍କର ଲେଖାର ଉଦ୍ଦେଶ୍ୟକୁ ପ୍ରଭାଭିତ କରିଅଛି,
1. ଲୁକ କେତେକ ବିଭାଗର ଲୋକମାନଙ୍କୁ ଅତି ଗୁରୁତ୍ୱ ଦିଅନ୍ତି
   a. ଧନୀ ଏବଂ ଗରିବ, (ଲୁକଙ୍କ ଉପଦେଶ, ଲୁକ ୬:୨୦-୨୩)
   b. ବିଜାତି ଲୋକମାନେ
      1) ପାପିନି ସ୍ତ୍ରୀ, (ଲୁକ 7:୩୬- ୫୦)
      2) ଶମିରୋଣିୟ ଲୋକ, (ଲୁକ ୯:୫୧-୫୬, ୧୦:୨୯-୩୭)
      3) ବିଦ୍ରୋହ କାରି ପୁତ୍ର, (ଲୁକ ୧୫:୧୧-୩୨)
      4) କର ଆଦାୟକାରି, (ଲୁକ ୧୯:୧-୧୦)
      5) କୃଷ୍ଟ ରୋଗି, (ଲୁକ ୧୭:୧୧-୧୯)
      6) ଡକାୟତ, (ଲୁକ ୨୩:୩୯-୪୩)
2. ଲୁକ ଯେରୁଶାଲେମ ମନ୍ଦିରର ବର୍ଣନା କରିଅଛନ୍ତି, ଏହି ସୁସମାଚର ଯିହୁଦି ଏବଂ ତାହାଙ୍କର ଶିକ୍ଷା ଦ୍ୱରା ଆରମ୍ଭ ହୋଇଥିଲା, (ଯୀଶୁ ପୁରାତନ ନିୟମ ଭାବବାଣିକୁ ସଫଳ କରିଥିଲେ), କିନ୍ତୁ ସେମାନେ ତାଙ୍କୁ ଗ୍ରହଣ କଲେ ନାହି, (୧୧:୧୪-୩୬), ପରେ ସେ ସମସ୍ତ ଜଗତର ଉଦ୍ଧାର କର୍ତ୍ତା ହୋଇ, (୧୦:୧-୨୪), ନିଜକୁ ମନ୍ଦିର ସହିତ ସ୍ଥାପନ କଲେ ।

VII. ଲୁକଙ୍କ ଲିଖିତ ସୁସମାଚାରର ଉତ୍ପତି ସ୍ଥଳ

A. ମାଥିଉ, ମାର୍କ ଏବଂ ଲୁକଙ୍କର ସୁସମାଚାର ସମ୍ପର୍କକୁ ନେଇ ଅନେକ ପ୍ରକାରର ସିଦ୍ଧାନ୍ତ ପ୍ରକାଶ ହୋଇଅଛି
1. ପ୍ରାଚୀନ ମଣ୍ଡଳୀର ନିୟମ ଅନୁସାରେ, ଲୁକ ଯିଏକି ଜଣେ ବୈଦ୍ୟ ଏବଂ ପ୍ରେରିତ ପାଉଲଙ୍କ ସହ ପ୍ରଚାରକ, ଯେ ଏହି ସୁସମାଚାର ପୁସ୍ତକ ଲେଖିଥିଲେ ।
2. ୧୭୭୬ରେ ଏ.ଇ ଲେଶିଗଂ (ପରେ ଗ୍ଲିସେର ୧୮୧୮), ମୈଖିକ ଭାବରେ ସୁସମାଚାରକୁ ସ୍ଥାପନ କରିଥିଲେ । ସମସ୍ତ ଶିକ୍ଷା ମୈଖିକ ରିତିନିତି ଅନୁସାରେ ନିଜର ଗ୍ରହଣକାରି ମାନଙ୍କୁ ଆଖିଆଗରେ ରଖି ଲେଖକ ମାନେ ଲେଖିଅଛନ୍ତି ।
   a. ମାଥିଉ: ଯିହୁଦି ମାନଙ୍କ ନିମନ୍ତେ
   b. ମାର୍କ: ରୋମିୟ ନଙ୍କ ନିମନ୍ତେ
   c. ଲୁକ: ବିଜାତି ନଙ୍କ ନିମନ୍ତେ

   ସମସ୍ତ ସୁସମାଚାର ପୁସ୍ତକ ଭୈଗଳିକ ଭାବରେ ଖ୍ରୀଷ୍ଟଧର୍ମ ସହିତ ଜଡିତ ଅଟେ
   a. ମାଥିଉ: ଆନ୍ତିଓଖିଆ, ଯୁଦିଆର ସିରିଆ
   b. ମାର୍କ: ରୋମ, ଇଟାଲି
   c. ଲୁକ: ସିସେରିଆର ସାମୁଦ୍ରିକ ଅଚଂଳ, ପାଲେଷ୍ଟାଇନ ଓ ଆଖିଆ

d. ଯୋହନ: ଏଫିସିୟ, ଏସିଆ ଅଚଂଳ

3. ଜେ. ଜେ ଗ୍ରିସବକ ଉଣେଇଶତମ ଶତାବ୍ଦୀ ପୁର୍ବରୁ ମାଥିଉ ଏବଂ ଲୁକ ଯିଶୁଙ୍କଂର ଜିବନିର ଶିକ୍ଷାକୁ ଅଲଗା ଏବଂ ପରସ୍ପର ଠାରୁ ସମ୍ପୁର୍ଣ ଅଲଗା ଭାବରେ ଲେଖିଛନ୍ତି ବୋଲି କହିଥିଲେ । ମାର୍କ ଏହିଦୁଇ ସୁସମାଚାରକୁ ଆଲୋଚନା କରି ଲେଖିଅଛନ୍ତି ।

4. ଏଚ, ଜେ ହଲ୍ଟମାନ ଉଣେଇଶତମ ଶତାବ୍ଦୀ ପୁର୍ବରୁ କହିଥିଲେ ଯେ, ମାର୍କ ସର୍ବପ୍ରଥମ ଲିଖିତ ସୁସମାଚାର ଏବଂ ମାଥିଉ ଏବଂ ଲୁକ ତାକଂର ଲିଖିତ ପ୍ରଣାଳୀକୁ ବ୍ୟବହାର କରି ଏକ ଭୀନ୍ନ ଲେଖା ଯୋଗକରି ଯୀଶୁ କହିଥିବା କଥାସବୁ ଲେଖି ଅଛନ୍ତି, ଯାହାକୁ Q ବୋଲି କୁହାଯାଏ(German *quelle* or "source") । ଏହାକୁ ଦୁଇ ଉତ୍ସର ପ୍ରଣାଳୀ ବୋଲି କୁହାଯାଏ, (endorsed by Fredrick Schleiermacher in 1832) ।

   ଯୀଶୁଙ୍କଂର ଅନେକ ପୁରାତନ ନିୟମର କଥା ସକାଶୁ, ଏହା ହୁଏତ ଯାହା ପାପିଅସ ଲେଖିଥିଲା ତାହା ମାଥିଉ ଲେଖିଅଛନ୍ତି । କିନ୍ତୁ ସମସ୍ୟା ହେଲା, ଏହି ଲେଖାର କୈଣସି ପ୍ରମାଣ ମିଳେନାହି । ଯଦି ମଣ୍ଡଳୀ ଏତେ ପରିମାଣରେ ଏହି ସୁସମାଚାରକୁ ଗ୍ରହଣ କରିଥିଲା, ତେବେ ଏହା କି ପ୍ରକାରେ ମାଥିଉ ଏବଂ ମାର୍କଙ୍କଂର କ୍ରମକୁ ସେମାନେ ଭୁଲିପାରିବେ?

5. ବି. ଏଚ, ଷ୍ଟ୍ରିଟେର "ଦୁଇ ଉତ୍ସ ବିଶିଷ୍ଟ" ଏହି ସୁସମାଚାରକୁ "ଚାରି ଉତ୍ସ ବିଶିଷ୍ଟ" ବୋଲି କୁହନ୍ତି, ଯାହା "ଲୁକଙ୍କଂର ପୁର୍ବ" ଏବଂ "ମାର୍କଙ୍କ Q ପରେ" ।

6. ଏହି ଉପରିସ୍ତ ସମସ୍ତ ସୁସମାଚାରର୍ ସିଦ୍ଧାନ୍ତ ଏକ ପ୍ରକାରର ଭାବନା ଅଟେ, କାରଣ ଏହାର କୈଣସି ଐତିହାସିକ କିମ୍ବା ଲେଖାର ପ୍ରମାଣ ନାହି, ଯାହା ଯାହା "ଲୁକଙ୍କଂର ପୁର୍ବ" ଏବଂ "ମାର୍କଙ୍କ Q ପରେ" କୁ ସପକ୍ଷ ପ୍ରଦାନ କରିଥାଏ ।

   କି ପ୍ରକାର ଭାବରେ ଏହି ସୁସମାଚାର ବିକଶିତ ହୋଇଅଛି ଆହା ବର୍ତମାନର ଲୋକମାନେ ଜାଣନ୍ତି ନାହି, (ଯାହା ପୁରାତନ ନିୟମର ପ୍ରଥମ ପାଚଂଟି ଏବଂ ପରବର୍ତୀ ଭବିଷ୍ୟତ ବକ୍ତା ମାନଙ୍କ ପୁସ୍ତକ ପାଇ ସତ୍ୟ ଅଟେ), କିନ୍ତୁ ଏହା ବାକ୍ୟର ସତ୍ୟତାକୁ କୈଣସି ପ୍ରକରେ ବାଧା ଦିଏ ନାହି ।

7. ନିଶ୍ଚିତ ଭାବରେ ସୁସମାଚାର ପୁସ୍ତକରେ ଅନେକ ସାମାନ୍ୟତା ରହିଅଛି, କିନ୍ତୁ ଅନେକ ଭିନ୍ନତା ମଧ ରହିଅଛି । ଏହି ଭିନ୍ନତା ପ୍ରତକ୍ଷ ଦର୍ଶୀ ମଧରେ ନିଶ୍ଚୟ ଭିନ୍ନତା ପରିଲକ୍ଷିତ ହେବ, ଯୀଶୁଙ୍କଂର ଜିବନୀର ଏହି ତିନି ପ୍ରକାରର ମତବାଦ ସକାଶୁ ପ୍ରାଚୀନ ମଣ୍ଡଳୀ କେବେସୁଧା ବ୍ୟତିବସ୍ତ ହୋଇନଥିଲେ । ବିଭିନ୍ନ ପ୍ରକାରର ଗ୍ରହଣକରି, ଭାଷା (ଆରାମିକ ଓ ଗ୍ରୀକ), ଲେଖା ଶୈଳି ଯୋଗୁ ଅନେକ ସମୟରେ ଟିକିଏ ପ୍ରଭେଦ ଦେଖାଯାଏ ।

   ଏହା ନିଶ୍ଚିତ ଭାବରେ କହିରଖିବା ଦରକାର ଯେ ପବିତ୍ର ଆତ୍ମାଙ୍କ ଚାଳନାରେ ଲେଖକ ମାନଙ୍କୁ ସେମାନଙ୍କଂର ଭାଷା ଓ ଲେଖା ଶୈଳୀର ସମ୍ପୁର୍ଣ ଅଧିକାର ଦିଆଯାଇ ଥିଲା, ଯୋଦ୍ୱାରା ସେମାନେ ଯୀଶୁ ଖ୍ରୀଷ୍ଟଙ୍କଂର ଜିବନି ଏବଂ ଘଟଣାକୁ ଠିକ ଭାବରେ ବର୍ଣନା କରିପାରିବେ, (How to Read the Bible for All Its Worth by Fee and Stuart, pp 113-148) ।

B. ଲୁକ ଯୀଶୁଖ୍ରୀଷ୍ଟଙ୍କ ଜିବନିକୁ ସମ୍ପୁର୍ଣରୁପେ ପ୍ରତକ୍ଷଦର୍ଶୀ ମାନଙ୍କ ନିକଟରୁ ଅଧୟନ କରିଥିଲେ ବୋଲି କୁହନ୍ତି, (ଲୁକ 1:1-4) । ପାଲେଷ୍ଟାଇନର ସିସରିଆର ଅଚଂଳରେ ପାଉଲଙ୍କଂର ବନ୍ଧୀ ଲୁକଙ୍କଂର ସମୟରେ ହୋଇଥିବା ଲୁକ ୧-୨ ଅଧାୟରେ କୁହନ୍ତି, ଏହା ହୁଏତ ୩ ଅଧାୟର ମେରୀଙ୍କଂର ବଂଶାବଳୀର ଉଦେଶ୍ୟ ଅଟେ, (sir, William Ramsay, Was Christ Born at Bethlehem?) ।

C. ଅନେକ ପ୍ରାଚୀନ ମଣ୍ଡଳୀର ନିୟମ ଅନୁସାରେ, ଲୁକ, ପ୍ରେରିତ ପାଉଲଙ୍କ ସହ ପ୍ରଚାର କାର୍ଯ୍ୟରେ ସାଥି ହୋଇଥିଲେ । ଅନେକ ପ୍ରାଚୀନ ମଣ୍ଡଳୀ କୁହନ୍ତି, ଲୁକଙ୍କଂର ସୁସମାଚାର ପାଉଲଙ୍କଂର ଶିକ୍ଷାଦ୍ୱାରା ପ୍ରଭାବିତ ହୋଇଥିଲା । ଏହା କିନ୍ତୁ କେବେବି ଅଣଦେଖା କରାଯାଇ ପାରିବ ନାହି ଯଥା, ଏହା ଠିକ ଭାବରେ ଜାଣିହୁଏ ଯେ, ଭବିଷ୍ୟତବାଣି ଯାହା ଲୁକ, ପ୍ରେରିତ ଏବଂ ପାଉଲଙ୍କ ଲେଖାରେ ସଫଳିତ ହୋଇଥିଲା ।

## VIII. ଲୁକଙ୍କଂର ସୁସମାଚାରର ଗୁରୁତ୍ୱତା

A. ଲୁକଙ୍କଂର ପ୍ରଥମ ଦୁଇ ଅଧାୟ ବଂଶାବଳୀ ସକାଶୁ ୩:୨୩-୨୮ ଅତି ଗୁରୁତ୍ୱ ପୁର୍ଣ, ହୁଏତ ତାହା ମେରୀଙ୍କ ଠାରୁ ଆସିଅଛି ।

B. ଲୁକଙ୍କ ନିମନ୍ତେ ଆଶ୍ଚର୍ଯ୍ୟକର୍ମ ଗୁରୁତ୍ୱପୁର୍ଣ ଅଟେ

1. ନାଇନ ନଗରରେ ବିଧବାର ପୁତ୍ରକୁ ଜିବନ ପ୍ରଦାନ (୭:୧୨-୧୭)
2. ବିଶ୍ରାମ ବାରରେ ଏକ ସ୍ତ୍ରୀକୁ ସୁସ୍ଥତା ପ୍ରଦାନ କରିବା (୧୩:୧୦-୧୭)
3. ବିଶ୍ରାମ ବାରରେ ଏକ ବ୍ୟକ୍ତିକୁ ସୁସ୍ଥତା ପ୍ରଦାନ କରିବା (୧୪:୧-୬)
4. ଦଶ ଜଣ କୁଷ୍ଟରୋଗି ସୁସ୍ଥତା ପାଇଲେ, କିନ୍ତୁ କେବଳ ଜଣେ ଶମିରୋଣିୟ ବ୍ୟକ୍ତି ଧନ୍ୟବାଦ ଦେବାନିମନ୍ତେ ଫେରିଆସି ଥିଲେ (୧୭:୧୧-୧୮)

C. ଲୁକଙ୍କଂର ଗୁରୁତ୍ୱପୁର୍ଣ ଦୃଷ୍ଟାନ୍ତ

1. ଉତ୍ତମ ଶମିରୋଣିୟ (୧୦:୨୫-୩7)

2. ବାରମ୍ବାର ଅନୁରୋଧ କରୁଥିବା ବନ୍ଧୁ (୧୧:୫-୧୩)
3. ମୁର୍ଖ ଧନୀ (୧୨:୧୩-୨୧)
4. ହଜିଲା ମୁଦ୍ରା (୧୫:୮-୧୦)
5. ଦୁଇ ପୁତ୍ର (୧୫:୧୧-୩୨)
6. ଅପବ୍ୟୟକାରି ବେବର୍ତା (୧୬:୧୯-୩୧)
7. ଲାଜାର ଏବଂ ଧନୀ ବ୍ୟକ୍ତି (୧୬:୧୯-୩୧)
8. ଅଧାର୍ମିକ ବିଚାରକର୍ତା (୧୮:୧-୮)
9. ଫାରୁଶୀ ଏବଂ କରଗ୍ରାହି (୧୮:୯-୧୪)

D. ଲୁକଙ୍କର ଦ୍ରୁଷ୍ଟାନ୍ତ, ଯାହାକି ମାଥିଉଙ୍କ ପୁସ୍ତକରେ ସୁଧା ଲିଖିତ, କିନ୍ତୁ ତାହା ଅନ୍ୟ ଭାବରେ ବ୍ୟବହୃତ ହୋଇଅଛି
1. ୧୨:୩୯-୪୬ (ମାଥିଉ ୨୪:୪୩-୪୪)
2. ୧୪:୧୬-୨୪ (ମଥିଉ ୨୨:୨-୧୪)
3. ୧୯:୧୧-୨୭ (ମାଥିଉ ୨୫:୧୪-୩୦)

E. ଅନ୍ୟସମସ୍ତ ଗୁରୁତ୍ଵପୁର୍ଣ ଘଟଣା
1. ପ୍ରଥମ ଦୁଇ ଅଧ୍ୟାୟର ଘଟଣା
2. କରଆଦାୟ କାରି ଏବଂ ଜଖିୟ (୧୯:୧-୧୦)
3. ପିଲାତଙ୍କ ଦ୍ଵାରା ଯୀଶୁଙ୍କୁ ବିଚାରିତ ନିମନ୍ତେ ହେରୋଦ ନିକଟକୁ ପଠାଯିବା (୨୩:୮-୧୨)
4. ଇମ୍ମାୟୁ ରାସ୍ତାରେ ଦୁଇ ବ୍ୟକ୍ତିଙ୍କର ଘଟଣା (୨୪:୧୩-୩୨)

F. ସବୁଠାରୁ ଗୁରୁତ୍ଵପୁର୍ଣ ଲେଖା ଲୁକଙ୍କର ପତ୍ରରେ ଏହା ଦେଖିବାକୁ ମିଳେ, ୯:୫୧-୧୮:୧୪। ଏଠାରେ ଲୁକ, ମାର୍କ କିମ୍ବା "Q" ର ଉସ୍ଥ ଉପରେ ନିର୍ଭର ଶିଳ ନୁହନ୍ତି (ଯୀଶୁଙ୍କ କଥା ନିଶ୍ଚୟ ମାଥିଉଙ୍କ ଦ୍ଵାରା ଲିଖିତ)। ସାମାନ ଘଟଣା ଏବଂ ଶିକ୍ଷାସବୁ ଭିନ୍ନ ଭାବରେ ପ୍ରଦର୍ଶନ କରାଯାଇ ଅଛି। ଏହାର ମୁଖ୍ୟ ଉଦେଶ୍ୟ ହେଲା, ଯିଶୁଙ୍କର ଯିରୁଶାଲେମକୁ ଯାତ୍ରା, ଯାହା ତାହାଙ୍କର କ୍ରୁଶ ଉପରକୁ ଯାତ୍ରା ଥିଲା, (୯:୫୧, ୧୩:୨୨, ୩୩; ୧୭:୧୧; ୧୮:୩୧; ୧୯:୧୧, ୨୮)।

IX. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ଵଷ୍ଟିକରଣ।

1. ବନ୍ଧ୍ୟା, ୧:୭
2. ଉଦ୍ଧାର, ୧:୬;୮
3. ପରିତ୍ରାଣର ଶୃଙ୍ଗ, ୧:୬୯
4. ଜନ ଗଣନା, ୨:୧
5. ଉଦଯୋଗୀ, ୬:୧୫
6. ଇଶ୍ଵରଙ୍କ ରାଜ୍ୟ, ୬:୨୦
7. ବଂଶୀ ବଜାଇବା, ୭:୩୨
8. ସମାଜଗ୍ରୁହର ଅଧକ୍ଷ, ୮:୪୯
9. ଅବଶ୍ୟ ମନୁଶ୍ୟ ପୁତ୍ରଙ୍କୁ କଷ୍ଟ ଭୋଗ କରିବାକୁ ହେବ, ୯:୨୨
10. ଶମିରୋଣିୟ, ୧୦:୩୩
11. ହାୟଃ ଦଣ୍ଡର ପାତ୍ର, ୧୧:୪୨, ୪୩,୪୪, ୪୭, ୫୨
12. ମନ ପରିବର୍ତନ, ୧୩:୩, ୫
13. ସଂକୀର୍ଣ ଦ୍ଵାର, ୧୩:୨୪
14. ଆପଣା କ୍ରୁଶ ବହନ କରି, ୧୪:୨୭
15. ବିଶ୍ଵସ୍ତ, ୧୬:୧୧
16. ବ୍ୟବସ୍ତା ଏବଂ ଭାବବାଦୀ ମାନେ, ୧୬:୧୬
17. ଅବ୍ରାହାମଙ୍କ କୋଳ, ୧୬:୨୨
18. ଚକି ପଥର, ୧୭:୨

19. ବିଜାତି ମାନଙ୍କ କାଳ ସଂମ୍ପୂର୍ଣ ନ ହେବା ପର୍ଯ୍ୟନ୍ତ, ୨୧:୨୪
20. ପ୍ରାଚୀନ ବର୍ଗ ଓ ପ୍ରଧାନ ଯାଜକ, ୨୨:୨୪
21. ପାରଦୀଶ, ୨୩:୪୩

X. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. ଥିୟଫିଲ, ୧:୩
2. ଜିଖରିୟ, ୧:୫
3. ପ୍ରଭୁଙ୍କର ଜଣେ ଦୁତ, ୧:୧୧,୨:୯
4. ଗାବ୍ରୀଏଲ, ୧:୨୬
5. କ୍ୱିରୀଣିୟ, ୨:୨
6. ହାନ୍ନା, ୨:୩୬
7. ତିବିରିୟ, ୩:୧
8. ସାମନ୍ତରାଜା ହେରୋଦ, ୩:୧, ୧୯
9. କୟାଫା, ୩:୨
10. ନାମାନ, ୪:୨
11. ଦକ୍ଷିଣ ଦେଶର ରାଣି, ୧୧:୩୧
12. ଜିଖରିୟ,୧:୪୦
13. ଲାଜାର, ୧୬:୨୩
14. ଜକ୍ଷିୟ,୧୯:୨
15. ଯୋଶେଫ, ୨୩:୫୦
16. କ୍ଲେୟପା, ୨୪:୧୮

XI. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ଗାଲିଲି, ୧: ୨୬
2. ନାଜରିତ, ୧:୨୬
3. ବେଥଲେହେମ, ୨:୪
4. 2xଇତୁରୀୟା, ୩:୧
5. ବେଥସାଇଦା, ୯:୧୦
6. କୋରାଜୀନ, ୧୦:୧୩
7. ସୋର, ୧୦:୧୩
8. କଫର୍ନାହୁମ, ୧୦:୧୫
9. ଶମିରୋଣ, ୧୭:୧୧
10. ସଦୋମ, ୧୭:୨୯
11. ଯିରିହୋ, ୧୯:୧
12. ଇମ୍ମାୟୁ, ୨୪:୧୩
13. ବେଥନୀଆ, ୨୪:୫୦

XII. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ବିଷୟ ପରମେଶ୍ୱର ସର୍ବପ୍ରଥମେ ମେଷପାଳକ ମାନଙ୍କୁ ଜଣାଇବାର ଗୁରୁତ୍ୱ କଣ ଅଟେ?
2. ୨:୪୯, ରେ ଯୀଶୁଙ୍କର ଏପରି କହିବାର ଅର୍ଥ କଣ ଅଟେ?
3. ଲୁକ କି ପ୍ରକାରେ ତାଙ୍କ ବଂଶାବଳୀରେ ପଛକୁ ଆଦମ ପର୍ଯ୍ୟନ୍ତ ଯାଆନ୍ତି?
4. ଶିଷ୍ୟମାନେ କି ପ୍ରକାରେ ୬:୧-୫ରେ ନିୟମ ଭଗ୍ନ କରୁଥିଲେ? ସେମାନେ କୋଉ ନିୟମ ଭଗ୍ନ କରିଥିଲେ?

5. ୬:୪୬ରେ ଯୀଶୁଙ୍କର ବାକ୍ୟକୁ ବୁଝାଅ।
6. ୧୭:୧୮-୨୩ରେ ଯୋହନ କଣ ପାଇ ଯୀଶୁଙ୍କୁ ପ୍ରତିଶ୍ରୁତି ମସିହ ବୋଲି ସନ୍ଦେହ କରିଥିଲେ?
7. କଣ ପାଇ ଗେରାଶିୟ ଅଚଂଳର ଲୋକ ମାନେ ଯୀଶୁଙ୍କୁ ଚାଲିଯିବା ନିମନ୍ତେ ଅନୁରୋଧ କରିଥିଲେ?
8. ୯:୬୨କୁ ନିଜ ଭାଷାରେ ପ୍ରୟୋଗକୁ ବୁଝାଇ ଦିଅ।
9. କେତେବେଳେ ଶୟତାନ ସ୍ୱର୍ଗରୁ ପତନ ହୋଇଥିଲା? (୧୦:୧୮)
10. ଶମିରୋଣିୟ ମାନଙ୍କୁ ଯିହୁଦି ମାନେ କଣ ପାଇ ଘୃଣା କରନ୍ତି?
11. ୧୨:୪୧-୪୮, ନର୍କର ବିଭିନ୍ନ ସ୍ତରର ଯନ୍ତ୍ରଣା ବିଷୟରେ ବର୍ଣନା କରେ କି?
12. ୧୩:୨୮-୩୦ ନିଜ ଭାଷାରେ ବୁଝାଇ ଦିଅ।
13. ୧୫: ୧୧-୩୨ ଦୃଷ୍ଟାନ୍ତର ଉଦେଶ୍ୟ କଣ ଅଟେ?
14. ୧୬:୧୮କୁ ଐତିହାସିକ ବିଷୟକୁ ଆଖି ଆଗରେ ରଖି ନିଜ ଭାଷାରେ ବୁଝାଇ ଦିଅ।
15. ୧୭:୩୪-୩୫, ଗୁପ୍ତ ଭାବରେ ମଣ୍ଡଳୀର ଉର୍ଧଗମନ ବିଷୟରେ କହନ୍ତି କି? ହ କି ନା କାରଣ ଦର୍ଶାଅ।
16. ୨୦:୨କଣ ପାଇ ଏକ ଗୁରୁତ୍ୱପୁର୍ଣ ପ୍ରଶ୍ନ ଅଟେ?
17. ୨୦:୨୦ରେ କୃଷକ ମାନେ କିଏ ଅଟନ୍ତି?
18. ୨୨:୩ ଅନୁସାରେ ଏଷ୍କୋରିୟୋତ ଯିହୁଦା ଦୋଷି ଅଟେ କି?
19. ୨୩:୨୦ ଲୁକଙ୍କର ଲେଖାରେ କଣ ପାଇ ଏକ ଗୁରୁତ୍ୱପୂର୍ଣ ପଦ ଅଟେ?

# ଯୋହନ ଲିଖିତ ପୁସ୍ତକର ସଂକ୍ଷିପ୍ତ ପରିଚୟ

I. **ପ୍ରାରମ୍ଭିକ ବିବରଣ।**

A. ମାଥିଉ ଏବଂ ଲୁକଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ସହିତ ଆରମ୍ଭ କରିଅଛନ୍ତି, ମାର୍କ ଯୀଶୁଖ୍ରୀଷ୍ଟ କଂର ବାପ୍ତିସ୍ମ ସହିତ, କିନ୍ତୁ ଯୋହନ ସୃଷ୍ଟିର ପୂର୍ବରୁ, ଆରମ୍ଭ କରିଅଛନ୍ତି।

B. ଯୋହନ ନାଜରିତୀୟ ଯୀଶୁକଂର ସମ୍ପୁର୍ଣ ଈଶ୍ୱରତ୍ୱତାହାକଂର ପ୍ରଥମ ଅଧ୍ୟାୟ ଠାରୁ ଆରମ୍ଭ କରି, ଶେଷ ଯାଏ ଗୁରୁତ୍ୱ ପ୍ରଦାନ କରନ୍ତି ।ଏହାକୁ ସବୁ ସୁସମାଚାର ପୁସ୍ତକ ସ୍ୱୀକୃତି ପ୍ରଦାନ କରନ୍ତି ("ଈଶ୍ୱର ନିଗୁଢ ତତ୍ତ୍ୱ")।

C. ଯୋହନ ତାହାକଂର ସୁସମାଚାର ପୁସ୍ତକକୁ ଅନ୍ୟ ସମସ୍ତ ସୁସମାଚାର ପୁସ୍ତକ ସମୁହର ଦୃଢ଼କଥନ ସହ ତୋଳି ଅଛନ୍ତି । ସେ ଯୀଶୁଙ୍କ ଜୀବନୀ ଏବଂ ସେବାକୁ ଆଖି ଆଗରେ ରଖି ପୁରତନ ମଣ୍ଡଳିକୁ ପୁର୍ନତା ପ୍ରଦାନ କରି ଅଛନ୍ତି।

D. ଯୋହନ ନିଜର ଉପସ୍ଥାପନାକୁ ମଶୀହ ଯୀଶୁଙ୍କ ମଧ୍ୟରେ ରଖିଅଛନ୍ତି।

1. ସାତଗୋଟି ଅଲୌକିକ କର୍ମ ବା ଚିହ୍ନ, ଏବଂ ତାହାର ବ୍ୟାଖ୍ୟାକରଣ।
2. ସତେଇସ ଗୋଟି ସାକ୍ଷାତକାର ଏବଂ ବ୍ୟକ୍ତିଗତ କଥୋପକଥନ।
3. କେତେକ ଉପାସନା ଏବଂ ପର୍ବପର୍ବାଣିର ଦିନ।
    a. ବିଶ୍ରାମ ଦିବସ।
    b. ନିସ୍ତାର ପର୍ବ (୫-୬ ଅଧ୍ୟାୟ)।
    c. ଆବାସ ସ୍ଥଳ (୭-୧୦ ଅଧ୍ୟାୟ)।
    d. ମନ୍ଦିର ପ୍ରତିଷ୍ଠା ପର୍ବ (୧0:୨୨-୩୯ଅଧ୍ୟାୟ)।
4. "ସ୍ୱୟମ୍ଭୁ" ବକ୍ତବ୍ୟ।
    a.ଈଶ୍ୱରିୟ ନାମ ସହିତ ସଂପୃକ୍ତ. (ଯିହୋବା)।
        1) ମୁ ସେହି (୪:୨୬, ୮:୨୪, ୨୮, ୧୩:୧୯, ୮:୫-୬)।
        2) ଅବ୍ରାହାମକଂପୁର୍ବରୁମୁଅଛି (୮:୫୪-୫୯)।
    b.ଖ୍ରୀଷ୍ଟକଂରନିଶ୍ଚିତତାବିଷୟରେ।
        1) ମୁ ଜୀବନ ଦାୟକ ରୋଟି (୬:୩୫, ୪୧, ୪୮, ୫୧)।
        2) ମୁ ଜଗତର ଜ୍ୟୋତି (୮:୧୨)।
        3) ମୁ ମେଷଗୁଡିକର ଦ୍ୱାର (୧୦:୭, ୯)।
        4) ମୁ ଉତ୍ତମ ମେଷପାଳକ (୧୦:୧୧,୧୪)।
        5) ମୁ ପୁନରୁଥାନ ଓ ଜୀବନ (୧୧:୨୫)।
        6) ମୁ ପଥ, ସତ୍ୟ ଓ ଜୀବନ (୧୪:୧୬)।
        7) ମୁ ଦ୍ରାକ୍ଷାଲତା (୧୫:୧,୫)।

E. ଯୋହନ ଏବଂ ଅନ୍ୟ ସୁସମାଚାର ପୁସ୍ତକ ମଧ୍ୟରେ ପାର୍ଥକ୍ୟ।

1. ଖ୍ରୀଷ୍ଟକଂ ବିଷୟରେ ଯୋହନକଂ ଉଦେଶ୍ୟ ସତ୍ୟ ଅଟେ, ଏବଂ ତାକଂର ଐତିହାସିକ ଓ ଭୌଗଳିକ ତଥ୍ୟ ଏବଂ ବିବରଣି ସୁଧା ସତ୍ୟ ଅଟେ। ଏଣୁ ଅନ୍ୟ ସୁସମାଚାର ପୁସ୍ତକ ଏବଂ ଯୋହନକଂ ପୁସ୍ତକ ମଧ୍ୟରେ ପ୍ରଭେଦ ଅନିଶ୍ଚିତତା ଅଟେ।
    a. ପ୍ରାଚିନ ଯିହୁଦୀୟ ସେବା, (ମନ୍ଦିର ପରିଛନ୍ନତା)।
    b. ଯୀଶୁ ଖ୍ରୀଷ୍ଟକଂ ଅନ୍ତିମ ସପ୍ତାହ ଏବଂ କାଳାନୁକ୍ରମ।
2. ଯୋହନ ଏବଂ ଅନ୍ୟ ସୁସମଚାର ପୁସ୍ତକ ମାନକଂର ମଧ୍ୟରେ ଥିବା ସ୍ପଷ୍ଟ ପାର୍ଥକ୍ୟ ବିଷୟରେ ଆଲୋଚନା କରିବା ସାହାଯ୍ୟ କାରି ହୋଇପାରେ । "George Eldon Ladd from *A Theology of the New Testament* on the differences:" ରେ ଥିବା ଭିନ୍ନତା ପାଇ ଉକ୍ତ ମତ ପ୍ରଦାନ କରନ୍ତି-

a. ୪ର୍ଥ ସୁସମାଚାର ଅନ୍ୟ ସବୁ ସୁସମାଚାର ଠାରୁ ଏତେ ପରିମାଣରେ ଅଲଗାଯେ, ଏହି ସୁସମାଚାର ପୁସ୍ତକ ସଠିକ ଭାବେ ଯୀଶୁ ଖ୍ରୀଷ୍ଟାଙ୍କ ଜୀବନୀ ଓ ଶିକ୍ଷାର ପ୍ରକାଶ କରାଯାଇଅଛିକି ନାହି ବୋଲି ମଧ ପ୍ରଶ୍ନ ଉଠେ। ଅବା ଖ୍ରୀଷ୍ଟିୟାନ ବିଶ୍ୱାସ ଏପରି ଭାବେ ବଦଳିଯାଇଅଛି, ଯାହାକି ବାଇବଲ ଭିତିକ ଶିକ୍ଷାକୁ ପ୍ରଭାଭିତ କରିଅଛି । (ପୃ. ନଂ- ୨୧୫)

b. ଏହି ସମସ୍ୟାର ସବୁଠାରୁ ନିକଟତର ସମାଧାନ ଯୋହନଙ୍କ ଲେଖାଶୈଳିରୁ ଯିଶୁଙ୍କ ଶିକ୍ଷାର ପରିଲକ୍ଷୀତ ହୁଏ।ଯଦି ତାହାଠିକ, ତେବେ ଯୋହନଙ୍କ ସୁସମାଚାର ସମସ୍ତ ପ୍ରକାର ପ୍ରତିଘାତ ମଧରେ ଗତି କରିଅଛି । ମାଲତାଏହା ଅନ୍ୟ ଏକ ଗୁରୁତ୍ୱ ପ୍ରଶ୍ନର ସମ୍ମୁଖୀନ କରାଏ । ଯୋହନଙ୍କ ସୁସମାଚାର କେତେ ପରିମାତ୍ରାରେ ଯୀଶୁଙ୍କ ଶିକ୍ଷା ବ୍ୟତିତ ଯୋହନଙ୍କ ଶିକ୍ଷା ରହିଅଛି? କେତେ ପରିମାତ୍ରାରେ ଯୀଶୁଙ୍କର ଶିକ୍ଷା ଯୋହନଙ୍କ ନିକଟରେ ରହିଥିଲା, ଯାହାଦ୍ୱାରା ଅଜି ଆମ ପାଖରେ ଯୀଶୁଙ୍କ ପ୍ରକୃତ ଶିକ୍ଷାବଦଳରେ ଯୋହନଙ୍କ ବ୍ୟାଖ୍ୟା ରହିଅଛି । (ପୃ. ନଂ- ୨୧୫) ।

c. Ladd W. F. Albright from "Recent Discoveries in Palestine and the Gospel of John" in *The Background of the New Testament and Its Eschatology* edited, byW.D.Daviesand D. Daube.

"ଯୋହନଙ୍କ ଶିକ୍ଷା ଏବଂ ଅନ୍ୟ ସୁସମାଚାର ମଧରେ କୌଣସି ମୌଳିକ ପାର୍ଥକ୍ୟ ନାହି, ପାର୍ଥକ୍ୟ ସେତେବେଳେ ଦେଖାଯାଏ, ଯୋଉ ସମୟରେ ଖ୍ରୀଷ୍ଟଙ୍କ ସହିତ ଅନେକ ପାରମ୍ପାରିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଏ । ଯିଶୁଙ୍କ ଶିକ୍ଷାକୁ ପରିବର୍ତନ କରିବା କିମ୍ବା କୌଣସି ନୂତନ ବିଷୟର ଯୋଗ କରିବାର କୌଣସି କାରଣ ଦେଖାଯାଏ ନାହି । କିନ୍ତୁ ପ୍ରାଚୀନ ମଣ୍ଡଳୀର ପ୍ରଭାବ ଏବଂ ଏକ ସମିକରଣର ସିମାକୁ ଦେଖାଇବା ପାଇ ଏବଂ ବାକ୍ୟର ଗୁରୁତ୍ୱତାକୁ ପ୍ରକାଶିତ କରିବା ପାଇ କିଛି ପରିମାଣରେ ସୀମାକୁ ନିରୁପଣ କରାଯାଇ ଅଛି ।

ନୂତନ ନିୟମର ପଣ୍ଡିତମାନେ ପ୍ରାଚୀନ ଯୁଗର ଖ୍ରୀଷ୍ଟଧର୍ମର ପଣ୍ଡିତ ମାନଙ୍କର ଚିନ୍ତାଧାରା ଅନୁସାରେ ଚିନ୍ତାକରି ଯୋହନ ଏବଂ ଯୀଶୁଙ୍କର ସୁସମାଚାରକୁ ବିଭିନ୍ନ ମତ ପ୍ରଦାନ କରନ୍ତି । ଅନେକ ସମୟରେ ଏହି ପଣ୍ଡିତ ମାନେସୁଧା ଅନେକ ଭିନ୍ନ ଭିନ୍ନ ମତ ପ୍ରଦାନ କରନ୍ତି, କାରଣ ଏହା ଏକ ବ୍ୟକ୍ତି ଠାରୁ ଅନ୍ୟ ବ୍ୟକ୍ତି ମଧରେ ଅଲଗା ହୋଇଥାଏ । କେହିଜଣେ ସୁଧା ସମସ୍ତ ବ୍ୟକ୍ତିଙ୍କର ମତଦାନ ସମାନ ବୋଲି କହିପାରିବେ ନାହି"। (ପୃ. ନଂ- ୧୭୧) ।

d. ପୁନର୍ବାର George E. Ladd, କହନ୍ତି,

"ଅନ୍ୟମାନଙ୍କର ଭିନ୍ନତା ଯୋହନ ଏବଂ ଅନ୍ୟମାନଙ୍କର ଶିକ୍ଷା ଅଲଗା ବୋଲି ପ୍ରକାଶ କରେ ନାହି, କିନ୍ତୁ ସମସ୍ତେ ଧର୍ମଶାସ୍ତ୍ରର ଶିକ୍ଷା ଅନ୍ୟାନ୍ୟ ଭାବେ ପ୍ରକାଶ କରନ୍ତି। ହୋଇପାରେ ଐତିହାସିକ ବର୍ଣ୍ଣନା, ଘଟଣାବଳୀର ବର୍ଣ୍ଣନା ଅପେକ୍ଷା ଅଧିକ କହିଥାଏ । ଯଦି ଯୋହନ ଧର୍ମଶାସ୍ତ୍ର ଅନୁସାରେ ବର୍ଣ୍ଣନା କରନ୍ତି, ତେବେ ସେ ଏହି ଐତିହାସିକ ଘଟଣାବଳୀର ସତ୍ୟତା ବିଷୟରେ ନିଶ୍ଚିତ ଅଟନ୍ତି । କେବେବି ସୁସମାଚାର ଲେଖକ ମାନଙ୍କର ଉଦେଶ୍ୟ ଯୀଶୁଖ୍ରୀଷ୍ଟଙ୍କ ଜୀବନୀର ବିବରଣୀ ଦେବା ନିମନ୍ତେ ନୁହେ, କିନ୍ତୁ ସେମାନେ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାକୁ ମଧସ୍ତ କରି ଉଲ୍ଲେକ୍ଷ କରିଅଛନ୍ତି । ମାଥିଉ ଏବଂ ଲୁକ, ସ୍ୱାଧୀନ ଭାବରେ ମାର୍କଙ୍କର ତଥ୍ୟକୁ ଶିକ୍ଷାକୁ ଯୀଶୁଙ୍କର ଜୀବନ ଉପରେ ଆଧାର କରି ସଜାଡିଅଛନ୍ତି । ଯଦି ଯୋହନ, ମାଥିଉ ଏବଂ ଲୁକଙ୍କ ଠାରୁ ଅଧିକ ସ୍ୱାଧିନ ଭାବରେ ନିଜ ସୁସମାଚାରକୁ ଉପସ୍ଥାପନା କରୁଛନ୍ତି, ତେବେ ସେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନିକୁ ଗଭୀର ଭାବେ ଆଲୋଚନା କରୁଅଛନ୍ତି । (ପୃ, ନଂ- ୨୨୧-୨୨୨)

## II. ଲେଖକ ।

A. ଏହି ସୁସମାଚାର ଅନାମ ଭାବେ ରହିଅଛି କିନ୍ତୁ ଯୋହନଙ୍କ ବିଷୟରେ ଅନେକ ସୂଚନା ରହିଅଛି,

1. ସେ ଜଣେ ପ୍ରତ୍ୟକ୍ଷ ଦର୍ଶୀ ବ୍ୟକ୍ତି ଅଟନ୍ତି, (୧୯:୧୫) ।
2. ପ୍ରିୟତମ ଶିଷ୍ୟ (ଏହା ଯୋହନଙ୍କୁ ଦର୍ଶାଏ ବୋଲି ପଲିକ୍ରପ ଏବଂ ଇରାନସ କହନ୍ତି) ।
3. ଜେବଦୀଙ୍କ ପୁତ୍ର ଯୋହନଙ୍କ ବିଷୟରେ ଏହି ସୁସମାଚାର ପୁସ୍ତକରେ ଲେଖାଯାଏ ନାହି ।

B. ଏହି ସୁସମାଚାର ପୁସ୍ତକରୁ ଐତିହାସିକ ଘଟଣା ଦେଖାଯାଏ, ଏଣୁ ଲେଖକଙ୍କ ବିଷୟରେ କୌଣସି ସମସ୍ୟା ନୁହେ, କେବଳ ଅନୁପ୍ରେରିତ ବ୍ୟକ୍ତିଙ୍କର ମତଦାନ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଲେଖକ ଏବଂ ସମୟ ଏହି ପୁସ୍ତକର ଅନୁପ୍ରେରଣକୁ ପ୍ରଭାଭିତ କରେ ନାହି, କିନ୍ତୁ ବିଦ୍ୱାନ ବ୍ୟକ୍ତିମାନେ ନିଜ ଲେଖା ନିମନ୍ତେ ଏହି ସବୁର ଅନୁସନ୍ଧାନ କରନ୍ତି । (୧) ଯୀହୁଦୀଙ୍କର ଦୁଇ ଯୁଗ, (୨) ପ୍ରଚୀନ ଧାର୍ମିକତାର ଶିକ୍ଷା, (୩) ପ୍ରାଚୀନ ଧର୍ମ, (୪) ବୁଦ୍ଧିର କଥା, (୫) ଯୀଶୁଖ୍ରୀଷ୍ଟଙ୍କ ଚିନ୍ତାଧାରା, ଏହି ସବୁକୁ ଯୋହନଙ୍କ ଦୁଇ ମତବାଦ ଦ୍ୱାରା ମିଳାଯିବା ଅଦରକାରି ଅଟେ ।

C. ପ୍ରାଚୀନ ଚିନ୍ତାଧାରା ଅନୁସାରେ ଜେବଦୀଙ୍କ ପୁତ୍ର ଯୋହନ ପ୍ରତ୍ୟକ୍ଷବାଦୀ ଅଟନ୍ତି ବୋଲି ମତଦାନ କରନ୍ତି । ଏହାକୁ ସ୍ପଷ୍ଟିକରଣ କରାଯିବା ଆବଶ୍ୟକ, କାରଣ ଦ୍ୱୀତିୟ ଶତାବ୍ଦୀରେ ସୁସମାଚାର ବାହିକ ସମ୍ପର୍କ ସହ ମିଳିତ ହୋଇଥାଏ ।

1. ସାଥି ବିଶ୍ୱାସି ଏବଂ ଏଫିସୀୟ ମଣ୍ଡଳୀର ନେତାମାନେ ଶିଷ୍ୟମାନଙ୍କୁ ପୁନର୍ବାର ଲେଖିବା ନିମନ୍ତେ ଆଗ୍ରହୀ କଲେ । (Eusebius quotes Clement of Alexandria) ।

2. ଯୋହନଙ୍କ ସାଥୀ ପ୍ରେରିତ, ଆନ୍ଦ୍ରିୟ ମଧ୍ୟ ପ୍ରେରଣା ପ୍ରଦାନ କରିଥିଲେ । (The Muratorian Fragment, ଖ୍ରୀ. ପୂ 180-200, from Rome)

D. ଲେଖାଶୈଳୀ ଏବଂ କେତେକ ଧାରଣା ଏଦ୍ୱାରା ବର୍ତମାନର କେତେକ ବିଦ୍ୱାନ ବ୍ୟକ୍ତିମାନେ ଏହି ପୁସ୍ତକର ଅନ୍ୟଏକ ଲେଖକ ଅଛନ୍ତି ବୋଲି କହନ୍ତି । ଅନେକ କହନ୍ତି ଏହା ଦ୍ୱୀତିୟ ଶତାବ୍ଦୀର ଆଗକୁ ଲେଖାହୋଇ ଅଛି । (ଖ୍ରୀ.ପୂ 115) ।

1.ଯୋହନଙ୍କ ଶିଷ୍ୟମାନଙ୍କ ଦ୍ୱାରା ଲିଖିତ ଅବା ତାଙ୍କ ଶିକ୍ଷା ଯୋଉମାନେ ସ୍ମରଣରେ ରଖିଥିଲେ ସେହି ବ୍ୟକ୍ତିମାନଙ୍କ ଦ୍ୱାରା, (J. Weiss, B. Lightfoot, C. H. Dodd, O. Cullmann, R. A. Culpepper, C. K. Barrett) ।

2. ଅନେକେ ମତଦାନ କରନ୍ତି ଯାହାକି ପ୍ରଚୀନ ଯୋହନଙ୍କ ଦ୍ୱାରା ଲିଖିତ ହୋଇଅଛି, (ଏସିଆର ପୁରାତନ ପ୍ରାଚୀନ ମାନେ ଯୋହନଙ୍କ ଶାସ୍ତ୍ର ପାଣ୍ଡିତ୍ୟତା ଏବଂ କଥାଦ୍ୱାରା ପ୍ରଭାବିତ କରିଥିଲେ), ଯାହାକି ପାପିରସର ପ୍ରାଚୀନ ଲେଖାରୁ ଉଦ୍ଧାର କରାଯାଇ ଅଛି । (ଖ୍ରୀ.ପୂ70-146) quoted by Eusebius (ଖ୍ରୀ. ପୂ 280-339) ।

E. ଯୋହନ ତାଙ୍କ ସୁସମାଚାରର ପ୍ରାଥମିକ ଉପାଦାନ ପ୍ରକାଶ କରୁଥିବାର ପ୍ରମାଣ ସମୁହ,

1. ଆଭ୍ୟନ୍ତରିଣ ପ୍ରମାଣ ।

a. ଲେଖକ ପୁରାତନ ନିୟମର ସମସ୍ତ ନିତି ନିୟମକୁ ଭଲଭାବେ ଜାଣିଅଛନ୍ତି ।

b. ଲେଖକ ଖ୍ରୀ.ପୂ ୭୦ ସମୟରେ ପାଲେଷ୍ଟାଇନ ଏବଂ ଯେରୁଶାଲେମ ବିଷୟରେ ଜାଣିଅଛନ୍ତି ।

c. ଲେଖକ ନିଜେ ପ୍ରତ୍ୟକ୍ଷଦର୍ଶୀ ବୋଲି ଦାବି କରନ୍ତି ।

1) ୧:୧୪

2) ୧୯:୩5

3) ୨୧:୨୪

d. ଲେଖକ ନିଜକାମକୁ ଭଲ ଭାବରେ ଜାଣନ୍ତି ଏବଂ ସ୍ମରଣରେ ରଖିଅଛନ୍ତି ।

1) ସମୟ ଏବଂ ସ୍ଥାନର ବିଶେଷ ତଥ୍ୟ, (ରାତ୍ରୀର ବିଚାର ସମୟ) ।

2) ଗଣନାର ସମ୍ପୂର୍ଣ୍ଣ ସଠିକ ବିବରଣ, (ପାଣି ଜାହାଲା ୨:6, ମାଛ ୨୧:୧୧) ।

3) ବ୍ୟକ୍ତି ବିଶେଷକଂର ସଂକ୍ଷିପ୍ତ ବିବରଣି ।

4) ଲେଖକ ପ୍ରତ୍ୟକ ଘଟଣା ଏବଂ ତାର ପ୍ରତିକ୍ରିୟା ପ୍ରଦାନ କରନ୍ତି ।

5) ଲେଖକ ପ୍ରିୟତମ ଶିଷ୍ୟ ଭାବେ ପରିଚିତ,

a) ୧୩:୨୩, ୨୫

b) ୧୯:୨୬-୨୭, ୩୪-୩୫

c) ୨୦:୨-୫, ୮.

d) ୨୧: ୭, ୨୦-୨୪

6)ଲେଖକ ପିତରଙ୍କ ସହିତ ରହିବା ପରିଲକ୍ଷିତ ହୁଏ,

a) ୧୩:୨୪

b) ୨୦:୨

c) ୨୧:୭

7) ଜେବଦିଙ୍କ ପୁତ୍ର ଯୋହନ, ଏହି ନାମ ଯୋହନଙ୍କ ସୁସମାଚାରରେ ଦେଖାଯାଏ ନାହି । ଏହା ଏକ ଅସାଧାରଣ ବିଷୟ, କାରଣ ସେ ଜଣେ ଶିଷ୍ୟ ଅଟନ୍ତି ।

e. ବାହ୍ୟିକ ପ୍ରମାଣ ।

1) ସୁସମାଚାର ଜଣାଇଥିବା ବ୍ୟକ୍ତି ।

a) ଇରାନିଅସ, ଯେ ପଲିକ୍ରପଙ୍କ ସାଥିରେ ଥିଲେ, ସେ ଯୋହନଙ୍କୁ ଜାଣିଥିଲେ (Eusebius' *Historical Eccleasticus*5:20:6-7),"ଯୋହନ ଯୀଶୁଙ୍କ ବକ୍ଷରେ ଢଳିବା ସେ ପ୍ରକାଶ କରନ୍ତି ଓ ସେ ଏସିୟା ଏବଂ ଏଫିସିୟ ଠାରେ ସୁସମାଚାର ପ୍ରଚାର କରିଥିଲେ", (*Haer*,3:1:1, quoted in Eusebius' *Hist. Eccl.* 5:8:4) ।

b) (Clement of Alexandria, ଖ୍ରୀ.ପୂ 153-217, Eusebius' Historical Eccleasticus 6:14:7) ଯୋହନ ପ୍ରଭୁଙ୍କ ଆତ୍ମା ଏବଂ ତାଙ୍କ ବନ୍ଧୁ ମାନଙ୍କ ଦ୍ୱାରା ପ୍ରେରିତ ହୋଇ ଏହି ପୁସ୍ତକ ଟିକୁ ଲେଖିଅଛନ୍ତି ।

c) ଜଷ୍ଟିନ୍ ମାର୍ଟୀଅର, ଟ୍ରିଫୋଙ୍କ ସହିତ କଥୋପକଥନରେ ପ୍ରକାଶ କରନ୍ତି, (ଖ୍ରୀ. ପୂ 110-165) ।

d) ଟେର୍ଟୁଲିଆନ, (ଖ୍ରୀ. ପୂ 145-220)

2) ଯୋହନଙ୍କ ଲେଖା ଉପରେ ପ୍ରାଚୀନଙ୍କ ପ୍ରତକ୍ଷ୍ୟଦର୍ଶୀ ।

a) ପଅଲିକ୍ରପ, ଯେ ଏକ ସ୍ମୁର୍ଣାର ବିଶପ ଥିଲେ, (ଖ୍ରୀ. ପୂ 70-156, recorded by Irenaeus) ।

b) ପାପିଅସ, ସେ ଏକ ବିଶପ ଥିଲେ ଏବଂ କୁହାଯାଏ ଯେ ସେ ଯୋହନଙ୍କ ଜଣେ ଶିଷ୍ୟ ଥିଲେ, (ଖ୍ରୀ. ପୂ 70-146, recorded by the Anti-Marconite Prologue from Rome and Eusebius) ।

F.ଯୋହନଙ୍କୁ ଲେଖକ ହିସାବରେ ସନ୍ଦେହ କରା ଯିବାର କାରଣ,

1. ସୁସମାଚାର ଏବଂ ଶାସ୍ତ୍ର ବୁଦ୍ଧୀ ସାରାଂସର ପରସ୍ପର ମିଳନ ।
2. ଯୋହନଙ୍କ ସୁସମାଚାର ପୁସ୍ତକର ଶେଷ ଅଧ୍ୟାୟର ଲିଖନ ।
3. ଅନ୍ୟ ସୁସମାଚାର ପୁସ୍ତକ ମାନଙ୍କ ସହିତ ଅମିଳନତା ।
4. ଯୋହନ ନିଜକୁ କେବେବି 'ଯୀଶୁଙ୍କ ପ୍ରିୟଶିଷ୍ୟ' ବୋଲି ଦର୍ଶାଇ ନ ଥାନ୍ତେ ।
5. ଯୋହନଙ୍କ ସୁସମାଚାରରେ ଯୀଶୁଙ୍କ ଶବ୍ଦର ବ୍ୟବହାର ଅନ୍ୟସବୁ ସୁସମାଚାର ଠାରୁ ଅଲଗା ।

G. ଯଦି ଆମ୍ଭେମାନେ ଯୋହନଙ୍କୁସୁସମାଚାର ପୁସ୍ତକର ଲେଖକ ବୋଲି ଭାବିନୋଉ, ତେବେ ଯୋହନଙ୍କ ବିଷୟରେ କଣ ଜାଣିପାରିବା?

1. (ଇରାନିୟସ କହନ୍ତି), ଯୋହନ ଏଫିସିୟ ଠାରୁ ଲେଖିଥିଲେ।
2. ସେ ନିଜର ବୃଧା ଅବସ୍ଥାରେ ଏହି ସୁସମାଚାର ପୁସ୍ତକ ଲେଖିଥିଲେ, (ଇରାନିୟସ କହନ୍ତିସେ ଖ୍ରୀ. ପୂ ୯୮-୧୧୭, ଟାର୍ଜନଙ୍କ ଶାସନ କାଳପର୍ଯ୍ୟନ୍ତ ସେ ଜୀବିତ ଥିଲେ)।

III. ସମୟ ଏବଂ ତାରିଖ।

A. ଯଦି ଆମେ ଯୋହନ ବୋଲି ଧରିନଉ,

1. ଏହା ଖ୍ରୀଷ୍ଟପୂର୍ବ ୭୦ ପୂର୍ବରୁ ଲେଖାଯାଇ ଅଛି, ଯୋଉସମୟରେ ଯିରୁଶାଲମ ମନ୍ଦିର ରୋମିୟ ସୌନ୍ୟ ତିତସଙ୍କ ଦ୍ୱାରା ଧ୍ୱଂସ ହୋଇ ନ ଥିଲା, କାରଣ,
   a. ଯୋହନ ୫:୨, ବେଥେସଦା ପୁଷ୍କରିଣିର ଅବସ୍ଥିତି।
   b. 'ଶିଷ୍ୟ' ଯାହାକି ଯୀଶୁଙ୍କ ଠାରୁ ନିର୍ଦ୍ଦେଶ ପାଇଥିବା ଶିଷ୍ୟମାନଙ୍କୁ ବୁଝାଏ, ତାହା ଏହି ସୁସମାଚାର ପୁସ୍ତକରେ ବାରମ୍ବାର ବ୍ୟବହୃତ ହୋଇଛି।
   c. ମୃତ ସାଗରରୁ ଆବିଷ୍କୃତ ଲେଖାର ଉଦ୍ଭାବନ।
   d. ଯିରୁଶାଲମ ମନ୍ଦିରର ଧ୍ୱଂସ ବିଷୟରେ ବର୍ଣ୍ଣିତ ନ ହେବା।
   e. ଆର୍ଲବର୍ଟ କୁହନ୍ତି, 'ଏହା ଖ୍ରୀଷ୍ଟପୂର୍ବ ୭୦-୮୦ ମଧ୍ୟରେ ଲେଖାଯାଇ ଅଛି'।
2. ପ୍ରଥମ ଶତାବ୍ଦୀ ପରେ।
   a. ଯୋହନଙ୍କ ସୁସମାଚାର ବିକଶିତ ହେବା।
   b. ଯିରୁଶାଲମର ପତନ ବିଷୟର କୌଣସି ବର୍ଣ୍ଣନା ଦେଖାନ ଯିବା।
   c. ଯୋହନଙ୍କର ଗମ୍ଭୀର ସମ୍ବନ୍ଧିୟ ବାକ୍ୟର ବ୍ୟବହାର।
   d. ଆଦ୍ୟ ମଣ୍ଡଳୀର ପରମ୍ପରାର ବିଷୟ,
      1) ଇରାନିଅସ
      2) ଏସୁବିଅସ

B. ଯଦି ପ୍ରାଚିନ ଯୋହନଙ୍କୁ ବୋଲି ଧରାଯାଏ, ତେବେ ତାହା ଦ୍ୱୀତିୟ ଶତାବ୍ଦୀର ମଧ୍ୟବର୍ତୀ ସମୟ ହୁଏତ ଖୁବ ଶିଘ୍ର ହୋଇପାରେ, ଯେତେବେଳେ ଡାଇନୋସିଅସ ଯୋହନଙ୍କୁ ସୁସମାଚାରର ଲେଖକ ବୋଲି ଗ୍ରହଣ କଲେ ନାହି। ସେହି ସମୟରେ ଇଉଶେବିଉଶ ପ୍ରକଶିତ ପୁସ୍ତକର ଲେଖା ଶୈଳୀ ଏବଂ ଧର୍ମତତ୍ତ୍ୱ ଯୋଗୁ ଯୋହନଙ୍କୁ ତାହାର ଲେଖକ ଭାବରେ ଅଗ୍ରାହ୍ୟ କଲେ, କାରଣ ସେ ପାପିଅସରେ ଏକ ନୂଆ ଯୋହନଙ୍କୁ ଯଥା ସମୟରେ ଖୋଜିପାଇ ଥିଲେ ବୋଲି ଚିନ୍ତା କରିଥିଲେ, ଯାହାକି ଦୁଇଗୋଟି ଯୋହନଙ୍କର ପରିଚୟ ପ୍ରଦାନ କରିଥାଏ ଯଥା, (1) ଶିଷ୍ୟ ଯୋହନ (2) ପ୍ରାଚିନ ଯୋହନ।

IV. ଗ୍ରହଣ କାରୀ।

A. ପ୍ରକୃତରେ ଏହା ଏସିଆ ସାମମ୍ରାଜ୍ୟର ମଣ୍ଡଳୀଗୁଡିକୁ ଲେଖାଯାଇ ଥିଲା, ପ୍ରଧାନତଃ ଏଫିସିୟ ମଣ୍ଡଳୀକୁ।

B. କାରଣ, ଗ୍ରୀକ ଭାଷାବାଦୀ ବିଜାତୀ ମାନଙ୍କ ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ଜୀବନିର ସୁସମାଚାର ମୂଳଦୁଆ ସ୍ୱରୁପ ହୋଇଥିଲା।

V. ଉଦ୍ଦେଶ୍ୟ/ ଅଭିପ୍ରାୟ।

A. ଏହି ସୁସମାଚାର ଏହାର ମୁଖ୍ୟ ଉଦ୍ଦେଶ୍ୟକୁ (୨୦:୩୦-୩୧) ରେ ପ୍ରକାଶ କରୁଅଛି,

1. ଯୀହୁଦିୟ ପାଠକ ମାନଙ୍କ ନିମନ୍ତେ ।
2. ବିଜାତିୟ ପାଠକ ମାନଙ୍କ ନିମନ୍ତେ ।
3. ପ୍ରାଥମିକ ପଣ୍ଡିତ ମାନଙ୍କ ନିମନ୍ତେ ।

B. ଏହି ସୁସମାଚାର ପ୍ରତିରକ୍ଷା କରିବା ଶୈଳୀରେ ଲେଖାଯାଇ ଅଛି ।
1. ଏହା ଯୋହନଙ୍କ ଧର୍ମାନ୍ଧ ଅନୁଗମନକାରି ମାନଙ୍କ ବିରୋଧରେ ଲେଖାଯାଏ ।
2. ଭୁଲ ଶିକ୍ଷା ଦେଉଥିବା ଶିକ୍ଷକ ମାନଙ୍କ ବିରୋଧରେ, ଯାହାକି ନୂତନ ନିୟମରେ ଇତିହାସରେ ବହୁ ମାତ୍ରାରେ ଦେଖାଯାଏ ।
   a. ଏଫିସିୟର ବ୍ୟକ୍ତି ମାନଙ୍କ ପାଇ ।
   b. କଲସିୟ ବ୍ୟକ୍ତି ମାନଙ୍କ ପାଇ ।
   c. ପାଳକିୟ ପତ୍ରମାନଙ୍କୁ, (୧ମ ଏବଂ ୨ୟ ତୀମଥୀ, ଏବଂ ତୀତସ) ।
   d. ଯୋହନଙ୍କ ପ୍ରଥମ ପତ୍ର, (ଏହା ହୁଏତ ଯୋହନଙ୍କ ସୁସମାଚାର ନିମନ୍ତେ ଆବରଣର ପତ୍ର ଭଳି କାର୍ଯ୍ୟ କରେ) ।

C. ଏହି ସୁସମାଚାରେ ଏହି ପ୍ରକାରେ ଦେଖାଯାଏ ଯେ, ବର୍ତମାନ କାଳର ବ୍ୟବହାର ହୋଇଥିବା ଯୋଗୁଏହି ପୁସ୍ତକର ମୁଖ୍ୟପଦଟିକୁ (୨୦:୩୦) ସକ୍ରିୟ ସୁସମାଚାର ପ୍ରଚାରର ସାରାଂଶ ଭାବେ ନିଆଯାଇ ଥାଏ । ଯଦି ସେପରି ହୁଏ, ତେବେ ଯୋହନ, ଯାକୁବଙ୍କ ଶଦ୍ରୁଶ୍ୟ ଏସିଆର ଲୋକଙ୍କର ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରୁଥିବା ପାଉଲଙ୍କ ସୁସମାଚାରକୁ ସନ୍ତୁଳନ ପ୍ରଦାନ କରୁଅଛି । ଏହା ସମ୍ପୁର୍ଣ୍ଣ ରୁପେ ଆଶ୍ଚର୍ଯ୍ୟ ଜନକ ଅଟେ, ଯେ ପ୍ରାଚୀନ ମଣ୍ଡଳୀର ରିତିନିତି ଏଫିସିୟର ଯୋହନଙ୍କ ସହିତ ପରିଚିତ ପ୍ରଦାନ କରେ କିନ୍ତୁ ପାଉଲଙ୍କ ଦ୍ୱାରା ନୁହେ । (F. F. Bruce's*Peter,Stephen,James andJohn: Studies in Non-Pauline Christianity*, pp. 120-121)

D. ଏହି ସୁସମାଚାରର ଶେଷ ଅଧ୍ୟାୟ ୨୧, ଯାହାକି ପ୍ରାଚୀନ ନଣ୍ଡଳୀର କେତେକ ପ୍ରଶ୍ନର ଉତ୍ତର ପ୍ରଦାନ କରେ ।
1.ଯୋହନ ତାଙ୍କ ସୁସମାଚାରକୁ ପରିପୂରକ ପ୍ରଦାନ କରନ୍ତି, ସେ ଯିରୁଶାଲମର, ଯୁଦିଆ ଅଚଂଳକୁ ପ୍ରାଧାନ୍ୟତା ଦେଇଅଛନ୍ତି ।
2. ଯୋହନଙ୍କ ଶେଷ ଅଧ୍ୟାୟଟି ତିନିଗୋଟି ପ୍ରଶ୍ନ ଅଧିକାର କରିଅଛି ।
   a. ପିତରଙ୍କ ପୁନଃସ୍ଥାପନ ।
   b. ଯୋହନଙ୍କ ସମୟସୀମା ।
   c. ଯୀଶୁଙ୍କ ଆଗମନର ବିଳମ୍ବ ।

E. ଅନେକ କୁହନ୍ତି, ଯଦିଚ ଯୋହନଙ୍କ ପାଖରେ ଖ୍ରୀଷ୍ଟିୟ ଧର୍ମର ସଂସ୍କାର ତଥା ବାପ୍ତିସ୍ମ (୩ ଅଧ୍ୟାୟ), ଏବଂ ପ୍ରଭୁଭୋଜ (୬ ଅଧ୍ୟାୟ)କୁ ବର୍ଣ୍ଣନା କରିବାର ସୁବିଧା ରହିଥିଲେ ସୁଧା ସେ ଜାଣିଶୁଣି ଅବହେଳା କରୁଅଛନ୍ତି ।

VI. ପ୍ରାଥମିକ ଚିଠା ।

A. ଶାସ୍ତ୍ରଜନୀତ/ ଦାର୍ଶନିକ ଭୂମିକା,(୧:୧-୧୮ ଅଧ୍ୟାୟ), ଏବଂ ବାସ୍ତବିକ ଉପସଂହାର,(୨୧ ଅଧ୍ୟାୟ) ।

B. ଯୀଶୁଙ୍କର ଜାଗତିକ ସେବାକାର୍ଯ୍ୟର ସାତ ଗୋଟି ଆଶ୍ଚର୍ଯ୍ୟ କର୍ମ, (ଅଧ୍ୟାୟ ୨-୧୨), ଏବଂ ତାର ବ୍ୟାଖ୍ୟାକରଣ ।
1. କାନାନଗର ବିବାହ ଭୋଜିରେଜଳକୁ ଦ୍ରାକ୍ଷାରସରେ ପରିଣତ କରିବା, (୨:୧-୧୧) ।
2. କଫର୍ନାହୁମରେ ରାଜକର୍ମଚାରିଙ୍କ ପୁତ୍ରକୁଂ ସୁସ୍ତତା ପ୍ରଦାନ କରିବା, (୪:୪୬-୫୪) ।
3. ଯିରୁଶାଲମର ବେଥେସଦା ପୁଷ୍କରିଣିରେ ବିକଳାଙ୍ଗ ବ୍ୟକ୍ତିଙ୍କର ସୁସ୍ତତା. (୫:୧-୧୮) ।
4. ଗାଲିଲିରେ ୫୦୦୦ ବ୍ୟକ୍ତିଙ୍କୁ ଖାଦ୍ୟଦଇ ପରିତୃପ୍ତ କରିବା. (୬:୧-୧୫) ।
5. ଗାଲିଲୀରେ ସମୁଦ୍ର ଉପରେ ଚାଲିବା, (୬:୧୬-୨୧) ।
6. ଯିରୁଶାଲମରେ ଜନ୍ମାନ୍ଧ ବ୍ୟକ୍ତିଙ୍କୁ ସୁସ୍ଥକରିବା. (୯:୧-୪୧) ।
7. ବେଥନୀଆରେ ଲାଜାରଙ୍କ ପୁନରୁତଥାନ. (୧୧:୧-୫୭) ।

C. ବାହାର ସାକ୍ଷ୍ୟ ଏବଂ ଅନ୍ୟବ୍ୟକ୍ତି ମାନଙ୍କର କଥୋପକଥୋନ ।
1. ବାପ୍ତିଜିକ ଯୋହନ. (୧:୧୯-୩୪, ୩:୨୨-୩୬) ।
2. ଶିଷ୍ୟମାନଙ୍କ ଦ୍ୱାରା,

a.ଆନ୍ଦ୍ରିୟଏବଂପିତର, (୧:୩୫-୪୨)।

b.ଫିଲିପ୍ଏବଂନିଥନିୟେଲ, (୧:୪୩-୫୧)।

3. ନିକଦୀମ, (୩:୧-୨୧)।
4. ଶମିରୋଣିୟ ସ୍ତ୍ରୀ, (୪:୧-୪୫)।
5. ଯିରୁଶାଲେମର ଯୀହୁଦୀୟ ମାନେ, (୫:୧୦:୪୭)।
6. ଗାଲିଲୀୟ ଲୋକମାନେ, (୬:୨୨-୬୬)।
7. ପିତର ଏବଂ ଶିଷ୍ୟମାନେ, (୬:୬୭-୭୧)।
8. ଯୀଶୁଙ୍କ ଭାଇମାନେ, (୭:୧-୧୩)।
9. ଯିରୁଶାଲେମର ଯୀହୁଦୀୟ ମାନେ, (୭:୧୪-୮:୫୯; ୧୦:୧-୪୨)।
10. ଉପର କଠୋରିରେ ଶିଷ୍ୟମାନଙ୍କର ଆଲୋଚନା, (୧୩:୧-୧୭: ୨୬)।
11. ଯୀହୁଦିୟ ମାନଙ୍କର ବନ୍ଧୀ ଏବଂ ବିଚାର, (୧୮:୧-୨୭)।
12. ରୋମିୟ ସରକାରଙ୍କ ବିଚାର, (୧୮:୨୮-୧୯:୧୬)।
13. ପୁନରୁଥାନ ପରବର୍ତୀ କଥୋପକଥନ, (୨୦:୧୧-୨୯)।
    a. ମରିୟମଙ୍କ ସହିତ।
    b. ଦଶଜଣ ଶିଷ୍ୟଙ୍କ ସହିତ।
    c. ଥୋମାଙ୍କ ସହିତ।
14. ପିତରଙ୍କ ସହିତ ଶେଷ କଥୋପକଥନ, (୨୧:୧-୨୫)।
15. ବ୍ୟବଚାରିଣୀ ସ୍ତ୍ରୀର ଘଟଣା, ଯାହାକି ପ୍ରକୃତରେ ଯୋହନଙ୍କ ସୁସମାଚାରର ଅଂଶ ନୁହେ, (୭:୫୩- ୮:୧-୧୧)।

D. କେତେକ ଉପାସନା ଏବଂ ଉତ୍ସବର ଦିନସମୂହ।

1. ବିଶ୍ରାମବାର, (୫:୯, ୭:୨୨, ୯:୧୪, ୧୯:୩୧)।
2. ନିସ୍ତାରପର୍ବ, (୨:୧୩, ୬:୪, ୧୧:୫୫, ୧୮:୨୮)।
3. ପତ୍ରକୁଟିର ପର୍ବ, (୮-୯ ଅଧ୍ୟାୟ)।
4. ମନ୍ଦିର ପ୍ରତିଷ୍ଠା ପର୍ବ, (୧୦:୨୨)।

E. ସ୍ୱୟମ୍ଭୁ ବା ମୁ" ବକ୍ତବ୍ୟର ବ୍ୟବହାର।

1. "ମୁ ସେହି ଅଟେ", (୪:୨୬, ୬:୨୦, ୮:୨୪, ୨୮, ୫୪-୫୯, ୧୩:୧୯, ୧୮:୫-୬, ୮)।
2. "ମୁ ଜୀବନ୍ତ ଆହାର", (୬:୩୫, ୪୧, ୪୮, ୫୧)।
3. "ମୁ ଜଗତର ଜ୍ୟୋତି", (୮:୧୨, ୯:୫)।
4. "ମୁ ମେଷଗୁଡିକର ଦ୍ୱାର", (୧୦:୭, ୯)।
5. "ମୁ ଉତ୍ତମ ମେଷପାଳକ", (୧୦:୧୧,୧୪)।
6. "ମୁ ପୁନରୁତଥାନ ଓ ଜୀବନ", (୧୧:୨୫)।
7. "ମୁ ପଥ ସତ୍ୟ ଓ ଜୀବନ", (୧୪:୧୬)।
8. "ମୁ ପ୍ରକୃତ ଦ୍ରାକ୍ଷାଲତା", (୧୫:୧, ୫)।

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ।

1. ବାକ୍ୟ, ୧:୧।
2. ବିଶ୍ୱାସ, ୧:୭।
3. "ଜଗତ ତାହାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା", (୧:୧୦)।
4. "ବାକ୍ୟ ଦେହବନ୍ତ ହେଲେ", (୧:୧୪)।
5. ସତ୍ୟ, (୧:୧୭)।
6. ଭାବବାଦୀ, (୧:୨୧)।
7. "ଇଶ୍ୱରଙ୍କ ମେଷଶାବକ", (୧:୨୯)।

8. “କୋପତ ସଦୃଶ୍ୟ”, (୧:୩୨)।
9. “ରାବବୀ ବା ଗୁରୁ”, (୧:୩୮)।
10. “ସତ୍ୟ, ସତ୍ୟ”, (୧:୫୧)।
11. “ଇଶ୍ୱରଙ୍କ ଦୂତ ମାନଙ୍କର ଆରୋହଣ ଏବଂ ଅବତରଣ”, (୧:୫୧)।
12. “ଛଅଗୋଟା ପଥରଜାହାଲା”, (୨:୬)।
13. “ଯୀହୁଦି ମାନଙ୍କର ଜଣେ ନେତା”, (୩:୧)।
14. “ପୁନର୍ଜନ୍ମ”, (୩:୩)।
15. “ମନୁଶ୍ୟ ପୁତ୍ର ଅବଶ୍ୟ ଉର୍ଦ୍ଧକୁ ଉଠାଯିବେ', (୩:୧୪, ୧୨:୩୪)।
16. “ଅନନ୍ତ ଜୀବନ”, (୩:୧୬)।
17. “ମୁ ଜୀବନ ଦାୟକ ଆହାର”, (୬:୩୫, ୪୮)।
18. “କୁଟୀର ବାସ ପର୍ବ”, (୭:୨)।
19. “ତୁମକୁ ଭୁତ ଲାଗିଅଛି”, (୭:୨୦, ୮:୪୮, ୧୦:୨୦)।
20. “ଗ୍ରୀକ ମାନଙ୍କ ମଧରେ ଛିନ୍ନଭିନ୍ନ ହୋଇଥିବା ଯୀହୁଦିୟ ମାନେ ”, (୭:୩୫)।
21. “ଯୀଶୁ ସେ ପର୍ଯ୍ୟନ୍ତ ମହିମାପ୍ରାପ୍ତ ହୋଇନଥିଲେ”, (୭:୩୯)।
22. “ଅବ୍ରାହାମଙ୍କ ଜନ୍ମ ପୁର୍ବରୁ ମୁ ଅଛି”, (୮:୫୮)।
23. “ସମାଜ ଚ୍ୟୁତ”, (୯:୨୨)।
24. “ମେଷ ଗୁଡିକର ଦ୍ୱାର”, (୧୦:୭)।
25. “ମନ୍ଦିର ପ୍ରତିଷ୍ଠା ପର୍ବ”, (୧୦:୨୨)।
26. “ଇଶ୍ୱରର୍ଙ୍କୁ ନିନ୍ଦାକରିବା”, (୧୦:୩୬)।
27. “ଏକ ଗର୍ଦ୍ଦଭ ପାଇ, ତା ଉପରେ ଆରୋହଣ କଲେ”, (୧୨:୧୪)।
28. “ସମୟ”, (୧୨:୨୩)।
29. “ଶୟତାନ ତାହା ମଧରେ ପ୍ରବେଶ କଲା”,(୧୩:୨୭)।
30. “ଏକ ନୂତନ ଆଦେଶ”, (୧୩:୩୪)।
31. “ବାସସ୍ଥାନ”, (୧୪:୨)।
32. “ମୋ ଠାରେ ରୁହ”, (୧୫:୪)।
33. “ସ୍ୱର୍ଗଆଡେ ଉର୍ଦ୍ଧଦୃଷ୍ଟି କରିବା”, (୧୭:୧)।
34. “ଏକମାତ୍ର ସତ୍ୟ ଇଶ୍ୱର”, (୧୭:୩)।
35. “ଜଗତର ପତ୍ତନ ପୁର୍ବେ”, (୧୭:୨୪)।
36. “ପ୍ରହାର କରାଇବା”, (୧୯:୧)।
37. “ପ୍ରସ୍ତର ମଣ୍ଡପ”, (୧୯:୧୩)।
38. “ଗଲଗଥା”, (୧୯:୧୭)।
39. “ଗୋଡଭଗାଂଯାଉ ବୋଲି ପିଲାତଙ୍କୁ ଅନୁରୋଧ କଲେ”, (୧୯:୩୧)।
40. “ଯିହୁଦୀ ମାନଙ୍କର ଆଯୋଜନର ଦିନ”, (୧୯:୪୨)।

VIII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ।

1. ଯୋହନ, ୧:୬।
2. ମନୁଶ୍ୟ ପୁତ୍ର, ୧:୩୪।
3. ମଶୀହ, ୧:୪୧।
4. କେଫା, ୧:୪୨।
5. ନୀକଦୀମ, ୩:୧।
6. ଭାବବାଦୀ, ୭:୪୦।
7. ଲାଜାର, ୧୧:୨।
8. ଦିଦୂମ, ୧୧:୧୬।

9. ଇଷ୍କାରିୟୋତୀୟ ଯିହୁଦା, ୧୩:୨ ।
10. ସାହାଯ୍ୟକାରୀ, ୧୪:୨୬ ।
11. ମାଲାଖ, ୧୮:୧୦ ।
12. ହାନାନ, ୧୮:୨୪ ।
13. କ୍ଳୋପାଙ୍କ ସ୍ତ୍ରୀ ମରିୟମ, ୧୯:୨୫ ।

IX. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ ।

1. ଗାଲିଲୀ, ୧:୪୩ ।
2. ନାଜରିତ, ୧:୪୫ ।
3. କାନ୍ନା, ୨:୧ ।
4. କଫର୍ନାହୂମ, ୨:୧୨ ।
5. ଶାଲମ ନିକଟସ୍ଥ ଏନୋନ, ୩:୨୩ ।
6. ଶମିରୋଣ, ୪:୪ ।
7. ତିବିରିୟା, ୬:୧ ।
8. ବେଥଲେହିମ, ୭:୪୨ ।
9. ବେଥନିୟା, ୧୧:୧ ।
10. କିଦ୍ରୋଣ, ୧୮:୧ ।
11. ତିବିରିୟା ସମୁଦ୍ରକୂଳ, ୨୧:୧ ।

X. ଆଲୋଚନା ମୂଳକ ପ୍ରଶ୍ନସମୁହ ।

1. ଯୋହନ ୧:୧, କଣ ପାଇ ଅତି ଗୁରୁତ୍ୱପୁର୍ଣ ଅଟେ?
2. ଯୋହନଙ୍କ ବାପ୍ତିସ୍ମ କଣ ପାଇ ଅସାଧାରଣ ଅଟେ?
3. ପୁର୍ନଜନ୍ମର ଅର୍ଥ କଣ?
4. 'ବିଶ୍ୱାସ' ଏବଂ 'ଆଦେଶ ପାଳନ କରିବା', କି ପ୍ରକାରେ ପରସ୍ପର ସହିତ ସମ୍ପର୍କିତ?
5. ଯୋହନ ୪:୨୪ର ଅର୍ଥ କଣ?
6. କଣ ପାଇ ଯୋହନ ୫:୪, ବନ୍ଧନୀ ମଧ୍ୟରେ ରହିଅଛି?
7. ଯୋହନ ୯:୨, ନୂତନ ଅବତାରକୁ ବୁଝାଏ କି? ଯଦି ନାହି, ସ୍ୱଷ୍ଟିକରଣ କରନ୍ତୁ ।
8. ଯୋହନ ୯:୪୧ର ଭାଷାର ସ୍ୱଷ୍ଟିକରଣ କରନ୍ତୁ ।
9. ଯୋହନ ୧୦:୩୪-୩୫, ସରଳ ଭାଷାରେ ବୁଝାଇଦିଅ ।
10. ଯୋହନ ୧୩ ଅଧ୍ୟାୟରେ ଯୀଶୁ କଣ ପାଇ ଶିଷ୍ୟମାନଙ୍କର ପାଦ ଧୌତ କରିଥିଲେ? ୧୩-୧୭ ଅଧ୍ୟାୟର ପ୍ରୁଷ୍ଟଭୂମି କଣ ଅଟେ?
11. କଣ ପାଇ ଯୋହନ ୧୪:୬ ଅତି ଗୁରୁତ୍ୱପୁର୍ଣ୍ଣ?
12. କଣ ପାଇ ଯୋହନ ୧୪:୨୩ ମହତ୍ୱପୁର୍ଣ୍ଣ?
13. ଯୋହନ ୧୫:୧୬, ବର୍ଣ୍ଣନା କର ।
14. ଯୋହନ ୧୭ ଅଧ୍ୟାୟକୁ 'ପ୍ରଧାନ ଯାଜକୀୟ ପ୍ରାର୍ଥନା' ବୋଲି କୁହାଯାଏ, ଯୀଶୁ ତିନି ପ୍ରକାର ବ୍ୟକ୍ତି ମାନଙ୍କ ନିମନ୍ତେପ୍ରାର୍ଥନା କଲେ, ସେମାନଙ୍କର ନାମ କଣ?
15. ଯୋହନ ୧୮:୩୩-୩୮ର ଯୀଶୁ ଏବଂ ପୀଲାତଙ୍କ ମଧ୍ୟରେ ହୋଇଥିବା କଥୋପକଥନକୁ ବ୍ୟାଖ୍ୟା କର ।
16. ଶିଷ୍ୟମାନେ କଣ ପବିତ୍ର ଆତ୍ମା ଯୋହନ ୨୦:୨୨ରେ ଗ୍ରହଣ କଲେ, ନା ପ୍ରେରିତ ୧ର ପେଣ୍ଟିକଷ୍ଟ ସମୟରେ?
17. ଯୋହନ ୨୦:୩୧, କଣ ପାଇ ଗୁରୁତ୍ୱପୁର୍ଣ୍ଣ?

# ପ୍ରେରିତ ମାନଙ୍କ କାଯ୍ୟର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣି ।**

A. ପ୍ରେରିତ ପୁସ୍ତକ ଓ ଯିଶୁଙ୍କର ଜୀବନି ବା ସୁସମାଚାର ପୁସ୍ତକର ମଧ୍ୟରେ ଏକ ଅତିଆବଶ୍ୟକ ଓ ଅବିଛେଦିୟ ସମ୍ପର୍କ ରହିଅଛି , କାରଣ ଏହା ତାହାଙ୍କର ପ୍ରଚାର ଏବଂ ଶିକ୍ଷାର ଫଳ ପ୍ରେରିତ ମାନଙ୍କର ଅନ୍ୟ ପୁସ୍ତକ୍ରେ ପ୍ରକାଶିତ ହୋଇଅଛି ।

B. ପ୍ରାଚୀନ ମଣ୍ଡଳୀ ଦୁଇଗୋଟି ପୁସ୍ତକକୁ ସବୁସ୍ଥାନକୁ ପଠାଇଥିଲେ, (1) ସୁସମାଚାର ପୁସ୍ତକ (ଚାରି ସୁସମାଚାର ପୁସ୍ତକ) (2) ପ୍ରେରିତ ମାନଙ୍କ ପତ୍ର (ପାଉଲଙ୍କ ପତ୍ର) । ପ୍ରାଚୀନ କାଳର ଦ୍ଵୀତିୟ ଶତାବ୍ଦୀର ଭୁଲ ଶିକ୍ଷକ ମାନେ ଠାରୁ ଉଦ୍ଧାର କରିବାରେ ଏହି ପୁସ୍ତକ ବହୁମାତ୍ରାରେ ସହାଯ୍ୟ କରିଥିଲା, କାରଣ ଏହି ପୁସ୍ତକରେ ପ୍ରେରିତ ମାନଙ୍କର ଶିକ୍ଷା ଏବଂ ସୁସମାଚାରର ଅଭୁତ ଫଳାଫଳ ରହିଅଛି, ଯାହାକି ପ୍ରେରିତ ମାନଙ୍କର ଅଦ୍ଭୁତ ପ୍ରଚାର (*kerygma*)ର ଉଦେଶ୍ୟକୁ ପ୍ରକାଶ କରିଥାଏ ।

C. ଆଧୁନିକ ଭୁତତ୍ଵବିତ ମାନେ ଅନୁସନ୍ଧାନ ମାଧ୍ୟମରେ ପ୍ରେରିତ ପୁସ୍ତକର ସଠିକତାକୁ ପ୍ରମାଣିତ କରିଅଛନ୍ତି, ବିଶେଷତ ରୋମିୟ ସାମ୍ରାଜ୍ୟର ଅନେକ ବିଷୟ ସବୁ ଦେଖିବାକୁ ମିଳେ ଯଥା ରୋମିୟ ସରକାରଙ୍କର ସରକାରି (e.g., *stratēgoi*, ୧୬:୨୦,୨୨,୩୫,୩୬ । ([ମନ୍ଦିରର ଶତସେନାପତି, ଲୁକ ୨୨:୪,୫୨, ପ୍ରେରିତ ୪:୧; ୫:୨୪-୨୬]: ନଗରର ଶାସନ କର୍ତ୍ତା, *politarchas* ,୧୭:୬,୮, ପ୍ରଧାନ ବ୍ୟକ୍ତି *prōtō* ୨୮:୭, A. N. Sherwin- White, *Roman Society and Roman Law in the New Testament).* ଲୁକ ନିଜ ପତ୍ରରେ ପ୍ରାଚୀନ ମଣ୍ଡଳୀର ସମସ୍ୟା ଯଥା ପାଉଲ ଏବଂ ବର୍ଣବାସଙ୍କର ଘଟଣା (ପ୍ରେରିତ ୧୫:୩୯) । ଏହ ଐତିହାସିକ ଏବଂ ବାକ୍ୟ ସମ୍ବନ୍ଧିୟ ଏକ ସମାନତା ପ୍ରକାଶ କରେ ।

D. ଏହି ପୁସ୍ତକର ପ୍ରସଂଗ ପ୍ରାଚୀନ ଗ୍ରୀକ ଲେଖାଠାରୁ ଟିକିଏ ଅଲଗା ଦେଖାଯାଏ:

1. ପାଣ୍ଡୁଲିପି ℵ (Sinaiticus), ଟେର୍ଟୁଲିଆନ, ଦିଦିମସ, ଏସୁବିଅସ ଏମାନଙ୍କର "ପ୍ରେରିତ ପୁସ୍ତକ" ରହିଅଛି, (ASV, NIV)
2. ପାଣ୍ଡୁଲିପି B (i.e., Vaticanus), D (i.e., Bezae), ଇରାନିଅସ, ଟେର୍ଟୁଲିଆନ, ସିରିଅନ, ଏଥେନାସିଅସଙ୍କ ପାଖରେ "ପ୍ରେରିତ ମାନଙ୍କର ପୁସ୍ତକ" ରହିଥିଲା, (KJV, RSV, NEB) ।
3. ପାଣ୍ଡୁଲିପି $A^2$ (ଆଲେକଜ୍ୟାଣ୍ଡାରଙ୍କ ପ୍ରଥମ ଶୋଂସଧିତ), ଏ. ଗ ସିଶୋଷ୍ଟମଙ୍କର "ପବିତ୍ର ପ୍ରେରିତ ମାନଙ୍କର ପୁସ୍ତକ ଥିଲା" ।
   ଏହା ସମ୍ଭବଯେ ଗ୍ରୀକ ଶବ୍ଦ *praxeis*, *praxis*, (କାର୍ଯ୍ୟ, ବ୍ୟବହାର ଓ ଅଭ୍ୟାସ), ଏହିସବୁ ପ୍ରାଚୀନ ଭୂମଧ୍ୟସାଗରିୟ ଲେଖା ଶୈଳି ଉଧାର କରାଯାଇ ଅଛି, ଯାହାକି ପୁରାତନ ବରିଷ୍ଟ ବ୍ୟକ୍ତିମାନଙ୍କର ଜୀବନ ଶୈଳୀଉପରେ ପ୍ରଭାବ ପକାଏ, (ଯୋହନ, ପିତର, ଷ୍ଟିପାନ, ଫିଲିପ ଓ ପାଉଲ) । (ଲୁକଙ୍କ ସଦୃଶ୍ୟ) ଏହି ପୁସ୍ତକର କୈଣସି ନାମ ଦିଆଯାଇ ନାହି ।

E. ପ୍ରେରିତ ପୁସ୍ତକରେ ଦୁଇପ୍ରକାରର ଲେଖା ଶୈଳୀର ଭିନ୍ନତା ଦେଖିବାକୁ ମିଳେ । ଆଲେକଜ୍ୟାଣ୍ଡାରଙ୍କ ଛୋଟ ଭାବରେ, (MSS P45, P74, ℵ, A, B, C). ପଶ୍ଚିମ ପାରମ୍ପାରିକ ପାଣ୍ଡୁଲିପି, ($P^{29}$, $P^{38}$, $P^{48}$ and D) ଯହା ଅନେକ ତଥ୍ୟ ପ୍ରକାଶ କରିଥାଏ । ଏହା କିନ୍ତୁ ଅନିଶ୍ଚିତ ଅଟେ ଯେ, ତାହା ଲେଖକଙ୍କ ଦ୍ଵାରା ଲିଖିତ ଅଟେ, କିଅବା ପରବର୍ତି ସମୟରେ ପ୍ରଚୀନ ମଣ୍ଡଳୀର ନିୟମ ଅନୁସାରେ ଯୋଗକରା ଯାଇଅଛି । ଅନେକ ବିଶ୍ଵାସ କରନ୍ତି ଯେ ପଶ୍ଚିମ ପାଣ୍ଡୁଲିପି ପରେ ଯୋଗ କରାଯାଇ ଅଛି କାରଣ, (1) ସେମାନେ ଅନେକ କଠିନ ଲେଖା ସବୁକୁ ବୁଝେଇବାକୁ ଚେଷ୍ଟା କରିଅଛନ୍ତି, (2) ଏବଂ କିଛି ଅଧିକ ତଥ୍ୟ ଯୋଗ କରିଅଛନ୍ତି, (3) ସେମାନେ ଯିଶୁଙ୍କୁ ଖ୍ରୀଷ୍ଟବୋଲି ଅଧିକ ଗୁରୁତ୍ଵ ଦେଇଅଛନ୍ତି, (4) ପ୍ରାଚୀନ ଖ୍ରୀଷ୍ଟିଆନ ଲେଖକ ମାନଙ୍କ ଦ୍ଵାରା ଏହା ପ୍ରାୟ ତିନି ଶତାବ୍ଦୀ ପର୍ଯ୍ୟନ୍ତ ଏହା କୈଣସି ଲେଖାରେ ଉଦ୍ଧୃତ କରାଯାଇ ନାହି, (F. F. Bruce, *Acts: Greek Text*, pp. 69-80). For a more detailed discussion consult *A Textual Commentary on the Greek New Testament* by Bruce M. Metzger, published by the United Bible Societies, pp. 259-272)

ପରବର୍ତୀ ସମୟର ଏହିସବୁ ଯୋଗ ସକାଶୁ ଏହି ଟିକା ଲେଖାର ବିଭିନତାକୁ ବ୍ୟାଖ୍ୟା କରେନାହି । ଯେତେବେଳେ କୈଣସି ଲେଖାର ଭିନ୍ନତା ବାକ୍ୟର ବ୍ୟାଖ୍ୟା ଉପରେ ସମସ୍ୟା ସୃଷ୍ଟିକରେ, ତେବେ ହି ଟିକା ତାହା ବୁଝାଇବାରେ ସାହାଯ୍ୟ କରିଥାଏ ।

II. ଲେଖକ ।

A. ଏହି ପୁସ୍ତକ ବେନାମ ଭାବରେ ରହିଅଛି, କିନ୍ତୁ ଲୁକ ବୋଲି ବହୁତ ଲୋକମାନେ ଧରିନେଇଛନ୍ତି

1. "ଆମ୍ଭେମାନେ" ଏହି କିଛି ଅଧ୍ୟାୟ ଯାହା ଅସାଧାରଣ, ୧୬:୧୦-୧୭, (ଫିଲିପିକୁ ଦ୍ୱିତିୟ ଧର୍ମପ୍ରଚାର ଯାତ୍ରା), ୨୦:୫-୧୫; ୨୧:୧-୧୮, (ତୃତିୟ ଧର୍ମପ୍ରଚାର ଯାତ୍ରାର ଶେଷ), ଏବଂ ୨୭:୧-୨୮:୧୬, (ପାଉଲ ବନ୍ଧୀ ଅବସ୍ଥାରେ ରୋମକୁ ପଠାଗଲେ), ଏହିସବୁ ଲୁକହି ଲେଖକ ବୋଲି ଦର୍ଶାଇ ଥାଏ ।
2. ଯେତେବେଳେ ତୃତିୟ ସୁସମାଚାର ଏବଂ ପ୍ରେରିତ ପୁସ୍ତକ ତୁଳନା କରାଯାଏ, ଲୁକ ୧:୧-୪ ଏବଂ ପ୍ରେରିତ 1:1-2, ସେଠାରେ ଏକ ନିବିଡ ସମ୍ପର୍କ ରହିଅଛି ।
3. କେବଳ ଲୁକହି ବାଇବଲର ଜଣେ ବିଜାତିୟ ଲେଖକ ଅଟନ୍ତି, ଯାହାକି କଲସିୟ ୪:୧୦-୧୪, ଫିଲିମୋନ ୨୪, ୨ୟ ତୀମଥି ୪:୧୧, ଯିଏକି ପାଉଲଙ୍କର ସାଥି ଥିଲେ ।
4. ଲୁକହି ଏହି ପୁସ୍ତକର ଲେଖକ ବୋଲି ପ୍ରାଚୀନ ମଣ୍ଡଳୀର ସାକ୍ଷ
   a. ମାର୍ସିଆନର ଲେଖା ଖଣ୍ଡ (ଖ୍ରୀ ଅ ୧୮୦-୨୦୦ ଯାହା ରୋମରୁ ଲେଖାଯାଇ ଥିଲା ତାହ କୁହେ, ଏହା ଲୁକ ବୈଦ୍ୟଙ୍କ ଦ୍ୱାରା ସଂଗ୍ରହ କରା ଯାଇଥିଲା )
   b. ଇରାନିଅସଙ୍କ ସବୁଲେଖା, (ଖ୍ରୀ. ଅ ୧୩୦-୨୦୦)
   c. କ୍ଲେମେଣ୍ଟ ଆଲେକଜ୍ୟାଣ୍ଡରଙ୍କ ଲେଖା, (ଖ୍ରୀ ଅ ୧୫୬-୨୧୫)
   d. ଟେର୍ଟୁଲିଅନଙ୍କ ଲେଖା, (ଖ୍ରୀ ଅ ୧୬୦-୨୦୦)
   e. ଓରିଜେନଙ୍କ ଲେଖା, (ଖ୍ରୀ ଅ ୧୮୫-୨୫୪)
5. ଆଭ୍ୟନ୍ତରିଣ ଲେଖାଶୈଳୀ ଏବଂ ଶବ୍ଦ ବ୍ୟବହାର (ଅନେକ ଚିକିତ୍ସା ସମ୍ବନ୍ଧିୟ ଶବ୍ଦ), ଯାହା ଲୁକଙ୍କୁ ଲେଖକ ବୋଲି ପ୍ରକାଶ କରେ, (i.e., Sir William Ramsay and A. Harnack) ।

B. ଆମ୍ଭପାଖରେ ତିନି ପ୍ରକାରର ତଥ୍ୟର ସମ୍ବାଦ ରହିଅଛି
1. ନୂତନ ନିୟମର ତିନିଗୋଟି ପୁସ୍ତକ, (କଲସିୟ ୪:୧୦-୧୪, ଫିଲିମୋନ ୨୪, ୨ୟ ତୀମଥି ୪:୧୧) ଏବଂ ପ୍ରେରିତ ପୁସ୍ତକ ସୁଧା ଏହା ପ୍ରକାଶ କରେ ।
2. ଦ୍ୱିତିୟ ଶତାବ୍ଦୀରେ ଲୁକଙ୍କ ନିକଟକୁ ମାର୍ସିଆନଙ୍କ ଲେଖା, (ଖ୍ରୀ ଅ ୧୬୦-୧୮୦)
3. ଏସୁବିଅସ ପ୍ରାଚୀନ ଶତାବ୍ଦୀର ଐତିହାସିକ ତାହାଙ୍କ *Ecclesiastical History*, 3:4 ରେ କହନ୍ତି ଲୁକ ଆନ୍ତିଓକର ଜଣେ ବାସିନ୍ଦା ଅଟନ୍ତି, ଯେ ଜଣେ ଡାକ୍ତର ଅଟନ୍ତି, ସେ ମୁଖ୍ୟତ ପାଉଲଙ୍କ ସହିତ ମିଶିଥିଲେ ଏବଂ କମ ଅନ୍ୟ ଶିଷ୍ୟମାନଙ୍କ ସହିତ ମିଶିଥିଲେ । ସେ ସୁସମାଚାର ପୁସ୍ତକ ଏବଂ ପ୍ରେରିତ ପୁସ୍ତକ ଆମ୍ଭମାନଙ୍କ ନିମନ୍ତେ ଛାଡିଯାଇ ଅଛନ୍ତି, ଯାହାକି ଆତ୍ମାର ବଳିଷ୍ଠ ନିମନ୍ତେ ବ୍ୟବହୃତ ହୋଇ ଆସୁଅଛି ।
4. ଏହା ଲୁକଙ୍କର ସଂଗଠିତ ବିବରଣି
   a. ଜଣେ ବିଜାତି, (କଲସିୟ ୪:୧୨-୧୪, ଏପାଫ୍ରା ଏବଂ ଦୀମା, ଯୋଉମାନେ ଯିହୁଦି ମାନଙ୍କ ସଂଗରେ ନ ଥିଲେ)
   b. ସିରିଆର ଆନ୍ଟିଓ ଠାରୁ, (ଲୁକଙ୍କ ନିକଟକୁ ମାର୍ସିଓନଙ୍କ ଲେଖା) ଓ ମାସିଦୋନିଆର ଫିଲିପାଇ
   c. ଜଣେ ବୈଦ୍ୟ, (କଲସିୟ ୪:୧୪ ଓ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି)
   d. ଆନ୍ତିଅଓରେ ମଣ୍ଡଳୀର ସ୍ଥାପନ ପରେ ଯୁବା ଅବସ୍ଥାରେ ପରିବର୍ତନ ହୋଇଥିଲେ
   e. ପାଉଲଙ୍କର ଯାତ୍ରା ପଥର ଜଣେ ସାଥି, (ପ୍ରେରିତ ପୁସ୍ତକର ଆମ୍ଭେମାନେ ଅଂଶ )
   f. ଅବିବାହିତ
   g. ତୃତିୟ ସୁସମାଚାର ଏବଂ ପ୍ରେରିତ ପୁସ୍ତକ ଲେଖିଅଛନ୍ତି, (ସମାନ ପ୍ରାରମ୍ଭିକ ଅଂଶ ଏବଂ ସମାନ ପ୍ରକାରର ଶବ୍ଦର ବ୍ୟବହାର)
   h. ବୋଏଥିଆରେ ୮୪ ବୟସରେ ମୃତ୍ୟୁ ବରଣ କରିଥିଲେ

C. ଲୁକଙ୍କୁ ଲେଖକ ଭାବରେ ପ୍ରତିରୋଧ
1. ପାଉଲଙ୍କର ଏଥେନ୍ସ ଏବଂ ଗ୍ରୀକ ସହରରେ ପ୍ରଚାର କାର୍ଯ୍ୟ ସେଥିର ଦାର୍ଶନିକ ମାନଙ୍କ ନିମନ୍ତେ ଏକ ସର୍ବସାଧାରଣ ବିଷୟ (ପ୍ରେରିତ ୧୭), କିନ୍ତୁ ରୋମିୟ ୧-୨ରେ କୈଣସି ପ୍ରକାରର ସର୍ବସାଧାରଣ ବିଷୟ ଦେଖାଯାଏ ନାହି, (ପ୍ରକୃତି, ବିବେକ ଓ ନିର୍ବୋଧ) ।
2. ପାଉଲଙ୍କ ପ୍ରଚାର ଏବଂ ଶିକ୍ଷା ତାହାଙ୍କୁ ଏକ ଯିହୁଦି ଖ୍ରୀଷ୍ଟିୟାନ ଭାବରେ ପ୍ରକାଶ କରେ, ଯେ କି ବ୍ୟସ୍ଥାକୁ ଅତି ଗୁରୁତ୍ୱ ଭାବରେ ନେଇଥାଏ, କିନ୍ତୁ ତାହାଙ୍କ ଲିଖିତ ପତ୍ର ସମୁହ ବ୍ୟବସ୍ଥା ଶାସ୍ତ୍ରର ବିରୁଦ୍ଧାଚରଣ କରିବା ଭଳି ଜଣାଯାଇ ଥାଏ ।
3. ପ୍ରେରିତ ପୁସ୍ତକରେ ପାଉଲଙ୍କର ପ୍ରଚାର ସମୁହ ଭବିଷ୍ୟତ ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରିନଥାଏ, ଯାହା ତାଙ୍କର ପ୍ରାଥମିକ ଲିଖିତ ପତ୍ର ସମୁହରେ ଦେଖିବାକୁ ମିଳିଥାଏ, (୧ମ ଓ୨ୟ ଥେସଲନିକୀୟ) ।
4. ତାହାଙ୍କର ଲେଖାସବୁ ଆଗ୍ରହ ଜନକ କିନ୍ତୁ ଏହା ଏକ ଶେଷ ନିଷ୍ପତି ନୁହ, କାରଣ ଏହି ସମାନ ପଦ୍ଧତି ଯେତେବେଳେ ସୁସମାଚାର ପୁସ୍ତକରେ ପ୍ରୟୋଗ କରାଯାଏ, ତେବେ ସୁସମାଚାର ପୁସ୍ତକ ଏକ ଭିନ୍ନ ଧରଣରେ ଯିଶୁଙ୍କ ଜିବନୀକୁ ବ୍ୟାଖ୍ୟା କରାଯାଇ ଅଛି । ଅତି କମ ଲୋକମାନେ ଏହି ଦୁଇଟି ପୁସ୍ତକକୁ ସମାନ ଭାବରେ ଦେଖିଥାନ୍ତି ।

D. ଯେତେବେଳେ ପ୍ରେରିତ ପୁସ୍ତକର ଲେଖକ ବିଷୟରେ ଚିନ୍ତାକରାଯାଏ, ସର୍ବ ପ୍ରଥମେ ଲୁକଙ୍କର ଉତ୍ସକୁ ସ୍ମରଣ କରାଯାଏ, କାରଣ ଅନେକ ବାଇବଲ ବିଶାରଦ ମାନେ କହନ୍ତି, (i.e., C. C. Torrey,) ଲୁକ ପ୍ରଥମ ପନ୍ଦରଗୋଟି ଅଧ୍ୟାୟ ନିମନ୍ତେ ଆରାମିକ ଭାଷାର ବ୍ୟବହାର କରିଥିଲେ (ଯାହାକି ସ୍ମରଣ ରଖି ଅନ୍ୟମାନଙ୍କୁ ଜଣାଯାଇ ଥାଏ)। ଯଦି ଏହାସତ ହୁଏ, ତେବେ ଲୁକ ଏହି ପୁସ୍ତକର ଲେଖକ ହୋଇନପାରନ୍ତି, ବରଚଂ ସେ ଜଣେ ସମ୍ପାଦକ ହୋଇପାରନ୍ତି, ଯଦିଚ କେବଳ ଲୁକ ପାଉଲଙ୍କର ପ୍ରଚରକୁ ବର୍ଣନା କରିଅଛନ୍ତି।

III. ସମୟ

A. ପାଉଲଙ୍କର ଲେଖା ଏବଂ ସମୟ ଉପରେ ଅନେକ ତର୍କ ଏବଂ ଅସମ୍ମତ ରହିଅଛି, କିନ୍ତୁ ଏହି ଘଟଣା ଖ୍ରୀ ଅ ୩୦-୬୩ ପର୍ଯ୍ୟନ୍ତ ସମୟକୁ ପ୍ରକାଶ କରେ, (ପାଉଲ ରୋମ ବନ୍ଧୀରୁ ୬୦ରେ ବାହାରିଲେ ଏବଂ ହୁଏତ ଖ୍ରୀ ଅ ୬୫ରେ ପୁନର୍ବାର ବନ୍ଧୀହୋଇ ମୁତ୍ୟୁ ବରଣ କରିଥିଲେ )।

B. ରୋମିୟ ସରକାରଙ୍କ ଅନୁସାରେ ସଠିକ ସମୟ (1) ଖ୍ରୀ ଅ ୬୪, (ନିରୋ ଖ୍ରୀଷ୍ଟିୟାନ ମାନଙ୍କୁ ତାଡନା କରିବାର ସମୟ), (2) ଯିହୁଦୀ ମାନଙ୍କର ବିପ୍ଳବର ସମୟ, ଖ୍ରୀ ଅ ୬୬-୭୩

C. ଯଦି ଆମ୍ଭେମାନେ ଲୁକ ଲିଖିତ ସୁସମାଚାର ପୁସ୍ତକର ସମୟ ସହିତ ପ୍ରେରିତ ପୁସ୍ତକକୁ ଦେଖିବା, ସୁସମାଚାର ପୁସ୍ତକର ସମୟ ପ୍ରେରିତ ପୁସ୍ତକ ଉପରେ ପ୍ରଭାବ ପକାଇପାରେ। ତିତସଙ୍କ ଦ୍ଵାରା ଯେରୁଶାଲେମର ପତନ ଖ୍ରୀ ଅ ୭୦, (ଲୁକ ୨୧)ରେ ଆଗରୁ ପ୍ରକାଶ କରାଯାଇଅଛି, କିନ୍ତୁ ବର୍ଣନା କରାଯାଇ ନାହି, ତେଣୁ ଏହାବି ନିଶ୍ଚିତ ଯେ ଏହି ପୁସ୍ତକ ୮୦ ମଧ୍ୟରେ ଲେଖାଯାଇ ଅଛି।

D. ଯଦି କେହି ପାଉଲଙ୍କର ଅଚାନକ ସମାପପ୍ତି ବିଷୟରେ କହନ୍ତି, ତେବେ ହୁଏତ ସମୟ ପାଉଲଙ୍କର ପ୍ରଥମ ବନ୍ଧୀ ଖ୍ରୀ ଅ ୫୮-୬୩ ହୋଇପାରେ।

E. କେତେକ ଐତିହାସିକ ସମୟ ଓ ଘଟଣା ଯାହା ପ୍ରେରିତ ପୁସ୍ତକ୍ରେ ଲିଖିତ ଅଟେ,
1. କ୍ଲାଉଦିଆଙ୍କ ସମୟରେ ବୃହତ ମରୁଡି, ପ୍ରେରିତ ୧୧:୨୮, ଖ୍ରୀ ଅ ୪୪-୪୮
2. ୧ମ ହେରୋଦ ଅଗ୍ରିପାଙ୍କର ମୁତ୍ୟୁ, ପ୍ରେରିତ ୧୨:୨୦-୨୩, ଖ୍ରୀ ଅ ୪୪
3. ସେରଯିଅସ ପାଉଲୁସଙ୍କର ରାଜପାଳ ସମୟରେ, ପ୍ରେରିତ ୧୩:୭, ଖ୍ରୀ ଅ ୫୩ରେ ନିଯୁକ୍ତି ପାଇଥିଲେ
4. କ୍ଲାଉଦିଅସଙ୍କ ଦ୍ଵାରା ରୋମରୁ ଯିହୁଦି ମାନଙ୍କୁ ବିତାଡିତ, ପ୍ରେରିତ ୧୮:୨, ଖ୍ରୀ ଅ ୪୯
5. ଗାଲିଓଙ୍କର ରାଜ୍ୟପାଳ ସମୟରେ, ପ୍ରେରିତ ୧୮:୧୨, ଖ୍ରୀ ଅ ୫୧ କିମ୍ବା ୫୨
6. ଫେଲିକ୍ସଙ୍କ ରାଜ୍ୟପାଳ ସମୟରେ, ପ୍ରେରିତ ୨୩:୨୬, ୨୪:୨୭,ଖ୍ରୀ ଅ ୫୨-୫୬
7. ଫେଲିକ୍ସଙ୍କ ସ୍ଥାନରେ ଫେଷ୍ଟୁସଙ୍କର ସ୍ତାନାନ୍ତର, ପ୍ରେରିତ ୨୪:୨୭, ଖ୍ରୀ ଅ ୫୭-୬୦
8. ଯୁଦିଆର ରୋମିୟ ସରକାର
    a. ରାଜ୍ୟପାଳ ବା ଶାସନ କର୍ତ୍ତା ସମୁହ
        1) ପିଲାତ ରାଜା, ଖ୍ରୀ ଅ ୨୬-୩୬
        2) ମାର୍ସେଲୁସ, ଖ୍ରୀ ଅ ୩୬-୩୭
        3) ମାରଲୁସ, ଖ୍ରୀ ଅ ୩୭-୪୧
    b. ଖ୍ରୀ ଅ ୪୧ରେ ରୋମିୟ ସରକାର ପରିଚାଳନା ଦାଇତ୍ଵକୁ ପରିବର୍ତ୍ତନ କରି ଶାସନ କର୍ତାମାନଙ୍କୁ ସମର୍ପଣ କରିଥିଲେ। କ୍ଲାଉଦିଆ, ରାଜା ହେରୋଦଙ୍କ ଦ୍ଵାରା ଖ୍ରୀ ପୁ ୪୧ରେ ନିଯୁକ୍ତି ପାଇଥିଲେ।
    c. ଖ୍ରୀ ପୁ ୪୪ରେ ହେରୋଦ ଆଗ୍ରିପାଙ୍କର ମୁତ୍ୟୁ ପରେ ପୁନର୍ବାର ଖ୍ରୀ ପୁ ୬୬ ପର୍ଯ୍ୟନ୍ତ ସେହି ନିୟମକୁ ପୁନର୍ବାର ଲାଗୁ କରାଯାଇ ଥିଲା।
        1) ଆନ୍ତୋନିଓସ ଫିଲିକ୍ସ
        2) ପୋର୍ଚିଔସ ଫେଷ୍ଟୁସ

IV. ଉଦ୍ଦେଶ୍ୟ ଏବଂ ଲେଖା ପ୍ରଣାଳୀ

A. ଯିଶୁ ଖ୍ରୀଷ୍ଟଙ୍କର ଅନୁଗମନକାରି ମାନଙ୍କର ଏକ ପ୍ରକାରର ଚିହ୍ନଟ କରିବା, ଏବଂ ଯିହୁଦା ପ୍ରଦେଶରୁ ସାରା ବିଶ୍ଵକୁ ସୁସମାଚାରର ପ୍ରସାର, ଏବଂ ବନ୍ଦ ଉପର କୋଠରିରୁ ସିସିରିୟା ପର୍ଯ୍ୟନ୍ତ।
1. ଏହି ଭୈଗଳିକ ପ୍ରଥା ପ୍ରେରିତ ୧:୮କୁ ପ୍ରକାଶ କରେ, ଯାହାକି (ମାଥିଉ ୨୮:୧୯-୨୦)ରେ ଦିଆଯାଇ ଅଛି।
2. ଏହି ଭୈଗଳିକ ଭିନ୍ନତା ଅନେକ ଭାବରେ ବ୍ୟାଖ୍ୟା କରିହେବ

a. ବିଭିନ୍ନ ସହର ଏବଂ ସିମାର ନିରୁପଣ । ପ୍ରେରିତ ପୁସ୍ତକରେ ପ୍ରାୟ ୩୨ଗୋଟି ଦେଶ, ୫୪ ଗୋଟି ସହର ଏବଂ ୯ ଗୋଟି ଭୂମଧ୍ୟସାଗରିୟ ଉପଖଣ୍ଡର ନାମ ଉଲ୍ଲେଖ ଅଛି । ଏଥିମଧ୍ୟରୁ ୩ ଗୋଟି ବଡ ସହରଗୁଡିକ ହେଲା ଯେରୁଶାଲେମ, ଆଣ୍ଟିଓକ ଓ ରୋମ, (ପ୍ରେରିତ ୯:୧୫)

b. ମୁଖ୍ୟ ବ୍ୟକ୍ତିମାନେ, ପ୍ରେରିତ ମୁଖ୍ୟତ ଦୁଇ ଭାଗରେ ବିଭକ୍ତ କରାଯାଇ ଅଛି । ପାଉଲ ଏବଂ ପିତରକଂର ସେବାକାର୍ଯ୍ୟ । ୯୫ଜଣ ବ୍ୟକ୍ତିକଂର ନାମକୁ ପ୍ରେରିତ ପୁସ୍ତକରେ ଲେଖାଯାଇଅଛି । ସେମାନକଂ ମଧ୍ଯରୁ ପିତର, ଷ୍ଟିପାନ, ଫିଲିପ, ବର୍ଣବାଶ, ଯାକୁବ ଏବଂ ପାଉଲ ।

c. ଏହି ପୁସ୍ତକରେ ଦୁଇ କିମ୍ବା ତିନି ପ୍ରକାରର ବିଭାଗ ରହିଅଛି, ଯାହାକି ବାରମ୍ବାର ପ୍ରେରିତ ପୁସ୍ତକରେ ଦେଖିବାକୁ ମିଳେ, ଯାହାକି ଲେଖକକଂର ଏକ ପ୍ରକାରର ଗଠନ ପ୍ରଣାଳୀ ଭାବରେ ଏହି ପୁସ୍ତକରେ ବ୍ୟବହୃତ ହୋଇଅଛି ।

| (1) ସଂକ୍ଷିପ୍ତ ବିବରଣି | (2) ବୃଦ୍ଧିର ବାକ୍ୟସମୂହ | (3) ସଂଖ୍ୟାର ବ୍ୟବହାର |
|---|---|---|
| ୧:୧- ୬:୭ (ଯେରୁଶାଲେମରେ) | ୨:୪୭ | ୩:୪୧ |
| ୬:୮-୯:୩୧ (ପାଲେଷ୍ଟାଇନରେ) | ୫:୧୪ | ୪:୪ |
| ୯:୩୨-୧୨:୨୪ (ଆନ୍ତିଓ) | ୬:୭ | ୫:୧୪ |
| ୧୨:୨୫-୧୫:୫ (ଏସିଆ ମାଇନର) | ୯:୩୧ | ୬:୭ |
| ୧୬:୬-୧୯-୨୦ (ଗ୍ରୀସ) | ୧୨:୨୪ | ୯:୩୧ |
| ୧୯:୨୧-୨୮:୩୧ (ରୋମ) | ୧୬:୫ | ୧୧:୨୧,୨୪ |
| | ୧୯:୨୦ | ୧୨:୨୪ |
| | | ୧୪:୧ |
| | | ୧୯:୨୦ |

B. ପ୍ରେରିତ ପୁସ୍ତକ ନିଶିତ ଭାବରେ ଯିଶୁ ଖ୍ରୀଷ୍ଟକଂ ମୃତ୍ୟୁକୁ ରାଜଦ୍ରୋହ ମୃତ୍ୟୁ ବୋଲି ବିଚାର କରୁଅଛି । ଲୁକ ବିଜାତି ମାନକୁଂ ଏହା ଲେଖୁଅଛି,(ବିଶେଷ ଭାବରେ ଥିଓଫିଲ ହୁଏତ ରୋମିୟ ଅଧିକାରି) (1) ସେ ପିତର, ଷ୍ଟିପାନ, ଅବଂ ପାଉଲକଂର ସୁସମାଚାରକୁ ଯିହୁଦି ମାନକୁଂ ଦେଖାଇ ଥିଲେ । (2) ରୋମିୟ ସରକାରକଂର ଖ୍ରୀଷ୍ଟିୟ ଧର୍ମପ୍ରତି ଭଲ ମନୋଭବ, ରୋମିୟ ମାନେ ଯିଶୁକଂ ଶିଷ୍ୟ ମାନକୁଂ ଭୟକରୁନ ଥିଲେ ।

1. ଖ୍ରୀଷ୍ଟିୟ ନେତାମାନକଂର ବକ୍ତୃତା
   a. ପିତର, ୨:୧୪-୪୦; ୩:୧୨-୨୬; ୪:୮-୧୨; ୧୦:୩୪-୪୩
   b. ଷ୍ଟିପାନ, ୭:୧-୫୩
   c. ପାଉଲ, ୧୩:୧୦-୪୨; ୧୭:୨୨-୩୧; ୨୦୧୭-୨୫; ୨୧:୪୦-୨୨:୨୧; ୨୩;୧-୬; ୨୪:୧୦-୨୧; ୨୬:୧-୨୯
2. ସରକାରି କର୍ମଚାରି ମାନକଂର ପ୍ରକାଶନ
   a. ପିଲାତ, ଲୁକ ୨୩:୧୩-୨୫
   b. ସେର୍ଗିୟ ପାଉଲ, ୧୩:୭, ୧୨
   c. ଫିଲିପିର ମୁଖ୍ୟ ଅଧକ୍ଷ, ପ୍ରେରିତ ୧୬:୩୫-୪୦
   d. ଗାଲିଓ, ପ୍ରେରିତ ୧୮:୧୨-୧୭
   e. ଆସିଆର ଏଫିସ, ପ୍ରେରିତ ୧୯:୧୯-୨୩, (v. ୩୧)
   f. ଲିସିୟାର କ୍ଲାଉଦିଉସ, ପ୍ରେରିତ ୨୩:୨୯
   g. ଫେଲିକ୍ସ, ପ୍ରେରିତ ୨୪
   h. ପ୍ରୋସିୟସ ଫେଷ୍ଟସ, ପ୍ରେରିତ ୨୪
   i. ୨ୟ ଆଗ୍ରିପା, ପ୍ରେରିତ ୨୬, (୩୨)
   j. ପୁବ୍ଲିୟ, ପ୍ରେରିତ ୨୮:୭-୧୦
3. ଯେତେବେଳେ ଆମ୍ଭେ ପିତର ଏବଂ ପାଉଲକଂ ପ୍ରଚାରକୁ ମିଳନ କରୁ, ତେବେ ପାଉଲ ଏକ ବିଶ୍ୱସ୍ତ ସୁସମାଚାର ପ୍ରଚରକ ବୋଲି ଜାଣିପାରିବା । ସେହି ଆଶ୍ଚର୍ଯ୍ୟ କାର୍ଯ୍ୟ *kerygma* ଏକ ଅଟେ ।

C. ଲୁକ କେବଳ ଖ୍ରୀଷ୍ଟିୟ ଧର୍ମକୁ ରୋମିୟ ସାମ୍ରାଜ୍ୟ ନିକଟରେ ପ୍ରତିରକ୍ଷା କରୁନାହାନ୍ତି, ପୁଣି ପାଉଲକୁଂ ମଧ୍ୟ ବିଜାତିୟ ମଣ୍ଡଳୀ ମାନକଂ ନିକଟରେ ପ୍ରତିରକ୍ଷା କରୁଅଛନ୍ତି । (ପାଉଲ ଯିହୁଦି ଲୋକମାନକଂ ଠାରୁ ବରମ୍ବାର ତାଡନା ପାଉଥିଲେ, ପୁଣି ବାଇବଲ ବିରୋଧି ମାନକଂ ଠାରୁ ମଧ୍ୟ ଏଫିସିୟ ଓ କଲସିୟ ମଣ୍ଡଳିରୁ ତାଡନା ପାଇଥିଲେ) । ଲୁକ ପାଉଲକଂ ସହିତ ଭ୍ରମଣ କରି ପାଉଲକଂର ଶିକ୍ଷା ଓ ବିଶ୍ୱାସକୁ ବୁଝିପାରି ଥିଲେ ।

D. ଯଦିଚ ପ୍ରେରିତ ପୁସ୍ତକ ଏକ ମତବାଦ ପୁସ୍ତକ ନୁହ, ତଥାପି ଏହା ପ୍ରେରିତ ମାନକଂର ପ୍ରଚାର ଓ ଶିକ୍ଷାକୁ ଉତ୍ତମ ରୁପେ ଉଲ୍ଲେଖ କରାଯାଇ ଅଛି, ଯାହାକୁ ଯିଶୁ ଖ୍ରୀଷ୍ଟଙ୍କ ବିଷୟରେ ଉତ୍ତମ ମୌଳିକ ଶିକ୍ଷା ବୋଲି କୁହାଯାଏ, ଯାହାକୁ ସି. ଏଚ. ଡୋଡ "the *Kerygma*" ବୋଲି କୁହନ୍ତି, (ଯିଶୁଙ୍କ ବିଷୟରେ ଆବଶ୍ୟକିୟ ସତ୍ୟ)। ଏହି ବିଷୟ ଆମ୍ଭମାନଙ୍କୁ ସୁସମାଚାରରା ଆବଶ୍ୟକତାକୁ ବୁଝାଇ ଦିଏ, ଯାହା ତାହାଙ୍କର ଜନ୍ମ ଏବଂ ମୃତ୍ୟୁକୁ ସୁଚାଏ।

**ଏକ ସ୍ୱତନ୍ତ୍ର ବିଷୟ: ପ୍ରାଚୀନ ମଣ୍ଡଳୀର ଆଶ୍ଚର୍ଯ୍ୟ କାର୍ଯ୍ୟ ସକଳ**

ଖ୍ରୀଷ୍ଟିୟ **ଧର୍ମ ବିଷୟରେ ଅନେକ** ମତବାଦ ଦେଇଥାନ୍ତି। ଆମ୍ଭମାନଙ୍କ ସମୟ ଅନେକ ଧର୍ମ ମଧ୍ୟରେ ସବୁ ଗୋଷ୍ଟି ନିଜ ଇଛା ଅନୁସାରେ ଧର୍ମଗ୍ରହଣ କରିବାର ସମୟ ଅଟେ, ଠିକ ପ୍ରାଚୀନ ଶତାବ୍ଦୀ ସହ ସମାନ ଅଟେ। ବ୍ୟକ୍ତିଗତ ଭାବେ, ମୁ ସମ୍ପୁର୍ଣ ଭାବେ ଏକମତ ଯେ ସମସ୍ତ ଗୋଷ୍ଟିମାନେ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣ କର୍ତ୍ତାଭାବେ ଗ୍ରହଣ କରିଅଛନ୍ତି। ତଥାପି କେତେକ ଖ୍ରୀଷ୍ଟିୟାନ ମାନେ ଅଛନ୍ତି, ଯୋଉମାନେ କେବଳ ନାମକୁ ମାତ୍ର ଖ୍ରୀଷ୍ଟିୟାନ ଓ ସେମାନେ "କେବଳ ବାହ୍ୟିକ ଭାବେ ଦେଖାଯାନ୍ତି" ବା "ଜନକଂର ଶେଷ ଆଗମନ ସଦୃଶ୍ୟ" ହୋଇଥାଏ, କିଭଳି ମୁ ଏହି ଭିନ୍ନତାକୁ ଜାଣିପାରିବି?

ଦୁଇଟି ଉପାୟରେ ତାହା ଜଣାଯାଇ ପାରିବ,

A. ଆଧୁନିକ ଲୋକ ମାନକଂର ଧର୍ମ ବିଶ୍ୱାସ ବିଷୟରେ ଜାଣିବା ନିମନ୍ତେ ଏକ ଉତ୍ତମ ପୁସ୍ତକ ହେଲା (ସେମାନକଂର ନିଜ ପୁସ୍ତକରୁ), *The Kingdom of the Cults by Walter Martin.*
B. ପ୍ରାଚୀନ ମଣ୍ଡଳୀର ଶିକ୍ଷା, ବିଶେଷତଃ ପ୍ରେରିତ ପାଉଲ ଏବଂ ପିତରକଂର ଶିକ୍ଷା ପ୍ରେରିତ ପୁସ୍ତକରୁ ଜଣାଇଥାଏ ଯେ ପ୍ରାଚୀନ ମଣ୍ଡଳୀର ଲେଖକ ମାନେ କିଭଳି ଭାବରେ ଖ୍ରୀଷ୍ଟିୟ ଧର୍ମକୁ ଭିନ୍ନ ଭିନ୍ନ ଲୋକମାନଙ୍କୁ ପ୍ରକାଶ କରିଥିଲେ ତାହା ପ୍ରକାଶ କରେ। ଏହି ପ୍ରାଚୀନ "ସୁସମାଚାର ପ୍ରଚାର" (ପ୍ରେରିତ ପୁସ୍ତକ ଯାହାର ଏକ ବିବରଣି ଅଟେ), ଯାହାକି ଏକ ଗ୍ରୀକ ଶବ୍ଦ କେରିଜମା "*Kerygma*" କୁ ପ୍ରକାଶ କରେ । ନିମ୍ନ ଲିଖିତ ବିଷୟ ସବୁ ଯିଶୁଙ୍କ ବିଷୟରେ ସାଧାରଣ ସତ୍ୟତା ଯାହାକି ପ୍ରେରିତ ପୁସ୍ତକରେ ପ୍ରକାଶ କରାଯାଏ :
   1. ପୁରାତନ ନିୟମର ଭବିଷ୍ୟତ ବାଣୀର ସଫଳତା, ପ୍ରେରିତ ୨:୧୭-୨୧, ୩୦-୩୧, ୩୪; ୩:୧୮-୧୯, ୨୪; ୧୦:୩୪; ୧୩:୧୭-୨୩, ୨୭; ୩୩:୩୩-୩୭, ୪୦-୪୧; ୨୬:୬-୭, ୨୨-୨୩
   2. ଯିହୋବାଙ୍କ ଦ୍ୱାରା ପ୍ରେରିତ- ପ୍ରେରିତ ୨:୨୩; ୩:୨୬
   3. ନିଜ ସମ୍ବାଦକୁ ଜଣେଇବା ନିମନ୍ତେ ପ୍ରଭୁଙ୍କ ଦୟା ଓ ଆଶ୍ଚର୍ଯ୍ୟ କାର୍ଯ୍ୟ ଦ୍ୱାରା ଜଣାଇଲେ- ପ୍ରେରିତ ୨:୨୨; ୩:୧୬; ୧୦:୩୮
   4. ଅସ୍ୱୀକାର କରିବା- ପ୍ରେରିତ ୩:୧୩-୧୪; ୪:୧୧
   5. କ୍ରୁଶାର୍ପିତ- ପ୍ରେରିତ ୨:୨୩; ୩:୧୪-୧୫; ୪:୧୦; ୧୦:୪୦; ୧୩:୩୦; ୧୭:୩୧; ୨୬:୨୩
   6. ପୁନର୍ଜିବିତ- ପ୍ରେରିତ ୨:୨୪; ୩୧-୩୨; ୩:୧୫, ୨୬; ୪:୧୦; ୧୦:୪୦; ୧୦:୩୦; ୧୭:୩୧; ୨୬:୨୩
   7. ଇଶ୍ୱରଙ୍କ ଦକ୍ଷିଣ ହସ୍ତ ନିକଟରେ ଗୌରବାନ୍ବିତ- ପ୍ରେରିତ ୨:୩୩-୩୬; ୩:୧୩, ୨୧
   8. ସେ ପୁନର୍ବାର ଆଗମନ କରିବେ- ପ୍ରେରିତ ୩:୨୦-୨୧
   9. ନିୟୋଜିତ ବିଚାରକର୍ତ୍ତା- ପ୍ରେରିତ ୧୦:୪୨; ୧୭:୩୧
   10. ପବିତ୍ର ଆତ୍ମାଙ୍କ ପ୍ରେରଣ- ପ୍ରେରିତ ୨:୧୭-୧୮, ୩୩, ୩୮-୩୯; ୧୦:୪୪-୪୭
   11. ଯେତେ ବିଶ୍ୱାସ କରନ୍ତି, ସମସ୍ତଙ୍କର ଉଦ୍ଧାର କର୍ତ୍ତା- ପ୍ରେରିତ ୧୩:୩୮-୩୯
   12. ଆଉ କୈଣସି ଉଦ୍ଧାରକର୍ତ୍ତା ନୁହନ୍ତି- ପ୍ରେରିତ ୪:୧୨; ୧୦:୩୪-୩୬

ଏହି ପ୍ରକାରେ ଏହି ପ୍ରେରିତ ମାନକଂର ଶିକ୍ଷାକୁ ସ୍ୱୀକ୍ରୁତି ପ୍ରଦାନ କରାଯିବା ଆବଶ୍ୟକ;
   1. ମନ ପରିବର୍ତନ- ପ୍ରେରିତ ୨:୩୮; ୩:୧୯; ୧୭:୩୦; ୨୬:୨୦
   2. ବିଶ୍ୱାସ- ପ୍ରେରିତ ୨:୨୧; ୧୦:୪3; ୧୩:୩୮-୩୯
   3. ବାପ୍ତିସ୍ମ ଗ୍ରହଣ ଦ୍ୱାରା- ପ୍ରେରିତ ୨:୩୮; ୧୦:୪୭
   4. ସମସ୍ତେ ଯେପରି ଆସି ପାରନ୍ତି- ପ୍ରେରିତ ୨:୩୯; ୩:୨୫; ୨୬:୨୩

ଏହି ଶିକ୍ଷା ପ୍ରାଚୀନ ମଣ୍ଡଳୀର ସୁସମାଚାର ପ୍ରଚାରରେ ଏକ ମୁଖ୍ୟ ଅଂଶ ହୋଇପାରି ଥିଲା, ଯଦିଚ ଅନେକେ ଲେଖକ ମାନେ ଅନେକ ଅଂଶକୁ ଛାଡି ଦେଇଛନ୍ତି, କିମ୍ବା ଅନ୍ୟ ଅଂଶ ଦୁଡିକରେ ଅଧିକ ଗୁରୁତ୍ୱ ଦେଇଅଛନ୍ତି। ଏହି ସମ୍ପୁର୍ଣ ଲୁକ ଲିଖିତ ଶିକ୍ଷା ପିତରକଂର ଶିକ୍ଷା *Kerygma* କୁ ପ୍ରକାଶ କରେ। ମାର୍କ ରୋମରେ ପ୍ରଚାରିତ ପିତରକଂର ଶିକ୍ଷାକୁ ଏକ ଲିଖିତ ସୁସମାଚାର ଭାବେ ଗଠନ କରିଅଛନ୍ତି। ଉଭୟ ମାଥିଉ ଓ ଲୁକ, ମାର୍କକଂର ଲିଖିତ ପଦ୍ଧତିକୁ ଅନୁସରଣ କରି ଲେଖିଅଛନ୍ତି।

E. ଫ୍ରନ୍କ ସ୍ଟେଜ ତାଙ୍କ ଟିକା "*The Book of Acts, the Early Struggle for an Unhindered Gospel*"ରେ ଏପରି କୁହନ୍ତି, ଏହି ପୁସ୍ତକର ଉଦ୍ଦେଶ୍ୟ ଯିଶୁ ଖ୍ରୀଷ୍ଟଙ୍କର ସୁସମାଚାରକୁ ଯିହୁଦା ଶେଷଠାରୁ ପୃଥିବିର ପ୍ରାନ୍ତ ପର୍ଯ୍ୟନ୍ତ ପହଚାଂଇବା ବୋଲି କହିଅଛନ୍ତି।୧-୧୮ ପର୍ଯ୍ୟନ୍ତ ଏକ ଉତ୍ତମ ସାରଣୀ ଏବଂ ବିଭିନ୍ନ ପ୍ରକାରର ପ୍ରଣାଳୀ ଦେଖିବାକୁ ମିଳେ, ଏବଂ ୨୮:୩୮ ଏହାକୁ ଗୋପନ ଭାବରେ ରଖିବା ଭଳି ରଖି ଏହି ପୁସ୍ତକର ସମାପ୍ତକୁ ଏକ ପ୍ରକାର ବିସ୍ମୟ ଭାବରେ ରଖିଅଛି। ଏହି ପୁସ୍ତର ମୁଳ ଲକ୍ଷ୍ୟ ଖ୍ରୀଷ୍ଟ ଧର୍ମର ପ୍ରସାରର ବିବରଣି ପ୍ରଦାନ କରିବା ଅଟେ।

ପାଉଲ ଏହି ପୁସ୍ତକ ଲେଖି ଅଛନ୍ତି ବୋଲି କେବେ ବି ପ୍ରଶ୍ନ କରାଯାଇ ନାହି, କାରଣ ଏହା ପାଉଲଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପ୍ରକାଶ କରେ । ଏହି ପୁସ୍ତକ ବ୍ୟକ୍ତି କୈନ୍ଦ୍ରିକ ଓ ବ୍ୟକ୍ତିଗତ ଅଟେ । ଏହା ଏକ ଭାବନାରେ ପରିପୁର୍ଣ୍ଣ ଏବଂ ଯଥା ସମ୍ଭବ ଯୁକ୍ତିଯୁକ୍ତ ଅଟେ ।

III. ସମୟ ଓ ଗ୍ରହଣ କର୍ତ୍ତା

A. ଏହି ଦୁଇ ପ୍ରକାରର ପୃଷ୍ଟଭୁମି ମିଳିତ ଭାବରେ ଚିନ୍ତା କରିବା ଆବଶ୍ୟକ, କାରଣ ଦୁଇଗୋଟି ବିପରିତ ସିଦ୍ଧାନ୍ତ ଏହି ପୁସ୍ତକର ସମୟକୁ ପ୍ରଭାଭିତ କରିଥାଏ, ଦୁଇଗୋଟି ସିଦ୍ଧାନ୍ତର ଯୁକ୍ତିଯୁକ୍ତ ଗୁରୁତ୍ୱ ଓ ବାଇବଲ ଭିତିକ ସାକ୍ଷ୍ୟ ରହିଅଛି ।

B. ସେହି ଦୁଇଗୋଟି ସିଦ୍ଧାନ୍ତ ଗୁଡିକ ହେଲା,

1. ପାର୍ମ୍ପାରିକ ସିଦ୍ଧାନ୍ତ, ଯାହା ଅଠରଶହ ଶତାବ୍ଦୀରେ ସର୍ବସମ୍ମତ ଗ୍ରହଣିୟ ଥିଲା
   a. ଏହା "ଦକ୍ଷିଣ ଗାଲାତିୟ ସିଦ୍ଧାନ୍ତ ବୋଲି କୁହାଯାଏ"
   b. ଗାଲାତିୟର ମାନବ ସମାଜ ତୁର୍କୀର ଉତ୍ତର ଦିଗସ୍ତ ଅଂଚଳକୁ ବୁଝାଏ (୧ମ ପିତର ୧:୧) । ଏହି ଗାଲାତିୟ ଲୋକମାନେ (Greek *Keltoi* or Latin *Gall*), ଯୋ ଉମାନେ ଖ୍ରୀ. ପୂ ତୃତିୟ ଶତାବ୍ଦୀରେ ଏହି ଅଂଚଳକୁ ଆବିଷ୍କାର କରିଥିଲେ । ସେମାନଙ୍କୁ ଦକ୍ଷିଣ ଇଉରୋପିୟ ମାନଙ୍କ ଠାରୁ ଅଲଗା କରିବା ନିମନ୍ତେ "Gallo-Graecians" ବୋଲି ଡକାଯାଉ ଥିଲେ । ସେମାନେ ପର୍ଗମର ରାଜା

ଆଟଲାସଙ୍କ ଦ୍ୱାରା ଖ୍ରୀ ପୂ ୨୩୦ରେ ପରାଜିତ ହୋଇଥିଲେ । ଦକ୍ଷିଣ ଏସିଆ ବା ଆଧୁନିକ ତୁର୍କୀଯାଏ ସେମାଙ୍କର ଭୌଗଳିକ ପ୍ରଭାବ ସିମିତ ଅଟେ ।

c. ଯଦି ଏହି ବିଷୟକୁ ଧରିନିଆ ଯାଏ, ତେବେ ଏହାର ସମୟ ହୁଏତ ୫୦ର ମଧ୍ୟସ୍ଥ ଯଥା ପାଉଲଙ୍କର ଦ୍ୱୀତିୟ କିମ୍ବା ତୃତିୟ ସେବା ଯାତ୍ରାର ସମୟ ହୋଇପାରେ, ଓ ପାଉଲଙ୍କର ଯାତ୍ରାର ବନ୍ଧୁ ସିଲା ଓ ତିମଥୀ ହୋଇପାରନ୍ତି ।

d. ଗାଲାତିୟ ୪:୧୩ର ଅସୁସ୍ଥତତାକୁ କେତେକ ଲୋକ ମାନେ ମ୍ୟାଲେରିଆ ବୋଲି କୁହନ୍ତି, ସେମାନେ କୁହନ୍ତି ପାଉଲ ନିଚସ୍ଥ ଉପଦ୍ୱୀପ ସମୁହକୁ ତ୍ୟାଗକରି ପାର୍ବତ୍ୟମୟ ଉଚ୍ଚ ସ୍ଥାନକୁ ସୁସ୍ଥତା ନିମନ୍ତେ ଯାତ୍ରା କରିଥିଲେ ।

**2.**ଦ୍ୱୀତିୟ ସିଦ୍ଧାନ୍ତ Sir Wm. Ramsay, *St. Paul Traveller and Roman Citizen*, New York: G. P. Putnam's Sons, 1896, ପ୍ରଚଳିତ କରିଥିଲେ ।

**a.** ପାରମ୍ପାରିକ ସିଦ୍ଧାନ୍ତ "ଗାଲାତିୟ" କୁ ସାର୍ବଜନିନ ବୋଲି କାର୍ଯ୍ୟରେ ପରିଚାଳନା କରନ୍ତି । ଏହା ମଧ୍ୟ ଦେଖାଯାଏ ଯେ ପାଉଲ ଅନେକ ସମୟରେ ପ୍ରାଦେଶିକ ନାମ ସମୁହକୁ ବ୍ୟବହାର କରନ୍ତି , (୧ମ କରିନ୍ଥୀୟ ୧୬:୧୯; ୨ୟ କରିନ୍ଥୀୟ ୧:୧; ୮:୧) । ଗାଲାତିୟର ରୋମିୟ ପ୍ରଦେଶ ଏକ ବିରାଟ ସ୍ଥାନ ଅଟେ, ଏହି ପ୍ରାଦେଶିକ ଅଂଚଳ ରୋମକୁ ବହୁ ମାତ୍ରାରେ ସହୋଯୋଗ କରି ସ୍ଥାନିୟ ଶକ୍ତି ଓ ଅଧିକାର ପ୍ରାପ୍ତ ହୋଇଥିଲା । ଯଦି ଏହି ଏକ ବିରାଟ ସ୍ଥାନ "ଗାଲାତି" ହୁ, ତେବେ ପାଉଲ ତାହାଙ୍କର ପ୍ରଥମ ସେବା ଯାତ୍ରାରେ ଉତ୍ତର ଆନ୍ତିଓକ୍ଷିଆ ଓ ପିସିଦିଆ, ଲିସ୍ତ୍ରା, ଦର୍ବେ ଓ ଇସୁନିଆକୁ ଆସିଥିଲେ, ଯାହାକି ପ୍ରେରିତ ୧୩-୧୪ରେ ଏହି ମଣ୍ଡଳୀର ବର୍ଣନା କରାଯାଏ ।

**b.** ଯଦି ଏହି "ଉତ୍ତରର ସିଦ୍ଧାନ୍ତ"କୁ ଧରିନିଆଯାଏ, ତେବେ ଏହାର ସମଯ ସିମା ହୁଏତ "ଯେରୁଶାଲେମ ବିବାଦର", ପ୍ରେରିତ ୧୫ର ପୁର୍ବରୁ ହୋଇପାରେ । ଏହି ବିବାଦ ଖ୍ରୀ ପୂ ୪୮-୪୯ରେ ହୋଇଥିଲା, ହୁଏତ ଏହି ସମୟରେ ଏହି ପୁସ୍ତକ ଲେଖାଯାଇ ଥିଲା । ଯଦି ଏହା ସତ, ତେବେ ଏହି ପୁସ୍ତକ ନୁତନ ନିୟମର ପ୍ରଥମ ଲେଖା ହୋଇପାରେ ।

**c.** ଉତ୍ତର ଗାଲାତିୟ ସିଦ୍ଧାନ୍ତ ନିମନ୍ତେ କେତେକ ପ୍ରମାଣ

1) ପାଉଲଙ୍କର ସଥି ବନ୍ଧୁ ମାନଙ୍କର କୈଣସି ନାମ ଲେଖାଯାଇ ନାହି, କିନ୍ତୁ ବର୍ଣବାଙ୍କ ନାମକୁ ତିନିଥର ଲେଖାଯାଇ ଅଛି, (୨:୧,୯, ୧୩) । ଏହା ପାଉଲଙ୍କର ପ୍ରଥମ ସେବା ଯାତ୍ରାର ସମୟ ସହିତ ସମାନ ଅଟେ ।

2) ତିତସ ସୁନ୍ନତ ନ ଥିଲେ ବୋଲି ଏଥିରେ ପ୍ରକାଶିତ ହୋଇଅଛି, (୨:୧-୫), ଏହା ପ୍ରେରିତ ୧୫ର ଯେରୁଶାଲେମ ବିବାଦ ପୁର୍ବରୁ ବୋଲି ଜଣାଯାଏ ।

3) ପିତରଙ୍କର ଆବିର୍ଭାବ (୨:୧୧-୧୪), ଓ ବିଜାତିୟ ମାନଙ୍କ ସହିତ ସହଭାଗିତା ରଖିବା, ଯେରୁଶାଲେମ ବିବାଦ ପୁର୍ବରୁ ବୋଲି ଜଣାଯାଏ ।

4) ପାଉଲଙ୍କର ଲୋକ ମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରୁ ଯେରୁଶାଲେମକୁ ଅର୍ଥ ସଂଗ୍ରହ କରି ନିଆଯାଇ ଥିଲା, ତାହା ଏଠାରେ ବର୍ଣିତ ଅଛି, (ପ୍ରେରିତ ୨୦:୪) । ଏଠାରେ ଉତ୍ତରିୟ ଗାଲାତିୟର ସମ୍ମିଳନ ରହିଅଛି, (୧ମ କରିନ୍ଥୀୟ ୧୬:୧) ।

3. ଏହି ସମସ୍ତ ସିଦ୍ଧାନ୍ତର ବିଭିନ୍ନ ପ୍ରକାରର ପଦ୍ଧତିର ସଠିକ ଉତ୍ତର ପ୍ରାପ୍ତ ନିମନ୍ତେ ଏକ ଉତ୍ତମ ଟିକାକୁ ବ୍ୟବହାର କରନ୍ତୁ । ଉଭୟ ସିଦ୍ଧାନ୍ତର ଉତ୍ତମ ବ୍ୟାଖ୍ୟା ରହିଅଛି, କିନ୍ତୁ "ଉତ୍ତରିୟ ସିଦ୍ଧାନ୍ତ" ଉପଯୁକ୍ତ ଦେଖାଯାଉ ଅଛି ।

C. ଗାଲାତିୟ ଓ ପ୍ରେରିତ ମଧ୍ୟରେ ସମ୍ପର୍କ

1. ପାଉଲ ଯେରୁଶାଲେମକୁ ପାଂଚ ଥର ପରିଭ୍ରମଣ କରିଥିଲେ, ପ୍ରେରିତ ପୁସ୍ତକରେ ଲୁକ ଏହକୁ ଲେଖି ଅଛନ୍ତି:
   a. ୯:୨୬-୩୦, ତାହାଙ୍କର ପରିବର୍ତ୍ତନ ପରେ
   b. ୧୧:୩୦; ୧୨-୨୫, ବିଜାତିୟ ମଣ୍ଡଳୀ ମାନଙ୍କ ଠାରୁ ବନ୍ୟାର ସହାୟତା ପାଇବା ନିମନ୍ତେ
   c. ୧୫:୧-୩୦, ଯେରୁଶାଲେମ ବିବାଦ
   d. ୧୮:୨୨, ସାଧାରଣ ପରିଦର୍ଶନ
   e. ୨୧:୧୫, ବିଜାତିୟ ମାନଙ୍କର ଅନ୍ୟ ଏକ କାର୍ଯ୍ୟ
2. ଗାଲାତିୟ ପୁସ୍ତକରେ ଦୁଇଗୋଟି ଯାତ୍ରା ବିଷୟରେ ଲେଖାଯାଏ;
   a. ୧:୮, ତିନି ବର୍ଷ ପରେ
   b. ୨:୧, ଚଉଦ ବର୍ଷ ପରେ
3. ପ୍ରେରିତ ୯:୨୬ ଓ ଗାଲାତିୟ ୧:୧୮ ପରସ୍ପର ଜଡିତ ଅଟେ । ପ୍ରେରିତ ୧୧:୩୦ ଓ ୧୫:୧ ଲେଖା ନ ଯାଇଥିବା ଦେଖା ସାକ୍ଷାତ, ଯାହାକି ଗାଲାତିୟ ୨:୧ରେ ବର୍ଣନା କରାଯାଇ ଅଛି ।
4. ପ୍ରେରିତ ୧୫ ଓ ଗାଲାତିୟ ୨ ମଧ୍ୟରେ ପାର୍ଥକ୍ୟ ରହିଅଛି, ଏହାର କାରଣ ହେଲା
   a. ବିଭିନ୍ନ ଦେଖିବାର ଶୈଳୀ
   b. ଲୁକ ଏବଂ ପାଉଲଙ୍କର ଭିନ୍ନ ଉଦେଶ୍ୟ

c. ହୋଇପାରେ ଗାଲାତିୟ ୨ର ଘଟଣା ପ୍ରେରିତ ୧୫ର ଘଟଣାର କିଛି ସମୟ ପୂର୍ବରୁ ହୋଇଥାଇ ପାରେ, କିନ୍ତୁ ଏହା ସହିତ ଜଡିତ ଅଟେ।

D. ଏଫ. ଏଫ ବ୍ରୁସ ଓ ମୁର୍ରି ହରିସଙ୍କ ଅନୁସାରେ ପାଉଲଙ୍କର ପାଉଲଙ୍କର ଲେଖା

| ପୁସ୍ତକ | ସମୟ | ଲେଖାଯିବା ସ୍ଥାନ | ପ୍ରେରିତ ପୁସ୍ତକ ସହିତ ସମ୍ପର୍କ |
|---|---|---|---|
| 1. ଗାଲାତିୟ | ୪୮ | ଆନ୍ଟିଓର ସିରିୟା | ୧୪:୨୮; ୧୫:୨ |
| 2. ୧ମ ଥେସଲନିକୀୟ | ୫୦ | କରିନ୍ଥୀୟ | ୧୮:୫ |
| 3. ୨ୟ ଥେସଲନିକୀୟ | ୫୦ | କରିନ୍ଥୀୟ | |
| 4. ୧ମ କରିନ୍ଥୀୟ | ୫୫ | ଏଫେସସ | ୧୯:୨୦ |
| 5. ୨ୟ କରିନ୍ଥୀୟ | ୫୬ | ମାସିଡୋନିଆ | ୨୦:୨ |
| 6. ରୋମିୟ | ୫୭ | କରିନ୍ଥୀୟ | ୨୦:୩ |
| 7-10. ବନ୍ଦୀଶାଳାରୁ ଲିଖିତ ପତ୍ର ସମୂହ | | | |
| କଲସୀୟ | ୬୦ ପୂର୍ବରୁ | ରୋମ | |
| ଏଫିସୀୟ | ୬୦ ପୂର୍ବରୁ | | |
| ଫିଲୀମୋନ | ୬୦ ପୂର୍ବରୁ | | |
| ଫିଲିପପୀୟ | ୬୨-୬୩ ପରେ | | ୨୮:୩୦-୩୧ |
| 11-13. ଚତୁର୍ଥ ସେବା ଯାତ୍ରା | | | |
| ୧ମ ତୀମଥି | ୬୩ କିମ୍ବା ପରେ | ମାସିଡୋନିଆ | |
| ତୀତସ | ୬୩ ପୂର୍ବରୁ | ଏଫେସସ? | |
| ୨ୟ ତୀମଥି | ୬୪, ଖ୍ରୀ ପୂ ୬୮ | ରୋମ | |

IV. ଏହି ପତ୍ରର ଉଦ୍ଦେଶ୍ୟ

A. ପାଉଲ ତିନିଗୋଟି ଭିନ୍ନ ପ୍ରକାରର ଭୁଲ ଶିକ୍ଷକ ମାନଙ୍କୁ ଏହି ପତ୍ର ମାଧ୍ୟମରେ ପ୍ରକାଶ କରୁଅଛନ୍ତି। ଏହି ଭୁଲ ଶିକ୍ଷକ ମାନେ ହେଲେ "ଯିହୁଦିୟ" ଲୋକମନେ, ଏକ ଉତ୍ତମ ଖ୍ରୀଷ୍ଟୀୟ ବିଶ୍ୱାସି ଓ ବିଶ୍ୱାସିନି ହେବାନିମନ୍ତେ ସେମାନଙ୍କୁ ଏକ ଯିହୁଦି ହେବା ନିହାତି ଜରୁରି ବୋଲି ଏହି ମାନେ କହିଥାନ୍ତି, (୬:୧୨)। ଏହି ଯିହୁଦି ମାନଙ୍କର ଶିକ୍ଷା ଉପରେ ତାହାଙ୍କର ଦ୍ରୁଷ୍ଟି ରହିଥିଲା।

1. ପାଉଲ ବାର ଜଣ ଶିଷ୍ୟଙ୍କ ସଦ୍ରୁଶ୍ୟ ଏକ ଶିଷ୍ୟ ନ ଥିଲେ, (ପ୍ରେରିତ ୧:୨୧-୨୨); ଏଣୁ ସେ ମାତ୍ରୁ ମଣ୍ଡଳୀ ଯେରୁଶାଲେମର କ୍ଷମତା ଉପରେ ଅଧିକ ନିର୍ଭରଶିଳ ହୋଇଥିଲେ।
2. ପାଉଲଙ୍କର ଶିକ୍ଷା ସେମାନଙ୍କ ଠାରୁ ଅଲଗା ଥିଲା, ଯାହାକି "ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇଅଛୁ, କୈଣସି ବ୍ୟବସ୍ଥାର କ୍ରିୟା କର୍ମଦ୍ୱାରା ନୁହେ"। ଯେରୁଶାଲେମର କେତେକ ଶିଷ୍ୟ ମାନେ ବ୍ୟକ୍ତିଗତ ସ୍ୱଭାବରେ ଯିହୁଦିୟ ଥିଲେ।
3. କେତେକ ମଣ୍ଡଳୀରେ ବ୍ୟବସ୍ଥା ପ୍ରତି ଅତ୍ୟଧିକ ଆସକ୍ତଥିଲେ (୫:୧୮-୬:୮)। ଏହି ବିଷୟ ପୁର୍ବରୁ ବିଚାର କରାଯାଇ ଥିଲା। ଏହି ଯିହୁଦି ଲୋକମନେ ବୁଦ୍ଧୀଶାଳୀ ଥିଲେ, (୪:୮-୧୧)। ହୁଏତ ଏହା ବିଜାତିୟ ଲୋକ ମାନଙ୍କୁ ଦର୍ଶାଯାଏ, ଏହି ଯିହୁଦି ମାନେ ବିଜାତିୟ ମାନଙ୍କର ଜୀବନ ଶୈଳୀ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ପାଉଲଙ୍କର ଅନୁଗ୍ରହ୍ର ସମ୍ବାଦ କି ପ୍ରକାରେ ବିଜାତିୟ ମାନଙ୍କର ପ୍ରତିମା ପୁଜା ସହିତ ଜଡିତ ଓ ଭିନ୍ନ ଅଟେ, ତାହା ଏକ ପ୍ରକାର ଦୁରୁତ୍ତର ବିଷୟ ଅଟେ।

B. ଏହି ପୁସ୍ତକ ପାଉଲଙ୍କର ରୋମିୟ ପୁସ୍ତକ ସହିତ ଅନେକ ଅଂଶରେ ସମାନ ଅଟେ, ଏହି ଦୁଇଗୋଟି ପୁସ୍ତକ ପାଉଲଙ୍କର ଅନେକ ପ୍ରଧାନ ଶିକ୍ଷାକୁ ପ୍ରକାଶ କରିଥାଏ।

V. ପ୍ରାଥମିକ ଚିଠା

A. ଭୁମିକା, ୧:୧-୧୦

1. ପୁସ୍ତକର ଏକ ସର୍ବସାଧାରଣ ଉପକ୍ରମ।
2. ଏହି ପୁସ୍ତକ ଲେଖାର ସମୟ।

B. ପାଉଲ ତାହାଙ୍କର ଶିଷ୍ୟତ୍ୱକୁ ପ୍ରତିରକ୍ଷା କରୁଅଛନ୍ତି, ୧:୧୧-୨:୧୪

C. ପାଉଲ ନିଜର ସୁସମାଚାରର ଶିକ୍ଷାକୁ ପ୍ରତିରକ୍ଷା କରୁଅଛନ୍ତି, ୨:୧୫-୪:୨୦

D. ପାଉଲ ତାହାଙ୍କର ପ୍ରଚାରିତ ସୁସମାଚାରର ଦୈନନ୍ଦିନ ପ୍ରୟୋଗକୁ ପ୍ରତିରକ୍ଷା କରୁଅଛନ୍ତି, ୫:୧-୬:୧୦

E. ବ୍ୟକ୍ତିଗତ ବିବରଣି ଓ ଶେଷ ଉପଦେଶ, ୬:୧୧-୧୮

VI. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ ।

1. "ଏହି ବର୍ତ୍ତମାନର ମନ୍ଦ ଜଗତ", ୧୪
2. "ଅନ୍ୟ ଏକ ସୁସମାଚାର", ୧:୬
3. ଯିହୁଦୀ, ୧:୧୩
4. ପିତୃପୁରୁଷଙ୍କ ପରମ୍ପରା, ୧:୧୪
5. "ତାହା କେବେହେ ନ ହେଉ", ୨:୧୭
6. "ନିର୍ବୋଧ ଗାଲାତିୟ ମାନେ", ୩:୧,୩
7. ମୋହିତ କରିବା, ୩:୧
8. "ଯଦି ତାହା ବୃଥାହୁଏ", ୩:୪; ୪:୧୧
9. "ଶାପଗ୍ରସ୍ତ", ୩:୧୦
10. "ତାହାଙ୍କର ସନ୍ତାନ", ୩:୧୬
11. "ଦୂତ ମାନଙ୍କ ଦ୍ୱାରା ଜଣେ ମଧ୍ୟସ୍ଥ", ୩:୧୯
12. "ବ୍ୟବସ୍ଥାର ଅଧିନରେ ବନ୍ଦୀହୋଇ ରକ୍ଷିତ", ୩:୨୩
13. "ପ୍ରାଥମିକ ବିଷୟ ଗୁଡାକ", ୪:୩, ୯
14. ପିତଃ, ୪:୬
15. "ଶାରୀରିକ ପିଡା", ୪:୧୩
16. "ଦାସୀର ପୁତ୍ର... ସ୍ୱାଧୀନା ସ୍ତ୍ରୀର ପୁତ୍ର", ୪:୨୩
17. କଥାର ରୁପକ, ୪:୨୪
18. "ଆତ୍ମାଙ୍କ ଦ୍ୱାରା ଆଚରଣ", ୫:୧୬
19. "ଆତ୍ମାଙ୍କ ଫଳ", ୫:୨୨
20. "ବଡ ବଡ ଅକ୍ଷରରେ", ୬:୧୧
21. "ଖ୍ରୀଷ୍ଟଙ୍କ କ୍ଷତଦାଗ", ୬:୧୭

VII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. "ସ୍ୱର୍ଗଦୂତ", ୧:୮
2. କେଫା, ୧:୧୮
3. ବର୍ଣ୍ଣବା, ୨:୧
4. ତିତସ, ୨:୨
5. "ଯେଉମାନେ ଗନ୍ୟମାନ୍ୟ", ୨:୨, ୬
6. "ଭଣ୍ଡ ଭ୍ରାତା", ୨:୪
7. "ସ୍ତମ୍ଭରୁପେ ଖ୍ୟାତ", ୨:୯
8. "ସୁନ୍ନତୀ ବିଶ୍ୱାସୀ ମାନେ", ୨:୧୨
9. "ଅଭିଭାବକ ଓ ବେବର୍ତ୍ତାମାନେ", ୪:୨
10. ହାଗାର, ୪:୨୫

VIII. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ଗାଲାତିୟ ମଣ୍ଡଳୀ ସମୁହ, ୧:୨
2. ଆରବ, ୧:୧୭
3. ଦମ୍ମେସକ, ୧:୧୭
4. ସୁରିଆ, ୧:୨୧
5. ସିଲିସିଆ, ୧:୨୧
6. ଆନ୍ତିୟଖିଆ, ୨:୧୧

IX. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ୧:୧୧-୧୨, ନିଜ ଭାଷାରେ ବୁଝାଇ ଦିଅ ।
2. କେତେବେଳେ ପାଉଲ ଇଶ୍ୱରଙ୍କ ମଣ୍ଡଳୀକୁ ତାଡନା କରୁଥିଲେ? (୧:୧୩)
3. କଣ ପାଇ କେତେକ ତିତସଙ୍କର ସୁନ୍ନତିକରଣ ଚାହୁଁଥିଲେ? (୭:୩)
4. ୨:୬, ନିଜ ଭାଷାରେ ବୁଝାଇ ଦିଅ ।
5. କାହିଁକି ୨:୧୬, ଏହି ପୁସ୍ତକର ମୁଖ୍ୟ ପଦ ଅଟେ?
6. ୨:୨୦, ନିଜ ଭାଷାରେ ବୁଝାଇ ଲେଖ ।
7. ୩:୩ ର ପାଉଲଙ୍କର ପ୍ରଶ୍ନକୁ କି ପ୍ରକାରେ ଆପଣ ଉତ୍ତର ଦେବେ?
8. ଆଦିପୁସ୍ତକ ୧୫:୬,୮କୁ ଗାଲାତିୟ ୩:୬-୮ର ପୃଷ୍ଟରେ ବୁଝାଇ ଦିଅ ।
9. ଯୀଶୁ କିପ୍ରକାରେ ଅଭିଶିପ୍ତ ହୋଇଥିଲେ? (୩:୧୩)
10. ୩:୧୯ ଅନୁଯାଇ ପୁରାତନ ନିୟମର ଉଦ୍ଦେଶ୍ୟ କଣ?
11. ୩:୨୨ କଣ ପାଇ ଏକ ଉତ୍ତମ ସାରାଂଶ ଅଟେ?
12. କଣ ପାଇ ୩:୨୮ ଏକ ଗୁରୁତ୍ୱପୁର୍ଣ ସତ୍ୟତା ଅଟେ?
13. ୪:୧୩ ରେ ପାଉଲଙ୍କର ଶାରିରିକ ଅସୁସ୍ଥତା କଣ ଅଟେ?
14. ଖ୍ରୀଷ୍ଟିୟ ଧର୍ମର ଶେଷଲକ୍ଷ୍ୟ କଣ ଅଟେ? (୪:୧୯)
15. ୫:୩ ରେ ପାଉଲଙ୍କର ଶିକ୍ଷାର ଉଦ୍ଦେଶ୍ୟ କଣ ଅଟେ?
16. ୫:୯ ର ଉକ୍ତିକୁ ବୁଝାଇ ଦିଅ ।
17. "ଅନୁଗ୍ରହରୁ ପତିତ ହୋଇଅଛ" ୫:୪ ଏହାର ଅର୍ଥ କଣ ଅଟେ?
18. ୫:୧୩ କିପ୍ରକାର ଭାବେ ରୋମିୟ ୧୪:୧-୧୫:୧୩ ସହିତ ଜଡିତ?
19. ୫:୨୩ ନିଜ ଭାଷାରେ ବୁଝାଇ ଦିଅ ।
20. ବିଶ୍ୱାସି ମାନେ କିପ୍ରରେ ଅପରାଧରେ ଧରାପଡିଥିବା ବିଶ୍ୱାସି ସହିତ ଜଡିତ? (୬: ୧-୫)
21. ୬:୭ ର ଆଧାତ୍ମିକ ଶିକ୍ଷାକୁ ବର୍ଣନା କର ।
22. ୬:୧୦ କିପ୍ରକାରେ ବାହ୍ୟିକ ବିଶ୍ୱାସି ମାନଙ୍କ ସହିତ ଜଡିତ ଅଟେ?

# ଏଫିସୀୟ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. ଏହି ପୁସ୍ତକର ସତ୍ୟତା, ଅନେକ ସାଧୁ ମାନଙ୍କର ଜୀବନକୁ ପ୍ରଭାଭିତ କରିଅଛି
   1. ଶାମୁଏଲ କଲେର୍ଦେଗି ଏହାକୁ "ମନୁଶ୍ୟ ନିମନ୍ତେ ସ୍ୱର୍ଗୀୟ ଅବଦାନ ବୋଲି କୁହନ୍ତି"
   2. ଜନ କାଲଭିନ ଏହାକୁ ବାଇବଲର ମନ ପସନ୍ଦ ପୁସ୍ତକ ବୋଲି କୁହନ୍ତି
   3. ଜନ ନକ୍ସ ତାହାଙ୍କର ମୃତ୍ୟୁ ଶଯ୍ୟାରେ ଜନ କାଲଭିନଙ୍କ ଦ୍ୱାରା ପ୍ରଚାରିତ ଏଫିସିୟ ପୁସ୍ତକର ପଡିବା ନିମନ୍ତେ ଅନୁରୋଧ କରିଥିଲେ

B. ଏହି ପୁସ୍ତକକୁ ପାଉଲଙ୍କର "ଅଳଙ୍କଂଆରର ମୁକୁଟ" ଓ ପାଉଲଙ୍କ ଶିକ୍ଷାର "ପ୍ରଧାନ ପ୍ରସ୍ତର" ବୋଲି କୁହନ୍ତି। ଏହି ପୁସ୍ତକରେ ସମସ୍ତ ପ୍ରକାରର ଶିକ୍ଷାର ଏକ ଉତ୍ତମ ସାରାଂଶ ଏହି ପୁସ୍ତକରେ ଦେଖିବାକୁ ମିଳିଥାଏ।

C. ପରମେଶ୍ୱର ରୋମିୟ ପୁସ୍ତକକୁ ଯେପରି ଏକ ସମାଜର ସଂସ୍କାରଣ ନିମନ୍ତେ ବ୍ୟବହାର କରିଥିଲେ, ଠିକ ସେହିପରି ଏହି ପୁସ୍ତକକୁ ବିଭକ୍ତ ହୋଇଥିବା ଖ୍ରୀଷ୍ଟିୟ ସମାଜକୁ ଏକତ୍ର କରିବାରେ ଓ ଖ୍ରୀଷ୍ଟଙ୍କ ଠାରେ ଥିବା ସର୍ବ ସାଧାରଣ ସଂମ୍ପର୍କକୁ ପ୍ରକାଶ କରିଥାଏ।

II. ଲେଖକ।

A. ପାଉଲ
   1. ଏହା ୧:୧ରେ କୁହାଯାଇ ଅଛି
   2. ପାଉଲଙ୍କର ରୋମରେ ବନ୍ଦିତ୍ୱର ପ୍ରକାଶନ, ୩:୧; ୪:୧; ୬:୨୦
   3. ପ୍ରାଚୀନ ମଣ୍ଡଳୀର ରିତିନିତି
      a. ରୋମର କ୍ଲେମେନ୍ଟ ଖ୍ରୀ ଅ ୯୫ରେ କରିନ୍ଥୀୟକୁ ଏକ ପତ୍ର ଲେଖିଥିଲେ, ଯୋଉଠି ସେ ଏହି ପୁସ୍ତକରୁ ୪:୪-୬ ଉଦ୍ଧୃତ କରିଥିଲେ।
      b. ଇଗ୍ନାସିଅସ (ଖ୍ରୀ ଅ ୩୦-୧୦୭) ସେ ୧:୯; ୨:୧୯; ୩:୪-୯କୁ ଉଦ୍ଧୃତ କରିଥିଲେ।
      c. ପଲିକ୍ରପ (ଖ୍ରୀ ଅ ୬୫-୧୫୫), ଯେ ଯୋହନଙ୍କର ଜଣେ ଶିଷ୍ୟ ଥିଲେ, ଓ ସ୍ମୁର୍ଣା ମଣ୍ଡଳୀର ବିଷପ ଥିଲେ, ସେ ପାଉଲଙ୍କର ଲେଖାକୁ ସ୍ୱୀକୃତି ପ୍ରଦାନ କରନ୍ତି।
      d. ଇରାନିଅସ (ଖ୍ରୀ ଅ ୧୩୦-୨୦୦) ପାଉଲଙ୍କର ଲେଖାକୁ ସ୍ୱୀକୃତି ପ୍ରଦାନ କରନ୍ତି।
      e. ଆଲେକଜ୍ୟାଣ୍ଡର କ୍ଲେମେନ୍ଟ (ଖ୍ରୀ ଅ ୧୫୦-୨୧୦) ପାଉଲଙ୍କର ଲେଖାକୁ ସ୍ୱୀକୃତି ପ୍ରଦାନ କରନ୍ତି।
   4. ଏହା ଏହି ତାଲିକାରେ ରହିଅଛି,
      a. ମାର୍ସିନ (ଯିଏ ରୋମକୁ ଖ୍ରୀ ପୁ ୧୪୦ରେ ଆସିଥିଲେ), ତାହାଙ୍କର ପୁସ୍ତକରେ ଲେଖିଅଛନ୍ତି
      b. ମୁରାରିଓନ ଲେଖା ଖଣ୍ଡ (ଖ୍ରୀ ପୁ ୧୮୦-୨୦୦), ଏକ ଲିଖିତ ଭାବେ ରୋମରୁ ସଂଗୃହିତ ପୁସ୍ତକ ଯାହା ପାଉଲଙ୍କଂଲେଖାରେ ଦେଖିବାକୁ ମିଳେ।
   5. କଲସୀୟ ଓ ଏଫିସୀୟ ପୁସ୍ତକର ଶେଷ ୨୯ଗୋଟି ଶବ୍ଦରେ ସମାପ୍ତ ହୋଇଅଛି, ଯାହା ଗ୍ରୀକ ଭାଷାରେ ଅବିକଳ ସମାନ ଅଟେ, (କଲସିୟରେ ଦୁଇଗୋଟି ଶବ୍ଦ ଅଧିକ ରହିଅଛି)।

B. ଅନ୍ୟ ଲେଖକ
   1. ଇରାସ୍ମୁମସ, ଯିଏକି ଏହି ଅବୁ ଉତ୍ସ ସକାଶୁ ପାଉଲଙ୍କର ଲେଖାକୁ ସନ୍ଦେହ କରିଥିଲେ,
      a. ଶୈଳୀ- ଲମ୍ବା ବାକ୍ୟ ସମୁହ, ଯାହାକି ପାଉଲଙ୍କର ଅନ୍ୟ ସବୁ ପତ୍ର ଠାରୁ ଭିନ୍ନ ଅଟେ,
      b. ବ୍ୟକ୍ତିଗତ ଶୁବେଚ୍ଛା ଦେଖାନ ଦେବା
      c. ଶବ୍ଦ ପ୍ରୋୟୋଗରେ ଅଦ୍ୱୀତିୟ

C. ଇରାମଶଙ୍କ ଯୁକ୍ତିର ଉତ୍ତର
   1. ପାଉଲଙ୍କର ଲେଖାଶୈଳୀ ଅଲଗା, କାରଣ ପାଉଲଙ୍କ ପାଖରେ ଏହି ପୁସ୍ତକ ଲେଖିବା ସମୟରେ ବନ୍ଦୀଶାଳାରେ ଅନେକ ସମୟ ରହିଥିଲା।

2. ପାଉଲଙ୍କର ବ୍ୟକ୍ତିଗତ ଶୁଭେଛା ନ ଥିବା ସତ୍ତ୍ୱେ, ଏହାକୁ ସେହି ଅଂଚଳର ଅନେକ ମଣ୍ଡଳୀ ମାନଙ୍କୁ ପରିଭ୍ରମଣ କରିବା ନିମନ୍ତେ ଅନୁମତି ଦିଆଯାଇ ଥିଲା ବୋଲି କୁହାଯାଏ । ପ୍ରକାଶିତ ୨-୩ରେ ଏହି ରୋମିୟ ଡାକଯୋଗର ଏକ ସଂକେତ ଦେଖାଯାଏ, ଯାହାକି ଏଫିସୀୟରୁ ଲିକୁସ ନଦୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ପାଉଲଙ୍କର ଏହି ପତ୍ରରେ କଲସିୟର କେତେକ ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ଶୁଭେଛା ଜଣାଇ ଲେଖି ତିନିଗୋଟି ନିର୍ଦ୍ଦିଷ୍ଟ ମଣ୍ଡଳୀର ଲୋକମାନଙ୍କୁ ଲେଖୁଅଛନ୍ତି ।

3. ଏଫିସୀୟ ଓ ରୋମିୟ ପୁସ୍ତକର ଗୁରୁତ୍ୱପୂର୍ଣ ଶବ୍ଦ ସମୂହ ଅବିକଳ ସମାନ ଅଟେ, (*hapax legomena*) । ଏହି ପୁସ୍ତକର ଉଦ୍ଦେଶ୍ୟ, ଗୁରୁତ୍ୱ ବିଷୟ, ଗ୍ରାହକ ଓ ସମୟ ସୀମା ନୂତନ ଶବ୍ଦ ଦ୍ୱାରା ବର୍ଣନା କରାଯାଇଅଛି ।

4. ପାଉଲ "ପ୍ରେରିତ ଓ ଭାବବାଦୀ" ମାନଙ୍କ ବିଷୟରେ ୧ମ କରିନ୍ଥୀୟ ୧୨:୨୮ରେ କୁହନ୍ତି, ଯାହାକି ୨:୫ଓ ୩:୫ ସହିତ ସମାନ । କାରଣ ପାଉଲ ୧ମ କରିନ୍ଥୀୟ ଲେଖିଅଛନ୍ତି ବୋଲି କେହି ସୁଧା ଅସ୍ୱୀକୃତି ପ୍ରଦାନ କରନ୍ତି ନାହି ।

III. କଲସୀୟ ଏବଂ ଏଫିସୀୟ ମଧ୍ୟରେ ଲିଖିତ ସଂମ୍ପର୍କ

A. କଲସୀୟ ଏବଂ ଏଫିସୀୟ ମଧ୍ୟରେ ଥିବା ଐତିହାସିକ ସଂମ୍ପର୍କ

1. ଏପାଫ୍ରା (କଲସୀୟ ୧:୭; ୪:୧୨; ଫିଲିମୋନ ୨୩) ପାଉଲଙ୍କର ଦ୍ୱାରା ଏଫିସୀୟରେ ପ୍ରଚାରିତ (ପ୍ରେରିତ ୧୯) ବାକ୍ୟ ଦ୍ୱାରା ପରିବର୍ତ୍ତିତ ହୋଇଥିଲେ ।
   a. ସେ ଏହି ସୁସମାଚାରକୁ ନିଜ ସ୍ଥାନ ଓ ଗୃହକୁ, ଅର୍ଥାତ ଲୁସିଆ ନଦୀସ୍ଥ ପର୍ଯ୍ୟନ୍ତ ପହଂଚାଇ ଥିଲେ ।
   b. ସେ ତିନିଗୋଟି ମଣ୍ଡଳୀ ସ୍ଥାପନ କରିଥିଲେ ଯଥା, ହାଇରାପଲିସ, ଲାଉଦିକିଆ ଓ କଲସୀୟ ମଣ୍ଡଳୀ ।
   c. ଏପାଫ୍ରା ପାଉଲଙ୍କ ଠାରୁ, କିପ୍ରକାର ଭାବରେ ଏହି ବର୍ତମାନ ଯୁଗର ମତ୍ତାଅବଲମ୍ବୀ ବ୍ୟକ୍ତି ମାନଙ୍କ ଠାରୁ ସଂଘର୍ଷ କରିବାକୁ ହେବ, ତାହା ବିଷୟରେ ଉପଦେଶ ମାଗିଅଛନ୍ତି । ଏହି ସମୟରେ ପାଉଲ ରୋମର ଏକ ବନ୍ଦୀଶାଳାରେ ଥିଲେ, (୬୦ର ପ୍ରାରମ୍ଭରେ)
2. ଭ୍ରାନ୍ତ ଶିକ୍ଷକମାନେ ଆସି ଗ୍ରୀକ ଶିକ୍ଷା ଦ୍ୱାରା ସୁସମାଚାରକୁ ଲିନ କରିବାପାଇ ଇଛାକଲେ
   a. ବସ୍ତୁ ଏବଂ ଆତ୍ମା ଉଭୟ ସମାନ ଭାବରେ ଅନନ୍ତ କାଳରୁ ରହିଅଛନ୍ତି
   b. ଆତ୍ମା (ଇଶ୍ୱର) ଭଲ ଅଟେ
   c. ବସ୍ତୁ (ସୃଷ୍ଟି) ମନ୍ଦ ଅଟେ
   d. ଇନୋକ (ଦୂତ ମାନଙ୍କର) ଏକ କାହଣି, ଯୋଉଠାରେ ଭଗବାନ ମାନଙ୍କୁ ଶକ୍ତିଶାଳୀ ଓ ଦୁର୍ବଳ, ଏହି ପ୍ରକାରେ ଦୁଇଭାଗରେ ବିଭକ୍ତ କରାଯାଏ
   e. ପରିତ୍ରାଣ ଏକ ପ୍ରକାରର ଗୁପ୍ତ ରହସ୍ୟମୟ ବାର୍ତା ଯାହାଦ୍ୱାରା ଏହାକୁ ଉପଲବ୍ଧ କରାଯାଇ ପାରେ ବୋଲି ଏହି (ଦୂତ ମାନଙ୍କ ପୁସ୍ତକରେ) ଲିଖିତ ଅଛି ।

B. ପାଉଲଙ୍କର ଦୁଇଗୋଟି ପତ୍ରର ଲେଖାଶୈଳୀର ମଧ୍ୟରେ ସମ୍ପର୍କ

1. ପାଉଲ ଏହି ମଣ୍ଡଳୀର ଭୁଲ ଶିକ୍ଷା ବିଷୟରେ ଏପାଫ୍ରାଙ୍କ ଠାରୁ ଶୁଣିବାକୁ ପାଇଥିଲେ, କିନ୍ତୁ ସେ ବ୍ୟକ୍ତିଗତ ଭାବେ କେବେ ସୁଧା ପରିଦର୍ଶନ କରିନ ଥିଲେ ।
2. ପାଉଲଙ୍କର ଏହା ଏକ ଶକ୍ତିଯୁକ୍ତ ପତ୍ର. ଯାହାକି ସେ ଏକ ଛୋଟ କିନ୍ତୁ ଏହା ତାହାଙ୍କର ହୃଦୟର ଭାବ ପ୍ରବଣତାକୁ ପ୍ରକାଶ କରେ । ଏହାର ମୁଖ୍ୟ ଉଦ୍ଦେଶ୍ୟ, ଯୀଶୁ ଖ୍ରୀଷ୍ଟ ଏହି ଜଗତର କର୍ତା ଅଟନ୍ତି । ଏହା ପାଉଲଙ୍କର କଲସୀୟ ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।
3. ହୋଇପାରେ କଲସୀୟ ପୁସ୍ତକ ଲେଖି ସାରିଲା ପରେ ପାଉଲ ଏହି ଏଫିସୀୟ ପୁସ୍ତକ ବନ୍ଦୀଶାଳାରୁ ଲେଖିଥିଲେ, ସେ ସମାନ ପ୍ରକାରର ଭାବ ପ୍ରକାଶକରି ଏଫିସୀୟକୁ ଲେଖିଅଛନ୍ତି (୧:୩-୧୪, ୧୫-୨୩; ୨:୧-୧୦, ୧୪-୧୮, ୧୯-୨୨; ୩:୧-୧୨, ୧୪-୧୯; ୪:୧୧-୧୬; ୬:୧୩-୨୦) । ଏହା କଲସୀୟ ଠାରୁ ଆରମ୍ଭ ହୋଇ ଏଠାରେ ସମାପ୍ତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ଏକତ୍ର ଭାବରେ ପ୍ରେମରେ ଜୀବନ ଯାପନ କରିବା ।

C. ଲେଖାଶୈଳୀ ଓ ବାଇବଲ ଭିତିକ ଶିକ୍ଷାର ସମ୍ପର୍କ

1. ସାଧାରଣ ଲେଖାଶୈଳୀର ଗଠନ ପ୍ରଣାଳୀ
   a. ସେମାନଙ୍କର ପ୍ରାରମ୍ଭିକ ଲେଖାଶୈଳୀର ସମାନତା
   b. ସେମାନଙ୍କର ଶିକ୍ଷା ପ୍ରଥମିକ ଭାବେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନି ଉପରେ ଆଧାରିତ
   c. ସେମାନଙ୍କର ଜିବନ ଯାପନ ପ୍ରଣାଳୀ, ଯାହାକି ସେମାନଙ୍କର ଦୈନନ୍ଦିନ ଜୀବନ ଯାପନକୁ ପ୍ରଭାଭିତ କରିଥାଏ,
   d. ସେମାନଙ୍କର ଶେଷ ବାଣୀ ଯାହା ଗ୍ରୀକ ଶବ୍ଦ ସହିତ ସମାନ ୨୯ ଶବ୍ଦ, କେବଳ ଦୁଇଗୋଟି ଅଲଗା ଶବ୍ଦ କଲସିୟରେ ଜଡ଼ିତ ରହିଅଛି ।

2. ସମାନ ରହିଥିବା ଶବ୍ଦ ଓ ବାକ୍ୟାଂଶ

| | |
|---|---|
| ଏଫିସୀୟ ୧:୧ଗ ଏବଂ କଲସୀୟ ୧:୨କ | "ବିଶ୍ୱସ୍ତ" |
| ଏଫିସୀୟ ୧:୪ ଏବଂ କଲସୀୟ ୧:୨୨ | "ପବିତ୍ର ଓ ଅନିନ୍ଦନିୟ" |
| ଏଫିସୀୟ ୧:୭ ଏବଂ କଲସୀୟ ୧:୧୪ | "ଉଦ୍ଧାର....... କ୍ଷମା" |
| ଏଫିସୀୟ ୧:୧୦ ଏବଂ କଲସୀୟ ୧:୨୦ | "ସମସ୍ତ ବିଷୟ....... ସ୍ୱର୍ଗ.......ପ୍ରୁଥିବୀ" |
| ଏଫିସୀୟ ୧:୧୫ ଏବଂ କଲସୀୟ ୧:୩-୪ | "ଶୁଣ..........ସାଧୁ ମାନଙ୍କ ନିମନ୍ତେ ପ୍ରେମ" |
| ଏଫିସୀୟ ୧:୧୮ ଏବଂ କଲସୀୟ ୧:୨୭ | "ଗୈରବ ରୁପ ଧନ" |
| ଏଫିସୀୟ ୨:୧ ଏବଂ କଲସୀୟ ୧:୧୩ | "ତୁମ୍ଭେମାନେ ମୃତ ଅବସ୍ଥାରେ ଥିଲ" |
| ଏଫିସୀୟ ୨:୧୬ ଏବଂ କଲସୀୟ ୧:୨୦ | "ମିଳନ.........କ୍ରୁଶ" |
| ଏଫିସୀୟ ୩:୨ ଏବଂ କଲସୀୟ ୧:୨୫ | "ସେବାକାର୍ଯ୍ୟ" |
| ଏଫିସୀୟ ୩:୩ ଏବଂ କଲସୀୟ ୧:୨୬-୨୭ | "ନିଗୁଢତତ୍ତ୍ୱ" |
| ଏଫିସୀୟ ୪:୩ ଏବଂ କଲସୀୟ ୩:୧୪ | "ଐକ୍ୟ ରକ୍ଷା କରିବା" |
| ଏଫିସୀୟ ୪:୧୫ ଏବଂ କଲସୀୟ ୨:୧୯ | "ମସ୍ତକ" ଏବଂ "ବୃଦ୍ଧି" |
| ଏଫିସୀୟ ୪:୨୪ ଏବଂ କଲସୀୟ ୩:୧୦, ୧୨,୧୪ | "ପରିଧାନ କରିବା...." |
| ଏଫିସୀୟ ୪:୩୧ ଏବଂ କଲସୀୟ ୩:୮ | "କ୍ରୋଧ," "ରାଗ," "ଦ୍ୱେଷ," "ଲୋଭ" |
| ଏଫିସୀୟ ୫:୩ ଏବଂ କଲସୀୟ ୩:୫ | "ବ୍ୟବିଚାର," "ଅଶୁଚିତା," "ଲୋଭ" |
| ଏଫିସୀୟ ୫:୫ ଏବଂ କଲସୀୟ ୩:୫ | "ବ୍ୟବିଚାରୀ" (ଅଶୁଦ୍ଧାଚାରୀ) |
| ଏଫିସୀୟ ୫:୬ ଏବଂ କଲସୀୟ ୩:୬ | "ଇଶ୍ୱରଙ୍କ କ୍ରୋଧ" |
| ଏଫିସୀୟ ୫:୧୬ ଏବଂ କଲସୀୟ ୪:୫ | "ସୁଯୋଗର ସତ ବ୍ୟବହାର" |

3. ସଠିକ ପ୍ରକାରର ବାକ୍ୟାଂଶ ଏବଂ ବାକ୍ୟ
   ଏଫିସୀୟ ୧:୧କ ଏବଂ କଲସୀୟ ୧:୧କ
   ଏଫିସୀୟ ୧:୧ଖ ଏବଂ କଲସୀୟ ୧:୨ଖ
   ଏଫିସୀୟ ୧:୨କ ଏବଂ କଲସୀୟ ୧:୨ଖ
   ଏଫିସୀୟ ୧:୧୩ ଏବଂ କଲସୀୟ ୧:୫
   ଏଫିସୀୟ ୨:୧ ଏବଂ କଲସୀୟ ୨:୧୩
   ଏଫିସୀୟ ୨:୫ଖ ଏବଂ କଲସୀୟ ୨:୧୩ଗ
   ଏଫିସୀୟ ୪:୧ଖ ଏବଂ କଲସୀୟ ୧:୧୦କ
   ଏଫିସୀୟ ୬:୨୧-୨୨ ଏବଂ କଲସୀୟ ୪:୭-୮ ("*kai syndoulos*" ଏହା ବ୍ୟତିତ ୨୯ଗୋଟି ସମାନ ଶବ୍ଦ କଲସୀୟରେ ଦେଖିବାକୁ ମିଳେ)

4. ସମାନ ପ୍ରକାରର ବାକ୍ୟାଂଶ ଏବଂ ବାକ୍ୟ
   ଏଫିସୀୟ ୧:୨୧ ଏବଂ କଲସୀୟ ୧:୧୬
   ଏଫିସୀୟ ୨:୧ ଏବଂ କଲସୀୟ ୧:୧୩
   ଏଫିସୀୟ ୨:୧୬ ଏବଂ କଲସୀୟ ୧:୨୦
   ଏଫିସୀୟ ୩:୭କ ଏବଂ କଲସୀୟ ୧:୨୩ଘ, ୨୫କ
   ଏଫିସୀୟ ୩:୮ ଏବଂ କଲସୀୟ ୧:୨୭
   ଏଫିସୀୟ ୪:୨ ଏବଂ କଲସୀୟ ୩:୧୨
   ଏଫିସୀୟ ୪:୨୯ ଏବଂ କଲସୀୟ ୩:୮; ୪:୬
   ଏଫିସୀୟ ୪:୩୨ଖ ଏବଂ କଲସୀୟ ୩:୧୩ଖ
   ଏଫିସୀୟ ୫:୧୫ ଏବଂ କଲସୀୟ ୪:୫
   ଏଫିସୀୟ ୫:୧୯-୨୦ ଏବଂ କଲସୀୟ ୩:୧୬

5. ସମାନ ପ୍ରକାରର ଭାବ ପ୍ରକାଶ କାରି ବାକ୍ୟାଂଶ

| | |
|---|---|
| ଏଫିସୀୟ ୧:୩ ଏବଂ କଲସୀୟ ୧:୩ | ଧନ୍ୟବାଦାର୍ଥକ ପ୍ରାର୍ଥନା |
| ଏଫିସୀୟ ୨:୧, ୧୨ ଏବଂ କଲସୀୟ ୧:୨୧ | ଇଶ୍ୱରଙ୍କ ଠାରୁ ପ୍ରୁଥକ |

| | |
|---|---|
| ଏଫିସୀୟ ୨:୧୫ ଏବଂ କଲସୀୟ ୨:୧୪ | ବ୍ୟବସ୍ଥାର ବିରୁଦ୍ଧ ଚରଣ |
| ଏଫିସୀୟ ୪:୧ ଏବଂ କଲସୀୟ ୧:୧୦ | ଯୋଗ୍ୟ ଆଚରଣ |
| ଏଫିସୀୟ ୪:୧୫ ଏବଂ କଲସୀୟ ୨:୧୯ | ଈଶ୍ୱର ମସ୍ତକ ଓ ତାହାଙ୍କ ଶରିର ବୃଦ୍ଧିହେବା ଆବଶ୍ୟକ |
| ଏଫିସୀୟ ୪:୧୯ ଏବଂ କଲସୀୟ ୩:୫ | ବ୍ୟବିଚାର |
| ଏଫିସୀୟ ୪:୨୨,୩୧ ଏବଂ କଲସୀୟ ୩:୮ | ପାପକୁ "ପରିତ୍ୟାଗ କରେ" |
| ଏଫିସୀୟ ୪:୩୨ ଏବଂ କଲସୀୟ ୩:୧୨-୧୩ | ପରସ୍ପର ସହିତ ସଦୟ ହେବା |
| ଏଫିସୀୟ ୫:୪ ଏବଂ କଲସୀୟ ୩:୮ | ଖ୍ରୀଷ୍ଟିୟ ବାର୍ତ୍ତାଳାପ |
| ଏଫିସୀୟ ୫:୧୮ ଏବଂ କଲସୀୟ ୩:୧୬ | ପବିତ୍ର ଆତ୍ମାରେ ପୂର୍ଣ = ପ୍ରଭୁଙ୍କ ବାକ୍ୟ |
| ଏଫିସୀୟ ୫:୨୦ ଏବଂ କଲସୀୟ ୩:୧୭ | ସମସ୍ତ ବିଷୟ ନିମନ୍ତେ ପ୍ରଭୁଙ୍କୁ ଧନ୍ୟବାଦ ଦେବା |
| ଏଫିସୀୟ ୫:୨୨ ଏବଂ କଲସୀୟ ୩:୧୮ | ସ୍ତ୍ରୀମାନେ ସ୍ୱାମି ମାନଙ୍କର ବଶିଭୁତା ହେବା |
| ଏଫିସୀୟ ୫:୨୫ ଏବଂ କଲସୀୟ ୩:୧୯ | ସ୍ୱାମିମାନେ, ସ୍ତ୍ରୀମାଅନଙ୍କୁ ପ୍ରେମ କରିବା |
| ଏଫିସୀୟ ୬:୧ ଏବଂ କଲସୀୟ ୩:୨୦ | ପିଲାମାନେ, ପିତା ମାତାଙ୍କର କଥା ମାନିବା |
| ଏଫିସୀୟ ୬:୪ ଏବଂ କଲସୀୟ ୩:୨୧ | ପିତାମାନେ, ପିଲାମାନଙ୍କୁ ବିରକ୍ତି ନ କର |
| ଏଫିସୀୟ ୬:୫ ଏବଂ କଲସୀୟ ୩:୨୨ | ଦାସ ମାନେ, ନିଜ ମାଲିକଙ୍କ କଥା ଶୁଣ |
| ଏଫିସୀୟ ୬:୯ ଏବଂ କଲସୀୟ ୪:୧ | ମାଲିକ ଓ ଦାସ |
| ଏଫିସୀୟ ୬:୧୮ ଏବଂ କଲସୀୟ ୪:୨-୪ | ପାଉଲଙ୍କର ପ୍ରାର୍ଥନାର ଅନୁରୋଧ |

6. କଲସୀୟ ଏବଂ ଏଫିସୀୟର ବ୍ୟବହୃତ ଶବ୍ଦ ସମୁହ ଯାହାକି ପାଉଲଙ୍କର ଅନ୍ୟ ସବୁ ପତ୍ରରେ ଦେଖଯାଏ ନାହି,
   a. "ପୁର୍ଣତା"

| | |
|---|---|
| ଏଫିସୀୟ ୧:୨୩ | "ଯେ ସମସ୍ତ ବିଷୟକୁ ସର୍ବୋତଭାବେ ପୂର୍ଣ କରନ୍ତ, ତାହାଙ୍କର ପୁର୍ଣତା" |
| ଏଫିସୀୟ ୩:୧୯ | "ଈଶ୍ୱରଙ୍କ ସମସ୍ତ ପୂର୍ଣତାରେ ପରିପୁର୍ଣ ହୁଅ" |
| ଏଫିସୀୟ ୪:୧୩ | "ଖ୍ରୀଷ୍ଟଙ୍କ ପୂର୍ଣତାରେ ପରିପୁର୍ଣ" |
| କଲସୀୟ ୧:୧୯ | "ତାହାଙ୍କ ଠାରେ ସମସ୍ତ ପୁର୍ଣତା ବାସ କରିବ" |
| କଲସୀୟ ୨:୯ | "ସମ୍ପୁର୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇବାସ କରେ" |

   b. ଖ୍ରୀଷ୍ଟ ମଣ୍ଡଳୀର "ମସ୍ତକ" ସଦୃଶ୍ୟ
      ଏଫିସୀୟ ୪:୧୫, ୫:୨୩ ଏବଂ କଲସୀୟ ୧:୧୮; ୨:୧୯
   c. "ପୃଥକ"
      ଏଫିସୀୟ ୨:୧୨; ୪:୧୮ ଏବଂ କଲସୀୟ ୧:୨୧
   d. "ସୁଯୋଗର ସଦବ୍ୟବହାର କର"
      ଏଫିସୀୟ ୫:୧୬ ଏବଂ କଲସୀୟ୪:୫
   e. "ସ୍ଥାପିତ"
      ଏଫିସୀୟ ୩:୧୭ ଏବଂ କଲସୀୟ ୨:୭
   f. "ସତ୍ୟ ବାକ୍ୟ, ସୁସମାଚାର"
      ଏଫିସୀୟ ୧:୧୩ ଓ କଲସୀୟ ୧:୫
   g. "ସହନଶୀଳ"
      ଏଫିସୀୟ ୪:୨ଏବଂ କଲସୀୟ ୩:୧୩
   h. ଅସାଧାରଣ ଶବ୍ଦ ଓ ବାକ୍ୟ ("ସୁସଂଯୁକ୍ତ," "ପ୍ରାପ୍ତ")
      ଏଫିସୀୟ ୪:୧୬ ଏବଂ କଲସୀୟ ୨:୧୯

D. ସାରାଂଶ

1. ଏଫିସୀୟର ଏକ ତୃତିଆଂଶ ଶବ୍ଦ କଲସୀୟରେ ଦେଖାଯାଏ। ଏଫିସିୟର ୧୫୫ଟି ଶବ୍ଦ ମଧ୍ୟରୁ ୭୫ଗୋଟି ଶବ୍ଦ କଲସିୟରେ ଦେଖାଯାଏ, ଦୁଇଗୋଟି ପତ୍ର ପାଉଲ ବନ୍ଦୀ ଅବସ୍ଥାରେ ଲେଖିଅଛନ୍ତି।
2. ତୁଖିକଙ୍କ ଦ୍ୱାରା ଦୁଇଗୋଟି ପତ୍ର ପଠାଯାଇ ଥିଲା
3. ଦୁଇଗୋଟି ପତ୍ର ସମାନ ସ୍ଥାନକୁ ପଠାଯାଇ ଥିଲା, (ଏସିଆ ମାଇନର)

4. ଦୁଇଗୋଟି ପତ୍ର ସମାନ ଖ୍ରୀଷ୍ଟଙ୍କ ବିଷୟରେ ବର୍ଣନା କରେ
5. ଦୁଇଗୋଟି ପତ୍ର ସମାନ ଖ୍ରୀଷ୍ଟଙ୍କୁ ମଣ୍ଡଳୀର ମସ୍ତକ ବୋଲି ବର୍ଣନା କରନ୍ତି
6. ଦୁଇଗୋଟି ପତ୍ର ସମାନ ଭାବରେ ଖ୍ରୀଷ୍ଟିୟ ଜୀବନ ଯାପନକୁ ଉତ୍ସାହିତ କରନ୍ତି

E. ମୁଖ୍ୟ ବିଷୟର ଅସାମାନ୍ୟତା

1. କଲସୀୟ ଏକ ସ୍ଥାନିୟ ମଣ୍ଡଳୀ ଓ ଏଫିସୀୟ ଏକ ସାର୍ବଜନୀନ ମଣ୍ଡଳୀ ଅଟେ । ଏହା ହୁଏତ ଏଫିସୀୟ ପତ୍ରର ପରିଭ୍ରମଣ ସକାଶୁ ହୋଇପାରେ ।
2. କଲସୀୟ ମଣ୍ଡଳୀରେ ଭୁଲ ଶିକ୍ଷକ ମାନଙ୍କର ଆଧିପତ୍ୟ ରହିଥିଲା, ଯାହା ସିଧା ସିଧା ଏଫିସୀୟରେ ଲେଖାଯାଏ ନାହିଁ । କିନ୍ତୁ ଉଭୟ ପତ୍ରରେ ଏହି ପ୍ରକାରର ତଥ୍ୟ ରହିଅଛି, ("ବୁଦ୍ଧୀ" "ଗ୍ୟାଂନ", "ପୁର୍ଣତା", "ନିଗୁଡତତ୍ତ୍ୱ," "ପରମ୍ପରା ଓ ଶକ୍ତି" ଓ "ତତ୍ତ୍ୱାବଧାନ") ।
3. କଲସୀୟରେ ଦ୍ୱିତିୟ ଆଗମନକୁ ଅତିଶିଘ୍ର ବୋଲି କୁହାଯିବା ସମୟରେ ଏଫିସୀୟରେ ଏହା ଟିକିଏ ବିଳମ୍ବ ବୋଲି ଜଣାଯାଏ । ମଣ୍ଡଳୀ ଏହି ପତିତ ଜଗତର ସେବା ନିମତେ ଡକାଯାଇ ଥିଲା ଏବଂ ଅଛି, (୨:୭, ୩:୨୧; ୪:୧୩) ।
4. ପାଉଲ ତାହାଙ୍କର ଲେଖାରେ ପ୍ରତିଟି ଶବ୍ଦକୁ ଅଲଗା ଅଲଗା ଭାବରେ ବ୍ୟବହାର କରିଅଛନ୍ତ, ଏହାର ଏକ ଉଦାହରଣ ହେଲା, "ନିଗୁଡତତ୍ତ୍ୱ", କଲସୀୟରେ ଏହା ଯୀଶୁ ଖ୍ରୀଷ୍ଟଙ୍କୁ ବୁଝାଏ (କଲସୀୟ ୧:୨୬-୨୭; ୨:୨; ୪:୩), କିନ୍ତୁ ଏଫିସୀୟରେ ଏହା ପ୍ରଭୁଙ୍କର ପୁର୍ବ ମନୋନିତ ଯୋଜନା, ଯାହାକି ବର୍ତ୍ତମାନ ପ୍ରକାଶିତ ହୋଇଅଛି, ଏହା ଯିହୁଦୀ ଓ ବିଜାତି ମାନଙ୍କର ମିଳନକୁ ବୁଝାଏ (୧:୯,୫:୩୨) ।
5. ଏଫିସୀୟ ପୁସ୍ତକରେ ଅନେକ ପୁରାତନ ନିୟମର ଉଦ୍ଧୃତାଂଶ ଦେଖିବାକୁ ମିଳେ, (୧:୨୨- ଗୀତସଂହିତା ୮; ୨:୧୭- ଯିଶାଇୟ ୫୭:୧୯) (୨:୨୦- ଗୀତସଂହିତା ୧୧୮-୨୨) (୪:୮— ଗୀତସଂହିତା ୬୮:୧୮) (୪:୨୬— ଗୀତସଂହିତା ୪:୪) (୫:୧୫— ଯିଶାଇୟ ୨୬:୧୯, ୫୧:୧୭, ୫୨:୧, ୬୦:୧) (୫:୩—ଆଦିପୁସ୍ତକ ୩:୨୪) (୬:୨- ୩- ଯାତ୍ରାପୁସ୍ତକ ୨୦:୧୨) (୬:୧୪- ଯିଶାଇୟ ୧୧:୫, ୫୯:୧୭) (୬:୧୫- ଯିଶାଇୟ ୫୨:୭), କିନ୍ତୁ କଲସୀୟରେ କେବଳ ଦୁଇଗୋଟି ଦେଖାଯାଏ, (୨:୩- ଯିଶାଇୟ ୧୧:୨) ଓ (୨:୨୨- ଯିଶାଇୟ ୨୯:୧୩)

F. ଯଦିଚ ଶବ୍ଦ, ବାକ୍ୟାଂଶ ଓ ପ୍ରାଥମିକ ଚିଠା ଅନେକ ମାତ୍ରାରେ ସମାନ, ତଥାପି ଏହି ଚିଠିରେ ଅନେକ ଗୁରୁତ୍ୱପୁର୍ଣ ସତ୍ୟତା ରହିଅଛି,

1. ତ୍ରୀଐକ୍ୟ ଈଶ୍ୱରଙ୍କ ଆଶିର୍ବାଦ ଓ ଅନୁଗ୍ରହ, ଏଫିସୀୟ-୧:୩-୧୪
2. ଅନୁଗ୍ରହର ଅଧ୍ୟାୟ- ଏଫିସୀୟ ୨:୧-୧୦
3. ଯିହୁଦୀ ଓ ବିଜାତିୟ ମାନଙ୍କର ଈଶ୍ୱରଙ୍କ ଶରିର ରୁପକ ମଣ୍ଡଳୀରେ ଏକତ୍ରିକରଣ, ଏଫିସୀୟ ୨:୧୧-୩:୧୩
4. ମଣ୍ଡଳୀରେ ଆତ୍ମାଙ୍କ ଦାନ ଓ ଏକତା, ଏଫିସୀୟ ୪:୧-୧୬
5. "ମଣ୍ଡଳୀ ଏବଂ ଖ୍ରୀଷ୍ଟ", ଯାହା "ସ୍ୱାମି ଓ ସ୍ତ୍ରୀ" ର ନିଦର୍ଶନ ଅଟେ, ଏଫିସୀୟ ୫:୨୨-୩୩
6. ଆଧ୍ୟାତ୍ମିକ ଯୁଦ୍ଧ, ଏଫିସୀୟ ୬:୧୦-୧୮
7. ଖ୍ରୀଷ୍ଟ କୈନ୍ଦ୍ରିକ ଅଂଶ, କଲସୀୟ ୧:୧୩-୧୮
8. ମାନବ ସମାଜର ରିତିନିତି ଓ ନିୟମ, କଲସୀୟ ୨:୧୬-୨୩
9. କଲସୀୟର ଉଦ୍ଦେଶ୍ୟ ଖ୍ରୀଷ୍ଟଙ୍କର ଜଗତିକ ଗୁରୁତ୍ୱ ସହିତ ଏଫିସୀୟର ଉଦ୍ଦେଶ୍ୟ ଏହି ଜଗତରେ ଏକତ୍ରି କରଣ

G. ଏଥିପାଇ ଆମ୍ଭେମାନେ ଏହିପ୍ରକାର ଏ. ଟି. ରୋବର୍ଟସନ ଓ ଏଫ. ଏଫ ବ୍ରୁସଙ୍କର ମତ ଅନୁସାରେ, ପାଉଲ ଏହି ପତ୍ର ଦୁଇଗୋଟି ମଧ୍ୟରୁ କଲସୀୟ ମଣ୍ଡଳୀର ସତ୍ୟତାକୁ ବିକଶିତ କରି ମଣ୍ଡଳୀରେ ଏହି ସତ୍ୟତାକୁ ପ୍ରକାଶ କରିଅଛନ୍ତି ।

IV. ସମୟ

A. ଏହି ପୁସ୍ତକର ସମୟ ପାଉଲଙ୍କର ଏଫିସୀୟ, ଫିଲିପି, ସିସେରିଆ ଓ ରୋମର ବନ୍ଦୀଶାଳାର ସମୟ ସୀମାକୁ ବୁଝାଇ ଥାଏ, ଏହି ରୋମର ବନ୍ଦୀତ୍ୱ ଏହି ପ୍ରେରିତ ପୁସ୍ତକରେ ସମାନ ଭାରେ ପରିଲକ୍ଷିତ ହୁଏ ।

B. ଯଦି ରୋମର ବନ୍ଦୀଶାଳା କଥା କୁହାଯାଏ, ତେବେ ପ୍ରଶ୍ନ ହେଲା କୋଉ ସମୟରେ? କାରଣ ପାଉଲ ୬୦ ଶତାବ୍ଦୀର ପ୍ରାରମ୍ଭରେ ବନ୍ଦୀଶାଳାରେ ରହିଥିଲେ, ଯାହାକି ପ୍ରେରିତ ପୁସ୍ତକରେ ବର୍ଣିତ ଅଟେ, କିନ୍ତୁ ସେ ବନ୍ଦୀଶାଳାରୁ ବାହାରି (୧ମ, ୨ୟ ତିମଥୀ ଓ ତିତସ) ଲେଖିଥିଲେ । ଏହା ପରେ ନିରୋଙ୍କ ସମୟରେ ଖ୍ରୀ ଅ ୬୮ ଜୁନ ୯ରେ ତାହାଙ୍କର ହତ୍ୟା କରାଯାଇ ଥିଲ ।

C. ଏଫିସୀୟ ପୁସ୍ତକ ଲେଖାର ସବୁଠାରୁ ଉତ୍ତମ ସମୟ ସୀମା ହେଲା, ପାଉଲଙ୍କର ପ୍ରଥମ ବନ୍ଦୀତ୍ୱର ସମୟ ଅଟେ, ଯେତେବେଳେ ସେ ଖ୍ରୀ. ଷ୍ଟ ୬୦ରେ ରୋମରେ ବନ୍ଦୀ ଅବସ୍ଥାରେ ଥିଲେ ।

D. ତୁଖିକ, ଅନିସିମସଙ୍କ ସହିତ କଲସୀୟ, ଏଫିସୀୟ ଓ ଫିଲିମୋନ, ବା ଏସିଆ ମାଇନର ଅଂଚଳରେ ପହଂଚାଇ ଥିଲେ।

E. ଏଫ. ଏଫ ବ୍ରୁସ ଓ ମୁର୍ରି ହରିସଙ୍କ ଅନୁସାରେ ପାଉଲଙ୍କର ପାଉଲଙ୍କର ଲେଖା

| ପୁସ୍ତକ | ସମୟ | ଲେଖାଯିବା ସ୍ଥାନ | ପ୍ରେରିତ ପୁସ୍ତକ ସହିତ ସମ୍ପର୍କ |
|---|---|---|---|
| 1. ଗାଲାତିୟ | ୪୮ | ଆଣ୍ଟିଓର ସିରିୟା | ୧୪:୨୮; ୧୫:୨ |
| 2. ୧ମ ଥେସଲନିକୀୟ | ୫୦ | କରିନ୍ଥୀୟ | ୧୮:୫ |
| 3. ୨ୟ ଥେସଲନିକୀୟ | ୫୦ | କରିନ୍ଥୀୟ | |
| 4. ୧ମ କରିନ୍ଥୀୟ | ୫୫ | ଏଫେସସ | ୧୯:୨୦ |
| 5. ୨ୟ କରିନ୍ଥୀୟ | ୫୬ | ମାସିଡୋନିଆ | ୨୦:୨ |
| 6. ରୋମିୟ | ୫୭ | କରିନ୍ଥୀୟ | ୨୦:୩ |
| 7-10. | | | |
| କଲସିୟ | ୬୦ ପୁର୍ବରୁ | ରୋମ | |
| ଏଫିସିୟ | ୬୦ ପୁର୍ବରୁ | | |
| ଫିଲୀମୋନ | ୬୦ ପୁର୍ବରୁ | | |
| ଫିଲିପପୀୟ | ୬୨-୬୩ ପରେ | | ୨୮:୩୦-୩୧ |
| ୧ମ ତୀମଥି | ୬୩ କିମ୍ବା ପରେ | ମାସିଡୋନିଆ | |
| ତୀତସ | ୬୩ ପୁର୍ବରୁ | ଏଫେସସ? | |
| ୨ୟ ତୀମଥି | ୬୪, ଖ୍ରୀ ପୂ ୬୮ | ରୋମ | |

V. ଗ୍ରହଣ କାରି

A. (Chester Beatty Paayri, P[46;] Sinaiticus, $\chi$ Vaticanus, B; Origen's Greek text, and Tertullain's Geek text) ଏହିପରି ଅନେକେ ଲେଖା "ଏଫିସୀୟରେ" ୧:୧, ଏହି ଶବ୍ଦକୁ ଲେଖି ନାହାନ୍ତି। RSV ଓ ୱିଲିୟମଙ୍କ ଅନୁବାଦ ଏହାକୁ ଲେଖି ନାହନ୍ତି ।

B. ଏହି ଗ୍ରୀକ ଭାଷାରେ ୧:୧ର ସ୍ଥାନର ନାମକୁ ବୁଝାଏ, ହୁଏତ ଏହି ସ୍ଥାନର ନାମକୁ ଜାଣତରେ ଛଡା ଯାଇଅଛି, ଯାହା ଦ୍ୱାରା ଏହା ଅନ୍ୟାନ୍ୟ ମଣ୍ଡଳୀ ମାନଙ୍କରେ ପଠାଯାଇ ପଠନ କରାଯାଇ ଅଛି। ଏହା ହୁଏତ କଲସୀୟ ୪:୧୫-୧୬ରେ "ଲାଉଦକିଆର ପତ୍ର" ବର୍ଣନା କରାଯାଇଅଛି, ଯାହାକି ହୁଏତ ଏଫିସୀୟ ପୁସ୍ତକ ଅଟେ, (ମାର୍ସିଆନ ଏଫିସୀୟ ପୁସ୍ତକକୁ "ଲାଉଦିକିଆର ପତ୍ର" ବୋଲି କୁହନ୍ତି)।

C. ପାଉଲ ଏଫିସୀୟ ପୁସ୍ତକ ପ୍ରାଥମିକ ଭାବରେ ବିଜାତି ମାନଙ୍କ ନିମନ୍ତେ ଲେଖାଯାଇ ଅଛି ୨:୧; ୪:୧୭, ଯାହାକୁ ପାଉଲ ବ୍ୟକ୍ତିଗ୍ତ ଭାବରେ ଦେଖା କରିଥିଲେ ୧:୧୫; ୩:୨। ଲିକସ ନଦୀ କୂଳରେ ଯୋଉ ମଣ୍ଡଳୀ (ଲାଉଦିକିଆ, ହେଇରାପଲିସ ଓ କଲସୀ) ସ୍ଥାପନ କରାଯାଇ ଥିଲା, ତାହା ପାଉଲଙ୍କ ଦ୍ୱାରା ନୁହେ, କିନ୍ତୁ ଏପାଫ୍ରାଙ୍କ ଦ୍ୱାରା ହୋଇଥିଲା (କଲସୀୟ ୧:୭; ୪:୧୨; ଫିଲିମୋନ ୨୩)।

VI. ଉଦ୍ଦେଶ୍ୟ

A. ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ୧:୧୦ ଓ ୪:୧-୧୦ରେ ଦେଖିବକୁ ମିଳେ, ଯାହା ଖ୍ରୀଷ୍ଟଙ୍କ ଠାରେ ସମସ୍ତ ବିଷୟ ଏକତ୍ର କରିବାକୁ ବୁଝାଏ। ଖ୍ରୀଷ୍ଟ ତାହାଙ୍କର ପ୍ରତିମୂର୍ତ୍ତିକୁ ମାନବ ଓ ଏହି ଜଗତରେ ପୁନଃସ୍ଥାପନ କରିଅଛନ୍ତି।

B. ଏଫିସୀୟ ପାଉଲ ବନ୍ଦୀଶାଳାରୁ ଲେଖିଥିଲେ। କଲସୀୟ ଓ ଏଫିସୀୟର ପ୍ରାରମ୍ଭୀକ ଚିଠି ମଧ୍ୟରେ ବହୁ ସମାନତା ଦେଖିବାକୁ ମିଳେ। କଲସୀୟ ଏସିୟା ମାଇନର ଅଂଚଳର ଲିସୁସ ନଦୀ କୁଳରେ ଥିବା ଭୁଲ ଶିକ୍ଷକ ମାନଙ୍କ ନିମନ୍ତେ ଲେଖାଯାଇ ଅଛି। ଏହି ପତ୍ର ସେହି ଅଂଚଳର ମଣ୍ଡଳୀ ମାନଙ୍କରେ ପଠାଯାଇ ସେହି ଭୁଲ ଶିକ୍ଷକ ମାନଙ୍କ ଠାରୁ ମଣ୍ଡଳୀକୁ ରକ୍ଷା କରିବାରେ ସାହଯ୍ୟ କରିଥିଲା। କଲସୀୟ ଏକ କଠୋର ଭାବେ ଲିଖିତ ପତ୍ର ଅଟେ, କିନ୍ତୁ ଏଫିସୀୟ ସେହି ସମାନ ସତ୍ୟତାକୁ ଅତି ସୁନ୍ଦର ଭାବରେ ବର୍ଣନା କରାଯାଇ ଅଛି, (୧:୩-୧୪, ୧୫-୨୩; ୨:୧-୯; ୩:୧-୬)।

VII. ପ୍ରାଥମିକ ଚିଠା

A. ଏହି ପୁସ୍ତକ ଦୁଇ ଭାଗରେ ବିଭକ୍ତ କରାଯାଇ ଅଛି

1. ଖ୍ରୀଷ୍ଟଙ୍କ ଠାରେ ଏକତା, ୧-୩ ଅଧ୍ୟାୟ (ଶିକ୍ଷା)
2. ମଣ୍ଡଳୀରେ ଏକତା, ୪-୬ ଅଧ୍ୟାୟ (ପ୍ରଯୋଗ)

B. ଉଦ୍ଦେଶ୍ୟ ଅନୁସାରେ ପ୍ରାଥମିକ ଚିଠା
   1. ପାଉଲଙ୍କର ଲେଖାର ପ୍ରାରମ୍ଭୀକ ଶୈଳୀ; ୧:୧-୨
   2. ପିତାଙ୍କ ଯୋଜନା ଅନୁସାରେ ଖ୍ରୀଷ୍ଟଙ୍କ ଠାରେ ସମସ୍ତ ବିଷୟର ଏକତ୍ରିକରଣ, ୧:୩-୩-୨୧
      a. ପିତାଙ୍କୁ ପାଉଲଙ୍କର ଧନ୍ୟବାଦ, ୧୩-୧୪
         (1) ଅତୀତ ସମୟରୁ ପିତାଙ୍କ ପ୍ରେମ ସକାଶୁ
         (2) ଉପଯୁକ୍ତ ସମୟରେ ପୁତ୍ରଙ୍କ ନିମନ୍ତେ ପିତାଙ୍କର ପ୍ରେମ ସକାଶୁ
         (3) ପବିତ୍ର ଆତ୍ମାଙ୍କ ନିମନ୍ତେ ପିତାଙ୍କର ଅବିରତ ପ୍ରେମ ସକାଶୁ
      b. ମଣ୍ଡଳୀ ନିମନ୍ତେ ପିତାଙ୍କ ନିକଟରେ ପାଉଲଙ୍କ ପ୍ରାର୍ଥନା, ୧:୧୫-୨୩
         (1) ଖ୍ରୀଷ୍ଟଙ୍କ ଦ୍ୱାରା ପିତାଙ୍କର ପ୍ରକାଶନକୁ ବୁଝିବା ନିମନ୍ତେ
         (2) ପିତାଙ୍କର ଶକ୍ତି ବିଶ୍ୱାସି ମାନଙ୍କ ଠାରେ କାର୍ଯ୍ୟ କରିବା ନିମନ୍ତେ
         (3) ସମସ୍ତଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କର ଉତଥାନ ନିମନ୍ତେ
      c. ମାନବ ସମାଜ ନିମନ୍ତେ ପିତାଙ୍କର ଯୋଜନା ବିଷୟରେ ପାଉଲଙ୍କର ବୁଝାମଣା, ୨:୧-୩:୧୩
         (1) ପାପି ମାନବ ସମାଜର ଆବଶ୍ୟକତା
         (2) ପିତାଙ୍କର ଅନୁଗ୍ରହର ଦାନ
         (3) ମନୁଶ୍ୟ ମାନଙ୍କର ଚୁକ୍ତିର ଆବଶ୍ୟକତା
         (4) ପିତାଙ୍କର ଯୋଜନାର ସମ୍ପୁର୍ଣ ପ୍ରକାଶନ
      d. ବିଶ୍ୱାସୀ ମାନଙ୍କ ନିମନ୍ତେ ପିତାଙ୍କ ନିକଟରେ ପାଉଲଙ୍କର ପ୍ରାର୍ଥନା, ୩:୧୪-୨୧
         (1) ଆତ୍ମିକ ଶକ୍ତି ପାଇବା ନିମନ୍ତେ (ପବିତ୍ର ଆତ୍ମାଙ୍କ ଦ୍ୱାରା)
         (2) ସମ୍ପୁର୍ଣ ଭାବେ ସୁସମାଚାରକୁ ବୁଝିବାକୁ, (କେବଳ ଶବ୍ଦ ଭାବରେ ନୁହେ), କିନ୍ତୁ ଏକ ଅନୁଭୁତି ଓ ପ୍ରେମରେ
         (3) ଇଶ୍ୱରଙ୍କ ପୁର୍ଣତାରେ ପରିପୁର୍ଣ ହେବା, (ଯୀଶୁଙ୍କ ଦ୍ୱରା)
         (4) ଇଶ୍ୱର ଯିଏ ସମସ୍ତ ବିଷୟ କରିବାରେ ସକ୍ଷମ ଅଟନ୍ତି
   3. ନୁତନ ବ୍ୟକ୍ତି ମାନଙ୍କର ଏକତ୍ର ନିମନ୍ତେ ପିତାଙ୍କର ଯୋଜନା, ୪:୧-୧୬
      a. ତ୍ରୀତ୍ତ ପରମେଶ୍ୱରଙ୍କର ଏକତା ତାହାଙ୍କର ସନ୍ତାନ ସନ୍ତତିଙ୍କ ଦ୍ୱାରା ପ୍ରାକାଶନ, ୪:୧-୧୬
         (1) ଏକତା କହିଲେ, ପ୍ରେମର ଶୈଳୀରେ ଜୀବନ ଯାପନ
         (2) ତ୍ରୀତ୍ତ ଇଶ୍ୱରଙ୍କର ଏକତା
         (3) ଅତ୍ମିକ ଦାନ ମଣ୍ଡଳୀର ଅଭିବ୍ରୁଦ୍ଧି ନିମନ୍ତେ, ବ୍ୟକ୍ତିଗତ ସମ୍ମାନ ପାଇ ନୁହେ
         (4) ଏକତା ସେବାର ଆଶା କରେ
         (5) ଏକାତାରେ ଦୂତ ମାନଙ୍କର ଦ୍ରୁଷ୍ଟି ଗୋଚର ରହିଅଛି
         (6) ଖ୍ରୀଷ୍ଟଙ୍କ ଠାରେ ଏକତା
      b. ଖ୍ରୀଷ୍ଟିୟ ଏକତା, ବିଜାତି ମାନଙ୍କର ଆତ୍ମକୈନ୍ଦ୍ରିକ ଜୀବନ ଯାପନ ଠାରୁ ଅଲଗା ଅଟେ, ୪:୧୭-୫:୧୪
         (1) ପୁରାତନ ଜୀବନର କାର୍ଯ୍ୟକୁ ଛାଡିବା ଆବଶ୍ୟକ
         (2) ଖ୍ରୀଷ୍ଟଙ୍କୁ ପରିଧାନ କରିବା
      c. ଏକତା ବଜାଇ ରଖିବା ନିମନ୍ତେ ଆବଶକତା, ୫:୧୫-୬:୯
         (1) ପବିତ୍ର ଆତ୍ମାରେ ପୁର୍ଣ ହେବା
         (2) ଆତ୍ମିକ ଜୀବନ ଯାପନ
            (a) ପାଚଂଗୋଟି ବାକ୍ୟାଂଶ
            (b) ତିନିଗୋଟି ସାମାଜିକ ଉଦାହରଣ
               i. ସ୍ୱାମି – ସ୍ତ୍ରୀ
               ii. ପିତାମାତ- ସନ୍ତାନ ସନ୍ତତି
               iii. ମାଲିକ – ଦାସ
      d. ଖ୍ରୀଷ୍ଟଙ୍କ ସଦ୍ରୁଶ୍ୟ ଏକାତା ନିମନ୍ତେ ସଂଘର୍ଷ, ୬:୧୦-୨୦

(1) ଆତ୍ମିକ ଯୁଦ୍ଧ
(2) ଏଶ୍ୱରଙ୍କ ପରିଧାନ
(3) ପ୍ରାର୍ଥନାର ଶକ୍ତି

4. ଶେଷ ଆଶିର୍ବାଦ, ୬:୨୧-୨୪

VIII. ଭୁଲ ଶିକ୍ଷକଙ୍କର ଦାର୍ଶନିକ ଓ ବାଇବଲ ଭିତିକ ଭିତିଭୁମି, (ବୁଦ୍ଧୀ ସମ୍ବନ୍ଧୀୟ)

A. ପ୍ରଥମ ଓ ଦ୍ୱୀତିୟ ଶତାବ୍ଦୀର ବିଶ୍ୱାସ

1. ଆଭ୍ୟନ୍ତରିଣ ଦ୍ୱତବାଦ, ଆତ୍ମା (ଇଶ୍ୱର) ଓ ବସ୍ତୁ (ଶାରିରିକ ଜିନିଷ)
2. ଆତ୍ମା ଉତ୍ତମ ଓ ଶରିର ମନ୍ଦ ଅଟେ
3. (ଇନୋଶ) ଦୂତ ମାନଙ୍କର କାହାଣି, ଏହା ସର୍ବୋଚ (ଉତ୍ତମ) ଓ ସର୍ବ ନିମ୍ନ (ନିଚ୍ଚ) ଭଗବାନ ଯାହା ମନ୍ଦ ଅଟେ
4. ମୁକ୍ତିର ପଥ
   a. ଦୂତ ମାନଙ୍କର ପୃଥିବୀରୁ ସ୍ୱର୍ଗକୁ ଏକ ପ୍ରକାରର ସ୍ଥାନ ଯୋଉଠାକୁ ଯିବାର ଏକ ପ୍ରକାରର ଗୁପ୍ତ ରହସ୍ୟ ରହିଅଛି,
   b. ଏକ ପ୍ରକାର ସ୍ୱର୍ଗିୟ ଶକ୍ତି, ଯାହା ବୁଦ୍ଧିଦ୍ୱାରା ସମସ୍ତ ମାନବ ଜାଣିନପାରିଲେ ସୁଧା ରହିଅଛି
   c. ବ୍ୟକ୍ତିଗତ ଭାବରେ କେବଳ ସମ୍ଭ୍ରାନ୍ତ ପରିବାର ମାନଙ୍କରେ ବୁଦ୍ଧୀ ଆସିଥାଏ
5. ନୈତିକ ନିତିସମୁହ
   a. ଆତ୍ମିକ ଜିବନ ଠାରୁ ସମ୍ପୂର୍ଣ ଅଲଗା, (ନିଜକୁ ହି ସଠିକ ମନେକରୁ ଥିବା ଲୋକମାନେ)
   b. ମୁକ୍ତି ନିମନ୍ତେ ସୁରକ୍ଷିତ. (ଅତିରିକ୍ତ ନିୟମ ମାନୁଥିବା ବ୍ୟକ୍ତି)

B. ଐତିହାସିକ ଓ ବାଇବଲ ଭିତିକ ଖ୍ରୀଷ୍ଟିୟାନ ସହିତ ବିପରିତ ଭାବ

1. ଇଶ୍ୱରତ୍ୱ ଓ ମାନୁଶ୍ୟତ୍ୱକୁ ଅଲଗା କରିବା, (ଇଶ୍ୱର ସମ୍ପୂର୍ଣ ଇଶ୍ୱର ଏବଂ ସମ୍ପୂର୍ଣ ମନୁଶ୍ୟ ହୋଇନପାରନ୍ତି)
2. ତହାଙ୍କର ଅଦର୍ଶ ସ୍ୱରୁପ ମୃତ୍ୟୁକୁ ଅଲଗା କରିବା ଆବଶ୍ୟକ, କାରଣ ତାହାହି ମୁକ୍ତିର ପଥ ଅଟେ
3. ମାନବୀୟ ବୁଦ୍ଧିକୁ ସ୍ୱର୍ଗୀୟ ଅନୁଗ୍ରହ ପାଇ ସମର୍ପଣ କରିବା

IX. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ୱଷ୍ଟିକରଣ।

1. ସାଧୁ, ୧:୧
2. ପ୍ରଭୁ, ୧:୨
3. ସ୍ୱର୍ଗରେ, ୧:୩
4. "ଜଗତର ପତ୍ତନ ପୁର୍ବେ," ୧:୪
5. ଅନିନ୍ଦନିୟ, ୧:୪
6. "ପୁର୍ବ ନିରୁପଣ," ୧:୫
7. "ଉଦ୍ଧାର," ୧:୭
8. ନିଗୁଡତତ୍ତ୍ୱ, ୧:୯
9. "କାଳର ପୁର୍ଣତା," ୧:୧୦
10. ମୁଦ୍ରାଙ୍କିଂତ, ୧:୧୩
11. ବଇନା ସ୍ୱରୁପ, ୧:୧୪
12. ଗୈରବ, ୧:୧୭
13. "ଦକ୍ଷିଣ ପାର୍ଶ୍ୱରେ ଉପବେସନ," ୧:୨୦
14. "ଯେ ସମସ୍ତ ବିଷୟକୁ ସର୍ବୋତ୍ତଭାବେ ପୁର୍ଣ କରନ୍ତି," ୧:୨୩
15. "ଜାଗତିକ ଇଛାଅନୁସାରେ," ୨:୨
16. "ଇଶ୍ୱରଙ୍କ ଦାନ," ୨:୮
17. "ସହ ନାଗରିକ," ୨:୧୯
18. "ପ୍ରଧାନ ପ୍ରସ୍ତର," ୨:୨୦
19. "ସାହସ ପୁଣି ଇଶ୍ୱରଙ୍କ ନିକଟକୁ ଯିବା ପାଇ ପଥ," ୩:୧୨
20. "ମନୁଶ୍ୟର ଭ୍ରାନ୍ତିଯୁକ୍ତ କଳ୍ପନା ଅନୁସାରେ," ୪:୧୪

21. “ଭ୍ରାନ୍ତିଯୁକ୍ତ ଓ ଧୂର୍ତ୍ତତା ଶିକ୍ଷା,” ୪:୧୪
22. “ପ୍ରେମରେ ଆଚରଣ,” ୫:୨
23. “ସୁଗନ୍ଧି ନୈବେଦ୍ୟ,” ୫:୨
24. “ଖ୍ରୀଷ୍ଟ ଏବଂ ଇଶ୍ୱରଙ୍କ ରାଜ୍ୟରେ,” ୫:୫
25. “ପରସ୍ପର ବଶିଭୁତ ହୁଅ,” ୫:୨୧
26. “ଇଶ୍ୱରଙ୍କ ଦତ୍ତ ସଜ୍ଜାରେ,”୬:୧୧
27. “ଉରସ୍ତ୍ରାଣ ପରିଧାନ,” ୬:୧୪
28. “ଆତ୍ମାଙ୍କ ଖଡଗ,” ୬:୧୭

X. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. ବୁଦ୍ଧୀ ସମ୍ବନ୍ଧୀୟ ବ୍ୟକ୍ତି
2. “ଆକାଶମଣ୍ଡଳ ରାଜ୍ୟର ଅଧିପତି,”୨:୨୨
3. ବିଜାତି
4. ପ୍ରେରିତ, ୪:୧୧
5. ଭାବବାଦୀ, ୪:୧୧
6. ସୁସମାଚାର ପ୍ରଚାରକ, ୪:୧୧
7. ମସ୍ତକ ସ୍ୱରୁପ, ୪:୧୫
8. ଶୟତାନ, ୪:୨୭
9. “ଅବାଧ୍ୟର ସନ୍ତାନ,” ୫:୬
10. “ଆଲୋକର ସନ୍ତାନ,” ୫:୮
11. “ଆକାଶ ମଣ୍ଡଳର ଦୃଷ୍ଟାତ୍ମା,”୬:୧୨
12. ତୁଖିକ, ୬:୨୧

XI. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ- କିଛି ନୁହେ

XII. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ୧:୩-୧୪ ର ପ୍ରାରମ୍ଭୀକ ଉଦ୍ଦେଶ୍ୟ କଣ?
2. “ତାହାଙ୍କର ଗୌରବ ପ୍ରଶଂସା ନିମନ୍ତେ” ଏହି ବାକ୍ୟାଂଶ କଣ ପାଇ ତିନି ଥର ବ୍ୟବହୃତ ହୋଇଅଛି, ୧:୩-୧୪?
3. କଣ ପାଇ ପାଉଲ ଅନେକ ସମୟରେ ବୁଦ୍ଧୀ, ଚିନ୍ତାଶକ୍ତି ଓ ଜ୍ଞାନ ବିଷୟରେ ଏହି ପୁସ୍ତକରେ କହନ୍ତି?
4. ୧:୧୯ କାହାକୁ ବୁଝାଏ?
5. ୧:୨୧ ର ଯିହୁଦିୟ ଚିନ୍ତାର ଧାରଣାକୁ ଦୁଇ ପ୍ରକାର ଯୁଗକୁ ବୁଝାଇ ଦିଅ
6. ୨:୧-୩ କୁ ସାରାଂଶରେ ବୁଝାଇ ଦିଅ
7. ୨:୪-୬ କୁ ସାରାଂଶରେ ବୁଝାଇ ଦିଅ
8. ୨:୧୪ ର ଐତିହାସିକ ସଂକେତକୁ ବୁଝାଏ ଦିଅ
9. ୩:୩ ରେ ପାଉଲ କେଉ ପ୍ରକାଶନ ବିଷୟରେ କହୁଅଛନ୍ତି?
10. ପାଉଲ କଣ ପାଇ ନିଜକୁ “ସାଧୁମାନଙ୍କ ମଧ୍ୟରେ କ୍ଷୁଦ୍ରତ୍ତମ” ବୋଲି କୁହନ୍ତି? (୩:୮)
11. ୪:୪-୬ ରେ କଣ ପାଇ “ଏକ” ଶବ୍ଦ ବହୁ ମାତ୍ରାରେ ବ୍ୟବହୃତ ହୋଇଅଛି?
12. ୪:୭ ରେ ଖ୍ରୀଷ୍ଟଙ୍କର ଦାନ କଣ ଅଟେ?
13. ପାଉଲ ୪:୮ ପୁରାତନ ନିୟମର କୋଉଠି ଦେଖିବାକୁ ମିଳେ? କାହିଁକି ପାଉଲ ବିଭିର୍ଣ୍ଣ ପ୍ରକାରର ପୁରାତନ ନିୟମର ବାକ୍ୟ ଉଦ୍ଧୃତ କରିଅଛନ୍ତି?
14. କଣ ପାଇ ୪:୧୨ ଅତି ଗୁରୁତ୍ୱ ପୁର୍ଣ୍ଣ?
15. ୫:୫, ପରିତ୍ରାଣ ପ୍ରାପ୍ତ ନିମନ୍ତେ ସୀମିତ ବୋଲି ପ୍ରକାଶ କରେ କି?
16. ୫:୧୮ କି ପ୍ରକାରେ ମତ୍ତତା ଓ ପବିତ୍ର ଆତ୍ମାରେ ପୁର୍ଣ୍ଣ ପରସ୍ପର ଜଡିତ?
17. ଖ୍ରୀଷ୍ଟଙ୍କର ପ୍ରେମ ଓ ବଳୀଦାନ କି ଭଳି ଭାବରେ ଖ୍ରୀଷ୍ଟିୟ ପରିବାର ସହିତ ଜଡିତ ଅଟେ? (୫:୨୫-୩୩)
18. “ସମ୍ମାନ” ଓ “ବାଧ୍ୟତା” କିଭଳୀ ପରସ୍ପର ଜଡିତ?

19. ୬:୧୮ କଣ ପାଇ ଆଜି ଅତିଆବଶ୍ୟକ?

# ଫିଲିପିୟ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. ଏହା ପାଉଲଙ୍କର ଅତି ସାଧାରଣ ପୁସ୍ତକ ଅଟେ। ଏହି ମଣ୍ଡଳୀରେ ସେ ନିଜର ପ୍ରେରିତ ପଦବିକୁ ଦେଖାଇ ନାହାନ୍ତି। ତାହାଙ୍କର ପ୍ରେମ ଏହି ପୁସ୍ତକର ଉଦ୍ଦେଶ୍ୟରେ ଦେଖିବାକୁ ମିଳେ। ସେ ଏହି ମଣ୍ଡଳୀକୁ ଆର୍ଥିକ ସାହାଯ୍ୟର ଅନୁମତି ସୁଧା ପଦାନ କରିଥିଲେ, (୧:୫, ୭;୪:୧୫)

B. ଯଦିଚ ପାଉଲ ବନ୍ଦୀଶାଳାରେ ଥିଲେ, ତଥାପି ସେ ଆନନ୍ଦ ଶବ୍ଦକୁ ଷୋହଳ ଥର ବ୍ୟବହାର କରିଅଛନ୍ତି। ତାହାଙ୍କର ଶାନ୍ତି ଓ ଆନନ୍ଦ ପରିସ୍ଥିତି ଉପରେ ନିର୍ଭରଶିଳ ନ ଥିଲା।

C. ଏହି ମଣ୍ଡଳୀରେ କିଛି ଭଣ୍ଡ ଶିକ୍ଷକଙ୍କର ଅବସ୍ଥାନ ଥିବାର ଦେଖାଯାଏ, (୩:୨, ୧୮-୧୯)। ଗାଲାତିୟ ମଣ୍ଡଳୀର ଭୁଲ ଶିକ୍ଷକଙ୍କ ଶଦୃଶ୍ୟ ଏହି ମଣ୍ଡଳୀରେ ମଧ କେତେକ ଯିହୁଦିୟ ମାନେ ରହିଥିଲେ। ଯଣେ ଖ୍ରୀଷ୍ଟିୟାନ ହେବା ପୁର୍ବରୁ ଯିହୁଦିୟ ହେବା ନିହାତି ଆବଶ୍ୟକ ବୋଲି ଏମାନେ କହୁଥିଲେ।

D. ଏହି ପତ୍ରରେ ପ୍ରାଚୀନ ମଣ୍ଡଳୀର ଲେଖା, ସଂଗୀତ ଓ ନିୟମା ବଳୀ ଅନ୍ତଃର୍ଭୁକ୍ତ ହୋଇ ରହିଅଛି, (୨:୬-୧୧)। ଏହା ନୁତନ ନିୟମର ଏକ ଅତି ପ୍ରସିଦ୍ଧ ଖ୍ରୀଷ୍ଟୀୟ କୈନ୍ଦ୍ରିକ ପୁସ୍ତକ ଅଟେ, (ଯୋହନ ୧:୧-୧୪; କଲସୀୟ ୧:୧୩-୨୦; ଏବ୍ରୀ ୧:୨-୩)। ପାଉଲ ଖ୍ରୀଷ୍ଟଙ୍କର ନମ୍ର୍ରତାକୁ ଏକ ପ୍ରକାରର ଆଦର୍ଶ ସ୍ୱରୁପେ ବ୍ୟବହାର କରିବାକୁ ପ୍ରତ୍ୟକ ବିଶ୍ୱାସି ଓ ବିଶ୍ୱାସିନି ମାନଙ୍କୁ ଜଣାଇ ଅଛନ୍ତି, (୨:୧-୫)

E. ଏଠାରେ ୧୦୪ ଶବ୍ଦ ରହିଅଛି, ଯୀଶୁଙ୍କ ନାମ ଏବଂ ଉପାଦୀ ୫୧ ଥର ଦେଖିବାକୁ ମିଳେ। ତେଣୁ ଏହି ପୁସ୍ତକର କେନ୍ଦ୍ରବିନ୍ଦୁରେ ଓ ପାଉଲଙ୍କର ଶିକ୍ଷା ଓ ମନରେ ଯୀଶୁ ଖ୍ରୀଷ୍ଟ ରହିଅଛନ୍ତି।

II. ଫିଲିପି ଏବଂ ମାସିଦୋନିଆ

A. ଫିଲିପି ସହର

1. ଖ୍ରୀ. ପୁ ୩୫୬ରେ ମାସିଦୋନିଆର ୨ୟ ଫିଲିପିଙ୍କ ଦ୍ୱାର ଏହା ଅଧିକ୍ରୁତ ହୋଇଥିଲା, ଯିଏକି ଆଲେକଜ୍ୟାଣ୍ଡରଙ୍କ ବାପା ଥିଲେ। ପ୍ରକ୍ରୁତ ଗ୍ରାମର ନାମ କ୍ରିନିଦେସ, ଏହି ସହର ସୁନା ଓ ଉତ୍ତମ ଭୁମି ସକାଶୁ ଏହା ଗୁରୁତ୍ୱପୁର୍ଣ ଥିଲା।
2. ଖ୍ରୀ ପୂ ୧୬୮ର ପିଡିନା ଯୁଦ୍ଧରେ ଏହି ଅଚଂଳ ରୋମିୟ ମାନଙ୍କର ଅଧିନସ୍ଥ ହୋଇଥିଲା, କିନ୍ତୁ ପରେ ଏହାର ଏକ ଚତୁର୍ଥାଶଂ ମାସିଦୋନିଆର ହୋଇଥିଲା।
3. ଖ୍ରୀ. ପୂ ୪୨ରେ ବ୍ରୁଟୁସ ଓ କାସିଓସଙ୍କ ମଧରେ ଯୁଦ୍ଧ ହୋଇଥିଲା, ଆଟୋନି ଓ ଓକ୍ଟୋଭାନି ସେହି ଫିଲିପି ନିକଟରେ ଥିଲା, ଯାହା ରୋମ ସାମ୍ର୍ରାଜ୍ୟରେ ଲାଗିରହି ଥିଲା। ସେହି ଯୁଦ୍ଧପରେ ଆଟୋନି ସେହିଠାରେ ରହିଥିଲା।
4. ଖ୍ରୀ ପୂ ୩୧ରେ ଆକ୍ଟିଓମ, ଆଟୋନିକୁ ପ୍ରାରାସ୍ତ କରିଥିଲା, ଏହି ଆଟୋନିର ସମର୍ଥକ ମାନେ ରୋମରେ ବନ୍ଦୀଭାବରେ ଜୀବନ ଯାପନ କରୁଥିଲେ।
5. ଖ୍ରୀ ପୂ ୩୧ରେ ଫିଲିପି ଏକ ରୋମିୟ କଲୋନି ଭାବରେ ପରିଚିତ ହେଲା (ପ୍ରେରିତ ୧୬:୧୨), ସେହି ସହରର ଲୋକମାନେ ରୋମିୟ ବାସିନ୍ଦା ଭାବରେ ପରିଚିତ ହୋଇଥିଲେ। ଏହି ସହରରେ ଲାଟିନ ଭାଷାର ପ୍ରଚଳନ ହେଉଥିଲା ଓ ଏହା ରୋମିୟ ସାମ୍ର୍ରାଜ୍ୟ ଭଳି ଥିଲା। ଏହା ରୋମିୟ ନାମ୍ର୍ରାଜ୍ୟର ପୁର୍ବ ଭାଗର ଏକ ଯାତିୟ ରାଜପଥରେ ଅବସ୍ଥିତ ଥିଲା। ସେମାନେ ରୋମିୟ ମାନଙ୍କ ଠାରୁ କେତେକ ସାହାଯ୍ୟ ପାଉଥିଲେ,
   a. ଶଂଖ ଓ ରାସ୍ତାର କର ମୁକ୍ତ
   b. ଧନ ସଂମ୍ପତି କିଣା ବିକାର ସମ୍ପୁର୍ଣ ଅଧିକାର
   c. ରୋମିୟ ନିୟମ ଅନୁସାରେ ସମସ୍ତ ପ୍ରକାରର ସୁବିଧା ସୁଯୋଗ
   d. ସ୍ଥାନିୟ ସରକାରି ନେତା

B. ଫିଲିପିରେ ସୁସମାଚାରର ପ୍ରବେଶ

1. ପାଉଲ ତାହାଙ୍କର ଦ୍ୱୀତିୟ ସେବା ଯାତ୍ରା ସମୟରେ ଏସିଆର ଦକ୍ଷିଣକୁ ଯିବାକୁ ଚାହୁଥିଲେ ଯାହାଅକି (ଆଧୁନିକ ତୁର୍କୀ ଓ ବାଇବଲ ହିସାବରେ ବିଥିନିଆ)। କିନ୍ତୁ ପ୍ରେ ସେ ସ୍ୱପ୍ନ ମାଧମରେ ଦେଖିଲେ ଯେ, ମାସିଦୋନିଆର (ଦକ୍ଷିଣ ଗ୍ରୀସ) ଜଣେ ବ୍ୟକ୍ତି (ହୁଏତ ଲୁକ) ତାହାଙ୍କୁ ସାହାଯ୍ୟ ନିମନ୍ତେ ଡାକୁ ଅଛନ୍ତି, ଏଣୁ ପାଉଲ ସ୍ୱପ୍ନ ଅନୁସାରେ ଇୟୁରୋପକୁ ଯାଇଥିଲେ।

2. ପାଉଲଙ୍କର କେତେକ ସାଥି
   a. ଶୀଲା (ସିଲ୍ୱାନ)
      (1) ଶୀଲା ଯେରୁଶାଲେମ ମଣ୍ଡଳୀର ଜଣେ ନେତା ଓ ଭାବବାଦୀ, ସେ ବର୍ଣବାଙ୍କ ସ୍ଥାନରେ ପାଉଲଙ୍କ ସହିତ ସେବା କାର୍ଯ୍ୟରେ ପାଉଲଙ୍କର ସାହାଯ୍ୟ କରିଥିଲେ, (ପ୍ରେରିତ ୧୫:୧୫:୨୨, ୩୨; ୩୬-୪୧);
      (2) ଶୀଲା ଏବଂ ପାଉଲ ଫିଲିପିରେ ବନ୍ଦୀଅବସ୍ଥାରେ ଥିଲେ, (ପ୍ରେରିତ ୧୬:୧୬-୨୬)
      (3) ପାଉଲ ତାହାଙ୍କୁ ସିଲ୍ୱାନ ବୋଲି ଡାକୁଥିଲେ, (୨ୟ କରିନ୍ଥୀୟ ୧:୧୯, ୧ମ ଥେସଲନିକୀୟ ୧:୧, ୨ୟ ଥେସଲନିକୀୟ ୧:୧);
      (4) ହୁଏତ ଶିଲାଙ୍କର ପତ୍ର ପିତରଙ୍କ ନିମନ୍ତେ ଏକ ସାଥି ହୋଇଥିଲା, ଯାହା ଯୋହନ କାର୍କ କରିଥିଲେ, ୧ମ ପିତର ୫:୧୨)
   b. ତୀମଥି
      (1) ସେ ପାଉଲଙ୍କର ପ୍ରଥ୍ମ ସେବା କାର୍ଯ୍ୟରେ ପରିବର୍ତ୍ତିତ ହୈଇଥିଲେ, (ପ୍ରେରିତ ୧୬:୧-୨ ୨ୟ ତୀମଥି ୧:୫; ୩:୧୫)
      (2) ତାହାଙ୍କର ଜେଜେମା ଓ ମା ଯିହୁଦୀ ଲୋକ ଥିଲେ, କିନ୍ତୁ ପିତା ଗ୍ରୀକ ଲୋକ ଥିଲେ, (ପ୍ରେରିତ ୧୬:୧; ୨ୟ ତୀମଥି ୧:୫)
      (3) ଭାଇମାନେ ତାଙ୍କୁ ଭଲ ବ୍ୟକ୍ତିଥ ବୋଲି କହିଥିଲେ, (ପ୍ରେରିତ ୧୬:୨) ଓ ପାଉଲ ମଧ୍ୟ ତାହଙ୍କ ଠାରେ ସେବା କାର୍ଯ୍ୟର ଶକ୍ତିକୁ ଦେଖିପାରି ଥିଲେ**,** (୧ମ ତୀମଥି ୪:୧୪; ୨ୟ ତୀମଥି 1:୬), ସେ ଯୋହନ ମାର୍କଙ୍କ ବଦଳରେ ବାଛିଥିଲେ, (ପ୍ରେରିତ ୧୩:୧୩)
      (4) ପାଉଲ ତୀମଥିଙ୍କୁ ସୁନ୍ନତ କାରାଇ ଥିଲେ, ଯୋ ଦ୍ୱାର ସେ ବିଜାତିୟ ମାନଙ୍କ ଦ୍ୱାରା ଗ୍ରହଣିୟ ହୋଇପାରିବେ, (ପ୍ରେରିତ ୧୬:୩)
      (5) ତୀମଥି ପାଉଲଙ୍କର ବିଶ୍ୱସ୍ଥ ସେବକ ଥିଲେ, (ଫିଲିପିୟ ୨:୧୯-୨୨; ୧ମ କରିନ୍ଥୀୟ ୪:୧୭; ୩:୨, ୬, ୨ୟ କରିନ୍ଥୀୟ ୧:୧, ୧୯ )
   c. ଲୁକ
      (1) ଏହା ଅଜଣା ଅଟେ, କିନ୍ତୁ ହୁଏତ ସେ ଲୁକ ଲିଖିତ ସିସମାଚାର ପୁସ୍ତକ ଓ ପ୍ରେରିତ ପୁସ୍ତକର ଲେଖକ ହୋଇପାରନ୍ତି**;**
      (2) ସେ ଜଣେ ବିଜାତି ବୈଦ୍ୟ ଅଟନ୍ତି, (କଲସିୟ ୪:୧୪)। କେତେକ କୁହନ୍ତି ସେ ଅତି ଉଚ୍ଚ ଶିକ୍ଷିତ ଅଟନ୍ତି, ଏହା ସତ୍ୟ ହୋଇପାରେ, କାରଣ ସେ ଅନେକ ଉଚ୍ଚ ଶବ୍ଦ ବ୍ୟବହାର କରିଅଛନ୍ତି। ଯୀଶୁ ମଧ୍ୟ ସେହି ବୈଦ୍ୟ ଶବ୍ଦକୁ ବ୍ୟବହାର କରିଥିଲେ (ମାର୍କ ୯:୧୨, ମାର୍କ ୨:୧୭, ୫:୨୬; ଲୁକ ୪:୨୩ ୫:୩୧)।
      (3) ପାଉଲଙ୍କର ସେବାକାର୍ଯ୍ୟର ସାଥି (ପ୍ରେରିତ ୧୬:୧୦-୧୭; ୨୦:୫-୧୫; ୨୧:୧-୧୮; ୨୭:୧-୨୮: ୧୬; କଲସୀୟ ୪:୧୪; ୨ୟ ତୀମଥି୪:୧୧; ଫିଲିମୋନ ୨୪)
      (4) "ଆମ୍ଭେମାନେ" ଏହି ଶବ୍ଦର ଆରମ୍ଭ ଓ ଶେଷ ଏହି ଫିଲିପି ରେ ଦେଖିବାକୁ ମିଳେ, ଏହା *Paul Apostle of the Heart Set Free*, (p 219)*.* ଏଫ ଏଫ ବ୍ରୁସ କୁହନ୍ତି ପାଉଲ ଏହି ଫିଲିପିରେ ରହି ନୁତନ ବିଶ୍ୱାସି ମାନଙ୍କୁ ସାହାଯ୍ୟ କରିଥିଲେ ଓ ବିଜାତି ମାନଙ୍କ ଠାରୁ ଯେରୁଶାଲେମ ମଣ୍ଡଳୀ ନିମନ୍ତେ ଚାନ୍ଦା ଆଦାୟ କରିଥିଲେ।
      (5) ପାଉଲଙ୍କର ବ୍ୟକ୍ତିଗତ ବୈଦ୍ୟ ହୁଏତ ଜାଣିପାରନ୍ତି, କାରଣ ପାଉଲ ତାହାଅଙ୍କର ପରିବର୍ତ୍ତନ ପରେ ଅନେକ ଥର ଶାରିରିକ ପୀଡା ଓ ଯାତନା ଭୋଗ କରିଥିଲେ, (ପ୍ରେରିତ ୯:୩, ୯) ତାହାଙ୍କ ସେବା କାର୍ଯ୍ୟରେ, (୨ୟ କରିନ୍ଥୀୟ ୪:୭-୧୨; ୬:୪-୧୦; ୧୧:୨୩-୨୯), ଏବଂ ତାହାଙ୍କର ଅସୁସ୍ଥତାରେ (୨ୟ କରିନ୍ଥୀୟ ୧୨:୧-୧୦)।
3. ପାଉଲ ତ୍ରୁତିୟ ସେବା ଯାତ୍ରାରେ ଫିଲିପିକୁ ଫେରି ଆସିଥିଲେ, (ପ୍ରେରିତ ୨୦:୧-୩, ୬)। ସେ ଶୀଲା ଓ ତୀମଥିଙ୍କୁ ଆଗରୁ ପଠାଇ ଥିଲେ, (ପ୍ରେରିତ ୧୯:୧୯-୨୪; ଫିଲିପିୟ ୨:୧୯-୨୪)

**C.** ରୋମିୟ ପ୍ରଦେଶ ଭାବେ ଫିଲିପି, (ପ୍ରେରିତ ୧୬:୧୨)
1. ପାଉଲ ଏହି ସହରକୁ ଏକ ରୋମିୟ ଅଂଚଳ ବୋଲି ପ୍ରକାଶ କରିଅଛନ୍ତି
   a. "ରାଜପ୍ରସାଦର ସୈନ୍ୟ ଦଳ," ୧:୧୩
   b. "ପ୍ରଜା," ୩:୨୦ (ପ୍ରେରିତ ୧୬: ୨୨-୩୪, ୩୫-୪୦)
   c. "କାଇସରଙ୍କ ରାଜ ପ୍ରସାଦ," ୪:୨୨
2. ଏହି ସହର ଏକ ଅବସର ପ୍ରାପ୍ତ ରୋମିୟ ସୈନିକ ଦ୍ୱାରା ଲୋକପ୍ରିୟ ହୋଇଥିଲା। ଅନେକ ଦ୍ରୁଷ୍ଟିରୁ ଏହା ଏକ "ଛୋଟ ରୋମ" ଭଳି ଥିଲା, ଫିଲିପିର ରାସ୍ତାରେ ରୋମର ଛବି ଦେଖିବାକୁ ମିଳେ, (ପ୍ରେରିତ ୨୬:୨୧)
3. ଉଭୟ ପାଉଲ (ପ୍ରେରିତ ୨୨:୨୫; ୨୬:୩୨) ଓ ଶୀଲା (ପ୍ରେରିତ ୧୬:୩୭) ରୋମିୟ ନାଗରିକ ଥିଲେ, ଯାହା ସେମାନଙ୍କୁ ସେମାନଙ୍କର ସାମାଜିକ ଆଇନଗତ ଦାଇତ୍ୱର ଅଧିକାର ଦେଇଥିଲା।

D. ମାସିଦୋନିଆର ଅଚଂଳ
1. ମାସିଦୋନିଆରେ ନାରି ମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ୱାଧିନତା ରୋମର ଅନ୍ୟ ସବୁ ଅଚଂଳ ଠାରୁ ଅଧିକ ରହିଥିଲା।
2. ଏହାଦ୍ୱାର ଏହା ବୁଝାଯାଇ ପାରେ
   a. ଫିଲିପିୟର ନଦୀ କୁଳରେ ଅନେକ ନାରି ମାନଙ୍କର ଉପାସନାରେ ଉପସ୍ଥିତି (ପ୍ରେରିତ ୧୬:୧୩)

b. ଲୁଦିଆ, ଜଣେ ବ୍ୟବସାୟୀ ମହିଳା, (ପ୍ରେରିତ ୧୬:୧୪)
c. ସୁସମାଚାର କାର୍ଯ୍ୟରେ ମହିଳା ମାନଙ୍କର ଅବଦାନ, (୪:୨-୩)
d. ଥେସଲନିକୀୟରେ ଅନେକ ମହିଳା ମାନଙ୍କର ନାମ ଉଲେଖ କରାଯାଇ ଅଛି, (ମାସିଦୋନିଆରେ ପ୍ରେରିତ ୧୭:୪)

III. ଲେଖକ

A. ଅଧିକାଂଶ ପତ୍ର ପାଉଲଙ୍କ ଲେଖାକୁ ଦର୍ଶାଇ ଥାଏ, ଏହି ପ୍ରଥମ ବଚନ "ମୁ" ଏବଂ "ମୋର" ପ୍ରାୟ ୫୧ ଥର ଏଠାରେ ଦେଖିବାକୁ ମିଳେ।

B. ଏହା ପ୍ରାଚୀନ ଲେଖକ ମାନଙ୍କ ଦ୍ୱାରା ଉଦ୍ଧୃତ କରାଯାଇ ଅଛି, ( ଏଥି ପାଇ, H. C. Moule, *Studies in Philippians, pp.* 20-21, published by Kregel, ଦେଖନ୍ତୁ)
1. ରୋମର କ୍ଲେମେନ୍ଟ ତାହାଙ୍କର - I କ୍ଲେମେନ୍ଟରେ ଖ୍ରୀ ଅ ୯୫ରେ କରିନ୍ଥୀୟ ମଣ୍ଡଳୀ ବିଷୟରେ ଲେଖିଅଛନ୍ତି;
2. ଇଗ୍ନାସିୟ, ତାହାଙ୍କ ପତ୍ରରେ ଖ୍ରୀ ଅ ୧୧୦ରେ
3. ପଲିକ୍ରପ, ଯୋହନଙ୍କର ଶିଷ୍ୟ ଫିଲିପିୟଙ୍କୁ ଖ୍ରୀ ଅ ୧୧୦ରେ
4. ମାର୍ସିନ ମାନଙ୍କର ଶିଷ୍ୟ ଖ୍ରୀ ଅ ୧୭୦ରେ ପାଉଲଙ୍କ ପତ୍ର ଫିଲିପିୟରେ
5. ଇରାନିଅସ, ଖ୍ରୀ ଅ ୧୮୦ରେ
6. ଆଲେକଜ୍ୟାଣ୍ଡାର କ୍ଲେମେଣ୍ଟ, ଖ୍ରୀ ଅ ୧୯୦
7. କାଥେଗାର ଟେର୍ଟୁଲିଅନ ଖ୍ରୀ ଅ ୨୧୦

C. ଯଦିଚ ତୀମଥି ୧:୧ରେ ଉଲେଖିତ ଅଟେ, ତଥାପି ସେ ଜଣେ ସାଥି ଅଟନ୍ତି, ସାଥି ଲେଖକ ନୁହନ୍ତି (ଯଦିଚ ସେ ପାଉଲଙ୍କ ନିମନ୍ତେ ଲେଖାରେ ସାହାଯ୍ୟ କରିଅଛନ୍ତି)

IV. ସମୟ

A. ପାଉଲ କୋଉ ସ୍ଥାନରେ ବନ୍ଦୀରେ ଥିଲେ, ତାହା ସମୟ ସୀମାକୁ ନିରୁପଣ କରେ, (୨ୟ କରିନ୍ଥୀୟ ୧୧:୨୩)
1. ଫିଲିପିୟ, ପ୍ରେରିତ ୧୬:୨୩-୪୦
2. ଏଫିସିୟ ୧ମ କରିନ୍ଥୀୟ ୧୫:୩୨; ୨ୟ କରିନ୍ଥୀୟ ୧:୮
3. ଯେରୁଶାଲେମ/ସସେରିଆ, ପ୍ରେରିତ ୨୧:୩୩:୩୦
4. ରୋମ, ପ୍ରେରିତ ୨୮:୩୦ (ଫିଲିପିୟଙ୍କ ମାର୍ସୀନାଇଟ୍ର ଉପକ୍ରମରେ କୁହାଯାଇ ଅଛି)

B. ଅନେକ ବାଇବଲ ବିଶାରଦ ମାନେ ରୋମରେ ପାଉଲଙ୍କ ବନ୍ଦୀଶାଳାର ଓ ତାହାଙ୍କ ଜୀବନି ଓ ପ୍ରେରିତ ପୁସ୍ତକକୁ ବୁଝାଏ ବୋଲି କୁହନ୍ତି। ଯଦି ଏହା ସତ୍ୟ ତେବେ ଏହାର ସମଯ ସୀମା ୬୦ ପ୍ରାରମ୍ଭ ହୋଇପାରେ ବୋଲି କୁହାଯାଇ ପାରେ।

C. ଏହି ପୁସ୍ତକ ପାଉଲ ବନ୍ଦୀଶାଳାରୁ ଲେଖିଥିଲେ, ଏହା ସହିତ (କଲସୀୟ, ଏଫିସୀୟ, ଫିଲିମୋନ ଓ ଫିଲିପିୟ)। ଅନେକ ଆଭ୍ୟାନ୍ତରିଣ ସୁତ୍ରରୁ ଜଣାଯାଏ ଯେ ଏହି କଲସୀୟ, ଏଫିସୀୟ ଓ ଫିଲିମୋନ, ପାଉଲଙ୍କର ରୋମର ବନ୍ଦିତ୍ୱର ପ୍ରାରମ୍ଭରେ ଲେଖାଯାଇ ଅଛି ଓ ତୁଖିକଙ୍କ ଦ୍ୱାରା ଏସିଆ ମାଇନର ଅଚଂଳକୁ ପଠାଯାଇ ଥିଲା, (କଲସିୟ ୪:୭ ଏଫିସୀୟ ୬:୨୦)। ପାଉଲ ସେହି ଜେଲରୁ ବାହାରି (୧:୧୭-୨୬) ସେମାନଙ୍କୁ ଯଥାଶିଘ୍ର ଦେଖାକରିବାକୁ (୨:୨୪) ଆଶା ପ୍ରକାଶ କରିଅଛନ୍ତି।

ଏହା ଏକ ସମୟର ସୀମାକୁ ବୁଝାଇ ଥାଏ, (୧) ପାଉଲ ବନ୍ଦୀ ଶାଳାର ସୈନ୍ୟ ମାନଙ୍କୁ ସୁସମାଚାର ଶୁଣାଉ ଥିଲେ (୧:୧୩. ପ୍ରେରିତ ୨୮:୧୬), ଓ ଦାସ (୪:୨୨), (୨) ଫିଲିପିୟ ମଣ୍ଡଳୀରୁ ପାଉଲ ଓ ବାର୍ତ୍ତାବାହକ ମଧରେ ଅନେକ ଯାତାୟତ ରହିଥିଲା।

V. ପତ୍ରର ଉଦ୍ଦେଶ୍ୟ

A. ପାଉଲ ଏହି ମଣ୍ଡଳୀକୁ ତାହାଙ୍କର ସାହାଯ୍ୟ ସକାଶୁଓ ଏପାଫ୍ରାଙ୍କର (୧:୩-୧୧; ୨:୧୯-୩୦; ୪:୧୦-୨୦) ସାହାଯ୍ୟ ସକାଶୁ ଧନ୍ୟବାଦ ଦେବା ନିମନ୍ତେ ଲେଖିଅଛନ୍ତି। ଅନ୍ୟ ଏକ ଉଦେଶ୍ୟ ହୁଏତ ଏପାଫ୍ରାଙ୍କର ଶିଘ୍ର ଆସିବାର ଓ ପାଉଲକର ବିଳମ୍ବର କାରଣ ଦର୍ଶାଇ ଥାଏ।

B. ଫିଲିପିୟ ଲୋକ ମାନଙ୍କୁ ତାହାଙ୍କର ସେହିପ୍ରକାରର ପରିସ୍ଥିତିରେ ଉତ୍ସାହିତ କରିବା ନିମନ୍ତେ। ସୁସମାଚାର ପାଉଲଙ୍କର ବନ୍ଦିତ୍ୱ ସତ୍ତ୍ୱେ ବନ୍ଦୀଶାଳାରେ ଓ ବାହାରେ ବୃଦ୍ଧି ପାଉଥିଲା।

C. ଗାଲାତିୟର ଯିହୁଦୀ ମାନକଂ ଶତ୍ରୁଶ୍ୟ ଭୁଲ ଶିକ୍ଷକ ମାନକଂ ଠାରୁ ଦୁରରେ ରହିବା ପାଇ, କାରଣ ଏହି ଯିହୁଦୀ ଲୋକ ମାନେ ନୂତନ ବିଶ୍ୱାସୀ ମାନକୁଂ ଯାୀହୁଦୀ ଧର୍ମ ଗ୍ରହଣ କରିବାକୁ ବାଧ କରୁଥିଲେ, (ପ୍ରେରିତ ୧୫)।

ଓ:୯ର ପାପ ଗ୍ରୀକ ଭଣ୍ଡ ଶିକ୍ଷକଙ୍କ ଠାରେ ଦେଖିବାକୁ ମିଳିଥିଲା, ଓ ଯିହୁଦୀୟ ଶିକ୍ଷକ ମାନକଂର କୈଣସି ନିଶ୍ଚିତତା ନ ଥିଲା। ଏହା ସମ୍ଭବତଃ କେତେକ ବିଶ୍ୱାସି ମାନେ ତାହାକଂର ପୁରାତନ ବିଜାତିୟ ଜୀବନ ଶୈଳୀକୁ ଫେରିଯାଇ ଥିଲେ।

D. ସମସ୍ତ ପ୍ରକାରର ତାଡନା ସତ୍ୱେ ଖ୍ରୀଷ୍ଟିକଂ ଆନନ୍ଦରେ ଆନନ୍ଦିତ ହେବାକୁ ପାଉଲ କହିଅଛନ୍ତି। କାରଣ ପାଉଲକଂର ଆନନ୍ଦ କୈଣସି ପରିସ୍ଥିତି ଉପରେ ନ ହୋଇ ଇଶ୍ୱରକଂ ଠାରେ ଥିବା ଭରସା ଉପରେ ନିର୍ଭର କରେ।

ଏହି ଆନନ୍ଦ ଏକ ପ୍ରକାରର ଅନୁଭୁତି ନୁହେ, କିନ୍ତୁ ଏହା ଖ୍ରୀଷ୍ଟୟାନ ମାନକଂର ଜାଗତିକ ଚିନ୍ତାଧାରା ଓ ଦୈନନ୍ଦିନ ଜୀବନର ଯନ୍ତ୍ରଣା ଅଟେ। ପାଉଲ ଏଥି ନିମନ୍ତେ ଅନେକ ପ୍ରକାରର ଦୈନନ୍ଦିନ ଜୀବନର ଉଦାହରଣ ପ୍ରଦାନ କରିଅଛନ୍ତି।

1. ଖେଳାଳି (୩:୧୨, ୧୪; ୪:୩)
2. ସୈନିକ (୧:୭, ୧୨, ୧୫, ୧୬, ୧୭, ୨୨, ୨୮, ୩୦)
3. ବାଣିଜ୍ୟ (୩:୭, ୮; ୪:୧୫, ୧୭, ୧୮)

VI. ପୃଷ୍ଠଭୁମି ଓ ପ୍ରାଥମୀକ ଚିଠା

A. ଏହି ପତ୍ରକୁ ପ୍ରାଥମିକ ଚିଠା ଭାବେ ସଜାଇବା ଅତି କଷ୍ଟକର ଅଟେ, କାରଣ ଏହା ଅତି ବ୍ୟକ୍ତିଗତ ଭାବରେ ଲେଖାଯାଇ ଅଛି। ପାଉଲ ତାହାକଂର ଏକ ଉତ୍ତମ ବନ୍ଧୁ ଓ ସେବା କାର୍ଯ୍ୟରେ ଭରସା ଯୋଗ୍ୟ ବନ୍ଧୁକଂ ସହିତ ବାର୍ତ୍ତାଳାପ କରୁଅଛନ୍ତି। ପାଉଲ ଅତ୍ୟନ୍ତ ଆନନ୍ଦର ସହିତ ଏହି ପୁସ୍ତକ ଲେଖିଅଛନ୍ତି, କାରଣ ତାହାକଂର ହୃଦୟ ବିଜାତିୟ ମାନକଂ ନିମନ୍ତେ ଅତ୍ୟନ୍ତ ଉଦବିଗ୍ନ ଥିଲା। ପାଉଲ ସୁସମାଚାରର କାର୍ଯ୍ୟରେ ପ୍ରତ୍ୟକ ପରିସ୍ଥିତିରେ ଖ୍ରୀଷ୍ଟିୟ ଆନନ୍ଦ ଅନୁଭବ କରୁଥିଲେ।

B. ଲିଖିତ ବସ୍ତୁ

1. ପାଉଲକଂର ଉପକ୍ରମ
   (1) ଅଭିନନ୍ଦନ
      (1) ପାଉଲ ଓ (ତୀମଥି)କଂ ଠାରୁ ୧:୧
      (2) ଫିଲିପିର ସମସ୍ତ ସାଧୁ ମାନକୁଂ (ଓ ପାଳକ ଓ ଦିକନ)୧:୧
      (3) ପାଉଲକଂର ପ୍ରାର୍ଥନା, ୧:୨
   (2) ପ୍ରାର୍ଥନା, ୧:୩-୧୧
      (1) ସୁସମାଚାର କାର୍ଯ୍ୟରେ ସାହାଯ୍ୟକାରି ସେବକ ୧:୫
      (2) ପାଉଲକଂର ସେବାକାର୍ଯ୍ୟରେ ସାହାଯ୍ୟ କରୁଥିବା ବ୍ୟକ୍ତିମାନେ, ୧:୭
      (3) ପାଉଲକଂର ଅନୋରୋଧ
         (a) ପ୍ରଚୁର ପ୍ରେମ ନିମନ୍ତେ, ୧:୯
         (b) ପ୍ରରୁର ଜ୍ଞାନ ନିମନ୍ତେ, ୧:୯
         (c) ଚିନ୍ତାଶକ୍ତିର ବୃଦ୍ଧି ନିମନ୍ତେ, ୧:୯
         (d) ପବିତ୍ରତାରେ ବୃଦ୍ଧି ନିମନ୍ତେ, ୧:୧୦
2. ସେମାନେ ପାଉଲକଂ ପାଇ ଚିନ୍ତାଶୀଳ ହେବା ଅପେକ୍ଷା ପାଉଲ ସେମାନକଂ ନିମନ୍ତେ ଅତ୍ୟଧିକ ଚିନ୍ତାଶୀଳ,୧:୧୨-୨୬
   a. ଇଶ୍ୱର ପାଉଲକଂର ବନ୍ଦୀଶାଳାର ସମୟକୁ ସୁସମାଚାର କାର୍ଯ୍ୟ ନିମନ୍ତେ ବ୍ୟବହାର କଲେ
      (1) ରାଜ୍ୟର ସୈନ୍ୟ, ୧:୧୩
      (2) ରାଜପାସାଦର ସିସରକଂ ପରିଜନ, ୧:୧୩; ୪:୨୨
      (3) ସାହାସିକ ଶିକ୍ଷକ ସମୁହ, ୧:୧୪-୧୮
   b. ପାଉଲକଂର ମୁକୁଳିବା ନିମନ୍ତେ ଆତ୍ମ ବିଶ୍ୱାସ, କାରଣ
      (1) ସେମାନକଂର ପ୍ରାର୍ଥନା ୧:୧୯
      (2) ପବିତ୍ର ଆତ୍ମା, ୧:୧୯
   c. ମୁକ୍ତିରେ କିମ୍ବା ମୃତ୍ୟୁରେ ପାଉଲ ବିଶ୍ୱାସରେ ଦୃଢ ଅଟନ୍ତି

3. ପାଉଲଙ୍କର ଉତ୍ସାହ, ୧:୨୭- ୨:୧୮
    a. ତାଡନା ପ୍ରାପ୍ତ ସମୟରେ ଖ୍ରୀଷ୍ଟଙ୍କ ସଦୃଶ୍ୟ ଏକତା ବଜାଇ ରଖିବା, ୧:୨୭-୩୦
    b. ଖ୍ରୀଷ୍ଟଙ୍କ ସଦୃଶ୍ୟ ନିସ୍ୱାର୍ଥପରତାର ଜୀବନ ଯାପନ କରିବା ନିମନ୍ତେ ଆହ୍ୱାନ, ୨:୧-୪
    c. ଖ୍ରୀଷ୍ଟ ଆତ୍ମମାନଙ୍କର ଆଦର୍ଶ ସ୍ୱରୂପ, ୨:୫-୧୧
    d. ଖ୍ରୀଷ୍ଟଙ୍କ ଆଦର୍ଶରେ ଶାନ୍ତି ଓ ଏକତାରେ ଜିବନ ଯାପନ କରିବା, ୨:୧୨-୧୮
4. ଫିଲିପି ନିମନ୍ତେ ପାଉଲଙ୍କର ଯୋଜନା, ୨:୧୯-୩୦
    a. ତୀମଥିଙ୍କୁ ପଠାଇବା, ୨:୧୯-୨୪
    b. ଏପାଫ୍ରାଙ୍କର ପ୍ରତ୍ୟାବର୍ତ୍ତନ, ୨:୨୫-୩୦
5. ଭୁଲ ଶିକ୍ଷକଙ୍କ ବୋରୁଦ୍ଧାଚରଣ କରିବା, ୧:୨୭; ୪:୧
    a. କୁକୁରମାନେ, ଯିହୁଦିୟ ଭଣ୍ଡ ଶିକ୍ଷକମାନେ, ୧:୨୭; ୪:୧
    b. ପାଉଲଙ୍କର ଯିହୁଦୀୟ ଅଧିକାର:
        (1) ଭୁଲ ଶିକ୍ଷକଙ୍କ ଅନୁସାରେ, ୩:୫-୬
        (2) ଖ୍ରୀଷ୍ଟଙ୍କ ଅନୁସାରେ, ୩:୭-୧୬
    c. ସେମାନଙ୍କ ନିମନ୍ତେ ପାଉଲଙ୍କର ଖେଦ
6. ପାଉଲ ତାହାଙ୍କର ଭସ୍ତନାକୁ ପୁନୁରାବୃତି କରୁ ଅଛନ୍ତି;
    a. ଏକତା, ୪:୧-୩
    b. ଖ୍ରୀଷ୍ଟଙ୍କ ସଦୃଶ୍ୟ ଚରିତ୍ର, ୪:୪-୯
7. ଫିଲିପିୟର ସାହାଯ୍ୟ ନିମନ୍ତେ ପାଉଲ ତାହାଙ୍କର କୃତଜ୍ଞତା ପ୍ରକାଶ କରୁଅଛନ୍ତି
    a. ସେମାନଙ୍କର ବର୍ତ୍ତମାନର ଉପହାର, ୪:୧୦-୧୪
    b. ସେମାନଙ୍କର ପୁର୍ବବର୍ତ୍ତି ଉପହାର, ୪:୧୫-୨୦, (୧:୫)
୫. ପାଉଲଙ୍କର ଶେଷ ଲେଖା ଶୈଳୀ, ୪:୨୧-୨୩

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ

1. "ମୋହର ବନ୍ଧନରେ," ୧:୭, ୧୩
2. "ସ୍ନେହ," ୧:୮
3. "ଖ୍ରୀଷ୍ଟଙ୍କ ଦିନରେ," ୧:୧୧
4. "ଧାର୍ମିକତାର ଫଳ," ୧:୧୦
5. "ପ୍ରସାର ସୈନ୍ୟ ଦଳ," ୧:୧୩
6. "ତାହାଙ୍କ ସକାଶେ ଦୁଃଖ ଭୋଗ କରିବା," ୧:୨୯
7. "ଆପଣାକୁ ଶୁନ୍ୟ କଲେ," ୨:୭
8. "ମନୁଶ୍ୟ ସଦୃଶ୍ୟ ହୋଇ," ୨:୭
9. ସ୍ୱୀକାର, ୨:୧୧
10. "ମୁ ଯେ ବୃଥାରେ ଦୌଡୁନାହି," ୨:୧୬
11. "ମୁ ସେବାର ପେୟ ନୈବେଦ୍ୟ ପରି ଢଳା ଯାଉଅଛି," ୨:୧୭
12. " କୁକୁର ମାନଙ୍କଠାରୁ ସାବଧାନ," ୩:୨
13. "ଏବ୍ରୀୟ ରକ୍ତଯାତ ଜଣେ ଏବ୍ରୀୟ," ୩:୫
14. "ସେମାନେ ଖ୍ରୀଷ୍ଟଙ୍କ କ୍ରୁଶର ଶତ୍ରୁ," ୩:୧୮
15. "ଆମ୍ଭେମାନେ ତ ସ୍ୱର୍ଗର ପ୍ରଜା," ୩:୨୦
16. "ଯାହାଙ୍କର ନାମ ଜୀବନ ପୁସ୍ତକରେ ଅଛି," ୪:୩

VIII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. ଅଧକ୍ଷ, ୧:୧
2. ସେବକ, ୧:୧

3. ତିମଥି, ୨:୧୯
4. ଏପାପ୍ରଦିତ, ୨:୨୫
5. "ମିଛ ସୁନ୍ନତବାଦୀ," ୩:୨
6. ସୁନ୍ତୁଖୀ, ୪:୨

IX. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ଫିଲିପି, ୧:୧
2. ମାସିଦୋନିଆ,୪:୧୫
3. ଥେସଲନୀକୀୟ,, ୪:୧୬

X. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ୧:୬ କଣ ଶିକ୍ଷା ପ୍ରଦାନ କରେ?
2. ୧:୧୬ ରେ ପାଉଲ କଣ କହିବାକୁ ଚାହାନ୍ତି, ବୁଝାଇ ଦିଅ
3. "ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମା" କହିଲେ କଣ ବୁଝାଏ?
4. ୧:୨୧କୁ ନିଜ ଭାଷାରେ ବୁଝାଇ ଦିଅ
5. କି ପ୍ରକାରେ ୨:୬ ଯୀଶୁ ଖ୍ରୀଷ୍ଟଙ୍କର "ପୁର୍ବରୁ ବିଦ୍ୟମାନ ଓ ଇଶ୍ୱରତ୍ୱ" ସହିତ ଜଡିତ?
6. ଯୀଶୁ କଣ ପାଇ କ୍ରୁଶରେ ମଲେ? (୨:୮)
7. "ଉପରିସ୍ଥ ସ୍ୱର୍ଗରେ ଓ ନିଚ୍ଚସ୍ଥ ପୃଥିବୀରେ" ଏହା କାହାକୁ  ବୁଝାଏ?
8. "ଭୟ ଓ କମ୍ପର ସହ ଆପଣା ଆପଣା ପରିତ୍ରାଣ ସାଧନ କର," ଏହାର ଅର୍ଥ କଣ? (୨:୧୨)
9. ପାଉଲଙ୍କର ଯୀହୁଦୀୟ ଯୋଗ୍ୟତାକୁ ଲେଖ ୨:୪-୬
10. ୩:୯, କଣ ପାଇ ଗୁରୁତ୍ୱ ପୁର୍ଣ ଅଟେ?
11. ୪:୫ ଏପରି କୁହେ, "ପ୍ରଭୁ ନିକଟ ବର୍ତ୍ତି," ତେବେ କଣ ପାଇ ଖ୍ରୀଷ୍ଟଙ୍କର ଆଗମନ ଏ ପର୍ଯ୍ୟନ୍ତ ହୋଇନାହି?

# କଲସୀୟ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. କଲସୀୟରେ ଗ୍ରହଣିୟ ତଥ୍ୟର ବିରୁଦ୍ଧାଚରଣ ବ୍ୟକ୍ତି ମାନକଂ ନିମନ୍ତେ ଧନ୍ୟବାଦ; ସେମାନକଂ ସକାଶୁ ପାଉଲ ଏହି ପତ୍ର ଲେଖିଅଛନ୍ତି। ଏହି ପୁସ୍ତକକୁ ସଠିକ ଭାବରେ ବୁଝିବା ନିମନ୍ତେ, ଆମ୍ଭମାନକୁଂ ଏହାର ଐତିହାସିକ ଘଟଣାକୁ ଜାଣିବା ନିହାତି ଆବଶ୍ୟକ। ଯେହେତୁ ପାଉଲ ସ୍ଥାନିୟ ସମସ୍ୟାର ସମାଧାନ ସାର୍ବଜନୀନ ସୁସମାଚାର ଦ୍ୱାରା ପ୍ରକାଶିତ କରୁଥିବାରୁ, ପାଉଲକଂ ଲେଖା ସବୁକୁ "ସାମୟିକ ପତ୍ର" ବୋଲି କୁହାଯାଏ। କଲସୀୟ ମଣ୍ଡଳୀର ବିରୁଦ୍ଧାଚରଣ ବ୍ୟକ୍ତିମାନେ ସଧାରଣତ ଗ୍ରୀକ ତର୍କଶାସ୍ତ୍ର ଓ ଯିହୁଦାର ମିଳନ ବ୍ୟକ୍ତିମାନେ ଥିଲେ।

B. ଯିଶୁ ଖ୍ରୀଷ୍ଟକଂର ଜାଗତିକ ମାନବିକତା ଏହି ପୁସ୍ତକର ମୁଳ ଶିକ୍ଷା ଅଟେ, (୧:୧୫-୧୭)। ଖ୍ରୀଷ୍ଟକଂ ବିଷୟରେ ଶିକ୍ଷା ଏହି ପୁସ୍ତକର ଏବଂ ଏଫିସୀୟ ପୁସ୍ତକର ପ୍ରାରମ୍ଭୀକ ବିବରଣୀ ଅଟେ। ଏଫେସସ ଠାରେ ଏହି ଭୁଲ ଶିକ୍ଷା ପାଇ ଲୋକ ମାନକୁଂ ସଜାଗ କରାଯିବା ସମୟରେ କଲସିୟ ମଣ୍ଡଳୀରେ ଏହି ଭୁଲ ଶିକ୍ଷା ପ୍ରବେଶ କରି ସାରିଥିଲା। କଲସିୟ ପୁସ୍ତକର ମୁଳ ଲକ୍ଷ୍ୟ ଖ୍ରୀଷ୍ଟକଂ ବିଷୟରେ ଶିକ୍ଷା, କିନ୍ତୁ ଏଫିସୀୟ ପୁସ୍ତକର ମୁଳ ଶିକ୍ଷା ଖ୍ରୀଷ୍ଟିୟ ଏକତା ବିଷୟରେ ପ୍ରକାଶ କରେ।

C. ପାଉଲ ତାକଂର ଏହି ପତ୍ର ମାଧ୍ୟମରେ ଗ୍ରୀକ ଏବଂ ଯିହୁଦି ମାନକଂର ଅତି କଠୋର ନିୟମକୁ ଶକ୍ତିଶାଳୀ ଭାବରେ ଖଣ୍ଡନ କରିଅଛନ୍ତି, (୨:୬-୨୩)।

II. ସହର।

A. ଏହି କଲସି ସହରଟି ପେର୍ଗିଆ ସହରର ପେର୍ଗୁମମର ଏକ ଅଂଶ ଅଟେ। ଖ୍ରୀ. ପୂ ୧୩୩ରେ ଏହା ରୋମର ସିନେଟକୁଂ ପ୍ରଦାନ କରାଯାଇ ଥିଲା।

B. ପାଉଲକଂ ସମୟ ପୂର୍ବରୁ କଲସୀୟ ଏକ ବୃହତ ବାଣିଜ୍ୟିକ କେନ୍ଦ୍ର ଥିଲା, ( Heroditus' Histories VII:30 and Xenophon Anabasis 1:2:6)

1. ଯୋଉ ସ୍ଥାନରେ କଲସେ ରହିଥିଲା ତାହା ପ୍ରାଚୀନ ଭୂମଧ୍ୟସାଗରିୟ ଅଚଂଳ ଅଟେ, ଯାହା ସେହି ସମୟର ପ୍ରୁଥିବି ବିଖ୍ୟାତ କପ୍ପା ଉତ୍ପାଦନ କରୁଥିଲା, ବିଶେଷ ଭାବରେ କଳା, ଏବଂ ବାଇଗଣୀ ରଂଗର କପ୍ପା। ସେହି ସ୍ଥାନର ମାଟି ଏହି ଚାଷପାଇ ଉପଯୋଗି ଥିଲା।
2. ଆଗ୍ନେୟଗିରିର କାରଣ ଯୋଗୁ ଏହି ସହର ଅନେକ ଥର ନଷ୍ଟ ହୋଇଥିବାର ଜଣାଯାଏ, ଖ୍ରୀ. ପୂ ୬୦ରେ (ଟାସିଟସ) ଏବଂ ଖ୍ରୀ. ପୂ ୬୪ରେ (ଏସେବିଅସ)

C. କଲସୀୟ ଲୁକାସ ନଦୀ କୁଳରେ ଅବସ୍ଥିତ, ଯାହାକି ୧୦୦୦ ମାଇଲ ଦୁରରେ, ଏହା ଏଫେସସ ସହର ଦ୍ୱାରା ପରିଚାଳିତ ହୋଉଥିଲା। ଏଠାରେ ଏକ ଅଂଚଳ ରହିଥିଲା ଯାହାକୁ ହିରପୋଲିସ (୬ ମାଇଲ ଦୁରତା) ଓ ଲାଉଦିସିଆ (୧୦ ମାଇଲ ଦୁରତା)ରେ ଅବସ୍ଥିତ ଥିଲା।

D. ରୋମିୟ ସାମ୍ରାଜ୍ୟର ରାଜାମାନେ ଭିଆ ଇଗ୍ନାସିଆ ନମରେ ଏକ ସଡକ ପଥ ପ୍ରସ୍ତୁତ କଲେ, ଯାହା କଲସ୍ସେ ଦେଇ ଗତି କରୁଥିଲା। ପାଲେଷ୍ଟାଇନର ଜର୍ଦ୍ଦନ ଅଂଚଳରେ ସୁଧା ଏହିପ୍ରକାରର ଏକ ସୁବିଧା କରାଯାଇ ଥିଲା।

E. ଅଧିକାଂଶ ଭାବରେ ବିଜାତି ଲୋକମାନେ ଏହି ସହରରେ ବସବାସ କରୁଥିଲେ, କିନ୍ତୁ ସେଠାରେ ଅତ୍ୟଧିକ ଯିହୁଦି ଲୋକମାନେ ବାସ କରୁଥିଲେ। ଯୋସିଫସ କୁହନ୍ତି, ଆଣ୍ଟିଓକ III (ଖ୍ରୀ. ପୂ ୨୨୩-୧୮୭)ରେ, ୨୦୦୦ଯିହୁଦୀ ମାନକୁଂ ବେବିଲୋନରୁ କଲସୀୟକୁ ଆଣିଥିଲେ। ଖ୍ରୀ ପୂ ୭୬ରେ କଲସୀୟର ରାଜଧାନୀରେ ୭୬୦୦୦ ଯିହୁଦି ଲୋକମାନେ ବାସ କରୁଥିଲେ ବୋଲି ଇତିହାସ ବର୍ଣନା କରେ।

III. ଲେଖକ

A. ପାଉଲ ଏବଂ ତିମଥି ଦୁଇଜଣ ପ୍ରେରକ ରହିଅଛନ୍ତି, (କଲସିୟ ୧:୧)। ଯଦିଚ ତିମଥି ସାଥି ଭାବରେ ନିଜର ଅଭିନନ୍ଦନ ଜଣାଇ ଥିଲେ ସୁଧା, ପାଉଲହି ଏହି ପୁସ୍ତକର ଲେଖକ ଅଟନ୍ତି।

B. ପ୍ରାଚୀନ ଲେଖାସବୁ ପାଉଲକୁଂ ଏହି ପୁସ୍ତକର ଲେଖକ ବୋଲି ସର୍ବସମ୍ମତି ପ୍ରକାଶ କରନ୍ତି:

1. ମାର୍ସିଆନ (ସେ ରୋମକୁ ଖ୍ରୀ ପୂ ୧୪୦ରେ ଆସିଥିଲେ), ସେ ଏହି ପୁସ୍ତକକୁ ପାଉଲକଂ ଲେଖାରେ ଯୋଗ କରିଥିଲେ।

2. ମୁରସୋରିଅନ ପୁସ୍ତକରେ ଏହା ପାଉଲଙ୍କର ଲେଖା ବୋଲି ଗଣିତ କରାଯାଇ ଅଛି, (ଖ୍ରୀ ଅ ୨୦୦ର, ରୋମର ଏକ କାନନ ପୁସ୍ତକ)
3. ପାଉଲଙ୍କର ପୁସ୍ତକ ବୋଲି ଅନେକ ପ୍ରାଚୀନ ମଣ୍ଡଳୀର ବ୍ୟକ୍ତିମାନେ ଏହାଠାରୁ ଉଦ୍ଧୃତ କରିଥିଲେ
   a. ଇରାନିଅସ, (ଖ୍ରୀ ଅ ୧୭୭-୧୯୦)
   b. କ୍ଳେମେନ୍ଟ ଆଲେକଜେଣ୍ଡର, (ଖ୍ରୀ ଅ ୧୬୦-୨୧୬)

IV. କଲସୀୟ ଏବଂ ଏଫିସୀୟ ପୁସ୍ତକ ମଧ୍ୟରେ ଥିବା ଲେଖା ଶୈଳୀର ସଂପର୍କ

A. ଏହି ଦୁଇ ଐତିହାସିକ ପତ୍ର, ଯାହାକି ବନ୍ଦୀଶାଳାରୁ ଲେଖାଯାଇ ଅଛି, ସେଥିରେ ଏହି ସଂମ୍ପର୍କ ରହିଅଛି
1. ଏପାଫ୍ରା (କଲସିୟ ୧:୭; ୪:୧୨, ଫିଲିମୋନ ୨୩), ଏଫେସସର ପାଉଲଙ୍କର ପ୍ରଚାରରେ ପରିବର୍ତନ ହୋଇଥିଲେ, (ପ୍ରେରିତ ୧୯)
   a. ଏପାଫ୍ରା ତାହାଙ୍କର ବିଶ୍ଵାସକୁ ନିଜ ଅଂଚଳକୁ ଅର୍ଥାତ ଲୁସିଆ ନଦୀତଟକୁ ନେଇ ପହଂଚାଇ ଥିଲେ, (୪:୧୨)
   b. ଏପାଫ୍ରା ତିନିଗୋଟି ମଣ୍ଡଳୀ ଆରମ୍ଭ କରିଥିଲେ; ହାଇରାପଲିସ, ଲାଉଦିକିଆ, (୪:୧୩) ଓ କଲସି
   c. ଏପାଫ୍ରା ଯିହୁଦି ଓ ଗ୍ରୀକ ମାନଙ୍କର ଭୁଲ ଶିକ୍ଷା ବିରୁଦ୍ଧରେ କିଭଳି ଭାବରେ ଯୁଦ୍ଧ କରାଯାଇ ପାରିବ, ସେଥିପାଇ ସେ ପାଉଲଙ୍କର ଉପଦେଶ ଚାହି ଅଛନ୍ତି । ଏହି ସମୟରେ ପାଉଲ ରୋମରେ ବନ୍ଦୀ (୬୦ର ପ୍ରାରମ୍ଭରେ) ଅଛନ୍ତି, (୪:୩,୧୮) ।
2. ଭୁଲ ଶିକ୍ଷକ ମାନେ ଗ୍ରୀକର ଶିକ୍ଷାରେ ଅନୁରକ୍ତ ଥିଲେ
   a. ଆତ୍ମା ଓ ବସ୍ତୁ ନିତ୍ୟଜିବି ଅଟନ୍ତି
   b. ଆତ୍ମା (ଇଶ୍ଵର) ଭଲ ଅଟନ୍ତି
   c. ଶରିର (ବସ୍ତୁ ବା ସୃଷ୍ଟି) ଖରାପ ଅଟେ
   d. ଇନୋଶ (ଦୂତ ମାନଙ୍କର କାହାଣି), ଯାହା ଦର୍ଶାଇ ଥାଏ କି, ଇଶ୍ଵରଙ୍କ ମଧ୍ୟରେ ଉଚ୍ଚ ଏବଂ ନିଚ୍ଚର ସ୍ତର ରହିଅଛି, ଏବଂ ଏହି ନିଚ୍ଚ ସ୍ତରର ଇଶ୍ଵର ଏହି ଶରିର (ବସ୍ତୁ ବା ସୃଷ୍ଟି) ଖରାପ ବିଷୟ ସୃଷ୍ଟି କରିଅଛନ୍ତି ।
   e. ଏହି ଇନୋଶ (ଦୂତ ମାନଙ୍କର କାହାଣି) ଦ୍ଵାରା ଉଦ୍ଧାରର ଏକ ପ୍ରକାରର ରହସ୍ୟକୁ ଆବିଷ୍କାର କରି ଲୋକମାନେ ଉଚ୍ଚତର ଇଶ୍ଵରଙ୍କ ନିକଟକୁ ଯାଇ ପାରିବେ ବୋଲି ଚିନ୍ତା କରୁଥିଲେ ।

B. ପାଉଲଙ୍କର ଦୁଇଗୋଟି ପତ୍ରର ଲେଖାର ସମ୍ପର୍କ
1. ପାଉଲ ଏହି ମଣ୍ଡଳୀର ଭୁଲଶିକ୍ଷକ ମାନଙ୍କ ବିଷୟରେ ଶୁଣିବାକୁ ପାଇଲେ, ଯୋଉ ମଣ୍ଡଳୀକୁ ସେ କେବେ ସୁଧା ଭ୍ରମଣ କରିନଥିଲେ, (୧:୭-୮)
2. ପାଉଲ ଏକ ପ୍ରକାରର କଠୋର ପତ୍ର, ଅନେକ ଭାବ ପ୍ରବଣତା ବାକ୍ୟରେ ଏହି ମଣ୍ଡଳୀର ଭ୍ରାନ୍ତ ଶିକ୍ଷକ ମାନଙ୍କ ବିରୁଦ୍ଧରେ ଲେଖିଅଛନ୍ତି । ଏହାର ମୁଖ୍ୟ ସାରାଂଶ ଜଗତରେ ଇଶ୍ଵରଙ୍କର ପ୍ରଭୁତ୍ଵ, ଯାହାକି କଲସୀୟ ପୁସ୍ତକରେ ବର୍ଣନା କରାଯାଇ ଅଛି ।
3. ପାଉଲ ଏହି କଲସିୟ ପୁସ୍ତକ ଲେଖିସାରି ସେ ଅନ୍ୟ ଏକ ପୁସ୍ତକ ନିମନ୍ତେ ଚିନ୍ତା କରିଥିଲେ, ଯାହାକି ଏଫିସୀୟ ପୁସ୍ତକ ଅଟେ । ସେ ଯାଣିଥିଲେ ଯେ ଖ୍ରୀଷ୍ଟିୟ ଧର୍ମକୁ ଗୁରୁତ୍ଵ ଦେବାପାଇ ଏସିଆ ମାଇନର ଅଚଂଳରେ ଗ୍ରୀକ ସଂସ୍କୃତିକୁ ବଡାଇ ଦିଆଯାଇ ଥିଲା । ଏଫିସିୟ ଅତି ଦିର୍ଘ ବାକ୍ୟାଂଶ ଓ ଶିକ୍ଷାରେ ଲେଖାଅଯାଇ ଥିଲା, (୧:୩-୧୪, ୧୫-୨୩; ୨:୧-୧୦, ୧୪-୧୮, ୧୯-୨୨; ୩:୧-୧୨, ୧୪-୧୯; ୪:୧୧-୧୬; ୬:୧୩-୨୦) । ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ ଖ୍ରୀଷ୍ଟଙ୍କ ଠାରେ ଏକତା, ଯାହାକି ଇନୋକ (ଦୂତ ମାନଙ୍କର କାହାଣି)ର ବିପରିତ ଥିଲା ।

C. ଆକ୍ଷରିକ ଓ ବାଇବଲ ଭିତିକ ଶିକ୍ଷାର ଗଠନ ପ୍ରଣାଳୀ
1. ସାଧାରଣ ଲେଖାଶୈଳୀର ଗଠନ ପ୍ରଣାଳୀ
   a. ସେମାଙ୍କର ପ୍ରାରମ୍ଭୀକ ଶୁବେଛା ସମାନ ପ୍ରକାରର ଦେଖିବାକୁ ମିଳେ
   b. ସେମାଙ୍କର ଶିକ୍ଷା ପ୍ରାଥମିକ ଭାବରେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନ ବିଷୟରେ ଆଧାରିତ
   c. ଏହି ଦୁଇଗୋଟି ପତ୍ରରେ ପ୍ରୟୋଗ ଯାହାକି ସମାନ ବିଭାଗ, ଶବ୍ଦ ଓ ବାକ୍ୟାଂଶକୁ କାର୍ଯ୍ୟଗତ ଭାବରେ ଗୁରୁତ୍ଵ ପ୍ରଦାନ କରିଥାଏ ।
   d. ସେମାନଙ୍କର ଶେଷ ବାଣୀ ଯାହା ଗ୍ରୀକ ଶବ୍ଦ ସହିତ ସମାନ ୨୯ ଶବ୍ଦ, କେବଳ ଦୁଇଗୋଟି ଅଲଗା ଶବ୍ଦ କଲସିୟରେ ଜଡିତ ରହିଅଛି, ("ଏବଂ ସାଥି ବନ୍ଦୀ ଦାସ"), ଏଫିସୀୟ ୬:୨୧-୨୨ ଓ କଲସୀୟ ୪:୭-୯କୁ ଯୋଗ କର ।
2. ସମାନ ରହିଥିବା ଶବ୍ଦ ଓ ବାକ୍ୟାଂଶ

| | |
|---|---|
| ଏଫିସୀୟ ୧:୧ଗ ଏବଂ କଲସୀୟ ୧:୨କ | "ବିଶ୍ଵସ୍ତ" |
| ଏଫିସୀୟ ୧:୪ ଏବଂ କଲସୀୟ ୧:୨୨ | "ପବିତ୍ର ଓ ଅନିନ୍ଦନିୟ" |
| ଏଫିସୀୟ ୧:୭ ଏବଂ କଲସୀୟ ୧:୧୪ | "ଉଦ୍ଧାର....... କ୍ଷମା" |
| ଏଫିସୀୟ ୧:୧୦ ଏବଂ କଲସୀୟ ୧:୨୦ | "ସମସ୍ତ ବିଷୟ....... ସ୍ଵର୍ଗ.......ପୃଥିବୀ" |
| ଏଫିସୀୟ ୧:୧୫ ଏବଂ କଲସୀୟ ୧:୩-୪ | "ଶୁଣ..........ସାଧୁ ମାନଙ୍କ ନିମନ୍ତେ ପ୍ରେମ" |
| ଏଫିସୀୟ ୧:୧୮ ଏବଂ କଲସୀୟ ୧:୨୭ | "ଗୌରବ ରୂପ ଧନ" |

| | |
|---|---|
| ଏଫିସୀୟ ୨:୧ ଏବଂ କଲସୀୟ ୧:୧୩ | "ତୁମ୍ଭେମାନେ ମୃତ ଅବସ୍ଥାରେ ଥିଲ" |
| ଏଫିସୀୟ ୨:୧୬ ଏବଂ କଲସୀୟ ୧:୨୦ | "ମିଳନ.........କ୍ରୁଶ" |
| ଏଫିସୀୟ ୩:୨ ଏବଂ କଲସୀୟ ୧:୨୫ | "ସେବାକାର୍ଯ୍ୟ" |
| ଏଫିସୀୟ ୩:୩ ଏବଂ କଲସୀୟ ୧:୨୬-୨୭ | "ନିଗୁଢତତ୍ତ୍ୱ" |
| ଏଫିସୀୟ ୪:୩ ଏବଂ କଲସୀୟ ୩:୧୪ | "ଐକ୍ୟ ରକ୍ଷା କରିବା" |
| ଏଫିସୀୟ ୪:୧୫ ଏବଂ କଲସୀୟ ୨:୧୯ | "ମସ୍ତକ" ଏବଂ "ବୃଦ୍ଧି" |
| ଏଫିସୀୟ ୪:୨୪ ଏବଂ କଲସୀୟ ୩:୧୦, ୧୨,୧୪ | "ପରିଧାନ କରିବା...." |
| ଏଫିସୀୟ ୪:୩୧ ଏବଂ କଲସୀୟ ୩:୮ | "କ୍ରୋଧ," "ରାଗ," "ଦ୍ୱେଷ," "ଲୋଭ" |
| ଏଫିସୀୟ ୫:୩ ଏବଂ କଲସୀୟ ୩:୫ | "ବ୍ୟବିଚାର," "ଅଶୁଚିତା," "ଲୋଭ" |
| ଏଫିସୀୟ ୫:୫ ଏବଂ କଲସୀୟ ୩:୫ | "ବ୍ୟବିଚାରୀ" (ଅଶୁଦ୍ଧାଚାରୀ) |
| ଏଫିସୀୟ ୫:୬ ଏବଂ କଲସୀୟ ୩:୬ | "ଈଶ୍ୱରଙ୍କ କ୍ରୋଧ" |
| ଏଫିସୀୟ ୫:୧୬ ଏବଂ କଲସୀୟ ୪:୫ | "ସୁଯୋଗର ସତ ବ୍ୟବହାର" |

3. ସଠିକ ପ୍ରକାରର ବାକ୍ୟାଂଶ ଏବଂ ବାକ୍ୟ
   ଏଫିସୀୟ ୧:୧କ ଏବଂ କଲସୀୟ ୧:୧କ
   ଏଫିସୀୟ ୧:୧ଖ ଏବଂ କଲସୀୟ ୧:୨ଖ
   ଏଫିସୀୟ ୧:୨କ ଏବଂ କଲସୀୟ ୧:୨ଖ
   ଏଫିସୀୟ ୧:୧୩ ଏବଂ କଲସୀୟ ୧:୫
   ଏଫିସୀୟ ୨:୧ ଏବଂ କଲସୀୟ ୨:୧୩
   ଏଫିସୀୟ ୨:୫ଖ ଏବଂ କଲସୀୟ ୨:୧୩ଗ
   ଏଫିସୀୟ ୪:୧ଖ ଏବଂ କଲସୀୟ ୧:୧୦କ
   a. ବୈରାଗ୍ୟ ଓ ଦାୟମୁକ୍ତ ନିଷେଧ
      (1) ବିବାହର ନିଷେଧ,(୧ମ ତୀମଥି ୨:୧୫; ୪:୩)
      (2) କେତେକ ସ୍ୱତନ୍ତ୍ର ପ୍ରକାରର ଖାଦ୍ୟର ନିଷେଧ, (୧ମ ତୀମଥି ୪:୪)
   b. ଶାରିରୀକ ବୀରତ୍ୱ, (୧ମ ତୀମଥି ୪:୩; ୨ୟ ତୀମଥି ୩:୬-୭; ତୀତସ ୧:୧୧-୧୫)
   c. ଜ୍ଞାନ ସମ୍ବନ୍ଧିୟ ବିଷୟ ଉପରେ ଗୁରୁତ୍ୱ ପ୍ରଦାନ, (୧ମ ତୀମଥି ୪:୧-୩; ୬:୨୦)

VII. ସ୍ୱୀକୃତୀ ପ୍ରଦାନ

A. ପାଉଲଙ୍କର ସମସ୍ତ ଲେଖା ଏକତ୍ରିତ କରି "ପ୍ରେରିତ ମାନଙ୍କର ନାମରେ" ରଖାଯାଇ ତାହାକୁ ସମସ୍ତ ମଣ୍ଡଳୀ ମାନଙ୍କରେ ପହଚଂଆଇ ଦିଆଯାଇ ଥିଲା। ପାଉଲଙ୍କର ଏକମାତ୍ର ଲେଖାଶିଳ୍ପି ଯାହାକି ୧ମ ଓ ୨ୟ ତୀମଥି ଏବଂ ତୀତସ (ଓ ୨ୟ ଥେସଲନୀକୀୟ ଓ ଫିଲିମୋନ) ୨୦୦ର ଲେଖା ଯାହାକି P[16] ବୋଲି କୁହାଯାଏ (ଚେଷ୍ଟେର ବାଚିଁ ପାପିରି), ଙ୍କର ଅଟେ। ଏହାର ଅନେକ ପୃଷ୍ଠା ନ ମିଳିବାର ସୁଚନା ମିଳିଅଛି। ଅନ୍ୟ ସମସ୍ତ ଗ୍ରୀକ ଲେଖା ଶୀଳ୍ପି ଯାହାକି ଏହି "ପାଳକୀୟ ପତ୍ର" ରେ ରହିଅଛି, ତାହାର ସନ୍ଧାନ ରହିଅଛି।

B. ପ୍ରାଚୀନ ମଣ୍ଡଳୀ, ଯୋଉମାନେ ପାଉଲଙ୍କର ଏହି ପାଳକିୟ ପୁସ୍ତକରୁ କିଛି ଅଂଶ ଉଦ୍ଧୃତ କରିଅଛନ୍ତି, କିମ୍ବା ପରୋକ୍ଷ ଭାବରେ ଉଲେଖ କରିବା କିମ୍ବା ଜଣାଇ ଅଛନ୍ତି,
   1. ପ୍ରାଚୀନ ମଣ୍ଡଳୀର ନେତା ମାନେ
      a. ସ୍ୱେଦୁଓ ବର୍ଣବା (ଖ୍ରୀ ଅ. ୭୦-୧୩୦) ସେ ୨ୟ ତୀମଥି ଓ ତୀତସ ପୁସ୍ତକରୁ ଉଦ୍ଧୃତ କରିଥିଲେ।
      b. ରୋମର କ୍ଲେମେଣ୍ଟ (ଖ୍ରୀ ଅ ୯୫-୯୭) ସେ ୧ମ ତୀମଥି ଓ ୨ୟ ତିମଥିକୁ ପରୋକ୍ଷ ଭାବରେ ଉଲ୍ଲେଖ କରିଥିଲେ ଓ ତୀତସ ୩:୧କୁ ଉଦ୍ଧୃତ କରିଥିଲେ।
      c. ପଲିକ୍ରପ (ଖ୍ରୀ ଅ ୧୧୦-୧୫୦) ସେ ୧ମ,୨ୟ ତୀମଥି ଓ ତୀତସକୁ ପରୋକ୍ଷ ଭାବରେ ଉଲ୍ଲେଖ କରିଥିଲେ।
      d. ହେର୍ମାସ (ଖ୍ରୀ ଅ ୧୧୫-୧୪୦) ସେ ୧ମ ତୀମଥି ଓ ୨ୟ ତିମଥି ପୁସ୍ତକରୁ ଉଦ୍ଧୃତ କରିଥିଲେ।
      e. ଇରାନିଅସ (ଖ୍ରୀ ଅ ୧୩୦-୨୦୨) ସେ ଅନେକ ଥର ୧ମ ତୀମଥି ଓ ୨ୟ ତିମଥି ପୁସ୍ତକରୁ ଉଦ୍ଧୃତ କରିଥିଲେ।
      f. ଡାଇଗ୍ନେଟସ (ଖ୍ରୀ ଅ ୧୫୦) ସେ ତୀତସ ପୁସ୍ତକକୁ ଉଦ୍ଧୃତ କରିଥିଲେ।
      g. ଟେର୍ଟୁଲିଆନ (ଖ୍ରୀ ଅ ୧୫୦-୨୨୦) ସେ ୧ମ ତୀମଥି ଓ ୨ୟ ତିମଥି ପୁସ୍ତକରୁ ଉଦ୍ଧୃତ କରିଥିଲେ।
      h. ଓରିଜେନ (ଖ୍ରୀ ଅ ୧୮୫- ୨୫୪) ସେ ୧ମ ତୀମଥି ଓ ୨ୟ ତିମଥି ପୁସ୍ତକରୁ ଉଦ୍ଧୃତ କରିଥିଲେ।
   2. ସ୍ୱୀକୃତି ପ୍ରାପ୍ତ ପୁସ୍ତକ ଗୁଡିକ ଯାହା ପାଳକିୟ ପତ୍ରରେ ଅନ୍ତର୍ନିହିତ ରହିଅଛି,
      a. ମୁରାରି ମାନଙ୍କର ଲେଖା ଖଣ୍ଡ, (ଖ୍ରୀ ଅ ୨୦୦ରେ ରୋମରୁ)
      b. ବାରୋକୋସିଆ (ଖ୍ରୀ ଅ ୨୦୬)
      c. ପ୍ରେରିତ ମାନଙ୍କର ତାଲିକା (ଖ୍ରୀ ଅ ୩୦୦)
      d. ସେଲଟ୍ନହାମ ତାଲିକା (ଖ୍ରୀ ଅ ୩୬୦)
      e. ଅଥେନାସିୟଙ୍କର ପତ୍ର (ଖ୍ରୀ ଅ ୩୬୭)
   3. ପାଳକିୟ ପତ୍ର ଥିବା ପ୍ରାଚୀନ ବିବରଣ
      a. ପୁରାତନ ଲାଟିନ, (ଖ୍ରୀ ଅ ୧୫୦-୧୭୦)
      b. ପୁରାତନ ସିରିୟା, (ଖ୍ରୀ ଅ ୨୦୦)
      c. ପ୍ରାଚୀନ ମଣ୍ଡଳୀର ପରିଷଦ, ଯାହାକି ପାଳକିୟ ପୁସ୍ତକକୁ ସମ୍ବୋଧନା ଦେଇଥିଲା
      d. ନାସିଆ (ଖ୍ରୀ ଅ ୩୨୫-୩୪୦)
      e. ହିପ୍ପୋ (ଖ୍ରୀ ଅ ୩୯୩)
      f. କାର୍ଥାଗେ (ଖ୍ରୀ ଅ ୩୯୭ ଓ ୪୧୯)

C. ରୋମିୟ ସରକାର, ପ୍ରାଚିନ ମଣ୍ଡଳୀର ଲୋକମାନଙ୍କ ସହିତ ମିଶି ଏହି ବାଇବଲ ପୁସ୍ତକ ଗୁଡିକୁ ସ୍ୱୀକୃତି ପ୍ରଦାନ କରିଥିଲେ, ଏହା ବାହ୍ୟିକ ଓ ଆନ୍ତରିକ ଚାପକୁ କିଛି ମାତ୍ରାରେ କମାଇ ଦେଇଥିଲା। ଏହି ପୁସ୍ତକ ଗୁଡିକର ସ୍ୱୀକୃତି ନିମନ୍ତେ କେତେକ ସାଧାରଣ ଆବଶ୍ୟକତା ହେଲା,
   1. ପ୍ରେରିତ ମାନଙ୍କ ସହିତ ସମ୍ପର୍କ
   2. ଅନ୍ୟ ପ୍ରେରିତ ମାନଙ୍କ ଶିକ୍ଷା ସହିତ ସମାନତା
   3. ଯୋଉବ୍ୟକ୍ତି ଜଣକ ଏହି ପତ୍ର ଲେଖିଅଛନ୍ତି, ତାହାଙ୍କର ବିଶ୍ୱାସ ଓ ପରିବର୍ତନଶୀଳ ଜୀବନ
   4. ପ୍ରାଚୀନ ମଣ୍ଡଳୀ ମଧ୍ୟରେ ଥିବା ଏକପ୍ରକାରର ଚୁକ୍ତି ଓ ତାହାର ଗ୍ରହଣ

D. ସ୍ୱୀକୃତି ପ୍ରଦାନର ଆବଶ୍ୟକତା,
   1. ଦ୍ୱୀତିୟ ଆଗମନର ବିଳମ୍ବ
   2. ମଣ୍ଡଳୀ ଓ ପ୍ରେରିତ ମାନଙ୍କ ମଧ୍ୟରେ ଭୈଗଳିକ ଦୁରତା
   3. ପ୍ରେରିତ ମାନଙ୍କର ମୃତ୍ୟୁ

4. ଭ୍ରାନ୍ତ ଶିକ୍ଷକ ମାନଙ୍କର ଉତଥାନ
    a. ଯୀହୁଦିଜାତି
    b. ଗ୍ରୀକ ଦାର୍ଶନିକ
    c. ଯୀହୁଦି ଓ ଜ୍ଞାନ ସମ୍ବନ୍ଧିୟ ବିଷୟରେ ଶିକ୍ଷା. (କଲସିୟ ମଣ୍ଡଳୀ)
    d. ଗ୍ରୀକ ଓ ରୋମିୟ ମଣ୍ଡଳୀର ଧର୍ମ, (ମିଥ୍ରା)
    ଏହା ସୁସମାଚାରର ପ୍ରସାର ନିମନ୍ତେ ବିଭିନ୍ନ ସଂସ୍କୃତିରେ ଦେଖାଦେଇ ଥିଲା

E. ଏହି ଲେଖାର ସ୍ୱିକୃତି ପ୍ରାପ୍ତ ହେବା ଐତିହାସିକ ଭାବରେ ଲେଖକ ଉପରେ ଜଡିତ ଅଟେ । ପ୍ରାଚୀନ ମଣ୍ଡଳୀ ପାଳକିୟ ପତ୍ରକୁ ପାଉଲଙ୍କ ଦ୍ୱାରା ଲିଖିତ ବୋଲି ଗ୍ରହଣ କରିଥିଲେ । ମୋ ନିଜ ବିଶ୍ୱାସ ଅନୁସାରେ, ସ୍ୱୀକୃତି ପ୍ରଦାନ କରିବା ଆତ୍ମାଙ୍କ ଉପରେ ନିର୍ଭର କରେ, କୈଣସି ମନୁଶ୍ୟର ଲେଖା କିମ୍ବା ତାହାର ଗୁଣ ଉପରେ ନୁହେ, ତଥାପି ଏହି ଲେଖା ସବୁର ସଂରକ୍ଷଣ ଓ ତାହାର ଏକତ୍ରି କରଣ ଅତି ଗୁରୁତ୍ୱପୂର୍ଣ ଅଟେ । ପାଉଲଙ୍କର ଲେଖକ ହିସାବରେ ସନ୍ଦେହ କରିବା ଦ୍ୱାରା ତାହାର ପବିତ୍ର ଆତ୍ମାଙ୍କର ଶକ୍ତିର କାର୍ଯ୍ୟ ଓ ସ୍ୱୀକୃତି ପ୍ରାପ୍ତ ଉପରେ କୈଣସି ପ୍ରଭାବ ପଡେ ନାହି ।

VIII. ୧ମ ତୀମଥିର ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ ।

1. " ଧର୍ମବିଶ୍ୱାସରେ ଆପଣାର ଯଥାର୍ଥ ପୁତ୍ର," ୧:୨
2. ନିନ୍ଦକ, ୧:୧୩
3. ଆମେନ, ୧:୧୭
4. ମଧ୍ୟସ୍ଥ, ୨:୫
5. ମୁଲ୍ୟ ସ୍ୱରୁପେ, ୨:୬
6. "ଶୁଚି ହସ୍ତ ଉତ୍ତୋଳନ କରି," ୨:୮
7. " ଅନିନ୍ଦନୀୟ," ୩:୨
8. " ମଦ୍ୟ ପାନରେ ଅନାସକ୍ତ," ୩:୮
9. " ବିଶ୍ୱାସର ମହତ୍ୱ," ୩:୯
10. "ଭୁତ ମାନଙ୍କ ଶିକ୍ଷା," ୪:୧
11. "ଭ୍ରଷ୍ଟ ବିବେକ," ୪:୨
12. "ଅସାର କାହାଣି," ୪:୭
13. "ହସ୍ତାର୍ପଣ ଦ୍ୱାରା,"୪:୧୪; ୫:୨୨
14. ପ୍ରାଚୀନ ମାନଙ୍କ ଦ୍ୱାରା, ୪:୧୪
15. "ନିରାଶ୍ରୟ ବିଧବା ମାନଙ୍କୁ ସମାଦର କର," ୫:୩
16. "ପୁର୍ବ ପ୍ରତିଜ୍ଞା," ୫:୧୨
17. "ଦୁଇ ଗୁଣ ସମାଦର," ୫:୧୭
18. ସନ୍ତୋଷ ଭାବଯୁକ୍ତ, ୬:୬
19. ଅମର ଓ ଅଗମ୍ୟ ଜ୍ୟୋତିର୍ନିବାସୀ, ୬:୧୬

IX. ୧ମ ତୀମଥି- ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. ପିତା, ୧:୨
2. "ବ୍ୟବସ୍ଥାର ଅଧ୍ୟାପକ," ୧:୭
3. "ଅନନ୍ତ କାଳୀନ ରାଜା," ୧:୧୭
4. ହୁମନାୟ ଓ ଆଲେକଜାଣ୍ଡର, ୧:୨୦
5. ଅଧ୍ୟକ୍ଷ, ୩:୨
6. ସେବକ ୩:୮
7. ସ୍ତ୍ରୀ, ୩:୧୧
8. ପ୍ରାଚୀନମାନେ, ୫:୧୭
9. ପନ୍ତୀୟ ପିଲାତ, ୬:୧୩

X. ୧ମ ତୀମଥି- ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ମାକିଦନିଆ, ୧:୩
2. ଏଫେସସ ୧:୩

XI. ୧ମ ତୀମଥି- ଆଲୋଚନା ମୂଳକ ପ୍ରଶ୍ନ ସମୂହ

1. ୧:୩-୪ରେ ବର୍ଣିତ ଭ୍ରାନ୍ତ ଶିକ୍ଷକ ମାନଙ୍କ ବିଷୟରେ ନିଜ ଭାଷାରେ ବର୍ଣନା କର
2. ୧:୯-୧୧ କଣ ଦଶ ଆଜ୍ଞା ବିଷୟରେ ଶିକ୍ଷା ଦିଏ? ତେବେ କଣ ଭିନ୍ନତା ରହିଅଛି?
3. କଣ ପାଇ ପାଉଲ ନିଜକୁ ପ୍ରଧାନ ପାପୀ ଭାବରେ ଗଣନା କରନ୍ତି? (୧:୧୫)
4. ୧:୧୮ ତୀମଥିଙ୍କର ଜୀବନର କୋଉ ଘଟଣାକୁ ବର୍ଣନା କରିଥାଏ?
5. ପାଉଲ କେତେକଙ୍କୁ ଶୟତାନଙ୍କ ହସ୍ତରେ ସମର୍ପଣ କଲେ, ଏହାର ଅର୍ଥ କଣ ଅଟେ? (୧:୨୦)
6. କଣ ପାଇ ୨:୪, ଅତିଗୁରୁତ୍ୱ ପୁର୍ଣ ପଦ ଅଟେ?
7. ପ୍ରଥମ ଶତାବ୍ଦୀର ସଂସ୍କୃତି ଅନୁସାରେ ୨:୯ କୁ ବୁଝାଇ ଦିଅ
8. ୨:୧୨ କିଭଳି ଭାବରେ ଆଜି ପ୍ରୟୋଗ କରାଯାଇ ପାରିବ?
9. ୨:୧୫କୁ ନିଜ ଭାଷାରେ ବୁଝାଇ ଦିଅ
10. ଅଧକ୍ଷ ମାନଙ୍କର ଯୋଗ୍ୟତାକୁ ତାଲିକା କର, (୩:୧-୭)
11. କଣ ପାଇ ୩:୨୬, ଏକ ପ୍ରାଚୀନ ସଂଗୀତରୁ ଉଦ୍ଧୃତ କରାଯାଇ ଅଛି?
12. ଭ୍ରାନ୍ତ ଶିକ୍ଷକ ମାନେ କଣ ପାଇ ବିବାହକୁ ବାରଣ କରୁଥିଲେ? (୪:୩)
13. ୪:୪ କିଭଳି ଭାବରେ ରୋମିୟ ୧୪ ସହିତ ଜଡିତ?
14. ୪:୧୦କୁ ନିଜ ଭାଷାରେ ବୁଝାଇ ଦିଅ
15. ୪:୧୪ କୋଉ ଘଟଣାକୁ ପ୍ରକାଶ କରେ?
16. ୫:୧୯, କିଭଳି ଭାବରେ ପୂରାତନ ନିୟମକୁ ପ୍ରକାଶିତ କରେ?
17. ୫:୨୩ କୋଉ ସଂସ୍କୃତିକୁ ପ୍ରକାଶ କରେ?
18. ୬:୧୦କୁ ନିଜ ଭାଷାରେ ବୁଝାଇ ଦିଅ
19. ୬:୧୫ର ଯୀଶୁଙ୍କର ଉପାଧିକୁ କେଉଠାରୁ ନିଆଯାଇ ଅଛି?

XII. ୨ୟ ତୀମଥିର- ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ୱଷ୍ଟିକରଣ।

1. "ଈଶ୍ୱରଙ୍କ ଦାନ ପୁନଃ ପ୍ରଜ୍ୱଳିତ," ୧:୬
2. "ତୁମ ହସ୍ତରେ ସମର୍ପିତ ଯୋଉ ଉତ୍ତମ ବିଷୟ," ୧:୧୪
3. ପଚା ଘା, ୨:୧୭
4. "ଏହା ମୁଦ୍ରାଙ୍କିତ ହୋଇଅଛି," ୨:୧୯
5. ପାତ୍ର, ୨:୨୦
6. କର୍ତ୍ତା, ୨:୨୧
7. "ସମୟରେ କି ଅସମୟରେ," ୪:୨
8. କଳ୍ପିତ କାହାଣି, ୪:୪
9. "ପୁସ୍ତକ ଗୁଡିକ ବିଶେଷତ ଚର୍ମ ପୁସ୍ତକ ଗୁଡିକ," ୪:୧୩
10. "ସିଂହ ମୁଖରୁ," ୪:୧୭

XIII. ୨ୟ ତୀମଥି- ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. "ମୋହର ପିତ୍ରୁ ପୁରୁଷମାନେ," ୧:୩
2. ଲୋୟି, ୧:୫
3. ଇଉନୀକୀ, ୧:୫

4. ଅନୀସିଫର, ୧:୧୬
5. ହୁମନାୟ, ୨:୧୭
6. ଫିଲୀତ,୨:୧୭
7. ଯନ୍ନିସ ଓ ଯମ୍ବ୍ରୀସ, ୩:୮,୯
8. ସୁସମାଚାରର ପ୍ରଚାରକ, ୪:୫
9. ଦୀମା, ୪:୧୦
10. ଲୁକ, ୪:୧୧
11. ମାର୍କ, ୪:୧୧
12. ତୁଖୀକ, ୪:୧୨
13. ଆଲେକଜାଣ୍ଡର, ୪:୧୪

XIV. ୨ୟ ତୀମଥି- ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ଏସିଆ, ୧:୧୫
2. ରୋମ, ୧:୧୭
3. ଏଫିସ, ୧:୧୮, ୪:୧୨
4. ଆନ୍ତିୟଖିଆ, ୩:୧୧
5. ଇକନିୟ, ୩:୧୧
6. ଲୁସ୍ତ୍ରା, ୩:୧୧
7. ଥେସଲନୀକୀ, ୪:୧୦
8. ଗାଲାତିଆ, ୪:୧୦
9. ଦଲ୍ମତିଆ, ୪:୧୦
10. ତ୍ରୋୟା, ୪:୧୩
11. କରିନ୍ଥ, ୪:୨୦
12. ମୀଲୀତ, ୪:୨୦

XV. ୨ୟ ତୀମଥି- ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ପାଉଲ କୋଉଠାରେ ବନ୍ଧୀ ଥିଲେ?
2. ୧:୧୨ କୁ ନିଜ ଭାଷାରେ ବୁଝାଇ ଦିଅ
3. ୧:୯ କିପରି ତୀତସ ୩:୫କ ସହିତ ସମାନ?
4. ଅନୀସିଫର ବନ୍ଧୀଶାଳାରେ ପାଉଲଙ୍କ ନିମନ୍ତେ କଣ କଲେ? (୧:୧୬-୧୮)
5. କଣ ପାଇ ୨ୟ ତୀମଥି ୨:୨ ଏକ ଗୁରୁତ୍ୱପୁର୍ଣ ପଦ ଅଟେ?
6. ୨:୨ କୁ କଣ ପାଇ ପ୍ରାଚୀନ ସ୍ତୁତିରୁ ଉଦ୍ଧାର କରାଯାଇ ଅଛି ବୋଲି କୁହାଯାଏ?
7. ୨:୧୫ କାହାକୁ ବୁଝାଏ?
8. ୨:୨୫, ପ୍ରଭୁ ଅନୁତାପ ଦିଅନ୍ତି ବୋଲି ବୁଝାଏ କି? ଯଦି ଏହା ସତ, ତବେ ଏହାର ପ୍ରୟୋଗ କଣ ଲେଖ?
9. ଦାସ ମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଯାହା ୨:୨୪-୨୫ରେ ବର୍ଣନା କରାଯାଇ ଅଛି, ତାହାର ଏକ ତାଲିକା ପ୍ରସ୍ତୁତ କର
10. ୩:୬-୭ କାହାକୁ କୁହାଯାଏ ଓ ଏଠାରେ କଣ କୁହାଯାଇ ଅଛି?
11. କଣ ପାଇ ୩:୧୬ ଅତି ଗୁରୁତ୍ୱ ପୁର୍ଣ ପଦ ଅଟେ?
12. କଣ ପାଇ ପାଉଲ ତ୍ରଫିମଙ୍କୁ ସୁସ୍ଥତା ଦେଇପାରି ନଥିଲେ?

# ତୀତସ ପୁସ୍ତକର ବିବରଣି

I. **ପ୍ରାରମ୍ଭିକ ବିବରଣ ଓ ପୃଷ୍ଠାଭୂମି ।**

A. ତୀତସ ପୁସ୍ତକ ପାଉଲଙ୍କ ଦ୍ୱାରା ଲିଖିତ "ପାଳକିୟ ପତ୍ର"ର ଏକ ଅଂଶ ଅଟେ । କାରଣ ୧ମ ତୀମଥି, ୨ୟ ତୀମଥି ଓ ତୀତସ ପାଉଲଙ୍କର ସାଥିମାନଙ୍କର ପରିଚାଳନା ବିଷୟରେ ଆଲୋଚନା କରନ୍ତି, ଯଥା, (1) ଭ୍ରାନ୍ତ ଶିକ୍ଷକ ମାନଙ୍କ ସହିତ କିପ୍ରକାରେ ବ୍ୟବହାର କରିବା ଦରକାର, (2) ସ୍ଥାନିୟ ମଣ୍ଡଳୀରେ କିଭଳି ନେତା ମାନଙ୍କୁ ନିଯୁକ୍ତି କରିବେ, (3) ଆଧାତ୍ମିକ ଜୀବନରେ ଉତ୍ସାହିତ କରିବା । ଏହି ପୁସ୍ତକ ଗୁଡିକର କ୍ରମାନ୍ୱୟ ୧ମ ତୀମଥି, ତୀତସ ଓ ୨ୟ ତୀମଥି । ତୀତସ ଓ ୧ମ ତୀମଥି ସମାନ ବିଷୟକୁ ବର୍ଣନା କରନ୍ତି, ହୁଏତ ତୀତସ ୧ମ ତୀମଥି ପୁର୍ବରୁ ଲେଖାଯାଇ ଅଛି, କାରଣ ଏହାର ଉପକ୍ରମ ଅତ୍ୟଧିକ ଓ ବାଇବଲ ଭିତିକ ଶିକ୍ଷାରେ ପୁର୍ଣ ଅଟେ ।

B. ଏହି ପୁସ୍ତକରେ ପାଉଲ ଓ ତାହାଙ୍କର ସାଥି ମାନଙ୍କର ଭୈଗଳିକ ସୁଚନା, ପାଉଲଙ୍କ ଦ୍ୱାରା ଲିଖିତ ପ୍ରେରିତ ପୁସ୍ତକରୁ ଭିନ୍ନ ଅଟେ । ଏଣୁ ଅନେକେ କୁହନ୍ତି, ପାଉଲ ବନ୍ଧୀଶାଳାରୁ ବାହାରି, ସେ ଚତୁର୍ଥ ସେବାଯାତ୍ରା ନିମନେ ଯୋଜନା କରିଥିଲେ ।

C. ଏହି ଚତୁର୍ଥ ସେବା ଯାତ୍ରାର ସମୟ ହୁଏତ ଖ୍ରୀ ଅ ୬୦ରୁ ଖ୍ରୀ ଅ ୬୮ ହୋଇପାରେ, କାରଣ ପାଉଲଙ୍କର ମୃତ୍ୟୁଦଣ୍ଡ ଖ୍ରୀ ଅ ୬୮, ଯାହାକି ରୋମର ସମ୍ରାଟ ନିରୋ ଯିଏକି ତାହାଙ୍କୁ ହତ୍ୟା କରିଥିଲେ, (ଅନେକେ କୁହନ୍ତି ଖ୍ରୀ ଅ ୬୫ରେ ହୋଇଥିବା ତାଡନା ) ।

II. ତୀତସଙ୍କ ବ୍ୟକ୍ତିତ୍ୱ

A. ତୀତସ ପାଉଲଙ୍କର ଏକ ବିଶ୍ୱାସନିୟ ସାଥି କର୍ମଚାରି ଥିଲେ, କାରଣ ପାଉଲ ତାହାଙ୍କୁ ତଡନା ପ୍ରାପ୍ତ ମଣ୍ଡଳୀକୁ ଯଥା କରୀନ୍ଥ ଓ କ୍ରୀତୀକୁ ତାହାଙ୍କୁ ପଠାଇ ଥିଲେ ।

B. ସେ ଜଣେ ବିଜାତି ଲୋକ ଥିଲେ, (ତୀମଥି ଅଧା ଗ୍ରୀକ ଥିଲେ), ସେ ପାଉଲଙ୍କର ପ୍ରଚାରିତ ବାକ୍ୟ ଦ୍ୱାରା ପରିବର୍ତନ ହୋଇଥିଲେ, (ଗାଲାତିୟ ୨:୩)

C. ପାଉଲ ତାହାଙ୍କୁ ନିଜ ପତ୍ରରେ ଅନେକେ ଥର ପ୍ରକାଶ କରିଅଛନ୍ତି, (୨ୟ କରିନ୍ଥୀୟ ୨:୧୩; ୭:୬-୧୫; ୮:୬-୨୪; ୧୨:୧୮; ଗାଲାତିୟ ୨:୧-୩; ୨ୟ ତୀମଥି୪:୧୦), କିନ୍ତୁ ଏହା ଅତି ଆଶ୍ଚର୍ଯ୍ୟ ଅଟେ, ଲୁକ ତାହାଙ୍କୁ ପ୍ରେରିତ ପୁସ୍ତକ୍ରେ ପ୍ରକାଶ କରିନାହାନ୍ତି । କେତେକ ଲେଖକ ମାନେ ଏହି ପ୍ରକାରେ କୁହନ୍ତି,

1. ହୁଏତ ସେ ଲୁକଙ୍କର ଜଣେ ଆତ୍ମିୟ ବନ୍ଧୁ ହୋଇପାରନ୍ତି (ହେଏତ ଭାଇ), ଏବଂ ତାହାଙ୍କୁ ନାମଧରି ସୂଚନା ଦେବା ତାହାଙ୍କର ସଂସ୍କାରର ବାହାରେ ହୋଇଥାଇ ପାରେ ।
2. ଲୁକଙ୍କର ପାଉଲଙ୍କଏବଂ ତାହାଙ୍କର ସେବା ବିଷୟରେ ଜାଣିବା ନିମନ୍ତେ ତୀତସ ମୁଖ୍ୟ ଉତ୍ସ ଥିଲେ, ହୁଏତ ସେଥିପାଇ ଲୁକ ତାହାଙ୍କର ନାମକୁ ପ୍ରକାଶ କରିନ ଥାଇ ପାରନ୍ତି ।

D. ସେ ସମସ୍ତ ପ୍ରକାରର ଯେରୁଶାଲେମ ସମ୍ମିଳନରେ ପାଉଲ ଓ ବର୍ଣବାଙ୍କୁ ସାଥି ଦେଇଥିଲେ ଯାହା ପ୍ରେରିତ ୧୫ ପର୍ବରେ ଲେଖାଯାଇ ଅଛି, ଯୋଉଠି ବିଜାତିୟ ବିଶ୍ୱାସି ମାନଙ୍କ ନିମନ୍ତେ ମୋଶାଙ୍କର ବ୍ୟବସ୍ଥାର ସମ୍ପର୍କ ବିଷୟରେ ବର୍ଣନା କରାଯାଇ ଅଛି ।

E. ଏହି ପୁସ୍ତକରେ ପାଉଲ ତୀତସଙ୍କୁ କ୍ରୀତରେ ସେବାକାର୍ଯ୍ୟ କରିବା ନିମନ୍ତେ ଉପଦେଶ ପ୍ରଦାନ କରିଅଛନ୍ତି, ସେ ପାଉଲଙ୍କର ପ୍ରତିନିଧି ସ୍ୱରୁପେ କାର୍ଯ୍ୟ କରୁଥିଲେ ।

F. ସେ ସେବା କାର୍ଯ୍ୟ ନିମନ୍ତେ ଦଲ୍ମିତିଆକୁ ପଠାଯାଇ ଥିଲେ, ନୂତନ ନିୟମରେ ତାହା ତାହାଙ୍କର ଶେଷ ତଥ୍ୟ ଅଟେ, (୨ୟ ତୀମଥି ୪:୧୦) ।

III. ଭ୍ରାନ୍ତ ଶିକ୍ଷକ ମାନେ

A. କ୍ରୀତ ଠାରେ କେତେକ ଭ୍ରାନ୍ତ ଶିକ୍ଷକ ଥିଲେ, ଯୋଉମାନେ ପାଉଲଙ୍କର ପ୍ରଚାରିତ ସୁସମାଚାରର ବିରୁଦ୍ଧାଚରଣ କରିଥିଲେ,

1. ଏହି ବାଇବଲ ଭିତିକ ଶିକ୍ଷା ଏକ ପ୍ରକାରର ବିବାଦ ଜନ୍କ ପରିସ୍ଥିତି ସୃଷ୍ଟିକଲା, କାରଣ ଏହି ସୁସମାଚାର ବିଶ୍ୱାସି ମାନଙ୍କୁ ଏକ ପ୍ରକାରର ଐଶ୍ୱରିକ ଜୀବନ ଯାପନ କରିବା ନିମନ୍ତେ ବିଶ୍ୱାସି ମାନଙ୍କୁ ଆହ୍ୱାନ କରିଥିଲା ।
2. ଐଶ୍ୱରିକ ଜୀବନ ଯାପନର ପ୍ରସଙ୍ଗ, ୧:୧, ୧୬; ୨:୭, ୧୪; ୩:୧୮, ୧୪
3. ଅଧ୍ୟାୟର ସାରାଂଶ, ୨:୧୧-୧୪; ୩:୪-୭

B. ଏହିଠାରେ ଯିହୁଦୀ ମାନକଂର ଭୁଲ ଶିକ୍ଷାର ଏକ ପ୍ରକାର ସ୍ୱାଦ ଦେଖିବାକୁ ମିଳେ (୧:୧୦, ୧୪; ୩:୮-୯), ଏହି ଭୁଲ ଶିକ୍ଷକ ମାନେ ଯିହୁଦୀ ମାନକଂର କଡା ନିୟମ ଓ ଗ୍ରୀକ ମାନକଂର କାଳ୍ପନିକ ଚିନ୍ତାଧାରାଓ ମିଶ୍ରଣ ଅଟେ, (ଜ୍ଞାନ ସମ୍ବନ୍ଧିୟ ଚିନ୍ତା, ବିଶେଷ ଟିପଣି, ୧:୧)। ଏହି ସମସ୍ତ ଭ୍ରାନ୍ତ ଶିକ୍ଷକ ୧ମ ତୀମଥି, କଲସୀୟ ଓ ଏଫିସୀୟେ ଦେଖାଯାଇ ଥିବା ଭ୍ରାନ୍ତ ଶିକ୍ଷକ ମାନକଂ ସହିତ ସମାନ ଅଟେ। ଏହି ପତ୍ରର ମୂଳ ଉଦ୍ଦେଶ୍ୟ ଭ୍ରାନ୍ତ ଶିକ୍ଷାରେ ଅଟେ, ମଣ୍ଡଳୀର ପରିଚାଳନା ଉପରେ ନୁହେ ।

IV. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ୱଷ୍ଟିକରଣ ।

1. ଐଶ୍ୱରିକ, ୧:୧
2. "ଅନନ୍ତ ଜୀବନର ଭରସା," ୧:୨
3. "ସତ୍ୟବାଦୀ ଇଶ୍ୱର," ୧:୨
4. ଆତିଥ୍ୟପ୍ରିୟ, ୧:୮
5. ଯିହୁଦୀୟ କଳ୍ପିତ ଗଳ୍ପ, ୧:୧୪
6. ହିତଜନକ ଶିକ୍ଷା, ୨:୧
7. ଧୈର୍ଯ୍ୟ, ୨:୨
8. "ଏହି ବର୍ତ୍ତମାନ ଯୁଗ," ୨:୧୨
9. "ଆନନ୍ଦ ଦାୟକ ଭରସା," ୨:୧୩
10. ମୁକ୍ତ, ୨:୧୪
11. "ପ୍ରକ୍ଷାଳନ ଏବଂ ନୂତନୀକରଣ," ୩:୫

V. ବ୍ୟକ୍ତି ମାନକଂର ବିଶେଷ ପରିଚୟ ।

1. ପ୍ରାଚୀନମାନଙ୍କୁ, ୧:୫
2. ଅଧ୍ୟକ୍ଷ, ୧:୭
3. "ସୁନ୍ନତ ପ୍ରାପ୍ତ ଲୋକମାନକଂ ମଧ୍ୟରେ," ୧:୧୦
4. "ସେମାନକଂର ସ୍ୱଜାତୀୟ ଭାବବାଦୀ," ୧:୧୨
5. " କର୍ତ୍ତୃପକ୍ଷ ଓ କ୍ଷମତାପ୍ରାପ୍ତ," ୩:୧
6. ତୁଖିକ, ୩:୧୨
7. ଆପଲ୍ଲ, ୩:୧୩

VI. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ ।

1. କ୍ରୀଟୀ୧:୫
2. ନୀକପଲି, ୩:୧୨

VII. ଆଲୋଚନା ମୂଳକ ପ୍ରଶ୍ନସମୂହ ।

1. ପିତା ପରମେଶ୍ୱର ଓ ପୁତ୍ର ଯୀଶୁ, ଉଭୟଙ୍କୁ "ଉଦ୍ଧାରକର୍ତ୍ତା" କୁହା ଯିବାର ଗୁରୁତ୍ୱ କଣ ଅଟେ, (ତୀତସ ପୁସ୍ତକରେ ତିନିଥର)?
2. କିପ୍ରକାରେ ୧:୧୬ ଭ୍ରାନ୍ତ ଶିକ୍ଷକ ମାନକଂ ସହିତ ଜଡିତ?
3. ୨:୧-୫ ମଣ୍ଡଳୀର ନେତା ମାନଙ୍କୁ କି ସଭ୍ୟ ମାନଙ୍କୁ ଦର୍ଶାଏ?
4. କଣ ପାଇ ୨:୧୧ ଏକ ଗୁରୁତ୍ୱ ପୁର୍ଣ ପଦ ଅଟେ?

5. ୨:୧୩, ଯୀଶୁଙ୍କୁ ଈଶ୍ୱର ବୋଲି ସମ୍ବୋଧନ କରେ କି?
6. ୩:୫ କ ଅଂଶ କଣ ପାଇ ପାଉଲଙ୍କର ଏକ ମହାନ ତଥ୍ୟ ଅଟେ?
7. ୩:୫ ଖ ଅଂଶ ବାପ୍ତିସ୍ମ ଓ ନୁତନୀକରଣକୁ ବୁଝାଏ କି?

# ଫିଲୀମୋନ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ**।

A. ଏହି ପୁସ୍ତକ ବ୍ୟକ୍ତିଗତ ପତ୍ରର ଏକ ଉଦାହରଣ ଅଟେ, ଯାହକି ଗ୍ରୀକ ଓ ରୋମିୟ ମାନକଂ ସମୟରେ ପ୍ରଚଳିତ ହୋଇଥିଲା। ଏହା ହୁଏତ ପାପିରସ ପତ୍ର (୩ୟ ଯୋହନ)କଂ ସହିତ ସମାନ ଥିଲା। ପ୍ରାଥମିକ ଭାବରେ ଏହା କାହାକୁ ଦର୍ଶାଏ ତାହା ଅନିଶ୍ଚିତ ଅଟେ, (୧) ଫିଲୀମୋନ; (୨) ଆଫିଆ ଓ ଆର୍ଖିପ; (କଲସିୟ ୪:୧୭) ଓ (୩) ଏହା ସମ୍ପୁର୍ଣ ଗୁହ ମଣ୍ଡଳୀକୁ ଦର୍ଶାଏ।

B. ଏହି ପତ୍ର ଏହା ସାହାଯ୍ୟ କରିଥାଏ,
1. ପାଉଲଙ୍କଂର ପାଳକୀୟ ପଦ୍ଧତୀ
2. ପ୍ରାଚୀନ ଶତାବ୍ଦୀର ଗୁହ ମଣ୍ଡଳୀକୁ, (ରୋମିୟ ୧୬:୫; ୧ମ କରିନ୍ଥୀୟ ୧୦:୧୯; କଲସିୟ ୪:୧୫)

C. ଖ୍ରୀଷ୍ଟ ଧର୍ମ ଭୁମଧ୍ୟସାଗରିୟ ଅଚଂଳ୍କୁ ଅନେକ ମାତ୍ରାରେ ପ୍ରଭାଭିତ କରି ଅନେକ ପ୍ରକାରର ପରିବର୍ତନ ଆଣିଥିଲା। ଯାହାକିଛି ସମାଜିକ ରିତିନିତି ସୁସମାଚାର ପ୍ରଚାର କାର୍ଯ୍ୟରେ ବାଧା ସୁଷ୍ଟି କରୁଥିଲା, ତାହା ବର୍ତମାନ ଆଉ ନ ଥିଲା, (୧ମ କରିନ୍ଥୀୟ ୧୨:୧୩; ଗାଲାତୀୟ ୩:୨୮; କଲସୀୟ ୩:୧୧)।

II. ଲେଖକ।

A. ଏହି ବ୍ୟକ୍ତିଗତ ପତ୍ର ଅନେକେ ଲୋକମାନେ (ଏଫ. ସି ବାଉର କଂ ବ୍ୟତିତ) ପାଉଲ ଲେଖିଅଛନ୍ତି ବୋଲି ବିଶ୍ୱାସ କରନ୍ତି।

B. ଫିଲୀମୋନ ଓ କଲସୀୟ ପରସ୍ପର ସହିତ ଅତି ମାତ୍ରାରେ ଜଡିତ ଅଟନ୍ତି,
1. ସମାନ ସ୍ଥାନରୁ ଉପ୍ତି,
2. ସମାନ ଲୋକମାନେ ଶୁଭେଛା ପ୍ରଦାନ କରନ୍ତି
3. ଏକ ପ୍ରକାରର ସମାପ୍ତ ଲେଖାଶୈଳୀ
4. ତୁଖିକ ଏହି ପତ୍ର କଲସୀୟରେ ପହଂଚାଇ ଅନୀସିମକଂ ସହିତ ଯାତ୍ରାକରି ଥିଲେ, (କଲସିୟ ୪:୭,୯)। ଯଦି ଏହା ଫିଲିମୋନ ନ ହୋଇ ପାଉଲ ହୋଇଥାନ୍ତି, ତେବେ କଲସୀୟ ସୁଧା ଠିକ ସେହି ପ୍ରକାର ଅଟେ, (ଯାହାକି ଅନେକ ଆଧୁନିକ ବିଶାରଦ ମାନେ ସନ୍ଦେହ କରନ୍ତି)।

C. ଏହା ପାଉଲକଂ ଦ୍ୱାରାଲିଖିତ ପୁସ୍ତକ ବୋଲି ପ୍ରଚୀନ ମୋର୍ସିଆନକଂ ଦ୍ୱାର ଲେଖାଯାଇ ଅଛି, (ସେ ରୋମକୁ ଖ୍ରୀ ଅ ୧୪୦ରେ ଆସିଥିଲେ), ଏବଂ ଏହା ସ୍ୱୀକୁତି ପ୍ରାପ୍ତ ପୁସ୍ତକରେ ମୁରାରି ମାନକଂର ଲେଖାରେ ସୁଧା ଅଛି, (ରୋମରେ ଲେଖାଯାଇ ଅଛି, ୧୮୦-୨୦୦)

III. ସମୟ ବା ତାରିଖ

A. ଏହି ପୁସ୍ତକର ସମୟ ପାଉଲକଂର ବନ୍ଧୀଶାଳାର ସମୟକୁ ସୁଚାଇ ଥାଏ (ଏଫିସୀୟ, ଫିଲିପୀୟ, ସିସେରିଆ କିମ୍ବା ରୋମ)। ରୋମିୟ କାରାଗାରର ସମୟ ପ୍ରେରିତ ପୁସ୍ତକରେ ଲେଖାଯାଇ ଥିବା ସମୟ ସୀମାକୁ ଠିକ ବଭାବରେ ବର୍ଣନା କରିଥାଏ।

B. ଥରେ ରୋମର ବନ୍ଧୀଶାଳା ବୋଲି ଜଣାଗଲା ପରେ, ଅନ୍ୟ ଏକ ପ୍ରଶ୍ନ ଉଠେ ତାହାହେଲା, କୋଉ ସମୟରେ? ପ୍ରେରିତ ପୁସ୍ତକର ଲେଖା ଅନୁସାରେ ପାଉଲ ୬୦ ଶତାବ୍ଦୀର ପ୍ରାରମ୍ଭରେ ଥିଲେବୋଲି ଜଣାଯାଏ। ତାହା ପରେ ସେ ଜେଲରୁ ବାହାରି ପାଳକିୟ ପତ୍ର (୧ମ ଓ ୨ୟ ତୀମଥି ଏବଂ ତୀତସ) ଲେଖିଥିଲେ, ପରେ ପୁଣି ବନ୍ଧୀହୋଇ ଖ୍ରୀ ଅ ୬୮, ଜୁନ ୯ରେ (ନିରୋକଂ ଆତ୍ମହତ୍ୟା) ମୁତ୍ୟୁ ବରଣ କରିଥିଲେ। ଏହି କଲସୀୟ, ଏଫିସୀୟ ଓ ଫିଲିମୋନ ପୁସ୍ତକର ଗୁଡିକର ସଠିକ ସମୟ କଳ୍ପନା କରିବା ସମୟ, ପାଉଲକଂର ପ୍ରଥମ ବନ୍ଧିତ୍ୱର ସମୟ ହୋଇପାରେ, ହୁଏତ ୬୦ ଶତାବ୍ଦୀର ପ୍ରାରମ୍ଭରେ ଓ ଫିଲିପୀୟ ହୁଏତ ୬୦ର ମଧ୍ୟସ୍ଥ ହୋଇପାରେ।

C. ତୁଖିକ ହୁଏତ ଅନୀସିମକଂ ସହିତ ଏହି ପତ୍ରସମୁହ, କଲସୀୟ, ଏଫିସୀୟ ଓ ଫିଲିମୋନ ଏସିଆ ମାଇନର ଅଚଂଳକୁ ପହଂଚାଇ ଥିଲେ। ପରେ (ହୁଏତ ଅନେକ ବର୍ଷ ପରେ), ଏଫାଫ୍ରାକଂର ସୁସ୍ଥତା ପରେ, ସେ ଏହି ପତ୍ରକୁ ଫିଲିପିୟ ନିଜ ଗୁହ ମଣ୍ଡଳୀକୁ ନେଇଥିଲେ।

D. ଏଫ. ଏଫ ବ୍ରୁସ ଓ ମୁର୍ରି ହରିସଙ୍କ ଅନୁସାରେ ପାଉଲଙ୍କର ପାଉଲଙ୍କର ଲେଖା

| ପୁସ୍ତକ | ସମୟ | ଲେଖାଯିବା ସ୍ଥାନ | ପ୍ରେରିତ ପୁସ୍ତକ ସହିତ ସମ୍ପର୍କ |
|---|---|---|---|
| 1. ଗାଲାତିୟ | ୪୮ | ଆନ୍ଟିଓର ସିରିୟା | ୧୪:୨୮; ୧୫:୨ |
| 2. ୧ମ ଥେସଲନିକୀୟ | ୫୦ | କରିନ୍ଥୀୟ | ୧୮:୫ |
| 3. ୨ୟ ଥେସଲନିକୀୟ | ୫୦ | କରିନ୍ଥୀୟ | |
| 4. ୧ମ କରିନ୍ଥୀୟ | ୫୫ | ଏଫେସସ | ୧୯:୨୦ |
| 5. ୨ୟ କରିନ୍ଥୀୟ | ୫୬ | ମାସିଡୋନିଆ | ୨୦:୨ |
| 6. ରୋମିୟ | ୫୭ | କରିନ୍ଥୀୟ | ୨୦:୩ |
| 7-10. ବନ୍ଧୀଶାଳାରୁ ଲିଖିତ ପତ୍ର ସମୁହ | | | |
| କଲସିୟ | ୬୦ ପୁର୍ବରୁ | ରୋମ | |
| ଏଫିସିୟ | ୬୦ ପୁର୍ବରୁ | | |
| ଫିଲୀମୋନ | ୬୦ ପୁର୍ବରୁ | | |
| ଫିଲିପପୀୟ | ୬୨-୬୩ ପରେ | | ୨୮:୩୦-୩୧ |
| 11-13. ଚତୁର୍ଥ ସେବା ଯାତ୍ରା | | | |
| ୧ମ ତୀମଥି | ୬୩ କିମ୍ବା ପରେ | ମାସିଡୋନିଆ | |
| ତୀତସ | ୬୩ ପୁର୍ବରୁ | ଏଫେସସ? | |
| ୨ୟ ତୀମଥି | ୬୪, ଖ୍ରୀ ପୂ ୬୮ | ରୋମ | |

IV. ଏହି ପତ୍ରଲେଖାର ସମୟ

A. ଫିଲୀମୋନ କଲସୀୟର ଜଣେ ଦାସ ମାନଙ୍କର ମାଲିକ ଥିଲେ । ସେ ପାଉଲଙ୍କ ଦ୍ୱାରା ପରିବର୍ତ୍ତନ ହୋଇଥିଲେ, ହୁଏତ ଯୋଉସମୟରେ ପାଉଲ ଏଫିସିୟରେ ସେବା କାର୍ଯ୍ୟ କରୁଥିଲେ ସେହି ସମୟରେ,

B. ଅନୀସିମ ଘରୁ ବାହାରି ଯାଇଥିବା ଦାସ ଅଟନ୍ତି, ପରେ ସେ ପାଉଲଙ୍କ ଦ୍ୱାରା ବନ୍ଧୀଶାଳାରେ ଥିବା ସମୟରେ (ଖ୍ରୀ ଅ ୬୧-୬୩) ରେ ପରିବର୍ତ୍ତିତ ହୋଇଥିଲେ । ସେମାନେ କି ପ୍ରକାରେ ମିଶିଲେ ତାହା ଅନିଶ୍ଚିତ ଅଟେ, କିନ୍ତୁ, (୧) ଉଭୟେ ବନ୍ଧୀଶାଳାରେ ଥିଲେ, (୨) ଅନୀସିମ ବାର୍ତ୍ତା ବାହକ ଭାବରେ ପାଉଲଙ୍କ ପାଖକୁ ପଠାଯାଇ ଥିଲେ, (୩) ଅନୀସିମ ମନଫେରଣ ପରେ ପାଉଲଙ୍କ ଦ୍ୱାରା ଶିକ୍ଷା ପ୍ରାପ୍ତ ହୋଇଥିଲେ ।

C. ଏଫାଫ୍ରା, ଏସିଆ ମାଇନର ଅଂଚଳର ଜଣେ ବିଶ୍ୱାସି, ଓ ଲୁସ୍ତ୍ରା ନଦୀ କୁଳରେ ଥିବା ମଣ୍ଡଳୀ ସମୁହ ଅର୍ଥାତ (କଲସୀୟ, ଲାଉଦିକିଆ ଓ ହାଇରୋପ୍ଲିସ) ପ୍ରତିଷ୍ଠାତା ଅଟନ୍ତି । ସେ ପାଉଲଙ୍କ ନିକଟକୁ କଲସୀୟର ଭ୍ରାନ୍ତ ଶିକ୍ଷକ ଓ ଫିଲିମୋନଙ୍କର ସେବା କାର୍ଯ୍ୟର ବିଶ୍ୱସ୍ତତା ବିଷୟରେ ସମ୍ବାଦ ଆଣିଥିଲେ ।

D. ତୁଖିକ ପାଉଲଙ୍କର ତିନିଗୋଟି ପତ୍ରକୁ ପହଂଚାଇ ଥିଲେ, ଯଥା, କଲସୀୟ, ଏଫିସୀୟ ଓ ଫିଲୀମୋନ, (କଲସୀୟ ୪:୭-୯; ଏଫିସୀୟ ୬:୨୧-୨୨) । ତାହାଙ୍କ ସହିତ ବନ୍ଧୀଶାଳାରୁ ଅନିସୀମ ତାହାଙ୍କର ମାଲିକଙ୍କ ପାଖକୁ ଫେରି ଯାଇଥିଲେ, (୧୧) । ଫିଲୀମୋନ ନୂତନ ନିୟମର ଦୁଇଗୋଟି ବ୍ୟକ୍ତିଗତ ପତ୍ର ମଧ୍ୟରୁ (୩ୟ ଯୋହନ) ଅନ୍ୟତମ ଅଟେ ।

ପଚାଶ ବର୍ଷ ପରେ (ଖ୍ରୀ ଅ ୧୧୦)ରେ ଇଗ୍ନାସିୟ ରୋମରେ ମୃତ୍ୟୁ ବରଣ କରିବା ପୁର୍ବରୁ ସେ ଏହା ("ଏଫିସୀୟକୁ" ୧:୩) ଏଫିସିୟର ବିଶପ ଅନୀସିମଙ୍କୁ ଲେଖିଥିଲେ,! ଏହା ହୁଏତ ଏହି ପରିବର୍ତିତ ଦାସ ହୋଇ ପାରନ୍ତି ।

V. ପତ୍ରର ଉଦ୍ଦେଶ୍ୟ

A. ଏହା ପାଉଲଙ୍କର ପ୍ରେରିତ ଶିଷ୍ୟର ଅଧିକାର ଓ ପାଳକିୟ ଉତ୍ସାହକୁ ବର୍ଣନା କରିଥାଏ ।

B. ଏହା ଖ୍ରୀଷ୍ଟ ଧର୍ମର ଏକ ଆତ୍ମିୟ ସମ୍ପର୍କକୁ ଦେଖାଏ, ଯାହାକି ଧନୀ ଓ ଗରିବ, ଦାସ ମାନଙ୍କର ଓ ମାଲିକ ମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ଏହି ସତ୍ୟତା ରୋମିୟ ସାମ୍ରାଜ୍ୟକୁ ପରିବର୍ତ୍ତନ କରିଥିଲା ।

C. ପାଉଲ ବନ୍ଦୀଶାଳାରୁ ମୁକ୍ତ ହୋଇ ଏସିଆ ମାଇନର ଅଂଚଳକୁ ଫେରିବାର ପାଉଲଙ୍କ ବିଶ୍ୱାସକୁ ଦର୍ଶାଇ ଥାଏ ।

VI. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ ।

1. "ତୁମ୍ଭ ଗୃହସ୍ଥିତ ମଣ୍ଡଳୀ," ୨
2. ମୋହର ବତ୍ସ ଅନୀସିମ, ୧୦
3. ଅକର୍ମଣ୍ୟ..... ଉପକାରୀ, ୧୧
4. "ତୁମ୍ଭେ ନିଜେ ଯେ ମୋ ନିକଟରେ ଋଣୀ," ୧୯

VII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. ଆପ୍ପିୟା, 1
2. ଅନୀସିମ, ୧୦
3. ଏପାଫ୍ରା, ୨୩
4. ମାର୍କ, ୨୪

VIII. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ- କିଛି ନୁହେ

IX. ଆଲୋଚନା ମୂଳକ ପ୍ରଶ୍ନ ସମୁହ

1. ପାଉଲ କିପ୍ରକାରେ ନିଜର ପ୍ରେରିତ ଶିଷ୍ୟତ୍ୱର ଅଧିକାରକୁ ଘୋଷଣା କରୁଅଛନ୍ତି?
2. ଦାସତ୍ୱ ପ୍ରଥା ଉପରେ ଏହି ଛୋଟ ପୁସ୍ତକ କିଭଳି ଭାବରେ ପ୍ରଭାବ ପକାଉ ଅଛି?
3. ୧୮ ପଦ ଅନୀସିମଙ୍କୁ ତାହାଙ୍କ ମାଲିକଙ୍କୁ ଠାରୁ କିଛି ଚୋରି କରିଅଛନ୍ତି ବୋଲି ଦର୍ଶାଏ କି?
4. ୨୯ ପଦ ପାଉଲ ଲେଖା ନିମନ୍ତେ ଲିପି ବ୍ୟବହାର କରନ୍ତି ବୋଲି ଦର୍ଶାଏ କି?

# ଏବ୍ରୀ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ଆବଶ୍ୟକିୟ ପ୍ରାରମ୍ଭିକ ବିବରଣ ।**

ଯେତେଥର ମୁ ଏହି ପୁସ୍ତକ ପଠନ କରୁଅଛି, ମୋହର ବାଇବଲ ସମ୍ବନ୍ଧିୟ ଜ୍ଞାନ ଓ ଚିନ୍ତା ଶକ୍ତି ପାଉଲଙ୍କର ଦ୍ୱାରା ଅଧିକରୁ ଅଧିକ ହେବାରେ ଲାଗିଛି । ମୋ ନିମନ୍ତେ ଏହା ଅତି କଷ୍ଟଅଟେ ଯେ, ଅତ୍ୟଧିକ ଲେଖକ ମାନଙ୍କର ଲେଖାକୁ ଚିନ୍ତାକରିବା, କାରଣ ମୁ ସେ ସବୁକୁ ପାଉଲଙ୍କର ଲେଖାର ଅଧିନରେ ଆଣିଥାଏ । ଏଥି ପାଇ ମୁ ଏହି ପୁସ୍ତକରେ ସୁଧା ପାଉଲଙ୍କର ଲେଖାକୁ ସ୍ୱିକ୍ରୁତି ପ୍ରଦାନ କରି ବିଶ୍ୱାସରେ ଅଗ୍ରସର ହୋଇ ଚାଲୁଅଛି । ଏହି ପୁସ୍ତକରେ ବିଶ୍ୱାସ କ ହିଲେ ଏକ ପ୍ରକାରର ଆବଶ୍ୟକିୟ ପରିସ୍ଥିତି ନୁହେ (ବିଶ୍ୱାସ ଦ୍ୱାରା ବିଚାରିତ ହେବା), କିନ୍ତୁ ଏହା ଏକ ପ୍ରକାର ସମ୍ପୁର୍ଣ ବିଶ୍ୱସ୍ଥତାର ଜୀବନ ଶୈଳୀକୁ ବୁଝାଏ, (ଏବ୍ରୀ ୧୧-୧୨ ଅଧ୍ୟାୟ) ।

ମୁ ଯେତେସବୁ ପ୍ରଶ୍ନ ନିଜକୁ ପଚାରିଅଛି ଓ ମୋ ମନକୁ ବ୍ୟତିବ୍ୟସ୍ତ କରିଅଛି, ତାହା ଏହି ପୁସ୍ତକର ଲେଖକ ଦ୍ୱାରା ତାହା କେବେସୁଧା ପଚରା ଯାଇନାହି, (ପିତର କିମ୍ବା ଯାକୁବ ନୁହେ) । ଏହି ପୁସ୍ତକ ନୂତନ ନିୟମର ଅନ୍ୟ ସମସ୍ତ ପୁସ୍ତକ ସଦୃଶ୍ୟ ଏକ ନିର୍ଦ୍ଧିଷ୍ଟ ସମୟର ଲେଖା ଅଟେ । ଏଣୁ ଯଦିଚ ସେମାନଙ୍କର ଲେଖା ମୋ ନିମନ୍ତେ ସୁଖଦାୟକ ନୁହେ, ଯଦିଚ ସେମାନଙ୍କର ଲେଖା ମୋ ନିମନ୍ତେ ଆନନ୍ଦ ନ ଦିଏ, ଯଦିଚ ମୁ ସେମାନଙ୍କର ଲେଖା ସହିତ ସମ୍ମତ ନ ହୁଏ, ତଥାପି ମୁ ଏହି ପତ୍ରର ଲେଖକଙ୍କୁ ତାହାଙ୍କର ସେହି ଈଶ୍ୱର ପ୍ରଦତ ବାକ୍ୟକୁ ପ୍ରକାଶ କରିବା ନିମନ୍ତେ ଯଥାଚିତ ସମ୍ମାନ ଓ ଅନୁମତି ପ୍ରଦାନ କରିବା ଆବଶ୍ୟକ । ମୁ ମୋହର ଚିନ୍ତା ଧାରାକୁ ଲେଖକଙ୍କ ଲେଖାରେ ଯୋଗ କରିବା ଅନୁଚିତ ଅଟେ ।

ମୁ ମୋହର ମନର ଚିନ୍ତାଧାରାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଅଛି, କାରଣ ଆଧୁନିକ ଜଗତର ଅଧିକାଂଶ ତଥ୍ୟସବୁ ଅନେକ ସମୟରେ ବାଇବଲ ଭିତିକ ସତ୍ୟତାକୁ ପ୍ରକାଶିତ କରିନଥାଏ । ମୁ ବାଇବଲ ଭିତିକ ସମସ୍ତ ପ୍ରକାରର ପ୍ରତିଜ୍ଞା, ଈଶ୍ୱରଙ୍କ ପ୍ରେମ, ଯୋଗାଣ ଓ ଶକ୍ତିକୁ ବୁଝିବା ସାଥେ ସାଥେ ଏଥିରେ ଥିବା ସମସ୍ତ ଚେତାବନୀକୁ ମଧ୍ୟ ସ୍ୱିକ୍ରୁତି ପ୍ରଦାନ କରିବାର ଆବଶ୍ୟକତା ରହିଅଛି । ମୁ ଏହି ପୁସ୍ତକର ଶିକ୍ଷାକୁ ଶୁଣିବା ପାଇ ଇଛା କରେ, କିନ୍ତୁ ଏହା ଅତି କଷ୍ଟଦାୟକ ଅଟେ, ମୁ ସେହି ବିନାମୁଲ୍ୟର ପରିତ୍ରାଣକୁ ସ୍ୱୀକ୍ରୁତି ଦେଇ ଖ୍ରୀଷ୍ଟିୟ ଜୀବନର ଶୈଳୀକୁ ପରିବର୍ତ୍ତନ କରିବାକୁ ଚାହେ, କିନ୍ତୁ ମୁ ହୋ ଉଠାରୁ ଏହି ପ୍ରକାରର ଏକ ଶିକ୍ଷା ଓ ଜୀବନ ଶୈଳୀ ଆରମ୍ଭ କରି ପାରିବି, ଯଦି କୈଣସି ପ୍ରକାରର ପ୍ରାରମ୍ଭୀକ ସୁଚନା ପ୍ରାପ୍ତ ନ ହୁଏ । ଈଶ୍ୱରଙ୍କ ସହିତ ଏହି ଅନନ୍ତ କାଳୀନ ସହଭାଗିତା ପ୍ରାଥମିକ ବିଶ୍ୱାସ ନା ଏହା ଏକପ୍ରକାରର କ୍ରମାଗତ ବିଶ୍ୱାସ ଅଟେ? କିନ୍ତୁ ଏହି ଏବ୍ରୀୟ ପୁସ୍ତକ ଏକ କ୍ରମାଗତ ବିଶ୍ୱାସର ସୁଚନା ପ୍ରଦାନ କରେ । ଖ୍ରୀଷ୍ଟିୟ ଜୀବନର ବିଶ୍ୱାସ ଶେଷ ପର୍ଯ୍ୟାୟରୁ ଦେଖାଯାଏ, ପ୍ରାରମ୍ଭରୁ ନୁହେ ।

ଏହା କୈଣସି ମାତ୍ରାରେ କାର୍ଯ୍ୟଦ୍ୱାରା ପରିତ୍ରାଣ ମିଳିଥାଏ ବୋଲି ଶିକ୍ଷା ଦେଇନଥାଏ, କିନ୍ତୁ ପରିତ୍ରାଣକୁ କାର୍ଯ୍ୟ ମାଧ୍ୟମରେ ବାହାରକୁ ପ୍ରକାଶ କରିଥାଏ । ବିଶ୍ୱାସ ଏକ ପ୍ରକାରର ପ୍ରମାଣ ଅଟେ, ଏହା ଏକ ଯନ୍ତ୍ର ନୁହେ (କେବଳ ଅନୁଗ୍ରହ ଅଟେ) । ବିଶ୍ୱାସିମାନେ ଉତ୍ତମ କାର୍ଯ୍ୟ ଦ୍ୱାରା ପରିତ୍ରାଣ ପାଇନାହାନ୍ତି, କିନ୍ତୁ ଉତ୍ତମ କାର୍ଯ୍ୟ ପାଇ ପରିତ୍ରାଣ ପାଇଅଛୁ । ଆମ ଉତ୍ତମ କାର୍ଯ୍ୟ ଆମ ପରିତ୍ରାଣର କାରଣ ନୁହେ, କିନ୍ତୁ ତାହା ଆମ ପରିତ୍ରାଣର ଫଳ ଅଟେ । ଈଶ୍ୱରିୟ ଜୀବନ ଯାପନ, ବିଶ୍ୱସ୍ଥତା ଓ ଖ୍ରୀଷ୍ଟଙ୍କ ସଦୃଶ୍ୟ ହେବାରେ ଆମ୍ଭମାନଙ୍କର କୈଣସି ଅଂଶ ନୁହେ, ଏହି ସବୁ ଆଶିର୍ବାଦ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ପାଇଅଛୁ । ଏଣୁ ଆମ୍ଭ ମାନଙ୍କ ଜୀବନରେ ଏହି ସବୁ ଦେଖାଯିବାର ଆବଶ୍ୟକତା ରହିଅଛି, କେବଳ ଈଶ୍ୱର ଅନ୍ତର ଦେଖନ୍ତି, ଏଣୁ ଏହି ଆଶିର୍ବାଦ ଆମ ଜୀବନର ଏକ ସାଥି ହେବା ଆବଶ୍ୟକ, କେବଳ ଏକ ପ୍ରକାର ବାଇବଲ ଭିତିକ ଶିକ୍ଷା ଓ ତଥ୍ୟ ନୁହେ ।

ମୋହର ପ୍ରାର୍ଥନା ଏହି, ଆମ୍ଭେମାନେ ଏହି ନୁତନ ନିୟମର ପୁସ୍ତକକୁ ଆମ୍ଭମାନଙ୍କର ଆଧାତ୍ମିକ ଜୀବନର ଅଭିବ୍ରୁଦ୍ଧି ନିମନ୍ତେ ବ୍ୟବହାର କରିବା, ଆମ୍ଭେମାନେ ଯେପରି ଅନ୍ୟ ଏକ ଖ୍ରୀଷ୍ଟିୟ ଦଳ ନ ହୋଇ, ଏକ ନୁତନ ଜୀବନ ଶୈଳୀ ଆପଣାଇ ପାରିବା ତାହା ହି ମୋହର ପ୍ରାର୍ଥନା ଅଟେ ।

II. ପ୍ରାରମ୍ଭିକ ବିବରଣ

A. ଏହି ପୁସ୍ତକ ସେହି ସମୟର ଗୁରୁ ଅର୍ଥାତ ରାବୀ ମାନଙ୍କ ଦ୍ୱାରା ପୁରାତନ ନିୟମକୁ ବ୍ୟାଖ୍ୟା କରିବା ନିମନ୍ତେ ବ୍ୟବହାର କରାଯାଉ ଥିଲା । ଏହି ପୁସ୍ତକକୁ ସଠିକ ଭାବରେ ବୁଝିବାକୁ ଆମ୍ଭମାନଙ୍କୁ ଏହାକୁ ଲେଖକ ଓ ପ୍ରାଚୀନ ଶତାବ୍ଦୀର ଗୁରୁ ମାନଙ୍କର ଉଦ୍ଦେଶ୍ୟକୁ ଆଖିଆଗରେ ରଖି ବ୍ୟାଖ୍ୟା କରିବା ଆବଶ୍ୟକ ରହିଅଛି, ଆଧୁନିକ ଚିନ୍ତାଧାରା ଦ୍ୱାରା ନୁହେ ।

B. ଏହି ପୁସ୍ତକ ଏକ ପ୍ରକାର ପ୍ରଚାର ସଦୃଶ୍ୟ ଆରମ୍ଭ ହୋଇଅଛି, (କାରଣ ଏହାର ପ୍ରାରମ୍ଭୀକ ଶୁବେଛା ଓ ପ୍ରଣାମ ଦେଖିବାକୁ ମିଳେ ନାହି) ଏବଂ ଏହା ଏକ ପ୍ରକାରର ପତ୍ର ସଦୃଶ୍ୟ ସମାପ୍ତ ହେଇଥାଏ (ପାଉଲଙ୍କର ଯାହା ସମାପ୍ତିର ଶୈଳୀ ୧୩ ଅଧ୍ୟାୟ) । ଏହା ହୁଏତ ଏକ ସମାଜ ଗୃହର ଶିକ୍ଷାକୁ ଏକ ପତ୍ର ଭାବରେ ଲେଖାଯାଇ ଅଛି । ଏହି ଲେଖକ ନିଜ ଲେଖାକୁ "କିଛି ଉତ୍ସାହିତ ଜନକ ବାକ୍ୟ ବା ଉପଦେଶ" ୧୩:୨୨ । ଏହି ସମାନ ବାକ୍ୟାଂଶ ପ୍ରେରିତ ୧୩:୧୫ର ଶିକ୍ଷରେ ବ୍ୟବହାର କରାଯାଇ ଅଛି ।

C. ଏହା ମୋଶାଙ୍କର ଦତ୍ତ ବ୍ୟବସ୍ଥାର ଏକ ଉପଯୋଗିତା ଟିକା ଅଟେ

1. ପୁରାତନ ନିୟମର ଅଧିକାର ଯୁକ୍ତ ଶିକ୍ଷା
2. ପରାତନ ଓ ନୁତନ ନିୟମ ମଧ୍ୟରେ ଏକ ପ୍ରକାରର ତୁଳନା
3. ଏକମାତ୍ର ନୁତନ ନିୟମର ପୁସ୍ତକ, ଯୋଉଠାରେ ଯୀଶୁଙ୍କୁ ପ୍ରଧାନ ଯାଜକ ବୋଲି ସମ୍ବୋଧନ କରାଯାଏ

D. ଏହି ପୁସ୍ତକରେ ଲକ୍ଷ୍ୟଭ୍ରଷ୍ଟ ବିଷୟରେ ଅନେକ ଚେତାବନୀ ଦିଆଯାଇ ଅଛି, ("ପଶ୍ଚାତପଦ" ୧୦:୩୮), ଅବା ଯିହୁଦୀ ଧର୍ମକୁ ପୁନଃର୍ବାର ଫେରିଯିବା (୨,୪,୫,୬,୧୦, ୧୨, ଅଧ୍ୟାୟ, ଯାହାକି , *No Easy Salvation* By R. C. Glaze, Jr, Published by Insight Press)।

E. ଯଦିଚ ଏହା ସର୍ବସାଧାରଣ ଅଟେ, ଏହା ଜାଣିବା ଅତି ଗୁରୁତ୍ୱପୁର୍ଣ ଯେ ପାଉଲ ଇଶ୍ୱରଙ୍କ ସେହି ପରିତ୍ରାଣର କାର୍ଯ୍ୟ ଠାରେ ଅତ୍ୟଧିକ ଗୁରୁତ୍ୱ ଦିଅନ୍ତି, (ବିଶ୍ୱାସ ଦ୍ୱାରା ବିଚାରିତ) ଯାହା କି ସସତ୍ୟତାକୁ ସୁରକ୍ଷିତ କରେ । ପିତର, ଯାକୁବ, ୧ମ ଓ ୨ୟ ଯୋହନ ଯାହା ନୁତନ ନିୟମର ଏକ ଶିକ୍ଷା ଅନୁସାରେ ପ୍ରତିଦିନର ଜିବନ ଯାପନର ଶୈଳୀକୁ ପରିବର୍ତନ ଓ ଦାଇତ୍ୱକୁ ବୁଝାଇ ଦେଇଅଛନ୍ତି । ଏହି ଏବ୍ରୀ ପୁସ୍ତକର ଲେଖକ ସୁଧା ଖ୍ରୀଷ୍ଟିୟାନ ଜୀବନରେ ବିଶ୍ୱସ୍ତ ଜୀବନ ଯାପନକୁ (୧୧ ଅଧ୍ୟାୟରେ), ଜୀବନର ଶେଷ ପର୍ଯ୍ୟନ୍ତ ଧରି ରକ୍ଷିବା ନିମନ୍ତେ ଉତ୍ସାହିତ କରିଅଛନ୍ତି । ନୁତନ ନିୟମର ଲେଖକ ମନୁଷ୍ୟ ମାନଙ୍କ ସାଥେ ସାଥେ, ସେଠାରେ ଅନ୍ୟ ସ୍ୱର୍ଗୀୟ ଲେଖକ ଅର୍ଥାତ (ପବିତ୍ର ଆତ୍ମା) ଏହି ଲିଖିତ ପୁସ୍ତକକୁ ସମର୍ଥନ କରନ୍ତି । ଭରସା ଆମ୍ଭ ଜୀବନର ଶେଷ ଲକ୍ଷ୍ୟ ନୁହେ, କିନ୍ତୁ ପ୍ରତିଦିନ ଅମ୍ଭେମାନେ ଇଶ୍ୱରଙ୍କ ପ୍ରତିଜ୍ଞାରେ ବିଶ୍ୱାସ ଦ୍ୱାର ବୁଦ୍ଧି ହେବା ହି ଏହାର ଲକ୍ଷ୍ୟ ଅଟେ ।

III. ଲେଖକ

A. ଯଦିଚ ଏହି ପୁସ୍ତକର ଲେଖକଙ୍କୁ ନେଇ ଅନେକ ପ୍ରକାରର ମତ୍ତବାଦ ଦେଖାଯାଏ, ତଥାପି ପ୍ରାଚୀନ ଯୁଗର ଅନେକେ ଲେଖକ ଏହି ପୁସ୍ତକରୁ ଉଦ୍ଧୃତ କରିଥିଲେ, (*Gospel of Truth, Gospel of Philip and The Apocrypha of John*) ଯାହା ସୁଚାଏ, ପ୍ରାଚୀନ ଯୁଗରେ ଏହା ଏକ ଅଧିକାର ଯୁକ୍ତ ଓ ସ୍ୱୀକୃତି ପ୍ରାପ୍ତ ପୁସ୍ତକ ଥିଲା, (Andrea Helmbold's *The Nag Hammadi Gnostic Text and the Bible,* p. 91)

B. ପୁର୍ବିୟ ମଣ୍ଡଳୀ (ଆଲେକଜ୍ୟାଣ୍ଡର ଓ ମିଶର) ତାହାଙ୍କର ପୁରାତନ ଲେଖା $P^{46}$ ପାଣ୍ଡୁଲିପି ଅନୁଯାଇ, ସେମାନେ ଏହି ପୁସ୍ତକକୁ ପାଉଲଙ୍କ ଦ୍ୱାରା ଲେଖାଯାଇ ଥିଲା ବୋଲି ଧରାଯାଇ ଥିଲା । ଏହି ପାଣ୍ଡୁଲିପିକୁ ଚେଷ୍ଟେର ବେଟ୍ରୀ ପାପିରୀ ବୋଲି କୁହାଯାଏ ଓ ଏହା ଦ୍ୱିତିୟ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଲେଖା ଯାଇଥିଲା । ଏହା ରୋମିୟ ପୁସ୍ତକ ପରେ ସ୍ଥାନ ପାଇଥିଲା । କେତେକ ଆଲେକଜ୍ୟାଣ୍ଡର ନେତା ମାନେ ଏହି ପୁସ୍ତକରୁ ପାଉଲଙ୍କ ଲେଖାଶୈଳୀରୁ କେତେକ ସମସ୍ୟାକୁ ଖୋଜି ବାହାର କରିଥିଲେ,

1. ଆଲେକଜ୍ୟାଣ୍ଡର କ୍ଲେମେଣ୍ଟ (ଖ୍ରୀ ଅ ୧୮୫-୨୫୩, ଇଶୁବିୟସଙ୍କ ଦ୍ୱାରା ଉଦ୍ଧୃତ), କହନ୍ତି, ପାଉଲ ଏହାକୁ ଏବ୍ରୀୟ ଭାଷାରେ ଲେଖିଥିଲେ ଓ ଲୁକ ଏହାକୁ ଗ୍ରୀକ ଭାଷାରେ ଅନୁବାଦ କରିଥିଲେ ।
2. ଓରିଜିନ (ଖ୍ରୀ ଅ ୧୮୫- ୨୫୩), ସେ କହନ୍ତି ପାଉଲ ଏହି ପୁସ୍ତକର କଳ୍ପନା କରିଥିଲେ, କିନ୍ତୁ ପରବର୍ତ୍ତି ସମୟରେ ଲୁକ କିମ୍ବା ରୋମର କ୍ଲେମେଣ୍ଟ ଏହାକୁ ଲେଖିଥିଲେ ।

C.ପଶ୍ଚିମାଚଂଳର ମଣ୍ଡଳୀ ଯାହାକୁ ମୁରାଟୋରିଅନ ଲେଖା କୁହାଯାଏ, ଏହା ଦ୍ୱାରା ଏହି ପୁସ୍ତକ ପାଉଲଙ୍କର ଲେଖାରୁ ଲୁପ୍ତ କରାଯାଇ ଥିଲା, (ଯାହାକି ରୋମର ନୁତନ ନିୟମର ସ୍ୱୀକୃତି ପ୍ରାପ୍ତ ପୁସ୍ତକ ଅଟେ ଖ୍ରୀ ଅ ୧୮୦-୨୦୦)

D. ଆମ୍ଭେମାନେ ଲେଖକଙ୍କ ବିଷୟରେ ଯାହା ଜାଣୁ

1. ସେ ଦ୍ୱିତିୟ ପୀଢିର ଯିହୁଦୀୟ ଖ୍ରୀଷ୍ଟିୟାନ ଥିଲେ, (୨:୩)
2. ସେ ପୁରାତନ ନିୟମ ଯାହା ଗ୍ରୀକରୁ ଅନୁବାଦ କରାଯାଇ ଥିଲା ସେପ୍ଟୁଜେଣ୍ଟରୁ ଉଧୃତ କରିଥିଲେ,
3. ସେ ପୁରାତନ ସମାଗମ ତମ୍ବୁର ରିତିନିତି ବ୍ୟବହାର କରିଥିଲେ, ନୁତନ ମନ୍ଦିରର ରିତିନିତି ନୁହେ
4. ସେ ଅତି ଅଚ୍ଛ ଶୈଳୀର ଗ୍ରୀକର ବ୍ୟାକରଣ ଓ ବାକ୍ୟାଶଂ ବ୍ୟବହାର କରିଥିଲେ, (ଏହି ପୁସ୍ତକ ପ୍ଲେଟୋଙ୍କର ନୁହେ, ଏହା ପୁରାତନ ନିୟମର ପ୍ରାଥମିକ ସୂଚନା ଥିଲା, ଫିଲୋଙ୍କର ସୁଧା ନୁହେ)

E. ଏହି ପୁସ୍ତକ ଅନାମିକା ଭାବରେ ରହିଅଛି, ତଥାପି ଲେଖକ ତାହାଙ୍କର ଶ୍ରୋତା ମାନଙ୍କୁ ଅତି ଉତ୍ତମ ଭାବରେ ଜାଣନ୍ତି, (୬:୯-୧୦; ୧୦:୩୪; ୧୩:୭, ୯)

F. ପାଉଲଙ୍କୁ ଲେଖକ ଭାବରେ କଣ ପାଇ ସନ୍ଦେହ କରାଯାଇ ଥିଲା,

1. ପାଉଲଙ୍କର ଲେଖା ଶୈଳୀ ଓ (୧୩ ଅଧ୍ୟାୟ ବ୍ୟତିତ) ଏହି ପୁସ୍ତକର ଲେଖା ଶୈଳୀରେ ଅତି ମାତ୍ରାରେ ପାର୍ଥକ୍ୟ ଦେଖାଯାଏ
2. ଭାଷାର ବ୍ୟବହାରରେ ପ୍ରଭେଦ

3. ଶବ୍ଦ ଓ ବାକ୍ୟାଂଶରେ, ଓ ଏହାର ଗୁରୁତ୍ୱତାରେ ପ୍ରଭେଦ
4. ଯେତେବେଳେ ପାଉଲ ତାହାଙ୍କର ବନ୍ଧୁ କିମ୍ବା ସାଥି କର୍ମଚାରିକୁଂ "ଭାଇ" ବୋଲି ସମ୍ବୋଧନ କରନ୍ତି, ତେବେ ପ୍ରଥମେ ତାହାଙ୍କର ନାମ ଧରି ସମ୍ବୋଧନ କରନ୍ତି, (ରୋମିୟ ୧୬:୨୩; ୧ମ କରିନ୍ଥୀୟ ୧:୧; ୧୬:୧୨; ୨ୟ କରିନ୍ଥୀୟ ୧:୧; ୨:୧୩; ଫିଲିପିୟ ୨:୨୫), କିନ୍ତୁ ୧୩:୨୩ରେ ଲେଖକ କୁହନ୍ତି ""ଆମ ଭ୍ରାତା ତୀମଥି,"

G. ଲେଖକଙ୍କର ବିଭିର୍ନ୍ନ ପ୍ରକାରର ସିଦ୍ଧନ୍ତ
1. ଆଲେକଜ୍ୟାନଣ୍ଡର କ୍ଲେମେଣ୍ଟ ତାହାଙ୍କର ପୁସ୍ତକ *Hypotyposes,* (ଯାହାକି ଇଶୁବିୟସଙ୍କ ଦ୍ୱାରା ଉଦ୍ଧୃତ), ପାଉଲ ଏହାକୁ ଏବ୍ରୀୟ ଭାଷାରେ ଲେଖିଥିଲେ ଓ ଲୁକ ଏହାକୁ ଗ୍ରୀକ ଭାଷାରେ ଅନୁବାଦ କରିଥିଲେ, (କାରଣ ଲୁକ ଅତି ସୁନ୍ଦର ଭାବରେ ସାଧାରଣ ଗ୍ରୀକ ବ୍ୟବହାର କରିଥିଲେ)
2. ପାଉଲଙ୍କର ଶିକ୍ଷାଦ୍ୱାରା ହୁଏତ, ଲୁକ ନଚେତ ରୋମର କ୍ଲେମେଣ୍ଟ ଏହାକୁ ଲେଖିଅଛନ୍ତି।
3. ପଶ୍ଚିମ ମଣ୍ଡଳୀ ଗ୍ରହଣ କରିବା ଦ୍ୱାରା, ଜେରୋମ ଓ ଅଗଷ୍ଟିନ ଏହାକୁ ପାଉଲଙ୍କ ଦ୍ୱାରା ଲିଖିତ ବୋଲି ଗ୍ରହଣ କରିଥିଲେ।
4. ଟେର୍ଟୁଲିଆନ (*De Pudic.* 20), ଏହାକୁ ବର୍ଣବାସ (ପାଉଲଙ୍କ ସହିତ ଥିବା ଜଣେ ଲେବୀୟ) ଲେଖିଅଛନ୍ତି ବୋଲି କୁହନ୍ତି।
5. ମାର୍ଟିନ ଲୁଥର କୁହନ୍ତି, ଏହାକୁ ଆପୋଲ୍ଲ ଲେଖିଅଛନ୍ତି, ଯେ କି ପାଉଲଙ୍କ ସାଥିରେ ଥିଲେ, ସେ ଆଲେକଜ୍ୟଣ୍ଡେର ଥିଲେ ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଥିଲେ, (ପ୍ରେରିତ ୧୮:୨୪)।
6. କାଲଭିନ, ରୋମର କ୍ଲେମେଣ୍ଟ (ଯେ ପ୍ରଥମେଏହି ପୁସ୍ତକରୁ ଉଦ୍ଧୃତ କରିଥିଲେ) ନଚେତ ଲୁକ ଲେଖିଅଛନ୍ତି ବୋଲି କୁହନ୍ତି।
7. ଆଡୋଲ୍ଫ ଭନ ହର୍ନାକ କୁହନ୍ତି, ଆକ୍ୱିଲା ଓ ପ୍ରିସ୍କିଲା ଏହାକୁ ଲେଖିଅଛନ୍ତି, କାରଣ (ସେମାନେ ଆପୋଲ୍ଲଙ୍କୁ ପୁରା ସୁସମାଚାର ଶିକ୍ଷା ପ୍ରଦାନ କରିଥିଲେ ଓ ସେମାନେ ପାଉଲ ଓ ତୀମଥିଙ୍କ ସହିତ ମିଳିତ ଥିଲେ, ପ୍ରେରିତ ୧୮:୨୬)।
8. ୱିଲିଓମ ରାମ୍ସେ କୁହନ୍ତି, ଫିଲିପ (ପ୍ରଚାରକ) ପାଉଲ ଯେତେବେଳେ ସିସେରିଆରେ ବନ୍ଧୀ ଶାଳାରେ ଥିଲେ ସେ ତାହାଙ୍କ ନିମନ୍ତେ ଏହା ଲେଖିବାରେ ସାହାଯ୍ୟ କରିଥିଲେ।
9. ଅନ୍ୟ ସମସ୍ତେ ଫିଲିପ କିମ୍ବା ଶିଲା (ଶିଲ୍ୱାନା)କୁ ସ୍ୱୀକୃତି ପ୍ରଦାନ କରନ୍ତି।

IV. ଗ୍ରହଣ କାରୀ

A. ଏହି ପୁସ୍ତକର ଶିରୋନାମ ବା ଉପକ୍ରମ "ଏବ୍ରୀୟ ପୁସ୍ତକ ଭାବେ ପରିଚିତ", ଏଣୁ ହୁଏତ ଏହା ଯିହୁଦୀ ମାନଙ୍କ ନିକଟକୁ ଲେଖା ଯାଇଅଛି, (Clement of Alexandria, quoted by Eusebius, *Eccl. Hist.* VI, 14)

B. ଆଭ୍ୟନ୍ତରିଣ ସାକ୍ଷ୍ୟ ଏହା କହିଥାଏ, R. C. Glaze, Jr.'s *No Easy Salvation* assert, ଏହା ଏକ ନିର୍ଦ୍ଧିଷ୍ଟ ଯିହୁଦୀୟ ଜାତି କିମ୍ବା ଏକ ସମାଜଗୃହକୁ ବୁଝାଇ ଥାଏ, (୬:୧୦; ୧୦:୩୨-୩୪; ୧୨:୪; ୧୩:୭, ୧୯, ୨୩)
1. ଏହି ପୁସ୍ତକରେ ଅନେକ ବାକ୍ୟ ପୁରାତନ ନିୟମରୁ ଉଦ୍ଧାର କରାଯାଇ ଅଛି ଓ ପୁରାତନ ନିୟମରୁ ଅଧିକାଂଶ ବିଷୟ ଚିନ୍ତା କରାଯାଇ ଅଛି, ସେଥିରୁ ଏହା ଜଣାଯାଏ ଯେ ସେମାନେ ଯିହୁଦୀୟ ବିଶ୍ୱାସି ଥିଲେ, (୩:୧; ୪:୧୪-୧୬; ୬:୯; ୧୦:୩୪; ୧୩:୧-୨୫)
2. ସେମାନେ କିଛି ତାଡନା ପ୍ରାପ୍ତ ହୋଇଥିଲେ, (୧୦:୩୨; ୧୨:୪)। ରୋମିୟ ମାନଙ୍କର ଶାସନ କାଳରେ ଏହି ଯିହୁଦୀ ଧର୍ମକୁ ପ୍ରାଚୀନ କାଳରେ ଏକ ଆଇନ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇ ଥିଲା, କିନ୍ତୁ ପରେ ଯେତେବେଳେ ଖ୍ରୀଷ୍ଟ ଧର୍ମର ଆଭିର୍ଭାବ ହେଲା ଓ ଏହା ଯିହୁଦୀ ଧର୍ମରୁ ଅଲଗା ହେଲା, ଏହାର ଆଇନ ଅନୁଗତ ସ୍ୱୀକୃତିକୁ ରଦ୍ଦ କରାଯାଇ ଥିଲା ।
3. ସେମାନେ ଦୀର୍ଘ ସମୟ ଧରି ବିଶ୍ୱାସି ଥିଲେ, କିନ୍ତୁ ସେମାନେ ବୃଦ୍ଧି ହୋଇନଥିଲା, (୫:୧୧-୧୪)। ସେମାନେ ଯିଦୁଦୀ ଧର୍ମକୁ ସମ୍ପୂର୍ଣ ପରିତ୍ୟାଗ କରିବାକୁ ସେମାନେ ଭୟ କରୁଥିଲେ, (୬:୧-୨)

C. ୧୩:୨୪ ଦର୍ଶାଏ ଯେ ଏହା ହୁଏତ ଏହି ସ୍ଥାନରୁ ଲିଖିତ ହୋଇଥାଇ ପାରେ, (1) ଇଟାଲି, (2) ହୁଏତ ରୋମରୁ ଇଟାଲିକୁ ଲେଖଯାଇ ଅଛି।

D. ଏହି ପୁସ୍ତକର ଗ୍ରହଣ କର୍ତ୍ତା ମାନଙ୍କ ସମ୍ବନ୍ଧରେ ଅନେକ କଥା ରହିଅଛି,
1. ଆଲେକଜ୍ୟାଣ୍ଡର- ଆପୋଲ୍ଲ
2. ଆନ୍ତିଅ- ବର୍ଣବା
3. ସିସେରିଆ-ଲୁକ କିମ୍ବା ଫିଲିପ
4. ରୋମ- ରୋମର କ୍ଲେମେଣ୍ଟ ଓ ଇଟାଲି ୧୩:୨୪
5. ସ୍ପେନ- ଏହା ନିକୋଲାସ ଲିରାଙ୍କର ସିଦ୍ଧାନ୍ତ ଥିଲା, (ଖ୍ରୀ ଅ ୧୨୭୦-୧୩୪୦)

V. ସମୟ

A. ଯିରୁଶାଲମ ନଗର ରୋମିୟ କର୍ମଚାରୀ (ପରବର୍ତ୍ତି ଶାସକ) ତୀତସଙ୍କ ଦ୍ୱାରା ଖ୍ରୀ ଅ ୭୦ରେ ବିନଷ୍ଟ ହେବା ପୁର୍ବରୁ

1. ଲେଖକ ତୀମଥିଙ୍କୁ ତାହାଙ୍କର ନାମ ଦ୍ୱାରା ପରିଚିତ କରିଅଛନ୍ତି, (୧୩:୨୩)
2. ଲେଖକ ମନ୍ଦିରରେ ବଳୀଦାନର କ୍ରମାଗତ ସମୟକୁ ବର୍ଣନା କରିଅଛନ୍ତି,(୮:୧୩; ୧୦:୧-୨)
3. ଲେଖକ ସେହି ସମୟର ତାଡନାକୁ ଜଣାଇ ଅଛନ୍ତି, ଯାହାକି ନିରୋଙ୍କର ସମୟ ସହିତ ସମାନ ଅଟେ, (ଖ୍ରୀ ଅ ୫୪-୬୮)
4. ଲେଖକ ଲୋକ ମାନଙ୍କୁ ଯିହୁଦୀ ଧର୍ମକୁ ଫେରି ନ ଯିବ ନିମନ୍ତେ ଉତ୍ସାହିତ କରୁଅଛନ୍ତି,

B. ଖ୍ରୀ ଅ ୭୦ ପରେ

1. ଲେଖକ ସମାଗମ ତମ୍ବୁର ସମସ୍ତ ପ୍ରକାରର ରିତିନିତି ବ୍ୟବହାର କରିଅଛନ୍ତି, ହେରୋଦଙ୍କର ମନ୍ଦିରର ନୁହେ
2. ଲେଖକ ତାଡନାକୁ ବର୍ଣନା କରିଅଛନ୍ତି,
   a. ହୁଏତ ନିରୋଙ୍କ ସମୟରେ, (୧୦:୩୨-୩୪)
   b. ପରେ ହୁଏତ ଡୋମିନିସିଅନଙ୍କ ଅଧିନରେ, (୧୨:୪-୧୩)
3. ହୁଏତ ଏହି ପୁସ୍ତକ ଯିହୁଦୀୟ ଶିକ୍ଷା ମାନଙ୍କୁ (ଯାମିନିଆର ଲେଖା), ସମ୍ବନ୍ଧିୟ ଅଟେ, ଯାହା ପ୍ରଥମ ଶତାବ୍ଦୀର ଶେଷରେ ଦେଖାଦେଇ ଥିଲା ।

C. ଏହା ଖ୍ରୀ ଅ ୯୫ ପୁର୍ବରୁ ଲେଖାଯାଇ ଥିଲା, କାରଣ ଏହା ରୋମର କ୍ଲେମେଣ୍ଟଙ୍କ ଦ୍ୱରା ଉଦ୍ଧୃତ କରାଯାଇ ଥିଲା ।

VI. ଉଦ୍ଦେଶ୍ୟ

A. ଏହି ଯିହୁଦୀୟ ଖ୍ରୀଷ୍ଟିୟାନ ମାନଙ୍କୁ ସମାଜଗୃହ ତ୍ୟାଗକରି, ମଣ୍ଡଳୀ ସହିତ (ସମ୍ପୁର୍ଣ ଭାବେ) ସର୍ବସାଧାରଣ ଭାବରେ ପରିଚିତ ହେବାକୁ, (୧୩:୧୩)

B. ଏହି ଯିହୁଦୀ ଖ୍ରୀଷ୍ଟିୟାନ ମାନଙ୍କୁ ସେବା କାର୍ଯ୍ୟରେ ଯୋଗଦେଇ ସୁସମାଚାରକୁ ଅନେକଙ୍କ ନିକଟରେ ପହଚାଂଇବା ନିମନ୍ତେ ଉତ୍ସାହିତ କରିବା ନିମନ୍ତେ, (ମାଥିଉ ୨୮:୧୯-୨୦, ପ୍ରେରିତ ୧:୮)

C. ଏହି ଯିହୁଦୀ ଅଣ ବିଶ୍ୱାସି ମାନେ ଯିହିଦୀୟ ବିଶ୍ୱାସୀ ମାନଙ୍କ ସହିତ ସହଭାଗିତାରେ ରହିଅଛନ୍ତି, ତାହା ଏହି ୬ ଏବଂ ୧୦ ଅଧ୍ୟାୟରେ ପ୍ରକାଶ କରାଯାଇ ଅଛି । ଏହି ଠାରେ ତିନି ପ୍ରକାରର ଦଳର ଲୋକମାନେ ରହିଛନ୍ତି, “ଆମ୍ଭେମାନେ”, “ତୁମ୍ଭେମାନେ” “ସେମାନେ” । ସେମାନେ ବ୍ୟକ୍ତିଗତ ଭାବରେ ନିଜ ଜୀବନର ଖ୍ରୀଷ୍ଟିୟ ବନ୍ଧୁ ଓ ସାଥି କର୍ମଚାରି ମାନଙ୍କର ନିମନ୍ତେ ଉତ୍ତର ଦାୟୀ ଅଟନ୍ତି ।

D. ଏହା ଏକ ଐତିହାସିକ ପୁନଃନିର୍ମାଣ, ଯାହାକି *No Easy Salvation* by R. C. Glaze, Jr, ଠାରୁ ଉଦ୍ଧାର କରାଯାଇ ଅଛି,

" ଏଠାରେ ସମସ୍ୟା ଖ୍ରୀଷ୍ଟ ଧର୍ମର ବହୁଳତା ଓ ଅଳ୍ପ ସଂଖ୍ୟାରେ ଥିବା ବିଜାତିୟ ମାନଙ୍କ ମଧ୍ୟରେ ନୁହେ, କିନ୍ତୁ ଏହାର ବିପରିତି ଅଟେ । ଏହି ଯିହୁଦୀୟ ଲୋକମାନେ ଏତେ ମାତ୍ରାରେ ନିଜର ବିଶ୍ୱାସ ଜୀବନକୁ ଏହି ବିଜାତିୟ ମଧ୍ୟରେ ମିଳାଇ ଥିଲେ ଯେ, ଏହି ଦୁଇ ଗୋଷ୍ଟି ଏକତ୍ର ଉପାସନା କରୁଥିଲେ । କୈଣସି ଗୋଷ୍ଟି ଅନ୍ୟ ଗୋଷ୍ଟି ସକାଶୁ ବାଧା ପ୍ରାପ୍ତ ହେଉଥିଲେ । ଅନ୍ୟ ଏକ ସମସ୍ୟା, ଏହି ଖ୍ରୀଷ୍ଟିୟ ଗୋଷ୍ଟି ମାନଙ୍କର ପ୍ରଚାର ଓ ଉପାସନା ଏହି ବିଜାତିୟ ମାନଙ୍କ ଉପରେ କୈଣସି ପ୍ରଭାବ ପକାଉ ନ ଥିଲା, କିମ୍ବା କୈଣସି ମାତ୍ରାରେ ସେ ମାନଙ୍କର ଜିବନକୁ ପରିବର୍ତନ କରିପାରି ନ ଥିଲା । ଏହି ଖ୍ରୀଷ୍ଟୟ ସାମ୍ପ୍ରଦାୟର ଲୋକମାନେ ଏକ ପ୍ରକାରର ପରିସ୍ଥିତିରେ ଥିଲେ ଯେ, ସେମାନଙ୍କର ଖ୍ରୀଷ୍ଟିୟ ଜୀବନ ଯାପନ ନିମନ୍ତେ ସେମାନେ କୈଣସି ପ୍ରକାରେ ଇଚ୍ଛା ପ୍ରକାଶ କରୁନ ଥିଲେ । ଏହା ଦ୍ୱାରା ବିଜାତିୟ ମାନେ ସୁଧା ନିଜ ହୃଦୟକୁ ଏକ ପ୍ରକାରର କଠିନ କରିଥିଲେ ଓ ସୁସମାଚାରରୁ ଦୁରକୁ ଯାଇଥିଲେ । ଏହି ଗୋଷ୍ଟି ବର୍ତ୍ତମାନ ଏକ ପ୍ରକାରର ଅସତ ଗୋଷ୍ଟି ମାନଙ୍କ ସହିତ ମିଳିମିଶି ସମ୍ପୁର୍ଣ ଅବିଶ୍ୱାସି ସଦୃଶ୍ୟ ଜିବନ ଯାପନ କରୁଥିଲେ ।

ଏହି ବିମୁଖ ବିଶ୍ୱାସି ମାନଙ୍କୁ 'ସିଦ୍ଧିଲାଭ ନିମନ୍ତେ ଅଗ୍ରସର' (୬:୧) ହେବା ନିମନ୍ତେ ଦୁଇଗୋଟି ଉପାୟରେ ଉତ୍ସାହିତ କରଯାଇ ଅଛି, ଯିହୁଦୀ ଧର୍ମ ନିମନ୍ତେ ଉଚ୍ଚ ସମ୍ମାନ କିମ୍ବା ଖ୍ରୀଷ୍ଟ ଧର୍ମ ନିମନ୍ତେ ଏକ ପ୍ରକାରର ଉଚ୍ଚ ମୁଲ୍ୟର ପ୍ରଦାନ କରିବା, ଯାହା ଏକ ପ୍ରକାରର ବିଜାତିୟ କାର୍ଯ୍ୟରେ ପରିଣତ ହୋଇଥିଲା, " (p 23)

VII. ଏବ୍ରୀୟ ପୁସ୍ତକର ପ୍ରାଥମିକ ଚିଠା

| | |
|---|---|
| ୧:୧-୩ | ପୁତ୍ର, ଭାବବାଦୀ ମାନଙ୍କ ଠାରୁ ମହାନ |
| ୧:୪-2:୧୮ | ପୁତ୍ର, ଦୂତ ମାନଙ୍କ ଠାରୁ ମହାନ |
| ୩:୧-୪:୧୩ | ପୁତ୍ର, ମୋଶାଙ୍କର ପ୍ରଦତ୍ତ ନିୟମ ଠାରୁ ମହାନ |
| ୪:୧୪-୫:୧୦; ୬:୧୩-୭:୨୮ | ପୁତ୍ର, ହାରୋଣଙ୍କର ଯାଜକ ମାନଙ୍କ ଠାରୁ ମହାନ |

| | |
|---|---|
| ୫:୧୧-୬:୧୨ | ପୁତ୍ର, ବିଶ୍ୱାସ କରୁଥିବା ଯିହୁଦୀ ଉପରେ ଓ ବିଜାତିୟ ଯିହୁଦୀ ମାନଙ୍କ ଠାରୁ ମହନ |
| ୮:୧-୧୦:୧୮ | ପୁତ୍ର, ମୋଶାଙ୍କ ଦ୍ୱାରା ପ୍ରଦତ୍ତ ନିୟମା ବଳୀ ଠାରୁ ମହାନ |
| ୧୦:୧୯-୧୩:୨୫ | ପୁତ୍ର, ବିଶ୍ୱାସି ମାନଙ୍କ ସପକ୍ଷରେ ଥିବା ମହାନ ଯାଜକଙ୍କ ଠାରୁ ମହାନ |

VIII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ ।

1. "ଏହି ଶେଷ କାଳରେ," ୧:୨
2. "ମହିମାର ପ୍ରଭା," ୧:୩
3. "ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି,"୧:୩
4. ମହିମା, ୧:୩
5. "କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ନୋହିବୁ," ୨:୧
6. "ଦୂତ ମାନଙ୍କ ଦ୍ୱାରା କଥିତ ବାକ୍ୟ," ୨:୨
7. "ଯେପରି ପ୍ରତ୍ୟକଙ୍କ ନିମନ୍ତେ ସେ ମୃତ୍ୟୁ ଆସ୍ୱାଦନ କରନ୍ତି," ୨:୯
8. "ପରିତ୍ରାଣ ସିଦ୍ଧିଦାତା," ୨:୧୦
9. "ମହାଯାଜକ," ୨:୧୭; ୪:୧୫
10. ପ୍ରାୟଶ୍ଚିତ, ୨:୧୭
11. ପ୍ରେରିତ, ୩:୧
12. ମହାଯାଜକ, ୩:୧
13. ବିଶ୍ୱାସ ମତ୍ତ ଅନୁସାରେ, ୩:୧; ୪:୧୪
14. ଆଜି, ୩:୧୩
15. "ସପ୍ତମ ଦିନ," ୪:୪
16. "ବିଶ୍ରାମ ବାର," ୪:୯
17. "ସ୍ୱର୍ଗ ମଧ୍ୟଦେଇ ଗମନ," ୪:୧୪
18. "ତଥାପି ପାପରହିତ," ୪:୧୫
19. "ଆମ୍ଭେମାନେ ତାହାଙ୍କର ନିକଟ ବର୍ତ୍ତି ହେଉ," ୪:୧୬
20. "ପ୍ରାଥମିକ ମୌଳିକ ସୂତ୍ର ଗୁଡିକ," ୫:୧୨
21. ବାପ୍ତିସ୍ମ, ୬:୨
22. "ପ୍ରତିଜ୍ଞା," ୬:୧୫
23. ଲଗଂର, ୬:୧୯
24. "ଯୀଶୁ ଶ୍ରେଷ୍ଠତର ନିୟମର ମଧ୍ୟସ୍ଥ ହୋଇଅଛନ୍ତି," ୭:୨୨
25. ନିବେଦନ, ୭:୨୫
26. ଯଥାର୍ଥ ତମ୍ବୁ, ୮:୨
27. "ସ୍ୱର୍ଗୀୟ ବିଷୟ ଗୁଡିକର ଦୃଷ୍ଟାନ୍ତ ଓ ଛାୟା ମାତ୍ର," ୮:୫
28. "ଏକ ନୂତନ ନିୟମ," ୮:୮, ୧୩
29. ମହାପବିତ୍ର ସ୍ଥାନ, ୯:୩
30. ହାରୋଣଙ୍କର ଯଷ୍ଟି, ୯:୪
31. ପାପାଛାଦନ, ୯:୫
32. "ଏଡେ ବୃହତ ମେଘ ତୁଲ୍ୟ ଶାକ୍ଷୀ,"୧୨:୧
33. "କୌଣସି ତିକ୍ତତାର ମୂଳ,"୧୨:୧୫
34. "ସ୍ୱର୍ଗୀୟ ଯିରୁଶାଲମ," ୧୨:୨୨

IX. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. "ପ୍ରଥମଜାତ," ୧:୬

2. "ସେହି ବ୍ୟକ୍ତି, ଯାହାଙ୍କ ଠାରେ ମୃତ୍ୟୁର ଅଧିକାର ରହିଅଛି," ୨:୧୪
3. "ବିରକ୍ତି ଜନ୍ମାଇବା," ୩:୧୬
4. ମଲକୀଷେଦକ, ୫:୬
5. ୫:୧୧-୬:୮, ତିନିଜଣ ବ୍ୟକ୍ତି ମାନଙ୍କୁ ପ୍ରକାଶ କରାଯାଇ ଅଛି, "ତୁମ୍ଭେ", "ସେମାନେ", ଓ "ଆମ୍ଭେମାନେ", ଏହା କାହାକୁ ବୁଝାଏ?
6. କିରୁବ, ୯:୫
7. ହନୋକ, ୧୧:୫
8. ରାହାବ, ୧୧:୩୧
9. "ପ୍ରଧାନ ମେଷପାଳକ," ୧୩:୨୦
10. ତୀମଥି, ୧୩:୨୩

X. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ଶାଲେମ, ୭:୧
2. ଯିରିହୋ, ୧୧:୩୦
3. ସିୟୋନ ପର୍ବତ, ୧୨:୨୨
4. ଇଟାଲି, ୧୩:୨୪

XI. ଆଲୋଚନା ମୂଳକ ପ୍ରଶ୍ନ ସମୂହ

1. ୧:୨-୪ରେ "ପୁତ୍ରଙ୍କୁ"ପ୍ରକାଶିତ କରୁଥିବା ଏକ ତାଲିକା ପ୍ରଦାନ କର
2. ଏବ୍ରୀ ପୁସ୍ତକର ପ୍ରାରମ୍ଭରେ, କଣ ପାଇ ଦୂତ ମାନଙ୍କ ବିଷୟରେ ଅନେକ ମାତ୍ରାରେ ଲେଖାଯାଇ ଅଛି?
3. ଦୂତମାନେ, ବିଶ୍ୱାସି ମାନଙ୍କ ସହିତ କିଭଳି ଜଡିତ? (୧:୧୪)
4. ଦୂତ ମାନଙ୍କ ଠାରୁ ଯୀଶୁ କିଭଳି ଭାବରେ ନିଜକୁ ଟିକିଏ ନତ କଲେ? (୨:୯)
5. ୨:୧୮; ୪:୧୫ର ବଡ ସତ୍ୟତା କଣ ଅଟେ?
6. ୩:୧-୬ରେ ମୋଶା ଓ ଯୀଶୁଙ୍କର କି ପ୍ରକାର ତୁଳନା କରାଯାଇ ଅଛି?
7. ୩:୭, ଆତ୍ମା ବିଷୟରେ କଣ ଶିକ୍ଷା ପ୍ରଦାନ କରେ?
8. ୩:୧୨ କୋଉ ବିଷୟରେ ଶିକ୍ଷା ଦିଏ?
9. ୩:୧୧, "ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ", ଏହାର ଅର୍ଥ କଣ ଅଟେ?
10. ୩:୧୪, ଖ୍ରୀଷ୍ଟିୟ ଭରସା ବିଷୟରେ ଏହି ବାକ୍ୟ କଣ ଶିକ୍ଷା ପ୍ରଦାନ କରେ?
11. ୪:୧୨ କୁ ନିଜ ଭାଷାରେ ବୁଝାଇ ଦିଅ
12. ଲେଖକ କଣ ପାଇ ପ୍ରାଚୀନ କିଣାନିୟ ଯାଜକଙ୍କ ବିଷୟରେ ଲେଖିଅଛନ୍ତି? (୫:୬-୧୦)
13. ୫:୮-୯ର ମହତ୍ୱକୁ ବୁଝାଇ ଦିଅ
14. ୬:୧-୨ର ଶିକ୍ଷାର ଏକ ତାଲିକା ପ୍ରଦାନ କର । ଏମାନେ ଯିହୁଦୀ ଲୋକମାନେ ନା ଖ୍ରୀଷ୍ଟିୟାନ? କାହିଁକି?
15. ୬:୬ ରେ ଏକ ଶବ୍ଦ "ଅସମ୍ଭବ", ବିଶ୍ୱାସି ମାନଙ୍କୁ ଉଦ୍ଧାର ପ୍ରାପ୍ତ ହେଲା ପରେ ପୁଣିଥରେ ହଜିଯାଇ ପାରନ୍ତି ନାହି ଓ ପୁଣି ସେମାନଙ୍କର ଉଦ୍ଧାର ନାହି ବୋଲି କୁହାଯାଇ ଅଛି?
16. ମଲକୀଷେଦକଙ୍କର ପିତା ମାତାଙ୍କର ବିନା କଣ ପାଇ ତାହାଙ୍କ ବିଷୟରେ କୁହାଯାଇ ଅଛି? (୭:୩)
17. ମଲକୀଷେଦକଙ୍କୁ, ଅବ୍ରାହାମଙ୍କର ଦଶମାଂଶ ଦେବା କଣ ପାଇ ଅତି ଜରୁରି ଥିଲା? (୭:୪-୧୦)
18. ୮:୧୩ ଓ ୧୦:୪, ପୁରାତନ ନିୟମ ବିଷୟରେ କଣ ପ୍ରକାଶ କରେ?
19. ୯:୨୨ କିଭଳି ଭାବରେ ହିନ୍ଦୁ ଧର୍ମକୁ ଖଣ୍ଡନ କରେ?
20. ୧୦:୨୫ ଓ ୩୯, ଐତିହାସିକ ଘଟଣା ଦ୍ୱାରା କିଭଳି ଭାବେ ଜଡିତ?
21. ୬ ଅଧ୍ୟାୟ କିଭଳି ୧୦ ଅଧ୍ୟାୟ ସହିତ ଜଡିତ?
22. ୧୧ ଅଧ୍ୟାୟକୁ ନିଜ ଭାଷାରେ ବୁଝାଇ ଦିଅ
23. ୧୨:୨ କାହାକୁ ବୁଝାଏ?
24. ୧୩:୮କଣ ପାଇ ଅତି ଗୁରୁତ୍ୱ ପୁର୍ଣ ଅଟେ?

# ଯାକୁବଙ୍କ ପୁସ୍ତକର ସଂକ୍ଷିପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. ସୋରେନ କେରିକଗାର୍ଡଙ୍କର ନୂତନ ନିୟମର ଅତି ପ୍ରିୟ ପୁସ୍ତକ ଥିଲା, କାରଣ ଏହା ଦୈନନ୍ଦିନ ଖ୍ରୀଷ୍ଟିୟ ଜୀବନ ଯାପନରେ ସାହାଯ୍ୟ କରିଥାଏ ।

B. ମାର୍ଟିନ ଲୁଥର ଏହି ପୁସ୍ତକକୁ ନେଇ ଏକ ଭିନ୍ନ ପ୍ରକାର ମତ୍ତ ପ୍ରଦାନ କରିଥିଲେ, କାରଣ ଏହି ପୁସ୍ତକ ପାଉଲଙ୍କର ରୋମିୟ ପୁସ୍ତକର ଶିକ୍ଷା ସହିତ ବିପରିତ ପ୍ରାୟ ଦେଖାଯାଏ, କାରଣ ତାହା "ବିଶ୍ୱାସ ଦ୍ୱାରା ବିଚାରିତ" ବୋଲି ରୋମିୟ ଏବଂ ଗାଲାତୀୟ ପୁସ୍ତକରେ ପ୍ରକାଶ କରେ ।

C. ଏହା ନୂତନ ନିୟମ ପୁସ୍ତକ ମାନଙ୍କ ଠାରୁ ଭିନ୍ନ ପ୍ରକାରର ଅଟେ,

1. ଏହା (ଜ୍ଞାନ ସମ୍ବନ୍ଧିୟ) ପୁସ୍ତକ ସଦୃଶ୍ୟ ଅଟେ, ଏହି ପୁସ୍ତକୁ ନୂତନ ନିୟମର ଉପଦେଶକ ପୁସ୍ତକ ବୋଲି କୁହାଯାଏ, ଯାହା ଭବିଷ୍ୟତ ବକ୍ତାଙ୍କ ଦ୍ୱାରା କୁହାଯାଇ ଅଛି ।
2. ଏହା ପ୍ରାରମ୍ଭରେ ଓ ଯୀଶୁଙ୍କ ପରେ ଲେଖାଯାଇ ଅଛି, କିନ୍ତୁ ଯିହୁଦୀ ରିତିନିତି ଓ ଅତ୍ୟଧିକ ଶିକ୍ଷଣିୟ ଅଟେ

II. ଲେଖକ

A. ଏହି ପୁସ୍ତକର ଲେଖକ ଯାକୁବ ଅଟନ୍ତି, (ଏବ୍ରୀୟ ଭାଷାରେ ), ସେ ଯୀଶୁଙ୍କର ଭ୍ରାତା ଥିଲେ, (ଚାରିଜଣଙ୍କ ମଧ୍ୟରୁ ଜଣେ, ମାଥିଉ ୧୩:୫୫; ମାର୍କ ୬:୩; ପ୍ରେରିତ ୧:୧୪; ୧୨:୧୭; ଗାଲାତିୟ ୧:୧୯) । ସେ ଯେରୁଶାଲେମରେ ଜଣେ ନେତା ଥିଲେ, (ଖ୍ରୀ ଅ ୪୮-୬୨, ପ୍ରେରିତ ୧୫:୧୩-୨୧; ଗାଲାତିୟ ୨:୯) ।

1. ପ୍ରଥମେ ତାହାଙ୍କୁ "ଯାକୁବ ଓ ଜ୍ୟଷ୍ଟ" ବୋଲି କୁହାଯାଉ ଥିଲା, ପରେ ତାହାଙ୍କ ଡକାନାମ "କ୍ୟାମେଲ ନୀ" ଡକଯାଉ ଥିଲା, କାରଣ ସବୁ ସମୟରେ ସେ ଆଣ୍ଠୁପାତି ପ୍ରାର୍ଥନା କରୁଥିଲେ, (ହେଗେଶିପୋଶ, ଇଶୁବିଅସଙ୍କ ଦ୍ୱାରା ଉଦ୍ଧୃତ) ।
2. ପୁନରୁଥାନ ପର୍ଯ୍ୟନ୍ତ ଯାକୁବ ଜଣେ ବିଶ୍ୱାସି ନ ଥିଲେ, (ମାର୍କ ୩:୨୧; ଯୋହନ ୭:୫) । ଯୀଶୁ ବ୍ୟକ୍ତିଗତ ଭାବେ ତାହାଙ୍କୁ ପୁନରୁଥାନ ପରେ ଦେଖାଦେଇ ଥିଲେ, (୧ମ କରିନ୍ଥିୟ ୧୫:୭) ।
3. ସେ ଶିଷ୍ୟ ମାନଙ୍କ ସହିତ ଉପର କୋଠରିରେ ଉପସ୍ଥିତ ଥିଲେ, (ପ୍ରେରିତ ୧:୧୪), ଏବଂ ହୁଏତ ପେଣ୍ଟିକଷ୍ଟ ସମୟରେ ସୁଧା ହୁଏତ ସେ ଉପସ୍ଥିତ ଥିଲେ,
4. ସେ ଜଣେ ବିବାହିତ ବ୍ୟକ୍ତି ଥିଲେ, (୧ମ କରିନ୍ଥୀୟ ୯:୫)
5. ପାଉଲଙ୍କର ଜଣେ ଅତି ପରିଚିତ ଓ ଘନିଷ୍ଟ ବନ୍ଧୁ ଭାବେ ସେ ପରିଚିତ ଅଟନ୍ତି, (ହୁଏତ ପ୍ରେରିତ ଭାବରେ ଗାଲାତୀୟ ୧:୧୯), କିନ୍ତୁ ସେ ବାର ଜଣ ଶିଷ୍ୟ ମାନଙ୍କ ମଧ୍ୟରୁ ସେ ଜଣେ ନ ଥିଲେ, (ଗାଲାତୀୟ ୨:୯; ପ୍ରେରିତ ୧୨:୧୭; ୧୫:୧୩) ।
6. *Antiquities of the Jews*, 20:9:1ରେ ଯୋସିଫସ କୁହନ୍ତି, ଯିହୁଦୀ ମାନଙ୍କର ନେତାମାନଙ୍କର ଆଦେଶ ଦ୍ୱାରା ସେ ଖ୍ରୀ ଅ ୬୨ରେ ପ୍ରସ୍ତରାଘାତ ଦ୍ୱାରା ପ୍ରାଣ ହରାଇ ଥିଲେ, କିନ୍ତୁ ଅନ୍ୟ ଏକ ପ୍ରଥା କୁହେ ଯେ ତାହାଙ୍କୁ ମନ୍ଦିରର ଛାତରୁ ତଳକୁ ଧକା ମାରି ଦିଆଯାଇ ଥିଲା, (କ୍ଲେମେନ୍ଟ ଆଲେକଜ୍ୟାଣ୍ଡର ଓ ହେଗିଶ୍ପସ, ଦ୍ୱୀତିୟ ଶତାବ୍ଦୀର ଲେଖକ)
7. ଯୀଶୁଙ୍କର ମୃତ୍ୟୁର ଅନେକ ବର୍ଷପରେ, ତାହାଙ୍କର ଜଣେ ସମ୍ପର୍କିୟ ଯେରୁଶାଲେମ ମଣ୍ଡଳୀରେ ଜଣେ ନେତା ଭାବରେ ଯୋଗଦେଇ ଥିଲେ ।

B. *Studies in the Epistle of James*, A. T. Robertson, ସେ ଯାକୁବଙ୍କର ଲେଖାକୁ ସମର୍ଥ ପ୍ରଦାନ କରିଥିଲେ,

" ଏହି ଲେଖକ ପ୍ରେରିତ ୧୫:୧୩-୨୧ର ବାର୍ତ୍ତାଦ୍ୱାର ଲେଖାଯାଇ ଅଛି ବୋଲି ବିଶ୍ୱାସ କରାଯାଏ, କାରଣ ଏହି ବାର୍ତ୍ତା ଓ ତାହାଙ୍କର ଲେଖାରେ ଅନେକ ପ୍ରକାରର ସମାନତା ଦେଖିବାକୁ ମିଳେ । ଏହି ସମାନତା ଯାକୁବ ପୁସ୍ତକ ଓ ଯାକୁବଙ୍କ ପତ୍ର ଯାହା ଆନ୍ତିଅକୁ ଲେଖାଯାଇ ଥିଲା, (ପ୍ରେରିତ ୧୫:୨୩-୨୯) । ଏହା ବ୍ୟତିତ ତାହାଙ୍କର ପତ୍ରରେ, ପ୍ରଭୁ ଯୀଶୁଙ୍କର ପାର୍ବତ୍ୟ ଉପଦେଶର ଶିକ୍ଷା ସହିତ ମିଳିତ ଅଟେ, ଯାହା ହୁଏତ ଯାକୁବ ଶୁଣିବାକୁ ପାଇଥିଲେ । ଯାକୁବଙ୍କର ପତ୍ରରେ ସେହି ସମାନ ଶିକ୍ଷାର ଦେଖିବାକୁ ମିଳିଥାଏ, ଯାହା ଯୀଶୁଙ୍କ ଶିକ୍ଷା ପାର୍ବତ୍ୟ ଉପଦେଶରେ ଦେଖିବାକୁ ମିଳିଥିଲା" (p. 2)

A. T. Robertson is here following J. B. Mayor's *The Epistle of St. James*, pp. iii-iv.

C. ନୂତନ ନିୟମରେ ଯାକୁଙ୍କ ନାମରେ ଆଉ ଦୁଇଜଣ ପ୍ରେରିତ ମାନଙ୍କ ମଧ୍ୟରେ ଅଛନ୍ତି, ଯୋହନଂ ଭ୍ରାତା ଯାକୁବ, ଯିଏ ଖ୍ରେ ଅ ୪୪ର ପ୍ରାରମ୍ଭରେ ହେରୋଦ ଆଗ୍ରୀପାଙ୍କ ଦ୍ୱାରା ମୃତ୍ୟୁ ବରଣ କରିଥିଲେ, (ପ୍ରେରିତ ୧୨:୧-୨) । ଅନ୍ୟଜଣେ ଯାକୁବ, ବଡ କିମ୍ବା ଛୋଟ (ମାର୍କ ୧୫:୪୦), ଯାହାଙ୍କୁ ପ୍ରେରିତ ମାନଙ୍କର ଛଡା ଆଉ କୋଉଠାରେ ଦର୍ଶାଯାଇ ନାହି । ଅନ୍ୟ ଜଣେ ଏହି ପୁସ୍ତକର ଲେଖକ, ଯେ ଅତି ପରିଚିତ ଅଟନ୍ତି ।

D. ଯାକୁବଙ୍କ ଠାରୁ ଯୀଶୁଙ୍କ ପର୍ଯ୍ୟନ୍ତ ତିନିଗୋଟି ସିଦ୍ଧାନ୍ତ ରହିଅଛି,

1. ଯେରୋମ, ନିଜକୁ ଯୀଶୁଙ୍କର ଜଣେ ଆତ୍ମିୟ ବୋଲି କୁହନ୍ତି, (ଆଲ୍ଫିଓସଏବଂ ମେରୀ ଓଫ କ୍ଲୋପ), ସେ ମାଥିଉ ୨୭:୫୬ ସହିତ ଯୋହନ ୧୯:୨୫କୁ ତୁଳନା କରି ଏହି ସିଦ୍ଧାନ୍ତରେ ପହଂଚି ଥିଲେ ।
2. ରୋମାନ କ୍ୟାଥଲିକ ମାନେ କୁହନ୍ତି, ଯୋଶେଫଙ୍କର ପୁର୍ବ ବିବାହ ଅନୁସାରେ ସେ ତାହାଙ୍କର ଭ୍ରାତା ଥିଲେ, (Origen’s comments on Matt. 13:55 and Epiphanius in *Heresies*, 78) ।
3. ଟେର୍ଟୁଲିଆନ, (ଖ୍ରୀ ଅ ୧୬୦-୨୨୦), ହେଲ୍ଭିଡିଉସ, (ଖ୍ରୀ ଅ ୩୬୬-୩୮୬), ଏହି ମାନେ ଯାକୁବଙ୍କୁ ଯୋଶେଫ ଓ ମେରୀଙ୍କ ସମ୍ବନ୍ଧରୁ ଯୀଶୁଙ୍କର ଜଣେ ଭ୍ରାତା ଭାବରେ ପ୍ରକାଶ କରନ୍ତି, (ମାର୍କ ୬:୩; ୧ମ କରିନ୍ଥୀୟ ୯:୫) ।
4. ୧ମ ଓ ୨ୟ ବିକଳ୍ପ ଦ୍ଵାରା ରୋମା କ୍ୟାଥଲିକର ଶିକ୍ଷା ସମୃଦ୍ଧି ହୋଇଥିଲା ଓ ମେରୀଙ୍କୁ ଏକ ଚିରସ୍ଥାୟୀ କୁମାରୀ ଆଖ୍ୟା ପ୍ରଦାନ କରାଯାଇ ଥିଲା ।

III. ସମୟ ଏବଂ ତାରିଖ ।

A. ଯଦି ଆମେ ଉପରୋକ୍ତ ସିଦ୍ଧାନ୍ତକୁ ବୋଲି ଧରିନଉ, ତେବେ ଦୁଇଗୋଟି ତାରିଖର ସମ୍ଭାବନା ରହିଅଛି,

1. ଯିରୁଶାଅଲେମର ପରିଷଦ ପୁର୍ବରୁ, (ପ୍ରେରିତ ୧୫), ଖ୍ରୀ ଅ ୪୯, (ଯଦି ଏହା ସତଅଟେ, ତେବେ ଯାକୁବ ପୁସ୍ତକ ନୂତନ ନିୟମର ସବୁଠାରୁ ପୁରାତନ ପୁସ୍ତକ ଅଟେ)
2. ପରେ, ଅର୍ଥାତ ଯାକୁଙ୍କର ମୃତ୍ୟୁ ପରେ, ଖ୍ରୀ ଅ ୬୨

B. ପ୍ରାଚିନ ସମୟ ଏହାର ସପକ୍ଷରେ ଅଟେ;

1. ସମାଜଗୃହର ବ୍ୟବହାର, ୨:୨
2. ମଣ୍ଡଳୀର ପରିଚାଳନାରେ ବିଶେଷ ମାତ୍ରାର ଅଜ୍ଞତା
3. ପ୍ରାଚୀନ ଶବ୍ଦର ବ୍ୟବହାର, ଯାହାକି ଯିହୁଦୀୟ ପରିଚୟ ପ୍ରଦାନ କରିଥାଏ, ୫:୧୪
4. ବିଜାତିୟ ମାନଙ୍କର ଯୁକ୍ତିତର୍କକୁ ସୁଧା ବର୍ଣନା କରାଯାଇ ନାହି, (ପ୍ରେରିତ ୧୫)
5. ହୁଏତ ଯାକୁବ ପ୍ରାଚୀନ ଯିହୁଦୀୟ ମାନଙ୍କୁ ଯୋଉମାନେ ଖ୍ରୀଷ୍ଟ ଧର୍ମରେ ବିଶ୍ଵାସ କରନ୍ତି, ସେହିମାନଙ୍କୁ ଲେଖୁଅଛନ୍ତି, ହୁଏତ ସେମାନେ ଯିରୁଶାଲେମରୁ ବାହାରେ ଅଛନ୍ତି, କିଅବା ଯୋଉମାନେ ପାଲେଷ୍ଟାଇନରୋ ବାହାରେ ଅଛନ୍ତି ତାହାଙ୍କୁ ଲେଖୁଅଛନ୍ତି, (୧:୧) ।

C. ବିଳମ୍ବର ସମୟ ଯାହା ତାହା ନିମନ୍ତେ ଉପଯୋଗି

1. ଯାକୁବଙ୍କ ଦ୍ଵାରା ଲିଖିତ ବାକ୍ୟ (୨:୧୪-୨୦) ଓ ପାଉଲଙ୍କର ରୋମିୟ ପୁସ୍ତକ, (୪:୧), ଏହି ଶିକ୍ଷାକୁ ଅନେକେ ଭୁଲ ଶିକ୍ଷକ ମାନେ ଅଲଗା ଭାବରେ ବ୍ୟବହାର କରିଥିଲେ, (୨ୟ ପିତର ୩:୧୫-୧୬ । ଯଦି ଏହା ସତ୍ୟ ଅଟେ, ତେବେ ଏହି ଯାକୁବ ପୁସ୍ତକୁ "ଏକ ମନର ସଂଶୋଧନ ପ୍ରକ୍ରିୟା ବୋଲିକୁହା ଯିବାର ଆବଶ୍ୟକ" ।
2. ଏହି ପୁସ୍ତକ ଏକ ସାଧାରଣ ଖ୍ରୀଷ୍ଟିୟ ଶିକ୍ଷା ଭାବେ ଗ୍ରହଣ କରାଯାଇ ଅଛି, କାରଣ ଏହି ପୁସ୍ତକରୁ ସାଧାରଣ ଶିକ୍ଷା ସମ୍ପୁର୍ଣ ମାତ୍ରାରେ ଲୋପ ପାଇଅଛି ।

IV. ଗ୍ରହଣ କାରୀ ।

A. ଏହା ଏକ ଉତ୍ତମ ସୁଚନା ପ୍ରଦାନ କରେ "ଛିନ୍ନଭିନ୍ନ ହୋଇଥିବା ଦ୍ଵାଦଶ ଗୋଷ୍ଠି" (୧:୧), ଏବଂ ଏହି ପତ୍ରର ଅନ୍ୟ ଏକ ଅଂଶ ବା ସମାନ ପତ୍ର "କ୍ୟାଥଲିକ ପତ୍ର" (ଏହି ପତ୍ର ଅନେକ ମଣ୍ଡଳୀକୁ ବିସ୍ତୃତ ହୋଇଅଛି ବୋଲି ସୁଚାଏ । ଏହା ସୁନିଶ୍ଚିତ ଅଟେ ଯେ, କୈଣସି ମଣ୍ଡଳୀ ସ୍ଥାୟୀ ନୁହେ କାରଣ ସେମାନେ ବିଛିନ୍ନ ଅବସ୍ଥାରେ ରହିଥିଲେ, ଏହା ହୁଏତ ଯୀହୁଦି ଖ୍ରୀଷ୍ଟିୟାନ ଯୋଉମାନେ ପାଲେଷ୍ଟାଇନ ବାହାରେ ରହୁଥିଲେ ।)

B. ସମ୍ଭବତଃ ୧:୧ର ତିନି ପ୍ରକାର ବ୍ୟାଖ୍ୟା କରିବା ପ୍ରକ୍ରିୟା ରହିଅଛି,

1. ଯିହୁଦୀ- ଏହା ଅବିଶ୍ଵାସନିୟ ଅଟେ, କାରଣ "ଭାଇମାନେ" ଶବ୍ଦ ଯୀଶୁଙ୍କର ସୁସମାଚାରକୁ ପ୍ରାଧନ୍ୟ ଦିଏ ନାହି, ଏବଂ ୨:୧ର ଶବ୍ଦ ଇଶ୍ଵରଙ୍କ ଠାରେ ବିଶ୍ଵାସ ଏହା ପ୍ରମାଣିତ କରେ । ଏବଂ ବେବିଲୋନିୟର ବନ୍ଧୀପରେ ଅନେକେ ସ୍ଵ ରାଜ୍ୟକୁ ଫେରି ନ ଥିଲେ । ଏହି ସମାନ ଶବ୍ଦ ପ୍ରକାଶିତ ପୁସ୍ତକରେ ସୁଧା ବ୍ୟବହାର କରାଯାଇ ଅଛି, ପ୍ରକାଶିତ ୭:୪-୮
2. ଯିହୁଦୀୟ ଖ୍ରୀଷ୍ଟିୟାନ- ଏହା ଅତ୍ୟଧିକ ବିଶ୍ଵାସ ଯୋଗ୍ୟ, କାରଣ ଏହି ପୁସ୍ତକର ଯିହୁଦୀୟ ଲେଖା ଶୈଳୀ ଓ ଯାକୁବ ମଧ୍ଯ ଯିରୁଶାଲେମର ଜଣେ ନେତା ଥିଲେ ।

3. ମଣ୍ଡଳୀ ଯାହା ଆଧାତ୍ମିକ ଇଶ୍ରାଏଲ ଭାବେ ପରିଚିତ- ଏହା ସମ୍ଭବ କାରଣ ଲେଖକ "ଛିନ୍ନଭିନ୍ନ" ଶବ୍ଦକୁ ୧ମ ପିତର ୧:୧ରେ ବ୍ୟବହାର କରିଅଛନ୍ତି, ଏବଂ ପାଉଲ ଏହି ମଣ୍ଡଳୀକୁ (ଯିହୁଦୀ ଓ ବିଜାତୀୟ ବିଶ୍ୱାସୀ) ବୋଲି କୁହନ୍ତି, ଆଧାତ୍ମିକ ଇଶ୍ରାଏଲ, (ରୋମିୟ ୨:୨୮-୨୯, ଗାଲାତିୟ ୩:୨୯; ୬:୧୬; ୧ମ ପିତର ୨:୫, ୯)।

V. ସୁଯୋଗ- ଏହାର ଦୁଇଗୋଟି ସିଦ୍ଧାନ୍ତ ରହିଅଛି,

A. ଏହା ହୁଏତ ନୂତନ ନିୟମର ଆଶିର୍ବାଦକୁ ପୁରାତନ ଖ୍ରୀଷ୍ଟିୟ ଯିହୁଦୀ ମାନଙ୍କୁ ଅଂଶଗ୍ରହଣ କରାଇବା, ଯୋ ଉମାନେ ପୂର୍ବରେ ବିଜାତିୟ ମାନଙ୍କ ଗହଣରେ ବସବାସ କରୁଥିଲେ।

B. ପୁଣି କେତେକ କୁହନ୍ତି, ଧନୀ ଶ୍ରେଣିର ଯିହୁଦୀ ମାନେ ଖ୍ରୀଷ୍ଟ ଧର୍ମର ଯିହୁଦୀ ମାନଙ୍କୁ ତାଡନା ପ୍ରଦାନ କରୁଥିଲେ। ଏହା ମଧ୍ୟ ସମ୍ଭବ ହୋଇପାରେ ପ୍ରାଚୀନ ଖ୍ରୀଷ୍ଟିୟାନ ମାନେ ବିଜତିୟ ଲୋକ ମାନଙ୍କର ତାଡନା ସହ୍ୟ କରୁଥିଲେ। ଏହା ନିଶ୍ଚିତ ଯେ, ସେହି ସମୟ ତାଡନା ଏବଂ ଶାରିରିକ ଆବଶ୍ୟକତାର ସମୟ ଥିଲା, (୧:୨-୪, ୧୨; ୨:୬-୭; ୫:୪-୧୧, ୧୩-୧୪)।

VI. ଲେଖା ଶୈଳୀ

A. ଏହି ପୁସ୍ତକ ପ୍ରଚାର ଓ ପୁରାତନ ନିୟମର ଜ୍ଞାନ ସମ୍ବନ୍ଧିୟ ପୁସ୍ତକ ସହିତ ସମାନ ଅଟେ, (ଆୟୁବ, ପରମ ଗୀତ), ଓ ବାଇବଲ ମଧ୍ୟସ୍ଥ (ଉପଦେଶକ ଖ୍ରୀ ପୂ ୧୮୦)। ଏହା ଦୈନନ୍ଦିନ ଜୀବନର ଶୈଳୀ ଉପରେ ଆଧାରିତ, ଯାହା କାର୍ଯ୍ୟ ଓ ବିଶ୍ୱାସ ଉପରେ ଆଧାରିତ, (୧:୩-୪)।

B. ଅନେକ କ୍ଷେତ୍ରରେ ଏହି ପୁସ୍ତକ ଯିହୁଦୀୟ ଜ୍ଞାନ ସମ୍ବନ୍ଧିୟ ପୁସ୍ତକ ସହିତ ସମାନ ଅଟେ ଓ ଗ୍ରୀକ ଓ ରୋମିୟ ମାନଙ୍କର ଶିକ୍ଷା ସହିତ ସମାନ (ଷ୍ଟକିସଙ୍କ ସଦୃଶ୍ୟ), ଏହାର ଉଦାହରଣ ସବୁ

1. ଅତି ବିକ୍ଷୁରିତ ସଂଗଠନ, (ଯାହା ଏକ ବିଷୟରୁ ଅନ୍ୟ ବିଷୟକୁ ପରିବର୍ତ୍ତନ ହୋଇଥାଏ)
2. ଅନେକ ଆଦେଶ, (୫୪ ଆଦେଶ)
3. ଚିନ୍ତାଶିଳ ପ୍ରଶ୍ନ, (ଯାହା ବ୍ୟକ୍ତି ପଚାରି ଥାଏ, ୨:୧୮; ୪:୧୩), ଏହା ମଲାଖି, ରୋମିୟ ଓ ୧ମ ଯୋହନ ପୁସ୍ତକ ଗୁଡିକରେ ସୁଧା ଦେଖିବାକୁ ମିଳେ।

C. ଯଦିଚ ଏଠାରେ ପୁରାତନ ନିୟମରୁ ଅନେକ ଅଂଶ ଉଦ୍ଧୃତ କରାଯାଇ ଅଛି, (୧:୧୧; ୨:୮, ୧୧, ୨୩; ୪:୬), ପ୍ରକାଶିତ ବାକ୍ୟ ସଦୃଶ୍ୟ ଏହି ପୁସ୍ତକରେ ସୁଧା ଅନେକ ପୁରାତନ ନିୟମର ସଂକେତ ରହିଅଛି।

D. ଏହି ପୁସ୍ତକର ସଂକ୍ଷିପ୍ତ ସାରଣୀ ଏହି ପୁସ୍ତକ ଠାରୁ ଲମ୍ବା ଅଟେ। ଏହା ଯିହୁଦୀ ମାନଙ୍କ ଶିକ୍ଷକ ମାନଙ୍କର ଶିକ୍ଷା ଯାହା ଲୋକ ମାନଙ୍କର ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ଶିକ୍ଷାରୁ ଅନ୍ୟ ଶିକ୍ଷାକୁ ଗତିକରି ଥାଏ। ଏହାକୁ ଯିହୁଦୀୟ ନେତା ମାନେ ଏହାକୁ "ମୁକ୍ତାର ଏକ ମାଳ" ବୋଲି କୁହନ୍ତି।

E. ଯାକୁବ ପୁସ୍ତକ ପୁରାତନ ନିୟମର ଏକ ସଂଗଠନ ଅଟେ; (୧) ସଗେ, (ଜ୍ଞାନ ସମ୍ବନ୍ଧିୟ ପୁସ୍ତକ), (୨) ଭବିଷ୍ୟତ ବକ୍ତାଙ୍କର ପୁସ୍ତକ, (ଏହା ଆମୋଷ ଓ ଯିରିମିୟଙ୍କ ପୁସ୍ତକ ସଦୃଶ୍ୟ ଅଟେ), ସେ ପୁରାତନ ନିୟମର ଶିକ୍ଷାକୁ, ଯିଶୁଙ୍କର "ପାର୍ବତ୍ୟ ଉପଦେଶ"ର ଶିକ୍ଷା ସହିତ ତୁଳନା କରିଅଛନ୍ତି, (ତଳେ ଖ ଅଂଶକୁ ଦେଖ)

VII. ଅନ୍ତର୍ଗତ ବସ୍ତୁ

A. ଯାକୁବ ନୂତନ ନିୟମର ସମସ୍ତ ପୁସ୍ତକ ମାନଙ୍କଠାରୁ ଅତ୍ୟଧିକ ଭାବରେ ଯୀଶୁଙ୍କର ଶବ୍ଦକୁ ଉଦ୍ଧାର କରିଅଛନ୍ତି, ଯାହା ସୁସମାଚାର ପୁସ୍ତକରେ ଦେଖିବାକୁ ମିଳେ, (୧:୫,୬,୨୨; ୨:୫,୮,୧୩; ୩:୧୨,୧୮; ୪:୧୦,୧୨; ୫:୧୨), ଏହା ମଧ୍ୟ ସଷ୍ଟ ଯେ ଯାକୁବ କେତେକ ଯୀଶୁଙ୍କ କଥିତ ବାକ୍ୟକୁ ଉଦ୍ଧାର କରିଅଛନ୍ତି, (୧:୨୭; ୨:୧୩; ୩:୧୮; ୪:୧୧-୧୨, ୧୭)

B. ଯାକୁବ ପୁର୍ବବର୍ତ୍ତୀ ପାର୍ବତ୍ୟ ଉପଦେଶ ମନେ ପକାଇ ଦିଅନ୍ତି

| **ଯାକୁବ** | **ପାର୍ବତ୍ୟ ଉପଦେଶ** |
|---|---|
| ୧:୨ | ମାଥିଉ ୫:୧-୨ |

| | |
|---|---|
| ୧:୪ | ମାଥିଉ ୫:୪୮ |
| ୧:୫ | ମାଥିଉ ୭:୭ (୨୧:୨୬) |
| ୧:୧୨ | ମାଥିଉ ୫:୩-୧୧ |
| ୧:୨୦ | ମାଥିଉ ୫:୨୨ |
| ୧:୨୨-୨୫ | ମାଥିଉ ୭:୨୪-୨୭ |
| ୨:୫ | ମାଥିଉ ୫:୩ (୨୫:୩୪) |
| ୨:୮ | ମାଥିଉ ୫:୪୩; ୭:୧୨ |
| ୨:୧୩ | ମାଥିଉ ୫:୭ (୬:୧୪-୧୫; ୧୮:୩୨-୩୫) |
| ୩:୬ | ମାଥିଉ ୫:୨୨, ୨୯, ୩୦ |
| ୩:୧୨ | ମାଥିଉ ୭:୧୬ |
| ୩:୧୮ | ମାଥିଉ ୫:୯; ୭:୧୬-୧୭ |
| ୪:୪ | ମାଥିଉ ୬:୨୪ |
| ୪:୧୧-୧୨ | ମାଥିଉ ୭:୧ |
| ୪:୧୩ | ମାଥିଉ ୬:୩୪ |
| ୫:୨ | ମାଥିଉ ୬:୧୯-୨୦ |
| ୫:୧୦-୧୧ | ମାଥିଉ ୫:୧୨ |
| ୫:୧୨ | ମାଥିଉ ୫:୩୪-୩୭ |

**C.** ଏହା ଧର୍ମ ଶିକ୍ଷା ପ୍ରଦାନ କରେ, (କର୍ମ ବିନା ବିଶ୍ୱାସ ମୃତ)। ୧୦୮ ପଦ ମଧ୍ୟରୁ ୫୪ ଗୋଟି ଆଦେଶ ରହିଅଛି।

VIII. ଧର୍ମ ଗ୍ରନ୍ଥ ନିର୍ଦ୍ଦେଶିତ ଅନୁଯାଇ ସ୍ୱିକ୍ରୁତି ପ୍ରାପ୍ତ ପୁସ୍ତକ

A. ଯାକୁବ, ଏହା ଅତି ବିଳମ୍ବ ଓ କଷ୍ଟଦାୟକ ଅଟେ

1. "ମୁରାରିଅନ ଲିପି" ଅନୁଯାଇ ଖ୍ରୀ ଅ ୨୦୦ରେ ଯାକୁବ ପୁସ୍ତକକୁ ସ୍ୱୀକ୍ରୁତି ପ୍ରାପ୍ତ ପୁସ୍ତକ ଗ୍ରହଣ କରାଯାଇ ନଥିଲା
2. ଖ୍ରୀ ଅ ୩୬୦ ଦକ୍ଷିଣ ଆଫ୍ରିକାରରେ ହୋଇଥିବା "ଛେଲ୍ଟାହାମ ତାଲିକାରେ" ଏହା ସ୍ୱୀକ୍ରୁତି ପାପ୍ତ ତାଲିକାରେ ଗ୍ରହଣ କରାଯାଇ ନ ଥିଲା, (ଏବଂ ଏହାକୁ କାର୍ଲ ମୋମ୍ସେନ ତାଲିକା କୁହାଯାଏ)
3. ପୁରାତନ ଲାଟିନ ଭାଷାରେ ଲେଖାଯାଇ ଥିବା ନୂତନ ନିୟମରେ ଏହା ଅନ୍ତର୍ଭୁକ୍ତ ନୁହେ।
4. ଇଶୁବିଅସଙ୍କ ମତ୍ତରେ ଏହା ଏକ ବିଶୃଙ୍ଖଂଳା ଜନକ ପୁସ୍ତକ ଅଟେ, (ଏବ୍ରୀ, ଯାକୁବ, ୨ୟ ପିତର, ଓ ୨ୟ ଓ ୩ୟ ଯୋହନ, ଯିହୁଦା ଓ ପ୍ରକାଶିତ), *Hist*. *Eccl.* II: 23:24-24; III: 25:3
5. ୪ର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଏହି ପୁସ୍ତକ ପଶ୍ଚିମ ମଣ୍ଡଳୀରେ ଗ୍ରହଣ କାରାଯାଇ ନ ଥିଲା, ଓ ପୁର୍ବ ମଣ୍ଡଳୀରେ ସୁଧା ୫ମ ଶତାବ୍ଦୀର ସିରିଆର ଅନୁବାଦିତ ପେର୍ଷିତା ନ ହେବା ପର୍ଯ୍ୟନ୍ତ ଗ୍ରହନ କରାଯାଇ ନ ଥିଲା।
6. ଏହା ଥିଓଡୋର ମୋପ୍ସୁଟିଆଙ୍କ (ଖ୍ରୀ ଅ ୩୯୨-୪୨୮) ଦ୍ୱାରା ଅଗ୍ରାହ୍ୟ କରାଯାଇ ଥିଲା, ଆନ୍ତିଓକିଆର ନେତାମାନେ ବାଇବଲ ଭିତିକ ବ୍ୟାଖ୍ୟାଠାରୁ ଏହାକୁ ଅଲଗା କରିଥିଲେ, (ସେମାନେ ସମସ୍ତ କ୍ୟାଥଲିକ ପତ୍ର ଅଗ୍ରାହ୍ୟ କରିଥିଲେ)
7. ଇରାସ୍ମସଙ୍କର ଏହା ଉପରେ ସନ୍ଦେହ ଥିଲା, ଯେମିତି ମାର୍ଟିନ ଲୁଥରଙ୍କର ଥିଲା। ସେ ଏହାକୁ ଏକ "ବିପଥଗାମି ପତ୍ର" ବୋଲି କହିଥିଲେ, କାରଣ ଏହା ରୋମିୟ ଓ ଗାଲାତିୟ ପୁସ୍ତକର ଶିକ୍ଷା "ବିଶ୍ୱାସଦ୍ୱାରା ବିଚାରିତ" କୁ ବିରୋଧାଚରଣ କଲା ସଦୃଶ୍ୟ ଥିଲା।

B. ଯାକୁବ ପୁସ୍ତକର ସତ୍ୟତାର ସାକ୍ଷ୍ୟ

1. ଏହା ରୋମର କ୍ଲେମେନ୍ଟଙ୍କ ଦ୍ୱାରା ପରୋକ୍ଷ ଭାବରେ ଲେଖାଯାଇ ଥିଲା (ଖ୍ରୀ ଅ ୯୫), ପରେ ଦ୍ୱିତିୟ ଶତାବ୍ଦିରେ ଇଗ୍ନାସିୟ, ପଲିକାର୍ପ, ଜଷ୍ଟିନ ମାର୍ଟିନ ଓ ଇରାନିଅସଙ୍କ ଦ୍ୱାରା ପରୋକ୍ଷ ଭାବରେ ଲେଖିଥିଲେ।
2. ଏହି ପୁସ୍ତକ ସ୍ୱୀକ୍ରୁତି ପ୍ରାପ୍ତ ହୋଇନଥିବା ଅତି ପରିଚିତ ପୁସ୍ତକରେ ପରୋକ୍ଷ ଭାବରେ ଲେଖାଯାଇ ଅଛି, *Shepherd of Hermas*, ଯାହା ଖ୍ରୀ ଅ ୧୩୦ରେ ଲେଖାଯାଇ ଥିଲେ, ଏହା ଏକ ଖ୍ରୀଷ୍ଟୀୟ ଧର୍ମର ପୁସ୍ତକ ଅଟେ।
3. ଓରିଜିନ (ଖ୍ରୀ ଅ ୧୮୫-୨୪୫) ଏହାକୁ ପ୍ରତ୍ୟକ୍ଷ ଭାବରେ ଯୋହନଙ୍କର ଟିକାରେ ଉଦ୍ଧୃତ କରିଥିଲେ, XIX: 23
4. ଇଶୁବିଅସ ତାହାଙ୍କର ପୁସ୍ତକ *Eccl* 2:23, ରେ ସେ ଏହି ପୁସ୍ତକକୁ ଏକ ପ୍ରକାରର "ବିବାଦ ଜନକ" ପୁସ୍ତକ ବୋଲି କହିଅଛନ୍ତି, ହେଲେ ସୁଧା ଏହା ଅନେକ ମଣ୍ଡଳୀ ମାନଙ୍କ ଦ୍ୱାରା ଗ୍ରହଣ କରାଯାଇ ଥିଲା।
5. ସିରିଆନ ଅନୁବାଦରେ ଏହା ଖ୍ରୀ ଅ ୪୧୨ (ଯାହାକୁ ପ୍ରେଷ୍ଟା କୁହାଯାଏ), ଏହାକୁ ଯୋଗ କରାଯାଇ ଥିଲା।

6. ପୁର୍ବରୁ ଅରିଜିନ ଓ ହାମସକସର ଯୋହନ ଓ ପଶ୍ଚିମରୁ ଜେରୋମ ଓ ଅଗଷ୍ଟିନ ଏହାକୁ ସ୍ୱୀକ୍ରୁତି ପ୍ରାପ୍ତ ନିମନ୍ତେ ସମର୍ଥନ କରିଥିଲେ । ଏହା ହିପ୍ପୋଙ୍କର ପରିଷଦରେ ଖ୍ରୀ ଅ ୩୯୩ରେ ଓ କାର୍ଥେଗ ଖ୍ରୀ ଅ ୩୯୭ ଓ ପୁନର୍ବାର ଖ୍ରୀ ଅ ୪୧୯ରେ ଏହି ପୁସ୍ତକକୁ ଗ୍ରହନ କରାଯାଇ ଥିଲା ।
7. ଏହା ଖ୍ରୀଷ୍ଟୋମଙ୍କ ଦ୍ୱାରା (ଖ୍ରୀ ଅ ୩୪୫-୪୦୭) ଓ ଥିଓଦୋରେଟ (ଖ୍ରୀ ଅ ୩୯୩-୪୫୭), ଉଭୟେ ନେତା ଏହାକୁ ଆନ୍ତିଅକ୍ଷିଆ ବାଇବଲ ବ୍ୟାଖ୍ୟାରେ ଗ୍ରହଣ କରିଥିଲେ ।

IX. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ୱଷ୍ଟିକରଣ ।

1. "ଦ୍ୱାଦଶ ଗୋଷ୍ଠୀ," ୧:୧
2. ଛିନ୍ନଭିନ୍ନ, ୧:୧
3. "ମନେ କର," ୧:୩
4. ପ୍ରାପ୍ତ, ୧:୧୨
5. ଜୀବନରୁପ ମୁକୁଟ, ୧:୧୨
6. "ଯାହାଙ୍କ ଠାରେ କୈଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହି," ୧:୧୭
7. "ବାକ୍ୟର କର୍ମକାରୀ," ୧:୨୨
8. ସ୍ୱାଧିନତାର ବ୍ୟବସ୍ଥା, ୧:୨୫
9. "ଭୂତମାନେ ମଧ୍ୟ ବିଶ୍ୱାସ କରନ୍ତି,"୨:୧୯
10. "ଗୁରୁତର ଦଣ୍ଡ,"୩:୧
11. ନର୍କ, ୩:୬
12. "ସ୍ୱର୍ଗର ଶପଥ ହେଉ ବା ପୃଥିବୀର ଶପଥ,"୫:୧୨
13. ତୈଳ ଡାଳି, ୫:୧୪
14. "ପରସ୍ପର ନିକଟରେ ଆପଣା ପାପ ସ୍ୱୀକାର କର," ୫:୧୬

X. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. "ଦ୍ୱୀମନା ଲୋକ,"୧:୮
2. "ଜ୍ୟୋତିର୍ଗଣର ପିତା," ୧:୧୭
3. ରାହବ, ୨:୨୫
4. "ବାହୀନୀ ମାନଙ୍କର ପ୍ରଭୁ," ୫:୪
5. ଆୟୁବ, ୫:୧୭
6. ପ୍ରାଚୀନ ମାନେ, ୫:୧୪
7. ଏଲିୟ, ୫:୧୭

XI. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ- କିଛି ନୁହେ

XII. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ୧:୨, କିଭଳି ଭାବରେ ଏହା ସତ୍ୟ ଅଟେ?
2. ପ୍ରାର୍ଥନା କି ପ୍ରକାରେ ସୀମିତ ଅଟେ? (୧:୫-୮, ୪:୧-୫)
3. ୧:୯-୧୧, କିଭଳି ଭାବରେ ସାମାଜିକ ରିତିନିତି ଓ ଆଶାକୁ ବିପରିତ ଭାବ ପ୍ରଦାନ କରେ?
4. ୧:୧୩ କିଭଳି ଭାବରେ ମାଥିଉ ୬:୧୩ ସହିତ ତୁଳନୀୟ?
5. ୧:୨୨ କିଭଳି ଭାବରେ ଏହି ପୁସ୍ତକର ମୁଖ୍ୟ ଅଂଶ ଅଟେ?
6. ୨:୧-୭, ଏହା ଆରାଧନା ବିଷୟରେ ବୁଝାଏ କିଅବା ମଣ୍ଡଳୀ ବିଷୟରେ ବୁଝାଏ? କାହିକି?
7. ୨:୭ ଖ୍ରୀଷ୍ଟିୟ ଜୀବନର କୋଉ କାର୍ଯ୍ୟକୁ ବୁଝାଏ?
8. ୨:୧୦ କଣ ପାଇ ଏକ ଗୁରୁତ୍ୱପୁର୍ଣ ସତ୍ୟତା ଅଟେ?
9. ୨:୧୭, କଣ ପାଇ ମଣ୍ଡଳୀରେ ଅନେକ ସମସ୍ୟାକୁ ଉପୁଯାଇ ଥାଏ? (୨:୨୦)

10. ପାଉଲ ଏବଂ ଯାକୁବ ଅବ୍ରାହାମଙ୍କୁ କିପ୍ରକାରେ ଉଭୟେ ଏକ ଭିନ୍ନ ଉଦାହରଣ ସହିତ ପ୍ରକାଶ କରିଅଛନ୍ତି? (୨:୧୮-୨୬)
11. ୩:୧-୫ର ମୁଖ୍ୟ ପ୍ରସଙ୍ଗଙ୍କୁ ନିଜ ଭାଷାରେ ବୁଝାଇ ଦିଅ
12. ଜାଗତିକ ଜ୍ଞାନ ଓ ସ୍ୱର୍ଗୀୟ ଜ୍ଞାନ ମଧ୍ୟରେ ଥିବା ଭିନ୍ନତାକୁ ବୁଝାଇ ଦିଅ, (୩:୧୫-୧୭)
13. କଣ ପାଇ ୪:୫, ବ୍ୟାଖ୍ୟା କରିବା ନିମନ୍ତେ ଅତି କଷ୍ଟକର ଅଟେ?
14. ୫:୧-୬, ଯିହୁଦୀ ବିଶ୍ୱାସୀ ମାନଙ୍କୁ କଣ ପାଇ ଆଶ୍ଚର୍ଯ୍ୟାନ୍ବିତ କରେ?

# ପିତରଙ୍କର ପ୍ରଥମ ପୁସ୍ତକର ସଂକ୍ଷିପ୍ତ ବିବରଣି

I. **ଲେଖକ**

A. ପିତରଙ୍କର ଲେଖାର ଆଭ୍ୟନ୍ତରିଣ ପ୍ରମାଣ

1. ୧:୧ରେ ନିର୍ଦ୍ଦିଷ୍ଟ ଭାବେ ବର୍ଣ୍ଣିତ
2. ଯୀଶୁଙ୍କର ଜୀବନ ଓ ପ୍ରେରିତ ମାନଙ୍କର କଥା ଓ ଜୀବନ ଶୈଳୀର ସଂକେତ

a. E. G. Selwyn's *The First Epistle of St. Peter*, 1946 ଙ୍କ ଦ୍ୱାରା ନିଆଯାଇ ଥିବା ଉଦାହରଣ

(1) ୧:୩ - ଯୋହନ ୨୧:୨୭
(2) ୧:୬-୯ - ଲୁକ ୨୨:୩୧; ମାର୍କ ୮:୨୯
(3) ୧:୧୦-୧୨- ଲୁକ ୨୪:୨୫; ପ୍ରେରିତ ୧୫:୧୪
(4) ୩:୧୫ - ମାର୍କ ୧୪:୨୯, ୭୧
(5) ୫:୨ - ଯୋହନ ୨୧:୧୫

b. Alan Stibbbs' *The First Epistle General of Peter*, 1971, ଙ୍କ ଦ୍ୱାରା ନିଆଯାଇ ଥିବା ଉଦାହରଣ

(1) ୧:୩ - ମାଥିଉ ୫:୪୮
(2) ୧:୧୭ - ମାଥିଉ ୨୨:୧୬
(3) ୧:୧୮ - ମାର୍କ ୧୦:୪୫
(4) ୧:୨୨ - ଯୋହନ ୧୫:୧୨
(5) ୨:୪ - ମାଥିଉ ୨୧:୪୨
(6) ୨:୧୯ - ଲୁକ ୬:୩୨, ମାଥିଉ ୫:୩୯
(7) ୩:୯ - ମାଥିଉ ୫:୩୯
(8) ୩:୧୪ - ମାଥିଉ ୫:୧୦
(9) ୩:୧୬ - ମାଥିଉ ୫:୪୪; ଲୁକ ୬:୨୮
(10) ୩:୨୦ - ମାଥିଉ ୨୪:୩୭-୩୮
(11) ୪:୧୧ - ମାଥିଉ ୫:୧୬
(12) ୪:୧୩ - ମାଥିଉ ୫:୧୦
(13) ୪:୧୮ - ମାଥିଉ ୨୪:୨୨
(14) ୫:୩ - ମାଥିଉ ୨୦:୨୫
(15) ୫:୭ - ମାଥିଉ ୬:୨୫

3. ଶବ୍ଦ ଓ ବାକ୍ୟାଂଶ ଯାହା ପ୍ରେରିତ ପୁସ୍ତକର ପିତରଙ୍କର ଶିକ୍ଷାରେ ଦେଖାଯାଏ,

a. ୧:୨୦ - ପ୍ରେରିତ ୨:୨୩
b. ୨:୭-୮ - ପ୍ରେରିତ ୪:୧୦-୧୧
c. ୨:୨୪ - ପ୍ରେରିତ ୫:୩୦; ୧୦:୩୯ (କ୍ରୁଶ ନିମନ୍ତେ ଗ୍ରୀକ ଶବ୍ଦ *xylon* ବ୍ୟବହାର କରାଯାଇ ଅଛି )
d. ୪:୪ - ପ୍ରେରିତ ୧୦:୪୫

4. ପ୍ରଥମ ଶତାବ୍ଦୀର ସେବା କାର୍ଯ୍ୟ ସହିତ ସମାନତା

a. ସିଲୱାନ (ଶିଲା) - ୫:୧୨
b. ମାର୍କ (ଯୋହନ ମାର୍କ)- ୫:୧୩

B. ପିତରଙ୍କର ଲେଖକ ଭାବେ ବାହ୍ୟିକ ସାକ୍ଷ୍ୟ

1. ପ୍ରାଚୀନ ମଣ୍ଡଳୀ ଓ ପୁରାତନ କାଳରେ ଏହା ଗ୍ରହଣିୟ ହୋଇଥିଲା

a. ସାମାନ ପ୍ରକାରର ବାକ୍ୟାଂଶ, ସାମ୍ଭାବ୍ୟତଃ ଉଦ୍ଧୃତ କରିବା, ଯାହାକି ରୋମର କ୍ଲେମେଣ୍ଟଙ୍କ ଦ୍ୱାରା ଲିଖିତ, *Letter to Corinthians* (A.D. 95)

b. ସାମାନ ପ୍ରକାରର ବାକ୍ୟାଂଶ, ସାମ୍ଭାବ୍ୟତଃ ଉଦ୍ଧୃତ କରିବା, ଯାହାକି *Epistle of Barnabas* (A.D. 130), ଦେଖଯାଏ।

c. ପାପିଆଙ୍କ'ର ପରୋକ୍ଷ ଉଦ୍ଧାର, ପୁଣି ବିଶପ ହାଇରୋପଲିସଙ୍କ'ର (ଖ୍ରୀ ଅ ୧୪୦) ପୁଣି ଇଶୁବିଅସଙ୍କ'ର ଉଦ୍ଧୃତ, *His. Eccl.*

d. ପଲିକାର୍ପଙ୍କ'ର ଲେଖା, *Epistle to the Philippians* 8:1, କିନ୍ତୁ ସେ ୧ମ ପିତରକୁ ନାମଧରି କହି ନାହାନ୍ତି, (ପଲିକାର୍ପ ଖ୍ରୀ ଅ ୧୫୫ ରେ ତାହାଙ୍କ'ର ମୃତ୍ୟୁ ହୋଇଥିଲା)

e. ଇରାନିଅସଙ୍କ ଦ୍ୱାରା ଉଦ୍ଧୃତ କରାଯା ଥିଲା, (ଖ୍ରୀ ଅ ୧୪୦-୨୦୩)

f. ଓରିଜିନଙ୍କ ଦ୍ୱାରା ଉଦ୍ଧୃତ କରାଯାଇ ଥିଲା, (ଖ୍ରୀ ଅ ୧୮୫-୨୫୩), ଓରିଜିନ କୁହନ୍ତି, ୧ମ ପିତର ୫:୧୩ରେ ପିତର ମାର୍କଙ୍କୁ "ନିଜ ପୁତ୍ର" ବୋଲି ସମ୍ବୋଧନ କରିଥିବାରୁ ସେ ହୁଏତ ଏହି ପିତରଙ୍କ ସୁସମାଚାର ଲେଖିଅଛନ୍ତି।

g. ଟେର୍ଟୁଲିଆନଙ୍କ ଦ୍ୱାରା ଉଦ୍ଧୃତ କାରାଯାଇ ଥିଲା, (ଖ୍ରୀ ଅ ୧୫୦-୨୨୨)

C. ପିତରଙ୍କୁ ଲେଖକ ଭାବରେ ସନ୍ଦେହ କରିବାର କାରଣ

1. ଏହା ମୁରାରିଅନ ମାନଙ୍କ'ର ଲେଖାରେ ମିଳିତ ନୁହେ, ଯାହାକି ରୋମରେ ଖ୍ରୀ ଅ ୧୮୦ ଓ ୨୦୦ ରେ ଯୋଗକରା ଯାଇଥିଲା।
2. ଏହା ଉତ୍ତମ କୋଇନେ ଗ୍ରୀକ ବା ସାଧାରଣ ଲୋକ ବ୍ୟବହାର କରୁଥିବା ଭାଷାରେ ଲିଖିତ, ଯାହା "ଅଶିକ୍ଷିତ" ଲୋକମାନଙ୍କ ନିମନ୍ତେ ଅବିଶ୍ୱାସନିୟ ଅଟେ, ବିଶେଷତଃ ଗାଲିଲିଓର ମତ୍ସ୍ୟଜୀବି ମାନଙ୍କ ନିମନ୍ତେ ଆଶ୍ଚର୍ଯ୍ୟ ଜନକ ଥିଲା, (*a grammatos*, ପ୍ରେରିତ ୪:୧୨)
3. ଏହା ପାଉଲଙ୍କ ଦ୍ୱାରା ଲିଖିତ ରୋମିୟ ଓ ଏଫିସିୟ ପୁସ୍ତକ ଭଳି ଅଟେ।
4. ୧ମ ପିତରରେ ବର୍ଣନା କରାଯାଇ ଥିବା ତାଡନାର ଘଟଣା ପରବର୍ତୀ ସମୟରେ ଅଧିକ ଉପଯୁକ୍ତ ଅଟେ
   a. ଡୋମିସିଆନ (ଖ୍ରୀ ଅ ୮୧-୯୬)
   b. ଟାର୍ଜନ (ଖ୍ରୀ ଅ ୯୮-୧୧୭)

D. ଆଧୁନିକ ବିଜ୍ଞ ବ୍ୟକ୍ତିମାନଙ୍କ'ର ଲେଖକଙ୍କ ପତି ଉତ୍ତର

1. ଏହି ମୁରାରିଅନ ମାନଙ୍କ'ର ଏକ ଲିପିର ଏକ ଧାଡି ନଷ୍ଟ ବା ହଜିଯାଇ ଥିବାର ଜଣାଯାଏ, (cf. B. F. Westcott's *A General Survey of the History of the Canon of the New Testament*, 6th ed. p. 289
2. ପିତର ଅଶିକ୍ଷିତ ନ ଥିଲେ, (ପ୍ରେରିତ ୩:୧୩), କିନ୍ତୁ ସେ କୈଣସି ସୁପରିଚିତ ବିଦ୍ୟାଳୟରେ ଶିକ୍ଷା ଲାଭ କରିନଥିଲେ। ଅନେକେ ଯିହୁଦୀୟ ଲୋକମାନେ ବାଲ୍ୟ ଅବସ୍ଥାରୁ ଦୁଇଟି ଭାଷାରେ କଥା କହିବାରେ ଅଭ୍ୟସ୍ତ ଅଟନ୍ତି, ଅନ୍ୟ ଏକ ଚିନ୍ତାର ବିଷୟ ଯେ ପିତର ଲେଖାଶିକ୍ଷିର ବ୍ୟବହାର କରିଥିଲେ। ୧ମ ପିତର ୫:୧୨ କୁହେ ଯେ ସେ ହୁଏତ ସିଲ୍ୱାନ (ଶିଲା)ଙ୍କୁ ବ୍ୟବହାର କରିଥିଲେ।
3. ପିତର ଓ ପାଉଲ ତାହାଙ୍କ'ର ଲେଖାରେ ମଣ୍ଡଳୀର ଉପଯୁକ୍ତ ପଦ୍ଧତି ଓ ଶିକ୍ଷାର ଆବଶ୍ୟକିୟ ଜିନିଷ (କେତେକ ଲିଖିତ ପତ୍ର), ପ୍ରାଚୀନ ମଣ୍ଡଳୀରେ ଅତି ସାଧାରଣ ଥିଲା। ସେମାନଙ୍କ ମଧରେ ଉତ୍ତମ ସମ୍ପର୍କ ମଧ ରହିଥିଲା, (ପ୍ରେରିତ, ଗାଲାତୀୟ, ୨ୟ ପିତର ୩:୧୫-୧୬)

   ପାଉଲ ଏବଂ ପିତରଙ୍କ ମଧରେ ଦେଖାଯାଏ, ପୁଣି ମୋ ପାଇ ସବୁଠାରୁ ଉତ୍ତମ କାରଣ ହେଲା, ପିତର, ପାଉଲକର ସେବାଯାତ୍ରାର ସାଥି ଶିଲା (ସେଲ୍ୱାନଙ୍କୁ) ନିଜର ଲେଖକ ଭାବରେ ବ୍ୟବହାର କରିଥିବା ସକାଶୁ, ହୁଏତ ଏହି ପ୍ରକାର ଦେଖାଯାଏ।
4. ୧ମ ପିତର ସେହି ସାମ୍ରାଜ୍ୟ ସମୟର ତାଡନାକୁ ପ୍ରକାଶ କରିନଥାଏ, ପିତର ତାହଙ୍କ'ଏ ଲୋକ ମାନଙ୍କୁ ସରକାରଙ୍କ'ର ବଶୀଭୁତ ସେବା ନିମନ୍ତେ ଆହ୍ୱାନ ପ୍ରଦାନ କରିଅଛନ୍ତି, (୨:୧୩-୧୭)। ଯାହା ସେହି ସମୟର ଶାସକଙ୍କ ସମୟରେ ହୁଏତ ହୋଇ ନ ଥାଇ ପାରେ।

   ନିରୋ (ଖ୍ରୀ ଅ ୫୪-୬୮) ତାହାଙ୍କ'ର ଶାରିରିକ ଅସୁସ୍ଥତା (grandiose claims), ସେହି ସ୍ଥାନିୟ ଏସିଆ ମାଇନରର ରାଜାଙ୍କୁ ପ୍ରବର୍ତାଇ ଥିଲା। ୧ମ ପିତର ନିରୋଙ୍କ'ର ସମୟର ଅପେକ୍ଷା ଡୋମିନିସିଅନଙ୍କ (ଖ୍ରୀ ଅ ୮୧-୯୬) ଓ ଟାର୍ଜନଙ୍କ (ଖ୍ରୀ ଅ ୯୮-୧୧୭)ଙ୍କ ସମୟରେ ଅଧିକ ସଠିକ ବୋଲି ଜଣାଯାଏ। ଏହା ମଧ ସମ୍ଭାବନା ରହିଅଛି ଯେ, ସେହି ସମୟରେ ଯିହୁଦୀ ମାନେ ସୁଧା କେତେକ ମାତ୍ରାରେ ତାଡନା ପ୍ରଦାନ କରୁଥିଲେ।

E. ୧ମ ପିତରରେ ଏହିପ୍ରକାର କିଛିହି ନାହି ଯାହା ଲେଖକଙ୍କ'ର ବିଳମ୍ବକୁ ସୁଚନା ପ୍ରଦାନ କରେ।

II. ସମୟ

A. ସମୟ ନିଶ୍ଚିତ ଭାବରେ ଲେଖକଙ୍କ ସହିତ ଜଡିତ ଅଟେ।

B. ପରମ୍ପରା ଅନୁସାରେ ପିତର ଓ ପାଉଲ ରୋମରେ ନିରୋକଂ ଅଧିନରେ ଖ୍ରୀ ଅ ୬୫ରେ ମୃତ୍ୟୁ ବରଣ କରିଥିଲେ, ଏହା ଯଦି ସତ୍ୟ ତେବେ, ୧ମ ପିତର ଖ୍ରୀ ଅ ୬୩-୬୪ ମଧ୍ୟରେ ଲେଖାଯାଇ ଅଛି।

C. ଏବଂ ଯଦି ୧ମ ପିତର ରୋମର କ୍ଲେମେଣ୍ଟଙ୍କ ଦ୍ୱାରା ପରୋକ୍ଷ ଭାବରେ ଉଦ୍ଧାର କରାଯାଇ ଅଛି, ତେବ ଏହା ପ୍ରଥମ ଶତାବ୍ଦୀର ମଧ୍ୟଭାଗରେ ଲେଖାଯାଇ ଅଛି।

D. ଏ. ଟି ରୋବର୍ଟସନ କୁହନ୍ତି, ପିତର ଖ୍ରୀ ଅ ୬୭-୬୮ରେ ମୃତ୍ୟୁ ବରଣ କରିଥିଲେ, ଓ ୧ମ ପିତର ଖ୍ରୀ ଅ ୬୫-୬୬ରେ ସେ ଲେଖିଥିଲେ, ହୁଏତ ସେ ଖ୍ରୀ ଅ ୬୪-୬୫ରେ ମୃତ୍ୟୁ ବରଣ କରିଥିଲେ ଓ ତାହା ପୂର୍ବରୁ ସେ ଏହା ଲେଖିଥିଲେ।

III. ଗ୍ରହଣକାରୀ

A. ବିଶେଶତଃ ପ୍ରଥମ ଶତାବ୍ଦୀର ପତ୍ର ଗ୍ରହଣ କାରୀମାନଙ୍କୁ ପ୍ରଥମରେ ଚିହ୍ନିତ କରାଯାଏ, ୧:୧, ଯାହାକି ଏଠାରେ ଦେଖାଯାଏ, "ପନ୍ତ, ଗାଲାତୀୟ, କାପପାଦକିଆ, ଆସିଆ ଓ ବିଥୁନିଆରେ ଛିନ୍ନ ଭିନ୍ନ ଯୌଉ ପ୍ରବାସି ମାନେ", ଏହି ରୋମିୟ ଅଚଂଳ (ଯାହାକି ଦକ୍ଷିଣ ଗାଲାତୀୟ) ଯାହା ତୁର୍କୀର ଦକ୍ଷିଣ ଭାଗରେ ଅବସ୍ଥିତ। ଏହି ଅବୁ ଅଚଂଳରେ ପାଉଲ ସୁସମାଚାର ପ୍ରଚାର କରିନଥିଲେ, (ପ୍ରେରିତ ୧୬:୬) ପିତର ସୁଧା ନୁହେ, (୧:୧2)। ହୁଏତ ପେଣ୍ଟିକଷ୍ଟରୁ ଫେରି ଯୋଉ ଯିହୁଦୀ ମାନେ ଗୃହକୁ ଫେରି ଥିଲେ, ସେମାନେ ହୁଏତ ଏହା ଆରମ୍ଭ କରିଥିଲେ, (ପ୍ରେରିତ ୨:୯-୧୧)।

B. ଯଦିଚ ଏହି ମଣ୍ଡଳୀ ସମୁହ ଯିହୁଦୀୟ ବିଶ୍ୱାସୀ ମାନଙ୍କ ଦ୍ୱାରା ଆରମ୍ଭ କରାଯାଇ ଥିଲେସୁଧା, ପିତରଙ୍କର ଏହି ପୁସ୍ତକ ଲେଖା ସମୟରେ ସେମାନେ ବିଜାତୀୟ ଥିଲେ।

1. ଇଶ୍ୱରଙ୍କ ବାକ୍ୟର ଅଗ୍ରାହ୍ୟ କାରି, (୧:୧୪)
2. ଇଶ୍ୱରଙ୍କ ସହିତ ସହଭାଗିତା, (୧:୧୮)
3. ବର୍ତମାନ ଇଶ୍ୱରଙ୍କ ସନ୍ତାନ, (୨:୯-୧୦), ହୋଶୟଙ୍କର ଦୃଶ୍ୟ, (୧:୯-୧୦; ୨:୨୩)
4. ବିଜାତି ମାନଙ୍କ ମଧ୍ୟରେ, (୨:୧୨)
5. ବିଜାତିୟ ମାନକଙ୍କର ଦୁଷ୍କର୍ମ, (୪:୩-୪)

C. ଏହି ପୁସ୍ତକ ଯିହୁଦୀୟ ତଥ୍ୟେ ପରିପୁର୍ଣ

1. "ପ୍ରବାସୀ" ଓ "ଛିନ୍ନ ଭିନ୍ନ" ତାହା ଯିହୁଦୀୟ ତଥ୍ୟ ପ୍ରଦାନ କରେ, (ଯୋହନ ୭:୩୫; ପ୍ରେରିତ ୭:୬)
2. ପୁରାତନ ନିୟମର ବ୍ୟବହାର
    a. ଯାତ୍ରା ପୁସ୍ତକ ୧୯ (୨:୫,୯)
    b. ଯିଶାଇୟ ୫୩, (୧:୧୯; ୨:୨୨, ୨୪, ୨୫)
    ଯଦିଚ ଏହା ଯିହୁଦୀୟ ମଣ୍ଡଳୀକୁ ପ୍ରତିଫଳିତ କରେ ନାହି
3. ପୁରାତନ ନିୟମର ଯିଶାଇୟକୁ ମଣ୍ଡଳୀରେ ପରିବର୍ତନ କରିବା, (ରାଜକିୟ ଯାଜକବର୍ଗ)
    a. ୨:୫
    b. ୨:୯
4. ମଣ୍ଡଳୀର ଏକ ଲେଖା, (ନୁତନ ବିଶ୍ୱାସି ମାନଙ୍କ ନିମନ୍ତେ ପ୍ରଶ୍ନ ଓ ଉତ୍ତରର ମାଧମ) ଯାହା ପୁରାତନ ନିୟମର ମଶୀହାଙ୍କ ବିଷୟରେ ଲିଖିତ ଅଟେ
    a. ୧:୧୯- ଯିଶାଇୟ ୫୩, (ମେଷଶାବକ)
    b. ୨:୨୨- ଯିଶାଇୟ ୫୩:୫
    c. ୨:୨୪- ଯିଶାଇୟ ୫୩:୪, ୫, ୧୧, ୧୨
    d. ୨:୨୫- ଯିଶାଇୟ ୫୩:୬

D. ଯଦିଚ ପିତର ବିଜାତିୟ ମାନଙ୍କ ନିମନ୍ତେ ଆହ୍ୱାନପ୍ରାପ୍ତ ହୋଇଥିଲେ, (ଗାଲାତୀୟ ୨:୮), ସେ ପାଉଲଙ୍କ ସଦୃଶ୍ୟ ଯିହୁଦୀ ଓ ବିଜାତିୟ ମାନଙ୍କ ସହିତ କାର୍ଯ୍ୟ କରୁଥିଲେ, (ପ୍ରେରିତ ୧୦)। କର୍ଣଲିୟଙ୍କର ଯୋଗଦାନ ପିତରଙ୍କର ପରିବର୍ତନର ଏକ ଚିହ୍ନଅଟେ, ୧ମ ପିତର ଏକ ନୁଆ ବିଷୟ ପ୍ରକାଶ କରେ।

IV. ଉଦ୍ଦେଶ୍ୟ

A. ଏହି ୧ମ ପିତର ଶିକ୍ଷା ଓ ପ୍ରୟୋଗ ନିମନ୍ତେ ଉପଯୋଗି, ପାଉଲଙ୍କ ସଦୃଶ୍ୟ ଏହି ପୁସ୍ତକର ପ୍ରାରମ୍ଭ ଶିକ୍ଷା ନିମନ୍ତେ ଓ ଶେଷ ଅଧ୍ୟାୟ ପ୍ରୟୋଗ ନିମନ୍ତେ ଅଟେ । ପିତରଙ୍କର ପୁସ୍ତକକୁ ପ୍ରାରମ୍ଭୀକ ସାରଣୀ ଭାବେ ଗଠନ କରିବା ଅତି କଷ୍ଟକର ବିଷୟ ଅଟେ । କାରଣ ଏହା ଏକ ପ୍ରକାରର ପତ୍ର ଭାବରେ ପ୍ରକାଶିତ ନ ହୋଇ ଏକ ପ୍ରକାରର ଶିକ୍ଷା ଭାବରେ ପ୍ରକାଶିତ ହୋଇଅଛି ।

B. ଏହି ପୁସ୍ତକର ମୂଳ ଉଦ୍ଦେଶ୍ୟ ହେଲା ତାଡନା ଏବଂ ଦୁଃଖ, ଯାହାକି ଦୁଇ ଭାଗରେ ହୋଇଅଛି
   1. ପ୍ରଥମ, ଦୁଃଖ ଓ ପରିତ୍ୟାଗକୁ ନେଇ, ଯୀଶୁଙ୍କୁ ଏକ ଜୀବନ୍ତ ଉଦାହରଣ ଭାବେ ପ୍ରକାଶ କରାଯାଇ ଅଛି, (୧:୧୧; ୨:୨୧, ୨୩; ୩:୧୮, ୪:୧, ୧୩; ୫:୧)
   2. ଯୀଶୁଙ୍କର ଶିଷ୍ୟମାନେ ଏହି ପଥ ଅନୁସରଣ କରିବାକୁ ଆହ୍ୱାନ ପ୍ରଦାନ କରାଯାଇ ଅଛି, (୧:୬-୭; ୨:୧୯; ୩:୧୩-୧୭; ୪:୧,୧୨-୧୯; ୫:୯-୧୦)

C. ପ୍ରାଚୀନ ଶତାବ୍ଦୀରେ ଖ୍ରୀଷ୍ଟିୟ ଧର୍ମରେ ତାଡନା ଓ କଷ୍ଟ ଅତି ସାଧାରଣ ଥିଲା, ଏହା ମଧ୍ୟ ବିସ୍ମୟ ଜନକ ନୁହେ ଯେ, ଦ୍ୱୀତିୟ ଆଗମନ କେତେଥର ପ୍ରକାଶ କରାଯାଇ ଅଛି । ଏହି ପୁସ୍ତକ ନୂତନ ନିୟମର ପୁସ୍ତକ ମାନଙ୍କ ମଧ୍ୟରୁ ଏକ ପ୍ରକାରର ଶେଷ ସମୟର ଘଟଣା ବଳୀକୁ ପ୍ରକାଶ କରିଥାଏ ।

V. ଲେଖାଶୈଳୀ

A. ଏହି ପୁସ୍ତକ ପ୍ରାଚୀନ ଗ୍ରୀକ ଓ ରୋମାନ ମାନଙ୍କ ସଦୃଶ୍ୟ ପ୍ରାରମ୍ଭୀକ ଦୃଶ୍ୟ ରହିଅଛି
   1. ୧-୧-୨
      g. ଲେଖକ
      h. ଗ୍ରହଣ କାରି
      i. ପ୍ରାର୍ଥନା
   2. ୫:୧୨-୧୪
      a. ଶେଷ ସମ୍ବୋଧନା
         (1). କାହା ଠାରୁ
         (2). କାହା ଠାକୁ
      b. ପ୍ରାର୍ଥନା

B. ଏହି ପତ୍ରର ମୁଖ୍ୟ ବିଭାଗ ଏକ ପ୍ରକାରର ଶିକ୍ଷା ଭାବରେ ରହିଅଛି, ପତ୍ର ଭାବରେ ନୁହେ, କେତେକେ କୁହନ୍ତି ଏହା
   1. ଏକ ପ୍ରକାରର ଶିକ୍ଷା
   2. ବାପ୍ତିସ୍ମ ନିମନ୍ତେ ଏକ ପ୍ରକାରର ପଦ୍ଧତି
   3. ପ୍ରାଚୀନ ମଣ୍ଡଳୀର ପ୍ରଶ୍ନ ଉତ୍ତରର ଏକ ମିଶ୍ରଣ

C. ଏହି ପତ୍ର ହୁଏତ ଶେଷ ଆଶିର୍ବାଦ ଦ୍ୱାରା ୪:୧ରେ ସମାପ୍ତ ହୋଇଅଛି, କିନ୍ତୁ ଗ୍ରୀକ ଲେଖା ମାନେ ଏହି ଠାରେ ସମାପ୍ତ କରିନାହାନ୍ତି, ହୁଏତ ୪:୧୨-୫:୧୧, ଏହି ସମ୍ପୁର୍ଣ୍ଣ ପୁସ୍ତକର ଏକ ପ୍ରକାର ସାରାଂଶ ଅଟେ ।

D. ୧ମ ପିତର ସମସ୍ତ ନିକଟସ୍ତ ମଣ୍ଡଳୀ ସବୁରେ ବିଶେଶତଃ ସେହିସବୁ ମଣ୍ଡଳୀ ଯାହାକୁ ପିତର ଆରମ୍ଭ କରିନଥିଲେ, ଏହି ପତେ ସେ ସବୁ ସ୍ଥାନକୁ ଭ୍ରମଣ କରିଥିଲା, ଯାହାକି କଲସୀୟ, (ଲାଉଦିକିଆ ଓ ହିରାପଲିସ, ଯାହା ନିକଟକୁ ପଠାଯାଇ ଥିଲା, କଲସୀୟ ୪:୧୩), ପୁଣି ବିଶ୍ୱାସି ମାନଙ୍କୁ ଆଗାମି ସମସ୍ୟା ବିଷୟରେ ସର୍ବସାଧାରଣ ଭାବେ ଜଣାଇ ଦିଆଯାଇ ଥିଲା, ଏହା ପାଉଲଙ୍କର ଗାଲାତୀୟ ଓ ଏଫିସୀୟ ପୁସ୍ତକ ଭଳି ଅଟେ ।

ଏହି ଭ୍ରମଣକାରି ଅବସ୍ଥା ଏହାର ପ୍ରାରମ୍ଭୀକ ଓ ଶେଷ ସ୍ୱାଗତର ପ୍ରଥାରେ ବାଧା ଦେଇଥାଏ, ପୁଣି ଏହା ସଠିକ ତାଡନା ବିଷୟରେ ସୁଧା ପ୍ରକାଶ କରିନ ଥାଏ ।

VI. ସ୍ୱୀକୃତି ପ୍ରାପ୍ତ

A. ୧ମ ପିତର ସ୍ୱୀକୃତି ପ୍ରାପ୍ତ ପୁସ୍ତକ ମାନଙ୍କ ଠାରେ ଅନ୍ତର୍ନିହତ ଅଟେ, କାରଣ ୨ୟ ପିତର ଅତି ବିବାଦ ଜନକ ଅଟେ ।

B. ୧ମ ପିତର ଇଶୁବିଅସଙ୍କ ଲେଖାରେ ଏକ "ନିର୍ବିବାଦ ପୁସ୍ତକ" ଭାବରେ ବର୍ଣ୍ଣିତ ହୋଇଥିଲା, *Eccl. His.* 3:3:25, ପ୍ରାଚୀନ ମଣ୍ଡଳୀରେ ଏହି ପୁସ୍ତକକୁ ପିତରଙ୍କ ଦ୍ୱାରା ଲେଖାଯାଇଅଛି ବୋଲି କେବେ ସୁଧା ସନ୍ଦେହ କରାଯାଇ ନ ଥିଲା ।

C. ପିତରଙ୍କୁ ଆହୁରି ଅନେକ ଆଦର୍ଶ ଲେଖା ସବୁର ଲେଖକ ଭାବେ ଦର୍ଶା ଯାଇଥିବା ସକାଶୁ ଏହି ପୁସ୍ତକର ସ୍ୱୀକୃତିକୁ ଏକ ପ୍ରକାର ସମସ୍ୟା ଭାବେ ଉଠାଯାଇ ଥିଲା । କିନ୍ତୁ ପ୍ରାଚୀନ ମଣ୍ଡଳୀ ଏହାକୁ ଗ୍ରହଣ କରିନ ଥିଲା, ୧ମ ପିତର ଓ ୨ୟ ପିତରକୁ ମାନିବାରେ କେବଳ ଶିଷ୍ୟ ମାନଙ୍କ ମଧ୍ୟରେ ହୋଇଥିଲା,

1. ପିତରଙ୍କର କାଯ୍ୟ
2. ପିତର ଓ ଆନ୍ଦ୍ରିୟଙ୍କର କାର୍ଯ୍ୟ
3. ପିତର ଓ ପାଉଲଙ୍କର କାର୍ଯ୍ୟ
4. ପିତର ଓ ପାଉଲଙ୍କର ଆବେଗ
5. ପିତର ଓ ବାର ଜଣ ଶିଷ୍ୟଙ୍କର କାର୍ଯ୍ୟ
6. ପିତରଙ୍କର ଶେଷ ସମୟର ବାକ୍ୟ
7. ପିତରଙ୍କର ସୁସମାଚାର
8. ପିତରଙ୍କର ଆବେଗ
9. ପିତରଙ୍କର ଶିକ୍ଷା
10. ପିତରଙ୍କର ରହସ୍ୟ ମୟ କାର୍ଯ୍ୟ ଓ ଶିକ୍ଷା

(ଏହି ସବୁ ଶିକ୍ଷାର ଆଲୋଚନା ନିମନ୍ତେ *Zondervan Pictorial Encyclopedia of the Bible* Vol. 4; pp. 721-723, 732-733, 740.) ଏହି ସବୁ ଲେଖା ପିତରଙ୍କୁ ଦର୍ଶାଉ ନାହି କିମ୍ବା ନୂତନ ନିୟମର ସ୍ୱୀକୃତି ପ୍ରାପ୍ତ ପୁସ୍ତକ ସହିତ ତୁଳନା କରାଯାଇ ନାହି । ଏହା ୧ମ ଓ ୨ୟ ପିତର ପାଇ ଏହା ଏକ ପ୍ରକାର ସମ୍ମତ ପ୍ରକାଶ କରେ ।

# ପିତରଙ୍କ ବ୍ୟକ୍ତିତ୍ୱ

I. **ତାହାଙ୍କର ପରିବାର**

A. ଗାଲିଲୀ ନଦୀ କୁଳର ଦକ୍ଷିଣ ଭାଗରେ ବେଥସାଇଦା ସହରରେ, ପିତରଙ୍କ ପରିବାର ବିଜାତିୟ ଗ୍ରାମରେ ପିତର ଓ ତାହାଙ୍କର ପରିବାର ବାସ କରୁଥିଲେ, (ତିବିରିଆ ନଦୀକୁଳ ଯୋହନ ୧:୪୪), କିନ୍ତୁ ପରେ ସେମାରେ କଫର୍ନାହୁମକୁ ଚାଲିଯାଇ ଥିଲେ, (ମାର୍କ ୧:୨୧, ୨୯)।

B. ପିତରଙ୍କର ପିତାଙ୍କ ନାମ ଯୂନସ, (ମାଥିଉ ୧୬:୧୭), କିମ୍ବା ଯୋହନ (ଯୋହନ ୧:୪୨; ୨୧:୧୫-୧୭)।

C. ତାହାଙ୍କୁ ଶିମୋନ ବୋଲି ନାମ ପ୍ରଦାନ କରାଯାଇ ଥିଲା, (ମାର୍କ ୧:୧୬, ୨୯, ୩୦, ୩୬), ଯାହା ପାଲେଷ୍ଟାଇନରେ ସେହି ପ୍ରାଚୀନ କାଳରେ ଅତି ସାଧାରଣ ଥିଲା। ଏହା ଯିହୁଦୀୟ ମୁଳ ଶବ୍ଦରୁ ଆନୀତ, ଶୀମୋନ (ପ୍ରେରିତ ୧୫:୧୪; ୨ୟ ପିତର୧:୧), ଯାହା ଇଶ୍ରାଏଲର ବାର ଗୋଷ୍ଠି ମଧ୍ୟରୁ ଗୋଟିଏ ଥିଲା, (ଆଦିପୁସ୍ତକ ୨୯:୩୩; ଯାତ୍ରା ପୁସ୍ତକ ୧:୧)।

ଯୀଶୁ ତାହାଙ୍କୁ ପିତର ଭାବରେ ନାମ ପ୍ରଦାନ କରିଥିଲେ, (*Petros,* ଯାହାର ଅର୍ଥ "ପଥର", ଯାହା ତାହାଙ୍କର ଶକ୍ତି ଓ ସ୍ଥାୟିତ୍ୱକୁ ବୁଝାଏ), ମାଥିଉ ୧୬:୧୮; ମାର୍କ ୩:୧୬; ଲୁକ ୬:୧୪ ଓ ଯୋହନ ୧:୪୨। *Cephas,* ଏହାର ଆରମିକ ଶବ୍ଦ, (ଯୋହନ ୧:୪; ୧ମ କରିନ୍ଥୀୟ ୧:୧୨; ୩:୨୨; ୯:୫; ୧୫:୫; ଗାଲାତୀୟ ୧:୧୮; ୨:୯, ୧୧, ୧୪)। ଏନେକ ସମୟରେ ଏହି ଦୁଇ ନାମ ଏକତ୍ର ଆସିଥାଏ, (ମାଥିଉ ୧୬:୧୬; ଲୁକ ୫:୮; ଯୋହନ ୧:୪୦; ୬:୮, ୬୮; ୧୩:୬,୯, ୨୪, ୩୬; ୧୮:୧୦, ୧୫, ୨୫; ୨୦; ୨, ୬, ୨୧; ୨-୩, ୭, ୧୧, ୧୫)।

D. ପିତରଙ୍କ ଭାଇଙ୍କ ନାମ ଆନ୍ଦ୍ରିୟ, (ମାର୍କ ୧:୧୬)। ସେ ଯୋହନଙ୍କର ଜଣେ ଶିଷ୍ୟ ଥିଲେ, (ଯୋହନ ୧:୩୫, ୪୦) ଓ ପରେ ସେ ଯୀଶୁଙ୍କୁ ବିଶ୍ୱାସ କରିଥିଲେ (ଯୋହନ ୧:୪୧)। ପରେ ଯୀଶୁ ତାହାଙ୍କୁ ଗାଲିଲୀୟ ନଦୀରେ ଡାକି ସମ୍ପୁର୍ଣ୍ଣ ଶିଷ୍ୟ ଭାବରେ ଗ୍ରହଣ କରିଥିଲେ, (ମାଥିଉ ୪:୧୮-୨୦; ମାର୍କ ୧:୧୬-୧୮; ଓ ଲୁକ ୫:୧-୧୧)।

E. ସେ ବିବାହିତ ଥିଲେ (ମାର୍କ ୧:୩୦; ୧ମ କରିନ୍ଥୀୟ ୯:୫), କିନ୍ତୁ ତାହାଙ୍କର ସନ୍ତାନ ଥିବାର କୈଣସି ସୂଚନା ନାହିଁ।

II. ତାହାଙ୍କର କାର୍ଯ୍ୟ

A. ପିତରଙ୍କ ପରିବାର ଅନେକ ମାଛ ଧରା ଡଂଗା ଓ ଦାସ ମାନଙ୍କୁ ରଖିଥିଲେ।

B. ହୁଏତ ପିତରଙ୍କ ପରିବାର ଯାକୁବଙ୍କ ସହିତ ଭାଗୀଦାର ଥିଲେ, ଯୋହନ ଓ ତାହାଙ୍କର ପିତା ଯେବଦି, (ଲୁକ ୫:୧୦)

C. ଯିଶୁଙ୍କର ମୃତ୍ୟୁ ପରେ ପିତର ମତ୍ସ୍ୟ ଜୀବିକା ନିମନ୍ତେ ଫେରିଯାଇ ଥିଲେ।

III. ତାହାଙ୍କର ବ୍ୟକ୍ତିତ୍ୱ

A. ପିତରଙ୍କର ଶକ୍ତି

1. ସେ ଜଣେ ଦୃଢ ବିଶ୍ୱାସୀ ଥିଲେ କିନ୍ତୁ, ସେ କିଛି ମାତ୍ରାରେ ଆବେଗପ୍ରବଣ ବ୍ୟକ୍ତି ଥିଲେ, (ମାର୍କ ୯:୫; ଯୋହନ ୧୩:୪-୧୧)
2. ସେ ବୃଶ୍ୱାସର କାର୍ଯ୍ୟ କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁଅନେକ ସମୟରେ ସେ ବିଫଳ ହେଉଥିଲେ, (ପାଣିରେ ଚାଲିବା, ମାଥିଉ ୧୪:୨୮-୩୧)
3. ସେ ଜଣେ ସାହାସୀ ବ୍ୟକ୍ତି ଏବଂ ସେ ମୃତ୍ୟୁକୁ ସୁଧା ଭୟ କରୁନଥିଲେ, (ମାଥିଉ ୨୬:୫୧-୫୨; ମାର୍କ ୧୪:୪୭; ଲୁକ ୨୨:୪୯-୫୧; ଯୋହନ ୧୮:୧୦-୧୧)
4. ଯୀଶୁଙ୍କର ପୁନରୁଥାନ ପରେ ଯୀଶୁ ତାହାଙ୍କୁ ବ୍ୟକ୍ତିଗତ ଭାବେ ଏକ ଅବିଶ୍ୱାସି ଭାବେ କହିଥିଲେ, କିନ୍ତୁ ଏହା ତାହାଙ୍କର ନିମନ୍ତେ ଯୀଶୁଙ୍କ ଦ୍ୱାରା ମନ ଫେରଣର ଏକ ରାସ୍ତା ଥିଲା ଯୋହନ ୨୧, ଓ ତାହାଙ୍କୁ ପୁନଃସ୍ଥାପନ କରାଯାଇ ଥିଲା।

B. ପିତରଙ୍କର ଦୁର୍ବଳତା

1. ତାହାଙ୍କ ପାଖରେ ଯୀହୁଦୀ ଜାତି ଭଳି ନିୟମର କଠୋରତା ମନ ଭାବ ରହିଥିଲା

a. ବିଜାତୀୟ ମାନକଂ ସହିତ ଭୋଜନ କରିବା, (ଗାଲାତୀୟ ୨:୧୧-୨୧)
b. ଖାଦ୍ୟର ନିୟମ, (ପ୍ରେରିତ ୧୦:୯-୧୬)

2. ସେ ଅନ୍ୟ ସମସ୍ତ ଶିଷ୍ୟ ମାନକଂ ସଦୃଶ୍ୟ ଜଣେ ଥିଲେ, ଯୋଉମାନେ, ଯୀଶୁକୁଂ ଭଲ ଭାବରେ ଜାଣିପାରି ନ ଥିଲେ,
   a. ମାର୍କ ୯:୫-୬
   b. ଯୋହନ ୧୩:୬-୧୧; ୧୮:୧୦-୧୧
3. ସେ ବ୍ୟକ୍ତିଗତ ଭାନେ ଓ ଯୀଶୁକଂ ଦ୍ୱାରା ଉତ୍ସାହିତ ହୋଇଥିଲେ, (ମାର୍କ ୮:୩୩; ମାଥିଉ ୧୬:୨୩)
4. ଗେତ୍ସମନୀ ବଗିଚାରେ ଯୀଶୁକଂର ଅତି ଜରୁରୀ ସମୟରେ ସେ ପ୍ରାର୍ଥନାରେ ନିବିଷ୍ଟ ନ ରହି, ଶୋଇ ପଡିଥିଲେ, (ମାର୍କ ୧୪:୩୨-୪୨; ମାଥିଉ ୨୬:୩୬-୪୬; ଲୁକ ୨୨: ୪୦-୬୦)
5. ସେ ଯୀଶୁକୁଂ ବାରମ୍ବାର ଅସ୍ୱୀକାର କରିଥିଲେ, (ମାର୍କ ୧୪:୬୬-୭୨; ମାଥିଉ ୨୬:୬୯-୭୫; ଲୁକ ୨୨:୫୬-୬୨; ଯୋହନ ୧୮:୧୬-୧୮, ୨୫-୨୭)

IV. ଶିଷ୍ୟ ମାନକଂ ମଧ୍ୟରେ ତାହାକଂର ନେତୃତ୍ୱ

A. ଚାରିପ୍ରକାରର ପ୍ରେରିତ ମାନେ ରହିଅଛନ୍ତି, (ମାଥିଉ ୧୦:୨-୪, ମାର୍କ ୩:୧୬-୧୯; ଲୁକ ୬:୧୪-୧୬; ପ୍ରେରିତ ୧:୧୩)। ପିତର ସବୁ ସମୟରେ ପ୍ରଥମ ସ୍ଥାନରେ ରୁହନ୍ତି। ଏହି ବାର ଜଣ ଶିଷ୍ୟ ତିନି ଭାଗରେ ବିଭକ୍ତ ହୋଇଥିଲେ, ହୁଏତ ଏହା ତାହାକଂର ସୁସମାଚାର କାର୍ଯ୍ୟ ନିମନ୍ତେ ଫଳ ପ୍ରଦ ଥିଲା

B. ପିତର ଶିଷ୍ୟ ମାନକଂର ମତକୁ ପ୍ରକାଶ କରୁଥିଲେ, (ମାଥିଉ ୧୬:୧୩-୨୦; ମାର୍କ ୮:୨୭-୩୦; ଲୁକ ୯:୧୮-୨୧)। ଶିଷ୍ୟ ମାନକଂ ମଧ୍ୟରେ ପିତରକଂର ଅଧିକାରକୁ ବୁଝାଏ, (ମାଥିଉ ୧୬:୧୮)। କିନ୍ତୁ ଏହି ଅଧ୍ୟାୟ ମଧ୍ୟରେ ଶୟତାନ ଦ୍ୱାରା ବ୍ୟବହୃତ ନ ହେବା ନିମନ୍ତେ ସେ ଯୀଶୁକଂ ଦ୍ୱାରା ଚେତନା ସୁଧା ପାଇଥିଲେ, (ମାଥିଉ ୧୬:୨୩, ମାର୍କ ୮:୩୩)

   ପୁଣି, ଯେତେବେଳେ ଶିଷ୍ୟମାନେ, ସବୁଠାରୁ ମହାନ କିଏ ବୋଲି ତର୍କ ବିତର୍କ କରୁଥିଲେ, ସେହିସମୟରେ ସେ କିଛି କହି ନଥିଲେ, (ମାଥିଉ ୨୦:୨୦-୨୮, ମୁଖ୍ୟତ ୨୪; ମାର୍କ ୯:୩୩-୩୭; ୧୦:୩୫-୪୫)

C. ପିତର ଯେରୁଶାଲେମ ମଣ୍ଡଳୀର ଜଣେ ନେତା ନ ଥିଲେ, ଯାକୁବ, ଯୀଶୁକଂର ଭ୍ରାତା ଥିଲେ, (ପ୍ରେରିତ ୧୨:୧୭; ୧୫:୧୩; ୨୧:୧୮; ୧ମ କରିନ୍ଥିୟ ୧୫:୭; ଗାଲାତୀୟ ୧:୧୯; ୨:୯, ୧୨)

V. ଯୀଶୁକଂର ପୁନଃରୁଥାନ ପରେ ପିତରକଂର ସେବା କାର୍ଯ୍ୟ

A. ପ୍ରେରିତ ପୁସ୍ତକର ପ୍ରାରମ୍ଭରେ, ପିତରକଂର ନେତୃତ୍ୱ ସ୍ପଷ୍ଟଭାବରେ ଦେଖାଯାଏ
   1. ସେ ଯିହୁଦାକଂର ସ୍ଥାନକୁ ପୂରଣ କରିବାରେ ଶିଷ୍ୟ ମାନକୁଂ ପରିଚାଳନା କରିଥିଲେ, (ପ୍ରେରିତ ୧:୧୫-୨୬)
   2. ସେ ପେଣ୍ଟିକଷ୍ଟରେ ପ୍ରଥମ ଶିକ୍ଷା ଦେଇଥିଲେ, (ପ୍ରେରିତ ୨)
   3. ସେ ଖଂଜ ବ୍ୟକ୍ତିକୁଂ ସୁସ୍ଥ କରିଥିଲେ ଓ ଦ୍ୱୀତିୟ ଶିକ୍ଷା ପ୍ରଦାନ କରିଥିଲେ, (ପ୍ରେରିତ ୩:୧-୧୦; ୩:୧୧)
   4. ସେ ଅଧକ୍ଷ ମାନକଂ ସମ୍ମୁଖରେ ଦୃଢ ଭାବରେ କଥା କହିଥିଲେ, ପ୍ରେରିତ ୪
   5. ହନାନିୟ ଓ ସଫିରାକୁଂ ସେ ମଣ୍ଡଳୀ ତରଫରୁ ଶାସନ କରିଥିଲେ, ପ୍ରେରିତ ୫
   6. ସେ ଯେରୁଶାଲେମ ପରିଷଦରେ କହିଥିଲେ, ପ୍ରେରିତ ୧୫:୭-୧୧
   7. ପ୍ରେରିତ ପୁସ୍ତକରେ ଅନେକ ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ଘଟଣା ତାହାକୁଂ ଦର୍ଶାଏ

B. ପିତର ଅନେକ ସମୟରେ ସୁସମାଚାରକୁ ବାସ୍ତବ ରୂପ ଦେଇପାରି ନ ଥିଲେ,
   1. ତାହାକଂର ଠାରେ ପୁରାତନ ନିୟମର ଚିନ୍ତାଧାରା ଅଧିକ ଥିଲା, (ଗାଲାତୀୟ ୨:୧୧-୧୪)
   2. ସେ କର୍ଣଲିୟ ଓ ଅନ୍ୟ ବିଜାତୀୟ ମାନକୁଂ ଗ୍ରହଣ କରିବା ନିମନ୍ତେ ଏକ ବ୍ୟକ୍ତିଗତ ଆଶ୍ଚର୍ଯ୍ୟ କାର୍ଯ୍ୟର ସାହଯ୍ୟ କାମନା କରିଥିଲେ, (ପ୍ରେରିତ ୧୦)

VI. ନିରବର ବର୍ଷ

A. ଯେରୁଶାଲେମ ପରିଷଦ ପ୍ରେରିତ ୧୫, ପରେ ପିତରକଂର ଅତ୍ୟଧିକ ସୂଚନା ମିଳିନ ଥାଏ
   1. ଗାଲାତୀୟ ୧:୮
   2. ଗାଲାତୀୟ ୨:୭-୨୧

3. ୧ମ କରିନ୍ଥୀୟ ୧:୧୨; ୩:୨୨; ୯:୫; ୧୫:୫

B. ପ୍ରାଚୀନ ମଣ୍ଡଳୀର ନିତି ନିୟମ

1. କ୍ଲେମେଣ୍ଟର ରୋମ, ତାହାଙ୍କର କରିନ୍ଥୀୟଙ୍କୁ ନିକଟକୁ ଲିଖିତ ପତ୍ରରେ ଖ୍ରୀ ଅ ୯୫ରେ, ପିତର ରୋମରେ ମୃତ୍ୟୁ ବରଣ କରିଥିଲେ ବୋଲି କୁହନ୍ତି।
2. ଟେର୍ଟୁଲିଆନ (ଖ୍ରୀ ଅ ୧୫୦-୨୨୨), ସେ ମଧ୍ୟ ନିରୋଙ୍କ (ଖ୍ରୀ ଅ ୫୪-୬୮) ଦ୍ୱାରା ପିତର୍ଙ୍କର ମୃତ୍ୟୁ ହୋଇଥିଲା ବୋଲି କୁହନ୍ତି।
3. ଆଲେକଜ୍ୟାଣ୍ଡେର କ୍ଲେମେଣ୍ଟ (ଖ୍ରୀ ଅ ୨୦୦), ପିତର ରୋମରେ ମୃତ୍ୟୁ ବରଣ କରିଥିଲେ ବୋଲି କୁହନ୍ତି।
4. ଓରିଜୀନ (ଖ୍ରୀ ଅ ୨୫୨), ପିତର କ୍ରୁଶରେ ମୁଣ୍ଡ ତଳକୁ କରି ମୃତ୍ୟୁ ବରଣ କରିଥିଲେ ବୋଲି କୁହନ୍ତି।

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ।

1. ପୂର୍ବଜ୍ଞାନ, ୧:୨
2. "ତାହାଙ୍କ ରକ୍ତ ଦ୍ୱାରା ସିଚିଂତ," ୧:୨
3. "ପୁନର୍ଜନ୍ମ," ୧:୩
4. "ନାନା ପରୀକ୍ଷା," ୧:୬
5. "ପରିକ୍ଷାସିଦ୍ଧ ବିଶ୍ୱାସ," ୧:୭
6. "ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶନ," ୧:୭,୧୩
7. ଆତ୍ମା, ୧:୯
8. "ନିଖୁନ୍ତ ଓ ନିଷ୍କଳଙ୍କ ମେଶଷାବକ," ୧:୧୯
9. "ସେ ଜଗତର ପତ୍ତନ ପୂର୍ବରୁ ନିରୁପିତ," ୧:୨୦
10. "ଜୀବନ୍ତ ଓ ଚୀରସ୍ଥାୟୀ ବାକ୍ୟ," ୧:୨୩
11. "ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ," ୨:୨
12. "ଜୀବନ୍ତ ପ୍ରସ୍ତର," ୨:୪
13. "ପବିତ୍ର ଯାଜକ ବର୍ଗ," ୨:୫
14. କୋଣର ପ୍ରଧାନ ପ୍ରସ୍ତର, ୨:୬
15. "ବିଘ୍ନଜନକ ପାଷାଣ," ୨:୮
16. ବଶୀଭୁତ, ୨:୧୩
17. "ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବିତ," ୨:୨୪
18. "ତାହାଙ୍କ ପ୍ରହାରରେ ଆମେ ସୁସ୍ଥ ହୋଇଅଛୁ," ୨:୨୪
19. କୋମଳ ହୃଦୟ, ୩:୮
20. ପ୍ରତ୍ୟୁତର, ୩:୧୫
21. "ବାପ୍ତିସ୍ମ ବର୍ତମାନ ତୁମକୁ ଉଦ୍ଧାର କରୁଅଛି," ୩:୨୧
22. ପରୀକ୍ଷା, ୪:୧୨
23. "ପ୍ରତିରୋଧ କର," ୫:୯

VIII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. "ପବିତ୍ର,"୧:୧୫
2. "ତୁମ୍ଭମାନଙ୍କର ଆତ୍ମାର ପାଳକ ଓ ଅଧକ୍ଷ," ୨:୨୫
3. ପ୍ରାଚୀନମାନେ, ୫:୧
4. ପ୍ରଧାନ ପାଳକ, ୫:୪
5. ସିଲ୍ୱାନ, ୫:୧୨
6. ମାର୍କ, ୫:୧୩

IX. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ପନ୍ତ, ୧:୧
2. ଗାଲାତୀୟ, ୧:୧
3. କାପପାଦକୀଆ, ୧:୧
4. ଏସିଆ, ୧:୧
5. ବୀଥୁନୀଆ, ୧:୧
6. ସିୟୋନ, ୨:୬
7. ବାବିଲୋନ, ୫:୧୩

X. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ବୀଶ୍ୱାସି ମାନକଂର ଅଧିକାରକୁ ବର୍ଣନା କର, (୧:୪-୫)
2. ୧:୧୧କୁ ନିଜ ଭାଷାରେ ବୁଝାଇ ଦିଅ
3. ଦୁତମାନେ କଣ ଜାଣିବାକୁ ଇଛା କରନ୍ତି? (୧:୧୨)
4. କି ପ୍ରକାରେ ଖ୍ରୀଷ୍ଟୀୟାନ ମାନେ ୧:୧୬କୁ ପାଳନ କରିବା ଆବଶ୍ୟକ?
5. ପରିତ୍ରାଣରେ କି ପ୍ରକାରେ ବୃଦ୍ଧି ହୋଇପାରିବ? (୨:୨)
6. ୨:୫ ଓ ୯ କନ ପାଇ ଗୁରୁତ୍ୱପୁର୍ଣ ଅଟେ?
7. ୨:୧୬ କିଭଳି ଭାବରେ ରୋମିୟ ୧୪ ସହିତ ଜଡିତ?
8. ୩:୩ ଏହା କି ପ୍ରକାରେ ଆଜି ଉପଯୋଗି ଅଟେ?
9. ସ୍ତ୍ରୀ ସହିତ ଆମ୍ଭର ସମ୍ପର୍କ ଆମ ପ୍ରାର୍ଥନା ଜୀବନକୁ ବାଧାପ୍ରାପ୍ତ କରିପାରେ କି? (୩:୭)
10. ବନ୍ଦୀଆତ୍ମା ମାନକଂ ଠାରେ ପ୍ରଚାର କରିବା ନିମନ୍ତେ, ଯୀଶୁ କେଉଠାକୁ ଯାଇଥିଲେ? (୩:୧୯)
11. ୩:୨୨ କୁ ଜ୍ଞାନ ସମ୍ବନ୍ଧିୟ ଶିକ୍ଷାଦ୍ୱାରା ବୁଝାଇ ଦିଅ
12. ୧ମ ପିତରକଂର ସାଧାରଣ ଉଦ୍ଦେଶ୍ୟ କଣ?

# ପିତରଙ୍କର ଦ୍ୱିତିୟ ପୁସ୍ତକର ସଂକ୍ଷିପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. ଏହି ପ୍ରାରମ୍ଭୀକ ବିବରଣିର ଉଦ୍ଦେଶ୍ୟ ଏହି ପୁସ୍ତକ ସହିତ ଜଡିତ ସମସ୍ୟା କିମ୍ବା ୨ୟ ପିତର ପୁସ୍ତକର ଲେଖକଙ୍କ ବିଷୟରେ ଆଲୋଚନା କରିବାର ନୁହେ, ମୁ ବ୍ୟକ୍ତିଗତ ଭାବେ ଜଣାଇ ଅଛି, ଯେ ପିତରଙ୍କୁ ଏହି ପୁସ୍ତକର ଲେଖକ ଭାବେ ପ୍ରକାଶ କରିବାରେ କୈଣସି ଅସୁବିଧା ନାହି। ତିନିଗୋଟି ଉତ୍ସ ଏହି ବିଷୟରେ ଅତି ସାହାଯ୍ୟକାରି ଅଟେ,

1. ବ୍ରୁସ ଏମ ମେଜ୍ଜେରଙ୍କର ଲେଖା, "Literary Forgeries and Canonical Pseudepigrapha" in *The Journal of the Society of Biblical Literature*, 1972, pp. 3-24.
2. ମାଇକେଲ. ଯେ କ୍ରୁଗେରଙ୍କ ଲେଖା, "The Authenticity of 2 Peter" in *The Journal of the Evangelical Theological Society,* Vol. 42, No. 4, pp. 645-671
3. ଇ. ଏମ. ବି. ଗ୍ରୀନଙ୍କର *2 Peter Reconsidered*, Tyndale Press, 1961. ପୁସ୍ତକ

B. ଯେତେବେଳେ ମୁ ଚିନ୍ତାକରେ କି ପିତରଙ୍କର ୨ୟ ପୁସ୍ତକ ପିତରଙ୍କ ଦ୍ୱାରା ଲେଖାଯାଇ ନାହି, ଅନେକ ଚିନ୍ତା ମୋ ମସ୍ତିସ୍କକୁ ଆସିଥାଏ,

1. ୨ୟ ପିତର ଯେକେହି ଲେଖି ଥିଲେ ସୁଧା ଏହା ମୋହର ମତକୁ ପରିବର୍ତ୍ତନ କରେ ନାହି, ଏହି ବାକ୍ୟ ବୁଝିବାରେ ସମସ୍ୟା ଆଣିପାରେ, କିନ୍ତୁ ଇଶ୍ୱରଙ୍କର ବାକ୍ୟରେ ନୁହେ, ଏହା ବିଶ୍ୱାସ ଓ ସଂରକ୍ଷଣ ଦ୍ୱାରା ଐତିହାସିକ ଭାବରେ ରଖାଯାଇ ଅଛି।
2. ଅନ୍ୟଏକ ଛଦ୍ମନାମ ନିମନ୍ତେ ମୁ କୈଣସି ପ୍ରକାରେ ଚିନ୍ତା କରିବା ଆବଶ୍ୟକ ନୁହେ, ପ୍ରାଚୀନ ଗ୍ରୀକ ଓ ରୋମିୟ ସମୟରେ ଏହି ପ୍ରକାର ପ୍ରଥା ଚାଲୁ ରହିଅଛି, (Metzger's article)।
3. ମୁ କଣ ମୋହର ନିଜ ନିମନ୍ତେ ମୁ ତାହାକୁ ଗ୍ରହଣ କରୁନାହି, ମୁ କଣ ସମସ୍ତ ପ୍ରକାରର ଐତିହାସିକ ଓ ଲିପି ସବୁକୁ ଠିକ ଭାବରେ ବୁଝିପାରିଛି? ମୋତେ କଣ ରିତିନିତି ବାନ୍ଧି ରଖିଅଛି?
4. ପ୍ରାଚୀନ ମଣ୍ଡଳୀ ଏହି ପୁସ୍ତକର ଲେଖକଙ୍କ ଉପରେ ପ୍ରଶ୍ନ ଉଠାଇ ଥିଲେ, ଏହି ପୁସ୍ତକର ଶିକ୍ଷା ଉପରେ ନୁହେ (ସିରିଆ ମଣ୍ଡଳୀ ବ୍ୟତିତ)। ଏହା ଏକ ପୁରୁଣା ଶିକ୍ଷା ଯାହା ନୁତନ ନିୟମରେ ଦେଖିବାକୁ ମିଳେ, ବିଶେଷତଃ ପ୍ରେରିତ ପୁସ୍ତକରେ ପିତରଙ୍କର ଶିକ୍ଷା ଠାରୁ।

C. ଇଶୁବିଅସ ତିନି ପ୍ରକାରର ଖ୍ରୀଷ୍ଟିୟ ଲେଖାକୁ ବର୍ଣନା କରନ୍ତି

4. ଗ୍ରହଣିୟ
5. ବିବାଦିୟ
6. ନକଲି

ସେ ୨ୟ ପିତର, ଯାକୁବ, ଯିହୁଦା, ୨ୟ ଯୋହନ ଓ ୩ୟ ଯୋହନଙ୍କୁ ୨ୟ ଶ୍ରେଣିର (ବିବାଦିୟ) ବିଭାଗରେ ରଖିଛନ୍ତି। ଇଶୁବିଅସ ୧ମ ପିତରଙ୍କୁ ଗ୍ରହଣ କରିଥିଲେ, କିନ୍ତୁ ୨ୟ ପିତର ପୁସ୍ତକକୁ ନୁହେ, ପୁଣି ସେ ପିତରଙ୍କର ଅନ୍ୟ ଲେଖା ସବୁକୁ, (୧) ପିତରଙ୍କର କାର୍ଯ୍ୟ, (୨) ପିତରଙ୍କର ସୁସମାଚାର, (୩) ପିତରଙ୍କର ପ୍ରଚାର ବା ଶିକ୍ଷା, ଏବଂ (4) ପିତରଙ୍କର ଶେଷ ସମୟର ବାକ୍ୟକୁ ସେ ପରିତ୍ୟାଗ କରିଥିଲେ।

II. ଲେଖକ।

A. ପ୍ରାଚୀନ ରୀତିନୀତି ଅନୁସାରେ, ଏହା ଅତି ବିବାଦଯୁକ୍ତ ପୁସ୍ତକ ଅଟେ,

B. ଏହି ପୁସ୍ତକର ଆଭ୍ୟନ୍ତରିଣ (ଲେଖାଶୈଳୀ ଓ ଅନ୍ତର୍ଗତ ଶିକ୍ଷା) ଓ ବାହ୍ୟିକ (ବିଳମ୍ବରେ ଗ୍ରହଣ କରିବା) ସାକ୍ଷ୍ୟ ଏହି ପୁସ୍ତକର ସନ୍ଦେହର କାରଣ ଅଟେ,

1. ବାହ୍ୟିକ କାରଣ
   a. ଏହା ମାର୍ସିଆନଙ୍କ (ଖ୍ରୀ ଅ ୧୪୫) ଓ ମୁରାରିଅନ ଲେଖା (ଖ୍ରୀ ଅ ୧୭୦) ପୁସ୍ତକର ଅନ୍ତର୍ଭୁକ୍ତ ନୁହେ,
   b. ଏହା ତୃତିୟ ଶତାବ୍ଦିର ବୋଡାମିରଙ୍କର ଲେଖାରେ $P^{72}$ ଦେଖିବାକୁ ମିଳେ,
   c. ତୃତିୟ ଶତାବ୍ଦିର (ଓରିଜିନ ଓ ମେଥୋଡିଓସ) ପ୍ରାଚୀନ ମଣ୍ଡଳୀର ଲେଖକ ମାନଙ୍କ ଦ୍ୱାରା ସିଧା ସଳଖ ଭାବରେ ଉଦ୍ଧୃତ କରାଯାଇ ନାହି,
   d. ଖ୍ରୀ ଅ ୩୯7 ପର୍ଯ୍ୟନ୍ତ ଏହା କାର୍ଥାଯେ ପରିଷଦରେ ଗ୍ରହଣିୟ ହୋଇନଥିଲା, କିନ୍ତୁ ପରେ ଆଥେନସିଅସଙ୍କ ପତ୍ରକୁ ଏହା ଖ୍ରୀ ଅ ୩୬୭ରେ ଅନୁଗମନ କରିଥିଲା। ଏହା ଷୋହଳ ଶତାବ୍ଦି ପର୍ଯ୍ୟନ୍ତ ପୁର୍ବୀୟ ମଣ୍ଡଳୀରେ ଗ୍ରହଣିୟ ହୋଇନଥିଲା।
   e. ଏହା ସିରିଆର (Peshita), ଅନୁବାଦରେ ଦେଖାଯାଇ ନ ଥିଲା।

f. ଖ୍ରୀ ଅ ୩୨୫ରେ ଇଶୁବିଅସଙ୍କ ଲେଖାରେ (*Ecclesiastical History* 3:25:3), ଏହି ପୁସ୍ତକକୁ ବିବାଦୀୟ ପୁସ୍ତକ ମାନଙ୍କ ମଧ୍ୟରେ ଏହାକୁ ରଖିଥିଲେ, (୨ୟ ପିତର, ଯିହୁଦା, ଯାକୁବ, ୨ୟ ଯୋହନ ଓ ୩ୟ ଯୋହନ)

2. ଆଭ୍ୟାନ୍ତରିଣ କାରଣ

a. ଏହାର ଲେଖା ଶୈଳୀ ୧ମ ପିତର ଠାରୁ ଅତି ଭିନ୍ନ ଅଟେ, (ଜେରୋମ କୁହନ୍ତି, ୧ମ ଓ ୨ୟ ପିତର ମଧ୍ୟରେ ବ୍ୟାକରଣ ଜନିତ ଲେଖା ଶୈଳୀରେ ଭିନ୍ନତା ରହିଅଛି, ତେଣୁ ଏହାକୁ ସେ ଏକ ଭିନ୍ନ ବୋଲି କହିଅଛନ୍ତି )

b. ୨ୟ ପିତର ପ୍ରାଚୀନ ଏସିଆ ମାଇନରର ପୁସ୍ତକ "ଆସିଆନିଶମ" ସଦୃଶ୍ୟ ବୋଲି ଜଣାଯାଏ ।

c. ବଳକା ସ୍ୱୀକୃତି ପ୍ରାପ୍ତ ପୁସ୍ତକରୁ ନିଆ ଯାଇଥିବା ଲେଖା ସକାଶୁ ଏହି ପୁସ୍ତକରେ ସମସ୍ୟା ଦେଖାଯାଏ, କିନ୍ତୁ ୧ମ ପିତର ୧ମ ଇନୋକ ପୁସ୍ତକରୁ କିଛି ଅଂଶ ଉଦ୍ଧାର କରିବାର ଦେଖିବାକୁ ମିଳେ ।

d. ୨ୟ ପିତର ଓ ଯିହୁଦା ପୁସ୍ତକ ମଧ୍ୟରେ କିଛି ସମ୍ପର୍କ ରହିଅଛି (୨ୟ ପିତର 2:୧-୧୮ ଓ ଯିହୁଦା ୪-୧୩ ଏବଂ ୨ୟ ପିତର ୩:୧-୩ ଓ ଯିହୁଦା ୧୭-୧୮), କିଏ କାହାଠାରୁ ଲେଖିଅଛନ୍ତି, ତାହା ଅଜଣା ରହିଅଛି ।

e. ଏହି ପୁସ୍ତକ ପିତରଙ୍କ ଦ୍ୱାରା ଲେଖାଯାଇ ଅଛି ବୋଲି ପ୍ରକାଶ କରେ, ପିତର; ୧:୧,୧୪, ୧୬-୧୮; ୩:୧, ୧୫

C. ଲେଖା ଶୈଳୀ

1. ଏହା ପ୍ରାଚୀନ ଶତାବ୍ଦୀର ପ୍ରାସଗିଂକ ଲେଖା ଅଟେ କି?

a. ଏହାର ଆରମ୍ଭ ଓ ଶେଷ ପ୍ରାସଗିଂକ ସଦୃଶ୍ୟ ଅଟେ

b. ଏହା ନିକଟସ୍ତ ମଣ୍ଡଳୀ ସମୁହରେ ଯଥା, ଗାଲାତୀୟ, ଏଫିସୀୟ, ଯାକୁବ ଓ ୧ମ ଯୋହନ ନିକଟକୁ ଭ୍ରମଣକାରି ପତ୍ର ଅଟେ,

c. ଏହା ହୁଏତ ଯିହୁଦୀ ମାନକଂର ଲେଖା "ନିୟମ" ଉପରେ ଆଧାରିତ, ଏହାର ଚରିତ୍ର ସବୁ

(1) ଶେଷ କଥାବାର୍ତା

(a) ଦ୍ୱୀତିୟ ବିବରଣୀ ୩୧-୩୩

(b) ଯିହୋଶିୟ ୨୪

(c) ବାରଜଣ ରାଜ ଗୋଷ୍ଟିକଂର ନିୟମ

(d) ଯୋହନ ୧୩-୧୭

(e) ପ୍ରେରିତ ୨୦:୧୭-୨୮

(2) ନିକଟବର୍ତୀ ମୃତ୍ୟୁର ସମୟ,(୨ୟ ତୀମଥି)

(3) ତାହାକଂର ଶ୍ରୋତା ମାନକୁଂ ପ୍ରଚଳିତ ପ୍ରଥାକୁ ବଜାଇ ରଖିବା ପାଇ ଉପଦେଶ

2. ୨ୟ ପିତର ଓ ଯିହୁଦା ପୁସ୍ତକ ମଧ୍ୟରେ ସମ୍ପର୍କ

a. କେତେକ ପ୍ରକାରର ଲେଖା ଯାହା ନିଶ୍ଚିତ ଭାବରେ ଉଦ୍ଧାର କରାଯାଇ ଅଛି

b. ଅସ୍ୱୀକୃତି ପ୍ରାପ୍ତ ପୁସ୍ତକରୁ ସଂକେତ ଦେଇ ଥିବା ସକାଶୁ ଅନେକେ ଏହି ୨ୟ ପିତର ଓ ଯାକୁବ ପୁସ୍ତକକୁ ଗ୍ରହଣ କରନ୍ତି ନାହି, କିନ୍ତୁ ୧ମ ପିତର ଇନୋକକଂ ପୁସ୍ତକରୁ ସଂକେତ ଦିଅନ୍ତି ଓ ପାଉଲ ଗ୍ରୀକ ପଦ୍ୟରୁ ଏହାକୁ ଉଦ୍ଧୃତ କରିଅଛନ୍ତି ।

3. ଏହି ପୁସ୍ତକ ପ୍ରେରିତ ପିତରଙ୍କ ଠାରୁ ବୋଲି ଦାବି କରେ

a. ତାହାକଂର ନାମ, ୧:୧, ତାହାକୁଂ ଶିମୋନ ପିତର ବୋଲି କୁହାଯାଏ, ତାହାକୁଂ ଏହି ନାମ ଯୀଶୁକଂ ଦ୍ୱାରା ପ୍ରଦାନ କରାଯାଇ ଥିଲା (ମାଥିଉ ୧୬) । ଶିମିୟୋନ (ଶିମୋନ ନୁହେ) ଏକ ଅତି ଅସାଧାରଣ ନାମ ଅଟେ, ଏହା ଅନ୍ୟ ସ୍ଥାନ୍ଙ୍କ ନିମନ୍ତେ ଅତି ପରିଚିତ ନ ଥିଲା, ତେଣୁ ପିତର ଓ ଅନ୍ୟ ନାମ ମଧ୍ୟରେ ଏକ ପ୍ରକାରର ଭିନ୍ନତା ରହିଥିଲା ।

b. ସେ ଯୀଶୁକଂର ରୂପାନ୍ତରିତ ଚେହେରା କୁ ସ୍ୱଚକ୍ଷୁରେ ଦେଖିଥିଲେ (ମାଥିଉ ୧୭:୧-୮; ମାର୍କ ୯:୨-୮; ଲୁକ ୯:୨୮-୩୬) ଯାହା ୧:୧୬-୧୭ରେ ଦେଖାଯାଏ ।

c. ସେ ୧ମ ପିତର ପୁସ୍ତକର ଲେଖକ ବୋଲି ନିଜକୁ ଜନାନ୍ତି, (୩:୧)

4. ପରମ୍ପରାଗତ ଶିକ୍ଷା

a. ନୁତନ ନିୟମର ଶିକ୍ଷାର ବିପରିତ ଏହିଠାରେ କୈଣସି ଶିକ୍ଷା ଦେଖାଯାଏ ନାହି,

b. ଏଠାରେ କେତେକ ନୁଆ ବିଷୟ ଦେଖିବାକୁ ମିଳେ (ଅଗ୍ନିଦ୍ୱରା ପୃଥିବିର ଧ୍ୱଂସ ଓ ପାଉଲକଂର ଲିଖିତ ଲେଖା), କିନ୍ତୁ ଏହି ସବୁ ଭୁଲ ଶିକ୍ଷା ନୁହେ ।

ବାହ୍ୟିକ ଚିନ୍ତା

1. ପ୍ରାଚୀନ ଶତାବ୍ଦୀର ଲେଖା ଗୁଡିକୁ ଇଶୁବିଅସ ତିନି ଭାଗରେ ବିଭକ୍ତ କରିଅଛନ୍ତି

a. ଗ୍ରହଣିୟ

b. ବିବାଦପୁର୍ଣ

c. ନକଲି

୨ୟ ପିତର ଓ ଏବ୍ରୀ, ୨ୟ ଓ ୩ୟ ଯୋହନ, ଏହା ସ୍ରୁ ବିବାଦୀୟ ପୁସ୍ତକରେ ବିଭକ୍ତ ଅଟେ

2. ୨ୟ ପିତର ମାର୍ସିଓନକଂର ଲେଖାଖନଣ୍ଡରେ (ଖ୍ରୀ ଅ ୧୫୪) ଆସିନ ଥାଏ, ପୁଣି ମାର୍ସିଓନ ନୂତନ ନିୟମର ଅନେକ ପୁସ୍ତକକୁ ଗ୍ରହଣ କରନ୍ତି ନାହି।
3. ମୁରାରିଅନକଂ (ଖ୍ରୀ ଅ ୧୮୦-୨୦୦) ଲେଖାରେ ୨ୟ ପିତର ଦେଖାଯାଏ ନାହି, ଏହି ତାଲିକା ନଷ୍ଟ ହୋଇଯାଇ ଥିବାର ଜଣାଯାଏ, ପୁଣି ଏହି ତାଲିକାରେ ଏବ୍ରୀ, ଯାକୁବ ଓ ୧ମ ପିତର ଦେଖାଯାଏ ନାହି।
4. ଏହା ପୁର୍ବୀୟ (ସିରିୟାନ) ମଣ୍ଡଳୀ ଦ୍ୱାରା ଅଗ୍ରାହ୍ୟ କରାଯାଇ ଥିଲା
   a. ପେହିଷ୍ଟାରେ ଏହା ଦେଖାଯାଏ ନାହି (ପଚଂମ ଶତାବ୍ଦୀର ପ୍ରାରମ୍ଭରେ)
   b. ଏହା ଫିଲୋକ୍ସୋମୋନିଆରେ (ଖ୍ରୀ ଅ ୫୦୭) ଅନ୍ତର୍ଭୁକ୍ତ ଥିଲା, ଯାହା ଦକ୍ଷିଣ ଆଫ୍ରିକାର ଇରାକ ଓ ହାରକ୍ଲିନ ଅଂଶ (ଖ୍ରୀ ଅ ୬୧୬)
   c. ଖ୍ରୀଷ୍ଟୋମ ଓ ମୋପ୍ସୁଶେଷ୍ଟିଆ (ଆନ୍ତିଓକ୍ଷିଆ ବିଦ୍ୟାଳୟର ଶିକ୍ଷକ) ସେମାନେ ସମସ୍ତ କ୍ୟାଥଲିକ ଲେଖାକୁ ଅଗ୍ରାହ୍ୟ କରିଥିଲେ।
5. ୨ୟ ପିତର " the Gospel of Truth" ଓ "the Apocryphon of John" ରେ ଉଦ୍ଧୃତ କରାଯାଇ ଅଛି, ପୁଣି ନାଗ ହାମ୍ମାଡିକଂର ପୁସ୍ତକ (*The Nag Hammati Gnostic Texts and the Bible* by Andrew K. Helmbold, p. 91), ରେ ସୁଧା ଦେଖାଯାଏ। ଏହିସବୁ ଲେଖା ପ୍ରାଚୀନ ଗ୍ରୀକ ଲେଖାରୁ ଆନୀତ। ଯଦି ୨ୟ ପିତର ଉଦ୍ଧାର କରାଯାଇଅଛି, ତେବେ ଏହା ଦ୍ୱୀତିୟ ଶତାବ୍ଦୀରେ ଲେଖାଯାଇ ନାହି।
6. ଏହା $P^{72}$ ରେ ମିଳିତ ରହିଅଛି ଓ $USB^4$ ରେ ଦ୍ୱୀତିୟ ଓ ତୃତିୟ ଶତବ୍ଦୀରେ ସମଯ ଦିଆଯାଇ ଅଛି।
7. ରୋମର କ୍ଲେମେଣ୍ଟକଂ (ଖ୍ରୀ ଅ ୯୫) ଦ୍ୱାରା ଏହା ଉଦ୍ଧୃତ କରାଯାଇ ଅଛି
   a. ୧ମ କ୍ଲେମେଣ୍ଟ (୯:୨- ୨ୟ ପିତର ୧:୧୭)
   b. ୧ମ କ୍ଲେମେଣ୍ଟ (୨୩:୩- ୨ୟ ପିତର ୩:୪)
   c. ୧ମ କ୍ଲେମେଣ୍ଟ (୩୫:୫- ୨ୟ ପିତର ୨:୨)
8. ଏହା ହୁଏତ ଯଷ୍ଟିନ ମାର୍ଟିରକଂ (ଖ୍ରୀ ଅ ୧୧୫-୧୬୫) *Dialogue with Trypho* 82:1 - II Pet. 2:1 ଦ୍ୱାରା ଉଦ୍ଧୃତ ହୋଇଅଛି, ଏହି ଦୁଇଟି ସ୍ଥାନରେ ଯାହା *pseudoppophetai* ଏହି ଗ୍ରୀକ ଶବ୍ଦ ବ୍ୟବହାର ହୋଇଅଛି।
9. ଇରାନିଅସ (ଖ୍ରୀ ଅ ୧୩୦-୨୦୦), ହୁଏତ ୨ୟ ପିତର ପରୋକ୍ଷ ଭାବରେ ଉଦ୍ଧାର କରାଯାଇ ଅଛି, (ଇଶୁବିଅସକଂ ଦ୍ୱାରା ସେ ଉଦ୍ଧୃତ କରାଯାଇ ଥିଲେ, *His. Eccl.* ୫:୩୨:୨- ୨ୟ ପିତର ୩:୮ ଓ ୩:୧:୧- ୨ୟ ପିତର ୧:୧୫)
10. କ୍ଲେମେଣ୍ଟ ଆଲେକଜ୍ୟାଣ୍ଡର (ଖ୍ରୀ ଅ ୧୫୦-୨୧୫), ସେ ୨ୟ ପିତରର ପ୍ରଥମ ଟିକା (ଯଦିଚ ଏହା ବର୍ତ୍ତମାନ ନୁହେ) ଲେଖିଥିଲେ।
11. ଏହା ଏଥେନସିଓସକଂର ଲେଖାରେ (ଖ୍ରୀ ଅ ୩୬୭) ଦେଖିବାକୁ ମିଳେ, ଯାହା ସ୍ୱୀକୃତି ପ୍ରାପ୍ତ ପୁସ୍ତକର ତାଲିକାରେ ଅଛି,
12. ଲାଓଦିକିଆ (ଖ୍ରୀ ଅ ୩୭୨) ଓ ଓକାର୍ଥେଜ (ଖ୍ରୀ ଅ ୩୯୭) ମଣ୍ଡଳୀର ପରିଷଦରେ ଏହା ଗ୍ରହଣିୟ ହୋଇଥିଲା,
13. ଏହା ଅତି ଗୁରୁତ୍ୱପୁଣ ଯେ ପିତରକଂର ଅନ୍ୟ ଲେଖା (ପିତରକଂର କାର୍ଯ୍ୟ, ପିତର ଓ ଆନ୍ଦ୍ରିୟକଂର କାର୍ଯ୍ୟ, ପିତର ଓ ପାଉଲକଂର କାର୍ଯ୍ୟ, ପିତର ଓ ପାଉଲକଂର ଉଦଯୋଗ, ପିତର ଓ ବାର ଶିଷ୍ୟକଂର କାର୍ଯ୍ୟ, ପିତରକଂର ଶେଷ କାର୍ଯ୍ୟ ଓ ପିତର୍କଂର ପ୍ରଚାର) ସବୁକୁ ସୁଧା ନକଲି ବୋଲି ବିଚାର କରାଯାଇ ଥିଲା।

III. ସମୟ

A. ଏହା ଲେଖକକଂ ଉପରେ ନିର୍ଭର କରେ

B. ଯଦି ଆମ୍ଭେମାନେ ପିତର ବୋଲି ବିଶ୍ୱାସ କରୁ ତେବେ, ଏହା ହୁଏତଃ ପିତରକଂ ମୃତ୍ୟୁର କିଛି ସମୟ ପୁର୍ବେ (୧:୧୪)

C. ପ୍ରାଚୀନ ମଣ୍ଡଳୀର ନିୟମ ଅନୁସାରେ ପିତର ନିରୋକଂ ସମୟରେ ରୋମରେ ମୃତ୍ୟୁ ବରଣ କରିଥିଲେ, ସେ ଖ୍ରୀ ଅ ୬୪ରେ ରୋମରେ ଖ୍ରୀଷ୍ଟିୟାନ ମାନକୁଂ ଅତ୍ୟାଚାର କରିଥିଲେ। ସେ ଖ୍ରୀ ଅ ୬୮ରେ ଆତ୍ମହତ୍ୟା କରିଥିଲେ।

D. ଯଦି ଏହା ତାହାକଂର ଏକ ଶିଷ୍ୟକଂ ଦ୍ୱାରା ଲିଖିତ, ତେବେ ସମୟ ଖ୍ରୀ ଅ ୧୩୦-୧୫୦, ବିଳମ୍ବ ହୋଇପାରେ, କାରଣ ପିତର *Apocalypse of Peter* ଓ *The Gospel of Truth* and *Apocryphon of John*.

E. ମୃତ ସାଗରରୁ ଉଦ୍ଧୃତ ଲେଖାକୁ ଦେଖି ଆମେରିକିୟ ପ୍ରତ୍ନତତ୍ୱ ବିଦ W F Albright, ଏହାକୁ ଖ୍ରୀ ଅ ୮୦ପୁର୍ବରୁ ଲିଖିତ ବୋଲି କୁହନ୍ତି।

IV. ଗ୍ରହଣକାରୀ

A. ଯଦି ୨ୟ ପିତର ୩:୧, ୧ମ ପିତରକୁ ଦର୍ଶାଏ, ତେବେ ଗ୍ରହଣକାରି ମାନେ ସମାନ ଅଟନ୍ତି, (ଦକ୍ଷିଣ ତୁର୍କୀ)

B. ୨ୟ ପିତର ତାଡନା ପ୍ରାପ୍ତ ଲୋକ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ,ଭ୍ରାନ୍ତ ଶିକ୍ଷା ନିମନ୍ତେ ସଚେତନା, ସୁସମାଚାର ନିମନ୍ତେ ଉତ୍ତମ ଜୀବନ ଯାପନ କରିବା ଓ ଦ୍ୱୀତିୟ ଆଗମନର ଅପେକ୍ଷାରେ ରହିବା ପାଇ, ଏହି ପୁସ୍ତକ ଏକ ପ୍ରକାର ଶିକ୍ଷା ଅଟେ।

V. ପ୍ରାଧନ୍ୟତା

A. ଭୁଲ ଶିକ୍ଷା ଓ ଶିକ୍ଷକଙ୍କୁ ଚିହ୍ନି ପାରିବା, ବିଶେଷତଃ ପ୍ରାରର୍ମ୍ଭୀକ ଭୁଲ ଶିକ୍ଷକ ମାନଙ୍କୁ (୨:୧-୨୨; ୩:୧୫-୧୮)

B. ଯୀଶୁଙ୍କର ଦ୍ୱୀତିୟ ଆଗମନର ବିଳମ୍ବ ବିଷୟରେ ଆଲୋଚନା କରିବା, (୩:୩-୪)। ଏହି ସମୟରେ ଭ୍ରାନ୍ତ ଶିକ୍ଷକ ଓ ପାପୀମାନେ ବିଚାରିତ ହେବେ ଓ ଈଶ୍ୱରଙ୍କ ସନ୍ତାନ ମାନେ ଗୌରବାନ୍ବିତ ହେବେ।

VI. ବିଶେଷ ଉପଲକ୍ଷ

A. ୧ମ ପିତର ତାଡନାକୁ ଦର୍ଶାଏ, ୨ୟ ପିତର ଭ୍ରାନ୍ତ ଶିକ୍ଷକ ମାନଙ୍କ ବିଷୟରେ ଶିକ୍ଷା ପ୍ରଦାନ କରିଥାଏ।

B. ଭୁଲ ଶିକ୍ଷାର ସଠିକ ଅନୁମାନ କରାଯାଇ ନ ପାରେ, କିନ୍ତୁ ଏହା ପରସ୍ପର ଯୁକ୍ତିବାଦ ଜନିତ ଶିକ୍ଷା (୨:୧-୨୨; ୩:୧୫-୧୮)। ଏହି ପୁସ୍ତକ ଏହି ପ୍ରକାରର ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ପ୍ରକାରର କୈଶଳର ବାକ୍ୟକୁ ବ୍ୟବହାର କରିଥାଏ, ଏହା ହୁଏତ ସେହି ଭ୍ରାନ୍ତ ଶିକ୍ଷା ଓ ଶିକ୍ଷକ ମାନଙ୍କ ଉପରେ ଏକ ପ୍ରକାର ଜଣାଶୁଣା କୈଶଳର ପ୍ରଭାବ ଅଟେ।

C. ଏହି ପୁସ୍ତକ ୨ୟ ଥେସଲନିକୀୟ ପୁସ୍ତକ ସହିତ ସମାନ ଅଟେ, ଯାହା ଦ୍ୱୀତିୟ ଆଗମନର ବିଳମ୍ବର କାରଣ ଶିକ୍ଷା ପ୍ରଦାନ କରିଥାଏ, ଯୋଉଠାରେ ଈଶ୍ୱରଙ୍କ ପୁତ୍ରମାନେ ଗୌରବାନ୍ବିତ ହେବେ ଓ ଅବିଶ୍ୱାସି ମାନେ ବିଚାରିତ ହେବେ, (୩:୩-୪)। ଏହା ଦେଖିବା ଯୁକ୍ତିଯୁକ୍ତ ଯେ ୧ମ ପିତର ଶେଷ ସମ୍ୟ *apocalupsis* ଯିଶୁ ଖ୍ରୀଷ୍ଟଙ୍କୁ ଦର୍ଶାଇ ଥାଏ, ଯେବେ ୨ୟ ପିତର *parousia* ଦ୍ୱୀତିୟ ଆଗମନକୁକ ବୁଝାଇ ଥାଏ। ଏହା ହୁଏତ ଦୁଇଗୋଟି ଭିନ୍ନ ଉତ୍ସ ବ୍ୟବହାର କରି ଅଛନ୍ତି।

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ।

1. ଦାସ, ୧:୧
2. ଐଶରିକ ଶକ୍ତି, ୧:୩
3. ଧର୍ମପରାୟଣତା, ୧:୩
4. "ଐଶରିକ ସ୍ୱଭାବର ସହଭାଗି,"୧:୪
5. "ଅନନ୍ତ ରାଜ୍ୟ,"୧:୧୧
6. "ଏହି ପାର୍ଥିବ ତମ୍ବୁ ତ୍ୟାଗକରି ବିହିତ ମନେ କରୁଥିବା," ୧:୧୪
7. "ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଗମନ," ୧:୧୬
8. "ଆମ୍ଭେମାନେ ତାହାଙ୍କ ମହିମାର ଚାକ୍ଷୁଷ ସାକ୍ଷୀ ," ୧:୧୬
9. "ଏ ଆମ୍ଭର ପ୍ରିୟ ପୁତ୍ର," ୧:୧୭
10. "ପ୍ରଭାତୀ ତାରା ଉଦୀତ,"୧:୧୯
11. ଭଣ୍ଡ ଭାବବାଦୀ, ୨:୧
12. ଭ୍ରାନ୍ତ ଶିକ୍ଷକ, ୨:୧
13. "ପାପରେ ପତିତ ଦୁତମାନେ,"୨:୪
14. ନର୍କ, (ଅନ୍ଧକାରମୟ ଗହ୍ବର),୨:୪
15. "ଶକ୍ତିର ନିନ୍ଦା," ୨:୧୦
16. "ପରାକ୍ରମି ଦୁତମାନେ ନିନ୍ଦାକରି," ୨:୧୦
17. "ଧାର୍ମିକତାର ମାର୍ଗ," ୨:୨୧
18. "ଈଶ୍ୱରଙ୍କ ଆଗମନ କିପରି ଶିଘ୍ର ଆସିବ," ୩:୧୨
19. "ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ,"୩:୧୩
20. "ନିଷ୍କଳଙ୍କ ଓ ଅନିନ୍ଦନିୟ," ୩:୧୪

VIII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. ନୋହ, ୨:୫
2. ଲୋଟ, ୨:୭
3. ବାଲାମ, ୨:୧୫

IX. ମାନଚିତ୍ରରେ କ୍ଷୁଦ୍ର ଭୂଖଣ୍ଡମାନ ଚିହ୍ନଟ କରଣ- କିଛିନୁହେ

X. ଆଲୋଚନା ମୂଳକ ପ୍ରଶ୍ନ ସମୂହ

1. ୧:୧, ଏହା ଯୀଶୁଙ୍କୁ ଇଶ୍ୱର ବୋଲି ସମ୍ବୋଧନ କରେ କି?
2. ୧:୧୦, ଏହା କି ପ୍ରକାରେ ଇଶ୍ୱରଙ୍କର ସର୍ବଭୌମତ୍ୱ ଓ ମନୁଶ୍ୟର ସ୍ୱଇଚ୍ଛା କୁ ପ୍ରକାଶ କରେ?
3. ଯୀଶୁ କେବେ ପିତରଙ୍କୁ ତାହାଙ୍କର ମୃତ୍ୟୁ ବିଷୟରେ କହିଥିଲେ? (୧:୧୪)
4. ପିତର ଯୀଶୁଙ୍କ ସହିତ ଅତିବାହିତ କରିଥିବା ସମୟର ଏକ ତାଲିକା ୧ମ ଅଧ୍ୟାୟରୁ ପ୍ରସ୍ତୁତ କର
5. ୧:୨0-୨୧, କେଉ ସତ୍ୟତାକୁ ପ୍ରକାଶ କରେ?
6. ୨ୟ ଅଧ୍ୟାୟରୁ ଭ୍ରାନ୍ତ ଶିକ୍ଷକ ମାନଙ୍କର ଏକ ତାଲିକା ପ୍ରସ୍ତୁତ କର
7. "ତ୍ରାଣକର୍ତା ପ୍ରଭୁଙ୍କୁ ଅସ୍ୱୀକାର କରିବା", ୨:୧ରେ କଣ ପାଇ ଅତି କ୍ଳେଶଯୁକ୍ତ ଅଟେ?
8. ୨:୮ କଣ ପାଇ ଏକ ବିସ୍ମୟ ସୂଚକ ଅଟେ?
9. ୨:୨୦ କୁ ନିଜ ଭାଷାରେ ବୁଝାଇ ଦିଅନ୍ତୁ
10. ୩:୪ରେ ଭ୍ରାନ୍ତ ଶିକ୍ଷକ ମାନେ କଣ ଘୋଷଣା କରନ୍ତି?
11. ପୃଥିବୀ ଜଳରୁ ନିର୍ଗତ ବୋଲି କଣ ପାଇ କୁହାଯାଇ ଅଛି? (୩:୫)
12. ୩:୮କୁ କିଭଳି ଭାବରେ ପ୍ରୟୋଗ କରାଯାଇ ପାରିବ?
13. ୩:୯ଖ କି ପ୍ରକାରେ ୧ମ ତୀମଥି ସହିତ ଜଡିତ?
14. ୩:୧୦, ବାଇବଲର ଅନ୍ୟ କେଉ ସ୍ଥାନରେ ଦେଖିବାକୁ ମିଳେ?
15. ପିତରଙ୍କର ପାଉଲଙ୍କ ବିଷୟରେ ଜଣାଇବା କଣ ପାଇ ଅତି ଗୁରୁତ୍ୱପୂର୍ଣ ଅଟେ?
16. ୨ୟ ପିତର ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ କଣ ଅଟେ?

# ଯୋହନଙ୍କଂ ପ୍ରଥମ ପୁସ୍ତକର ସଂକ୍ଷିପ୍ତ ବିବରଣି

## I. ଏହି ପୁସ୍ତକର ଗୁରୁତ୍ୱ

A. ଏହି ଯୋହନ ପୁସ୍ତକ ଏକ ବ୍ୟକ୍ତିଗତ ପତ୍ର ନୁହେ, କିମ୍ବା କୈଣସି ମଣ୍ଡଳୀକୁ ଲେଖାଯାଇ ନାହି, "କିମ୍ବା ଆବେଗ ପୂର୍ଣ ସାମୁହିକ" ଲେଖାସୁଧା ନୁହେ, (ସାମୁହିକ ପତ୍ର)

1. ଏହାର କୈଣସି ପାର୍ମ୍ପାରିକ ପ୍ରରମ୍ଭୀକ ସୁଚନା ନୁହେ, (କାହାଠାରୁ କିମ୍ବା କାହାକୁ ଲେଖାଯାଇ ଅଛି)
2. ଏହାର କୈଣସି ବ୍ୟକ୍ତିଗତ ଶୁଭେଛା କିମ୍ବା ଶେଷ ସମ୍ବାଦ ନୁହେ

B. ଏଠାରେ କୈଣସି ବ୍ୟକ୍ତିକଂର ନାମ ଉଲ୍ଲେଖ କରାଯାଇ ନାହି । ଏହା ପୁସ୍ତକ ଲେଖାର ଏକ ପ୍ରକାରର ଅସାଧାରଣ ପ୍ରକ୍ରିୟା ଅଟେ, ଯାହା ଏଫିସୀୟ ଓ ଯାକୁବ ପୁସ୍ତକରେ ଦେଖାଯାଏ । ନୂତନ ନିୟମରେ କେବଳ ଏବ୍ରୀ ପୁସ୍ତକ ଯାହା ଲେଖକଙ୍କଂ ନାମକୁ ବର୍ଣନା କରେନାହି । କିନ୍ତୁ ଏହା ଏକ ପ୍ରକାର ମଣ୍ଡଳୀକୁ ଲେଖାଯାଇ ଅଛି, ଯାହା ଭିତରେ ଅନେକ ସମସ୍ୟା ଓ ଭ୍ରାନ୍ତ ଶିକ୍ଷକ ମାନେ ରହିଥିଲେ ।

C. ଏହା ଅତି ଶକ୍ତିଶାଳୀ ବାଇବଲ ଭିତିକ ଶିକ୍ଷା ପ୍ରଦାନ କରିଥାଏ,

1. ଏହାର କେନ୍ଦ୍ରବିନ୍ଦୁରେ ଯୀଶୁକୁଂ ଦେଖିବାକୁ ମିଳେ
   a. ସମ୍ପୁର୍ଣ ଇଶ୍ୱରତ୍ୱ ଓ ମନୁଶ୍ୟତ୍ୱ
   b. ଯୀଶୁକଂ ଠାରେ ବିଶ୍ୱାସ କରିବା ଦ୍ୱାରା ଉଦ୍ଧାର ମିଳିଥାଏ, ଏହା କୈଣସି ପ୍ରକାର ରହସ୍ୟ କିମ୍ବା ଲୁକାୟିତ ବୁଦ୍ଧି ନୁହେ, (ଭ୍ରାନ୍ତ ଶିକ୍ଷକ)
2. ଖ୍ରୀଷ୍ଟିୟ ଜୀବନ ଯାପନ କରିବା ନିମନ୍ତେ ଏକ ପ୍ରକାର ଦାବି, (ତିନିଗୋଟି ପରିକ୍ଷା ସତୋଟ୍ଟ ଖ୍ରୀଷ୍ଟିୟାନ ନିମନ୍ତେ)
   a. ଭାତୃ ପ୍ରେମ
   b. ଆଜ୍ଞାଧିନ ହେବା
   c. ପତିତ ପୃଥିବିକୁ ପରିତ୍ୟାଗ
3. ନାଜରିତିୟ ଯୀଶୁକଂ ସାହାଯ୍ୟରେ ଅନନ୍ତ ଜୀବନର ଭରସା ("ଜାଣ" ଯାହା ୨୭ଥର ବ୍ୟବହାର ହୋଇଅଛି)
4. ଭ୍ରାନ୍ତ ଶିକ୍ଷକଙ୍କୁଂ କିଭଳି ଚିହ୍ନିପାରିବେ,

D. ଯୋହନଙ୍କଂ ପତ୍ର (ବିଶେଷତଃ ୧ମ ଯୋହନ) ନୂତନ ନିୟମରେ ସାଧରଣ କୋଇନେ ଗ୍ରୀକ ଅଟେ, ତଥାପି ତାହାଙ୍କଂର ପୁସ୍ତକ ଅତି ଗୁରୁତ୍ୱ ପୁର୍ଣ ଓ ଅନନ୍ତ କାଳୀନ ସତ୍ୟତା ଓ ଯୀଶୁ ଖ୍ରୀଷ୍ଟଙ୍କଂର ଜୀବନି ଉପରେ ଆଧାରିତ ଅଟେ, (ଇଶ୍ୱର ଜ୍ୟୋତି ଅଟନ୍ତି ୧:୫; ଏଶ୍ୱରହି ପ୍ରେମ ଅଟନ୍ତି ୪:୮, ୧୬; ଏଶ୍ୱରହି ଆତ୍ମା ଅଟନ୍ତି ୪:୨୪) ।

E. ଏହା ସମ୍ଭବତଃ ଯୋହନଙ୍କଂ ଲିଖିତ ସୁସମାଚାରର ଏକ ଅଂଶ, କାରଣ ପ୍ରାଚୀନ ମଣ୍ଡଳୀର ଭ୍ରାନ୍ତ ଶିକ୍ଷକ ମାନଙ୍କଂର ଯୋଗୁ ଏହି ପୁସ୍ତକ ଲେଖାଯାଇ ଥିଲା । ଯୋହନଙ୍କଂର ପ୍ରଥମ ପୁସ୍ତକ ସୁସମାଚାର ସମ୍ବନ୍ଧିୟ, ଓ ୧ମ ଯୋହନ ବିଶ୍ୱାସି ମାନଙ୍କୁଂ ଲେଖାଯାଇ ଅଛି ।

ୱେଷ୍ଟକୋଟ କୁହନ୍ତି, ଯୋହନ ପୁସ୍ତକ ଯୀଶୁକଂର ଇଶ୍ୱରତ୍ୱକୁ ଗୁରୁତ୍ୱ ଦେଉଥିବା ସମୟରେ ୧ମ ଯୋହନ ତାହଙ୍କଂର ମନୁଶ୍ୟତ୍ୱ ଉପରେ ଆଲୋଚନା କରିଥାଏ, ଏହି ଦୁଇ ପୁସ୍ତକ ଏକା ସାଥିରେ ଯିବା ଦରକାର ।

F. ଯୋହନ ମୃତ ସାଗରରୁ ଉଦ୍ଧୃତ ଚରିତ୍ର ଓ ଭ୍ରାନ୍ତ ଶିକ୍ଷକ (ଦ୍ୱତବାଦ) ଶିକ୍ଷାରେ ଏହାକୁ ଲେଖିଅଛନ୍ତି । ଏହି ପୁସ୍ତକ ଦ୍ୱତବାଦ ଉପରେ ରଚିତ, (ଆଲୁଅ ଓ ଅନ୍ଧାର), ଓ ଲେଖାଶୈଳି (ଏକ ନାକାରାତ୍ମକ ବାକ୍ୟ ଏକ ସାକାରାତ୍ମକ ବାକ୍ୟକୁ ଅନୁସରଣ କରିଥାଏ) । ଏହା ଯୋହନଙ୍କଂର ସୁସମାଚାର ଠାରୁ ଅଲଗା ଯାହା ଦ୍ୱତବାଦ ପ୍ରକାଶ କରିଥାଏ, (ଉପର ପଦମାନ ଏହା ପ୍ରକାଶ କରେ) ।

G. ଏହି ପୁସ୍ତକର ଚରିତ୍ର ସକାଶୁ ଏହାର ପ୍ରାଥମିକ ଚିଠା ପ୍ରସ୍ତୁତ କରିବା ଅତି କଷ୍ଟକର ହୋଇଥାଏ । ଏହି ପୁସ୍ତକରେ ଅନେକ ବିଷୟକୁ ବାରମ୍ବାର ଆଲୋଚନା କରାଯାଇଅଛି, ଏଣୁ ଏହା ସହଜ ହୋଇନଥାଏ, (Bill Hendricks, *Tapestries of Truth, The Letters of John*) ।

## III. ଲେଖକ ।

A. ୧ମ ଯୋହନ ଓ ସୁସମାଚାର ପୁସ୍ତକ ଯୋହନର ଲେଖକଙ୍କ ଉପରେ ଅନେକ ବିବାଦ ରହିଅଛି, ଯୋହନ ଲିଖିତ ସୁସମାଚାର, ୧ ଯୋହନ, ୨ୟ ଯୋହନ, ୩ୟ ଯୋହନ, ଓ ପ୍ରକାଶିତ ପୁସ୍ତକ

B. ଏଥିପାଇ ଦୁଇଗୋଟି ସ୍ଥିତି ରହିଅଛି,

1. ପାରମ୍ପାରିକ ସ୍ଥିତି

a. ପ୍ରାଚୀନ ମଣ୍ଡଳୀର ନେତା ମାନେ ଏହି ପରମ୍ପରାରେ ସର୍ବ ସମ୍ମତ ଅଟନ୍ତି ଯେ, ପ୍ରିୟ ପ୍ରେରିତ ଶିଷ୍ୟ ଯୋହନ ଏହି ୧ମ ଯୋହନ ପୁସ୍ତକର ଲେଖକ ଅଟନ୍ତି।

b. ପ୍ରାଚୀନ ମଣ୍ଡଳୀର ସାକ୍ଷ୍ୟ

(1) ରୋମର କ୍ଲେମେଣ୍ଟ (ଖ୍ରୀ ଅ ୯୦)ରେ ୧ମ ଯୋହନ ବିଷୟରେ ସଂକେତ ଦେଇଥିଲେ

(2) ସ୍ମର୍ଣାର ପଲିକ୍ରାପ ଫିଲିପି ୭ (ଖ୍ରୀ ଅ ୧୧୦-୧୪୦) ଯୋହନ ପୁସ୍ତକରୁ ଉଦ୍ଧୃତ କରିଥିଲେ

(3) ଜଷ୍ଟିନ ମାର୍ଟିର, ତାହାଙ୍କର କଥାବାର୍ତା ୧୨୩:୯ (ଖ୍ରୀ ଅ ୧୫୦-୧୬୦) ଯୋହନ ପୁସ୍ତକରୁ ଉଦ୍ଧୃତ କରିଥିଲେ

(4) ୧ମ ଯୋହନ ପୁସ୍ତକରୁ ସଂକେତ ମିଳିଥିବା ଲେଖା ସମୂହ

(a) ଆନ୍ତିଓକିଆର ଇଗ୍ନାସିଅ (ତାହାଙ୍କ ଲେଖାର ସମୟ ଅନିଶ୍ଚିତ ଅଟେ, ତଥାପି ଖ୍ରୀ ଅ ୧୦୦ର ପ୍ରାରମ୍ଭ ହୋଇପାରେ)

(b) ପାପିଓସ ହେଇରୋପ୍ଲିସ (ଖ୍ରୀ ଅ ୫୦-୬୦ରେ ଜନ୍ମ ଓ ଖ୍ରୀ ଅ ୧୫୫ରେ ମୃତ୍ୟୁ ବରଣ କରିଥିଲେ)

(5) ଲିଓନ୍ସ ଇରାନିଓସ (ଖ୍ରୀ ଅ ୧୩୦-୨୦୨), ଯୋହନଙ୍କୁ ୧ମ ଯୋହନର ଲେଖକ ବୋଲି କହିଅଛନ୍ତି, ଟେର୍ଟୁଲିଆନ ଯେକି ଭ୍ରାନ୍ତ ଶିକ୍ଷକ ବିରୁଦ୍ଧରେ ୫୦ ଗୋଟି ପୁସ୍ତକ ଲେଖିଅଛନ୍ତି, ସେ ଅନେକ ଥର ୧ମ ଯୋହନରୁ ଉଦ୍ଧାର କରିଥିଲେ

(6) କ୍ଲେମେଣ୍ଟ, ଓରିଜିନ, ଡିନିସିଓସ, ତିନିଗୋଟି ଆଲେକଜ୍ୟାଣ୍ଡର, ମୁରାରି ଲେଖା ଖଣ୍ଡ (ଖ୍ରୀ ଅ ୧୮୦-୨୦୦) ଏବଂ ଇଶୁବିଅସ (ତୃତିୟ ଶତାବ୍ଦୀ), ଏହି ସମସ୍ତ ଲେଖକ ମାନେ ପ୍ରେରିତ ଯୋହନଙ୍କୁ ଏହି ପୁସ୍ତକର ଲେଖକ ବୋଲି କହିଥିଲେ।

(7) ଯେରୋମ (ଚତୁର୍ଥ ଶତାବ୍ଦୀରେ) ଯୋହନଙ୍କୁ ଲେଖକ ଭାବେ ସ୍ୱୀକାର କରିଥିଲେ, କିନ୍ତୁ ତାହାଙ୍କ ସମୟରେ କେତେକ ବ୍ୟକ୍ତି ଏହାକୁ ଅଗ୍ରାହ୍ୟ କରୁଥିଲେ ବୋଲି ସୁଧା ମାନିଥିଲେ।

(8) ଆନ୍ତିଓକିଆର ବିଶପ ଖ୍ରୀ ଅ- ୩୯2-୪୨୮, ସେ ଯୋହନଙ୍କୁ ଏହି ପୁସ୍ତକର ଲେଖକ ଭାବେ ଅଗ୍ରାହ୍ୟ କରିଥିଲେ

c. ଯଦି ଯୋହନ ଏହି ପୁସ୍ତକ୍ର ଲେଖକ ଅଟନ୍ତି, ତେବେ ଆମ୍ଭେମାନେ ତାହାଙ୍କ ବିଷୟରେ କଣ ଯାଣିଅଛୁ?

(1) ସେ ଜେବଦିଙ୍କ ଓ ସଲୋମିଙ୍କ ପୁତ୍ର

(2) ସେ ତାହଙ୍କର ଭାଇ ଯାକୁବଙ୍କ ସହିତ ଗାଲିଲିରେ ମାଛ ଧରୁଥିଲେ, (ସେ ଅନେକ ଡଂଗା ରଖିଥିଲେ)

(3) କେତେକ ଲୋକ ତାହାଙ୍କୁ ଯୀଶୁଙ୍କର ମାତା ମେରୀଙ୍କର ଭଉଣି ବୋଲି କହୁଥିଲେ, (ଯୋହନ ୧୯:୨୫; ମାର୍କ ୧୫:୨୦)

(4) ସେ ଜଣେ ଧନୀ ବ୍ୟକ୍ତି ଥିଲେ, କାରଣ

(a) ତାହାଙ୍କ ଅଧିନରେ ଦାସମାନେ ରହିଥିଲେ, (ମାର୍କ ୧:୨୦)

(b) ତାହାଙ୍କର ଅନେକ ଡଂଗା ଥିଲା

(c) ତାହାଙ୍କର ଏକ ଘର ଯେରୁଶାଲେମରେ ଥିଲା, (ମାଥିଉ ୨୦:୨୦)

(5) ଯୋହନ ଯେରୁଶାଲେମର ପ୍ରଧାନ ଯାଜକଙ୍କର ଘରେ ପରିଚିତ ଥିଲେ, ଯାହ ତାହାଙ୍କର ବ୍ୟକ୍ତିତ୍ୱକୁ ବୁଝାଏ, (ଯୋହନ ୧୮:୧୫-୧୬)

(6) ଯୀଶୁଙ୍କ ମାତା ମରିୟମଙ୍କର ଦାଇତ୍ୱ ଯୋହନ ବହନ କରିଥିଲେ

d. ପରମ୍ପରା ଅନୁସାରେ, ଯୋହନ ସମସ୍ତ ଶିଷ୍ୟମନଙ୍କ ଠାରୁ ଅଧିକ ସମୟ ଜିବିତ ରହିଥିଲେ, ଏବଂ ମରିୟମଙ୍କର ମୃତ୍ୟୁ ପରେ ଏସିଆ ମାଇନରର ଏଫିସିୟରେ ବସତି ସ୍ଥାପନ କରିଥିଲେ। ଏହି ସହରରୁ ସେ ପାମ୍ଯୋସ ଦ୍ୱୀପକୁ ନିଆଯାଇ ଥିଲେ, ପରେ ମୁକ୍ତ ହୋଇ ଏଫିସିୟକୁ ଫେରିଆସିଥିଲେ, (ଇଶୁବିଅସ ପଲିକ୍ରପଙ୍କ ଠାରୁ ଉଦ୍ଧାର କରିଥିଲେ, ଓ ଲେଖା ପତ୍ର ଓ ଇରାନିଅସ)।

2. ଆଧୁନିକ ବିଜ୍ଞମାନଙ୍କର ମତ

a. ଆଧୁନିକ ଯୁଗର ଅନେକ ବିଜ୍ଞ ବ୍ୟକ୍ତିମାନ ଯୋହନଙ୍କ ଲିଖିତ ପତ୍ରଗୁଡିକରେ, ବାକ୍ୟାଶଂ, ଶବ୍ଦ ଓ ବ୍ୟାକରଣ ଜନିତ ସମାନତା ରହିଅଛି ବୋଲି କୁହନ୍ତି। ଏହାର ଏକ ଉତ୍ତମ ଉଦାହରଣ, ବିଭିନ୍ନ ପ୍ରକାରର ଶବ୍ଦରେ ବିପରିତ ଯାହା ଆମେ ଦେଖିବାକୁ ପାଉ। ଜିବନ ଓ ମୃତ୍ୟୁ, ସତ୍ୟତା ସହିତ ମିଛ। ଏହି ଦୁଇ ପ୍ରକାରର ଲେଖା ଶୈଳୀ ଆମ୍ଭେମାନେ ମୃତ ସାଗରରୁ ଉଦ୍ଧୃତ ଲେଖାରେ ଦେଖିବାକୁ ପାଇଥାଉ।

b. ଯୋହନଙ୍କୁ ପାର୍ମ୍ପାରିକ ଭାବରେ ଲେଖକ ଭାବରେ ଦର୍ଶାଯାଇ ଥିବା ପାଚୋଂଗୋଟି ପୁସ୍ତକ୍ର ଅନେକ ସିଦ୍ଧାନ୍ତ ରହିଅଛି। କେତେକ ଶ୍ରେଣୀର ଲୋକମାନେ ଜଣେ ବ୍ୟକ୍ତି, ଦୁଇଜଣ, ତିନିଜଣ ଓ ଅନେକେ ବୋଲି କହିଥାନ୍ତି। କିନ୍ତୁ ଏକ ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଏହା ଯେମ ସମସ୍ତ ଯୋହନଙ୍କ ଲିଖିତ ଚିନ୍ତା ହୁଏତ ଜଣେ ବ୍ୟକ୍ତିଙ୍କର କିମ୍ବା ଯୋହନଙ୍କର ଶିଷ୍ୟମାନଙ୍କର ହୋଇପରେ।

c. ମୁ ବ୍ୟକ୍ତିଗତ ଭାବରେ ବିଶ୍ୱାସ କରେ କି, ଯୋହନ ଏହି ପାଚୋଂଗୋଟି ପୁସ୍ତକ ଏଫିସିୟରେ ସେବା କାର୍ଯ୍ୟ କରିବା ସମୟରେ, ତାହାଙ୍କର ଜୀବନର ଶେଷ ସମୟରେ ସେ ଏହି ସବୁ ପୁସ୍ତକ ଲେଖିଅଛନ୍ତି।

3. ଏହି ଲେଖକଂର ସମସ୍ୟା ଏହାର ବ୍ୟାଖ୍ୟାରେ ଦେଖାଯାଏ, ଇଶ୍ୱରକଂର ବାକ୍ୟକୁ ଏହା ଖଣ୍ଡନ କରିପାରେ ନାହି, କାରଣ ବାକ୍ୟର ପ୍ରଥମ ଲେଖକ ପବିତ୍ର ଆତ୍ମା ଇଶ୍ୱର ଅଟନ୍ତି ।

III. ସମୟ ଏବଂ ତାରିଖ, ନିଶ୍ଚିତ ଏହା ଲେଖକଙ୍କ ସହିତ ଜଡିତ

A. ଯଦି ଯୋହନ ଏହି ପୁସ୍ତକ ଲେଖିଅଛନ୍ତି, ବିଶେସତଃ ୧ମ ଯୋହନ ତେବେ ଆମ୍ଭେମାନେ ପ୍ରଥମ ଶତାବ୍ଦୀର ଶେଷ ପ୍ରର୍ଯ୍ୟାୟର କଥା କହୁଅଛୁ । ଏହା ସେହି ସମୟର ପାରମାର୍ଥିକ ଓ ଦର୍ଶନଶାସ୍ତ୍ର ସମ୍ବନ୍ଧିୟ ଭ୍ରାନ୍ତ ଶିକ୍ଷକମାନେ ଦେଖାଦେଇ ଥିଲେ, ଯୋଉ ସମୟରେ ଏହିସ୍ଥୁ ଦେଖାଦେଇ ଥିଲା ଓ ୧ମ ଯୋହନର ଶବ୍ଦ (ପ୍ରିୟ ଭାତୃମାନେ), ଯାହାକି ବୃଦ୍ଧ ବ୍ୟକ୍ତିମାନେ ଯୁବା ବିଶ୍ୱାସି ମାନଙ୍କୁ ଶିକ୍ଷା ଦେଉଅଛନ୍ତି । ଯେରୋମ କୁହନ୍ତି ଯୋହନ ଯୀଶୁ ଖ୍ରୀଷ୍ଟକଂର ମୃତ୍ୟୁ ପରେ ୬୮ ବର୍ଷ ବଂଚିଥିଲେ, ତେଣୁ ଏହା ସେହି ସମୟ ସହିତ ସମାନ ହୋଇଥାଏ ।

B. ଏ. ଟି ଓ ରୋବର୍ଟସନ କୁହନ୍ତି, ୧ଯୋହନ ଖ୍ରୀ ଅ ୮୫-୯୫ ମଧ୍ୟରେ ଲେଖାଯାଇ ଥିଲା, ଯଦିଚ ଏହା ଖ୍ରୀ ଅ ୯୫ରେ ଲେଖାଯାଇ ଅଛି ।

C. ହାୱାଡ ମାର୍ଶାଲକଂର *The New International Commentary Series on I John* ରେ ସେ ଏହାର ସମୟକୁ ଖ୍ରୀ ଅ ୬୦-୧୦୦ବୋଲି କୁହନ୍ତି, ଯାହା ଆଧୁନିକ ବିଶାରଦ ମାନେ ଏହି ସମୟକୁ ଅନୁମାନିକ ଭାବେ ପ୍ରକାଶ କରିଥାନ୍ତି ।

IV. ଗ୍ରହଣ କାରୀ ।

A. ପରମ୍ପରା ଅନୁସାରେ ଏହି ପୁସ୍ତକ ଏସିଆ ମାଇନରର (ବର୍ତମାନର ତୁର୍କୀ) ରୋମିୟ ପ୍ରଦେଶକୁ ଲେଖାଯାଇ ଅଛି, ଏଫିସିୟ ଏହାର ପ୍ରଧାନ ସଦରମହକୁମା ଥିଲା ।

B. ଏସିଆ ମାଇନର ଅଂଚଳର ଏକ ନିର୍ଦ୍ଦିଷ୍ଟ ବିଭାଗର ଲୋକମାନଙ୍କୁ ଏହି ପତ୍ର ଲେଖାଯାଇ ଥିଲା, ଯୋଉମାନେ ଏକ ପ୍ରକାରର ନିର୍ଦ୍ଦିଷ୍ଟ ସମସ୍ୟା ଅର୍ଥାତ ଭ୍ରାନ୍ତ ଶିକ୍ଷକ ମାନଙ୍କ ଦ୍ୱାରା କଷ୍ଟ ପାଉଥିଲେ, (କଲସୀୟ ଓ ଏଫିସୀୟ) । ବିସେଶତଃ (1) ଦ୍ୱତବାଦ, ଯାହା ଯୀଶୁ ଖ୍ରୀଷ୍ଟକଂର ମନୁଶ୍ୟତ୍ୱକୁ ଅଗ୍ରାହ୍ୟ କରେ, କିନ୍ତୁ ଇଶ୍ୱରତ୍ୱକୁ ଗ୍ରହଣ କରେ, (2) ଅନ୍ୟ ଏକ ଦଳ, ଯୋଉମାନେ ବାଇବଲ ଶିକ୍ଷା ଠାରୁ ଉତ୍ତମ ବ୍ୟବହାର ଓ ନୈତିକତାକୁ ପୃଥକ କରନ୍ତି ।

C. ଅଗଷ୍ଟିନ (ଚତୁର୍ଥ ଶତାବ୍ଦୀରେ), ପାର୍ଥିଆନ ମାନଙ୍କୁ ଏହା ଲେଖିଥିଲେ,ସେ କାସିଓଡ୍ରୋସକଂ (ଛଅ ଶତାବ୍ଦୀର ପ୍ରାରମ୍ଭ) ଲେଖାକୁ ବ୍ୟବହାର କରିଥିଲେ । ଏହା ହୁଏତ ଦୁଇଗୋଟି ବାକ୍ୟାଶଂରୁ ଆସିଅଛି, "ମନୋନିତ ମହିଳା" ଓ "ଯିଏ ବେବିଲୋନରେ ଅଛନ୍ତି" ଯାହା ୧ମ ପିତର ୫:୧୩ ଓ ୨ୟ ଯୋହନ ୧ ।

D. ମୁରାରିଅ ମାନକଂର ଲେଖା ଯାହା ରୋମରେ ଖ୍ରୀ ଅ ୧୮୦-୨୦୦ ମଧ୍ୟରେ ନୁତନ ନିୟମର ସ୍ୱୀକୃତି ପ୍ରାପ୍ତ ପୁସ୍ତକ ମାନଙ୍କ ମଧ୍ୟରେ ଗୃହିତ, ତାହା ଦର୍ଶାଏ, ଏହି ପତ୍ର "ଶିଷ୍ୟମାନଙ୍କୁ ଓ ନେତାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏହା ଲିଖିତ" (ଏସିଆ ମାଇନର)

V. ଧର୍ମ ମତର ବିରୁଦ୍ଧାଚରଣ କରୁଥିବା ଭ୍ରାନ୍ତ ଶିକ୍ଷକ

A. ଏହି ପତ୍ର ଭ୍ରାନ୍ତ ଶିକ୍ଷକ ମାନଙ୍କ ବିରୋଦ୍ଧରେ ଏକ ପ୍ରତିକ୍ରିୟା ଅଟେ, (୧:୬.... ଯଦି ଆମେ କହୁ ଏବଂ ଯେ ଏହା କହି ଅଛନ୍ତି..... ୨:୯; ୪:୨୦)

B. ୧ମ ଯୋହନ ପୁସ୍ତକରୁ ଅମ୍ଭେମାନେ କେତେକ ସାଧାରଣ ଭୁଲ ଶିକ୍ଷାକୁ ଜାଣିପାରିବା

1. ଯୀଶୁ ଖ୍ରୀଷ୍ଟକଂର ଦେହବନ୍ତ ହେବାର ସତ୍ୟତାକୁ ଅଗ୍ରାହ୍ୟ କରିବା
2. ଉଦ୍ଧାର ପ୍ରାପ୍ତ ନିମନ୍ତେ ଯୀଶୁ ଖ୍ରୀଷ୍ଟକଂର ମୁଖ୍ୟ କାର୍ଯ୍ୟକୁ ଅଗ୍ରାହ୍ୟ କରିବା
3. ଖ୍ରୀଷ୍ଟିୟ ଜୀବନ ଯାପନରେ ଅଭାବ
4. ଜ୍ଞାନ ଉପରେ ଅତ୍ୟଧିକ ଗୁରୁତ୍ୱ ଦେବା, (ଯାହା ଏକ ପ୍ରକାରର ଗୁପ୍ତ ରହସ୍ୟ ବୋଲି ଚିନ୍ତା କରିବା)
5. ଅଲଗା ରହିବା ନିମନ୍ତେ ଏକ ପ୍ରକାରର ମନୋଭାବ

C. ପ୍ରାଥମିକ ଶତାବ୍ଦୀର ପରିଷ୍ଥିତି

ପ୍ରଥମ ଶତାବ୍ଦୀରେ ରୋମିୟ ସାମ୍ରାଜ୍ୟରେ ପୁର୍ବୀୟ ଓ ପଶ୍ଚିମ ଧର୍ମର ଏକ ପ୍ରକାର ଭାବପ୍ରଦ ଥିଲା, ଏହି ଗ୍ରୀକ ଓ ରୋମିୟ ମାନକଂର ଦେବା ଦେବୀ ମାନକଂର ବହୁତ ନାମ ଥିଲା । ଏକ ପ୍ରକାରର ରହସ୍ୟ ମୟ ଧର୍ମର ଅନେକ ଲୋକପ୍ରିୟତା ଥିଲା, କାରଣ ଭଗବାନଙ୍କ ସହିତ ଏକ ପ୍ରକାରର ଗୁପ୍ତ ଜ୍ଞାନଦ୍ୱାରା ମିଳିତ କରୁଥିଲା ବୋଲି ଶିକ୍ଷା ଦିଆଯାଉ ଥିଲା । ଜାଗତିକ ଗ୍ରୀକର ଦାର୍ଶନିକ ଉତ୍ସ ଦ୍ୱରା ଏହ ସେହି ସମୟର ମତବାଦକୁ ପ୍ରଭାଭିତ କରିଥିଲା ।

ଏହି ପ୍ରକାର ସମୟରେ ଖ୍ରୀଷ୍ଟ ଧର୍ମ (କେବଳ ଯୀଶୁ ଖ୍ରୀଷ୍ଟହି ଏକ ମାତ୍ର ପ୍ରଭୁ, ଯୋହନ ୧୪:୬) ବୋଲି ପ୍ରକାଶ କରିଥିଲା। ଖ୍ରୀଷ୍ଟ ଧର୍ମ ଏହି ଗ୍ରୀକ ଓ ରୋମିୟ ଲୋକମାନଙ୍କୁ ବିଶ୍ୱାସ ପ୍ରଦାନ କରିବାରେ ଏକ ଛୋଟ ଆଶାର ରାସ୍ତା ଦେଖାଇ ଦେଇଥିଲା।

D. ଯୋହନ କୋଉ ବିଭାଗର ଲୋକମାନଙ୍କୁ କହୁଅଛନ୍ତି, ତାହା ହୁଏତ

1. ପ୍ରାରମ୍ଭୀକ ଜ୍ଞାନ ସମ୍ବନ୍ଧିୟ ଭ୍ରାନ୍ତଶିକ୍ଷା

a. ଏହି ପ୍ରାଚୀନ ପ୍ରଥମ ଶତାବ୍ଦୀର ଭ୍ରାନ୍ତ ଶିକ୍ଷାର ମୁଖ୍ୟ ଗୁରୁତ୍ୱ ଏହାର ବାହ୍ୟଗତ ଯଥା ଆତ୍ମା ଏବଂ ଶରିରର ଥିଲା, ଯାହାକୁ ଦ୍ୱତବାଦ କୁହାଯାଏ। ଆତ୍ମା (ଇଶ୍ୱର), ଯାହା ଉତ୍ତମ ରୁପେ ବିବେଚନା କରାଯାଉ ଥିଲା, ଓ ବସ୍ତୁ ବା ଶରିର ଯାହାକୁ ମନ୍ଦ ବା ଶୟତାନର ବୋଲି କୁହାଯାଉ ଥିଲା। ଏହା ସେହି ସମୟରେ ପ୍ଲାଟୋଙ୍କର ଦ୍ୱତବାଦ ସହିତ ଶାରିରିକ, ସ୍ୱର୍ଗୀୟ ସହିତ ଜାଗତିକ, ଦ୍ରୁଶ୍ୟ ବସ୍ତୁ ସହିତ ଅଦ୍ରୁଶ୍ୟ ବସ୍ତୁ। ଏବଂ ଏକ ପ୍ରକାରର ଗୁପ୍ତ ରହସ୍ୟ ଓ ଜ୍ଞାନ ସମ୍ବନ୍ଧିୟ ଶିକ୍ଷାରେ ଅନେକ ଗୁରୁତ୍ୱ ଦିଆଯାଉ ଥିଲା, (ଯାହାକି ଦୂତ ମାନଙ୍କର ସ୍ଥାନକୁ ପହଚିଂବା ନିମନ୍ତେ ଏକ ପ୍ରକାର ରହସ୍ୟ ବୋଲି ଚିନ୍ତା କରାଯାଉ ଥିଲା), ଏବଂ ଏହାକୁ ଉଦ୍ଧାର ନିମନ୍ତେ ଏକାନ୍ତ ଆବଶ୍ୟକ ବୋଲି କୁହାଯାଉ ଥିଲା।

b. ଦୁଇଗୋଟି ମୁଖ୍ୟ ପ୍ରାରମ୍ଭୀକ କାରଣ, ଯାହା ହୁଏତ ୧ମ ଯୋହନ ପୁସ୍ତକର ପୃଷ୍ଟଭୂମି ହୋଇପାରେ,

(1) ଦ୍ୱତବାଦ, ଯାହା ଯୀଶୁଙ୍କର ମନୁଶ୍ୟତ୍ୱକୁ ଅଗ୍ରାହ୍ୟ କରିଥିଲେ, କାରଣ ସେମାନେ ଶରିରକୁ ମନ୍ଦ ବୋଲି କହୁଥିଲେ,

(2) ସେରିଛିଅନ ମାନେ କୁହନ୍ତି, ଖ୍ରୀଷ୍ଟ କ୍ଷେ ଏହି ପ୍ରକାର ବ୍ୟକ୍ତି ଯିଏ, ଦୂତମାନଙ୍କର ସ୍ଥାନରେ ଯାହା ଉତ୍ତମ ଓ ମନ୍ଦର ମଧ୍ୟସ୍ଥ ଅଟେ। ଏହି ଖ୍ରୀଷ୍ଟଙ୍କର ଆତ୍ମା ଯୀଶୁଙ୍କର ବାପ୍ତିସ୍ମ ସମୟରେ ତାହାଙ୍କର ଉପରେ ଅବତିର୍ଣ କରିଥିଲେ ଓ କ୍ରୁଶିୟ ମରଣ ସମୟରେ ତ୍ୟାଗ କରିଥିଲେ।

(3) କେତେକ ବିଭାଗର ଲୋକମାନେ ତପସ୍ୱୀ ଜୀବନ ଯାପନ କରୁଥିଲେ, (କାରଣ ଶରିର ମନ୍ଦ ବୋଲି ଭାବୁଥିଲେ, ଏଣୁ ଯଦି ଶରିର ଚାହେ), ଆଉ କେତେକ କୁହନ୍ତି (ଯଦି ଶରିର ଚାହେ, ତେବେ ଦେବା ଜରୁରି ଅଟେ) । ପ୍ରଥମ ଶତାବ୍ଦୀରେ ଏହି ଭ୍ରାନ୍ତ ଶିକ୍ଷାର ଏକ ଲିଖିତ ସାକ୍ଷ୍ୟ ରହିଆଛି। ଦ୍ୱୀତୀୟ ଶତାବ୍ଦୀର ମଧ୍ୟାଶଂରେ ଏହି ସାକ୍ଷ୍ୟ ସବୁ ନ ଥିଲା, ଏହି ବିଷୟରେ ଅଧିକ ଜାଣିବା ନିମନ୍ତେ ନିମ୍ନରେ ପ୍ରଦତ୍ତ ଉତ୍ସର ସାହାଯ୍ୟ ନିଅନ୍ତୁ।

(a) *The Gnostic Religion* by Hans Jonas, published by Beacon Press
(b) *The Gnostic Gospels* by Elaine Pagels, published by Random House
(c) The Nag Hammadi Gnostic Texts and the Bible by Andrew Helmbold

2. ଇଗ୍ନାସିୟ ତାହାଙ୍କର ଲେଖାରେ *to the Smyrnaeans* iv-v. ଅନ୍ୟ ଏକ ଉତ୍ସ କହିଅଛନ୍ତି, ଯାହାକି ଯୀଶୁଙ୍କର ଦେହବନ୍ତର ସତ୍ୟତାକୁ ଅଗ୍ରାହ୍ୟ କରେ ଓ ଏକଛତ୍ର ଜୀବନ ଯାପନକୁ ପ୍ରୋହତ୍ସ୍ନା ଦିଏ।

3. ଆନ୍ତିଓକିଆର ମିଥାଣ୍ଡେର ଅନ୍ୟ ଏକ ଉତ୍ସକୁ ପ୍ରକାଶ କରନ୍ତି, ଯେ ଇରାନିଅସଙ୍କର ଲେଖା *Against Heresies* XXIII ନିମନ୍ତେ ପ୍ରସିଦ୍ଧ, ସେ ଶିମିରୋଣିୟ ଶିମୋନଙ୍କର ଜଣେ ଶିଷ୍ୟ ଥିଲେ, ଓ ଏକ ପ୍ରକାରର ଗୁପ୍ତ ରହସ୍ୟ ଓ ଜ୍ଞାନ ସମ୍ବନ୍ଧିୟ ଶିକ୍ଷାର ଅପେକ୍ଷାରେ ଥିଲେ।

E. ଆଜିର ଭ୍ରାନ୍ତ ଶିକ୍ଷକ

1. ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆଜି ସୁଧା ଆମ୍ଭମାନଙ୍କ ମଧ୍ୟରେ ରହିଅଛି, କାରଣ ଆଜି ସୁଧା ଅନେକେ ଖ୍ରୀଷ୍ଟ ଧର୍ମର ସତ୍ୟତାରେ ଅନେକ ବିଷୟ ଯୋଗ ଓ ବିୟୋଗ କରିଥାନ୍ତି।
2. ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆଜି ସୁଧା ଆମ୍ଭମାନଙ୍କ ମଧ୍ୟରେ ରହିଅଛି, କାରଣ ଆଜି ସୁଧା ଅନେକେ ଖ୍ରୀଷ୍ଟ ଧର୍ମର ଶିକ୍ଷାକୁ ଜିବନ ଯାପନର ଶୈଳୀଠାରୁ ଅଲଗା ବୋଲି ଶିକ୍ଷା ପ୍ରଦାନ କରିଥାନ୍ତି।
3. ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆଜି ସୁଧା ଆମ୍ଭମାନଙ୍କ ମଧ୍ୟରେ ରହିଅଛି, କାରଣ ଆଜି ସୁଧା ଅନେକେ ଖ୍ରୀଷ୍ଟ ଧର୍ମର ଶିକ୍ଷାକୁ ବ୍ୟକ୍ତିଗତ ଚିନ୍ତା ଶକ୍ତି ଭାବରେ ବ୍ୟବହାର କରିଥାନ୍ତି।
4. ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆଜି ସୁଧା ଆମ୍ଭମାନଙ୍କ ମଧ୍ୟରେ ରହିଅଛି, କାରଣ ଲୋକମନେ ଆତ୍ମ ସଂଜମ ଓ ଏକଛତ୍ର ବଦୀ ଜୀବନ ଯାପନକୁ ପ୍ରାଧାନ୍ୟ ଦିଅନ୍ତି।

VI. ଉଦ୍ଦେଶ୍ୟ

A. ବିଶ୍ୱାସି ମାନଙ୍କ ନିମନ୍ତେ, ଏହାର ଏକ କାର୍ଯ୍ୟ ସାଧକ ରହିଅଛି

1. ତାହାଙ୍କୁ ଆନନ୍ଦ ଦେବା ନିମନ୍ତେ (୧:୪)
2. ଆଧାତ୍ମିକ ଜୀବନ ଯାପନ ନିମନ୍ତେ ତାହାଙ୍କୁ ଉତ୍ସାହିତ କରିବା, (୧:୭; ୨:୧)
3. ପରସ୍ପରକୁ ପ୍ରେମ କରିବା ନିମନ୍ତେ (୪:୭-୨୧) ସେମାନଙ୍କୁ ଆଦେଶ (ଓ ସ୍ମରଣ କରାଇ ଦେବା), ଏହି ଜଗତକୁ ନୁହେ, (୨:୧୫-୧୭)
4. ଯୀଶୁଖ୍ରୀଷ୍ଟଙ୍କ ଠାରେ ତାହାଙ୍କର ପରିତ୍ରାଣ ରହିଅଛି, ତାହାର ଭରସା ଦେବା, (୫:୧୩)

B. ବିଶ୍ୱାସି ମାନଙ୍କ ନିମନ୍ତେ ଶିକ୍ଷା

1. ଯୀଶୁଙ୍କର ମନୁଶ୍ୟତ୍ୱ ଓ ଇଶ୍ୱରତ୍ୱ ଉପରେ ଥିବା ଭ୍ରାନ୍ତ ଶିକ୍ଷାକୁ ଖଣ୍ଡନ କରିବା
2. ଆଧ୍ୟାତ୍ମିକ ଚିନ୍ତାକୁ, ଜାଗତିକ ଚିନ୍ତାଶକ୍ତି ଠାରୁ ଅଲଗା କରି ଆଧ୍ୟାତ୍ମିକ ଜୀବନ ଯାପନ ନିମନ୍ତେ ଉତ୍ସାହ ପ୍ରଦାନ କରିବା
3. ଅନ୍ୟମାନଙ୍କ ଠାରୁ ଅଲଗା ରହିବା ଦ୍ୱାରା ଉଦ୍ଧାର ପ୍ରାପ୍ତ ହୋଇପାରିବ, ଏହି ପ୍ରକାର ଚିନ୍ତା ଧାରାକୁ ବଦଳାଇବା

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ।

1. ଆଦ୍ୟରୁ, ୧:୧
2. ଜୀବନ ସ୍ୱରୁପ ବାକ୍ୟ, ୧:୧
3. ଅନନ୍ତ ଜୀବନ, ୧:୨
4. ସହଭାଗିତା (*koinōnia)*, ୧:୩
5. ଇଶ୍ୱର ଜ୍ୟୋତି ସ୍ୱରୁପ, ୧:୫
6. ଆଚରଣ, ୧:୬, ୭
7. ଯୀଶୁଙ୍କ ରକ୍ତ, ୧:୭
8. ମୋହର ବତ୍ସଗଣ, ୨:୧
9. ପ୍ରାୟଶ୍ଚିତ ସ୍ୱରୁପ, ୨:୨; ୪:୧୦
10. ଜାଣୁ, ୨:୩; ୪, ୧୮, ୨୦, ୨୧,
11. ରହିବା, ୨:୬; ୧୭, ୨୪, ୨୫, ୨୭
12. ନୁତନ ନିୟମ, ୨:୭
13. ତାହାଙ୍କ ନାମ ଶକାସୁ, ୨:୧୨
14. ଜଗତ, ୨:୧୫
15. ଶେଷକାଳ, ୨:୧୮
16. ଅଭିଷେକ, ୨:୨୦, ୨୭
17. ସ୍ୱୀକାର, ୨:୨୩, ୪:୨, ୩, ୧୫
18. ଆତ୍ମାଙ୍କୁ ପରିକ୍ଷା କର, ୪:୧
19. ବିଚାରଦିନ, ୩:୧୭
20. “ଆତ୍ମା, ଜଳ ଓ ରକ୍ତ,” ୫:୮
21. ମୃତ୍ୟୁ ଜନକ ପାପ,, ୫:୧୬
22. ଇଶ୍ୱରଙ୍କ ଠାରୁ ଜାତ, ୫:୧୮
23. ଆପଣା ଆପଣାକୁ ପ୍ରତିମା ଠାରୁ ରକ୍ଷା କର, ୫:୨୧

VIII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ।

1. ସପକ୍ଷ ବାଦୀ, ୨:୧
2. ମିଥ୍ୟାବାଦୀ, ୨:୪, ୨୨
3. ଖ୍ରୀଷ୍ଟାରି, ୨:୧୮, ୪:୩
4. ଖ୍ରୀଷ୍ଟାରି, ୨:୧୮
5. ଯେଉମାନେ ତୁମ୍ଭମାନଙ୍କୁ ଭ୍ରାନ୍ତ କରିବାକୁ ଚେଷ୍ଟା କରନ୍ତି, ୨:୨୬
6. ଶୟତାନ, ୩:୮, ୧୦
7. କୟିନ, ୩:୧୨
8. ପାପାତ୍ମା, ୫:୧୮

IX. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ- କିଛିନୁହେ

X. ଆଲୋଚନା ମୁଳକ ପ୍ରଶ୍ନସମୁହ।

1. ୧ମ ଯୋହନ ୧:୧-୪, କଣ ପାଇ ଅତ୍ୟଧିକ ଦେଖିଅଛୁ ବୋଲି କୁହାଯାଇ ଅଛି, (ଶୁଣିଅଛୁ, ଦେଖିଅଛୁ, ନିରିକ୍ଷଣ, ସ୍ପର୍ଶ, ଶୁଣିଛୁ, ଦେଖିଛୁ)?
2. ଜଣେ ବ୍ୟକ୍ତି କଣ ପାଇ ତାହାଙ୍କ ଠାରେ ପାପ ନାହି ବୋଲି କହିଥାଏ? (୧:୮)
3. ୧:୯ କଣ ପାଇ ଅତି ଗୁରୁତ୍ୱ ପୁର୍ଣ ଅଟେ? ଏହା କାହାକୁ କୁହାଯାଇ ଅଛି?
4. ୧:୧୦,କିଭଳି ଭାବେ ୩:୬ ଓ ୯ ସହିତ ଜଡିତ?
5. ୨:୨ କିପ୍ରକାରେ ଯୋହନ ୩:୧୬ ସହିତ ଜଡିତ ଅଟେ?
6. "ଜ୍ଞାତ" ଏହି ଶବ୍ଦ କଣ ପାଇ ଅନେକ ଥର ୧ମ ଯୋହନରେ ବ୍ୟବହାର କରାଯାଇ ଅଛି? ଏହାର ଏବ୍ରୀୟ ଭାଷାର ଗୁରୁତ୍ୱ ବୁଝାଇ ଦିଅ।
7. ଏହି ବାକ୍ୟାଶଂର ଅର୍ଥ କଣ, "ଯଦି ଆମେ କହୁ......." ଏହା ବୁଝାଏ?
8. ଯୋହନ କେଉ ଭ୍ରାନ୍ତ ଶିକ୍ଷକ ମାନଙ୍କ ବିଷୟରେ କହୁଅଛନ୍ତି? ସେମାନେ ଯାହା ବିଶ୍ୱାସ କରନ୍ତି ତାହାକୁ ବୁଝାଇ ଦିଅ ଓ ଖ୍ରୀଷ୍ଟ ଧର୍ମରେ ଏହା କି ପ୍ରକାରେ ଭିନ୍ନ ଅଟେ ବୁଝାଇ ଦିଅ।
9. ୩:୨ କେଉ ଶିକ୍ଷା ଉପରେ ଆଧାରିତ?
10. ୩:୬ ଓ ୯, କଣ ପାଇ ବ୍ୟାଖ୍ୟା କରିବାରେ ଅତି କଷ୍ଟ ଅଟେ?
11. ୪:୮, କିପ୍ରକାରେ ଖ୍ରୀଷ୍ଟିୟାନକୁ ଦର୍ଶାଏ?
12. ୪:୧୩-୧୪ରେ ତ୍ରୀଏକ ଈଶ୍ୱରଙ୍କର ବିଷୟରେ ରହିଅଛି, ଏହାକୁ ନିଜ ଭାଷାରେ ବୁଝାଇ ଦିଅ।
13. ୪:୧୯କୁ ନିଜ ଭାଷାରେ ବୁଝାଇ ଦିଅ
14. ୧ମ ଯୋହନରେ ତିନିଗୋଟି ପରିକ୍ଷା ରହିଅଛି, ଯାହା ପ୍ରକୃତ ଖ୍ରୀଷ୍ଟିୟାନ ବୋଲି ବୁଝାଇଥାଏ, ତାକୁ ବ୍ୟାଖ୍ୟା କର
15. ୫:୧୩, କଣ ପାଇ ଅତି ଗୁରୁତ୍ୱ ଅଟେ?
16. ୫:୧୪-୧୫, ବିଶ୍ୱାସି ମାନଙ୍କର ସମସ୍ତ ପ୍ରାର୍ଥନାର ଉତ୍ତର ଦେବାର ଶିକ୍ଷା ପ୍ରଦାନ କରେ କି?
17. କୋଉ ପ୍ରକାର ପାପ ମୁତ୍ୟୁ ଆଡକୁ ନେଇଥାଏ?
18. ୫:୧୮ ବିଶ୍ୱାସି ମାନେ କେବେ ସୁଧା ଶୟତାନର ପରିକ୍ଷାରେ କ୍ଷାନ୍ତ ନ ହେବା ବିଷୟରେ ଶିକ୍ଷା ପ୍ରଦାନ କରେ କି? ହ କିମ୍ବା ନା ଲେଖ?
19. "ମିଥ୍ୟାର ଶକ୍ତିରେ ସମସ୍ତ ଜଗତ ପରିପୁର୍ଣ ଅଟେ", ଏହାର ଅର୍ଥ କଣ ଅଟେ?

# ଯୋହନଙ୍କ ଦ୍ୱୀତିୟ ଏବଂ ତୃତିୟ ପୁସ୍ତକର ସଂକ୍ଷିପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. ୨ୟ ଯୋହନ ପୁସ୍ତକ ୩ୟ ଯୋହନ ପୁସ୍ତକ ଠାରୁ ଟିକେ ଛୋଟ ଅଟେ, ୨ୟ ଓ ୩ୟ ଯୋହନ ଏକ ସ୍ଥାନିୟ ମଣ୍ଡଳୀକୁ ଲେଖାଯାଇ ଅଛି, ଯାହାକି ରୋମିୟ ସାମ୍ରାଜ୍ୟର ଏସିଆ ମାଇନରରେ ଅବସ୍ଥିତ, ଏହା ପ୍ରଥମ ଶତାବ୍ଦୀର ଶେଷ ଭାଗରେ ଲେଖାଯାଇ ଅଛି।

B. ୨ୟ ଯୋହନ ଭ୍ରାନ୍ତ ଶିକ୍ଷକ ଓ ଭ୍ରମଣକାରି ମାନଙ୍କ ବିଷୟରେ ପ୍ରକାଶ **କରିଥାଏ**, ୩ୟ ଯୋହନ ଭ୍ରମଣକାରି ଶିକ୍ଷକ ମାନଙ୍କ ବିଷୟରେ ଶିକ୍ଷା ପ୍ରଦାନ କରିଥାଏ।

C. ୩ୟ ଯୋହନରେ ତିନିଜଣ ବ୍ୟକ୍ତିଙ୍କର ନାମକୁ ଦେଖିବାକୁ ମିଳେ;
   1. ଗାୟ (ପ୍ରେରିତ ମଣ୍ଡଳୀର ଏକ ପ୍ରଭୁ ପ୍ରିୟ ବ୍ୟକ୍ତି)
      a. ବାଇବଲରେ ତିନି ଜଣ ଗାୟଙ୍କ ବିଷୟରେ ବର୍ଣନା କରେ, ମେସିଦୋନିଆର ଗାୟ ପ୍ରେରିତ ୧୯:୨୯, ଦର୍ବୀର ଗାୟ ପ୍ରେରିତ ୨୦:୪; କରିନ୍ଥୀର ଗାୟ ରୋମିୟ ୧୬:୨୩; ୧ମ କରିନ୍ଥୀୟ ୧:୧୪.
      b. ୩ୟ ଯୋହନର ଗାୟ ପର୍ଗମ ମଣ୍ଡଳୀରେ ଯୋହନଙ୍କ ଦ୍ୱାରା ନିଯୁକ୍ତ ଜଣେ ବିଷପ ଥିଲେ, ତାହାଙ୍କର ଲେଖା "ପ୍ରେରିତ ମାନଙ୍କର ନିୟମ" ଭାବରେ ପରିଚିତ।
   2. ଦିୟତ୍ରଫୀ (ମଣ୍ଡଳୀର ଜଣେ ଅବିଶ୍ୱାସି)
      a. ଏହି ନାମ କେବଳ ନୂତନ ନିୟମର ଏହି ସ୍ଥାନରେ ନିଆଯାଇ ଅଛି, ତାହାଙ୍କର ନାମର ଅର୍ଥ, "ଯୀଉଶଙ୍କର ସେବିକା", ଏହା ଅତି ଆଶ୍ଚର୍ଯ୍ୟ ଅଟେ ଯେ, ଯାହାଙ୍କ ନାମ "ଯୀଉଶ" ଅର୍ଥାତ "ଭ୍ରମଣକାରି ମାନଙ୍କର ରକ୍ଷକ", ସେହି ମାନଙ୍କର ବିରୋଦି ହୋଇଥିଲା।
      b. ତାହାଙ୍କର କାର୍ଯ୍ୟକୁ ୯-୧୦ରେ ବର୍ଣିତ ହୋଇଅଛି।
   3. ଦୀମୀତ୍ରୀୟ, (ଯୋହନଙ୍କ ପତ୍ରର ବାହକ)
      a. ସେ ଜଣେ ଭ୍ରମଣକାରି ସେବକ ଓ ସେ ଏହି ପତ୍ରକୁ ପ୍ରେରିତ ମାନଙ୍କ ଠାରୁ ଏଫିସିୟରେ ପହଂଚାଇ ଥିଲେ।
      b. "ପ୍ରେରିତ ମାନଙ୍କର ନିୟମ"ର ନିତିନିୟମ ଫିଲଦେଲଫିଆର ବିଷପ ଦୀମୀତ୍ରୀୟଙ୍କ ଦ୍ୱାରା ଭାଗ କରାଯାଇ ଥିଲା, ସେ ଯୋହନଙ୍କ ଦ୍ୱାରା ବଛାଯାଇ ଥିଲେ।

D. ପ୍ରାଚୀନ ମଣ୍ଡଳୀ ସମୁହ, ଭ୍ରମଣକାରି ଶିକ୍ଷକ, ପ୍ରଚାରକ, ସେବକ ମାନଙ୍କୁ ନିର୍ଦ୍ଧାରଣ କରିବାରେ ଅସୁବିଧାର ସମୁଖୀନ ହେଉଥିଲେ। ପ୍ରାଚିନ ଦ୍ୱତିୟ ଶତାବ୍ଦୀର ଏକ ଲେଖା ଯାହା ସ୍ୱୀକୃତି ପ୍ରାପ୍ତ ନୁହେ, *The Didache or The Teaching of the Twleve Apostles*, ଏହି ପ୍ରକାର ଶିକ୍ଷା ଦିଏ,

**XI ଅଧ୍ୟାୟ- ଶିକ୍ଷକ, ପ୍ରେରିତ ଓ ଭାବବାଦୀ ମାନଙ୍କ ଉଦ୍ଦେଶ୍ୟରେ**

"ଯଦି ପୁର୍ବ ନିର୍ଦ୍ଧାରିତ ଯେ କୈଣସି ଶିକ୍ଷା ଯଦି ଯେ କୈଣସି ବ୍ୟକ୍ତି ଶିକ୍ଷା ଦିଏ, ତାହା ଗ୍ରହଣ କର। କିନ୍ତୁ ଯଦି ସେହି ଶିକ୍ଷକ ବିନାଶ ଜନକ ଶିକ୍ଷା ଦିଏ, ତେବେ ତାହା କଥା ଶୁଣନାହି, କିନ୍ତୁ ଇଶ୍ୱରଙ୍କ ଶିକ୍ଷା ଓ ଧାର୍ମିକତା ବିଷୟରେ ଶିକ୍ଷା ଦିଏ, ତାହାକୁ ପ୍ରଭୁଙ୍କ ନାମରେ ଗ୍ରହଣ କର। ସୁସମାଚାର ଅନୁସାରେ ପ୍ରତ୍ୟେକ ପ୍ରେରିତ ଅ ଭାବବାଦୀ ମାନଙ୍କୁ ଅନୁସନ୍ଧାନ କର; ଯେତେ ପ୍ରେରିତ ତୁମ୍ଭମାନଙ୍କ ପାଖକୁ ଆସନ୍ତି ଯୀଶୁଙ୍କ ନାମରେ ଗ୍ରହଣ କର। କିନ୍ତୁ ଗୋଟିଏ ଦିନ ବ୍ୟତିତ ବିନା ଆବଶ୍ୟକରେ ସେ ଆହୁରି ଆଧିକ ନ ରହିବା ଆବଶ୍ୟକ, ଯଦି ସେ ତିନି ଦିନରୁ ଅଧିକ ରୁହନ୍ତି, ତେବେ ସେ ଭ୍ରାନ୍ତ ଶିକ୍ଷକ ଅଟନ୍ତି। ସେ ଖାଦ୍ୟ ବିନା କିଛି ନ ଆଶା କରୁ, ଯଦି ସେ ପଇସା ମାଗେ, ତେବେ ଜାଣିବ ସେ ଜଣେ ଭ୍ରାନ୍ତ ଶିକ୍ଷକ " (p. 380)

**XII ଅଧ୍ୟାୟ- ଖ୍ରୀଷ୍ଟିୟାନ ମାନଙ୍କୁ ଗ୍ରହନ କରିବା**

"ଯଦି କୈଣସି ବ୍ୟକ୍ତି ଆତ୍ମାଙ୍କ ସାହାଯ୍ୟ ବୋଲି ଟଂକା କିମ୍ବା ଅନ୍ୟକିଛି ମାଗନ୍ତି, ତେବେ ତୁମ୍ଭେମାନେ ତାହାଙ୍କ କଥା ଶୁଣିବ ନାହି; କିନ୍ତୁ ସେ ଯଦି ଅନ୍ୟମାନଙ୍କର ସାହାଯ୍ୟ ନିମନ୍ତେ ତୁମ୍ଭମାନଙ୍କୁ ଅନୁରୋଧ କରେ, ତେବେ ତାହଙ୍କୁ ବିଚାର କର ନାହି।

ଯେ କେହି ଯୀଶୁଙ୍କ ନାମରେ ଆସେ ତାହାଙ୍କୁ ଗ୍ରହଣ କର, କିନ୍ତୁ ପରେ ତୁମ୍ଭେ ତାହାଙ୍କୁ ଯାଣିବା ଦରକାର, କାରଣ ତୁମ୍ଭେ ତାହା ବିଷୟରେ ସବୁ କିଛି ଜାଣିବା ଆବଶ୍ୟକ। ଯଦି କୈଣସି ପଦଯାତ୍ରୀ, ତାହାଙ୍କର ଆତିଥ୍ୟ କର, କିନ୍ତୁ ଦୁଇ ତିନି ଦିନ ବ୍ୟତିତ ସେ ତୁମ୍ଭ ସହିତ ନ ରହିବା ଆବଶ୍ୟକ। ଯଦି ସେ କାରିଗର ଭାବରେ ତୁମ୍ଭ ସହିତ ରହିବାକୁ ଚାହେ, ତେବେ ସେ କାର୍ଯ୍ୟକରି

ଆପଣାର ଭରଣ ପୋଷଣ କରୁ । ଯଦି ତୁମ୍ଭ ମାନଙ୍କର ଅନୁସାରେ ତାହାର କୈଣସି ବ୍ୟବସାୟ କିମ୍ବା କାର୍ଯ୍ୟ ନ ଥାଏ, ତେବେ ଜଣେ ଖ୍ରୀଷ୍ଟିୟାନ ଭାବରେ ତୁମ୍ଭ ସଂଗେ ବସବାସ ନ କରୁ । ଯଦି ସେ ଜଣେ ଖ୍ରୀଷ୍ଟିୟ ବ୍ୟବସାୟୀ, କିନ୍ତୁ ତୁମ୍ଭେମାନେ ତାହା ସହିତ ରହିବାକୁ ଚାହ ନାହି, ତେବେ, ତାହା ଠାରୁ ଦୁରରେ ରୁହ" (p- 381) ।

II. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ ।

1. "ଆଦ୍ୟରୁ" ୧:୧
2. "ଇଶ୍ଵର ଜ୍ୟୋତିସ୍ୱରୁପ" ୧:୫
3. ସ୍ୱୀକାର, ୧:୯
4. "ମୋହର ବତ୍ସ ଗଣ," ୨:୧
5. ସପକ୍ଷ ବାଦୀ, ୨:୧
6. ପ୍ରାୟଶ୍ଚିତ ସ୍ୱରୁପ, ୨:୨
7. ଜାଣୁ, ୨:୩
8. "ତାହାଙ୍କ ଠାରେ ରହେ," ୨:୬
9. "ସଂସାରକୁ ପ୍ରେମ ନ କର," ୨:୧୫
10. ଶେଷକାଳ, ୨:୧୮
11. ଅଭିଷେକ, ୨:୨୭
12. "ଆତ୍ମା, ଜଳ ଓ ରକ୍ତ," ୫:୮
13. ମୃତ୍ୟୁ ଜନକ ପାପ,, ୫:୧୬
14. ଆପଣା ଆପଣାକୁ ପ୍ରତିମା ଠାରୁ ରକ୍ଷା କର, ୫:୨୧

III. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ ।

1. ଜୀବନ ଦାୟକ ବାକ୍ୟ, ୧:୨
2. ଖ୍ରୀଷ୍ଟାରି, ୨:୧୮ (୨ୟ ଯୋହନ ୭)
3. ଖ୍ରୀଷ୍ଟାରି, ୨:୧୮
4. ମନୋନୀତା ମହିଳା, ୨ୟ ଯୋହନ ୧୩
5. ତାହାଙ୍କର ସନ୍ତାନମାନେ, ୨ୟ ଯୋହନ ୧
6. "ତୁମ୍ଭର ମନୋନିତା ଭଗିନିର ସନ୍ତାନମାନେ," ୨ୟ ଯୋହନ ୧୩
7. ଗାୟ, ୩ୟ ଯୋହନ ୧
8. ଦିୟତ୍ରଫା, ୯
9. ଦୀମୀତ୍ରିୟ, ୧୨

IV. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ- କିଛିନୁହେ

V. ଆଲୋଚନା ମୂଳକ ପ୍ରଶ୍ନସମୁହ ।

1. ୧:୧-୫ ପର୍ଯ୍ୟନ୍ତ ଥିବା ପଦ ଗୁଡିକରେ, କଣ ପାଇ ପାଚଂ ପ୍ରକାରର ଇନ୍ଦ୍ରିୟ ବିଷୟରେ କୁହାଯାଇ ଅଛି?
2. ଜଣେ ବ୍ୟକ୍ତି କଣ ପାଇ ତାହାଙ୍କ ଠାରେ ପାପ ନାହି ବୋଲି କହିଥାଏ? (୧:୮)
3. ୨:୨ କିପ୍ରକାରେ ଯୋହନ ୩:୧୬ ସହିତ ଜଡିତ ଅଟେ?
4. ୨:୭-୮କୁ ନିଜ ଭାଷାରେ ବୁଝାଇ ଦିଅ
5. ୨:୧୨-୧୪ ଏହା ବିଭିନ୍ନ ବୟସର ଲୋକ ମାନଙ୍କୁ ବୁଝାଏ ନା ସମସ୍ତ ଖ୍ରୀଷ୍ଟିୟ ବିଶ୍ୱାସି ମାନଙ୍କୁ?
6. ୨:୨୨-୨୩କୁ ନିଜ ଭାଷାରେ ବୁଝାଇ ଦିଅ
7. ୨:୨୮-୩:୩ର ମଧ୍ୟସ୍ଥ ସତ୍ୟତା କଣ ଅଟେ?
8. ୩:୬ ଓ ୯, କଣ ପାଇ ବ୍ୟାଖ୍ୟା କରିବାରେ ଅତି କଷ୍ଟ ଅଟେ?

9. ୩:୧୫ କି ପ୍ରକାରେ ପାର୍ବତ୍ୟ ଉପଦେଶ ସହିତ ସମାନ ଅଟେ?
10. ୩:୨୦ ନିଜ ଭାଷାରେ ବୁଝାଇ ଦିଅ
11. ଆତ୍ମାକୁଂ କିଭଳି ଜଣେ ପରିକ୍ଷା କରି ପାରିବ? (୪:୧-୬)
12. ୪:୨ କିଭଳି ଭ୍ରାନ୍ତ ଶିକ୍ଷା ସହିତ ଜଡିତ?
13. ୪:୭-୨୪ର ମୁଖ୍ୟ ସତ୍ୟତା କଣ ଅଟେ?
14. ୫:୧୩ କିଭଳି ଏହି ପୁସ୍ତକ୍ର ଏକ ମୁଖ୍ୟ ଉଦ୍ଦେଶ୍ୟ ଭାବେ କାର୍ଯ୍ୟ କରେ?
15. ଇଶ୍ୱର ସମସ୍ତ ପ୍ରାର୍ଥନାର ଉତ୍ତର ଦିଅନ୍ତି କି?(୫:୧୪-୧୫)
16. ୨ୟ ଯୋହନ ୧୦ ଏକ ଗୃହକୁ ଦର୍ଶାଏ ନା ଏକ ମଣ୍ଡଳୀକୁ? କାହିଁକି?
17. ୩ୟ ଯୋହନ ୨ ଶାରିରିକ ଆଶିର୍ବାଦ ଓ ସମ୍ପତିକୁ ବୁଝାଏ କି?

# ଯିହୁଦାଙ୍କ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ।**

A. ଯିହୁଦା ପୁସ୍ତକ ଏହାର ଭୁଲ, ବିଦ୍ରୋହାଚରଣ ଓ ନ୍ୟାୟ ସକାଶୁ ଏକ ଭୟଭିତ ସୁଷ୍ଟି କରିଥାଏ। ବିଶ୍ୱାସି ମାନେ ସର୍ବଦା ସତର୍କ ରହିବା ଆବଶ୍ୟକ, ସେମାନଙ୍କର ସୁରକ୍ଷା ହେଲା,

1. ପିତାଙ୍କର ଆହ୍ୱାନ, ପ୍ରେମ ଓ ସୁରକ୍ଷାର ଶକ୍ତି
2. ବାକ୍ୟ ସମ୍ବନ୍ଧିୟ ଜ୍ଞାନ, ଇଶ୍ୱରିୟ ଜୀବନ ଯାପନ ଓ ଦୁଖିତ ବିଶ୍ୱାସି ମାନଙ୍କ ପ୍ରତି କରୁଣା ମନୋଭାବ

B. ଏହି ପୁସ୍ତକର ଚେତାବନୀ ସତ୍ୱେ ଏହି ପୁସ୍ତକର ଉପସଂହାର ଏକ ଉତ୍ତମ ପ୍ରାର୍ଥନା ଭାବେ ଏଶ୍ୱରଙ୍କର ଶକ୍ତିକୁ ପ୍ରକାଶ କରିଥାଏ।

C. ଯିହୁଦା ଓ ୨ୟ ପିତର ପୁସ୍ତକର ସମ୍ପର୍କ ଅନିଶ୍ଚିତ ଅଟେ,

1. କୋଉ ପୁସ୍ତକ ପ୍ରଥମେ ଲେଖାଯାଇ ଥିଲା
2. କଣ ପାଇ ଏହି ଦୁଇ ପୁସ୍ତକ ସମନତା ଓ ଅନ୍ତର ଦେଖାଯାଏ
3. ବର୍ତମାନ ଓ ଭବିଷ୍ୟତର ଭ୍ରାନ୍ତ ଶିକ୍ଷକକୁ କିଭଳି ଭାବରେ ଜଣେ ଦର୍ଶାଇ ପାରିବ
4. ପ୍ରାଚୀନ ମଣ୍ଡଳୀର କିଛି ଲିଖିତ ପତ୍ର ରହିଅଛି, ଯାହା ଦ୍ୱାରା ଉଭୟ ଲେଖକ ଆକର୍ଶିତ ହୋଇପାରି ଥିଲେ
5. ବିଶ୍ୱାସି ମାନଙ୍କର କୈଣସି ବିବାଦର ସୁଚନା ରହିଅଛି କି

C. ଏହି ପୁସ୍ତକ ବାଇବଲ ସମ୍ବନ୍ଧିୟ ସୁଚନାର ଏକ ସମନ୍ୱୟ ପ୍ରକାଶ କରିଥାଏ

1. ରକ୍ଷାକର୍ତା ଇଶ୍ୱରଙ୍କର ଶକ୍ତି (୧, ୨୪)
2. ବିଶ୍ୱାସି ମାନେ ନିଜକୁ ସୁରକ୍ଷାରେ ରକ୍ଷିବା (୨୧)

II. ଲେଖକ।

A. ଯିହୁଦା (ଏବ୍ରିୟ, ଯିହୁଦା, ଅବା ଗ୍ରୀକ ଯିହୁଦା) ନିଜକୁ ଦୁଇଗୋଟି ନାମରେ ପରିଚୟ ପ୍ରଦାନ କରନ୍ତି,

1. "ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଦାସ"- ପାଉଲ ଯେପରି ନିଜ ପରିଚୟ ପ୍ରଦାନ କରନ୍ତି ସେହିପରି ନୁହ, ଯଦିଚ ଏହା ସମାନ ପରି ଦେଖାଯାଏ କିନ୍ତୁ ଏହା ସେହିପରି ନୁହେ। କାରଣ ପାଉଲ ପ୍ରଥମେ "ଦାସ" ଶବ୍ଦକୁ ପ୍ରଥମେ ରଖୁଥିଲେ, ଏହା ୨ୟ ପିତର ପୁସ୍ତକରେ ସୁଧା ଦେଖିବାକୁ ମିଳେ। କିନ୍ତୁ ଯିହୁଦା ଓ ଯାକୁବ ପୁସ୍ତକଦ୍ୱୟର ଶବ୍ଦ ସମାନ ଭାବରେ ଦେଖିବାକୁ ମିଳେ, (ଯାହା ଏକ ପ୍ରକାର ବର୍ଣନା ଅଟେ)
2. "ଯାକୁବଙ୍କର ଭ୍ରାତା"- ବାଇବଲରେ ଅନେକ ଯକୁବଙ୍କ ବିଷୟରେ ଲେଖାଯାଏ, କିନ୍ତୁ ଏହାର କୈଣସି ବର୍ଣନା ଦେଖିବାକୁ ମିଳେନାହି, କେବଳ ନାମ ହି ଦେଖିବାକୁ ମିଳେ, ଯାକୁବ ୧:୧, ଯିଏ ଯିଶୁଙ୍କର ଭ୍ରାତା ସେ ପାଉଲଙ୍କର ସେବା ଯାତ୍ରା ସମୟରେ ଯେରୁଶାଲେମ ମଣ୍ଡଳୀର ଜଣେ ନେତାଥିଲେ, (ପ୍ରେରିତ ୧୫)। ଏହା ଅତି ଅସାଧାରଣ ଯେ ଦୁଇ ଭ୍ରାତା ଯୀଶୁଙ୍କ ସହିତ ଶାରିରିକ ଭାବରେ ପରିଚିତ ହୁଅନ୍ତି ନାହି।

B. ଏହାର ପ୍ରାରମ୍ଭିକ ବିଷୟ ପ୍ରାଚୀନ ମଣ୍ଡଳୀର ଜଣେ ସକ୍ରିୟ ଏବଂ ଅତି ପରିଚିତ ବ୍ୟକ୍ତିଙ୍କ ବିଷୟରେ ପରିଚୟ ପ୍ରଦାନ କରିଥାଏ (୧ମ କରିନ୍ଥିୟ ୯:୩) କିନ୍ତୁ ଏହା କାହା ବିଷୟରେ କୁହାଯାଇଅଛି ତାହା ସ୍ପଷ୍ଟନୁହେ। କିନ୍ତୁ ଯଦିକେହି ପରବର୍ତି ସମୟରେ ଲେଖିଅଛନ୍ତି, ତେବେ ଯିହୁଦା ସେହି ବ୍ୟକ୍ତି ନିମନ୍ତେ ଏକ ଉତ୍ତମ ବିକଳ୍ପ ନୁହନ୍ତି।

C. ପ୍ରାଚୀନ ରିତିନିତି ଅନୁସାରେ ଯିହୁଦା ଜଣେ ଏବ୍ରିୟ ଓ ଯିଶୁଙ୍କର ଭ୍ରାତା ଥିଲେ, (ମାଥିଉ ୧୩:୫୫, ମାର୍କ ୬:୩)ଯାହା ନିମ୍ନ ସୁତ୍ରରୁ ଜଣାଯାଇ ଥାଏ,

1. ଯାକୁବଙ୍କର ଏକ ପାରିବାରିକ ସମ୍ପର୍କ, (ଯାକୁବ ୧:୧)
2. ପୁରାତନ ନିୟମର ଅତ୍ୟଧିକ ବ୍ୟବହାର
3. ଏବ୍ରୀ ଲେଖା ଶୈଳୀରେ ତିନିପ୍ରକାରର ବ୍ୟବହାର ଦେଖାଯାଏ
   a. ପୁରାତନ ନିୟମର ତିନିଗୋଟି ଧର୍ମନିତି
   b. ପୁରାତନ ନିୟମର ତିନିଗୋଟି ଚରିତ୍ର

c. ପ୍ରାରର୍ଥୀକ ଶୁଭେଛା
   (1) ତିନିଗୋଟି ଶବ୍ଦ: "ଆହୁତ," "ପ୍ରିୟପାତ୍ର," "ସୁରକ୍ଷିତ"
   (2) ତିନିଗୋଟି ପ୍ରାର୍ଥନା ଅନୁରୋଧ: "କୃପା," "ଶାନ୍ତି," "ପ୍ରେମ"

D. ଯିହୁଦାଙ୍କର ଗ୍ରୀକ ଭାଷାର ଲେଖା ଶୈଳୀ ଅତି ସାଧାରଣ ଗ୍ରୀକ ଅଟେ, ଯିହୁଦା ବିଶ୍ୱସ୍ତରିୟ ସାଧାରଣ ଭାଷାର ପରିଚୟ ନିଶ୍ଚିତ ପାଇଥିବେ, (୧ମ କରିନ୍ଥୀୟ ୯:୫)

ଯିହୁଦାଙ୍କର ଓ ଯାକୁବଙ୍କର ବ୍ୟକ୍ତିତ୍ୱରେ ଅନେକ ସମାନତା ରହିଅଛି, ସେ ଏହି ପାପମୟ ଜଗତରେ ଏକ ଖ୍ରୀଷ୍ଟିୟ ଜୀବନ ଯାପନ ନିମନ୍ତେ ସିଧା ସଳଖ କଥାକହି ଉଦବୋଧନା ପ୍ରଦାନ କରନ୍ତି ।

III. ସମୟ

A. ଏହାର କୈଣସି ନିଶ୍ଚିତତା ନାହି, କେବଳ ଏହାକୁ ଅନୁମାନ କରାଯାଇ ଥାଏ ।

B. ଏଠାରେ କେତେକ ଅନୁସନ୍ଧେୟ ତାଲିକା ଦେଖିବାକୁ ମିଳେ
1. ଯିହୁଦାଙ୍କର ଜୀବନ ସମୟରେ ଯଦି ସେ ଯାକୁବ ଓ ଯୀଶୁଙ୍କର ଭ୍ରାତା ଅଟନ୍ତି
2. ୨ୟ ପିତର ସହିତ ଯିହୁଦା ପୁସ୍ତକର ଲିଖିତ ଶୈଳିର ସମ୍ପର୍କ. ଯିହୁଦା ପୁସ୍ତକରେ ଥିବା ୨୫ ଗୋଟି ଶବ୍ଦ ମଧ୍ୟରୁ, ଷୋହଳ ଗୋଟି (୩-୧୮) ଶବ୍ଦ ୨ୟ ପିତର ୨:୧-୧୮ ସହିତ ସମାନତା ରହିଅଛି û ଯଦି ୨ୟ ପିତର ପୁସ୍ତକର ଲେଖକ ପିତରହି ଅଟନ୍ତି, ତେବେ ତାହା ତାହାଙ୍କର ଜୀବନର ଶେଷ ସମୟ କାଳରେ ଲେଖାଯାଇ ଅଛି, ଯାହା (ଖ୍ରୀ ପୂ ୬୪) । କିଏ କାହାଠାରୁ ଉଦ୍ଧାର କରିଅଛନ୍ତି ତାହା କହିବା କଷ୍ଟକର ଅଟେ,
   a. ୨ୟ ପିତର ଯିହୁଦା ପୁସ୍ତକରୁ ଉଦ୍ଧାର କରାଯାଇ ଅଛି
   b. ଯିହୁଦା ୨ୟ ପିତର ଠାରୁ ଉଦ୍ଧାର କରିଅଛନ୍ତି
   c. ଉଭୟେ ପ୍ରାଚୀନ ମଣ୍ଡଳୀର ପରମ୍ପରାକୁ ବ୍ୟବହାର କରିଅଛନ୍ତି

C. ଏହି ପୁସ୍ତର ଲେଖା ଅନୁସାରେ ଏହା ପ୍ରଥମ ଶତାବ୍ଦୀର ମଧ୍ୟଭାଗରେ ଲେଖାଯାଇ ଥିଲା ବୋଲି କୁହାଯାଏ, ଭଣ୍ଡ ଶିକ୍ଷକ ମାନଙ୍କ ଠାରୁ ଅନେକ ସମୟ ଚାଲିଯାଇ ଅଛି । ପ୍ରେରିତ ମାନଙ୍କର ଶାରିରିକ ଭାବରେ ଉପସ୍ଥିତ ହେବା ସମୟ ଚାଲିଯାଇ ଅଛି (୧୮-୧୯), କିନ୍ତୁ ଏକ ଉତ୍ତମ ଶିକ୍ଷାର ଅବିର୍ଭାବ ହୋଇପାରି ନାହି । ଯିହୁଦା ପୁସ୍ତକରେ ସେ ଭ୍ରାନ୍ତ ଶିକ୍ଷକ ମାନଙ୍କ ସମ୍ବନ୍ଧରେ ପ୍ରକାଶ କରନ୍ତି, କିନ୍ତୁ ଶିକ୍ଷାର ସମସ୍ୟା ବିଷୟରେ କିଛି କୁହନ୍ତି ନାହି । ସେ ପୁରାତନ ନିୟମରୁ ଅନେକ ବିଷୟ ଉଦ୍ଧାର କରିଅଛନ୍ତି, କିନ୍ତୁ ଯୀଶୁଙ୍କ ଶିକ୍ଷା ବିଷୟରେ କମ କୁହନ୍ତି । (କାହାଣି କିମ୍ବା ଶିକ୍ଷା)

D. ଇଶୁବିଅସ ତାହଙ୍କର ଏଐତିହାସିକ ଲେଖା *Historical Ecclesiasticus* III: ୧୯:୧-୨୦:୬ ରେ ଏପ୍ରକାରରେ ଲେଖନ୍ତି
1. ଡୋମ୍ମିସିଅସଙ୍କ ଦ୍ୱାରା ଯିହୁଦାଙ୍କର ନାତି ମାନଙ୍କୁ ରୋମକୁ ନିଆଯାଇଥିଲା
2. ସେମାନେ ଯିହୁଦୀୟ ଜାତିର ରାଜକିୟ ବଂଶ ଅଟନ୍ତି
3. ସେମାନେ ନାଜରତିୟ ଯୀଶୁଙ୍କର ସମ୍ପର୍କିୟ ଅଟନ୍ତି

E. ଏହାର ସମୟ ୬୦ରୁ ୮୦ ହୋଇପାରେ

IV. ଗ୍ରହଣ କର୍ତ୍ତା ଓ ସମୟ

A. ଯଦିଚ ପ୍ରାଚୀନ ମଣ୍ଡଳୀର ପ୍ରେରିତ ମାନେ ସୁସମାଚାର ବିଷୟରେ ଅଧିକ ଦୃଢ଼ତ୍ୱ ଦେଇଥିଲେ, ତଥାପି ପ୍ରାଚୀନ ମଣ୍ଡଳୀ ଏକମାତ୍ର ଇଶ୍ୱରଙ୍କ ସେବା କରିବାକୁ ବିଫଳ ହୋଇଥିଲେ । ଯେତେବେଳେ ପ୍ରେରିତ ମାନଙ୍କର ମୃତ୍ୟୁ ହେଲା (ଯୋଉସମୟରେ ଅତି କମ ପ୍ରେରିତ ଥିଲେ ଓ ଦୁରରେ ରହୁଥିଲେ) ଓ ଦ୍ୱିତିୟ ଆଗମନ ବିଳମ୍ବ ହୋଇଥିଲା, ସେହି ସମୟରେ ପ୍ରାଚୀନ ମଣ୍ଡଳୀ ସୁସମାଚାରକୁ "ଏକ ରୁପ ଦେବରେ" ଅକ୍ରୁତକାର୍ଯ୍ୟ ହୋଇଥିଲେ । ସେହି ସମୟରେ ପୁରାତନ ନିୟମ ଓ ଯିଶୁ ଖ୍ରୀଷ୍ଟଙ୍କର ପ୍ରଚାର ଏହାର ଏକ ମାନଦଣ୍ଡ ହୋଇଥିଲା ।

B. ଯିହୁଦା ପୁସ୍ତକ ଅନେକ ଘାତପ୍ରତିଘାତ ମଧ୍ୟରେ ଲେଖାଯାଇ ଅଛି । ବିଶ୍ୱାସୀମାନେ (ଏକ ସ୍ଥାନିୟ ମଣ୍ଡଳୀ କିମ୍ବା କୈଣସି ଅଂଚଳରୁ ତାହା ସ୍ପଷ୍ଟନୁହେ), ବାଇବଲ ଶିକ୍ଷା ଓ ଜ୍ଞାନ ସମ୍ବନ୍ଧିୟ ଶିକ୍ଷା ସକାଶୁ ଅନେକ ପ୍ରକାରର ଭୁଲ ଦେଖାଯାଇ ଥିଲା । ଯାହାକୁ ଭ୍ରାନ୍ତ ଶିକ୍ଷା କୁହାଯାଏ ।
1. ଭ୍ରାନ୍ତ ଶିକ୍ଷକ ମାନେ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଥିଲେ, ("ପ୍ରେମ ଭୋଜି" ୧୨)
2. ସେହି ଭ୍ରାନ୍ତ ଶିକ୍ଷକ ମାନେ ଇଶ୍ୱରଙ୍କ ଆତ୍ମା ବିହିନ, ସାଂସାରିକ ମନା ଓ ଦଳଭେଦ ସୃଷ୍ଟିକାରି ଥିଲେ, (୧୯)

3. ଏହି ଭ୍ରାନ୍ତ ଶିକ୍ଷକ ମାନେ "ଦୂତ ମାନକଂ" ବିଷୟରେ ଶିକ୍ଷା ଦୋଉଥିଲେ
4. ଏହି ଭ୍ରାନ୍ତ ଶିକ୍ଷକ ମାନେ ନିଜକୁ ଜ୍ଞାନି ବିବେଚନା କରୁଥିଲେ

ଯଦି ଜଣେ ଦ୍ଵିତିୟ ଶତାବ୍ଦୀର ଗ୍ରୀକ ଓ ରୋମିୟ ସମୟ ସହିତ ପରିଚିତ ତେବେ, ଏହି ପ୍ରକାରର ଏକ ଘଟଣା ଯାହା "ଜ୍ଞାନ ସମ୍ବନ୍ଧିୟ" ତାହା ଜାଣିପାରିବେ। ଏହା ନିଶ୍ଚିତ ଅଟେ ଯେ ଏହି ଭ୍ରାନ୍ତ ଶିକ୍ଷାର ଆରମ୍ଭ ଦ୍ଵୀତିୟ ଶତାବ୍ଦୀରେ ହୋଇଥିଲା। ଦ୍ଵତବାଦ ଓ ଏହି ଜ୍ଞାନ ସମ୍ବନ୍ଧିୟ ଘଟଣା ମୃତ ସାଗରରୁ ଉଦ୍ଧାର କରାଯାଇ ଥିବା ଲେଖାରେ ଦେଖିବାକୁ ମିଳେ। ଅନେକ ନୂତନ ନିୟମ ପୁସ୍ତକ (ଏଫିସିୟ, କଲସିୟ ଓ ପାଳକିୟ ପୁସ୍ତକ ଓ ୧ମ ଓ ୨ୟ ଯୋହନ), ଏହି ସବୁ ପୁସ୍ତକ ଏକ ସମାନ ପ୍ରକାରର ଭ୍ରାନ୍ତ ଶିକ୍ଷକଙ୍କ ନିକଟକୁ ଲେଖାଯାଇ ଅଛି ।

V. ଉଦ୍ଦେଶ୍ୟ

A. ଲେଖକ ସେମାନଙ୍କର ସାଧାରଣ ପରିତ୍ରାଣ ବିଷୟରେ ଲେଖୁଅଛନ୍ତି (୩)

B. ଏହି ସମୟରେ ଭ୍ରାନ୍ତ ଶିକ୍ଷକ ମାନେ ମଣ୍ଡଳୀ ମଧ୍ୟରେ ପ୍ରବେଶ କରିଥିଲେ (୧୨), ଯାହା ଲେଖକଙ୍କୁ ଏହି ପତ୍ର ଲେଖିବାର ଏକ କାରଣ ଥିଲା, ଯାହା "ବିଶ୍ଵାସ ଯାହା ଥରକେ ସମସ୍ତଙ୍କୁ ଓ ମଣ୍ଡଳୀକୁ ପ୍ରଦାନ କରାଯାଇ ଅଛି" (୩, ୨୦)। ତାହାଙ୍କର ଉଦ୍ଦେଶ୍ୟ (ଉଦ୍ଦିପନା ନିମନ୍ତେ), କିନ୍ତୁ ଖ୍ରୀଷ୍ଟିୟ ଜୀବନ ଯାପନ ଦ୍ଵରା, ଯାହା (ଯାକୁବ ୨:୧୪-୨୪) ସହିତ ସମାନ ଅଟେ। ଲୋକମାନେ କିଭଳି ଜୀବନ ଯାପନ କରନ୍ତି, ତାହା ଏହି ଶିକ୍ଷାର ଏକ ଶୈଳି ଅଟେ

C. ଲେଖକ ବିଶ୍ଵାସି ମାନଙ୍କୁ ପ୍ରେରଣା ଦେବାପାଇ ଚାହାନ୍ତି
1. ଆଧ୍ୟାତ୍ମିକତାରେ ବୁଦ୍ଧିନିମନ୍ତେ (୨୦)
2. ପରିତ୍ରାଣର ନିଶ୍ଚିତତାକୁ ବୁଝିବା ନିମନ୍ତେ (୨୧, ୨୪-୨୫)
3. ପତିତ ବ୍ୟକ୍ତି ମାନଙ୍କୁ ଉଦ୍ଧାର କରିବା ନିମନ୍ତେ, (୨୨-୨୩)

VI. ସମ୍ପୂର୍ଣ୍ଣ ଗ୍ରହଣିୟ ଭାବେ ଘୋଷଣା କରିବା

A. ଏହି ପୁସ୍ତକ ଗ୍ରହଣ କରାଯାଇ ଥିଲା, (ଏହା ରୋମର କ୍ଲେମେନ୍ଟଙ୍କ ଦ୍ଵାରା ଖ୍ରୀ ପୂ ୯୪ରେ ଉଦ୍ଧୃତ କରାଯାଇ ଥିଲା), ପରବର୍ତୀ ସମୟରେ ଏହା କିଛି ବିବାଦରେ ଆସିଥିଲା, କିନ୍ତୁ ପରେ (Council of Nicea, ଖ୍ରୀ ପୂ ୩୨୫ ଓ Carthage, ଖ୍ରୀ ପୂ ୩୯୭) ରେ ଏହାକୁ ଗ୍ରହଣ କରାଯାଇ ଥିଲା।

B. ଏହାର ମୁଖ୍ୟ ସମସ୍ୟା ଏହା ଅସ୍ଵୀକୃତି ପ୍ରାପ୍ତ ପୁସ୍ତକରେ ଉଦ୍ଧୃତ ହୋଇଅଛି (ଇନୋଶ ଓ ମୋଶାଙ୍କ ପୁସ୍ତକ)। ୧ମ ଇନୋଶଙ୍କ ପୁସ୍ତକ ସମସ୍ତ ବିଶ୍ଵାସି ମାନଙ୍କ ମଧ୍ୟରେ ବିସ୍ତାରିତ ହୋଇଥିଲା ଓ ଅତ୍ୟଧିକ ପ୍ରଭାବ ପକାଇ ଥିଲା।
1. ଏଥିରେ ସମସ୍ୟା କଣ ଅଟେ? ଏହା ଅସ୍ଵୀକୃତୀ ପ୍ରାପ୍ତ ପୁସ୍ତକ ସବୁକୁ ଅଧିକାର ପ୍ରଦାନ କରେ କି?
   a. ପୁରାତନ ନିୟମରୁ ଉଦ୍ଧାର କରାଯାଇ ଥିବା ଶବ୍ଦ (ଗଣନାପୁସ୍ତକ ୨୧:୧୪-୧୫, ୨୬-୩୦ [ବାଲମଙ୍କର ଭବିଷ୍ୟତ ବାଣି, ଗଣନା ପୁସ୍ତକ୨୨-୨୩]: ଯିହୋଶିୟ ୧୦:୧୩; ୨ୟ ଶାମୁଏଲ ୧:୧୮; ୧ମ ରାଜାବଳୀ ୧୧:୪୧; ୧୪:୧୯; ୨୯; ୧୫:୭, ୨୩,୩୧)
   b. ଯୀଶୁ ଅସ୍ଵୀକୃତି ପ୍ରାପ୍ତ ପୁସ୍ତକରୁ ଉଦାହରଣ ଦେଇଥିଲେ, (ମାଥିଉ ୨୩:୩୫)
   c. ଷ୍ଟିଫାନ ଅସ୍ଵୀକୃତି ପ୍ରାପ୍ତ ପୁସ୍ତକକୁ ବ୍ୟବହାର କରିଥିଲେ, (ପ୍ରେରିତ ୭:୪, ୧୪-୧୬)
   d. ପାଉଲ ଅସ୍ଵୀକୃତି ପ୍ରାପ୍ତ ପୁସ୍ତକକୁ ବ୍ୟବହାର କରିଥିଲେ
      (1). ଯୀହୁଦୀ ଶିକ୍ଷକ ମାନଙ୍କ ଅନୁସାରେ, ଯୀଶୁଙ୍କୁ ପ୍ରସ୍ତର ଭାବରେ ବର୍ଣନା କରାଯିବା, ଯେତେବେଳେ ଇଶ୍ରାଏଲ ଲୋକମାନେ ପ୍ରନ୍ତର ମଧ୍ୟରେ ଗମନ କରୁଥିଲେ (୧ମ କରିନ୍ଥିୟ ୧୦:୪)
      (2). ଫାରୋଙ୍କର ଦୁଇ ଗୁଣିଆଙ୍କ ନାମ ଯାହା ଯାତ୍ରାପୁସ୍ତକ ୭:୧୧;୮:୭ (୨ୟ ତୀମଥି ୩:୮), ଏହା ଏଐତିହାସିକ ପୁସ୍ତକରୁ ସଂଗ୍ରହ କରାଯାଇ ଅଛି।
      (3). ଗ୍ରୀକ ଲେଖକ
         a) ଆରାତୁସଙ୍କ ଲେଖା (ପ୍ରେରିତ ୧୭:୨୮)
         b) ମିନାଦାରଙ୍କ ଲେଖା (୧ମ କରିନ୍ଥୀୟ ୧୫:୩୩)
         c) ଇପ୍ୟୁରିପିସଙ୍କ ଲେଖା (ତିତସ ୧:୧୨)
   e. ଯାକୁବ ଯୀହୁଦୀ ମାନଙ୍କର ପରମ୍ପରାକୁ ବ୍ୟବହାର କରିଅଛନ୍ତି, ଯିହୁଦା ୫:୧୭
   f. ଯୋହନ ପ୍ରାଚୀନ ସମୟର କାହାଣିକୁ ବ୍ୟବହାର କରିଅଛନ୍ତି, ପ୍ରକାଶିତ ୧୨:୩

2. ଯିହୁଦା କଣ ପାଇ ଅସ୍ୱିକୃତି ପ୍ରାପ୍ତ ପୁସ୍ତକରୁ ବ୍ୟବହାର କରିଥିଲେ?
    a. ହୁଏତ ସେହିସବୁ ବିନା ମୂଲ୍ୟରେ ଭୁଲ ଶିକ୍ଷକ ମାନଙ୍କ ଦ୍ୱାରା ବ୍ୟବହୃତ ହୋଇଅଛି
    b. ହୁଏତ ସେହିସବୁ ଲୋକମାନେ ଗ୍ରହଣ କରୁଥିଲେ ଓ ପଠନ କରୁଥିଲେ

C. ଯିହୁଦା ପୁସ୍ତକର ସ୍ୱୀକୃତି ନିମନ୍ତେ ଦିଆଯାଇ ଥିବା ପ୍ରମାଣ

1. ଯାହା ଆଂଶିକ ଭାବେ କିମ୍ବା ଉଦ୍ଧୃତ କରାଯାଇ ଅଛି
    a. ରୋମର କ୍ଲେମେଣ୍ଟ (ଖ୍ରୀ ପୂ ୯୪-୯୭)
    b. ପଲିକ୍ରପ, (ଖ୍ରୀ ପୂ ୧୧୦-୫୦)
    c. ଇରାନିଅସ (ଖ୍ରୀ ପୂ ୧୩୦-୨୦୨)
    d. ଟେର୍ଟୁଲିଆନ (ଖ୍ରେ ପୂ ୧୫୦-୨୨୦)
    e. ଆଥେନାଗର୍ଷ (ଖ୍ରୀ ପୂ ୧୭୭)
    f. ଓରିଜିନ (ଖ୍ରୀ ପୂ ୧୮୫-୨୫୪)

    (ଏହିସବୁ International Critical Commentary, pp. 305-308 ରୁ ନିଆଯାଇ ଅଛି)

2. ନାମକରଣ
    a. ଆଲେକଜ୍ୟାଣ୍ଡର ର କ୍ଲେମେଣ୍ଟ (ଖ୍ରୀ ପୂ ୧୫୦-୨୧୫)
    b. ଯେରୁଶାଲେମର ସିରିଲ (ଖ୍ରୀ ପୂ ୩୧୫-୩୮୬)
    c. ଜେରୋମ (ଖ୍ରୀ ପୂ ୩୪୦-୪୨୦)
    d. ଅଗଷ୍ଟିନ (ଖ୍ରୀ ପୂ ୪୦୦)

3. ସ୍ୱୀକୃତିପ୍ରାପ୍ତ ପୁସ୍ତକର ତାଲିକାଭୁକ୍ତ
    a. ମୁରାରି ମାନଙ୍କର ଲେଖାଖଣ୍ଡ (ଖ୍ରୀ ପୂ ୨୦୦)
    b. ବାରୋସିଓ (ଖ୍ରୀ ପୂ ୨୦୬)
    c. ଆଥେନସିଓସ (ଖ୍ରୀ ପୂ ୩୬୭)

4. ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ
    a. ନିସା (ଖ୍ରୀ ପୂ ୩୨୫)
    b. ହିପ୍ପୋ (ଖ୍ରୀ ପୂ ୩୯୩)
    c. କ୍ୟାଥେଜ (ଖ୍ରୀ ପୂ ୩୯୭ ଓ ୪୧୯)

5. ଅନୁବାଦ ସହିତ ଜଡିତ
    a. ପୁରାତନ ଲାଟିନ (ଖ୍ରୀ ପୂ ୧୫୦-୧୭୦)
    b. ସିରିଆର ପୁନଃକରଣ (ଖ୍ରୀ ପୂ ୫ ଶତାବ୍ଦୀରେ)

D. ପରବର୍ତ୍ତି ସମୟରେ ମଣ୍ଡଳୀ ଯିହୁଦା ପୁସ୍ତକର ସ୍ୱୀକୃତିକୁ (ଅନୁପ୍ରେରଣ) ନେଇ ଅନିଶ୍ଚିତତାର ଆଶଂକା କରିଥିଲା । ଇଶୁବିଅସ ଏହି ପୁସ୍ତକକୁ ଚର୍ଚିତ ପୁସ୍ତକ ମାନଙ୍କ ମଧ୍ୟରେ ରଖିଥିଲେ (*Hist. Eccl.* III:25)। ଜେରୋମ ଓ ଖ୍ରୀଶୋଷ୍ଟମ କୁହନ୍ତି, ଏହି ଦୁଇ ପୁସ୍ତକ ଅସ୍ୱୀକୃତି ପ୍ରାପ୍ତ ପୁସ୍ତକ ମାନଙ୍କ ଠାରୁ ଉଦ୍ଧାର କରାଯାଇ ଥିବା ସକାଶୁ, ଏହାକୁ ବିବାଦିୟ ପୁସ୍ତକ ହିସାବରେ ନିଆଯାଏ । ପ୍ରାଚୀନ ସିରିଆନ ମଣ୍ଡଳୀ ଦ୍ୱାରା ୨ୟ ପିତର, ୨ୟ ଓ ୩ୟ ଯୋହନ ପୁସ୍ତକ ସହିତ ଏହି ପୁସ୍ତକକୁ ସୁଧା ଅଗ୍ରାହ୍ୟ କରାଯାଇ ଥିଲା । କାରଣ ପୁରାତନ ଯିହୁଦୀ ମାନଙ୍କର ବିଚାର ସକାଶୁ ଅଟେ। ଯିହୁଦା ଓ ୧ମ ପିତର ଏହି ଭ୍ରାନ୍ତ ଶିକ୍ଷକ ମାନଙ୍କ ସହିତ ଯୁକ୍ତି କରିଥିଲେ ।

E. I ଇନୋକଙ୍କ ଅନୁଯାଇ, ଏହା ପ୍ରକୃତରେ ଏବ୍ରୀ ଭାଷାରେ ଲେଖାଯାଇ ଥିଲା, (ମୃତ ସାଗରରୁ ଆବିଷ୍କୃତ ଲେଖା ଅନୁସାରେ ଏହା ବର୍ତ୍ତମାନ ନଷ୍ଟ ହୋଇଯାଇ ଅଛି), କିନ୍ତୁ ପରେ ଏହାକୁ ଗ୍ରୀକରେ ଅନୁବାଦ କରାଯାଇ ଅଛି, (ଲେଖାଶିଳ୍ପୀ ଅଛି) ଓ ଖ୍ରୀ ପୂ ୬୦୦ରେ ଇଥିଓପିଆନ ଏହାକୁ ନକଲ କରିଥିଲେ, (ଏକ ନକଲ ଏହାର ଅଛି)। ଏହି ପୁସ୍ତକ ବାଇବଲ୍ର ସମୟ ମଧ୍ୟରେ ଲେଖାଯାଇ ଅଛି ଓ ଅନେକ ଥର ଏହାକୁ ସଂସ୍କରଣ କରାଯାଇ ଥିଲା । ଏହା ପ୍ରାଚୀନ ମଣ୍ଡଳୀରେ ଅତି ପ୍ରଭାବଶାଳୀ ଥିଲା ଓ ଟେର୍ଟୁଲିଆନ ଏହାଠାରୁ ଉଦ୍ଧାର କରିଥିଲେ, ପ୍ରେରିତ ବର୍ଣବାସ, ଇରାନିଅସ ଓ ଆଲେକଜ୍ୟାଣ୍ଡର ର କ୍ଲେମେଣ୍ଟ ଏହାକୁ ମଧ୍ୟ ଏହାକୁ ଉଦ୍ଧାର କରିଥିଲେ । ପ୍ରାଚୀନ ଚତୁର୍ଥ ଶତାବ୍ଦିରେ ଏହାର ଗୁରୁତ୍ୱ ହରାଇ ଥିଲା ।

VII. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ପଷ୍ଟିକରଣ ।

1. "ଆମ୍ଭମାନଙ୍କର ସାଧାରଣ ପରିତ୍ରାଣ" ୩

2. “ସାଧୁ ମାନକଂ ସାକ୍ଷାତରେ ଏକାଥରକେ ପାଇଥିବା ବିଶ୍ୱାସ”, ୩
3. “କାମୁକତା” ୪
4. “ନିଜ ବାସସ୍ଥାନ” ୬
5. “ଅନ୍ଧକାରମୟ ଚିରସ୍ଥାୟୀ ବାସସ୍ଥାନ” ୬
6. “ଅସ୍ୱଭାବିକ କାମୁକତା” ୭
7. “ଅନନ୍ତକାଳିନ ଅଗ୍ନି” ୭
8. “ପ୍ରେମ ଭୋଜି” ୧୨
9. “ଧାର୍ମିକ ବ୍ୟକ୍ତି” ୧୫
10. “ପବିତ୍ର ଆତ୍ମାରେ ପ୍ରାର୍ଥନା” ୨୦
11. “ଏକମାତ୍ର ଇଶ୍ୱର” ୨୫

VIII. ବ୍ୟକ୍ତି ମାନକଂର ବିଶେଷ ପରିଚୟ

1. “କେତେକ ଲୋକ ଗୁପ୍ତରେ ଅଛନ୍ତି” ୪
2. “ଦୂତମାନେ ଆପଣା ଆପଣା ଉଚ୍ଚପଦ ନ ରଖି” ୬
3. “ମୀଖାୟେଲ” ୯
4. ବିଲିୟାମ, ୧୧
5. କୋରହ, ୧୧
6. ଇନୋଶ, ୧୪
7. “ଯେ ତୁମ୍ଭମାନଙ୍କୁ”, ୨୪

IX. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ମିଶର, ୫
2. ସଦୋମ ଓ ଗମୋରା, ୭

X. ଆଲୋଚନା ମୁଳକ ପ୍ରଶ୍ନ ସମୁହ

1. ଯିହୁଦା (୮-୧୩)ରେ କୋଉ ପ୍ରକାରର ଭ୍ରାନ୍ତ ଶିକ୍ଷକ ବିଷୟରେ କହୁଅଛନ୍ତି?
2. କଣ ପାଇ ଯିହୁଦା ଅସ୍ୱୀକ୍ରୁତି ପ୍ରାପ୍ତ ପୁସ୍ତକରୁ ଉଦ୍ଧାର କରିଅଛନ୍ତି? (୯, ୧୪-୧୫)
3. ପ୍ରଭୁଙ୍କ ପ୍ରେମରେ କି ପ୍ରକାରେ ଜଣେ ନିଜକୁ ରକ୍ଷିପାରିବ? (୨୧)
4. ଯିହୁଦା ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ କଣ?
5. ୨ୟ ପିତର ସହିତ ଯିହୁଦା କିଭଳି ଭାବରେ ଜଡିତ?

# ପୁରାତନ ନିୟମ ଭବିଷ୍ୟତ ବାଣୀର ସଂକ୍ଷୀପ୍ତ ବିବରଣି

I. **ଉପକ୍ରମ**

A. ପ୍ରାରମ୍ଭୀକ ବିବରଣ

1. ଏହି ଗୋଷ୍ଠି ଲୋକମାନେ ଏହି ଭବିଷ୍ୟତ ବାଣୀର ବ୍ୟାଖ୍ୟାରେ ସମ୍ମତ ହୁଅନ୍ତି ନାହି । ପ୍ରାଚୀନ ଚିନ୍ତାଧାରା ଅନୁସାରେ ଏହି ସତ୍ୟକୁ ସ୍ଥାପନ କରାଯାଇ ଅଛି, କିନ୍ତୁ ଏହା ନୁହେ ।
2. ପୁରାତନ ନିୟମର ଭବିଷ୍ୟତବାଣୀ ନିମନ୍ତେ କେତେକ ବର୍ଣତ ଅବସ୍ଥା ରହିଅଛି,
   a. ରାଜ ଶାସନ ପୁର୍ବର କଥା (ଶାଉଲ ରାଜାଙ୍କ ପୁର୍ବରୁ)
      (1) ଯୋଉମାନଙ୍କୁ ବ୍ୟକ୍ତିଗତ ଭାବେ ଭବିଷ୍ୟତ ବକ୍ତାବୋଲି ଡକାଯାଏ
         a) ଅବ୍ରାହାମ- ଆଦିପୁସ୍ତକ ୨୦:୭
         b) ମୋଶା- ଗଣନାପୁସ୍ତକ ୧୨:୬-୮; ଦ୍ଵିତିୟ ବିବରଣ. ୧୮:୧୫; ୩୪;୧୦
         c) ହାରୋଣ- ଯାତ୍ରାପୁସ୍ତକ ୭:୧ (ମୋଶାଙ୍କର ସଂଗୀ)
         d) ମିରିୟମ- ଯାତ୍ରାପୁସ୍ତକ ୧୫:୨୦
         e) ମେଦଦ ଓ ଇଲଦଦ- ଗଣନାପୁସ୍ତକ ୧୧:୨୪-୩୦
         f) ଦବୋରା- ବିଚାରକର୍ତ୍ତା ୪:୪
         g) ଅନାମି- ବିଚାରକର୍ତ୍ତା ୬:୭-୧୦
         h) ଶାମୁଏଲ- ୧ମ ଶାମୁଏଲ ୩:୨୦
      (2) ଭବିଷ୍ୟତ ବକ୍ତାଙ୍କ ମିଳିତ ସଂକେତ- ଦ୍ଵିତିୟ ବିବରଣ ୧୩:୧-୫; ୧୮:୨**୦-୨୨**
      (3) ଭବିଷ୍ୟତ ବକ୍ତା ମାନଙ୍କର ଦଳ- ୧ମ ଶାମୁଏଲ ୧୦:୫-୧୩; ୧୯:୨୦; ୧ମ ରଜାବଳୀ ୨୦:୩୫, ୪୧; ୨୨:୬, ୧୦-୧୩; ୨ୟ ରାଜାବଳୀ ୨:୩, ୭; ୪: ୧, ୩୮; ୫:୨୨; ୬:୧
      (4) ମଶିହଙ୍କୁ ଭବିଷ୍ୟତ ଭାବେ ସମ୍ବୋଧନ କରାଯାଏ- ଦ୍ଵିତିୟ ବିବରଣ ୧୮:୧୫-୧୮
   b. ରାଜାମାନଙ୍କ ସମୟର ଅବର୍ଣିତ ଭବିଷ୍ୟତ ବକ୍ତା, (ସେମାନେ ରାଜାଙ୍କ ସହିତ ଥିଲେ)
      (1) ଗାଦ- ୧ମ ଶାମୁଏଲ ୭:୨; ୧୨:୨୫; ୨ୟ ଶାମୁଏଲ ୨୪:୧୧; ୧ମ ବଂଶାବଳୀ ୨୯:୨୯
      (2) ନାଥନ- ୨ୟ ଶାମୁଏଲ ୭:୨; ୧୨:୨୫, ୧ମ ରଜାବଳୀ ୧:୨୨
      (3) ଅହିୟ- ୧ମ ରଜାବଳୀ ୧୧:୨୯
      (4) ଯେହୁ- ୧ମ ରଜାବଳୀ ୧୬:୧, ୭, ୧୨
      (5) ଅନାମି- ୧ମ ରଜାବଳୀ୧୮:୪, ୧୩; ୨୦:୧୩, ୨୨
      (6) ଏଲିଅ- ୧ମ ରଜାବଳୀ ୧୮; ୨ୟ ରଜାବଳୀ ୨
      (7) ମୀଖାୟା- ୧ମ ରଜାବଳୀ ୨୨
      (8) ଇଲୀଶାୟ- ୨ୟ ରଜାବଳୀ ୨:୮, ୧୩
   c. ଲିଖିତ ଭବିଷ୍ୟତ ବକ୍ତା (ସେମାନେ ଦେଶ ଓ ରାଜାଙ୍କୁ ଶିକ୍ଷା ପ୍ରଦାନ କରିଥିଲେ); ଯିଶାଇୟ, ମଲାଖି (ଦାନିଏଲଙ୍କ ବ୍ୟତିତ)

B. ବାଇବଲ ଭିତିକ ଶବ୍ଦ

1. *ro'eh* = seer, ୧ମ ଶାମୁଏଲ ୯:୯ । ଏହା *Nabi* ଶବ୍ଦର ପରିବର୍ତନକୁ ବୁଝାଏ, ଯାହାର ଅର୍ଥ "ଭାବବାଦୀ", ଏହା "ଆହ୍ଵାନ" ଶବ୍ଦର *Ro'eh* ମୁଳରୁ ଆନିତ, ଯାହାର ପ୍ରକ୍ରୁତ ଅର୍ଥ "ଦେଖିବା", । ଏହି ବ୍ୟକ୍ତି ପରମେଶ୍ଵରଙ୍କର ଇଛା ଓ ଆଦେଶକୁ ବୁଝି ଉପଦେଶ ପ୍ରଦାନ କରୁଥିଲେ ।
2. *hozeh* = seer, ୨ୟ ଶାମୁଏଲ ୨୪:୧, ଏହା *ro'eh* ସହିତ ସମାନ ଅଟେ, ଏହା ଏବ୍ରୀୟ ଶବ୍ଦ "ଦେଖିବା" ସହିତ ସମାନ ଅଟେ । ଏହା ଅନେକ ସମୟରେ ଭାବବାଦୀ ମାନଙ୍କ ନିମନ୍ତେ ବ୍ୟବହାର କରାଯାଏ ।
3. *nabi'* = ଭାବବାଦୀ, ଆକାଡିଆନ ମାନଙ୍କର କ୍ରିୟା **nabu** ଅର୍ଥାତ "ଅହ୍ଵାନ" ଓ ଆରବୀୟ ଭାଷାରେ *naba'a,* ଅର୍ଥାତ "ଘୋଷଣା କରିବା", ଏହା ପୁରାତନ ନିୟମରେ ଭାବବାଦୀ ମାନଙ୍କ ନିମନ୍ତେ ସର୍ବାଧିକ ବ୍ୟବହ୍ରୁତ ହୋଇଥାଏ । ଏହା ୩୦୦ ଠାରୁ ଅଧିକ ଥର ବ୍ୟବହାର କରାଯାଇ ଅଛି । ଏହାର ସଠିକ ମୁଳଶବ୍ଦ ଅଜଣା ଅଟେ, କିନ୍ତୁ "ଆହ୍ଵାନ" ଏହା ବିଶେଷତଃ ପରମେଶ୍ଵରଙ୍କ ଠାରୁ ଆସିଥାଏ ବୋଲି ବିଶ୍ଵାସ କରାଯାଏ । ଯାହା

ମୋଶା, ହାରୋଣଙ୍କ ଦ୍ୱାରା ଫାରୋ ରାଜାକୁଁ ଜଣାଇ ଥିଲେ (ଯାତ୍ରା ୪:୧୦-୧୬; ୭:୧ ଦ୍ୱିତିୟ ବିବରଣି ୫:୫)। ଭାବବାଦୀ ମାନେ ପରମେଶ୍ୱରଙ୍କ ବାକ୍ୟକୁ ମନୁଶ୍ୟ ମାନକୁଁ ଜଣାଇ ଥାଏ, (ଆମୋଷ ୩:୮; ଯିରିମିୟ ୧:୭, ୧୭; ଯିହିଜିକଲ ୩:୪)।

4. ଏହି ତିନିଗୋଟି ଶବ୍ଦ ଭାବବାଦୀ ମାନଙ୍କ ନିମନ୍ତେ ବ୍ୟବହୃତ ହୋଇଥାଏ, ୧ମ ବଂଶାବଳୀ ୨୯:୨୯; ଶାମୁଏଲ- *Ro'eh,* ନାଥନ- *Nabi'*, ଓ ଗାଦ- *Hozeh*
5. *'ish ha - 'elohim,* "ଈଶ୍ୱରଙ୍କ ଲୋକ", ଶବ୍ଦ ମଧ୍ୟ ପରମେଶ୍ୱଙ୍କ ଲୋକମାନଙ୍କ ପାଇ ବ୍ୟବହାର କରାଯାଏ। ଏହା ପୁରାତନ ନିୟମରେ "ଭାବବାଦୀ" ମାନଙ୍କ ଉଦ୍ଦେଶ୍ୟରେ ୭୬ ଥର ବ୍ୟବହାର କରାଯାଇ ଅଛି।
6. ଭାବବାଦୀ Prophet ଶବ୍ଦ ଗ୍ରୀକ ଭାଷାରୁ ଆନୀତ, **ଏହା** (1) pro = "before" or "for"; (2) phemi = "to speak.

II. ଭାବବାଣୀର ଅର୍ଥ

A. "ଭାବବାଣୀ" ଶବ୍ଦ ପ୍ରାଚୀନ ଏବ୍ରିୟ ଭାଷାରେ ଇଂରାଜୀ ଭାଷାଠାରୁ ଅତ୍ୟଧିକ ଗୁରୁତ୍ୱ ପୂର୍ଣ ଅଟେ । ଯୀହୁଦୀୟ ମାନେ ଯିହୋଶିୟ ପୁସ୍ତକ ଠାରୁ ରାଜାବଳୀ ପର୍ଯ୍ୟନ୍ତ (ରୁତର ବିବରଣୀକୁ ଛାଡି) ପୁର୍ବବର୍ତୀ ଭବିଶ୍ୟତ ବକ୍ତାଗଣଙ୍କ ପୁସ୍ତକ ବୋଲି କୁହନ୍ତି। ଅବ୍ରାହାମ (ଆଦିପୁସ୍ତକ ୨୦୭, ଗୀତ ସଂହିତା ୧୦୫:୫) ଓ ମୋଶା (ଦ୍ୱୀତିୟ ବିବରଣି ୧୮:୧୮), ଯାହା ଭାବବାଦୀ ଭାବରେ ଲେଖାଯାଇ ଅଛି, ପୁଣି (ମରିୟମ ଯାତ୍ରାପୁସ୍ତକ ୧୫:୨୦)। ଏଣୁ ଇଂରାଜୀ ସଂଜ୍ଞା ଉପରେ ଅତ୍ୟଧିକ ଗୁରୁତ୍ୱ ଦେବା ଉଚିତ ନୁହେ।

B. ଏହି ଭାବବାଣୀ କେବଳ ଐଶ୍ୱରିକ ଚିନ୍ତା, ଐଶ୍ୱରିକ ଉଦ୍ଦେଶ୍ୟ ଓ ଐଶ୍ୱରିକ ଯୋଗଦାନ ଦ୍ୱାରା ଏହାର ଐତିହାସିକ ଘଟଣା ବଳୀ ଦ୍ୱାରା ଏହାର ଅର୍ଥକୁ ବୁଝାଯାଇ ପାରିବ, (1*interpreter's Dictionary of the Bible, vol.3, p.896* )

C. ଭାବବାଦୀ ମାନେ କୈଣସି ଦାର୍ଶନିକ ବାଦୀ କିମ୍ବା ଶିକ୍ଷକ ନୁହନ୍ତି, କିନ୍ତୁ ସେମନେ ଈଶ୍ୱର ଓ ଇଶ୍ରାଏଲ ଲୋକମାନଙ୍କ ମଧ୍ୟରେ ଥିବା ନିୟମର ମଧ୍ୟସ୍ଥତା କରନ୍ତି ଓ ସେମାନଙ୍କର ବର୍ତମାନକୁ ସାବଧାନରେ କଡାଇ ନେଇ, ଭବିଷ୍ୟତକୁ ସୁରକ୍ଷା ପ୍ରଦାନ କରିଥାନ୍ତି, ("Prophets and Prophecy," *Encyclopaedia Judaica*, vol. 13, p. 1152).

III. ଭାବବାଣୀର ଉଦ୍ଦେଶ୍ୟ

A. ପରମେଶ୍ୱର ଲୋକମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାର ଏକ ଉପାୟ ଭାବବାଣୀ ଅଟେ, ଏହାଦ୍ୱାରା ଲୋକମାନଙ୍କୁଁ ସଚେତନ ଦେବା ସାଥେ ସାଥେ ଜାଗତିକ ବିଷୟକୁ ଆୟତ କରିଥାଏ । ଏହା ମୁଖ୍ୟତ ଶିକ୍ଷାଦେବାରେ, ଉତ୍ସାହିତ କରିବାରେ, ଲୋକମାନଙ୍କୁଁ ବିଶ୍ୱାସ ଓ ମନପରିବର୍ତନ ଆଡକୁ କଡେଇନେବାରେ ଓ ଈଶ୍ୱରଙ୍କ ଲୋକମାନଙ୍କୁଁ ତାହାଙ୍କର ଯୋଯନା ବିଷୟରେ ଜଣାଇବା ଭାବବାଣୀର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହା ଦ୍ୱାରା ଈଶ୍ୱରଙ୍କର ଇଚ୍ଛା ତାହାଙ୍କର ଭାବବାଦୀ ମାନଙ୍କ ଦ୍ୱାରା ପ୍ରକାଶିତ ହୋଇଥାଏ, (ଦ୍ୱୀତିୟ ବିବରଣୀ ୧୩:୧-୩; ୧୮:୨୦-୨୨)।

B. ଅନେକ ସମୟରେ ଭାବବାଦୀ ମାନେ ଐତିହାସିକ ଓ ବାଇବଲ ଭିତିକ ଘଟଣାକୁ ଆଗାମି ଭବିଷ୍ୟତ ବିଷୟରେ ପ୍ରଚାର କରିଥାନ୍ତି। ଏହି ଶେଷ ସମୟର (ଐତିହାସିକ) ଘଟଣା ଐଶ୍ୱରିକ ଆହ୍ୱାନ ଓ ନିୟମର ଚୁକ୍ତି ବିଷୟରେ ପ୍ରକାଶ କରିଥାଏ।

**C.** ଏହି ଭାବବାଦୀ ମାନଙ୍କର କାର୍ଯ୍ୟ (ଯିରିମିୟ ୧୮:୧୮) ଯାଜକ ମାନଙ୍କ ସଦୃଶ୍ୟ, ଈଶ୍ୱରଙ୍କ ଇଚ୍ଛାକୁ ଜାଣିବା ଦରକାର ଅଟେ, ଉରିମ ଓ ଥୁମ୍ମିମ ଈଶ୍ୱରଙ୍କ ବାକ୍ୟକୁ ପ୍ରକାଶ କରନ୍ତି। କିନ୍ତୁ ଏହି ଭାବବାଣୀ କାର୍ଯ୍ୟ ଶେଷ ପୁସ୍ତକ ମଲାଖିଙ୍କ ପରେ ୪୦୦ ବର୍ଷ ବନ୍ଦ ରହିଥିଲା, ଯେତେବେଳେ ପର୍ଯ୍ୟନ୍ତ ବାପ୍ତିଜିକ ଯୋହନଙ୍କର ଆବିର୍ଭାବ ହୋଇନଥିଲା। ନୂତନ ନିୟମର ଭାବବାଣିର ଦାନ କିଭଳି ଭାବରେ ଏହା ସହିତ ଜଡିତ ଅଟେ, ତାହା ଅନିଶ୍ଚିତ ଅଟେ। ନୂତନ ନିୟମର ଭାବବାଦୀ (ପ୍ରେରିତ ୧୧:୨୭-୨୮; ୧୩:୧; ୧୪:୨୯, ୩୨, ୩୭:୧୫:୩୨; ୧ମ କରିନ୍ଥୀୟ ୧୨:୨୮-୨୯; ଏଫିସିୟ ୪:୧୧)ଏହି ସବୁ କୈଣସି ନୁତନ ଶିକ୍ଷା ନୁହେ, କିନ୍ତୁ ଈଶ୍ୱରଙ୍କର ସେହି ଯୋଜନକୁ ନିୟମ ଅନୁସାରେ ପ୍ରକାଶିତ କରିଥାଏ।

D. ଭାବବାଣି ସବୁ ସମୟରେ ଭବିଷ୍ୟତ ବିଷୟରେ କହିବା ନୁହେ, ଅମ୍ଭେମାନେ ମଏନ ରଖିବା ଆବଶ୍ୟକ ଯେ, ୨% ଭାଗରୁ କମ ପୁରାତନ ନିୟମର ଭାବବାଣୀ ଖ୍ରୀଷ୍ଟଙ୍କ ବିଷୟରେ ଅଟେ, ୫%ରୁ କମ ନୁତନ ନିୟମ ପ୍ରତିଜ୍ଞା ବିଷୟରେ, ୧%ରୁ କମ ଯାହା ଭବିଷ୍ୟତ ବିଷୟରେ ପ୍ରକାଶ କରିଥାଏ, (Fee & Stuart, *How To Read The Bible For All It Is Worth*, p. 166)।

E. ଭାବବାଦୀ ମାନେ ଈଶ୍ୱରଙ୍କ ଠାରୁ ମନୁଶ୍ୟ ମାନଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଥିଲେ, ଏହା ସତ୍ୟ ଅଟେ। କିନ୍ତୁ ହବକୁକ ଏଥି ମଧ୍ୟରୁ ଅନ୍ୟତମ, ସେ ଈଶ୍ୱରଙ୍କୁ ପ୍ରଶ୍ନ ପଚାରି ଥିଲେ।

F. ଏହି ଭାବବାଦୀ ମାନଙ୍କ ପୁସ୍ତକ ବୁଝିବା ଏଥିପାଇ ହୋଇଥାଏ, କାରଣ ଏହାର ସ୍ୱାଭାବ ସମ୍ପୁର୍ଣ ଅଲଗା ହୋଇଥାଏ, ସେହିସବୁ ସମାନ ଭାବରେ ନାହାନ୍ତି କିନ୍ତୁ ସେମାଙ୍କର ଉଦ୍ଦେଶ୍ୟ ଅନୁସାରେ ଅଛନ୍ତି । ଏହି ଭାବବାଦୀ ମାନଙ୍କ ପୁସ୍ତକରେ ଐତିହାସିକ ଘଟଣାବଳୀ, ସମୟ ସୀମା ଓ ଅନୁଚ୍ଛେଦ ମଧ୍ୟରେ ବିଭାଜନ ଦେଖାଯାଏ, ଅନେକ କ୍ଷେତ୍ରରେ ଏହା କଷ୍ଟକର ହୋଇଥାଏ, (୧) ଏକାଥରକେ ଏହି ପୁସ୍ତକ ପଢ଼ିବା କଷ୍ଟକର ହୋଇଥାଏ, (୨) ଉଦ୍ଦେଶ୍ୟ ଅନୁଯାଇ ପ୍ରାଥମିକ ଚିଠା ବନେବା କଷ୍ଟ ହୋଇଥାଏ, (୩) ଲେଖକଙ୍କର ଉଦ୍ଦେଶ୍ୟକୁ ଜାଣିବାରେ ଅସୁବିଧା ହୋଇଥାଏ ।

IV. ଭବିଶ୍ୟତବାଣୀର ଚରିତ୍ର

A. "ଭାବବାଦୀ" ଓ "ଭାବବାଣୀ" ସମ୍ବନ୍ଧରେ ପୁରାତନ ନିୟମରେ ଏକ ପ୍ରକାରର ଧାରଣା ଥିଲା, ଇଲୀଶାୟ ଓ ଏଲିୟଙ୍କ ନେତ୍ରୁତ୍ୱରେ ଭାବବାଦୀ ମାନଙ୍କ ମଧ୍ୟରେ ଏକ ପ୍ରକାରର ସମ୍ପର୍କ ଦେଖା ଦେଇଥିଲା । କେତେକ ସମୟରେ "ଭାବବାଦୀ ମାନଙ୍କ ପୁତ୍ରସନ୍ତାନ ବୋଲି" ଏହି ବିଭାଗକୁ କୁହାଯାଏ (୨ରାଜାବଳୀ ୨) । ଏହି ସମୟର ଭାବବାଦୀ ମାନେ ଅତ୍ୟନ୍ତ ଆନନ୍ଦ ଜନକ ଦେଖାଯାଉ ଥିଲେ (୧ମ ଶାମୁଏଲ ୧୦:୧୦-୧୩; ୧୯:୧୮-୨୪)

B. କିନ୍ତୁ ଏହି ସମୟ ଅତି ଶିଘ୍ର ଅତିବାହିତ ହୋଇଗଲା । ସେହି ସମୟରେ କେତେକ ଭାବବାଦୀ ତଥା (ସତ୍ୟ ଓ ଭଣ୍ଡ ଭାବବାଦୀ), ଯୋଉମାନେ ରାଜାମାନଙ୍କ ସହିତ ରାଜ ଦରବାରରେ ବସବାସ କରୁଥିଲେ (ଗାଦ ଓ ନାଥନ) । ଅନ୍ୟ କେତେକ ଇଶ୍ରାଏଲ ଲୋକମାନଙ୍କ ଠାରୁ ଅଲଗା ବସବାସ କରୁଥିଲେ (ଆମୋଶ) । ସେମାନେ ଉଭୟ ପୁରୁଷ ଓ ସ୍ତ୍ରୀ ଥିଲେ, (୨ୟ ରାଜାବଳୀ ୨୨:୧୪) ।

C. ଅନେକ ସମୟରେ ଭାବବାଦୀ ମନେ ଭବିଷ୍ୟତ ବିଷୟକୁ, ବର୍ତମାନ ମନୁଷ୍ୟର ଜୀବନ ଯାପନ ଦେଖି ପ୍ରକାଶ କରୁଥିଲେ । ଏହି ଭାବବାଦୀ ମାନଙ୍କର ମୁଖ୍ୟ କର୍ତବ୍ୟ ହେଲା, ପରମେଶ୍ୱରଙ୍କ ସାର୍ବଜନୀନ ଯୋଜନାକୁ ପ୍ରକାଶ କରିବା, ଯାହାକି କୈଣସି ମନୁଶ୍ୟ ମାନଙ୍କର ଚାଳନା ଦ୍ୱାରା ପ୍ରଭାଭିତ ହେବନାହି । ଏହା ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା । ନିୟମର ବିଶ୍ୱସ୍ଥତା ହେବାର ସମ୍ବାଦ ଭାବବାଦୀ ମାନଙ୍କର ମୁଖ୍ୟ ସମ୍ବାଦ ଅଟେ (cf. Fee and Stuart, p. 150) । ଭାବବାଦୀମାନେ ସମସ୍ତଙ୍କୁ ଅର୍ଥାତ ବିଶେଷ ଭାନେ ଦେଶ ମାନଙ୍କୁ ସଚେତନ ପ୍ରଦାନ କରନ୍ତି ।

D. ଅନେକ ଭାବବାଣୀ ମୈଖିକ ଭାବରେ ପ୍ରକାଶ କରାଯାଇ ଥାଏ, ପରେ ଏହାକୁ ଲେଖା ମାଧ୍ୟମରେ ପ୍ରକାଶ କରାଯାଏ, ଯାହା ବର୍ତମାନ ଆମ ପାଖରେ ନାହି । କାରଣ ଏହା ମୈଖିକ ଭାବେ ପ୍ରକାଶ କରାଯାଏ, ଏହାକୁ ଏକ ପ୍ରଣାଳୀ ଭାବେ ପ୍ରସ୍ତୁତ କରାଯାଇ ନ ପାରେ । ଏଥିପାଇ ଏହି ପ୍ରକାର ଲେଖା ଓ ଐତିହାସିକ ପୁଷ୍ଟଭୁମି ବୁଝିବା ନିମନ୍ତେ କଷ୍ଟକର ହୋଇଥାଏ ।

E. ଭାବବାଦୀମାନେ ନିଜ ସମ୍ବାଦକୁ ପ୍ରକାଶ କରିବା ନିମନ୍ତେ ଅନେକ ପ୍ରକାରର ଉପାୟ ଅବଲମ୍ବନ କରିଥିଲେ ।
   1. ନ୍ୟାୟାଳୟର ଦୃଶ୍ୟ- ଇଶ୍ୱର ତାହାଙ୍କର ଲୋକମାନଙ୍କୁ, ତାହାଙ୍କର ପତ୍ନି (ଇଶ୍ରାଏଲ)କୁ ତାହାର ଅବିଶ୍ୱସ୍ଥତା ସକାଶୁ ନ୍ୟାୟାଳୟକୁ ନେବାର ଦୃଶ୍ୟ ଦେଖାଯାଏ, (ହୋଶେୟ ୪ ଓ ମୀଖା ୬) ।
   2. ଶ୍ମସାନ କ୍ରିୟା- ଏକ ପ୍ରକାରର "ଅଭିଶାପ"ର ବାର୍ତାକୁ ବିଶେଷ ଭାବରେ ପ୍ରକାଶ କରାଯାଏ, (ଯିଶାଇୟ ୫, ହବକୁକ ୨)
   3. ନିୟମ ଚୁକ୍ତିର ଆଶିର୍ବାଦ- ଏହି ଚୁକ୍ତିର ସମସ୍ତ ସର୍ତ ଓ ଏହାର ଉଭୟ ଉତ୍ତମ ଓ ବିପତ୍ତିଜନକ ପରିଣାମକୁ ପ୍ରକାଶ କରିଥାଏ, (ଦ୍ୱୀତିୟ ବିବରଣୀ ୨୭-୨୮)

V. ଏକ ସତ୍ୟ ଭାବବାଦୀଙ୍କୁ ଜାଣିବା ନିମନ୍ତେ ବାଇବଲ ଭିତିକ ପ୍ରମାଣ

A. ଦ୍ୱୀତିୟ ବିବରଣ ୧୩:୧-୫ (ଭବିଷ୍ୟତ ବାଣୀ/ଆଶ୍ଚର୍ଯ୍ୟ କାର୍ଯ୍ୟ)

B. ଦ୍ୱୀତିୟ ବିବରଣ ୧୮:୯-୨୨ (ଭୁଲ ଶିକ୍ଷକ/ ଠିକ ଶିକ୍ଷକ)

C. ଉଭୟ ପୁରୁଷ ଓ ସ୍ତ୍ରୀ ଭବିଷ୍ୟତ ବକ୍ତା ଓ ଭବିଷ୍ୟତବକ୍ତ୍ରୀ ନିର୍ବାଚୀତ ହେଉଥିଲେ,
   1. ମରିୟମ- ଯାତ୍ରା ପୁସ୍ତକ ୧୫
   2. ଦବୋରା- ବିଚାରକର୍ତ୍ତା ୪:୪-୬
   3. ହୁଲଦା- ୨ୟ ରାଜାବଳୀ :୨୨:୧୪-୨୦, ୨ୟ ବଂଶାବଳୀ ୩୪:୨୨-୨୮

   ସେହି ସ୍ଥାନମାଙ୍କରେ ଭାବବାଦୀ ମାନେ ବିଭିନ୍ନ ଭାବରେ ପରିଚିତ ଥିଲେ, ଇଶ୍ରାଏଲରେ ସେମାନେ
   1. ବାଇବଲ ଭିତିକ ଭାବେ ଜଣାଶୁଣା ଥିଲେ- ଇଶ୍ୱରଙ୍କ ନାମ "ଯିହୋବା"
   2. ଐତିହାସିକ ଭାବରେ- ସଠିକ ଭବିଷ୍ୟତ ବାଣୀ

VI. ଭାବବାଣୀ ବ୍ୟାଖ୍ୟା ନିମନ୍ତେ ସାହାଯ୍ୟକାରି ବିଷୟ

A. ଭାବବାଦୀ ମାନଙ୍କର ଭାବବାଣୀର ଐତିହାସିକ ଓ ଲେଖାଶୈଳୀର ପ୍ରକ୍ରୁତ ଭାବକୁ ବୁଝିବା ଆବଶକ। ଏହା ଇଶ୍ରାଏଲର ଇଶ୍ୱରଙ୍କ ଚୁକ୍ତିର ଅବିଶ୍ୱସ୍ଥତାକୁ ଜଣାଇ ଥାଏ।

B. ଭାବବାଣୀର ସମ୍ପୁର୍ଣ୍ଣଅଂଶକୁ ପାଠ କରିବା ଆବଶ୍ୟକ, ଏହାର ଉଦ୍ଦେଶ୍ୟ ଅନୁସାରେ ପ୍ରାଥମିକ ଚିଠା ପ୍ରସ୍ତୁତ କରିବା ଆବଶ୍ୟକ। ଏହା କିଭଳି ଭାବରେ ଅନ୍ୟ ଭାବବାଣୀ ମାନଙ୍କ ସହିତ ଜଡିତ ତାହାର ଏକ ପ୍ରାଥମିକ ଚିଠା ପ୍ରସ୍ତୁତ କରିବା ଆବଶ୍ୟକ, (ପ୍ରକ୍ରୁତ ଲେଖାଶୈଳୀ ଦ୍ୱାରା ଓ ଅନୁଚ୍ଛେଦ ଭାବରେ)

C. ଯେତେବେଳେ ପର୍ଯ୍ୟନ୍ତ କୈଣସି କାଳ୍ପନିକ ବ୍ୟାଖ୍ୟା ନିମନ୍ତେ ସେହି ପୁସ୍ତକ ଶିକ୍ଷା ଦିଏନାହି, ସେ ପର୍ଯ୍ୟନ୍ତ ତାହାକୁ ଆକ୍ଷରିକ ଭାବରେ ବ୍ୟାଖ୍ୟା କରିବା ଆବଶ୍ୟକ।

D. ଯେତେସବୁ ସଂକେତ ଓ ଛବିକୁ ଏହାର ଐତିହାସିକ ପରିସ୍ଥିତିକୁ ଆଖିଆଗରେ ରଖି ବ୍ୟାଖ୍ୟା କରିବା ଉଚିତ। ଏହାପୁର୍ବରୁ ମନେ ରଖିବା ଦରକାର ଯେ ଏହା ଏକ ପ୍ରାଚୀନ ଲେଖାଶିଳ୍ପି ଅଟେ, ଏହା ଆଧୁନିକ ପୁସ୍ତକ ନୁହେ।

E. ଭବିଷ୍ୟତ ବାଣୀକୁ ସତର୍କର ସହିତ ବ୍ୟବହାର ଓ ପ୍ରଚାର କରିବା ଆବଶ୍ୟକ
   1. ଏହା କେବଳ ଲେଖକଙ୍କ ସମୟ ନିମନ୍ତେ ଅଛି କି?
   2. ଏହା ଇଶାଏଲର ଇତିହାସରେ ପୁର୍ଣ ହୋଇଅଛି କି?
   3. ଏହା ଏକ ଭବିଷ୍ୟତ ଘଟଣାକୁ ସୁଚାଏ କି?
   4. ଏହା ବର୍ତମାନ ଓ ଭବିଷ୍ୟତର ସଫଳତାକୁ ବୁଝାଏ କି?
   5. ବାଇବଲର ବିଷୟକୁ ଗୁରୁତ୍ୱ ଦେବା ଆବଶ୍ୟକ, ଆଧୁନିକ ଶିକ୍ଷାକୁ ନୁହେ

   ବିଶେଷ ସଚେତନା
   1. ଏହି ଭାବବାଣୀ କୈଣସି ସର୍ତ ଉପରେ ନିର୍ଭର୍ଶୀଳ ଅଟେ କି?
   2. ଏହା କୈଣସି ବ୍ୟକ୍ତିକୁଂ ବ୍ୟକ୍ତିଗତଭାବେ ଦର୍ଶାଯାଏ କି?
   3. ଏହାର ବାଇବଲ ଭିତିକ ଓ ଐତିହାସିକ ପୁର୍ଣତାର ଆଶା ରହିଅଛି କି?
   4. ପୁରାତନ ନିୟମରେ ଅନେକ ନୁତନ ନିୟମର ଲେଖକ ମାନେ ଯୀଶୁଖ୍ରୀଷ୍ଟଙ୍କ ଝଲକକୁ ଦେଖିପାରି ଥିଲେ, ଏହାକୁ ଅତି ସତର୍କ ସହିତ ବ୍ୟବହାର କରିବା ଆବଶ୍ୟକ। ଅନେକ ପ୍ରକାରର ସାଦୃଶ୍ୟତା ଦେଖାଯାଇ ପାରେ, କିନ୍ତୁ ଏହାକୁ ଆମ୍ଭେମାନେ ଅତି ସତର୍କ ସହିତ ବ୍ୟବହାର କରିବା ଆବଶ୍ୟକ।

VII. ଆବଶ୍ୟକିୟ ପୁସ୍ତକ ସମୁହ


A. A *Guide to Biblical Prophecy* by Carl E. Armerding and W. Ward Gasqup

B. *How to Read tha Bible for All Its Worth* by Gordon Fee and Douglas Stuart

C. *My Servants the Prophets* by Edward J. Young

D. *Plowshares and Pruning Hooks: Rethinking the Language of Biblical Prophecy and Apocalyptic* by D. Brent Sandy

E. *Cracking the Old Testament Code*, D. Brent Sandy and Ronald L. Giese, Jr.

# ବିଶେଷ ଟିପ୍ପଣି: ପୁରାତନ ନିୟମର ଭାବବାଣୀ ଓ ନୂତନ ନିୟମର ଭାବବାଣୀ

(ଆବଶ୍ୟକିୟ ପ୍ରାଥମିକ ବିବରଣ- ପ୍ରକାଶିତ ବାକ୍ୟ)

ଅନେକ ବର୍ଷର ଅଧ୍ୟୟନ ପରେ ମୁ ଏହା ବୁଝିପାରିଲି ଯେ, ଆମ ପାଖରେ ଶେଷ ସମୟର ଶିକ୍ଷା ବିଷୟରେ କୈଣସି ନିର୍ଦ୍ଧିଷ୍ଟ ପଦ୍ଧତି କିମ୍ବା ପ୍ରଣାଳୀ ନୁହେ। କେତେକ ଖ୍ରୀଷ୍ଟିୟାନ ମାନେ ଏହାକୁ ନିଜର ବ୍ୟକ୍ତିଗତ କାରଣ ସକାଶୁ ବ୍ୟବହାର କରନ୍ତି। ଖ୍ରୀଷ୍ଟିୟାନ ମାନେ ଏହି ପୁସ୍ତକରୁ ଶେଷ ସମୟ ବିଷୟେ ଚିନ୍ତାକରି, ସୁସମାଚାରକୁ ଧ୍ୟାନ ଦିଅନ୍ତି ନାହି। ବିଶ୍ୱାସିମାନେ ଏହି (ଶେଷ ସମୟର) ଘଟଣାକୁ କୈଣସି ପ୍ରକାରେ ପ୍ରଭାବ ପକାଇ ପାରିବ ନାହି, କିନ୍ତୁ ସୁସମାଚାର ପ୍ରଚାର କାର୍ଯ୍ୟରେ ଅଂଶ ଗ୍ରହଣ କରିପାରିବେ (ମାଥିଉ ୨୮:୧୯-୨୦: ଲୁକ ୨୪:୪୭; ପ୍ରେରିତ ୧:୮)। ଅନେକ ବିଶ୍ୱାସୀମାନେ ଯୀଶୁ ଖୀଷ୍ଟଙ୍କର ଦ୍ୱିତିୟ ଆଗମନ ଓ ଶେଷ ସମୟର ପ୍ରତିଜ୍ଞାରେ ସମ୍ମତି ପ୍ରକାଶ କରନ୍ତି। ଏହି ଭାବବାଣୀର ବ୍ୟାଖ୍ୟା ଓ ବୁଝାମଣାରେ ଅନେକ ସମସ୍ୟା ଦେଖାଯାଏ (ବିଶେଷ ଟିପ୍ପଣି: ବିରୋଧଭାବକ ଟିପ୍ପଣି ଦେଖନ୍ତୁ)।

1. ପୁରାତନ ନିୟମର ଭାବବାଣୀ ଓ ନୂତନ ନିୟମର ଭାବବାଣୀ ମଧ୍ୟରେ ଥିବା ବିବାଦ
2. ବାଇବଲର (ଏକମାତ୍ର ଇଶ୍ୱର) ଓ (ବିଶେଷ ଗୋଷ୍ଠି ଭାବରେ) ଇଶ୍ରାଏଲ ଲୋକମାନଙ୍କର ନିର୍ବାଚନ
3. ପୁରାତନ ଓ ନୂତନ ନିୟମ ମଧ୍ୟବର୍ତ୍ତି ସମୟ, ଯୀହୁଦୀ ମାନଙ୍କ ଦ୍ୱାରା ଲିଖିତ ଅସ୍ୱୀକ୍ରୁତି ପ୍ରାପ୍ତ ପୁସ୍ତକ (୧ମ ଇନୋକ, ଯାହା ଯିହୁଦା ପୁସ୍ତକରେ ଉଦ୍ଧାର କରାଯାଇ ଅଛି)
4. ଯୀଶୁ ନିଜେ (ମାଥିଉ ୨୪; ମାର୍କ ୧୩; ଲୁକ ୨୧)
5. ପାଉଲଙ୍କ ଦ୍ୱାରା ଲିଖିତ ପୁସ୍ତକ ସମୂହ (୧ମ କରିନ୍ଥୀୟ୧୫, ୨ୟ କରିନ୍ଥୀୟ ୫:୧, ୧ମ ଥେସଲନିକିୟ ୪-୫. ୨ୟ ଥେସଲନିକିୟ ୨)
6. ଯୋହନଙ୍କ ଦ୍ୱାରା ଲିଖିତ ପୁସ୍ତକ (୧ମ ଯୋହନ ଓ ପ୍ରକାଶିତ)

ଚାଲନ୍ତୁ ଏହି ସବୁ ବିବାଦିୟ ବିଷୟରେ ଚିନ୍ତା କରିବା।

**ପ୍ରଥମ ବିବାଦ** (ପୁରାତନ ନିୟମର ଜାତି, ଦେଶ ଓ ଭୈଗଳିକ ବିଭାଗ ସହିତ ବିଶ୍ୱର ସମସ୍ତ ବିଶ୍ୱାସି ଓ ବିଶ୍ୱାସିନି)

ଯିହୁଦିର ପାଲେଷ୍ଟିୟର ଯେରୁଶାଲେମରେ ସମଗ୍ର ଜାତି ଦାଉଦ ରାଜାଙ୍କର ରାଜତ୍ୱରେ ଏକତ୍ରିତ ହେବେ, ଏହା ପୁରାତନ ନିୟମର ସମସ୍ତ ଭାବବାଦୀ ମାନଙ୍କର ବାଣୀ ଥିଲା, କିନ୍ତୁ ଯୀଶୁ ଓ ପ୍ରେରିତ ମାନେ ଏହି ବିଷୟ ଉପରେ ସେତେ ଗୁରୁତ୍ୱ ଦେଇନଥିଲେ। ପୁରାତନ ନିୟମ ଅନୁପ୍ରେରିତ ନୁହେକି (ମାଥିଉ ୫:୧୭-୧୯), ନୂତନ ନିୟମର ଲେଖକ ମାନେ ଶେଷ ସମୟ ବିଷୟର ଲେଖାକୁ ଅନ୍ତର୍ଭୁକ୍ତ କରିନାହାନ୍ତି କି?

ଶେଷ ସମୟ ବିଷୟରେ କେତେକ ତଥ୍ୟ ରହିଅଛି,

1. ପୁରାତନ ନିୟମର ଭାବବାଦୀ (ଯିଶାଇୟ, ମୀଖା, ମଲାଖି)
2. ପୁରାତନ ନିୟମର ଶେଷ ସମୟର ଲେଖକ (ଯିହିଜିକଲ: ୩୭-୩୯, ଦାନିଏଲ ୭-୧୨; ଯିଖରିୟ)
3. ପୁରାତନ ନିୟମ ଓ ନୂତନ ନିୟମର ମଧ୍ୟବର୍ତ୍ତି ସମୟ, ଅସ୍ୱୀକ୍ରୁତି ପ୍ରାପ୍ତ ଶେଷ ସମୟର ଲେଖକ , (୧ ଇନୋଖ, ଯାହା ଯିହୁଦା ପୁସ୍ତକରେ ଉଦ୍ଧାର କରାଯାଇ ଅଛି)
4. ଯୀଶୁ ନିଜେ, (ମାଥିଉ ୨୪; ମାର୍କ ୧୩; ଲୁକ ୨୧)
5. ପାଉଲଙ୍କର ଲେଖା, (୧ମ କରିନ୍ଥୀୟ ୧୫; ୨ୟ କରିନ୍ଥୀୟ ୫:୧, ୧ମ ଥେସଲନୀକୀୟ ୪-୫, ୨ୟ ଥେସଲନୀକୀୟ୨)
6. ଯୋହନଙ୍କର ଲେଖା (୧ମ ଯୋହନ ଓ ପ୍ରକାଶିତ ପୁସ୍ତକ)

ଏହି ସବୁ ପୁସ୍ତକ ଶେଷ ସମୟ ବିଷୟରେ ସମ୍ପୁର୍ଣ ଶିକ୍ଷା ପ୍ରଦାନ କରନ୍ତି କି (ଘଟଣା, କ୍ରମନ୍ନ୍ୟ ଓ ବ୍ୟକ୍ତି)? ଯଦି ନୁହେ, ତେବେ କଣ ପାଇନୁହେ? ତେବେ ସେହି ସମସ୍ତ ପୁସ୍ତକ ଅନୁପ୍ରେରିତ ନୁହେ କି (ପୁରାତନ ଓ ନୂତନ ନିୟମ ମଧ୍ୟବର୍ତ୍ତି ସମୟର ଲେଖା)?

ଆତ୍ମା ପୁରାତନ ନିୟମର ଲେଖକ ମାନଙ୍କୁ ବିଭିନ୍ନ ଭାବରେ ସତ୍ୟ ପ୍ରକାଶିତ କରିଥିଲା ଯାହା ସେମାନେ ବୁଝିପାରି ଥିଲେ। କିନ୍ତୁ ସେହି ବାକ୍ୟକୁ ପ୍ରଗତିଶୀଳ ଭାବରେ ପୁରାତନ ନିୟମର ଶେଷ କାଳୀନ ସତ୍ୟତାକୁ ସାର୍ବଜନୀନ ଭାଅବରେ ପ୍ରକାଶ କରିଅଛି। ("ଖ୍ରୀଷ୍ଟଙ୍କର ନିଗୁଡତତ୍ୱ" ଏଫିସିୟ ୨:୧୧-୩:୧୩, ବିଶେଷ ବିବରଣୀ ୧୦:୭ ଦେଖନ୍ତୁ)। କେତେକ ଉଦାହରଣ ହେଲା,

1. ପୁରାତନ ନିୟମରେ ଯେରୁଶାଲେମକୁ ଇଶ୍ୱରଙ୍କ ଲୋକମାନଙ୍କ ଭାବେ ତୁଳନା କରାଯାଏ (ଶିୟୋନ), କିନ୍ତୁ ନୂତନ ନିୟମରେ ଏହାକୁ ଇଶ୍ୱର ଅନୁତପ୍ତ ଲୋକମାନଙ୍କୁ ଗ୍ରହଣ କରିବା ବିଷୟରେ କୁହାଯାଏ (ନୂତନ ଯେରୁଶାଲେମ ୨୧-୨୨)। ଏହାର ଅନ୍ୟ ଏକ ଅର୍ଥ ଯେରୁଶାଲେମ ନଗରର (ବିଶ୍ୱାସି ଯୀହୁଦୀ ଓ ଅଣ ଯୀହୁଦୀକୁ) ବୁଝାଏ, ଯୀହୁଦୀ ଓ ତାହାଙ୍କର ସହରର ଆରମ୍ଭ ପୁର୍ବରୁ, ଇଶ୍ୱର ସମଗ୍ର ମାନବ ଜଗତର ଉଦ୍ଧାର ନିମନ୍ତେ କରିଅଛନ୍ତି ଆଦିପୁସ୍ତକ ୩:୧୫। ଅବ୍ରାହାମଙ୍କର ଆହ୍ୱାନରେ ସୁଧା (ଆଦିପୁସ୍ତକ ୧୨:୧-୩) ବିଜାତି ମାନଙ୍କର ଅଂଶ ରହିଅଛି (ଆଦପୁସ୍ତକ ୧୨:୩, ଯାତ୍ରାପୁସ୍ତକ ୧୯:୫)। ବିଶେଷ ଟିପ୍ପଣି: ମଶିଙ୍କର ଅନନ୍ତ କାଳୀନ ଉଦ୍ଧାର କାର୍ଯ୍ୟ

2. ପୁରାତନ ନିୟମରେ ଶତ୍ରୁମାନେ ମନୋନିତ ଲୋକମାନଙ୍କର ଚାରି ପାର୍ଶ୍ୱରେ ଥିଲେ, କିନ୍ତୁ ନୂତନ ନିୟମରେ ସେହିମାନେ ସମଗ୍ର ଜଗତରେ ଅବିଶ୍ୱାସି ଭାବରେ ରହିଅଛନ୍ତି। ବର୍ତମାନ ଏହି ଯୁଦ୍ଧ ଏକ ଭୌଗଳିକ ସ୍ଥାନଠାରୁ ବିଶ୍ୱସ୍ଥରିୟ ହୋଇଅଛି, (କଲସୀୟ)।
3. ପୁରାତନ ନିୟମର ପ୍ରତିଜ୍ଞାତ ଦେଶ ଅତି ମହତ୍ୱପୁର୍ଣ ଅଟେ (ଏହା ଆଦିପୁସ୍ତକର ଏକ ଗୋଷ୍ଠିୟ ପ୍ରତିଜ୍ଞା ଅଟେ, ଆଦିପୁସ୍ତକ ୧୨:୭; ୧୩:୧୫; ୧୫:୭-୧୫; ୧୭:୮) ଏହା ସାର୍ବଜନୀନ ଅଟେ। ନୂତନ ଯେରୁଶାଲେମ ଏକ ନୂତନ ପୃଥିବୀ ସୃଷ୍ଟି କରେ (ପ୍ରକାଶିତ ୨୧-୨୨)
4. କେତେକ ପୁରାତନ ନିୟମର ଭାବବାଦୀ ମାନଙ୍କର ଚିନ୍ତା ବୃଦ୍ଧି କରାଯାଇ ଅଛି,
    a. ଅବ୍ରାହାମଙ୍କର ବଂଶ ବର୍ତମାନ ଆଧ୍ୟତ୍ମିକ ଭାବରେ ସୁନ୍ନତ ଅଟନ୍ତି (ରୋମିୟ ୨:୨୮-୨୯)।
    b. ବିଜାତିୟ ମାନେ ସୁଧା ବର୍ତମାନ ମନୋନିତ ଗୋଷ୍ଠିରେ ଅନ୍ତଃର୍ଭୁକ୍ତ ଅଟନ୍ତି, (ହୋଶେୟ ୧:୧୦; ୨:୨୩ ରୋମିୟ ପୁସ୍ତକରେ ଲେଖିଅଛନ୍ତି ରୋମିୟ ୯:୨୪-୨୬); ଲେବିୟ ପୁସ୍ତକ ୨୬:୧୨; ଯାତ୍ରାପୁସ୍ତକ ୨୯:୪୫, ୨ୟ କରିନ୍ଥୀୟ ୬:୧୬-୧୮ ଓ ଯାତ୍ରା ପୁସ୍ତକ ୧୯:୫, ଗଣନା ପୁସ୍ତକ ୧୪:୨ ଯାହା ତିତସ ୨:୧୪ରେ ଲେଖାଯାଇଅଛି।
    c. ଯୀଶୁ ମନ୍ଦିର ଅଟନ୍ତି (ମାଥିଉ ୨୬:୬୧; ୨୭:୪୦; ଯୋହନ ୨:୧୯-୨୧) ଓ ତାହାଙ୍କ ଦ୍ୱାରା ସ୍ଥାନିୟ ମଣ୍ଡଳୀ (୧ମ କରିନ୍ଥୀୟ ୩:୧୬) ଓ ବ୍ୟକ୍ତିଗତ ବିଶ୍ୱାସି ମାନେ (୧ମ କରିନ୍ଥୀୟ ୬:୧୯) ଅଟନ୍ତି।
    d. ଇଶ୍ରାଏଲ ଏବଂ ତାହାର ସମୁହ ଚରିତ୍ରକୁ ଇଶ୍ୱରଙ୍କ ଲୋକମାନଙ୍କୁ ବୋଲି ପ୍ରକାଶ କରାଯାଏ, (ଇଶ୍ରାଏଲ ରୋମିୟ ୯:୬, ଗାଲାତିୟ ୬:୧୬, ଯାଜକ ଓ ରାଜକିୟ ବଂଶ ୧ମ ପିତର ୨:୫, ୯-୧୦; ପ୍ରକାଶିତ ୧:୬)।

ଏହି ଭାବବାଣୀ ସବୁ ସଫଳିତ ହୋଇଅଛି, ଓ ଏହା ଅତ୍ୟଧିକ ଭାବରେ ବିସ୍ତାରିତ ହୋଇଅଛି। ଯୀଶୁ ଏବଂ ପ୍ରେରିତମାନେ ପୁରାତନ ନିୟମରେ ଯେଉପ୍ରକାରେ ଶେଷ ସମୟ ବିଷୟରେ ଲେଖାହୋଇଅଛି, ସେହି ପ୍ରକାରେ ପ୍ରକାଶ କରିନାହାନ୍ତି, (Martin Wyngaarden, *The Future of The Kingdom in Prophecy and Fulfilment* )। ଆଧୁନିକ ଯୁଗର ପ୍ରଚାରକ ଓ ଲେଖକ ମାନେ ଏହି ପ୍ରକାଶିତ ପୁସ୍ତକକୁ ଏକ ଯୀହୁଦି ପୁସ୍ତକ ଭାବେ ପରିବର୍ତନ କରି ପାଉଲ ଓ ଯୀଶୁଙ୍କର ବାର୍ତାରୁ ଏକାଧିକ ଅର୍ଥକୁ ବାହାର କରିଥାନ୍ତି। ନୂତନ ନିୟମର ଲେଖକମାନେ ପୁରାତନ ନିୟମର ଭାବବାଣୀକୁ ଅସତ୍ୟ ବୋଲି ପ୍ରକାଶ ନ କରି, ଏହାକୁ ସାର୍ବଜନୀନ ସତ୍ୟତା ବୋଲି ସ୍ୱୀକାର କରନ୍ତି। ଯୀଶୁଙ୍କର ଓ ପାଉଲଙ୍କର ଶେଷ ସମୟ ସମ୍ବନ୍ଧିୟ ଶିକ୍ଷାରେ କୈାଣସି ପ୍ରଣାଳୀକୁ ଗୁରୁତ୍ୱ ନ ଦେଇ, ସେମାନେ ତାହାଙ୍କର ପାଳକିୟ ଓ ଇଶ୍ୱରଙ୍କର ଉଦ୍ଧାର କାର୍ଯ୍ୟର ଶିକ୍ଷାକୁ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରନ୍ତି।

ତଥାପି ନୂତନ ନିୟମ ମଧ୍ୟରେ କେତେକ ଗୁରୁତ୍ୱ ପୁର୍ଣ ବିଷୟ ରହିଅଛି ତାହାହେଲା, ଶେଷସମୟର ସମସ୍ତ ଶିକ୍ଷା ଉପରେ କୈାଣସି ପ୍ରଣାଳି ଦେଖାଯାଏ ନାହି। ଅନେକ କ୍ଷେତ୍ରରେ ନୂତନ ନିୟମର ପ୍ରକାଶିତ ପୁସ୍ତକ, ପୁରତନ ନିୟମକୁ ବ୍ୟବହାର କରି ଶେଷ ସମୟର ଘଟଣାକୁ ବର୍ଣନା କରିଥାଏ (ମାଥିଉ ୨୪; ମାର୍କ ୧୩)। ଏହା ଯିହିଜିକଲ, ଦାନିଏଲ ଓ ଯିଖରିୟଙ୍କ ପୁସ୍ତକରୁ ଆରମ୍ଭ ହୋଇ (ପୁରାତନ ଓ ନୂତନ ନିୟମର ମଧ୍ୟବର୍ତ୍ତି ସମୟରେ) ବିକାଶିତ ହୋଇଥିଲା। ଏହାକୁ ଯୋହନ ପୁରାତନ ଓ ନୂତନ ନିୟମକୁ ଯୋଡିଦେଇଥିଲେ। ଏହା ମନୁଷ୍ୟ ମାନଙ୍କର ପାପର ସେହି ପୁରାତନ ସ୍ୱଭାବ ଓ ପରମେଶ୍ୱରଙ୍କର ଉଦ୍ଧାର କାର୍ଯ୍ୟକୁ ପ୍ରକାଶ କରିଥାଏ। ଏହା ଜାଣିବା ନିହାତି ଜରୁରି ଅଟେ, ପ୍ରକାଶିତ ବାକ୍ୟ ପୁରାତନ ନିୟମର ବାକ୍ୟକୁ ବ୍ୟବହାର କରିଅଛି, କିନ୍ତୁ ପ୍ରାଚୀନ ରୋମର ଚାଲିଚଳନ ଅନୁସାରେ ବ୍ୟାଖ୍ୟା କରିବା ଆବଶ୍ୟକ ଅଟେ (ପ୍ରକାଶିତ ୧୭)।

**ଦ୍ୱୀତିୟ ବିବାଦ** (ଏକମାତ୍ର ଇଶ୍ୱର ସହିତ ମନୋନିତ ଜାତି)

ବାଇବଲ ଏକମାତ୍ର ବ୍ୟକ୍ତିଗତ, ଧାର୍ମିକ, ସୃଷ୍ଟିକର୍ତା ଓ ଉଦ୍ଧାରର୍ତା ଇଶ୍ୱରଙ୍କ ବିଷୟରେ ଗୁରୁତ୍ୱ ପ୍ରଦାନ କରିଥାଏ (ଯାତ୍ରାପୁସ୍ତକ ୮:୧୦; ଯିଶାଇୟ ୪୪:୨୪; ୪୫:୫-୭)। ପୁରାତନ ନିୟମର ବିଶେଷତ୍ୱ ହେଲା, ସେମାନେ ଏକ ଇଶ୍ୱର ବାଦ ଥିଲେ, ତାହାଙ୍କର ଚାରିପାର୍ଶ୍ୱର ଦେଶ ସମୁହ ବହୁ ଇଶ୍ୱରବାଦ ଥିଲେ (ବିଶେଷ ଟିପ୍ପଣି: ଏକ ଇଶ୍ୱର ବାଦ)। ଏକମାତ୍ର ଇଶ୍ୱର ପୁରାତନ ନିୟମର କେନ୍ଦ୍ରବିନ୍ଦୁ ଅଟନ୍ତି (ଦ୍ୱୀତିୟ ବିବରଣ ୬:୪)। ସୃଷ୍ଟି ଦ୍ୱାରା ଇଶ୍ୱର ଓ ମନୁଷ୍ୟ ମଧ୍ୟରେ ଏକ ସମ୍ପର୍କ ସୃଷ୍ଟିକରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା (ଆଦିପୁସ୍ତକ ୧:୨୬-୨୭), କିନ୍ତୁ ମନୁଶ୍ୟ, ତାହାଙ୍କର ପ୍ରେମ, ନେତୃତ୍ୱ ଓ ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରିଥିଲା, (ଆଦିପୁସ୍ତକ ୩)। କିନ୍ତୁ ଇଶ୍ୱରଙ୍କର ପ୍ରେମ ଅତି ନିବିଡ ଥିବା ସକାଶୁ ସେ ପତିତ ମନୁଶ୍ୟ ମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଯୋଜନା କରିଥିଲେ (ଆଦିପୁସ୍ତକ ୩:୧୫)।

ଯେତେବେଳେ ଇଶ୍ୱର ଜଣେ ମନୁଶ୍ୟକୁ ବ୍ୟବହାର କରିବକୁ ବାଛିଲେ, ସେହିସମୟରେ ବିବାଦ ସୃଷ୍ଟିହେଲା, କାରଣ ଏକ ଦେଶ ସମସ୍ତ ଜଗତକୁ ସମ୍ବାଦ ଦେବା ନିମନ୍ତେ ଏକ ମନୋନିତ ଜାତି ଓ ଯାଜକ ବଂଶ ହୋଇ (ଯାତ୍ରାପୁସ୍ତକ ୧୯:୪-୬) ନିର୍ବାଚିତ ହୋଇଥିଲେ। ଇଶ୍ୱରଙ୍କର ଯୀହୁଦି ମାନଙ୍କୁ ଓ ଅବ୍ରାହାମଙ୍କ ନିର୍ବାଚନ (ଆଦିପୁସ୍ତକ ୧୨:୩) କରିବା ଦ୍ୱାରା, ସେମାନଙ୍କ ମନରେ ଗର୍ବଭାବ ଜାତ ହେଲା, ଏବଂ ସେମାନେ ଇଶ୍ୱରଙ୍କର ଉଦ୍ଦେଶ୍ୟକୁ ପୁରଣ କରିପାରିଲେ ନାହି। ଆମ୍ଭେମାନେ ଏହା ମନେରଖିବା ଆବଶ୍ୟକ ଅଟେ ଯେ, ପୁରାତନ ନିୟମରେ ଆହ୍ୱାନ ଉଦ୍ଧାର ନିମନ୍ତେ ନ ହୋଇ ବିଶେଷ ରୁପେ ସେବାକାର୍ଯ୍ୟ ନିମନ୍ତେ ହୋଇଥାଏ। କିନ୍ତୁ ଇଶ୍ରାଏଲିୟ ଲୋକମାନେ କେବେ ସୁଧା ନିଜ ଯୋଗ୍ୟତା ଅନୁସାରେ ସମ୍ପୁର୍ଣ୍ଣ ଉଦ୍ଧାର ପାଇ ନଥିଲେ, (ଯୋହନ ୮:୩୧-୫୯; ମାଥିଉ ୩:୯), କିନ୍ତୁ ବିଶ୍ୱାସ ଓ ବାକ୍ୟ ପାଳନ ଦ୍ୱାରା (ଆଦିପୁସ୍ତକ ୧୫:୬, ଯାହା ରୋମିୟ ୪ରେ ଲେଖାଯାଏ)। ଇଶ୍ରାଏଲ ଏହି ସୁଯୋଗକୁ ହରାଇଲେ ଓ ଇଶ୍ୱର ଅନ୍ୟ ମାନଙ୍କୁ ମନୋନିତ କଲେ।

**ତୃତିୟ ବିବାଦ** (ରିତିନିତି ଚୁକ୍ତି ସହିତ ବିନା ସର୍ତ୍ତର ଚୁକ୍ତି)

ରିତିନିତିଗତ ଚୁକ୍ତି ଓ ବିନା ସର୍ତର ଚୁକ୍ତି ମଧରେ ଏକ ପ୍ରକାରର ବିବାଦ ରହିଅଛି । ଇଶ୍ୱରଙ୍କର ଉଧାର କାର୍ଯ୍ୟ ବିନାସର୍ତ ମୁଳକ ଅଟେ (ଆଦିପୁସ୍ତକ ୧୫:୧୨-୨୧)। ତଥାପି ମନୁଶ୍ୟ ମାନଙ୍କର ସହୋଯୋଗ ସବୁସମୟରେ ଏକ ସର୍ତ ମୁଳକ ଅଟେ !

"ଯଦି.... ତେବେ" ଏହି ପ୍ରକ୍ରିୟା ଉଭୟ ପୁରାତନ ଓ ନୁତନ ନିୟମରେ ଦେଖିବାକୁ ମିଳେ। ଇଶ୍ୱର ବିଶ୍ୱସ୍ଥ କିନ୍ତୁ ମନୁଶ୍ୟମାନେ ସବୁ ସମୟରେ ଅବିଶ୍ୱସ୍ଥ ଅଟନ୍ତି, ଓ ଏହା ଅନେକ ସମସ୍ୟା ସୃଷ୍ଟି କରିଥାଏ। ପ୍ରଚାରକ ମାନଙ୍କର ଏକ ବିବାଦ, ଇଶ୍ୱରଙ୍କ ବିଶ୍ୱସ୍ଥତା ଓ ମନୁଶ୍ୟ ମାନଙ୍କର କାର୍ଯ୍ୟ, ଇଶ୍ୱରଙ୍କର ସର୍ବଭୌମ ଓ ମନୁଶ୍ୟ ମାନଙ୍କର ସ୍ୱ ଇଛା। ଉଭୟ ବାଇବଲ ଭିତିକ ଓ ଆବଶ୍ୟକିୟ ଅଟେ, ବିଶିଷ ଟିପ୍ପଣୀ: ନିର୍ବାଚନ/ ପୁର୍ବନିର୍ଦ୍ଧାରଣ ଓ ଏକ ବାଇବଲ ଭିତିକ ସମାନ୍ତତା।

ଏହା ଶେଷ ସମୟର ଶିକ୍ଷାରେ ଓ ପୁରାତନ ନିୟମର ଶିକ୍ଷାରେ ସୁଧା ଜଡିତ ଅଟେ, ଇଶ୍ୱର ତାହାଙ୍କର ପ୍ରତିଜ୍ଞାରେ ବିଶ୍ୱସ୍ଥ ଓ ତାହାଙ୍କର ଗୈରବ ରହିଅଛି (ଯିହିଜିକଲ ୩୬:୨୨-୩୮) । ଏହି ଦୁଇ ସର୍ତ ଓ ବିନା ସର୍ତ୍ତର ନିୟମ ଇଶ୍ରାଏଲଙ୍କ ଠାରେ ନୁହେ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ପ୍ରତିଫଳିତ ହୁଏ (ଯିଶାଇୟ ୫୩) । ଯୋଉମାନେ ମନଫେରଣ ଓ ବିଶ୍ୱାସ ଦ୍ୱାରା ତାହାଙ୍କୁ ଗ୍ରହଣ କରିବେ ସେମାନଙ୍କର ଉଦ୍ଧାର ଉପରେ ଇଶ୍ୱରଙ୍କର ବିଶ୍ୱସ୍ଥତା ରହିଅଛି, ପୁର୍ବପୁରୁଷ ମାନଙ୍କର ଉପରେ ନୁହେ। ଇଶ୍ରାଏଲ ନୁହେ କିନ୍ତୁ ଖ୍ରୀଷ୍ଟ, ଇଶ୍ୱରଙ୍କର ପ୍ରତିଜ୍ଞାର ମୁଖ୍ୟ ଅଟନ୍ତି। ଯଦି ବାକ୍ୟର କିଛି ଅଂଶ ରହିଅଛି, ତାହା ଇଶ୍ରାଏଲ ନିମନ୍ତେ, ମଣ୍ଡଳୀ ନିମନ୍ତେ ନୁହେ, (ପ୍ରେରିତ ୭, ଗାଲାତିୟ୩)।

ସୁସମାଚାର ପ୍ରଚାର କରିବାର ଦାଇତ୍ୱ ମଣ୍ଡଳୀକୁ ପ୍ରଦାନ କରାଯାଇ ଅଛି, (ମାଥିଉ ୨୮:୧୯-୨୦; ଲୁକ ୨୪:୪୭; ପ୍ରେରିତ ୧:୮) । ଏହା ଏକ ସର୍ତର ନିୟମ ଅଟେ, ଇଶ୍ୱର କେବେସୁଧା ଇଶ୍ରାଏଲ ଲୋକମାନଙ୍କୁ ସମ୍ପୁର୍ଣରୁପେ ଅଗ୍ରାହ୍ୟ କରିନାହାନ୍ତି, (ରୋମିୟ ୯-୧୧) । ଯିହୁଦୀୟ ବିଶ୍ୱାସି ମାନଙ୍କ ନିମନ୍ତେ ଇଶ୍ୱରଙ୍କର ଏକ ସ୍ଥାନ ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଅଛି, (ଯିଖରିୟ୧୨:୧୦)

**ଚତୁର୍ଥ ବିବାଦ** (ପ୍ରାଚୀନ ଲେଖାଶୈଳୀ ସହିତ ଆଧୁନିକ ଲେଖାଶୈଳୀ)

ବିଭିନ୍ନ ଲେଖାଶୈଳୀ ସକାଶୁ ବାଇବଲକୁ ବ୍ୟାଖ୍ୟା କରିବାରେ ଅସୁବିଧା ହୋଇଥାଏ, (see Fee and Stuart, *How To Read the Bible For All Its Worth*) ଏବଂ ମଣ୍ଡଳୀ ଏକ ପଶ୍ଚିମ (ଗ୍ରୀକ)ର ଏକ ପରିବେଶରେ ବଢିଉଠିଥିଲା । ଏହି ଲେଖାଶୈଳୀ ଆଧୁନିକ ଲେଖାଶୈଳୀ ଠାରୁ ବ୍ୟଂଗାତ୍ମକ, ତୁଳନା ସ୍ୱରୁପ ଓ ଚିହ୍ନସ୍ୱରୁପ ଅଟେ, (ବିଶେଷ ଟିପ୍ପଣି: ପ୍ରାଚ୍ୟ ଲେଖାଶୈଳୀ ବାଇବଲ ବିରୋଧାଭାସ) । ଏହା ସାମାଜିକ ସତ୍ୟତା ଠାରୁ ଲୋକ ମାନଙ୍କର ଜୀବନ ଶୈଳୀ (ପୁରାତନ ଓ ନୁତନ ନିୟମ) ଉପରେ ଅଧିକ ଗୁରୁତ୍ୱ ଦେଉଥିଲା । ଖ୍ରୀଷ୍ଟିୟାନ ମାନେ ଇତିହାସ ଓ ଲେଖାଶୈଳୀକୁ ବ୍ୟବହାର କରି ବାଇବଲକୁ ବ୍ୟାଖ୍ୟା କରିବାରେ ଦୋଷି ହୋଇଥିଲେ । ପ୍ରତ୍ୟକ ପିଢୀର ଲୋକମାନେ ଏହାର କଳା, ଇତିହାସ ଓ ଲେଖାଶୈଳୀ ଦ୍ୱାରା ଏହି ପୁସ୍ତକକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ । ପ୍ରତ୍ୟେକେ ଏହି ଭୁଲ କରିଅଛନ୍ତି । ଏହି ଆଧୁନିକ ଚାଲିଚଳନ ବାଇବଲର ଭାବବାଣୀ ଉପରେ ପ୍ରଭାବ ପକାଇଅଛି ବୋଲି ଚିନ୍ତା କରିବା ଭୁଲ ବିଷୟ ଅଟେ।

ପ୍ରକୃତ ଲେଖକ ଅନୁପ୍ରେରିତ ହୋଇ ଯୋଉ ଲେଖାଶୈଳୀକୁ ବାଛି ଥାଆନ୍ତି, ତାହା ସେହି ପଠିତ ଲୋକମାଙ୍କର ସଂସ୍ପର୍ଷରେ ଆସିଥାଏ (Bruce Corley) । ଏହି ପ୍ରକାଶିତ ପୁସ୍ତକ ଐତିହାସିକ କାହାଣି ନୁହେ, ଏହା କେତେକ ପତ୍ରର ମିଶ୍ରଣ (୧-୩ ଅଧ୍ୟାୟ), ଭାବବାଣୀ ଓ କେତେକ ଶେଷ ସମୟର ଲେଖା ଅଟେ । ଯାହା ସେହି ପ୍ରକୃତ ଲେଖକ ଓ ବାକ୍ୟ ଶିକ୍ଷା ଦିଏ, ତାହା ଠାରୁ କମ କିମ୍ବା ଅଧିକ କହିବା ଭୁଲ ଅଟେ । ବ୍ୟାଖ୍ୟାକାରି ମାନଙ୍କର ଗର୍ବ ଓ ସିଦ୍ଧାନ୍ତବାଦୀ ଉଦ୍ଦେଶ୍ୟ ସୁଧା ଏହି ପ୍ରକାଶିତ ବାକ୍ୟର ବ୍ୟାଖ୍ୟାରେ ତ୍ରୁଟିପୁର୍ଣ ହୋଇଥାଏ।

ମଣ୍ଡଳୀ ଅନେକ ସମୟରେ ଏକ ପ୍ରକାର ବ୍ୟାଖ୍ୟା ପ୍ରଦାନ କରି ନ ଥାଏ । ମୋ ଚିନ୍ତା, ସମସ୍ତ ପୁସ୍ତକକୁ ପଢି ବୁଝିବା ଉପରେ, କିଛି ଅଂଶ ନେଇ ତାହାକୁ ବ୍ୟାଖ୍ୟା କରିବାରେ ନୁହେ । ଏହି ପଶ୍ଚିମାଚଂଳର ସତ୍ୟତା ସେତେ ଗୁରୁତ୍ୱ ନୁହେ, କିନ୍ତୁ ଅସମ୍ମାନ ଅଟେ । ଏହି ପୁସ୍ତକକୁ ତାହାର ପ୍ରକୃତ ଲେଖକ ଓ ଗ୍ରାହକ ମାନଙ୍କୁ ଆଖି ଆଗରେ ରଖି ବ୍ୟାଖ୍ୟା କରିବା ଆବଶ୍ୟକ। ଏହାର ବ୍ୟାଖ୍ୟା ନିମନ୍ତେ ଐତିହାସିକ ଭାବେ ଏହାର ପ୍ରାଥମିକ ଶ୍ରୋତାମାନଙ୍କୁ ଆଖିଆଗରେ ରଖି ଏହି ପୁସ୍ତକକୁ ବ୍ୟାଖ୍ୟା କରିବା ନିମନ୍ତେ ଚେଷ୍ଟା କରିବା ଆବଶ୍ୟକ। ଅନେକ କ୍ଷେତ୍ରରେ ପ୍ରଚାରକ ମାନେ ଏହି ପୁସ୍ତକର ଚିହ୍ନ ଓ ଛବି ସକାଶୁ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରି ଥାଆନ୍ତି। ଏହି ପ୍ରକାଶିତ ପୁସ୍ତକର ଲକ୍ଷ୍ୟ ତାଡିତ ବିଶ୍ୱାସି ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅଟେ। ଇଶ୍ୱର ପୃଥିବି ଇତିହାସ ଉପରେ ଅଧିକାର ଓ ଶକ୍ତିକୁ ବୁଝାଇ ଥାଏ, ଯାହା (ପୁରାତନ ନିୟମର ଭାବବାଦୀମାନେ ବର୍ଣନା କରନ୍ତି)। ଏହା ପ୍ରାଚୀନ ଶତାଦ୍ଧି ଯିହୁଦୀ ମାନଙ୍କର ଶେଷ ସମୟର ପ୍ରେମ, ଉପସ୍ଥିତି, ଶକ୍ତି ଓ ସର୍ବଭୌମକୁ ବୁଝାଏ।

ଏହା ସମସ୍ତ ଯୁଗର ବିଶ୍ୱାସୀ ମାନଙ୍କ ନିମନ୍ତେ ଏକ ପ୍ରକାରେ କାର୍ଯ୍ୟ କରିଥାଏ, ଯାହା ଭଲ ଓ ମନ୍ଦର ବିବାଦକୁ ଦେଖାଇ ଥାଏ। ପ୍ରାଚୀନ ଶତାବ୍ଦୀର ତଥ୍ୟ ହୁଏତ ଆମ୍ଭେମାନେ ହରାଇଅଛୁ, କିନ୍ତୁ ତାହାର ଗୁରୁତ୍ୱ ଓ ସତ୍ୟତା ନୁହେ । ଯେତେବେଳେ ଆଧୁନିକ ପ୍ରଚାରକ ମାନେ ପ୍ରକାଶିତ ପୁସ୍ତକକୁ ନିଜ ବୁଦ୍ଧି ଦ୍ୱାରା ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି, ସେହିସମୟରେ ଭ୍ରାନ୍ତ ଶିକ୍ଷାର ପ୍ରଭାବ ବୃଦ୍ଧି ପାଇଥାଏ।

ଏହା ହୁଏତ ଏହି ପୁସ୍ତକର ବିଷୟ ସବୁ ଆକ୍ଷରିକ ହୋଇପାରେ (ପୁରାତନ ନିୟମରେ ଯୀଶୁଙ୍କର ଜନ୍ମ, ଜିବନ ଓ ମୃତ୍ୟୁ), ଯାହାଦ୍ୱାରା ବିଶ୍ୱାସିମାନେ ଇଶ୍ୱଙ୍କ ବିରୋଧାଚରଣ ବିଷୟ ଓ ରିତିନିତି ପ୍ରତି ଆମ୍ଭେମାନେ ସଚେତନ ରହୁ (୨ୟ ଥେସଲନିକିୟ ୨)। ଯୀଶୁଙ୍କର ଶିକ୍ଷା (ମାଥିଉ ୨୪, ମାର୍କ ୧୩, ଓ ଲୁକ ୨୧) ଏବଂ ପାଉଲଙ୍କ ଶିକ୍ଷା ବିନା (୧ମ କରିନ୍ଥୀୟ ୧୫; ୧ ଥେସଲନିକୀୟ ୪-୫ ଓ ୨ୟ ଥେସଲନିକୀୟ ୨) କୈଣସି ବ୍ୟକ୍ତି ଏହି ପ୍ରକାଶିତ ପୁସ୍ତକର

ଆକ୍ଷରିକ ପୂର୍ଣତାକୁ ବୁଝିପାରିବେ ନାହିଁ । ଏହାକୁ ଅନୁମାନ ଲଗାଇବା, ଚିନ୍ତାକରିବା ଏହି ସବୁ ଭୁଲ ବିଷୟ ହୋଇପାରେ । ପରମେଶ୍ୱରଙ୍କର ବିଶେଷ ଧନ୍ୟବାଦ ଏହି ସବୁ ଛବି ଓ ସଂକେତ ସାହାଯ୍ୟରେ ସେ ଅନେକ ଶିକ୍ଷା ପ୍ରଦାନ କରିଥାନ୍ତି, ସେ ସମସ୍ତ ବିଷୟର ନିୟନ୍ତ୍ରଣ କରନ୍ତି ।

ଅନେକେ ଆଧୁନିକ ଟିକା ଲେଖକମାନେ ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟକୁ ବୁଝିପାରନ୍ତି ନାହିଁ, ଅନେକେ ଆଧୁନିକ ପ୍ରଚାରକ ମାନେ ଏକ ପ୍ରକାର ନିର୍ଦ୍ଦିଷ୍ଟ ପ୍ରଣାଳୀର ଅନୁସନ୍ଧାନ କରନ୍ତି, କିନ୍ତୁ ଏକ ଯୀହୁଦିୟ ଲେଖାଶୈଳୀ, ନାଟକିୟ ଲେଖାର ଶୈଳୀ ଓ ଶେଷ ସମୟର ଘଟଣାବଳୀକୁ ବୁଝିପାରନ୍ତି ନାହିଁ । ରାଫ ପି ମାର୍ଟିନଙ୍କ ଦ୍ୱାରା ଏହା ଅତି ସୁନ୍ଦର ଭାବରେ ବର୍ଣନା କରାଯାଏ "Approaches to New Testament Exegesis," ତାହାଙ୍କର ଏହି ପୁସ୍ତକ, *New Testament Interpretation*, edited by I. Howard Marshall:

> "ଏହି ପୁସ୍ତକର ଲେଖାଶୈଳୀକୁ ବୁଝିବା ଓ ଧାର୍ମିକ ସତ୍ୟତାର ପ୍ରକାଶ ନିମନ୍ତେ ଏଠାରେ କୌଉ ପ୍ରକାରର ଭାଷାର ପ୍ରୟୋଗ କରାଯାଇଅଛି ନ ବୁଝିବା ପର୍ଯ୍ୟନ୍ତ, ଆମ୍ଭେମାନେ ଅନେକ ଭୁଲ କରିବାର ସମ୍ଭାବନା ରହିଅଛି, କାରଣ ଏହା ଏକ ଐତିହାସିକ ଓ ବିଭିନ୍ନ ଘଟଣାବଳୀ ଓ ଗଦ୍ୟର ଏକ ମିଶ୍ରଣ ଅଟେ । ଏହାର ସଠିକ ବୁଝାମଣା ବ୍ୟତିତ ଏହାକୁ ବ୍ୟାଖ୍ୟା କରିବା ଦ୍ୱାରା ଅନେକ ଭୁଲ ହେବାର ରହିଅଛି । ତାହାଠାରୁ ଅତି ଗୁରୁତ୍ୱପୂର୍ଣ ଭାବରେ, ଏହା ଭୁଲ ପ୍ରକାରର ଶିକ୍ଷା ଆଡକୁ କଢାଇ ନେବା ସାଥେ ସାଥେ, ଏହି ପୁସ୍ତକ ଦ୍ୱାରା ପ୍ରକାଶିତ ହେବାକୁ ଥିବା ସତ୍ୟତାକୁ ଓ ଇଶ୍ୱର ଓ ଯୀଶୁଙ୍କର ଯୋଜନାକୁ, ପୁଣି ନୁତନ ନିୟମର ଅଭିନୟ ଯୁକ୍ତ ଲେଖାଶୈଳୀ ଓ ଅତିଆବଶ୍ୟକିୟ ଶିକ୍ଷା ଓ ଅର୍ଥକୁ ବୁଝିବାରେ ଅସୁବିଧା ହେବା ସାଥେ ସାଥେ ଇଶ୍ୱର ଓ ତାହାଙ୍କର ପ୍ରେମ ଓ ତାହାଙ୍କର ରାଜତ୍ୱର ଶିକ୍ଷାକୁ ଅନ୍ୟ ଶିକ୍ଷାମାନଙ୍କ ଦ୍ୱାରା ମିଶ୍ରଣ କରି, ପ୍ରକ୍ରୁତ ଶିକ୍ଷାର ମହତ୍ୱକୁ ଅନେକ ପରିମାଣରେ ପ୍ରଭାଭିତ କରିଥାଏ । (5:5,6; the lion is the Lamb)" (p. 235)

W. Randolph Tate ତାହାଙ୍କର *Biblical Interpretations* କୁହନ୍ତି:

> "ଏହି ଶେଷ ସମୟ ବିଷୟର ପୁସ୍ତକ ମାନଙ୍କ ଠାରୁ, ଆଉ କୌଣସି ପୁସ୍ତକୁ ଏହିପ୍ରକାର ବିବାଦିୟ ଭାବରେ ପାଠକରାଯାଏ ନାହିଁ, ବିଶେଶଃତ ଦାନିଏଲ ଓ ପ୍ରକାଶିତ ପୁସ୍ତକ । ଏହି ପୁସ୍ତକ ଗୁଡିକର ଲେଖାଶୈଳୀ, ପ୍ରଣାଳୀ ଓ ଉଦ୍ଦେଶ୍ୟ ସକାଶୁ,ପ୍ରାଚୀନ କାଳରୁ ଏହି ପୁସ୍ତକ ସବୁ ଭୁଲଶିକ୍ଷକ ମାନଙ୍କ ଦ୍ୱାରା ଭୁଲ ଭାବରେ ପ୍ରଚାରିତ ହୋଇ ଆସୁଅଛି । ଏହି ପୁସ୍ତକର ଭବିଷ୍ୟତ ବାଣୀର ଶୈଳୀ ସକାଶୁ, ଅନେକ ଲୋକମାନେ ଏହାକୁ ଏକ ଭବିଷ୍ୟତ ବିଷୟ ଜାଣିବାର ଏକ ଉପାୟ ଭାବରେ ବ୍ୟବହାର କରନ୍ତି । ଏହି ପ୍ରକାର ଚିନ୍ତା ଓ ବୁଝାମଣାର ସମସ୍ୟା ହେଲା, ଅନେକ ଲୋକମାନେ ଏହାକୁ ବର୍ତମାନ ଯୁଗର ଏକ ଲେଖା ଭାବେ ବିଚାର ଓ ବ୍ୟାଖ୍ୟା କରନ୍ତି ଓ ଲେଖକଙ୍କର ପ୍ରକ୍ରୁତ ଉଦ୍ଦେଶ୍ୟକୁ ବୁଝିପାରନ୍ତି ନାହିଁ । ଏହି ଭୁଲ ଚିନ୍ତାଧାରା ସକାଶୁ (ବିଶେଷ ଭାବେ ପ୍ରକାଶିତ ପୁସ୍ତକ) ଏହି ପୁସ୍ତକ ସମୁହକୁ ବିଭିନ୍ନ ପ୍ରକାରର ସଂକେତ ଓ ଚିହ୍ନର ବ୍ୟାଖ୍ୟା କରିବା ନିମନ୍ତେ ଏହି ସବୁ ପୁସ୍ତକକୁ ବ୍ୟବହାର କରାଯାଉ ଅଛି । ପ୍ରଥମେ, ଏହି ଲେଖକ ଏହାବୁଝିବା ନିହାତି ଜରୁରି ଅଟେ ଯେ, ଏହି ସବୁ ପୁସ୍ତକ ତାହାର ସଂକେତ ଦ୍ୱାରା ତାହାର ସମ୍ବାଦକୁ ପ୍ରକାଶ କରିଥାଏ । ଏକ ସଂକେତକୁ ଆକ୍ଷରିକ ଭାବରେ ବୁଝାଇବା ଦ୍ୱାରା ଭୁଲ ହେବାର ଅନେକ ଆଶା ରହିଅଛି । ଏହା ସତ୍ୟ ଅଟେ ଯେମ ଏହି ସବୁ ଐତିହାସିକ ଘଟଣାବଳୀ ଅଟେ, ଓ ଏହି ସବୁ ବାସ୍ତବରେ ଘଟିଅଛି, କିମ୍ବା ଘଟିବାକର ରହିଅଛି, କିନ୍ତୁ ଏହାର ଲେଖକ ଏହି ସଂକେତ ଓ ଘଟଣାବଳୀ ଦ୍ୱାରା ନିଜର ଉଦ୍ଦେଶ୍ୟକୁ ପ୍ରକାଶ କରିଅଛନ୍ତି" (p. 137) ।

*Dictionary of Biblical Imagery*, edited by Ryken, Wilhost and Longman III:

"ଆଜିର ପାଠକ ମାନେ ଏହି ପୁସ୍ତକକୁ ନେଇ ଅତି ପ୍ରହେଳିକା ଓ ଭ୍ରାନ୍ତ ଦେଖାଯାନ୍ତି । ଏହି ପୁସ୍ତକର ଅନେକ ଦ୍ରୁଶ୍ୟ, ଛବି ଓ ଘଟଣା ଏହି ପୁସ୍ତକକୁ ଅନ୍ୟ ସମସ୍ତ ପୁସ୍ତକ ଠାରୁ ଅଲଗା ଓ ଅଦ୍ଭୁତ କରିଅଛି । ଏହି ପୁସ୍ତକ ପଠନ କରିବା ଦ୍ୱାରା ଅନେକେ "କଣ ଓ କେତେବେଳେ ଘଟିବ" ଏହି ଚିନ୍ତାରେ ଏକ ପ୍ରକାର ଚିନ୍ତା ଓ ବିଭ୍ରାନ୍ତ ଦେଖାଯାନ୍ତି, ଏହା ଏହି ପୁସ୍ତକର ଉଦ୍ଦେଶ୍ୟକୁ ବୁଝିବାରେ ସମସ୍ୟା ସୁଷ୍ଟି କରିଥାଏ" (p. 35) ।

**ପଚଂମ ବିବାଦ** (ବର୍ତମାନ ଓ ଭ ବିଷ୍ୟତରେ ଇଶ୍ୱରଙ୍କ ରାଜ୍ୟ)

ଇଶ୍ୱରଙ୍କ ରାଜ୍ୟ ବର୍ତମାନ ଓ ଭବିଷ୍ୟତ ଅଟେ, ଏହା ଶେଷ ସମୟର ଶିକ୍ଷାରେ ଏକ ପ୍ରକାରର ବିରୋଧାଭାବ ସୁଷ୍ଟି କରିଥାଏ । ଯଦି ଇଶ୍ରାଏଲ ପ୍ରତି ସମସ୍ତ ଭାବବାଣୀ ସଫଳ ହେବା ନିମନ୍ତେ ଆଶା କରେ, ତେବେ ତାହା ପୁଣିଥରେ ଭୌଗଳିକ ଭାବରେ ସଂଗଠିତ ହେବା ଜରୁରି ଅଟେ । ଏହି ପୁସ୍ତକର ଶିକ୍ଷା ଅନୁସାରେ ୫ମ ଅଧାୟ ପରେ ମଣ୍ଡଳୀକୁ ନିଆଯିବ ଓ ଏହା ପରେ ଯେତେସବୁ ବିଷୟ ଲେଖାଯାଏ, ତାହା ଇଶ୍ରାଏଲ ଦ୍ୱାରା ସଫଳିତ ହେବ, (କିନ୍ତୁ ପ୍ରକାଶିତ ୨୨:୧୬ ନୁହେ) ।

ଯଦି ଏହି ଅନନ୍ତ କାଳୀନ ରାଜ୍ୟର ପ୍ରାରମ୍ଭ ପୁରାତନ ନିୟମର ମଶିହାଙ୍କର ଆଗମନ ଦ୍ୱାରା ଆରମ୍ଭ ହୁଏ ତେବେ, ଏହା ଖ୍ରୀଷ୍ଟଙ୍କର ପ୍ରଥମ ଆଗମନ, ତାହାଙ୍କର ଦେହବନ୍ତ, ତାହାଙ୍କର ଜୀବନି, ତାହାଙ୍କର ଶିକ୍ଷା, ମୁତ୍ୟୁ ଓ ତାହାଙ୍କର ପୁନରୁଥାନ ଦଏହି ସମସ୍ତ ଶିକ୍ଷାରେ ଗୁରୁତ୍ୱ ଦିଏ । ଏହା ଉଦ୍ଧାର ଉପରେ ଗୁରୁତ୍ୱ ଦେଇଥାଏ, ତାହାଙ୍କ ରାଜ୍ୟର ଆଗମନ ହୋଇଅଛି ଓ ଖ୍ରୀଷ୍ଟଙ୍କର ଉଦ୍ଧାର କାର୍ଯ୍ୟ ଠାରେ ତାହା ସଫଳିତ ହୋଇଅଛି ।

ଏହା ନିଶ୍ଚିତ ସତ୍ୟ ଅଟେ ଯେ, ବାଇବଲ ଖ୍ରୀଷ୍ଟଙ୍କର ଉଭୟ ଆଗମନକୁ ପ୍ରକାଶ କରିଥାଏ, କିନ୍ତୁ କୌଉଠାରେ ଏହାକୁ ଗୁରୁତ୍ୱ ଦେବା ଆବଶ୍ୟକ ଅଟେ? ମୋ ଦ୍ରୁଷ୍ଟିରୁ ଖ୍ରୀଷ୍ଟଙ୍କର ପ୍ରଥମ ଆଗମନ ଓ ତାହାଙ୍କର ରାଜ୍ୟ ସ୍ଥାପନ ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଏ (ଦାନିଏଲ ୨) । ଅନେକ କ୍ଷେତ୍ରରେ ଏହା ଇଶ୍ୱରଙ୍କ ଅନନ୍ତ କାଳୀନ ରାଜ୍ୟସହିତ ଅନୁରୂପ ଅଟେ (ଦାନିଏଲ ୭) । ପୁରାତନ ନିୟମର ଗୁରୁତ୍ୱପୂର୍ଣ ଶିକ୍ଷା ହେଲା, ଇଶ୍ୱରଙ୍କର ଅନନ୍ତ କାଳୀନ ରାଜ୍ୟର ପ୍ରତିଷ୍ଠା, ଓ ଏହି ଅନନ୍ତ କାଳୀନ ରାଜ୍ୟର ଚାଳକ ମଶିହଙ୍କର ସେବା କାର୍ଯ୍ୟ ଅଟେ (୧ମ କରିନ୍ଥୀୟ ୧୫:୨୬-୨୭) । ଏହା ଉଭୟ ସତ୍ୟ ଅଟେ, କିନ୍ତୁ କୋଉ

ବିଷୟ ଗୁରୁତ୍ୱପୂର୍ଣ୍ଣ ଅଟେ, ତାହା ନିଶ୍ଚିତ କରିବା ଅତି କଷ୍ଟକର ଅଟେ । ଅନେକେ ପ୍ରଚାରକ ମାନେ ଖ୍ରୀଷ୍ଟଙ୍କର ଅନନ୍ତ କାଳୀନ ରାଜ୍ୟ ବିଷୟରେ ଅତି ଗୁରୁତ୍ୱ ଦିଅନ୍ତି (ଏହି ଅଧ୍ୟାୟର ପ୍ରାଧାନ୍ୟତା ପ୍ରକାଶିତ ୨୦), ଯେ ସେମାନେ ପିତା ଈଶ୍ୱରଙ୍କର ଅନନ୍ତ କାଳୀନ ରାଜ୍ୟକୁ ଭୁଲି ଯାଆନ୍ତି । ପୁରାତନ ନିୟମରେ ଖ୍ରୀଷ୍ଟଙ୍କର ଆଗମନ ସୁନିଶ୍ଚିତ ଅଟେ, ଏହା ମଶିହଙ୍କର କ୍ଷଣସ୍ଥାୟୀ ରାଜତ୍ୱ ନୁହେ ।

ଯୀଶୁଙ୍କର ପ୍ରଚାର ଓ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଥିଲା, ଏହା ବର୍ତ୍ତମାନର (ଉଦ୍ଧାର ଓ ସେବା), ଓ ଭବିଷ୍ୟତର (ଧର୍ଯ୍ୟ ଓ ଶକ୍ତି) ବିଷୟରେ ଥିଲା । ଯଦି ପ୍ରକାଶିତ ବାକ୍ୟ ମଶିହଙ୍କର ଅନନ୍ତ କାଳୀନ ରାଜ୍ୟ ଉପରେ ଆଧାରିତ (ପ୍ରକାଶିତ ୨୦), ଏହା ପ୍ରାରମ୍ଭୀକ ଅଟେ, ଅନ୍ତିମ ନୁହେ (ପ୍ରକାଶିତ ୨୧-୨୨) । ପୁରାତନ ନିୟମର କ୍ଷଣସ୍ଥାୟୀ ରାଜତ୍ୱ ଜରୁରି ଅଟେ, ଯାହା ଦ୍ୱାରା ମଶିହଙ୍କର ଅନନ୍ତ କାଳୀନ ରାଜ୍ୟ ସ୍ଥାୟି ହେବ (ଦାନିଏଲ ୭) ।

**ଶଷ୍ଠ ବିବାଦ** (ନିକଟବର୍ତ୍ତୀ ଖ୍ରୀଷ୍ଟଙ୍କର ଆଗମନ ଓ ବିଳମ୍ବିତ *Parousia*)

ଅନେକ ବିଶ୍ୱାସି ମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କର ଅବିଳମ୍ବ ଆଗମନ ବିଷୟରେ ଶିକ୍ଷା ପ୍ରଦାନ କରାଯାଇ ଥାଏ (ମାଥିଉ ୧୦:୨୩; ୨୪:୨୭, ୩୪, ୪୪; ମାର୍କ ୯:୧; ୧୩:୩୦; ପ୍ରକାଶିତ ୧:୧.୩; ୨:୧୬; ୩:୧୧; ୨୨:୭, ୧୦,୧୨,୨୦, ବିଶେଷ ଟିପ୍ପଣି: ଅତିଶିଘ୍ର ଆଗମନ) । କିନ୍ତୁ ଅନେକ ବିଶ୍ୱାସି ମାନେ ଏହି ବିଷୟରେ ଭୁଲ ଚିନ୍ତା କରିଥାଅନ୍ତି । ଯୀଶୁଖ୍ରୀଷ୍ଟଙ୍କର ଅତିଶିଘ୍ର (ଆଗମନ) ବିଶ୍ୱାସି ମାନଙ୍କ ନିମନେ ଏକ ଜିବନ୍ତ ଭରସା ଅଟେ, କିନ୍ତୁ ଏହା (ତାଡନା ପ୍ରାପ୍ତ ବ୍ୟକ୍ତି) ମାନଙ୍କ ନିମନ୍ତେ ହି ସତ୍ୟ ଅଟେ । ବିଶ୍ୱାସି ମାନେ ଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ ରହିବା ଆବଶକ କିନ୍ତୁ ସୁସମାଚାର ପ୍ରଚାର ନିମନ୍ତେ ଯୋଜନା କରିବା ଆବଶ୍ୟକ (ମାଥିଉ ୨୮:୧୯-୨୦) ।

ସୁସମାଚାର ପୁସ୍ତକର କେତେକ ଅଧ୍ୟାୟ ୧ମ ଓ ୨ୟ ଥେସଲନିକୀୟ ପୁସ୍ତକ ଦ୍ୱୟ ଖ୍ରୀଷ୍ଟଙ୍କର ଆଗମନର (*Parousia*) ବିଳମ୍ବକୁ ଉପରେ ଆଧାରିତ । କେତେକ ଐତିହାସିକ ଘଟଣାବଳୀ ଯାହା ଏହା ପୁର୍ବରୁ ଘଟିବ,

1. ପୁୃଥିବିର ସର୍ବାଚଂଳରେ ସୁସମାଚାର ପ୍ରଚାର କରାଯିବ, (ମାଥିଉ ୨୪:୧୫; ମାର୍କ ୧୩:୧୦)
2. "ଅଧର୍ମ ପୁରୁଷ"ର ଆଗମନ (ମାଥିଉ ୨୪:୧୫;୨ୟ ଥେସଲନିକୀୟ ୨, ପ୍ରକାଶିତ ବାକ୍ୟ ୧୩)
3. ମହା କ୍ଳେଶର ସମୟ (ମାଥିଉ ୨୪:୨୧, ୨୪, ପ୍ରକାଶିତ ୧୩)

କେତେକ ଅସ୍ୱଷ୍ଟତା (ମାଥିଉ ୨୪:୪୨-୫୧; ମାର୍କ ୧୩:୩୨-୩୬) ଏହି ଶିକ୍ଷାରେ ଦେଖାଯିବା ସକାଶୁ ପ୍ରତିଦିନ ଅନ୍ତିମ ଦିନ ଭାବି ପ୍ରସ୍ତୁତ ସହିତ ଜୀବନ ଯାପନ କରିବା ସାଥେ ସାଥେ ଭବିଷ୍ୟତର ସୁସମାଚାରର ସେବା କର୍ଯ୍ୟ ନିମନ୍ତେ ଏକାଗ୍ର ରହିବା ଆବଶ୍ୟକ ।

**କ୍ରମାଗତ ଓ ଭାରସାମ୍ୟ**

ଏହା କହିବା ନିରାଟ ସତ୍ୟ ଅଟେ, ଆଜିର ଅନେକ ଲୋକମାନେ ଏହି ପୁସ୍ତକ ବିଷୟରେ ଅନେକ ପ୍ରକାରର ଚିନ୍ତାଧାରା ଓ ବ୍ୟାଖ୍ୟା ପ୍ରଦାନ କରନ୍ତି, ଯାହା କେବଳ ଅଳ୍ପ ସତ୍ୟତା ଧାରଣ କରିଥାଏ । କାରଣ ସେମାନେ କେତେକ ବିଷୟ ଭଲ ଭାବରେ ବ୍ୟାଖ୍ୟା କରନ୍ତି, କିନ୍ତୁ ଅନେକ ଅବୁଝା ଭାବେ ରହିଥାଏ । ଏହିପରି ଭାବେ ଏହାର ନିରବଛିନ ବ୍ୟାଖ୍ୟା ଓ ଭାରସାମ୍ୟ ଉପରେ ପ୍ରଶ୍ନବାଚୀ ହୋଇଥାଏ । ଏହି ପୁସ୍ତକକୁ ନେଇ ଅନେକ ପ୍ରକାରର ଅନ୍ଧବିଶ୍ୱାସ ମଧ ରହିଅଛି । ବାଇବଲ କେବେ ସୁଧା ଏକ ପ୍ରକାରର ସ୍ୱତନ୍ତ୍ର ପ୍ରଣାଳୀ, କ୍ରମାଗତ ଭାବେ ଶେଷ ସମୟ ବିଷୟରେ ଶିକ୍ଷା ଦିଏ ନାହି । ଏହା ଏକ ପ୍ରକାର ପରିବାରର ଛବି ସଦୃଶ୍ୟ ଅଟେ, ଯାହେ କେବେସୁଧା ଏକ ପ୍ରକାର କ୍ରମାନ୍ୱୟରେ ନଥାଏ, କେତେକ ଛବି ମିଳିନଥାଏ ଓ ପରବର୍ତ୍ତୀ ବଂଶଧର ମାନେ ତାହାକୁ କୋଉସ୍ଥାନରେ ରଖିବା ଉଚିତ ତାହା କେବେସୁଧା ଜାଣିପାରନ୍ତି ନାହି । ଏଣୁ ଏହି ପ୍ରକାଶିତ ବାକ୍ୟର ପ୍ରକ୍ରୁତ ବ୍ୟାଖ୍ୟା କରଣ ହେଲା ଏହାର ଲେଖକଙ୍କର ପ୍ରକ୍ରୁତ ଉଦ୍ଦେଶ୍ୟ ଓ ଲେଖାଶୈଳୀକୁ ବୁଝିବା ଅଟେ । ଅନେକେ ପ୍ରଚାରକ ମାନେ ନିଜର ବୁଝାମଣାକୁ ନେଇ ଏହି ନୁତନ ନିୟମର ପୁସ୍ତକ ଗୁଡିକୁ ବୁଝିବାକୁ ଚେଷ୍ଟାକରି ବିଫଳ ହୋଇଥାନ୍ତି । ସେମାନେ ପୁରାତନ ନିୟମର ଲେଖାକୁ କେନ୍ଦ୍ରକରି ଯୀଶୁ ଓ ପାଉଲଙ୍କର ଶିକ୍ଷାକୁ ଲକ୍ଷ୍ୟ ନ କରି ନିଜର ଏକ ପ୍ରଣାଳୀ ପ୍ରସ୍ତୁତ କରିଥାଆନ୍ତି ।

ମୁ ଏହି ଟିକାଟିକୁ ଅତି ଯତ୍ନର ସହିତ ପ୍ରସ୍ତୁତ କରିଅଛି, ଏହାର ଶିକ୍ଷା ନିମନ୍ତେ ନୁହେ, କିନ୍ତୁ ପ୍ରକାଶିତ ୨୨:୧୮-୧୯ଯୋଗୁ, କିନ୍ତୁ ଏହି ପୁସ୍ତକ ବିବାଦୀୟ ସମସ୍ୟା ସକାଶୁ ଅନେକେ ପ୍ରଭୁଙ୍କର ଲୋକମାନଙ୍କ ମଧରେ ବ୍ୟାଖ୍ୟା କରିବାରେ କଷ୍ଟ ହୋଇଥାଏ । ଏହା ସତ୍ୟ ଅଟେ ଯେ ସମସ୍ତେ ମିଥ୍ୟାବାଦୀ ଅଟନ୍ତି (ରୋମିୟ ୩:୪), ଏହି ଟିକାକୁ ଉତ୍ତମ ରୁପେ ବ୍ୟବହାର କରନ୍ତୁ, ଏକ ପଥ ପ୍ରଦର୍ଶକ ଭାବେ, ଏକ ମାଇଲ ଖୁଣ୍ଟି ସଦୃଶ୍ୟ ନୁହେ, ଏକ "ଯଦି ଏହା" ପରି, କିନ୍ତୁ "ଈଶ୍ୱର ଏହା କୁହନ୍ତି ବୋଲି ନୁହେ" । ମୁ ମୋହର ବ୍ୟକ୍ତିଗତ ଦୁର୍ବଳତା ଓ ମୋହର ସଂକଳ୍ପ ସହିତ ବେଶ ପରିଚିତ ଅଟେ, ଓ ମୁ ଅନେକ ଲୋକମାନଙ୍କର ବ୍ୟାଖ୍ୟାକୁ ସୁଧା ଦେଖିଅଛି । ଅନେକ ସମୟରେ ଲୋକମାନେ ବ୍ୟକ୍ତିଗତ ଭାବରେ ଯାହା ଦେଖିବାକୁ ଇଛା କରନ୍ତି, ତାହା ହି ଦେଖନ୍ତି ଓ ଏହି ଲେଖାଶୈଳୀର ଅପବ୍ୟବହାର କରିଥାଆନ୍ତି । ଆମ୍ଭେମାନେ ଏହା ମନରେ ଏଖିବା ଜରୁରି ଅଟେ ଯେ, ଏହି ପୁସ୍ତକର ବାଇବଲ ମଧରେ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଅଛି । ଏହା ଏକ "ଶେଷବାଣୀ" ଭାବରେ ରଖାଯାଇ ଅଛି । ଏହାର ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଓ ସମ୍ବାଦ ପରମେଶ୍ୱରଙ୍କ ତରଫରୁ ତାହାଙ୍କର ସନ୍ତାନ ସନ୍ତତି ମାନଙ୍କ ନିମନ୍ତେ ରହିଅଛି ଓ ଇଶ୍ୱର ତାହା ଆମ୍ଭମାନଙ୍କୁ ବୁଝିବା ନିମନ୍ତେ ଆଶା କରୁଅଛନ୍ତି । ଆସନ୍ତୁ ହାତ ମିଳାଇବା, ଆସନ୍ତୁ ଯାହା ସତ୍ୟ ତାହାକୁ ସମ୍ମତି ଦେବା, ହୁଏତ ସମସ୍ତ ବିଷୟ ସତ୍ୟ ହୋଇନପାରେ, କିନ୍ତୁ ପରମେଶ୍ୱର ଆମକୁ ଏଥିନିମନ୍ତେ ସାହାଯ୍ୟ କରନ୍ତୁ ।

ପ୍ରକାଶିତ ବାକ୍ୟର ବ୍ୟାଖ୍ୟା ସମ୍ବନ୍ଧରେ ଥିବା ନିଜର ପୁର୍ବ ଅନୁମାନକୁ ଏହି ଶୁନ୍ୟ ସ୍ଥାନରେ ତାଲିକା ପ୍ରସ୍ତୁତ କରି ଲେଖନ୍ତୁ। କାରଣ ଆମ୍ଭେମାନେ ପ୍ରତ୍ୟେକେ ଏହି ପୁସ୍ତକ ବ୍ୟାଖ୍ୟା ସମୟରେ ନିଜର ଭାବନାକୁ ଆଣିଥାଉ। ଏହି ସବୁକୁ ବୁଝି ତାହା ସହିତ ପରିଚିତ ହେବା ଦ୍ୱାରା, ଆମ୍ଭେମାନେ ଏହାର ପୁରାତନ ନୀତି ଓ ନିୟମରୁ ଓ ଆମ୍ଭମାନଙ୍କର ମଧ୍ୟରେ ଥିବା ସୀମିତତାକୁ ଦୁର କରିପାରିବା।

1.

2.

3.

4.

# ପ୍ରକାଶିତ ପୁସ୍ତକର ସଂକ୍ଷୀପ୍ତ ବିବରଣି

I. **ପ୍ରାରମ୍ଭିକ ବିବରଣ ।**

A. ମୋହର ଅଧ୍ୟୟନ ସମୟରେ ମୋହର ଏକ ଭୁଲ ବୁଝାମଣା ଥିଲା ଯେ, ସମସ୍ତ ବିଶ୍ୱାସୀ ମାନେ ବାଇବଲକୁ ସଂମ୍ପୁର୍ଣ ରୁପେ "ଆକ୍ଷରିକ" ଭାବରେ ପାଳନ କରିବା ଆବଶ୍ୟକ, (ଏହା ସତ୍ୟଅଟେ, କିନ୍ତୁ ଐତିହାସିକ ଘଟଣାବଳୀ ନିମନ୍ତେ) । ଏହା ମୋ ନିମନ୍ତେ ବୁଝିବାରେ ଅତି ସ୍ୱଷ୍ଟ ହେଲା ଯେ, ଭାବବାଣୀ, ପଦ୍ୟ, କାହାଣୀ, ଓ ଶେଷସମୟର ଲେଖାଶୈଳୀର ଉଦ୍ଦେଶ୍ୟକୁ ଭୁଲ ବୁଝାମଣା ହେବାର ସମ୍ଭାବନା ରହିଅଛି । ଲେଖା ଶୈଳୀ ଅପେକ୍ଷା ଲେଖକଙ୍କର ଉଦ୍ଦେଶ୍ୟ ବାକ୍ୟ ବୁଝିବା ନିମନ୍ତେ ଅତ୍ୟନ୍ତ ଜରୁରି ଅଟେ । ବାଇବଲରୁ (ଅତ୍ୟଧିକ ଯୋଗକରି କହିବା) ଲୋକମାନଙ୍କୁ ଭୁଲ ରାସ୍ତାରେ କଡାଇ ନେବା ସହିତ ସମାନ ଓ ଏହି ବାକ୍ୟରୁ କିଛି ବିୟୋଗ କରି କହିବା ଯାହା ପ୍ରକ୍ରୁତ ଲେଖକ କହିଅଛନ୍ତି, ତାହା ମଧ ଲୋକମାନଙ୍କୁ ଭୁଲ ରାସ୍ତାରେ କଡାଇ ନେବା ସହିତ ସମାନ ଅଟେ । ଏହାର ସମ୍ପୁର୍ଣ ବାକ୍ୟ ଉପରେ ମନୋଯୋଗ ଦେବା ଆବଶ୍ୟକ, ଏହାର ଲେଖା ଶୈଳୀଉପରେ, ଐତିହାସିକ ଘଟଣା, ଲେଖକଙ୍କ ପ୍ରକ୍ରୁତ ଉଦ୍ଦେଶ୍ୟ ଯାହା ଲେଖକ ତାହାଙ୍କର ଲେଖାରେ ପ୍ରକାଶ କରିଅଛନ୍ତି ତାହା ପ୍ରତି ଧ୍ୟାନଦେବା ଉଚିତ । ଲେଖାଶୈଳୀ ହେଉଛି ଲେଖକ ଓ ପାଠକଙ୍କ ଭିତରେ ମଧ୍ୟସ୍ଥତା ସ୍ଥାପନ କରିଥାଏ । ଯଦି ଏହି ଗୁରୁତ୍ୱପୁର୍ଣ ତଥ୍ୟ ଆମ୍ଭେମାନେ ନ ବୁଝିବା, ତେବେ ଭୁଲ ପ୍ରଚାର ଓ ବ୍ୟାଖ୍ୟା କରିବାର ସମ୍ଭାବନା ରହିଅଛି ।

ଏହି ପ୍ରକାଶିତ ପୁସ୍ତକ ନିଶ୍ଚିତ ସତ୍ୟ ଅଟେ, କିନ୍ତୁ କୈଣସି ଐତିହାସିକ ଘଟଣାକୁ ଆକ୍ଷରିକ ଭାବରେ ନେବା ଉଚିତ ନୁହେ । ଏହି ଲେଖାଶୈଳୀ ଆମ୍ଭମାନଙ୍କୁ ଏହି ବିଷୟରେ ପ୍ରକାଶ କରିଥାଏ । ପୁଣି ଏହାର ଅର୍ଥ ନୁହେ ଯେ ଏହା ଅନୁପ୍ରେରିତ ନୁହେ, କିମ୍ବା ସତ୍ୟ ନୁହେ, କିନ୍ତୁ ଏହା ଏକ ସଂକେତିକ ଭାଷା ଓ ରହସ୍ୟାତ୍ମକ, ପ୍ରତୀକାତ୍ମକ, ଅନୁରୁପକ ଓ କାଳ୍ପନିକ ଅଟେ । ପ୍ରାଚୀନ ଶତାବ୍ଦୀର ଲୋକମାନେ ଏହିସବୁ ଲେଖାଶୈଳୀ ସହିତ ସୁପରିଚିତ ଥିଲେ, କିନ୍ତୁ ସେମାନେ ଏହା ସହିତ ଅତି ପରିଚିତ ଥିଲେ । ଏହି ଖ୍ରୀଷ୍ଟିୟ ପ୍ରତୀକ ମାନେ ହୁଏତ *Lord of the Rings* ଓ *Chronicles of Narnia* ଏହି ଆଧୁନିକ ପ୍ରତୀକ ସ ହିତ ସମାନ ହୋଇପାରେ ।

B. ଏହି ପ୍ରକାଶିତ ପୁସ୍ତକ ଏକ ଯୀହୁଦୀୟ ମାନଙ୍କର ଲେଖା ଶୈଳୀ ଅଟେ । ଏହା ସର୍ବ ପ୍ରକାରର ଉତ୍ତେଜନା ସମୟରେ ଇଶ୍ୱରଙ୍କର ଉପସ୍ଥିତି ଓ ତାହାଙ୍କର ଶକ୍ତିର ଆସ୍ୱସନା ପ୍ରଦାନ କରିଥାଏ ଓ ସେ ସମସ୍ତ ସମସ୍ୟାରୁ ବାହାର କରିଆଣିବେ ବୋଲି, ତାହାଙ୍କ ଲୋକ ମାନଙ୍କ ନିମନ୍ତେ ଏକ ଆଶା ଦେଇଥାଏ । ଏହି ପ୍ରକାର ଲେଖାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଏ,

1. ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଇଶ୍ୱର ଶକ୍ତିଶାଳୀ ଅଟନ୍ତି, (ଏକମାତ୍ର ଇଶ୍ୱର ଓ ସମାପନ କର୍ତ୍ତା)
2. ଭଲ ଓ ମନ୍ଦ ମଧ୍ୟରେ ଏକ ବିବାଦ, ଏହି ଅଧାର୍ମିକ ଜଗତ ଓ ଆସନ୍ତା ଧାର୍ମିକ ଜଗତ (ଦ୍ୱତବାଦ)
3. ଏକ ପ୍ରକାରର ରହସ୍ୟମୟ ଶବ୍ଦର ବ୍ୟବହାର (ବିଶେଷତଃ ପୁରାତନ ଓ ମଧ୍ୟବର୍ତୀ ସମୟର ଯୀହୁଦି ମାନଙ୍କର ଶେଷ ସମୟର ଲେଖାଶୈଳୀ)
4. ବିଭିନ୍ନ ରଂଗର ବ୍ୟବହାର, ସଂଖ୍ୟା, ପଶୁ ଓ ଅନେକ ସମୟରେ ପଶୁ/ମନୁଶ୍ୟ
5. ଦୁତ ମାନଙ୍କର ଦର୍ଶନ ଦ୍ୱାରା ପ୍ରଦତ ଔଷଧ ଯାହା ସ୍ୱପ୍ନ ଦ୍ୱାରା ପ୍ରଦତ ହୋଇଥାଏ, କିନ୍ତୁ ଦୁତ ମାନଙ୍କର ଧ୍ୟାନ ଓ ବ୍ୟାଖ୍ୟା ଦ୍ୱାରା ହୋଇଥାଏ ।
6. ପ୍ରାଥମିକ ଭାବେ ଶିଘ୍ର ଆସୁଥିବା ଶେଷ ସମୟର ଘଟଣା ଉପରେ କେନ୍ଦ୍ରିଭୁତ, (ନୁତନ ଯୁଗ)
7. ଶେଷ ସମୟର ଶିକ୍ଷା ବିଷୟରେ ବିଭିନ୍ନ ପ୍ରକାରର ଚିହ୍ନ ଓ ମିଥ୍ୟା ଘଟଣାର ବ୍ୟବହାର
8. ଏହିପ୍ରକାର ଲେଖାଶୈଳୀର ଉଦାହରଣ ହେଲା
   a. ପୁରାତନ ନିୟମ
      (1) ଯିଶାଇୟ ୨୪- ୨୭, ୫୬-୬୬
      (2) ଯିହିଜିକଲ ୩୭-୪୮
      (3) ଦାନିଏଲ ୭-୧୨
      (4) ଯୋୟେଲ ୨:୨୮-୩:୨୧
      (5) ଯିଖରିୟ ୧-୬, ୧୨-୧୪
   b. ନୁତନ ନିୟମ
      (1) ମାଥିଉ ୨୪, ମାର୍କ ୧୩, ଲୁକ ୨୧, ଓ ୧ମ କରିନ୍ଥୀୟ ୧୫ (କେତେକ ପରିମାଣରେ)
      (2) ୨ୟ ଥେସଲନିକୀୟ ୨ (ଅନେକ ସମୟରେ)
      (3) ପ୍ରକାଶିତ (୪-୨୨ ଅଧ୍ୟାୟ)
   c. ଦାନିଏଲ ୭-୧୨, ପ୍ରକାଶିତ ୪-୨୨ ଏହି ଦୁଇ ପୁସ୍ତକ ସମୁହ ଏହି ପ୍ରକାର ଲେଖାର ଉଦାହରଣ ଅଟେ
9. ଅସ୍ୱୀକ୍ରୁତି ପ୍ରାପ୍ତ (ଯାହା D. S. Russel, *The Method and Message of Jews Apocalyptic,* pp. 37-38 ନିଆଯାଇଛି)
   a. ୧ମ ଓ ୨ଇନୋକଙ୍କ ପୁସ୍ତକ ସମୁହ (ଇନୋକଙ୍କର ରହସ୍ୟ)

b. ଯୁବ୍ଲିସକଂର ପୁସ୍ତକ
c. ସିଲିଲାଇନର ବାଣୀ ସମୁହ  III, IV, V
d. ବାର ଗୋଷ୍ଠିକଂର ନିୟମ ବା ଚୁକ୍ତି
e. ଶଲୋମନକଂ ସଂଗୀତ
f. ମୋଶାକଂର ଧାରଣା
g. ଯିଶାୟକଂର ଦେହାନ୍ତ
h. ମୋଶାକଂର ଦୈବବାଣୀ (ଆଦମ ଓ ହବାକଂର ଜୀବନି)
i. ଅବ୍ରାହାମକଂ ଦୈବବାଣୀ
j. ଅବ୍ରାହାମକଂର ଚୁକ୍ତି
k. ୨ୟ ଏନ୍ଦ୍ରାଶ (୪ର୍ଥ ଏନ୍ଦ୍ରାଶ)
l. ୨ୟ ଓ ୩ୟ ବାରୁଚ

10. ଏହି ଲେଖାଶୈଳୀରେ ଏକ ଦ୍ବତବାଦ ଦେଖାଯାଏ । ଏହା ଦ୍ବତବାଦର ସତ୍ୟତା, ବିପରିତ ଅର୍ଥ ଓ ବିବାଦକୁ ଦେଖାଏ, (ଏହା ଯୋହନକଂ ଲେଖାରେ ଅତି ମାତ୍ରାରେ ଦେଖିବାକୁ ମିଳେ)
    a. ସ୍ୱର୍ଗ- ପୃଥିବୀ
    b. ଶୟତାନିକ ରାଜ୍ୟ (ମନ୍ଦ ବ୍ୟକ୍ତି ଓ ଦୁତ)- ନୁତନ ବ୍ୟକ୍ତି ଓ ଧାର୍ମିକତା (ଉତ୍ତମ ବ୍ୟକ୍ତି ଓ ଧାର୍ମିକ ଦୁତ)
    c. ବର୍ତମାନର ଅସ୍ତିତ୍ୱ- ଭବିଷ୍ୟତର ଅସ୍ତିତ୍ୱ

    ଇଶ୍ୱରକଂ ଦ୍ୱାରା ଦିନେ ଏହା ସବୁ ସମାପନ ହେବ, ଇଶ୍ୱର ଯୋଉ ପୃଥିବିର କଳ୍ପନା କରିଥିଲେ, ଏହା ସେହି ପୃଥିବି ନୁହେ । କିନ୍ତୁ ସେ ସବୁ ସମୟରେ ସେହି ଏଦନ ଉଦ୍ୟାନର ସମ୍ପର୍କକୁ ପୁନଃସ୍ଥାପନ କରିବା ନିମନ୍ତେ, ତାହାକଂର କାର୍ଯ୍ୟ, ଓ ଯୋଜନାକୁ ନିରବଛିନ୍ନ ଭାବରେ ରଖିଅଛନ୍ତି । ଖ୍ରୀଷ୍ଟକଂର କାର୍ଯ୍ୟ ଏହି ଯୋଜନାରେ ଆହୁରି ସାହାଯ୍ୟ କରିଥିଲା, କିନ୍ତୁ ଦ୍ବିତିୟ ଆଗମନ ଏହା ଦ୍ବତବାଦକୁ ଆଣିଦେବ ।

C. ଏହି ଶେଷ ସମୟର ଲେଖା କେବେ ସୁଧା ମୈଖିକ ଭାବରେ ପ୍ରକାଶ କରାଯାଇ ନ ଥିଲା । ସେହିସବୁ ଅତି ଉଚ୍ଚକୋଟିର ରଚନା ଓ ଲେଖା ଥିଲା ଓ ତାହା ଏହାର ବ୍ୟାଖ୍ୟା ନିମନ୍ତେ ଉପଯୋଗି ଥିଲା । ଏହି ପୁସ୍ତକର ଗଠନ ଅତି ଭିନ୍ନ ଓ ସାତଗୋଟି ବିଭାଗରେ ବିଭକ୍ତ କରାଯାଇ ଅଛି ଓ ଏହି ସମସ୍ତ ବିଭାଗ ଏହାର ସପ୍ତମୁଦ୍ରା, ସପ୍ତ ତୁରିଦ୍ୱନି ଓ ସପ୍ତ ପାତ୍ର, ଏହି ସବୁ ପରସ୍ପର ସହିତ ଜଡିତ ଅଟେ ।  ଏହି ପ୍ରତ୍ୟକ ବିଭାଗ ସହିତ ବିଚାର ଅତି କଷ୍ଟକର ହୋଇଥାଏ, ସପ୍ତ ମୁଦ୍ରାରେ ୧/୪ର ବିନଷ୍ଟ, ସପ୍ତ ତୁରିଦ୍ୱନିରେ ୧/୪ର ବିନଷ୍ଟ ଓ ସାପ୍ତ ପାତ୍ରରେ ସମ୍ପୁର୍ଣ ବିନାଶ । ଏହି ସମସ୍ତ ବିଭାଗରେ ଖ୍ରୀଷ୍ଟକଂର ଦ୍ୱୀତିୟ ଆଗମନର ବିଷୟ ରହିଅଛି: (୧). ଷଷ୍ଠ ମୁଦ୍ରା ୬:୧୨-୧୭; (୨). ସପ୍ତମ ମୁଦ୍ରା ୧୧:୧୫-୧୮ ଓ ଶେଷ ସମୟର ଦୁତ ମାନକଂର ବିଚାର ଓ ୧୪:୧୪-୨୦; (୩). ସପ୍ତମ ପାତ୍ର ୧୬:୧୭-୨୧ ପୁଣି ୧୯:୧୧-୨୧ ପୁଣିଥରେ୨୨:୬-୧୬ ଦେଖିବାକୁ ମିଳେ । ଏହା ସୁଚାଏ ଏହି ପୁସ୍ତକ ଏକ ଧାରାବାହିକ ଭାବରେ ନ ରହି ଏହାର ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ପୁରାତନ ନିୟମର ପ୍ରଗତିରେ ଲେଖାଯାଇଅଛି (James Blevins, *Revelation as Drama as Drama* and "The Genre of Revelation" in Review and Exposition, Sept. 1980, pp. 393-408।

ଏଠାରେ ସାତ ପ୍ରକାରର ଲେଖାଶୈଳୀ ଓ ପ୍ରାରମ୍ଭୀକ ଭୁମିକା ଓ ଶେଷ ଉପସଂହାର ରହିଅଛି ।

1. ଭୁମିକା, ୧:୧-୮
2. ୧-୩ ଅଧ୍ୟାୟ (ଖ୍ରୀଷ୍ଟ ଓ ସପ୍ତ ମଣ୍ଡଳୀ)
3. ୪-୮:୧ ଅଧ୍ୟାୟ (ସ୍ୱର୍ଗ ଓ ସପ୍ତ ମୁଦ୍ରା)
4. ୮:୨-୧୧ ଅଧ୍ୟାୟ (ତୁରିଦ୍ୱନୀ ଓ ସପ୍ତ ଦୁତଗଣ)
5. ୧୨-୧୪ ଅଧ୍ୟାୟ (ଦୁଇ ଗୋଷ୍ଠି ଓ ତାହାକଂର ନେତା)
6. ୧୫-୧୬ ଅଧ୍ୟାୟ (ସପ୍ତ ଦୁତ ଓ ପାତ୍ର )
7. ୧୭-୧୯ ଅଧ୍ୟାୟ (ବେବିଲୋନ ଓ ତାହାର ବିଚାର)
8. ୨୦-୨୨ ଅଧ୍ୟାୟ (ବିଚାରଓ ନୁତନ ଆକାଶମଣ୍ଡଳ ଓ ନୂତନ ପୃଥିବି)
9. ଉପସଂହାର ୨୨:୬-୨୧

William Hendriksen's *More Than Conqueror* କଂର ପ୍ରାରମ୍ଭୀକ ଚିଠା

1. ୧-୩ ଅଧ୍ୟାୟ (ଖ୍ରୀଷ୍ଟ ସପ୍ତ ପ୍ରଦୀପର ମଧ୍ୟସ୍ଥରେ ଅଛନ୍ତି)
2. ୪-୭ ଅଧ୍ୟାୟ (ସପ୍ତ ମୁଦ୍ରାର ପୁସ୍ତକ)
3. ୮:୧୧ ଅଧ୍ୟାୟ (ସପ୍ତ ତୁରିଦ୍ୱନୀ ଓ ବିଚାର)

4. ୧୨-୧୪ ଅଧ୍ୟାୟ (ଜଣେ ସ୍ତ୍ରୀ ଓ ତାହାଙ୍କ ଦ୍ୱାରା ପ୍ରସବ ପୁତ୍ର ଓ ତାହାର ସାହାଯ୍ୟକାରି ମାନେ, [ପଶୁ ଓ ବେଶ୍ୟା])
5. ୧୫-୧୬ ଅଧ୍ୟାୟ (ସପ୍ତ ପାତ୍ର ଓ କ୍ରୋଧ)
6. ୧୭-୧୯ ଅଧ୍ୟାୟ (ସେହି ପଶୁ ଓ ବେଶ୍ୟାର ପତନ)
7. ୨୦-୨୨ ଅଧ୍ୟାୟ (ଶୟତାନ ଉପରେ ବିଚାର, ପୁଣି ନୁତନ ଆକାଶ ଓ ନୁତନ ପୃଥିବି, ନୁତନ ଯେରୁଶାଲେମ ), p.28

ଆମ୍ଭେମାନେ ବିଜୟୀ, William Hendriksen କୁହନ୍ତି, ଏହି ପ୍ରକାଶିତ ପୁସ୍ତକକୁ ସାତ ଭାଗରେ ବିଭକ୍ତ କରାଯାଇ ପାରିବ, ୧-୩; ୪-୭; ୮-୧୧; ୧୨-୧୪; ୧୫-୧୬; ୨0-୨, ଏବଂ ଏହି ସମସ୍ତ ବିଭାଗ ଖ୍ରୀଷ୍ଟଙ୍କର ପ୍ରଥମ ଓ ଦ୍ୱୀତିୟ ଆଗମନ ସହିତ ସଂଯୋଗ ରହିଅଛି । ପ୍ରତ୍ୟକ ପୁସ୍ତକ ବିଚାର ଓ ଦ୍ୱୀତିୟ ଆଗମନ ସହିତ ଜଡ଼ିତ ଅଟେ ।

ଯଦିଚ ମୁ ଏହି ସପ୍ତ ମୁଦ୍ରା, ତୁରି ଓ ପାତ୍ର ମଧ୍ୟରେ ଥିବା ସମନତା ପ୍ରତି ଆଗ୍ରହ ଅଟେ, ମୁ ୧୭-୧୯ ମଧ୍ୟ ୨୦-୨୨ ମଧ୍ୟରେ ସମାନତା ରହିଅଛି (ଦ୍ୱୀତିୟ ଆଗମନ ଯାହା ୧୯:୧୧-୨୧ଓ ଅନ୍ୟ ଆଗମନ ୨୨:୬-୧୬), ମୁ ଏହି ସାତଗୋଟି ବିଭାଗ କେଉଠାରେ ସମାପ୍ତ ହେଉଅଛି, ,ବିଶେଷତଃ *Parousia* ର ପ୍ରଭାବ ୧-୩ ଅଧ୍ୟାୟରେ ତାହା ମୁ ଦେଖିପାରୁ ନାହି । ପ୍ରତି ଅଧ୍ୟାୟରେ ବିଚାରର ଅଂଶ ରହିଅଛି, (୨:୫, ୭, ୧୧, ୧୬-୧୭, ୨୫-୨୬; ୩:୫; ୧୦:୧୨, ୧୮-୨୧) । ଏହି ସାତଗୋଟି ବିଭାଗ ଏହି ପୁସ୍ତକକୁ ବୁଝିବା ନିମନ୍ତେ ଅତି ମାତ୍ରାରେ ସାହାଯ୍ୟ କରିଥାଏ ଓ ବାକ୍ୟର ଅର୍ଥରେ ସମାନତା ରଖିଥାଏ ।

D. ଏହା ସତ ଯେ “ସାତ” ସଂଖ୍ୟା ଏହି ପୁସ୍ତକକୁ ଗଠନ କରିବାରେ ବିଶେଷ ସାହାଯ୍ୟ କରିଥାଏ, ଯାହା କି ମାମ୍ଭେମାନେ ଦେଖିପାରିବା, ସପ୍ତ ମଣ୍ଡଳୀ, ସପ୍ତ ମୁଦ୍ରା, ସପ୍ତ ତୁରିଦ୍ୱନି, ସପ୍ତ ପାତ୍ର, ଓ ଅନ୍ୟ କେତେକ “ସପ୍ତ” ର ଉଦାହରଣ ହେଲା

1. ୭ ଆଶିର୍ବାଦ ୧:୩; ୧୪:୧୩; ୧୬:୧୫; ୧୯:୯; ୨୦:୬; ୨୨:୭, ୧୪
2. ୭ ପାତ୍ର ୧:୧୨
3. ୭ ଆଶିର୍ବାଦ ୧:୪; ୩:୧; ୪:୫; ୫:୬
4. ୭ ନକ୍ଷତ୍ର ୧:୧୬; ୨୦; ୨:୧
5. ୭ ପ୍ରଦୀପ ୪:୫
6. ୭ ମୁଦ୍ରାଙ୍କିଂତ ପୁସ୍ତକ ୫:୧
7. ମେଷଶାବକଙ୍କର ୭ ଶୁଂଗ ଓ ୭ ଚକ୍ଷୁ ୫:୬
8. ଯୀଶୁଖ୍ରୀଷ୍ଟଙ୍କର ୭ ଗୋଟି ପ୍ରଶଂସାର ଗୁଣ୫:୧୨
9. ପ୍ରକ୍ରୁତିର ୭ ଗୋଟି ଗୁଣ, ୬:୧୨-୧୪
10. ୭ ପ୍ରକାରର ମନୁଶ୍ୟ, ୬:୧୫
11. ଇଶ୍ୱରଙ୍କର ୭ ଗୋଟି ଗୁଣ, ୭:୧୨
12. ଇଶ୍ୱରଙ୍କ ସମୁଖରେ ୭ ଜଣ ଦୁତ, ୮:୨,୬
13. ୭ ତୁରିଦ୍ୱନି ଓ ୭ ତୁରିଧାରି ଦୁତ, ୮:୬, (୧୫:୧, ୬, ୭, ୮, ୧୭:୧; ୨୧:୯)
14. ୭ ଲକ୍ଷଣ, ୧୨:୧, ୩; ୧୩:୧୩, ୧୪; ୧୫:୧; ୧୬:୧୪; ୧୯:୨୦
15. ୭ ମସ୍ତକ, ୭ ପ୍ରକାରର ଲୋହିତ ବର୍ଣର ସର୍ପ, ୧୨:୩
16. ୭ ମସ୍ତକ ବିଶିଷ୍ଟ ପଶୁ, ୧୩:୧; ୧୭:୩,୮
17. ୭ ଦୁତ, ୧୪:୬-୨୦
18. ୭ କ୍ଲେଶ, ୧୫:୧; ୨୧:୯
19. ୭ ପାହାଡ, ୧୭:୯
20. ୭ ରାଜା, ୧୭:୧୦
21. ୭ ଗୋଟି ବିଷୟ ଯାହା ଏହି ପୁସ୍ତକରେ ଦେଖାଯାଏ ନାହି, ୨୧-୨୨ (୨୧:୧,୪ [ଚାରି ଥର]; ୨୧:୨୫; ୨୨:୩)

E. ଏହି ପୁସ୍ତକର ବ୍ୟାଖ୍ୟା ବାଇବଲ ଭିତିକ ହେବା ଆବଶ୍ୟକ । ଏହି ପ୍ରକାରର ଚିନ୍ତାଧାରା ଏକରୁ ଅଧିକ ପ୍ରକାରର ବ୍ୟାଖ୍ୟାର ପ୍ରଣାଳୀକୁ କଢାଇ ନେଇଥାଏ । ଏହି ଭୁଲ ଧାରଣା ଅନେକ ପ୍ରକାର ଭାବରେ କାର୍ଯ୍ୟ କରିଥାଏ,

1. ବିଭିର୍ନ୍ନ ପ୍ରକାରର ସଂକେତର ପ୍ରାରମ୍ଭ
   a. ପୁରାତନ ନିୟମର ସଂକେତ
      (1) ପୁରାତନ ନିୟମର ଘଟଣାବଳୀ ସୃଷ୍ଟି, ପତନ, ବନ୍ୟା, ମିଶରରୁ ଇଶ୍ରାଏଲିୟ ମାନଙ୍କର ବାହାର ଓ ଯେରୁଶାଲେମର ପୁନଃସ୍ଥାପନ
      (2) ଶହ ଶହ ସଂକେତ, (ଯାହା ସିଧା ସଳଖ) ଭାବବାଦୀ ମାନଙ୍କ ଦ୍ୱାରା ଉଦ୍ଧୃତ
   b. ପୁରାତନ ଓ ନୁତନ ନିୟମର ମଧ୍ୟବର୍ତି ସମୟ, (୧ମ ଇନୋଶ, ୨ୟ ବ୍ରୁଚ, ସିବିଲିନର ଗଳ୍ପ, ୨ୟ ଇଦ୍ରାସ)

c. ପ୍ରାଚୀନ ପ୍ରଥମ ଶତାବ୍ଦୀର ଗ୍ରୀକ ଓ ରୋମିୟ ସାମ୍ରାଜ୍ୟର ସମୟ

d. ପ୍ରାଚୀନ ଯୁଗର ସୃଷ୍ଟିର କାହାଣୀ (ବିଶେଷତଃ ପ୍ରକାଶିତ ୧୨)

2. ଏହି ପୁସ୍ତକର ସମୟ

a. ପ୍ରଥମ ଶତାବ୍ଦୀ

b. ସମସ୍ତ ଶତାବ୍ଦୀ

c. ଶେଷ ସମୟର ପିଢ଼ୀ

3. ବାଇବଲ ଶିକ୍ଷାର ଏକ ପ୍ରକାର ପଦ୍ଧତି ନିମନ୍ତେ ଅତ୍ୟଧିକ ମନଯୋଗ

a. ଯୋଉମାନେ ବାଇବଲ ଭିତିକ ଶେଷ ସମୟର ଘଟଣାକୁ ବିଶ୍ୱାସ କରନ୍ତି

b. ଐତିହାସିକ ବିଷୟ ଉପରେ ଆଗ୍ରହି ବ୍ୟକ୍ତି

c. ଭବିଷ୍ୟତ ବିଷୟ ଉପରେ ଆଗ୍ରହି ବ୍ୟକ୍ତି

d. ଅତିଶୟ ଭକ୍ତି ଦେଖାଉଥିବା ବ୍ୟକ୍ତି

4. ୨୦ ଅଧ୍ୟାୟର ବାଇବଲ ଭିତିକ ସ୍ଥାନ

a. ସତ୍ୟଯୁଗରେ ବିଶ୍ୱାସ କରୁଥିବା ବ୍ୟକ୍ତି

b. ପରବର୍ତୀ ସତ୍ୟଯୁଗରେ ବିଶ୍ୱାସ କରୁଥିବା ବ୍ୟକ୍ତି

c. ପୁର୍ବବର୍ତୀ ସତ୍ୟଯୁଗରେ ବିଶ୍ୱାସ କରୁଥିବା ବ୍ୟକ୍ତି

d. ବାଇବଲର ସମୟାନୁ ସାରେ ପୁର୍ବବର୍ତୀ ସତ୍ୟଯୁଗରେ ବିଶ୍ୱାସ କରୁଥିବା ବ୍ୟକ୍ତି

ବାଇବଲର ବ୍ୟାଖ୍ୟା ଭିତିକ ଭିନ୍ନତା ଅନୁସାରେ, (ବାଇବଲ ବ୍ୟାଖ୍ୟାର ବିଭିନ୍ନ ଉପାୟ) ଓ ଅନୁଚିତ ଭାବରେ ବାଇବଲ ବ୍ୟାଖ୍ୟା (ସମସ୍ତ ବିଷୟ ଜାଣିଥିବା ସଦୃଶ୍ୟ ଅଭିନୟ କରୁଥିବା ବ୍ୟକ୍ତି), କିଭଳି ଭାବରେ ଏହି ବ୍ୟାଖ୍ୟାକାରି ବ୍ୟବହାର କରିବା ଉଚିତ?

1. ଏହା ନିଶ୍ଚିତ ଜାଣିବା ଆବଶ୍ୟକ ଅଟେ ଯେ, ଆଧୁନିକ ଯୁଗର ବିଶ୍ୱାସି ମାନେ ଏହି ପୁସ୍ତକର ଲେଖାଶୈଳୀକୁ ବୁଝିବାରେ ବିଫଳ ହୋଇଅଛନ୍ତି, କାରଣ ସେମାନେ ପ୍ରାଚୀନ ଶତାବ୍ଦୀର ଐତିହାସିକ ଉଦ୍ଧୃତାଂଶକୁ ମନ ଦିଅନ୍ତି ନାହି, ଯାହା ପ୍ରାଚୀନ ଯୁଗର ଖ୍ରୀଷ୍ଟିୟାନ ମାନେ ଅତି ସହଜରେ ବୁଝିପାରନ୍ତି ।
2. ଏହା ସୁଧା ଆମ୍ଭମାନଙ୍କୁ ଗ୍ରହନ କରିବାକୁ ପଡିବ ଯେ, ପ୍ରତ୍ୟକ ଯୁଗର ଲୋକ୍ମାନେ ଏହି ପୁସ୍ତକୁ ଏକ ପ୍ରକାର ବ୍ୟକ୍ତିଗତ ଐତିହାସିକ ଘଟଣା ହିସାବରେ ନେଇ ଏହାର ବ୍ୟାଖ୍ୟା କରିବାରେ ଭୁଲ କରି ଥାଆନ୍ତି ।
3. ଆମ୍ଭମାନଙ୍କୁ କୈଣସି ଅନ୍ୟ ପୁସ୍ତକ ଅଧ୍ୟୟନ କରିବା ପୁର୍ବରୁ ବାଇବଲକୁ ଭଲ ଭାବରେ ଅଧ୍ୟୟନ କରିବା ଆବଶ୍ୟକ ଅଟେ । ଲେଖାଶୈଳୀ ଓ ବାକ୍ୟର ମୁଖ୍ୟ ଉଦ୍ଦେଶ୍ୟକୁ ଧ୍ୟାନର ସହିତ ବୁଝିବା ଆବଶ୍ୟକ । ଏହି ମୁଖ୍ୟ ଉଦ୍ଦେଶ୍ୟ ସବୁ ସମୟରେ ସମାନ ରହେ, କେବଳ ଗୁରୁତ୍ୱପୁର୍ଣ ବିଷୟର ମହତ୍ୱ କେବଳ ପ୍ରାଥମିକ ପାଠକ ମାନଙ୍କ ନିମନ୍ତେ ଓ ଶେଷ ଲୋକମାଙ୍କ ନିମନ୍ତେ । ହୁଏତ ଏହି ସଂକ୍ଷିପ୍ତ ବିବରଣୀ ଅଲଗା ହୋଇପାରେ, କିନ୍ତୁ ଏହାର ମୁଖ୍ୟ ଉଦ୍ଦେଶ୍ୟ ସବୁ ସମୟରେ ସମାନ ଥାଏ ।
4. ଆମ୍ଭମାନଙ୍କୁ ଏହା ମଧ୍ୟ ମନେରଖିବା ଆବଶ୍ୟକ ଯେ, ଏହା ବିଶ୍ୱାସି ମାନଙ୍କୁ ଅବିଶ୍ୱାସି ମାନଙ୍କ ତରଫରୁ ଆସୁଥିବା ତାଡନାର ସହ୍ୟ ଓ ଉତ୍ସାହ ନିମନ୍ତେ ଲେଖାଯାଇ ଅଛି । ଏହି ପୁସ୍ତକ ସବୁ ସମୟର ଲୋକମାନଙ୍କ ନିମନ୍ତେ ହୁଏତ ସିଧାସଳଖ ଭାବରେ ଉପଯୋଗି ହୋଇନପାରେ, ଓ ଏହା ଶେଷ ସମୟର ଘଟଣା ବିଷୟରେ କୈଣସି ତଥ୍ୟ ପ୍ରଦାନ କରି ନ ଥାଏ, କିନ୍ତୁ ଏହା ଦ୍ୱାରା ଆମ୍ଭେମାନେ ସୁଧା ଅନେକ ଶିକ୍ଷା ଲାଭ କରିପାରିବା ।
5. ପତିତ ମାନବ ଇଶ୍ୱରଙ୍କର ରାଜ୍ୟ ସହିତ କୈଣସି ପ୍ରକାରେ ସହଭାଗିତା କରିପାରେ ନାହି, କିନ୍ତୁ ଏହା (କାଲବରିରେ) ଯିଶୁଙ୍କର ବିଜୟ ପରେ ସମ୍ଭବ ହୋଇଆପାରି ଅଛି । କିନ୍ତୁ ଇଶ୍ୱର ସବୁ ବିଷୟ ଉପରେ କର୍ତ୍ତା ଅଟନ୍ତି, ଇତିହାସ, ଜୀବନ ଓ ମରଣ ଉପରେ ତାହାଙ୍କର କର୍ତୃତ୍ୱ ରହିଅଛି । ତାହାଙ୍କର ଲୋକମାନେ ତାହାଙ୍କ ସକାଶୁ, ତାହାଙ୍କ ଠାରେ ବିଜୟୀ ଅଟନ୍ତି ।

F. ଅନେକ ପ୍ରକାରର ବିବାଦ ଓ ଭୁଲ ବ୍ୟାଖ୍ୟା ସତ୍ୱେ, ଏହି ପୁସ୍ତକ ମାଧ୍ୟମରେ ଇଶ୍ୱର ସମସ୍ତଙ୍କ ନିମନ୍ତେ ଏହି ପୁସ୍ତକ ମାଧ୍ୟମରୁ କିଛି ଶିକ୍ଷା ରଖିଅଛନ୍ତି, ଏଥି ନିମନ୍ତେ ଆମ୍ଭମାନଙ୍କୁ କିଛି ପରିଶ୍ରମ କରିବା ଦରକାର ରହିଛି । ଆଲାନ ଜନସନ ତାହାଙ୍କର ପୁସ୍ତକ *The Expositor's Bible Commentary*, vol. 12 କୁହନ୍ତି ଏହା ଏକ ମୁଖ୍ୟ ସ୍ଥାନ ଅଧିକାର କରିଅଛି ଓ ଏହା "ନିରାଟ" ସତ୍ୟ ଅଟେ, ଏହା ଖ୍ରୀଷ୍ଟିୟ ଶିକ୍ଷାର ଅତି ଗୁରୁତ୍ୱପୁର୍ଣ ଶିକ୍ଷାମାନ ଯଥା, ଖ୍ରୀଷ୍ଟିୟ ଶିଷ୍ୟତ୍ୱ, ସୁସମାଚାର ଓ ଶେଷ ସମୟ ବିଷୟରେ ଲେଖାଯାଇଅଛି । କିନ୍ତୁ କେତେକ ଧର୍ମାନ୍ଧ ଲୋକମାନେ ଏହି ପୁସ୍ତକରୁ ଶିକ୍ଷା ଦେବା ସମୟରେ ଅତ୍ୟଧିକ ଭାବବାଣି ଉପରେ ଗୁରୁତ୍ୱ ଦିଅନ୍ତି ଓ ଖ୍ରୀଷ୍ଟଙ୍କୁ ଅବହେଳା କରନ୍ତି । କୈଣସି ପ୍ରକାରର ବ୍ୟାଖ୍ୟା ଆମ୍ଭମାନଙ୍କୁ ଏହି ପୁସ୍ତକରୁ ଖ୍ରୀଷ୍ଟଙ୍କ ବିଷୟରେ ଶିକ୍ଷାଦେବାରୁ ବିଚ୍ଛେଦ ନ କରୁ ଓ ଏହାର ସତ୍ୟତା ଜାଣିବାରୁ ଆମ୍ଭମାନଙ୍କୁ ଦୁରରେ ନ ରଖୁ" (p. 399) ।

ଆମ୍ଭେମାନେ ଏହା ସ୍ମରଣରେ ରଖିବା ଆବଶ୍ୟକ ଯେ, ଏହା ମଣ୍ଡଳୀ ମାନଙ୍କୁ ଖ୍ରୀଷ୍ଟଙ୍କର ଶେଷ ବାକ୍ୟ ଅଟେ, ଏଣୁ ଆଧୁନିକ ମଣ୍ଡଳୀ ସମୁହ ଏହାକୁ ଅତି ଗୁରୁତ୍ୱ ଦେବା ଆବଶ୍ୟକ ଅଟେ । ଏହା ସବୁ ତାଡନା ପ୍ରାପ୍ତ ବିଶ୍ୱାସି ମାନଙ୍କୁ ପ୍ରୋତ୍ସହିତ କରିବା ସାଥେ ଇଶ୍ୱରଙ୍କ (ଐକବାଦକୁ) ବୁଝାଏ, ଶୟତାନର ସତ୍ୟତା (ଦ୍ୱତବାଦ), ମନୁଶ୍ୟ ମାନଙ୍କର ପତ୍ତନ (ମନୁଶ୍ୟ ମାନଙ୍କର ବିଦ୍ରୋହାଚରଣ), ଓ ମନୁଶ୍ୟ ମାନଙ୍କୁ ଇଶ୍ୱରଙ୍କର ସେହି ଉଦ୍ଧାରର କାର୍ଯ୍ୟକୁ ସୁଚାଏ, (ନିସ୍ୱାର୍ଥ ଚୁକ୍ତି, ଆଦିପୁସ୍ତକ ୩:୧୫, ୧୨:୧-୩; ଯାତ୍ରା ପୁସ୍ତକ ୧୯:୫-୬; ଯୋହନ ୩:୧୬; ୨ୟ କରିନ୍ଥୀୟ ୫:୨୧) ।

II. ଲେଖକ।

A. ପ୍ରେରିତ ଯୋହନଙ୍କ ସପକ୍ଷରେ ଅନ୍ତର୍ନିହିତ ସାକ୍ଷ୍ୟ

1. ଲେଖକ ନିଜେ ଯୋହନ ବୋଲି ଚାରି ଥର ନିଜର ପରିଚୟ ପ୍ରଦାନ କରିଅଛନ୍ତି, (୧:୧, ୪, ୯; ୨୨:୮)
2. ସେ ନିଜକୁ ଏପରି ଭାବେ ପ୍ରକାଶ କରନ୍ତି,
   a. ନିଜକୁ ଦାସ ବୋଲି ଜଣାଇ ଅଛନ୍ତି, (୧:୧; ୨୨:୬)
   b. ତାଡନା ପ୍ରାପ୍ତ ବ୍ୟକ୍ତି ଓ ଜଣେ ଭ୍ରାତା, (୧:୯)
   c. ଜଣେ ଭାବବାଦୀ (୨୨:୯) ଓ ତାହାଙ୍କର ପୁସ୍ତକକୁ ଏକ ଭବିଷ୍ୟତ ପୁସ୍ତକ ଭାବେ ପ୍ରକାଶ କରିଅଛନ୍ତି, (୧:୩; ୨୨:୭' ୧୦, ୧୮, ୧୯)
3. ସେ ପୁରାତନ ଭଲ ଭାବରେ ଜାଣନ୍ତି, (ସେ LXX, କିନ୍ତୁ ଟାର୍ଗୁମକୁ ବ୍ୟବହାର କରନ୍ତି), ଓ ସମାଗମତମ୍ବୁ ଓ ସମାଜଗୃହର ସମସ୍ତ ନିୟମକୁ ଭଲ ଭାବରେ ଜାଣନ୍ତି।

B. ଯୋହନ ଏହା ଲେଖିଅଛନ୍ତି ବୋଲି ପ୍ରାଚୀନ ଖ୍ରୀଷ୍ଟିୟ ବ୍ୟକି ମାନଙ୍କର ଆଭ୍ୟନ୍ତରିଣ ସାକ୍ଷ୍ୟ

1. ଜେବଦୀଙ୍କ ପୁତ୍ର ପ୍ରେରିତ ଯୋହନ
   a. ଜଷ୍ଟିନ ମାର୍ଟିନ, (ରୋମିୟ ଖ୍ରୀ ଅ ୧୧୦-୧୬୫), *Dialogue with Trypho* 81.4
   b. ଇରାନିଅସ, (ଲିଅନ୍ସ ଖ୍ରୀ ଅ ୧୨୦-୨୦୨) *Against Heresies* IV, ୧୪:୨; ୧୭,୬; ୨୧,୩; V ୧୬, ୧; ୨୮,୨:୩୦, ୩; ୩୪, ୬; ୩୫,୨
   c. ଟେର୍ଟୁଲିଆନ (ଦକ୍ଷିଣ ଆଫ୍ରିକା ଖ୍ରୀ ଅ ୧୪୫-୨୨୦), *Against Praxeas* 27
   d. ଓରିଜିନ (ଆଲେକଜ୍ୟାଣ୍ଡ୍ରିଆ ଖ୍ରୀ ଅ ୧୮୧-୨୫୨)
      (1) ଆତ୍ମା ନିମନ୍ତେ, L: ୮:୧
      (2) ମାର୍ସିନଙ୍କ ବିରୋଧରେ, II: ୫
      (3) ଭୁଲ ଶିକ୍ଷକ ମାନଙ୍କ ବିରୋଧରେ, III ୧୪:୨୫
      (4) ସେଲସଷଙ୍କ ବିରୋଧରେ, VI:୬, ୩୨; VIII: ୧୭
   e. ମୁରାର୍ସିଆନ ମାନଙ୍କ ସ୍ୱୀକୃତିପ୍ରାପ୍ତ ଲେଖା, (ରୋମିୟ ଖ୍ରୀ ଅ ୧୮୦-୨୦୦)
2. ଅନ୍ୟ ବ୍ୟକ୍ତିମାନେ
   a. ଯୋହନ ମାର୍କ- ଏହା ପ୍ରଥମେ ଦିଅନିସିଓସ, ଆଲେକଜ୍ୟାଣ୍ଡରର ବିଷପଙ୍କ ଦ୍ୱାରା (ଖ୍ରୀ ଅ ୨୪୭- ୨୬୪) ଜଣାଯାଇ ଥିଲା, ସେ ଯୋହନଙ୍କୁ ଏହି ପୁସ୍ତକର ଲେଖକ ହିସାବରେ ଅଗ୍ରାହ୍ୟ କରିଥିଲେ, କିନ୍ତୁ ସେ ଏହାକୁ ସ୍ୱୀକୃତି ଦେବା ନିମନ୍ତେ ସମ୍ମତି ପ୍ରକାଶ କରିଥିଲେ। ସେ ଏହି ପୁସ୍ତକର ଲେଖାଶୈଳୀ ଓ ଶବ୍ଦ ଓ ଅନେକ ମାତ୍ରାରେ ଯୋହନଙ୍କର ଅନ୍ୟ ଲେଖା ସହିତ ଅନେକ ସମାନତା ସକାଶୁ ସେ ଏହାକୁ ଅସ୍ୱିକାର କରିଥିଲେ। ସେ ସିସେରିଆର ଇଶୁବିଅସ ବୋଲି କହୁଥିଲେ।
   b. ପ୍ରାଚୀନ ଯୋହନ- ପାପିଅସରୁ ଇଶୁବିଅସଙ୍କର ସଂକେତରୁ ଏହା ଦେଖାଯାଇ ଥିଲା (*Eccl. His.* 3.39.1-7)। ହୁଏତ ପାପିଅସ ଏହି ପୁସ୍ତକ୍ର ଲେଖାରୁ ଶିରୋନାମରୁ ପ୍ରେରିତ ଯୋହନ ହୁଏତ ବ୍ୟବହାର କରିଥିବେ।
   c. ବାପ୍ତିଜିକ ଯୋହନ- (ପରବର୍ତୀ ସଂଯୋଗ ଦ୍ୱାରା) ଏହା J Massyngberde Ford, ତାହାଙ୍କର ବାଇବଲ ଟିକାରେ ଯୋହନଙ୍କର ଯୀଶୁଙ୍କ ନିମନ୍ତେ "ମେଷଶାବକ" ଶବ୍ଦର ବ୍ୟବହାର ସକାଶୁ ଏହି ପରି କୁହନ୍ତି। ଏହା କେବଳ ପ୍ରକାଶିତର ଶିରୋନାମରେ ଦେଖାଯାଏ।

C. ଆଲେକଜ୍ୟାଣ୍ଡର ବିଶପ ଦିଅନିସିସ (ଖ୍ରୀ ଅ ୨୪୭-୨୬୪) ଓ ଅରିଜିନଙ୍କର ଜଣେ ଛାତ୍ର ଥିଲେ, ସେ ସର୍ବ ପ୍ରଥମେ ଯୋହନଙ୍କୁ ଏହି ପୁସ୍ତକର ଲେଖକ ହିସାବରେ ଏହି କାରଣରୁ (ଏହା ହଜିଯାଇ ଥିଲା, କିନ୍ତୁ ଏହା ସିସେରିଆର ଇଶୁବିଅସଙ୍କ ଦ୍ୱାରା ଉଦ୍ଧାର କରାଯାଇ ଥିଲା, ଯେ ତାହାଙ୍କ ସହିତ ସମ୍ମତ ଥିଲେ) ସନ୍ଦେହ କରିଥିଲେ,

1. ଯୋହନଙ୍କ ଲିଖିତ ସୁସମାଚାର ସଦୃଶ୍ୟ ଯୋହନ ଏହି ପ୍ରକାଶିତ ପୁସ୍ତକରେ ନିଜକୁ ପରିଚିତ କରିନାହାନ୍ତି, କିନ୍ତୁ "ଯୋହନଙ୍କ" ପ୍ରକାଶିତ ବାକ୍ୟ ବୋଲି କହିଅଛନ୍ତି।
2. ଏହି ପ୍ରକାଶିତ ପୁସ୍ତକର ଲେଖନ ପ୍ରଣାଳୀ, ଯୋହନ ଲିଖିତ ସୁସମାଚାର ପୁସ୍ତକରୁ ଅଲଗା ଅଟେ
3. ଏହି ପ୍ରକାଶିତ ପୁସ୍ତକର ଶବ୍ଦର ବ୍ୟବହାର, ଯୋହନ ଲିଖିତ ସୁସମାଚାର ପୁସ୍ତକରୁ ଅଲଗା ଅଟେ
4. ଏହି ପ୍ରକାଶିତ ପୁସ୍ତକର ବ୍ୟାକରଣର ବ୍ୟବହାର, ଯୋହନ ଲିଖିତ ସୁସମାଚାର ପୁସ୍ତକରୁ କିଛି ମାତ୍ରାରେ ନିକୃଷ୍ଟ ଅଟେ

D. R. H. Charles in *Saint John*, Vol. I p. xxxixff, ଙ୍କ ତରଫରୁ ପ୍ରେରିତ ଯୋହନଙ୍କ ଲେଖାପ୍ରତି ସେ ଏକ ପ୍ରକାର ପ୍ରତିବନ୍ଧକ ଅଟନ୍ତି

E. ଅନେକ ନୁତନ ନିୟମର ଲେଖକ ମାନେ ଅନେକ ଲେଖକ ମାନଙ୍କୁ ଗ୍ରହଣ କରନ୍ତି ନାହି, ଏହାର ଏକ ଉଦାହରଣ ହେଲା, Raymond E. Brown, ଯୋହନଙ୍କ ପୁସ୍ତକର ଜଣେ କ୍ୟାଥଲିକ ଲେଖକ, ସେ ସମ୍ପୁର୍ଣ ରୁପେ ଏହାର ଲେଖାକ ହିସାବରେ ଯୋହନଙ୍କୁ ଅଗ୍ରାହ୍ୟ କରିଅଛନ୍ତି । ତାହାଙ୍କର ପ୍ରାଥମିକ ଲେଖା ଓ ଟିକାରେ ସେ କୁହନ୍ତି, "ଏହା ଏକ ଯୀହୁଦି ଜାତିୟ ଖ୍ରୀଷ୍ଟିଆନ ଜଣେ ଭାବବାଦୀ ଯୋହନଙ୍କ ଦ୍ୱାରା ଲିଖିତ, ସେ ଜେବଦିଙ୍କ ପୁତ୍ର ଯୋହନ ନୁହନ୍ତି, କି ଏହି ଯୋହନିୟ ପୁସ୍ତକ୍ର ଲେଖକ ନୁହନ୍ତି" (p. 774)।

F. ଅନେକ ପ୍ରକାରେ ଏହି ପୁସ୍ତକର ଲେଖକଙ୍କର ବିଷୟରେ ଅନିଶ୍ଚିତତା ରହିଅଛି । ଯୋହନଙ୍କରଏହି ପୁସ୍ତକ ଓ ଅନ୍ୟ ପୁସ୍ତକ ମଧ୍ୟରେ ଅନେକ ସମାନତା ଓ ଅସମାନତା ରହିଅଛି । ଏଣୁ ଏହି ପୁସ୍ତକକୁ ବୁଝିବା ନିମନ୍ତେ ମନୁଷ୍ୟ ମାନଙ୍କର ଲେଖାଠାରୁ ପବିତ୍ର ଆତ୍ମାଙ୍କ ସାହାଯ୍ୟର ନିହାତି ଆବଶ୍ୟକ ରହିଅଛି । ଏହି ଲେଖକ ଅନୁପ୍ରେରିତ ଭାବବାଦୀ ଭାବେ ନିଜକୁ ବିଶ୍ୱାସ କରନ୍ତି (୧:୩' ୨୨:୭, ୧୮, ୧୯)

III. ସମୟ

A. ଏହା ଏହି ପୁସ୍ତକର ଲେଖକ ଓ ବ୍ୟାଖ୍ୟା ଉପରେ ବିଶେଷ ପ୍ରଭାବ ପକାଇ ଥାଏ, (ଐତିହାସିକ ସିଦ୍ଧାନ୍ତ)

B. କେତେକ ସମ୍ଭାବନା ସମୟ

1. ଡୋମିନିସିଆନଙ୍କର ରାଜତ୍ୱର ଅନୁମାନିକ ସମୟ (ଖ୍ରୀ ଅ ୮୧-୯୬), କାରଣ ଏହା ଆଭ୍ୟନ୍ତରିଣ ତାଡନାର ସମୟ ସହିତ ସମାନ ଅଟେ,
    a. ଇରାନିଅସ (ଇଶୁବିଅସଙ୍କ ଦ୍ୱାରା ଉଦ୍ଧୃତ) *Against Heresies*, 5.30.3, "ଡୋମିନିସିଅନଙ୍କ ସମୟରେ ଏହି ତାଡନା ଦେଖାଦେଇ ଥିଲା, କିନ୍ତୁ ଅତି କମ ସମୟ ନିମନ୍ତେ ଏହା ଦେଖାଦେଇ ଥିଲା"
    b. ଆଲେକଜ୍ୟାଣ୍ଡରିଆର କ୍ଲେମେଣ୍ଟ
    c. ଆଲେକଜ୍ୟାଣ୍ଡରିଆର ଓରିଜିନ
    d. ସିସେରିଆର ଇସୁବିଅସ, *Church History*, iii.23.1
    e. ଭିକ୍ଟୋନିଅସ, *Apocalypse* x.11
    f. ଜେରୋମ
2. ଏପିଫାନିଓସ, ତ୍ରୁତିୟ ଶତାବ୍ଦୀର ଲେଖକ କୁହନ୍ତି; ୫୧, ୧୨, ୩୨, ଯୋହନ ପାତ୍ମୋସ ଦ୍ୱୀପରୁ ତାହାଙ୍କର ମୁକ୍ତିପରେ ଏହା ଲେଖିଅଛନ୍ତି, ଯାହାକି କ୍ଲାଉଦିଅସଙ୍କର ସମୟରେ ହୋଇପାରେ, (ଖ୍ରୀ ଅ ୪୧-୫୪)
3. ଅନ୍ୟ କେତେକ ଏହାକୁ ନିରୋଙ୍କର ରାଜତ୍ୱ ସମୟରେ ବୋଲି କୁହନ୍ତି, (ଖ୍ରୀ ଅ ୫୪-୬୮) କାରଣ
    a. ସେହି ସମୟରେ ହୋଇଥିବା ରାଜାଙ୍କ ଦ୍ୱାରା ହୋଇଥିବା ତାଡନାକୁ ବୁଝାଏ
    b. *ସିସର ନିରୋ* ତାହାଙ୍କୁ ଏବ୍ରୀଭାଷାରେ *୬୬୬* ପଶୁ ବୋଲି ଲେଖାଯାଇ ଅଛି
    c. ଯଦି ପ୍ରକାଶିତ ବାକ୍ୟକୁ ସଫଳିତ ହୋଇଅଛି ବୋଲି କୁହାଯାଏ ତେବେ, ପ୍ରକାଶୀତ ବାକ୍ୟରେ ଯେରୁଶାଲେମର ଧ୍ୱଂସ ବିଷୟରେ ବର୍ଣନା କରାଯାଇ ଅଛି, ତେବେ ଏହା ଏକ ଭାବବାଣୀ ପୁସ୍ତକ ଅଟେ, ଓ ଯଦି ଏହା ସତ୍ୟ ତେବେ ଏହା ନିଶ୍ଚିତ ଭାବେ ଖ୍ରୀ ପୂ ୭୦ ପୁର୍ବରୁ ଲେଖାଯାଇ ଅଛି ।

IV. ଗ୍ରାହକ ବା ଗ୍ରହଣ କାରି

A. ୧:୪ରୁ ଏହା ସ୍ପଷ୍ଟଅଟେ ଯେ, ଯୋହନ ଏସିଆର, ରୋମିୟ ସାମ୍ରାଜ୍ୟର ସପ୍ତ ମଣ୍ଡଳୀକୁ ଏହା ଲେଖିଅଛନ୍ତି । ଏହି ସବୁ ଅଂଚଳରେ ଏହି ଚିଠି ସମସ୍ତଙ୍କ ନିମନ୍ତେ ପହଚାଂଯାଇ ଥିଲା ।

B. ଏହି ପୁସ୍ତକର ବାକ୍ୟ ପତିତ ବିଶ୍ୱର ସମସ୍ତ ତାଡନା ପ୍ରାପ୍ତ ମଣ୍ଡଳୀ ମାନଙ୍କୁ ଓ ସମସ୍ତ ତାଡନା ପ୍ରାପ୍ତ ବ୍ୟକ୍ତି ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ

C. ଏହି ପୁସ୍ତକ ଏକ ଅନୁପ୍ରେରିତ,ଓ ନୁତନ ନିୟମର ଶେଷ ପୁସ୍ତକ ଭାବର ସମାପନ ଭାବରେ ସମସ୍ତ ବିଶ୍ୱାସୀ ମାନଙ୍କୁ ଓ ସମସ୍ତ ଯୁଗର ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ ।

V. ବିଶେଷ ସମୟ

A. ଯିହୁଦୀୟ ମାନଙ୍କୁ ଯେତେବେଳେ ତାଡନା ଆସିଲା, ସେହିସମୟରେ ସେମାନେ ବିଚ୍ଛିନ୍ନ ହେଲେ ଓ ସ୍ଥାନିୟ ମଣ୍ଡଳୀ ସୁଧା ବିଚ୍ଛିନ୍ନ ହେଲା । ଏହି ବିଚ୍ଛିନ୍ନ ସେତେବେଳେ ଦେଖାଗଲା, ଯୋଉସମୟରେ ଖ୍ରୀ ଅ ୭୦ରେ ଜମ୍ନିଆର ଗୁରୁ ନାଜରିତିୟ ଯୀଶୁଙ୍କୁ ଅଭିଶାପ ଦେବା ନିମନ୍ତେ ଲୋକମାନଙ୍କୁ ବାଧ କରି ଏକ ପ୍ରକାର ଶପଥ ନେବାକୁ କହିଥିଲେ ।

B. ରୋମିୟ ମାନଙ୍କର ଲେଖା ଅନୁସାରେ, ରାଜା ମାନଙ୍କର ଉପାସନା କରିବା ସେହି ସମୟର ରାଜା ନିରୋ (ଖ୍ରୀ ଅ ୫୪-୬୮) ଓ ଡୋମିନିସିଅନ (ଖ୍ରୀ ଅ ୮୧-୯୬) ଙ୍କ ସମୟରେ ଏକ ସାଧାରଣ ପ୍ରଥାରୁପେ ପ୍ରଚଳିତ ହୋଇଥିଲା । କିନ୍ତୁ ତାଡନା ରାଜାଙ୍କ ଦ୍ୱାରା ହୋଇଥିଲା ବୋଲି କୈଣ୍ସି ଲିଖିତ ପ୍ରମାଣ ଦେଖାଯାଏ ନାହି । ଏହି ପ୍ରକାଶିତ ପୁସ୍ତକ ସ୍ଥାନିୟ ରାଜା ବା ରୋମିୟ ସାମ୍ରାଜ୍ୟର ରାଜା ମାନଙ୍କର ଶକ୍ତିକୁ ପ୍ରକାଶ କରିଥାଏ, ("Biblical Archaeology Review," May/June 1993 p. 29-37 ।

VI. ବ୍ୟାକରଣ

A. ଏହି ଗ୍ରୀକ ପୁସ୍ତକରେ ଅନେକ ପ୍ରକାରର ବ୍ୟାକରଣାତ୍ମକ ଭୁଲ ରହିଅଛି

B. ଏହି ସମସ୍ୟାର କେତେକ କାରଣ

1. ଯୋହନଙ୍କର ଆରାମିକ ଲେଖାଶୈଳୀ
2. ପାମ୍ ଦ୍ୱୀପରେ ତାହାଙ୍କ ପାଖରେ ଲେଖିବା ନିମନ୍ତେ କୈଣସି ପ୍ରକାରର ଗ୍ରନ୍ଥ ନ ଥିଲା
3. ବିଭିନ୍ନ ପ୍ରକାର ସ୍ୱପ୍ନ ଓ ତାହାର ଅତ୍ୟଧିକ ଚାପ
4. ସେହିସବୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରହିଅଛି
5. ଏହି (ଶେଷ ସମୟର ବାକ୍ୟ) ଅତି ମାତ୍ରାରେ ସାଂକେତିକ ଅଟେ

C. ଏହି ପୁସ୍ତକର ବ୍ୟାକରଣାତ୍ମକ ଲେଖା ଶୈଳୀ ଯୀହୁଦି ମାନଙ୍କର ଲେଖାଶୈଳୀ ସହିତ ଅନେକ ମାତ୍ରାରେ ସମାନତା ରହିଅଛି । ଏଣୁ ଏହି ପୁସ୍ତକ ବ୍ୟାକରଣାତ୍ମକ ଭାବରେ ନ ଲେଖାଯାଇ, ବ୍ୟାକରଣାତ୍ମକର ଭିନ୍ନତା ଭାବରେ ଲେଖାଯାଇ ଅଛି ।

VII. ଧର୍ମଗ୍ରନ୍ଥର ନିର୍ଦ୍ଦେଶ ଅନୁଯାଇ

A. ଏହା ପ୍ରାଚୀନ ପଶ୍ଚିମାଂଚଳର ମଣ୍ଡଳୀ ମାନଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇ ଥିଲା, ଏହି ପୁସ୍ତକ ପେଷ୍ଟିଟା (ପଚଂମ ଶତାବ୍ଦୀର ସିରିୟାର ଲେଖା)ରେ ଦେଖାଯାଏ ନାହି ।

B. ପ୍ରାଚୀନ ଅତୁର୍ଥ ଶତାବ୍ଦୀରେ ଇଶୁବିଅସ ଓ ତ୍ରୁତିୟ ଶତାବ୍ଦୀର ଆଲେକଜ୍ୟାଣ୍ଡରର ଦିନୋସିଅସ କୁହନ୍ତି, ଏହି ପ୍ରକାଶିତ ପୁସ୍ତକ ଯୋହନଙ୍କ ଦ୍ୱାରା ଲେଖା ହୋଇ ନ ଥିଲା । ସେ ଏହାକୁ ସ୍ୱୀକୃତି ପ୍ରାପ୍ତ ପୁସ୍ତକରେ ଯୋଗ କରିଥିଲେ, କିନ୍ତୁ ଏହାକୁ ଏକ "ବିବାଦିୟ" ପୁସ୍ତକ ବୋଲି ମଧ କହିଥିଲେ, (*Ecclesiastical History*, III:24:18; III:25:4; and III:39:6) ।

C. (ଖ୍ରୀ ଅ ୩୬୦) ଲାଉଦିକିଆର ସମ୍ମିଳନରେ ଏହାକୁ ସ୍ୱିକ୍ରୁତି ପ୍ରାପ୍ତ ପୁସ୍ତକ ତାଲିକାରୁ ବାହାର କରାଯାଇ ଥିଲା, ଜେରୋମ ଏହାକୁ ସ୍ୱୀକ୍ରୁତି ପୁସ୍ତକ ଭାବରେ ଅଗ୍ରାହ୍ୟ କରିଥିଲେ, କିନ୍ତୁ (ଖ୍ରୀ ଅ ୩୯7)ରେ କାଥେଜର ସମ୍ମିଳନି ଏହାକୁ ଗ୍ରହଣ କରିଥିଲା । ଏହି ପ୍ରକାଶିତ ଓ ଏବ୍ରୀ ପୁସ୍ତକ ଦ୍ୱୟ ମଣ୍ଡଳୀ ଦ୍ୱାରା ଗ୍ରହଣ କରାଯାଇ ଥିଲା ।

D. ଆମ୍ଭେମାନେ ଏହା ଜାଣିବା ଆବଶ୍ୟକ ଯେ ଏହା ବିଶ୍ୱାସ ଦ୍ୱାରା ପବିତ୍ର ଆତ୍ମା ଏହି ପୁସ୍ତକକୁ ସଂରକ୍ଷଣ କରି ସ୍ୱିକ୍ରୁତି ପ୍ରଦାନ କରିଥିଲା ।

E. ପ୍ରୋଟେଷ୍ଟାଣ୍ଟର ଦୁଇ ଜଣ ବ୍ୟକ୍ତି, ଏହି ପୁସ୍ତକକୁ ଖ୍ରୀଷ୍ଟିୟ ଶିକ୍ଷା ମଧରେ ରଖିବା ନିମନ୍ତେ ଆନୁଯୋଗ କରିଥିଲେ

1. ମାର୍ଟିନ ଲୁଥର ଏହାକୁ, ଭାବବାଣୀ କିମ୍ବା ପ୍ରେରିତ ମାନଙ୍କର ପୁସ୍ତକ ବୋଲି ଗ୍ରହଣ କରି ନ ଥିଲେ, ସେ ଏହାର ଅନୁପ୍ରେରଣ ଉପରେ ସୁଧା ସନ୍ଦେହ କରିଥିଲେ ।
2. ଜନ କାଲଭିନ, ସେ ପ୍ରକାଶିତ ବ୍ୟତିତ ନୁତନ ନିୟମର ପ୍ରତ୍ୟକ ପୁସ୍ତକର ଟୀକା ପ୍ରକାଶ କରିଥିଲେ, କାରଣ ସେ ଏହାର ଗୁରୁତ୍ୱକୁ ଅଗ୍ରାହ୍ୟ କରିଥିଲେ

VIII. ଐତିହାସିକ ସିଦ୍ଧାନ୍ତ ଓ ବ୍ୟାଖ୍ୟା

A. ଏହାକୁ ବ୍ୟାଖ୍ୟା କରିବା ଅତିମାତ୍ରାରେ କଷ୍ଟ ଅଟେ, ଏଣୁ କୈଣସି ସିଦ୍ଧାନ୍ତ ଉପଯୁକ୍ତ ନୁହେ

B. ଏହାର ସଂକେତ ସବୁକୁ

1. ପୁରାତନ ନିୟମର ଶେଷ ସମୟର ପୁସ୍ତକରୁ ଅଣା ଯାଇଅଛି, ଯଥା
   a. ଦାନିଏଲ
   b. ଯିହିଜିକଲ
   c. ଯିଖରିୟ
   d. ଯିଶାଇୟ
2. ପୁରାତନ ଓ ନୂତନ ନିୟମର ମଧ୍ୟବର୍ତ୍ତି ସମୟର ଯୀହୁଦି ମାନକଂର ଲେଖା
3. ପ୍ରାଚୀନ ଶତାବ୍ଦିର ଗ୍ରୀକ- ରୋମିୟ ଐତିହାସିକ ସମୟ (ବିଶେଶଃତ ପ୍ରକାଶିତ ୧୭)
4. ପ୍ରାଚୀନ ଶତାବ୍ଦିର ଲୋକମାନକଂର  ସୃଷ୍ଟିର କାହାଣୀ (ବିଶେଶଃତ ପ୍ରକାଶିତ ୧୨)

C. ସାଧାରଣତଃ ଚାରି ପ୍ରକାରର ବ୍ୟାଖ୍ୟା କିମ୍ବା ବିଶ୍ୱାସ ରହିଅଛି

1. ପ୍ରିଟେରିଷ୍ଟ- ଏହିମାନେ କୁହନ୍ତି ଏହିସବୁ ଘଟଣା ପ୍ରାଚୀନ ଶତାବ୍ଦୀର ଏସିଆର ରୋମିୟ ସାମ୍ରାଜ୍ୟର ସମୟର ସମସ୍ତ ଘଟଣା ଘଟିସାରିଅଛି ବୋଲି ବିଶ୍ୱାସ କରନ୍ତି। ଏହି ସମସ୍ତ ଭବିଷ୍ୟତ ବାଣୀ ପ୍ରଥମ ଶତାବ୍ଦୀରେ ସଫଳିତ ହୋଇଅଛି ବୋଲି କୁହନ୍ତି ।
2. ଐତିହାସିକ- ଏହି ବର୍ଗର ଲୋକାମାନେ କୁହନ୍ତି ଏହା ପ୍ରାଚୀନ ପାଶ୍ଚାତ୍ୟ ରୋମାନ କ୍ୟାଥଲିକ ମଣ୍ଡଳୀର ଏହା ଏକ ଛାୟା। ଏହି ପୁସ୍ତକର ୨ୟ ଓ ୩ୟ ଅଧ୍ୟାୟ କେତେକ ପରିମାଣର ସମୟକୁ ବୁଝାଏ, କେତେକ ଏହାକୁ କ୍ରମାନ୍ବୟ ଭାବରେ ଅଛି ବୋଲି କୁହନ୍ତି, ଆଉ କେତେକ ଏହାକୁ ବିରୋଧ କରନ୍ତି।
3. ଭବିଷ୍ୟତବାଦୀ- ଏହି ଶ୍ରେଣିର ଲୋକମାନେ ଭବିଷ୍ୟତ ବିଷୟକୁ ଦର୍ଶାଇ ଥାନ୍ତି, ଓ (ଯୀଶୁ ଖ୍ରୀଷ୍ଟଙ୍କର ଦ୍ୱୀତିୟ ଆଗମନ) ପ୍ରକ୍ରୁତ ଭାବେ ଏହି ସବୁ ଐତିହାସିକ ଭାବରେ ପୁରଣ ହେବ ବୋଲି ପ୍ରକାଶ କରନ୍ତି।
4. ସାଂକେତିକ- ଏହି ଶ୍ରେଣିର ଲୋକମାନେ ଏହି ପୁସ୍ତକକୁ ଏକ ପ୍ରକାରର ସାଂକେତିକ ଭାବରେ ବ୍ୟାଖ୍ୟା କରନ୍ତି, ଓ ଭଲ ଓ ମନ୍ଦର ଏକ ବିବାଦ ବୋଲି ସ୍ୱିକାର କରନ୍ତି ।

ଏହି ସମସ୍ତ ବିଷୟର କିଛି ସତ୍ୟତା ରହିଅଛି, ଓ କେତେକ ଭୁଲ ମଧ୍ୟ ରହିଅଛି, କାରଣ ଏହା ଯୋହନକଂର ଲେଖାଶୈଳୀ ଓ ଛବିର ଭୁଲ ବ୍ୟାଖ୍ୟା କରିଥାଏ। ଏଣୁ କୋଉ ବିଷୟ ଉତ୍ତମ ଚିନ୍ତା ନ କରି, ଏହାର ଏକ ମଧ୍ୟସ୍ଥ ଉପାୟ ବାହାର କରିବା ଆବଶ୍ୟକ।

IX. ଏହି ପୁସ୍ତକର ଉଦ୍ଦେଶ୍ୟ

A. ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ ଏତିହାସରେ ଇଶ୍ୱରକଂର ସମ୍ପୁର୍ଣ ଅଧିକାର ଓ ସମସ୍ତ ବିଷୟ ତାହାକଂର ଅଧିନସ୍ଥ କରିବା ଅଟେ। ବିଶ୍ୱସ୍ଥ ବିଶ୍ୱାସି ମାନେ ଏହି ପ୍ରକାର ପରିସ୍ଥିତିରେ ତାଡନା ସମୟରେ ଏହି ଏହି ପୃଥିବିରେ ବିଶ୍ୱାସରେ ଦ୍ରୁଢ ରହିବା ଆବଶ୍ୟକ। ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ ତାଡନା (ପୁର୍ବିୟ ପ୍ରଦେଶରେ ରାଜାକଂର ପୁଜା କରିବା), ଓ ପ୍ରାଚୀନ ଶତାବ୍ଦିର ବିଶ୍ୱସ୍ଥ ବିଶ୍ୱାସି ମାନକଂର  (ଭ୍ରାନ୍ତ ଶିକ୍ଷକ ଓ ସାମାଜିକ ଭ୍ରାନ୍ତତା) ଉପରେ ଅଟେ (୨:୧୦)। ଏହା ମନେ ରଖିବା ଦରକାର ଯେ ଭାବବାଦୀମାନେ ଭବିଷ୍ୟତ ବିଷୟକୁ ବର୍ତମାନର ସଜାଗ ନିମନ୍ତେ ପ୍ରକାଶ କରନ୍ତି। ଏହି ପୁସ୍ତକ କେବଳ ଶେଷ ସମୟର ସମାପ୍ତି ବିଷୟରେହି ପ୍ରକାଶ କରେ ନାହି, କିନ୍ତୁ ଏହା କିପ୍ରକାରେ ଘଟିବ ତାହାସୁଧା ପ୍ରକାଶ କରେ। ରୋବର୍ଟ. ଏଲ. ସାନ୍ସି, ତାହାକଂର ଏକ ଲେଖାରେ *The Expositors Bible Commantry,* Vol. I, "The Eschatology of the Bible" ରେ ଏଭଳି କୁହନ୍ତି, "ଏହି ବାଇବଲର ଭାବବାଦୀ ମାନେ ଏହି ପୁସ୍ତକର କ୍ରମାନ୍ବୟ ବିବରଣି ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। ସେମାନକଂ ନିମନ୍ତେ ଆଧାତ୍ମିକ ସଚେତନ ଓ ଇଶ୍ୱରକଂର ଧାର୍ମିକତା ଓ ବିଚାର ଯାହା କି ବର୍ତମାନ ସମୟରେ ଅତ୍ୟଧିକ ମହତ୍ୱ ପୁର୍ଣ ଅଟେ" (p. 104)।

B. TEV ଓ NJB ରେ ଏହାର ସାଧାରଣ ଉଦ୍ଦେଶ୍ୟକୁ ଅତିସୁନ୍ଦର ଭାବରେ ପ୍ରକାଶ କରାଯାଇ ଅଛି,

1. TEV, p. 1122, "ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କ ନାମ ସକାଶୁ ବିଶ୍ୱାସି ମାନେ ତାଡନା ପ୍ରାପ୍ତ ହେଉଥିଲେ, ସେହି ସମୟରେ ଏହି ପୁସ୍ତକ ଲେଖାଯାଇ ଅଛି । ଏହି ପୁସ୍ତକର ଲେଖକକଂର ଏକ ମାତ୍ର ଉଦ୍ଦେଶ୍ୟ, ଏହି ତାଡନା ପ୍ରାପ୍ତ ଲୋକମାନକୁଂ ସ୍ୱାନ୍ତନା ଓ ଉତ୍ସାହ ଦେବା ଅଟେ, ଓ ଏହି ଦୁର୍ଦିନର ସମୟରେ ନିଜ ବିଶ୍ୱାସରେ ବିଶ୍ୱସ୍ଥ ରହିବା ପାଇ ଉତ୍ସାହ ପ୍ରଦାନ କରିବା ଅଟ।"
2. NJB, p. 1416, "ବାଇବଲ ଉତ୍ସାହ ଓ ଆଶାର ସମ୍ବାଦରେ ପୁର୍ଣ ଅଟେ, ଓ ଏହି ପୁସ୍ତକରେ ଅନେକ ସଂକେତ ଦେଖିବାକୁ ମିଳେ। ଏହା ଇଶ୍ୱର ତାହାକଂର ଲୋକମାନକୁଂ ଉଦ୍ଧାର କରିବା ଓ ଏକ ଉଜ୍ଜଳ ଭବିଷ୍ୟତର ଆଶା ପ୍ରଦାନ କରେ।ଏହି ପୁସ୍ତକର ବାର୍ତାକୁ ପ୍ରକାଶ କରିବା ନିମନ୍ତେ ଅନେକ ପ୍ରକାରର ଛବି, ପଶୁ, ରଂଗ, ସଂଖ୍ୟା ଓ ଅନେକ ପ୍ରକାରର ଭାଷାଶୈଳୀକୁ ବ୍ୟବହାର ମଧ୍ୟ କରାଯାଇ ଅଛି, ଯାହାକି ପୁରାତନ ନିୟମର ଲୋକମାନେ

ଅତି ପରିଚିତ ଥିଲେ। ଏହି ସବୁ ଦ୍ୱାରା ପ୍ରଭୁଙ୍କର ଉଦ୍ଦେଶ୍ୟ ଓ ଯୋଜନାକୁ ପ୍ରକାଶ କରାଯାଉ ଥିଲା। ପୁରାତନ ନିୟମରେ ଏହିପ୍ରକାର ଲେଖା ଆମ୍ଭେମାନେ ଦାନିଏଲଙ୍କ ପୁସ୍ତକରୁ ଦେଖିବାକୁ ପାଉ, ଯାହାକି ବିଶ୍ୱାସି ମାନଙ୍କୁ ତାଡନାରୁ ରକ୍ଷା କରିବା ସାଥେ ସାଥେ ଏକ ଆଶା ପ୍ରଦାନ କରିଥାଏ।"

C. ଏଣୁ ଏହା ଅତି ଗୁରୁତ୍ୱପୁର୍ଣ ଅଟେ ଯେଉମାନେ ଏହି ବାକ୍ୟକୁ ବ୍ୟାଖ୍ୟା କରନ୍ତି ସେମାନେ ଏହି ଉଦ୍ଧାରର କାହାଣିକୁ ଜାଣି ପ୍ରାଧାନ୍ୟ ଦେବା ଆବଶ୍ୟକ।

1. ଇଶ୍ୱର ବ୍ୟକ୍ତିଗତ, ସାମୁହିକ ଓ ସମଗ୍ର ଜଗତର ଉଦ୍ଧାର କାର୍ଯ୍ୟକୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସଫଳ କରିଅଛନ୍ତି।
2. ଇଶ୍ୱରଙ୍କର ଉଦ୍ଧାର ଆଧାତ୍ମିକ ଓ ଶାରିରିକ ଅଟେ, ମଣ୍ଡଳୀ ଉଦ୍ଧାର ପାଇଅଛି, କିନ୍ତୁ ଏହା ସୁରକ୍ଷା ଅବସ୍ଥାରେ ନାହିଁ, କିନ୍ତୁ ଦିନେ ତାହା ସଫଳ ହେବ।
3. ଇଶ୍ୱର ଏବେ ସୁଧା ଏହି ପତ୍ତିତ, ବିରୋଧି ଆତ୍ମ କୈନ୍ଦ୍ରିକ ମନୁଶ୍ୟ ମାନଙ୍କୁ ପ୍ରେମ କରନ୍ତି, ଇଶ୍ୱରଙ୍କ କ୍ରୋଧ ସପ୍ତ ମୁଦ୍ରା ଓ ତୁରିଦ୍ୱନି ଉଦ୍ଧାର ନିମନ୍ତେ ଅଟେ, (୯:୨୦-୨୧; ୧୪:୬-୭; ୧୬:୯, ୧୧; ୨୧:୬; ୨୨:୧୭)
4. ଇଶ୍ୱର କେବଳ ପତିତ ମାନବକୁ ନୁହେ, କିନ୍ତୁ ପତିତ ସୃଷ୍ଟିକୁ ସୁଧା ଉଦ୍ଧାର କରୁଅଛନ୍ତି (ରୋମିୟ ୮:୧୮-୨୫)। ସମସ୍ତ ପ୍ରକାର ପାପକୁ ବିନଷ୍ଟ କରିବେ।

ଏହି ପତିତ ମାନବ ମାନଙ୍କ ନିକଟକୁ ଇଶ୍ୱର ତାହାଙ୍କର ସୁସମାଚାର ଦ୍ୱାରା ପହଂଚି ଖ୍ରୀଷ୍ଟଙ୍କର ଚରିତ୍ରକୁ ପ୍ରକାଶ କରୁଅଛନ୍ତି। ସପ୍ତ ପାତ୍ରର ବିଚାର ପାରର ବିରୋଧରେ ଅଟେ, ଇଶ୍ୱରଙ୍କ ବିରୋଦରେ ନୁହେ। ଇଶ୍ୱର ସେହିମାନଙ୍କର ବିଚାର କରନ୍ତି ଯେଉମାନେ ଅନୁତାପ ନ କରି ବାରମ୍ବାର ସେହି ପାପରେ ରୁହନ୍ତି, ଓ ଏହି ପୁସ୍ତକ ସୁସମାଚାରର ଏକ ଆହ୍ୱାନ ଦ୍ୱାରା ସମାପ୍ତି ହୋଇଥାଏ।

D. ଏହି ପୁସ୍ତକକୁ ଏକ ଶେଷ ସମୟର ଘଟଣାର ଏକ କ୍ରମାନ୍ୱୟ ବୋଲି ବିଚାର କରାଯିବା ଉଚିତ ନୁହେ, । ଏହା ଅନେକ ସମୟରେ ପଶ୍ଚିମ ସଭ୍ୟତାର ଏକ "ଗୁପ୍ତ ରହସ୍ୟ" ଭାବରେ ବ୍ୟାଖ୍ୟା କରାଯାଇ ଥାଏ, (ସପ୍ତ ମଣ୍ଡଳୀ ସପ୍ତ ଯୁଗ ହିସାବରେ ପ୍ରକାଶ କରାଯାଏ)। ସମସ୍ତ ଲୋକମାନେ ଯୁଗଯୁଗାନ୍ତର ଧରି ଏହି ପୁସ୍ତକକୁ ଭୁଲ ଭାବରେ ବ୍ୟାଖ୍ୟାକରି ଆସୁଅଛନ୍ତି।

ଏହି ପୁସ୍ତକର ସମସ୍ତ ପ୍ରକାର କ୍ଲେଶ ଓ ଭାବବାଣୀ ଶେଷ ସମୟର ବିଶ୍ୱାସିମାନେ ବୁଝିପାରିବେ, ଯେତେବେଳେ ସେମାନେ ଖ୍ରୀଷ୍ଟାରିଙ୍କ ଅତ୍ୟାଚାରର ସମ୍ମୁଖିନ ହେବେ। ଏହି ପୁସ୍ତକକୁ ଲିଖିତ ରୁପେ ବ୍ୟାଖ୍ୟା କରିବା ନିମନ୍ତେ ଲୁଥର (ସେ କୁହନ୍ତି, ଏହା ପ୍ରେରିତ କିମ୍ବା ଭାବବାଦି ମାନଙ୍କର ପୁସ୍ତକ ନୁହେ ବୋଲି କୁହନ୍ତି) ଓ ସେ ଏହାକୁ ଅନେକ ଲୋକମାନେ ଅତ୍ୟଧିକ ଗୁରୁତ୍ୱ ଦିଅନ୍ତି।

X. ବବଙ୍କର ଏହି ପୁସ୍ତକର ବ୍ୟାଖ୍ୟା ନିମନ୍ତେ ବିଶେଷ ଟିପଣୀ

A. ଆମ୍ଭେମାନେ ଏହାକୁ ପୁରାତନ ନିୟମର ଚିନ୍ତାଧାରାକୁ ନେଇଯିବାର ଆବଶ୍ୟକ ରହିଅଛି

1. ପୁରାତନ ନିୟମର ଶେଷ ସମୟର ପୁସ୍ତକ ଅତି ମାତ୍ରାରେ ସାଂକେତିକ ଭାବରେ ଲେଖାଯାଇ ଥାଏ
2. ଅନେକ ଉଦାହରଣ ସବୁ ପୁରାତନ ନିୟମରୁ ଉଦ୍ଧାର କରାଯାଇ ଅଛି, (କେତେକ ଗଣନା କରି କୁହନ୍ତି, ୪୦୪ ଧାଡି ରହିଅଛି, ୨୭୫ ଏହା ମଧ୍ୟରେ ସଂକେତ ଭାବରେ ରହିଅଛି); ଏହି ସମସ୍ତ ପ୍ରକାରର ସଂକେତକୁ ପ୍ରାଚୀନ ଶତାବ୍ଦିର ରୋମିୟ ସାମ୍ରାଜ୍ୟର ଚାଲିଚଳନ ଅନୁସାରେ ବ୍ୟାଖ୍ୟା କରିବା ଆବଶ୍ୟକ ରହିଅଛି।
3. ଭାବବାଦୀ ମାନଙ୍କର ଘଟଣାସବୁ ଶେଷ ସମୟର ଘଟଣାରେ ଲୁକାୟିତ ହୋଇଯାଏ, ଅନେକ ସମୟରେ ପ୍ରାଚୀନ ଶତାବ୍ଦିର ଐତିହାସିକ ସଫଳତା ଭବିଷ୍ୟତର ଏକ ସମ୍ପୁର୍ଣ ପ୍ରତିଫଳକୁ ଦର୍ଶାଇ ଥାଏ।

B. ଏହି ପୁସ୍ତକର ସମ୍ପୁର୍ଣତା ଓ ଗଠନ ପ୍ରଣାଳୀକୁ ବ୍ୟାଖ୍ୟା କରିବା ଦ୍ୱାରା ଲେଖକଙ୍କ ପ୍ରକୃତ ଉଦ୍ଦେଶ୍ୟକୁ ବୁଝିବାରେ ସହଜ ହୋଇଥାଏ,

1. ମୁଦ୍ରା, ତୁରି ଓ ପାତ୍ରର ବିଚାର ହୁଏତ ସମାନ ପ୍ରକାରର ସମୟରେ ହୋଇଥାଏ, (୬-୧୬ ଅଧ୍ୟାୟ)। ପ୍ରକାଶିତ ଏକ ନାଟକ ବା ଅଭିନୟ ସଦୃଶ୍ୟ ଅଟେ।
2. ଏହା ସମ୍ଭବତଃ ୧୭-୧୯ଅଧ୍ୟାୟ ଓ ୨୦-୨୨ ମଧ୍ୟରେ ସମନ୍ୱୟ ରହିଅଛି, ଓ ୧୯ ଅଧ୍ୟାୟ (୧୯:୧୧-୧୬) କୁ ପୁନର୍ବାର ୨୦:୭-୧୦ରେ ବର୍ଣନା କରାଯାଇଅଛି।
3. ପ୍ରାରମ୍ଭର C ରେ ଦିଆଯାଇ ଥିବା ସାତ ଗୋଟି ପ୍ରାରମ୍ଭୀକ ବିଷୟ ଦେଖନ୍ତୁ।

C. ଏହି ପୁସ୍ତକର ବ୍ୟାଖ୍ୟା ପୁର୍ବରୁ ଐତିହାସିକ ଘଟଣାବଳୀକୁ ଧ୍ୟାନ ଦେବା ଅବଶ୍ୟକ ରହିଅଛି

1. ରାଜା ମାନଙ୍କୁ ସେବା କରିବା ବିଷୟ
2. ପଶ୍ଚିମାଂଚଳର ସ୍ଥାନିୟ ତାଡନାକୁ ବୁଝିବା ଆବଶ୍ୟକ
3. ଯାହା ବାଇବଲ କୁହେ ନାହିଁ, ତାହା କେବେବି ତାହାର ଅର୍ଥ ହୋଇପାରେ ନାହିଁ। ଏଣୁ ଏହି ପୁସ୍ତକର ବ୍ୟାଖ୍ୟା ଯୋହନଙ୍କର ଦିନମାନଙ୍କର ଅଟେ, ଏହାର ହୁଏତ ଅନେକ ଶିକ୍ଷା ଓ ଅନେକ ଦିଗରେ ସଫଳିତ ହୋଇଥାଇ ପାରେ, କିନ୍ତୁ ଏହା ପ୍ରାଚୀନ ଶତାବ୍ଦୀର ସତ୍ୟତା ଉପରେ ଆଧାରିତ ହେବା ଆବଶ୍ୟକ ଅଟେ।

D. କେତେକ ଶବ୍ଦର ପ୍ରକୃତ ଅର୍ଥ ଆମ୍ଭେମାନେ ଆମ୍ଭମାନଙ୍କର ରିତିନିତି ସକାଶୁ ପରିବର୍ତନ କରିଥାଉ, ଓ ଏହାର ପରିବର୍ତନ ହୋଇଅଛି । ଏଣୁ ଏହି ଶେଷ ସମୟର ବାକ୍ୟକୁ ଏହାର ସଂକେତ ସହିତ ସଠିକ ଭାବରେ ବ୍ୟାଖ୍ୟା କରିବା ଦରକାର । ଏହି ପୁସ୍ତକର ବିଷୟକୁ ଭୁଲ ଭାବରେ ପ୍ରକାଶ କରିବା ପୁର୍ବରୁ ଆମ୍ଭମାନଙ୍କୁ ସତର୍କ ରହିବା ଆବଶ୍ୟକ ଅଟେ । ଆଧୁନିକ ପ୍ରଚାରକ ମାନେ ଏହି ବାକ୍ୟର ସତ୍ୟତାକୁ ଏହି ପୁସ୍ତକ ମଧ୍ୟରୁହି ଖୋଜି ବାହାର କରିବା ଆବଶ୍ୟକ ରହିଅଛି ।

E. ଏହିଠାରେ ମୁ  ଏହି ପୁସ୍ତକକୁ ବ୍ୟାଖ୍ୟା କରିବାର କେତେକ ମୁଖ୍ୟ ବିଷୟକୁ ପ୍ରକାଶ କରୁଅଛି
   1. ସଂକେତିକ ବ୍ୟାଖ୍ୟାର ଐତିହାସିକ ପ୍ରାରମ୍ଭ
      a. ପୁରାତନ ନିୟମର ଉଦ୍ଦେଶ୍ୟ ଓ ଛାୟା
      b. ପ୍ରାଚୀନ ଶତାବ୍ଦିର ଲୋକ ଅଥିତ କାହାଣୀ ଓ ବିଶ୍ୱାସ
      c. ଆନ୍ତର୍ଜାତିକ ଲେଖାଶୈଳୀ ଉପରେ ଦ୍ରୁଷ୍ଟିଦେବା ଆବଶ୍ୟକ
      d. ଗ୍ରୀକ ଓ ରୋମାନ ସାମ୍ର୍ରାଜ୍ୟର ସାମାଜିକ ରିତିନିତି ବୁଝିବା ଆବଶ୍ୟକ
   2. ସଂକେତକୁ ଲେଖକ କିଭଳି ଭାବରେ ପ୍ରକାଶ କରୁଅଛନ୍ତି
      a. ଦୁତ ମାନଙ୍କ ସାହାଯ୍ୟରେ କଥାବାର୍ତା ହେବା
      b. ସ୍ୱର୍ଗିୟ ଲୋକମାନଙ୍କର ସଂଗୀତ
      c. ଲେଖକ୍ହିଁଜେ ଅନେକ ଅର୍ଥ ପ୍ରକାଶ କରିଅଛନ୍ତି
   3. ଏହି ପୁସ୍ତକର ଗଠନ ପ୍ରଣାଳୀ (ନାଟକିୟ ସମାନତା)

F. ଅତିରିକ୍ତ ସାହାଯ୍ୟ
   1. ପ୍ରକାଶିତ ପୁସ୍ତକର ମୋହର ଅତି ପ୍ରିୟ ଲେଖକ ମାନେ George Eldon Ladd and Alan F. Johnson ସେମାନେ ସୁଧା ଏହି ବିଷୟରେ ସମ୍ମତ ପ୍ରକାଶ କରନ୍ତି ନାହି । ଏଠାରେ ଅନେକ ଶିକ୍ଷିତ ଓ ପ୍ରଭୁଙ୍କର ଦାସମାନେ ଏହି ବିଷୟରେ ସମ୍ମତ ପ୍ରକାଶ କରନ୍ତି ନାହି । ଉକ୍ତ ବାକ୍ୟ Alan Johnson Commentary on Revelation from Zondervan ରୁ ଉଦ୍ଧାର କରାଯାଇ ଅଛି;

> "ଏହି ପୁସ୍ତକର ସ୍ୱପ୍ନ ଓ ଛବିର ଅନେକ ପ୍ରକାର ବ୍ୟବହାର ୪:୧ ରେ ରହିଅଛି, କିନ୍ତୁ ଏଠାରେ ଏହି ୧-୩ ଅଧ୍ୟାୟ କିଭଳି ଭାବରେ ପରସ୍ପର ସହିତ ଜଡିତ ତାହା ଗୁରୁତ୍ୱପୁର୍ଣ ଅଟେ । ଏହା ଏହି ଲେଖକ ମାନଙ୍କପାଇ ଅତି ବିସ୍ମୟକର ଅଟନ୍ତି, କାରଣ ଏହି ବିଷୟରେ ଅନେକ ପ୍ରକାରର ବ୍ୟାଖ୍ୟା ଦେଖାଯାଏ । ଏହି ବ୍ୟାଖ୍ୟାରେ ଏକ ସମସ୍ୟା ହେଲା: ଏହି ସ୍ୱପ୍ନ ଓ ଛବି ସବୁର ଅର୍ଥ *କଣ* ଅଟେ? ଏହାର କ୍ରମାନୁୟରେ କଣ ସମସ୍ୟା ଅଛି? ଏହି ସବୁ *କେଉ* ସମୟରେ ଘଟିଅଛି? ପୁଣି, ଯୋହନ ତାହାଙ୍କର ସମସ୍ତ ଛବିକୁ ପୁରାତନ ନିୟମର ଅନୁସାରେ ଅନୁବାଦ କରାଯାଇ ଅଛି, ନା ସେ ସ୍ୱଛନ୍ଦରେ ବ୍ୟାଖ୍ୟା କରିଅଛନ୍ତି? କେଉ ବିଷୟ ସାଂକେତିକ ଭାବେ ନିଆଯିବ ଓ କେଉ ବିଷୟ ଆକ୍ଷରିକ ଭାବେ ନିଆଯିବା ଆବଶ୍ୟକ? ଏହି ସବୁର ଉତ୍ତର ଏହାର ବ୍ୟାଖ୍ୟାରେ ସାହାଯ୍ୟ କରିବ । ଏହାର କେତେକ ପ୍ରଶ୍ନ ସମୁହ ଅନେକ ପ୍ରକାର ଅପରିବର୍ତିତ ଉତ୍ତର ରହିଅଛି, ଏଣୁ ପବିତ୍ର ଆତ୍ମା ଆମ୍ଭମାନୁଙ୍କୁ ସାହାଯ୍ୟ କରନ୍ତୁ, ଯାହାଦ୍ୱାରା ଆମ୍ଭେମାନେ ଏକ ପ୍ରକାରର ଉପଯୁକ୍ତ ସିଦ୍ଧାନ୍ତରେ ପହଂଚି ପାରିବା " (p. 69) ।

   2. ପ୍ରକାଶିତ ବାକ୍ୟର ଏକ ସାଧାରଣ ଉପକ୍ରମ ଓ ପୁରାତନ ନିୟମ ସହିତ ଏହାର ସମ୍ପର୍କ ନିମନ୍ତେ ମୁ ଆପଣ ମାନଙ୍କୁ ଜଣାଇ ଦେବାକୁ ଚାହେ ଯେ John P. Milton's *Prophecy Interpreted* and John Bright's *The Authority of the Old Testament* ଏକ ଉତ୍ତମ ପୁସ୍ତକ ଅଟେ। ପୁଣି ପ୍ରକାଶିତ ପୁସ୍ତକ ସହିତ ପାଉଲଙ୍କର ସମ୍ପର୍କ ନିମନ୍ତେ ମୁ ଆପଣ ମାନଙ୍କୁ James S. Stewart's *A Man In Christ,* ପୁସ୍ତକ ପଡିବା ନିମନ୍ତେ ଅନୁରୋଧ କରେ ।

XI. ମୁଖ୍ୟପଦ ଏବଂ ବାକ୍ୟାଂଶର ସ୍ୱଷ୍ଟିକରଣ ।

1. "ଅବିଳମ୍ବେ ଯାହା ଯାହା ଅବଶ୍ୟ ଘଟିବ," ୧:୧,୩
2. "ମେଘମାଳାରେ ଆଗମନ କରୁଅଛନ୍ତି," ୧:୭
3. ଆମେନ, ୧:୭
4. "ଆମ୍ଭେ କ ଓ କ୍ଷ," ୧:୮
5. "ମୁଖରୁ ତିକ୍ଷ୍ଣ ଦ୍ୱିଧାର ଖଡ୍ଗ ନିର୍ଗତ ହେଉଥିଲା," ୧:୧୬
6. "ମୃତ୍ୟୁ ଓ ପାତାଳର କଂଚି,"୧:୧୮
7. "ତୁମ୍ଭେ ଆପଣା ଆଦ୍ୟପ୍ରେମ ପରିତ୍ୟାଗ କରିଅଛ," ୨:୪

8. “ଯେ ଜୟ କରେ,” ୨:୭
9. “ଇଶ୍ୱରଙ୍କ ପାରଦୀଶରେ ଥିବା ଜୀବନ ବୃକ୍ଷ,” ୨:୭
10. “ଶୟତାନର ଦଳ,” ୨:୯; ୩:୯
11. “ଦ୍ୱୀତିୟ ମୃତ୍ୟୁ,” ୨:୧୧
12. “ଶୟତାନର ନିଗୁଢ ଶିକ୍ଷା,” ୨:୨୪
13. “ଜୀବନ ପୁସ୍ତକ,” ୩:୫
14. “ଦାଉଦଙ୍କର କଂଚି,” ୩:୭
15. ନୁତନ ଯେରୁଶାଲେମ, ୩:୧୨
16. “ଆତ୍ମାରେ ଆବିଷ୍ଟ ହେଲି,”୪:୨
17. ସ୍ଫଟିକ ପରି ସ୍ୱଛ ଏକ ସମୁଦ୍ର, ୪:୬
18. ଗୋଟିଏ ପୁସ୍ତକ, ୫:୧
19. ସପ୍ତ ମୁଦ୍ରା, ୫:୧
20. “ହତ ହେଲାପରି ଦେଖାଯାଉ ଥିବା ମେଶଷାବକ,” ୫:୬
21. “ସପ୍ତ ଶୃଂଗ ଓ ସପ୍ତ ଚକ୍ଷୁ,” ୫:୬
22. “ମହାକ୍ଲେଶ,” ୭:୧୪
23. “ସୁବର୍ଣ ଧୂପାଚୀ,” ୮:୩
24. “ପାତାଳ କୁଣ୍ଡ,” ୯:୨
25. ହାଲ୍ଲିଲୂୟା, ୧୯:୧
26. “ମେଶଷାବକଙ୍କ ବିବାହ ଭୋଜ,”୧୯:୯
27. “କ୍ରୋଧରୁପ ଦ୍ରାକ୍ଷାକୁଣ୍ଡ ଦଳନ,”୧୯:୧୫
28. “ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ବନ୍ଧିପକାଇଲେ,” ୨୦:୨
29. ନୁତନ ଯେରୁଶାଲେମ, ୨୧:୨
30. “ଉଜ୍ଜ୍ୱଳ ପ୍ରଭାତୀତାରା,” ୨୨:୧୬

XII. ବ୍ୟକ୍ତି ମାନଙ୍କର ବିଶେଷ ପରିଚୟ

1. “ଦୂତଙ୍କ ଦ୍ୱାରା ଏହା ଜଣାଇ ଥିଲେ,” ୧:୧
2. ଯୋହନ, ୧:୧
3. “ସପ୍ତ ଆତ୍ମା,”୧:୪
4. ସର୍ବ ଶକ୍ତିମାନ, ୧:୮
5. କିଏ ୧:୧୨-୧୭ରେ ବର୍ଣିତ ହୋଇଅଛନ୍ତି?
   ଏହି ବର୍ଣନା କେଉଠାରୁ ଆସିଅଛି?
6. ନୀକଲାୟତୀୟ ମାନେ, ୨:୬, ୧୫
7. ଯିଜେବେଲ, ୨:୨୦
8. ପ୍ରାଚୀନ ମାନେ, ୪:୪, ୧୦
9. ଯିହୁଦା ବଂଶଜାତ ସିଂହ ଓ ଦାଉଦଙ୍କ ମୂଳ, ୫:୫
10. “ଶୁକ୍ଳ ବର୍ଣ ଅଶ୍ୱ ଓ ତାହାର ଆରୋହୀଙ୍କ ହସ୍ତରେ ଗୋଟିଏ ଧନୁ,”୬:୨
11. “ଯେଉମାନେ ଇଶ୍ୱରଙ୍କ ବାକ୍ୟ ଶକାସେ ହତ ହୋଇଥିଲେ,”୬:୯
12. “କପାଳରେ ମୁଦ୍ରାଙ୍କନ,” ୭:୩
13. “ଏକ ମହା ଜନତା,” ୭:୯
14. “ଆକାଶର ଏକ ନକ୍ଷତ୍ର,”୯:୧
15. “ଆଉ ଜଣେ ପରାକ୍ରମୀ ଦୂତ,” ୧୦:୧
16. “ଦୂଇ ସାକ୍ଷୀ,” ୧୧:୩
17. ଜଣେ ସ୍ତ୍ରୀ ଲୋକ, ୧୨:୧

18. “ଗୋଟିଏ ଲୋହିତ ବର୍ଣ ପ୍ରକାଣ୍ଡ ସର୍ପ,”୧୨:୩
19. “ଏକ ପୁତ୍ର ସନ୍ତାନ,”୧୨:୫
20. “ସମୁଦ୍ର ମଧ୍ୟରୁ ଗୋଟିଏ ପଶୁ ଉଠି ଆସିବା,”୧୩:୧୧
21. “ଆଉ ଗୋଟିଏ ପଶୁକୁ ଭୁମି ମଧ୍ୟରୁ ଉଠି ଆସିବା,” ୧୩:୧୧
22. ବାବିଲ, ୧୪:୮
23. ମହାବେଶ୍ୟା, ୧୭:୧
24. “ଗୋଟିଏ ଶ୍ୱେତବର୍ଣ ଅଶ୍ୱ ଓ ତାହାଙ୍କର ଆରୋହୀ,” ୧୯:୧୧
25. “ଗୋଗ ଓ ମାଗୋଗ,” ୨୦:୮

XIII. ମାନଚିତ୍ରରେ କ୍ଷୁଦ୍ର ଭୁଖଣ୍ଡମାନ ଚିହ୍ନଟ କରଣ

1. ପାମ୍. ୧:୯
2. ଏଫିସ, ୧:୧୧
3. ସ୍ମୂର୍ଣା, ୧:୧୧
4. ପର୍ଗମ, ୧:୧୧
5. ଥୁୟାତୀରା, ୧:୧୧
6. ସାର୍ଦ୍ଦୀ, ୧:୧୧
7. ଫିଲଦେଲଫିଆ, ୧:୧୧
8. ଲଲାଉଦିକୀଆ, ୧:୧୧
9. ସିୟୋନ ପର୍ବତ, ୧୪:୧

XIV. ଆଲୋଚନା ମୂଳକ ପ୍ରଶ୍ନ ସମୁହ

1. ପ୍ରକାଶିତ ବାକ୍ୟ କେଉ ପ୍ରକାର ଲେଖାଶୈଳୀ ଅଟେ? ଏହାର ଚରିତ୍ରର ଏକ ତାଲିକା ପ୍ରସ୍ତୁତ କର ।
2. ୨ ଓ ୩ ଅଧ୍ୟାୟରେ ସପ୍ତ ମଣ୍ଡଳୀକୁ କଣ ପାଇ ପ୍ରକାଶ କରାଯାଇ ଅଛି?
3. ପୃଥିବିର ସମସ୍ତ ଗୋଷ୍ଠି ତାହାଙ୍କୁ ଦେଖି କ୍ରନ୍ଦନ କରିବେ, (୧:୭)?
4. ୧ ଅଧ୍ୟାୟରେ ଦିଆଯାଇ ଥିବା ସମସ୍ତ “ସପ୍ତ”ର ଏକ ତାଲିକା ପ୍ରସ୍ତୁତ କର ।
5. ଯୀଶୁ ମଣ୍ଡଳୀର ପ୍ରଦୀପ ଘୁଚାଂଇଦେବେ, ଏହାର ଅର୍ଥ କଣ? (୨:୫)
6. ସପ୍ତ ମଣ୍ଡଳୀରେ ଦେଖାଯାଉ ଥିବା ସମାନ ବିଷୟ ଗୁଡିକର ତାଲିକା ପ୍ରସ୍ତୁତ କର ।
7. ୪ ଓ ୫ ଅଧ୍ୟାୟର ଉଦ୍ଦେଶ୍ୟ କଣ?
8. ସପ୍ତ ମୁଦ୍ରା, ସପ୍ତ ତୁରୀଧ୍ୱନୀ ଓ ସପ୍ତ ପାତ୍ର ମଧ୍ୟରେ କଣ ସମ୍ପର୍କ ରହିଅଛି?
9. ୬ ଅଧ୍ୟାୟରେ ସାତ ଗୋଟି ଅଶ୍ୱ କିଏ? ଏହି ଛବି କେଉଠାରୁ ଆସିଅଛି?
10. ୧୪୪,୦୦୦ ଲୋକମାନେ କିଏ? କଣ ପାଇ ଯୀହୁଦି ଜାତିକୁ ଭୁଲ ଭାବରେ ତାଲିକା କରାଯାଇ ଅଛି?
11. କଣ ପାଇ ବିଚାରର ପରିମାଣ ମୁଦ୍ରାରେ ୧/୪ ଓ ସପ୍ତ ତୁରୀଧ୍ୱନୀରେ ୧/୩ ଓ ସପ୍ତ ପାତ୍ରରେ ସମ୍ପୁର୍ଣ ଧ୍ୱଂସରେ ପରିଣତ ହୋଇଥାଏ?
12. ୯:୧୩-୧୯ ରେ ୨୦୦,୦୦୦,୦୦୦ ସୈନ୍ୟ ହିସାବରେ କାହାକୁ କୁହାଯାଇ ଅଛି?
13. ୧୨:୭-୧୦ର ଯୁଦ୍ଧକୁ ବର୍ଣନା କର ।
14. କଣ ପାଇ ଇଶ୍ୱର ସେହି ପଶୁକୁ ସାଧୁ ମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ? (୧୩:୭)
15. ପଶୁଟି କିଭଳି ଭାବେ ଖ୍ରୀଷ୍ଟଙ୍କର ଅନୁକରଣ କଲା?
16. ପ୍ରଥମ ପୁନରୁଃଥାନରେ କେଉମାନେ ଅଂଶ ଗ୍ରହଣ କରିବେ? (୨:୪-୬) ଦ୍ୱୀତିୟ ପୁନରୁଃଥାନରେ କେଉମାନେ ଅଂଶ ଗ୍ରହଣ କରିବେ?
17. ୨୨:୩ରେ ଗୁରୁତ୍ୱପୁର୍ଣ କିଏ ଅଟନ୍ତି?
18. ୨୨:୫ କିଭଳି ଭାବରେ ୨୦:୪ ସହିତ ଜଡିତ ଅଟେ?
19. ୨୨:୧୮-୧୯କୁ ନିଜ ଭାଷାରେ ବୁଝାଇ ଦିଅ ।
20. ପ୍ରକାଶିତ ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ କଣ ଅଟେ?

# ପ୍ରଥମ ପରିଶିଷ୍ଟ ବିଷୟ
# ସ୍ୱତନ୍ତ୍ର ଅର୍ଥ ଓ ଶବ୍ଦ ତାଲିକା

**ଅନୁଛେଦ, (Paragraph).** ଏହା ଗଦ୍ୟ ବିଭାଗକୁ ବ୍ୟାଖ୍ୟା କରିବାର ଏକ ଅଂଶ ଅଟେ । ଏହାର ଏକ ମୁଖ୍ୟ ଉଦ୍ଦେଶ୍ୟ ଥାଏ ଓ ତାହା ଏହି ଅନୁଛେଦ ବ୍ୟାଖ୍ୟା କରିଥାଏ । ଯଦି ଆମ୍ଭେମାନେ ଏହି ମୁଖ୍ୟ ଉଦ୍ଦେଶ୍ୟକୁ ଜାଣିପାରିବା, ତେବେ ଆମ୍ଭେମାନେ ଲେଖକଙ୍କର ଉଦ୍ଦେଶ୍ୟକୁ ସୁଧା ବୁଝିପାରିବା ।

**ଅନୁପ୍ରେରଣା, (Inspiration)**. ଇଶ୍ୱରଙ୍କ ସମସ୍ତ ବାକ୍ୟ ଇଶ୍ୱରଙ୍କ ଦ୍ୱାରା ଅନୁପ୍ରେରିତ ଓ ତାହାଙ୍କ ସାହାଯ୍ୟ ଦ୍ୱାରା ମନୁଶ୍ୟ ମାନଙ୍କ ଦ୍ୱାରା ସଠିକ ଭାବରେ ଉଲ୍ଲେଖ କରାଯାଇ ଅଛି । ଏହି ସମସ୍ତ ପ୍ରକ୍ରିୟାକୁ ତିନି ଭାଗରେ ବର୍ଣନା କରାଯାଏ, (୧) ଉନ୍ମୋଚନ- ଇଶ୍ୱର ମାନବ ଇତିହାସରେ କାର୍ଯ୍ୟ କରିଅଛନ୍ତି, (୨) ଅନୁପ୍ରେରଣା- ସେ ତାହାଙ୍କର ସମସ୍ତ କାର୍ଯ୍ୟ ଓ ତାହାର ଅର୍ଥକୁ କେତେକ ମନୋନିତ ବ୍ୟକ୍ତି ମାନଙ୍କୁ ଦେଇ ତାହାକୁ ଲିଖିତ ଭାବରେ ମାନବ ଜାତି ନିମନ୍ତେ ରଖିଅଛନ୍ତି । (୩) ପ୍ରଦୀପନ ବା ଆଲୋକନ- ସେ ତାହାଙ୍କର ଆତ୍ମା ସାହାଯ୍ୟରେ ତାହାଙ୍କର ବାକ୍ୟକୁ ଓ ନିଜକୁ ପ୍ରକାଶିତ କରିଅଛନ୍ତି ଓ ବୁଝିବାରେ ସାହାଯ୍ୟ କରନ୍ତି ।

**ଆରିଷ୍ଟୋଟେଲ, (Aristotle)**. ସେ ଗ୍ରୀସର ଜଣେ ଦାର୍ଶନିକ ଥିଲେ, ସେ ପ୍ଲେଟୋଙ୍କର ଶିଷ୍ୟ ଓ ମହାନ ଆଲେକଜ୍ୟାଣ୍ଡରଙ୍କର ଶିକ୍ଷକ ଥିଲେ । ତାହାଙ୍କର ପ୍ରଭାବ ଆଜିସୁଧା ଅନେକ ଆଧୁନିକ ଶିକ୍ଷା କ୍ଷେତ୍ରରେ ଦେଖିବାକୁ ମିଳେ । ସେ ପରିକ୍ଷା ଓ ବିଭାଜନ ଦ୍ୱାରା ଜ୍ଞାନ ଉପାର୍ଜନ କରାଯାଇ ପାରିବ ବୋଲି ସେ କହୁଥିଲେ । **ଏହା** ବୈଜ୍ଞାନୀକ କ୍ଷେତ୍ରରେ ଅନେକ ପ୍ରକାରର ସୁବିଧା ଆଣିଦେଇ ଥିଲା ।

**ଅସ୍ୱଷ୍ଟତା, (Ambiguity).** ଏହା ଏକ ପ୍ରକାର ବ୍ୟାଖ୍ୟାକରଣ ଯାହା ଏକ ଲିଖିତ ପୁସ୍ତକରେ ଅନେକ ଅର୍ଥାତ ଦୁଇରୁ ଅତ୍ୟୋଧିକ ଅର୍ଥ ପ୍ରଦାନ କରିଥାଏ, ଅଥବା ଏକ ସମୟରେ ଏହା ଅତ୍ୟୋଧିକ ଅର୍ଥକୁ ପ୍ରକାଶ କରିଥାଏ । ହୁଏତ ଯୋହନ ଏହି ପ୍ରକାରର ଲେଖାଶୈଳୀ ଜାଣିଶୁଣି ବ୍ୟବହାର କରିଅଛନ୍ତି, (ଦୁଇ ପ୍ରକାର ବୁଝାମଣା)

**ଆଲୋକନ, (Illumination).** ଏହା ମନୁଶ୍ୟ ମାନଙ୍କ ସହିତ ଇଶ୍ୱରଙ୍କର ବାର୍ତାଳାପକୁ ଦର୍ଶାଇ ଥାଏ । ଏହାକୁ ତିନିଭାଗରେ ବିଭକ୍ତ କରାଯାଏ, (୧) ଉନ୍ମୋଚନ- ଇଶ୍ୱର ମାନବ ଇତିହାସରେ କାର୍ଯ୍ୟ କରିଅଛନ୍ତି, (୨) ଅନୁପ୍ରେରଣା- ସେ ତାହାଙ୍କର ସମସ୍ତ କାର୍ଯ୍ୟ ଓ ତାହାର ଅର୍ଥକୁ କେତେକ ମନୋନିତ ବ୍ୟକ୍ତି ମାନଙ୍କୁ ଦେଇ ତାହାକୁ ଲିଖିତ ଭାବରେ ମାନବ ଜାତି ନିମନ୍ତେ ରଖିଅଛନ୍ତି । (୩) ପ୍ରଦୀପନ ବା ଆଲୋକନ- ସେ ତାହାଙ୍କର ଆତ୍ମା ସାହାଯ୍ୟରେ ତାହାଙ୍କର ବାକ୍ୟକୁ ଓ ନିଜକୁ ପ୍ରକାଶିତ କରିଅଛନ୍ତି ଓ ବୁଝିବାରେ ସାହାଯ୍ୟ କରନ୍ତି ।

**ଆକ୍ଷରିକ, (Literal).** ଆନ୍ତିଓକିଆଅର ଏହା ଅନ୍ୟ ଏକ ପ୍ରଣାଳୀ ଯାହା ଦ୍ୱାରା ଲେଖାଶୈଳୀ ଓ ଐତିହାସିକ ଘଟଣାରେ ଗୁରୁତ୍ୱ ଦିଆଯାଇ ଥାଏ । ଏହାର ଅର୍ଥ ଯଦିଚ ଏହି ବ୍ୟାଖ୍ୟାରେ ସାଧାରଣ ଅର୍ଥ ଓ ଭାଷା ରହିଅଛି, ତଥାପି ଏହାକୁ ଏକ ବ୍ୟଗାଂତ୍ମକ ଭାଷା ଭାବରେ ବ୍ୟବହାର କରାଯାଏ ।

**ଆକ୍ଷରିକ ଲେଖାଶୈଳୀ, (Literary genre).** ଏହା ବିଭିନ୍ନ ପ୍ରକାରର ମାନବିକ ଭାଷାର ବ୍ୟବହାରକୁ ବୁଝାଏ, ଯଥା ପଦ୍ୟ ଓ ଐତିହାସିକ ଗଳ୍ପ । ଏହି ସବୁ ତାହାର ବ୍ୟକ୍ତିଗତ ବ୍ୟାଖ୍ୟା ପ୍ରଣାଳୀ ରହିଅଛି ଓ କେତେକ ଲିଖିତ ଭାବରେ ମଧ୍ଯ ରହିଅଛି ।

**ଆକ୍ଷରିକ ଲେଖାର ବିଭାଜନ, (Literary unit)**. ଏହା ପୁସ୍ତକର ମୁଖ୍ୟ ବିଷୟର ବିଭାଜନକୁ ପ୍ରକାଶ କରିଥାଏ, ଏହା ହୁଏତ ଏକ ଶବ୍ଦ, କିମ୍ବା ଏକ ଅନୁଛେଦ, କିମ୍ବା ଏକ ଅଧ୍ୟାୟ ହୋଇପାରେ, ଏହା ଏକ ଅଂଶ ଯାହା ସେହି ପୁସ୍ତକର ବିଶେଷ ବିଷୟକୁ ଧରିରଖି ଥାଏ ।

**ଖ୍ରୀଷ୍ଟ କୈନ୍ଦ୍ରିକ, (Christocentric).** ଏହା ଯୀଶୁଙ୍କୁ କେନ୍ଦ୍ରବିନ୍ଦୁ ରୁପେ ପ୍ରକାଶ କରିଥାଏ, ମୁ ଏହା ଯିଶୁଙ୍କୁ ବାଇବଲର ପ୍ରଭୁ ଭାବରେ ବ୍ୟବହାର କରିଅଛି । କାରଣ ପୁରାତନ ନିୟମର ସମସ୍ତ ବିଷୟ ତାହାଙ୍କୁ ଇଗିଂତ କରେ ଓ ସେହି ସମସ୍ତ ତାହାଙ୍କ ଠାରେ ପରିପୁର୍ଣ ହୋଇଅଛି, (ମାଥିଉ ୫:୧୭-୪୮) ।

**ଟୀକା, (Commentary).** ଏହା ଏକ ବିଶେଷ ପୁସ୍ତକ ଅଟେ, ଯାହା ଅନେକ ତଥ୍ୟ ଖୋଜିବାରେ ସାହାଯ୍ୟ କରିଥାଏ । ଏହା ବାଇବଲର ସମସ୍ତ ପୁସ୍ତକ ବିଷୟରେ ସାଧାରଣ ତଥ୍ୟ ପ୍ରଦାନ କରିଥାଏ, ପୁଣି ଏହା ପ୍ରତ୍ୟକ ଅଧ୍ୟାୟର ଅର୍ଥକୁ ବୁଝାଇ ଥାଏ । କେତେକ ଏହାର ଶିକ୍ଷା ଉପରେ ଓ କେତେକ ଏହାର ବିଶ୍ଳେଷଣ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଏହି ସବୁ ଟିକା ଗୁରୁତ୍ୱପୁର୍ଣ ଅଟେ, କିନ୍ତୁ ଏହାକୁ ବ୍ୟବହାର କରିବା ପୁର୍ବରୁ ଜନେ ତାହାର ପ୍ରାଥମିକ ଅଧ୍ୟୟନ ନିର୍ଦ୍ଧିଷ୍ଟ ବିଷୟ ଉପରେ କରିବାର ଆବଶ୍ୟକତା ରହିଅଛି । ପୁଣି କୈଣସି ଶେଷ ନିଷ୍ପତି ପୁର୍ବରୁ, ଏହି ସବୁ ଟୀକାର ଅନ୍ୟ କେତେକ ଟୀକା ସହିତ ବିଶ୍ଳେଷଣକୁ ନିଶ୍ଚିତ ଭାବରେ ପରକ୍ଷି ନେବାର ରହିଅଛି ।

**ପରସ୍ପର ବିରୋଧି, (Antithetical).** ତିନିଧାଡି ବିଶିଷ୍ଟ ଏବ୍ରୀୟ ପଦ୍ୟରେ ଏହି ପ୍ରକାର ଲେଖା ଦେଖିବାକୁ ମିଳେ, ଏହା ଦୁଇ ଧାଡିର ଅର୍ଥ ତାହାର ତୃତିୟ ଧାଡି ସହିତ ଅମ୍ପୁର୍ଣ ରୁପେ ବିପରିତ ହୋଇଥାଏ, (ହିତୋପଦେଶ ୧୦:୧, ୧୫:୧)।

**ପାଣ୍ଡୁଲିପି, (Manuscript).** ଗ୍ରୀକ ନୁତନ ନିୟମର ବିଭିନ୍ନ ନକଲ ଗୁଡିକୁ ଏହା ପ୍ରକାଶ କରିଥାଏ, ଏହା ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ଥାଏ ଯଥା, (୧) ଯେଉ ଦ୍ରବ୍ୟ ଉପରେ ଏହା ଲେଖାଯାଇ ଥାଏ (ପାପିରସ, ଚମଡା), (୨) ଏହାର ଲେଖା ଶୈଳୀ, (ସମସ୍ତ ପ୍ରଚଳିତ ଲେଖା) ଏହାକୁ "MS" (ଏକ ବଚନ) ଓ "MSS" (ବହୁ ବଚନ), ବୋଲି କୁହାଯାଏ।

**ପୁର୍ବାନୁମାନ, (Presupposition).** ଏହା ଆମ୍ଭର ପୁର୍ବ ବିଶ୍ୱାସର ମତକୁ ବୁଝାଏ, ଅନେକ ସମୟରେ ଆମ୍ଭେମାନେ ଏହାକୁ ଭୁଲ ଭାବରେ ବୁଝିଥାଉ। ଏହାକୁ ଅନେକ ପ୍ରକାରର ଧାରଣା ଓ ପୁର୍ବ କଳ୍ପନା ଅନୁସାରେ ଚିନ୍ତା କରିଥାଉ।

**ପ୍ରକାଶନ, (Revelation).** ଇଶ୍ୱରଙ୍କ ସମସ୍ତ ବାକ୍ୟ ଇଶ୍ୱରଙ୍କ ଦ୍ୱାରା ଅନୁପ୍ରେରିତ ଓ ତାହାଙ୍କ ସାହାଯ୍ୟ ଦ୍ୱାରା ମନୁଶ୍ୟ ମାନଙ୍କ ଦ୍ୱାରା ସଠିକ ଭାବରେ ଉଲ୍ଲେଖ କରାଯାଇ ଅଛି। ଏହି ସମସ୍ତ ପ୍ରକ୍ରିୟାକୁ ତିନି ଭାଗରେ ବର୍ଣନା କରାଯାଏ, (୧) ଉନ୍ମୋଚନ- ଇଶ୍ୱର ମାନବ ଇତିହାସରେ କାର୍ଯ୍ୟ କରିଅଛନ୍ତି, (୨) ଅନୁପ୍ରେରଣା- ସେ ତାହାଙ୍କର ସମସ୍ତ କାର୍ଯ୍ୟ ଓ ତାହାର ଅର୍ଥକୁ କେତେକ ମନୋନିତ ବ୍ୟକ୍ତି ମାନଙ୍କୁ ଦେଇ ତାହାକୁ ଲିଖିତ ଭାବରେ ମାନବ ଜାତି ନିମନ୍ତେ ରଖିଅଛନ୍ତି। (୩) ପ୍ରଦୀପନ ବା ଆଲୋକନ- ସେ ତାହାଙ୍କର ଆତ୍ମା ସାହାଯ୍ୟରେ ତାହାଙ୍କର ବାକ୍ୟକୁ ଓ ନିଜକୁ ପ୍ରକାଶିତ କରିଅଛନ୍ତି ଓ ବୁଝିବାରେ ସାହାଯ୍ୟ କରନ୍ତି।

**ପ୍ରାକୃତିକ ପ୍ରକାଶନ, (Natural revelation).** ଇଶ୍ୱର ନିଜକୁ ଏହି ମାଧ୍ୟମରେ ନିଜକୁ ମାନବ ନିକଟରେ ପ୍ରକାଶ କରିଥିଲେ। ଏହା ପ୍ରାକୃତିକ ବିଷୟରେ ଅଟେ, (ରୋମିୟ ୧:୧୯-୨୦), ଓ ଚିନ୍ତାଶକ୍ତି (ରୋମିୟ ୨:୧୪-୧୫)। ଏହା ମଧ୍ୟ ଗୀତସଂହିତ ୧୯:୧-୬ ଓ ରୋମିୟ ୧-୨ ରେ କୁହାଯାଇ ଅଛି। ଏହା ସ୍ୱତନ୍ତ୍ର ପ୍ରକାଶନ ଠାରୁ ଅଲଗା ଅଟେ, ଯୋଉଠାରେ ଇଶ୍ୱର ନିର୍ଦ୍ଦିଷ୍ଟ ଭାବେ ବାକ୍ୟ ଓ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ନିଜକୁ ପ୍ରକାଶ କରିଅଛନ୍ତି।

(Hugh Ross ତାହାଙ୍କର ଲେଖାରେ କୁହନ୍ତି), "ପୁରୁଣା ପୃଥିବି"ର ଯୋଉ ଏକ ମନ୍ତବ୍ୟ ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ ରହିଅଛି, ତାହାକୁ ଗୁରୁତ୍ୱ ଦେଇ ଥାଏ। ସେମାନେ ଏହାକୁ ବ୍ୟବହାର କରି ଇଶ୍ୱରଙ୍କ ସତ୍ୟତାକୁ ପ୍ରକାଶ କରିଥାନ୍ତି ଓ ପ୍ରକୃତିକୁ ଇଶ୍ୱରଙ୍କର ଏକ ଜ୍ଞାନ ଭାବରେ ପ୍ରକାଶ କରାଯାଏ ଓ ଏହା ନିର୍ଦ୍ଦିଷ୍ଟ ପ୍ରକାଶନ (ବାଇବଲ) ଠାରୁ ଅଲଗା ଅଟେ। ମୋ ମତରେ ଏହା ଆଧୁନିକ ବୈଜ୍ଞାନିକ ମାନଙ୍କର ଗବେଷଣା ନିମନ୍ତେ ଏକ ନୁତନ ସୁଯୋଗ ଅଟେ।

**ପୋଷ୍ୟ ପୁତ୍ରଭାବେ ଗ୍ରହଣ, (Adoptionism).** ଯୀଶୁଙ୍କର ଇଶ୍ୱରତ୍ୱରେ ଏହା ପ୍ରାଥମରେ ଅନେକଙ୍କର ଏହି ମତ ଥିଲା। ଏହି ମତ ଅନୁସାରେ ଯୀଶୁ ଜଣେ ସାଧାରଣ ବ୍ୟକ୍ତି ଥିଲେ, କିନ୍ତୁ ତାହାଙ୍କର ବାପ୍ତିସ୍ମ ସମୟରେ (ମାଥିଉ ୩:୧୭; ମାର୍କ ୧:୧୧), କିମ୍ବା ତାହାଙ୍କର ପୁନରୁତଥାନ ସମୟରେ(ରୋମିୟ ୧:୪) ପିତା ଇଶ୍ୱର ତାହାକୁଂ ଗ୍ରହଣ କରିଥିଲେ। ଯୀଶୁ ଏକ ଉତ୍ତମ ବ୍ୟକ୍ତିର ଏକ ଜ୍ୱଳନ୍ତ ଉଦାହଣ ସଦୃଶ୍ୟ ଜୀବନ ଯାପନ କଲେ, ଏଣୁ ତାହାଙ୍କର ଏକ ନିର୍ଦ୍ଦିଷ୍ଟ ସମୟରେ (ବାପ୍ତିସ୍ମ, ପୁନରୁତଥାନ) ଇଶ୍ୱର ତାହାକୁଂ "ପୁତ୍ର" ଭାବେ ଗ୍ରହଣ କଲେ, (ରୋମିୟ ୧:୪; ଫିଲିପିୟ ୨:୯)। ଏହା ପ୍ରାଚୀନ ମଣ୍ଡଳୀ ଓ ଅଷ୍ଟମ ଶତାବ୍ଦୀର ମତ ଥିଲା। ଇଶ୍ୱର ମନଶ୍ୟ ହେବା (ଦେହବନ୍ତ) ବଦଳରେ, ଏହା ତାହାକୁ ଓଲଟାଇ ମନୁଶ୍ୟ ଇଶ୍ୱର ରୁପି ହେଲେ ବୋଲି ପ୍ରକାଶ କରାଯାଏ।

ଯୀଶୁ କିପ୍ରକାରେ, ଇଶ୍ୱରଙ୍କ ପୁତ୍ର, ଅନନ୍ତ କାଳୀନ ଇଶ୍ୱର, ସେ ତାହାଙ୍କର ଉତମ ଜୀବନ ସକାଶେ ପୁରସ୍କୃତ ହୋଇଥିଲେ, କିମ୍ବା ପ୍ରଶଂସିତ ହୋଇଥିଲେ, ତାହା ମନୁଶ୍ୟ ମାନଙ୍କ ଭାଷାରେ ବୁଝିବା ଅତି କଷ୍ଟକର ଅଟେ। ଯଦି ସେ ଇଶ୍ୱର, ତାହାଙ୍କର ପୁରସ୍କାରର ଆବଶ୍ୟକତା ନାହି, ଯଦି ତାହାଙ୍କର ପୁର୍ବରୁ ଇଶ୍ୱରତ୍ୱ ରହିଅଛି, ତେବେ ତାହାଠାରୁ ଅଧିକ କଣ ଗୈରବ ଦିଆଯାଇ ପାରିବ? ଯଦିଚ ଏହି ସବୁ ମନୁଶ୍ୟ ଭାବରେ ଆମ୍ଭମାନଙ୍କର ବୁଝିବାରେ ଅତି କଷ୍ଟ ହୋଇପାରେ, ତଥାପି ଇଶ୍ୱର ଯୀଶୁକୁଂ ତାହାଙ୍କର ଇଛା ସାଧନ ପରେ ସ୍ୱତନ୍ତ୍ର ଗୈରବ ପ୍ରଦାନ କରିଥିଲେ।

**ପ୍ଲାଟୋ, (Plato).** ପୁରାତନ ଗ୍ରୀସର ସେ ଜଣେ ଦାର୍ଶନିକ ଥିଲେ, ତାହାଙ୍କର ଚିନ୍ତାଧାରା ଅନେକ ମାତ୍ରାରେ ପ୍ରାଚୀନ ଯୁଗର ମଣ୍ଡଳୀ, ପୁଣି ଅନେକ ଲୋକ ମାନକୁଂ ଯଥା ମିଶରର ଆଲେକଜ୍ୟାଣ୍ଡରିଆ, ଅଗଷ୍ଟିନ ଅନେକେ ପ୍ରଭାଭିତ ହୋଇଥିଲେ। ସେ ଜଗତର ସମସ୍ତ ବିଷୟକୁ ଭ୍ରମ ବୋଲି କହୁଥିଲେ ଓ ଏହା ଆଧାତ୍ମିକତାର ଏକ ଛାୟା ବୋଲି କହୁଥିଲେ। ପରବର୍ତି ସମୟରେ ପ୍ଲାଟୋଙ୍କର ଚିନ୍ତାକୁ ତାହାଙ୍କର ଆଧାତ୍ମିକ କ୍ଷେତ୍ର ବୋଲି କୁହାଯାଏ।

**ବାକ୍ୟ ପ୍ରକରଣ, (Syntax).** ଏହା ଏକ ଗ୍ରୀକ ଶବ୍ଦ ଯାହା ବାକ୍ୟର ଗଠନ ପଦ୍ଧତିରେ ସାହାଯ୍ୟ କରିଥାଏ। କିଭଳି ଭାବରେ ଶବ୍ଦ ଗୁଡିକ ଏକତ୍ର ଯୋଡାଯିବା ଦ୍ୱାରା ତାହା ଏକ ପ୍ରକାର ପ୍ରକୃତ ଅର୍ଥ ପ୍ରକାଶ କରିବ, ଏହା ତହିରେ ସାହାଯ୍ୟ କରିଥାଏ।

**ବାକ୍ୟର ଅନୁରୁପତା, (Analogy of Scripture).** ସମସ୍ତ ବାକ୍ୟ ଇଶ୍ୱରଙ୍କ ଦ୍ୱାରା ଅନୁପ୍ରେରିତ ବୋଲି ଏହି ଶବ୍ଦ ପ୍ରକାଶ କରିଥାଏ, ଏଣୁ ବାଇବଲରେ କୈଣସି ପ୍ରକାରର ବିପରିତାର୍ଥକ ବିଷୟ ଶିକ୍ଷା ଦିଏ ନାହି, କିନ୍ତୁ ଏହା ବାଇବଲର ଶିକ୍ଷାକୁ ସମର୍ଥ କରିଥାଏ। ଏହା ବାଇବଲର ବିଭିନ୍ନ ପ୍ରକାରର ସମାନ ପଦ ଗୁଡିକୁ ଚିନ୍ତାକୁ ନିଆଯାଇ ଏହି ପ୍ରକାରେ ବ୍ୟାଖ୍ୟା କରାଯାଇ ଥାଏ।

**ବାଇବଲର ଅଧିକାର, (Biblical Authority)**. ଏହା ଶବ୍ଦକୁ ଅତି ଗୁରୁତ୍ୱପୂର୍ଣ ଭାବେ ବ୍ୟବହାର କରାଯାଇ ଥାଏ, ଏହା ପ୍ରକୃତ ଲେଖକ ତାହାଙ୍କର ଶ୍ରୋତା ମାନଙ୍କୁ ତାହାଙ୍କ ସମୟରେ କଣ କହିଅଛନ୍ତି ଓ ବର୍ତମାନ ଆଜି ଆମ୍ଭମାନଙ୍କ ନିମନ୍ତେ କଣ ସମ୍ବାଦ ରହିଅଛି, ତାହା ପ୍ରକାଶ କରିଥାଏ । ଏହି ବାଇବଲ୍ର ଅଧିକାର ବାଇବଲ ମଧରେ ଏକ ଅଧିକାର ପ୍ରାପ୍ତ ପୁସ୍ତକ ଭାବେ ଦେଖାଯାଏ । କିନ୍ତୁ ବର୍ତମାର ବ୍ୟାଖ୍ୟା ଅନୁସାରେ, ମୁ ଏହାର ଐତିହାସିକ ଓ ବ୍ୟାକରଣାତ୍ମକ ବ୍ୟାଖ୍ୟାକୁ ସିମିତ କରିଅଛି ।

**ବିରୋଧାଭାଷ, (Paradox).** ଯେଉ ସତ୍ୟତା ବିପରିତ ବୋଧ ହୋଇଥାଏ, ଏହା ତାହାକୁ ଦର୍ଶାଇ ଥାଏ, ଯଦିଚ ଏହା ବିପରିତାର୍ଥକ ଶବ୍ଦ ପ୍ରକାଶ କରେ, ତଥାପି ଏହା ସତ୍ୟ ଅଟେ । ଏହା ବିପରିତ ଭାବରେ ସତ୍ୟତାକୁ ପ୍ରକାଶ କରିଥାଏ । ଅନେକ ସତ୍ୟତା ଏହି ପରି ବିପରିତ ଭାବରେ ପ୍ରକାଶ କରାଯାଇ ଥାଏ । ଏହି ବାଇବଲ ସତ୍ୟତା ଲୁକାୟିତ ନୁହେ, କିନ୍ତୁ ଏହା ସତ୍ୟତାର ଏକ ପ୍ରକାରର କୈଶଳ ଅଟେ ।

**ବିଶ୍ଳେଷଣାତ୍ମକ ଟୀକା, (Analytical lexicon).** ଏହି ପ୍ରକାର ଅଭିଧାନ ଶ୍ରୋତା ମାନଙ୍କୁ ଗ୍ରୀକ ଭାଷାର ପ୍ରକୃତ ଅର୍ଥକୁ ନୁତନ ନିୟମରେ ଖୋଜିବାହାର କରିବାରେ ସାହାଯ୍ୟ କରିଥାଏ । ଏହା ଗ୍ରୀକ ଶବ୍ଦର କ୍ରମାନୁୟରେ ଥାଏ ଓ ଏଥିରେ ଏହାର ସଂଜ୍ଞା ଓ ସଂକ୍ଷିପ୍ତ ଭାବରେ ବ୍ୟାଖ୍ୟା କରାଯାଇ ଥାଏ । ଏହା ଯେଉମାନେ ଗ୍ରୀକ ଜାଣିନାହାନ୍ତି ସେମାନଙ୍କ ନିମନ୍ତେ ବ୍ୟାକରଣାତ୍ମକ ବ୍ୟବହାରକୁ ବୁଝିବାରେ ସାହାଯ୍ୟ କରିଥାଏ ।

**ଭାବାନୁବାଦ, (Paraphrase).** ଏହା ବାଇବଲ ଅନୁବାଦର ସିଦ୍ଧାନ୍ତ ଅଟେ, ବାଇବଲର ବ୍ୟାଖ୍ୟା ଏହାର ଏକ ଅଂଶ ଅଟେ ଯାହା ଏହି ବାକ୍ୟକୁ "ପ୍ରତି ଶବ୍ଦ" ବ୍ୟାଖ୍ୟା କରାଯାଏ, ଯୋଉଠାରେ ପ୍ରତ୍ୟକ ପ୍ରକୃତ ଅର୍ଥକୁ କିଛି ମାତ୍ରାରେ ନ ବଦଳାଇ ଏହାର ଗ୍ରୀକ ଓ ଏବ୍ରିୟ ଭାଷାର ଏହାର ଅତିନିକଟ ବର୍ତ୍ତି ଭାବରେ ଇଂରାଜୀରେ ଅନୁବାଦ କରାଯାଇ ଥାଏ । ଏହା ମଧରେ ଦୁଇଟି ସିଦ୍ଧାନ୍ତ ଓ  ଅନେକ "ଶକ୍ତିଶାଳୀ ବିଷୟ" ଗୁରୁତ୍ୱ ଭାବରେ ନିଆଯାଇ ଏହାକୁ ଆଧୁନିକ ଭାବରେ ଅନୁବାଦ କରାଯାଇ ଥାଏ । ଏଥି ପାଇ ଏକ ଉତ୍ତମ ପୁସ୍ତକ ଯାହା ଅନେକ ସିଦ୍ଧାନ୍ତ ଓ ଉତ୍ତମ ବାର୍ତାଳାପ ଦେଇ ଅତି ସାହାଯ୍ୟ କରିଥାଏ, ଏହା ସ୍ଟୁଆର୍ଟଙ୍କ ଦ୍ୱାରା ଲିଖିତ, *How To Read The Bible For It Is Worth,* (p. 35) ।

**ମାନବ ଆକୃତି, (Anthropomorphic)**. ଏହାର ଅର୍ଥ, "ମନୁଶ୍ୟ ମାନଙ୍କ ସଦୃଶ୍ୟ ଚରିତ୍ର ଧାରଣ କରିବା," ଏହା ଐଶ୍ୱରିକ ଶକ୍ତି ଓ କାର୍ଯ୍ୟକୁ ମାନବିକ ଭାଷାରେ ବୁଝାଇବା । ଏହାର ଅର୍ଥ ଆମ୍ଭେମାନେ ଇଶ୍ୱଙ୍କ ବିଷୟରେ ମାନବିକତା ଭାବରେ ବର୍ଣନା କରିବା । ଇଶ୍ୱରଙ୍କୁ, ଶାରିରିକ, ଭୌଗଳିକ ଓ ମନର ଭାବନା ଅନୁସାରେ ପ୍ରକାଶ କରିବା, ଯାହା ଆମ୍ଭେମାନେ ମନୁଶ୍ୟ ମାନଙ୍କ ନିମନ୍ତେ ବ୍ୟବହାର କରୁ, (ଆଦିପୁସ୍ତକ ୩:୮, ୧ମ ରାଜାବଳୀ ୨୨:୧୯-୨୩) । ଏହା ନିଶ୍ଚିତ ଭାବରେ ଏକ ସାଦୃଶ୍ୟ ଯାହା ଆମ୍ଭେମାନେ ବ୍ୟବହାର କରୁ, କାରଣ ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କର ଜ୍ଞାନ ସିମିତ ଅଟେ ।

**ମୃତ ସାଗରର ଲେଖା, (Dead Sea Scrolls).** ଏହା ପୁରାତନ ଏବ୍ରୀୟ ଓ ଆରାମାଇକ ଭାଷାରେ ଲିଖିତ ପ୍ରାଚୀନ ଲେଖାଶିଳ୍ପି, ଯାହା ମୃତ ସାଗରରୁ ଉଦ୍ଧାର ୧୯୪୭ରେ କରାଯାଇ ଥିଲା । ଯୀହୁଦୀ ଧର୍ମରେ  ପ୍ରାଚୀନ ଶତାବ୍ଦୀରେ ତାହା ଧର୍ମଗତ ପୁସ୍ତକସଂଗ୍ରାହଳୟ ଥିଲା । ଏହି ସବୁ ପୁସ୍ତକ ଆମ୍ଭମାନଙ୍କୁ ପ୍ରାଚୀନ ଶତାବ୍ଦୀର ପାଲେଷ୍ଟାଇନର ଐତିହାସିକ ସତ୍ୟତା ବିଷୟରେ ଜାଣିହୁଏ । ଏହାକୁ ମାସୋରାଇଟ ଲେଖା ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇ ଅଛି । ଏହି ମାସୋରାଇଟ ମାନଙ୍କର ଲେଖା ଅତି ସଠିକ ଅଟେ ଓ ଏହି ସବୁ ତାହାର ଆକ୍ଷରିକ କ୍ରମାନ୍ୱୟ ଅନୁସାରେ ସଜାଇ ଲେଖାଯାଇ ଥାଏ ।

**ଯିହୋବା, (YHWH).** ଏହା ପୁରାତନ ନିୟମରେ ଇଶ୍ୱରଙ୍କର ବ୍ୟକ୍ତିଗତ ନାମ ଅଟେ, ଏହା ଯାତ୍ରା ୩:୧୪ରେ ବ୍ୟାଖ୍ୟା କରାଯାଇ ଅଛି । ଏହା ଏବ୍ରିୟ ଭାଷାର କାରଣ ସମ୍ବନ୍ଧିୟ ଅଟେ, ଯାହା "ଘଟି ଥାଏ" । ଯିହୁଦୀ ମାନେ ଏହି ନାମକୁ ମିଥ୍ୟାରେ ନେବାକୁ ଭୟ କରିଥାନ୍ତି, ଏଣୁ ଏହାକୁ ଏବ୍ରି ଭାଷା "*Adonai,* "lord."" ପ୍ରଭୁ ଭାବରେ ବଦଳାଇ ଦିଆଯାଇ ଅଛି, ଏହି ପ୍ରକାରେ ଏହି ନାମକୁ ଇଂରାଜୀରେ ଅନୁବାଦ କରାଯାଇ ଅଛି ।

**ରୁପକ, (Allegory).** ଏହା ଏକ ରୁପକ ବ୍ୟାଖ୍ୟା କୁହାଯାଏ, ଯାହା ସମସ୍ତ ବିଷୟକୁ ତୁଳନା କରିଥାଏ ଯାହା ଯିହୁଦୀୟ ଆଲେକଜ୍ୟାଣ୍ଡରଙ୍କ ଠାରୁ ପ୍ରାରମ୍ଭ ହୋଇଥିଲା । ଆଲେକଜ୍ୟାଣ୍ଡର ଫିଲୋ ଏହି ବ୍ୟାଖ୍ୟା ପ୍ରଣାଳୀକୁ ପ୍ରଚଳିତ କରିଥିଲେ । ଏହାର ସତ୍ୟତା ହେଲା, ଲେଖକଙ୍କର ଉଦ୍ଦେଶ୍ୟ, ଐତିହାସିକ ଘଟଣା ଓ ଲେଖାଶୈଳୀକୁ ଅଗ୍ରାହ୍ୟକରି, ଶ୍ରୋତାଅ ମାନଙ୍କର ସାମାଜିକ ଶୈଳୀ ଓ ରିତିନିତିକୁ ଅଧିକ ଗୁରୁତ୍ୱ ଦେବା, ଏହା ପ୍ରତ୍ୟକ ବାକ୍ୟ ଭିତରେ ଏକ ପ୍ରକାରର ଲୁକାୟିତ ଅର୍ଥକୁ ଖୋଜିବାକୁ ଚିଷ୍ଟା କରିଥାଏ, ଯାହା କେବେବି ସଠିକ ନୁହେ । ଏହା ସତ୍ୟ ଯେ ଯୀଶୁ ମାଥିଉ ୧୩ ଓ ପାଉଲ ଗାଲାତିୟ ୪ରେ ସତ୍ୟତାକୁ ପ୍ରକାଶ କରିବା ନିମନ୍ତେ ଏହି ପ୍ରକାର ବ୍ୟାଖ୍ୟା କରିଅଛନ୍ତି, କିନ୍ତୁ ଏହା ଏକ ପ୍ରକାରର ଅଟେ, କିନ୍ତୁ ଏହା ଏକ ନିୟମ ନୁହେ ।

**ରୂଢୋକ୍ତି, (Idiom).** ଏହା ଅନେକ ସାମାଜିକ ରିତିନିତିରେ ଏହା ରହିଅଛି, ଯାହା ଏହାର ପ୍ରକୃତ ଅର୍ଥ ଏକ ନିର୍ଦ୍ଦିଷ୍ଟ ଶବ୍ଦର କୈଣସି ସମ୍ପର୍କ ନ ଥାଏ । ଏହାର କେତେକ ଆଧୁନିକ ଉଦାହରଣ ହେଲା, "ତାହା ଭଲରେ ଅତି ମାତ୍ରାରେ ମାତ୍ରାରେ ଖରାପ", ଓ "ଆପଣ ମତେ ମାରି ଦେଲେ", ବାଇବଲ ସୁଧା ଏହି ପ୍ରକାରର ଅନେକ ଲେଖାଶୈଳୀରେ ପରିପୁର୍ଣ ଅଟେ ।

**ସମାର୍ଥକ, (Synonymous).** ଏହା ସମାନ ପ୍ରକାର ଥିବା ଅର୍ଥକୁ ବୁଝାଇ ଥାଏ, (ଯଦିଚ ଏହା ବାସ୍ତବରେ କୈଣସି ଭାବରେ ଦେଖାଦେଇ ନ ଥାଏ)। ଏହି ପ୍ରକାରର ଶବ୍ଦ ମାନେ ପରସ୍ପର ସହିତ ଏତେ ମାତ୍ରାରେ ଜଡିତ, ସେମାନଙ୍କର ଅଦଳ ବଦଳ କଲେ ସୁଧା ସେହି ବାକ୍ୟର ଅର୍ଥରେ କୈଣସି ପରିବର୍ତନ ହୋଇନଥାଏ। ଏହା ଏବ୍ରିୟ ଭାଷା ପଦ୍ୟର ସମାନ୍ତରକୁ ବୁଝାଇ ଥାଏ। ଏହି ପରିସ୍ଥିତିରେ ଦୁଇଗୋଟି ଧାଡି କେବଳ ଗୋଟିଏ ଅର୍ଥ ପ୍ରକାଶ କରୁଥିବାର ସମାନତା ଦେଖାଯାଏ।

**ସମାନ୍ତର ଅଧ୍ୟାୟ, (Parallel passages).** ଏହି ସମସ୍ତ ପୁସ୍ତକ ଇଶ୍ୱର ନିଶ୍ୱସିତ ଓ ତାହାଙ୍କ ଦ୍ୱାରା ପ୍ରଦତ୍ତ ଅଟେ, ଏଣୁ ବାଇବଲହି, ବାଇବଲକୁ ଅତି ଭଲ ଭାବରେ ବ୍ୟାଖ୍ୟା କରିପାରିବ, ଓ ତାହାର ବିରୋଦରେ ଦିଆଯାଉ ଥିବା ଶିକ୍ଷାରୁ ରକ୍ଷା କରି ପାରିବ। ଯେତେବେଳେ କୈଣସି ଜଟିଳ ଅଂଶ ବ୍ୟାଖ୍ୟା କରାଯାଏ, ସେହି ସମୟରେ ଏହା ସାହାଯ୍ୟ କରିଥାଏ। ପୁଣି ଏହା ଦିଆଯାଇ ଥିବା ଅଂଶକୁ ସଠିକ ଦୃଷ୍ଟିକୋଣରୁ ଦର୍ଶାଇ ଥାଏ।

**ସାଂଶ୍ଳେଷିକ, (Synthetical)**. ଏହା ଏବ୍ରିୟ ଭାଷାର ପଦ୍ୟ ଉପରେ ଜଡିତ ଅଟେ, ଏହି ପ୍ରକାରର ଶବ୍ଦ ଦ୍ୱାରା ପଦ୍ୟର ଧାଡିସବୁ ତାହାର ଅର୍ଥକୁ ପ୍ରକାଶ କରିବା ନିମନ୍ତେ ସାହାଯ୍ୟ କରିଥାଏ। କେତେକ ସମୟରେ ଏହାକୁ ଏକ ପ୍ରକାରର "ପ୍ରଭାଭିତ" ଶବ୍ଦ ବୋଲି କୁହାଯାଏ, (ଗୀତସଂହିତା ୧୯:୭-୯)।

**Alexandrian School.** ଏହି ବାଇବଲର ବ୍ୟାଖ୍ୟା କରିବାର ପ୍ରଣାଳୀ ଖ୍ରୀ ପୂ. ଦ୍ୱିତିୟ ଶତାବ୍ଦୀରେ ମିଶରରୁ ଆଲେକଜ୍ୟାଣ୍ଡରଙ୍କ ଠାରୁ ଆରମ୍ଭ ହୋଇଥିଲା। ପ୍ଲାଟୋଙ୍କର ଶିଷ୍ୟ ଫିଲୋ ଏହି ବ୍ୟାଖ୍ୟା ପ୍ରଣାଳୀକୁ ବ୍ୟବହାର କରୁଥିଲେ। ଏହାକୁ ଏକ ରୁପକ ବ୍ୟାଖ୍ୟା କୁହାଯାଏ, ଯାହା ସମସ୍ତ ବିଷୟକୁ ତୁଳନା କରିଥାଏ । ଏହା ସଂସ୍କାରଣର ସମୟ ପର୍ଯ୍ୟନ୍ତ ରହିଥିଲା। ଓରିଜିନ ଓ ଅଗଷ୍ଟିନ ଏହାର ପ୍ରସ୍ତାବକ ଥିଲେ, ମୋସିଶ ସିଲଭାଙ୍କର *Has The Church Misread The Bible?* (Academic, 1987) ଦେଖନ୍ତୁ।

**Alexandrinus.** ଆଲେକଜ୍ୟାଣ୍ଡରଙ୍କର ପଚଂମ ଶତାବ୍ଦିର ଗ୍ରୀକ ଲେଖାରେ, ମିଶର ପୁରାତନ ନିୟମରେ ଅନେକ ପ୍ରକାରର ଲେଖାକୁ ଅନ୍ତର୍ଭୁକ୍ତ କରିଥିଲେ। ଏହା ଗ୍ରୀକ ନୁତନ ନିୟର ଏକ ବୃହତ ସାକ୍ଷ୍ୟ ଅଟେ (ମାଥିଉ, ଯୋହନ ଓ ୨ୟ କରିନ୍ଥୀୟ ବ୍ୟତିତ)। ଯେତେବେଳେ ଏହି ଲେଖାଶୈଳୀ "A" ଓ "B" (ଭାଟିକାନ) ପରସ୍ପର ସହମତ୍ତ ହୁଅନ୍ତି, ଏହା ପ୍ରକୃତ ବୋଲି ଅନେକ ବୁଦ୍ଧିଜୀବି ମାନେ ଗ୍ରହଣ କରନ୍ତି।

**Antiochian School.** ଏହି ବାଇବଲ ଭିତିକ ବ୍ୟାଖ୍ୟା ଖ୍ରୀ ପୂ ତୃତିୟ ଶତାବ୍ଦିରେ ସିରିଆର ଆନ୍ତିଓକିଆରେ, ମିଶରର ଆଲେକଜ୍ୟାଣ୍ଡରଙ୍କର ଶିକ୍ଷାକୁ ଲକ୍ଷ୍ୟ କରି ପ୍ରକାଶିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ବାଇବଲର ଐତିହାସିକ ଅର୍ଥ ସହିତ ଏହାର ପ୍ରକୃତ ଅର୍ଥକୁ ବୁଝିବା। ଏହା ବାଇବଲକୁ ଏକ ସାଧାରଣ ମଣିଷର ପୁସ୍ତକ ଭାବରେ ବ୍ୟବହାର କରାଯାଏ। ଏହି ଶିକ୍ଷାର ଏକ ବଡ ବିବାଦ ଥିଲା, ଖ୍ରୀଷ୍ଟଙ୍କର ଦୁଇଗୋଟି ଅରିତ୍ର ଉପରେ (ନେଷ୍ଟୋରିଆନିଜ୍ମ) ବା (ସମ୍ପୁର୍ଣ ଇଶ୍ୱର ଓ ସମ୍ପୁର୍ଣ ମାନବ)। ଏହା ରୋମାନ କ୍ୟାଥଲିକ ମାନଙ୍କ ଦ୍ୱାରା ପ୍ରଚଳିତ ହୋଇ ପେର୍ସିଆ ଅଂଚଳରେ ପ୍ରସାରିତ ହୋଇ ଏହି ଶିକ୍ଷାରେ ସୁଧା ଜଡିତ ଥିଲା। ଏହାର ପରବର୍ତି ବ୍ୟାଖ୍ୟା କରିବାର ପଦ୍ଧତି ପରେ ଖ୍ରୀଷ୍ଟିୟ ସମାଜରେ ପରିବର୍ତନ ଆଣିଦେଇ ଥିଲା, (ଲୁଥର, କାଲଭିନ)

**Apocalyptic literature.** ଏକ ଯିହୁଦୀୟ ଲେଖାରେ ଏହା ଅତି ଗୁରୁତ୍ୱପୁର୍ଣ ଓ କମ ଦେଖିବାକୁ ମିଳେ। ଏହି ପ୍ରକାର ଲେଖାଶୈଳୀ ଗୁପ୍ତ ଓ ବିଦେଶି ସ୍ଥାନରେ ରହିବା ସମୟରେ ବ୍ୟବହାର କରାଯାଉ ଥିଲା। ବ୍ୟକ୍ତିଗତ ଇଶ୍ୱର ପୃଥିବିର ସମସ୍ତ ବିଷୟକୁ ଆୟତ କରୁଥିଲେ ଓ ଇଶ୍ରାଏଲ ଲୋକମାନେ ତାହାଙ୍କର ବିଶେଷଃ ପ୍ରିୟ ବୋଲି ଧରାଯାଉ ଥିଲା। ଏହି ଲେଖା ଶୈଳୀ ଦ୍ୱାରା ଏକ ବିଶେଷଃ ଶକ୍ତିଦ୍ୱାରା ଇଶ୍ୱରଙ୍କର ବିଜୟକୁ ସର୍ବଶେଷରେ ପ୍ରକାଶ କରାଯାଉ ଥିଲା।

ଏହା ଅତି ମାତ୍ରାରେ ସାଂକେତିକ ଓ କାଳ୍ପନିକ ଥିଲା, ଏହା ବିଶେଷକରି ରଂଗିନ, ସଂଖ୍ୟା, ସ୍ୱପ୍ନ, ଦୃଶ୍ୟ, ତପସ୍ୟା, ରହସ୍ୟମୟ ଶବ୍ଦ ଓ ଅନେକ ସମୟରେ ଦ୍ୱତବାଦ ଅର୍ଥାତ ଭଲ ଓ ମନ୍ଦର ସାହାଯ୍ୟରେ ସତ୍ୟତାକୁ ପ୍ରକାଶ କରାଯାଇ ଥାଏ।

ଏହି ପ୍ରକାରର ଲେଖାର କେତେକ ଉଦାହରଣ ହେଲା, (1) ପୁରାତନ ନିୟମରେ ଯିହିଜିକଲ ପୁସ୍ତକ (୩୬-୪୮ ଅଧ୍ୟାୟ), ଦାନିଏଲ (୭-୧୨ ଅଧ୍ୟାୟ), ଯିଖରିୟ ଏବଂ (2) ନୁତନ ନିୟମରେ, ମାଥିଉ ୨୪; ମାର୍କ ୧୩; ୨ୟ ଥେସଲନୀକିୟ ୨ ଓ ପ୍ରକାଶିତ ପୁସ୍ତକ।

**Apologist (Apologetics).** ଏହା ଗ୍ରୀକ ଭାଷାର "ନିୟମାନୁଯାୟୀ ପ୍ରତିରକ୍ଷା", ଏହା ବାଇବଲ ଶିକ୍ଷା ମଧ୍ୟରେ ଏକ ନିର୍ଦ୍ଧିଷ୍ଟ ଶାସନ ଯାହା ଯୁକ୍ତିଯୁକ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରେ ଓ ଖ୍ରୀଷ୍ଟିୟ ସତ୍ୟତାକୁ ବଜାଇ ରଖେ।

***A priori*.** ଏହା ଏକ ଗ୍ରୀକ ଶବ୍ଦରୁ ଆନୀତ ଯାହା, "ନିୟମାନୁସାରେ ପ୍ରତିବାଦ" ବୋଲି କୁହାଯାଏ। ଏହା ଖ୍ରୀଷ୍ଟ ଧର୍ମ ମଧ୍ୟରେ ଏକ ପ୍ରକାରର ପ୍ରରିରକ୍ଷା ସଦୃଶ୍ୟ, ଯାହା ଖ୍ରୀଷ୍ଟିୟ ଧର୍ମର ପକ୍ଷବାଦ କରିବା ସାଥେ ସାଥେ ଏହାର ପ୍ରମାଣ ପ୍ରଦାନ କରିଥାଏ।

**Arianism.** ଆରିଅସ ଆଲେକଜ୍ୟାଣ୍ଡରେ ଜଣେ ପ୍ରାଚୀନ ଥିଲେ। ଯୀଶୁଖ୍ରୀଷ୍ଟଙ୍କର ଅସ୍ତିତ୍ୱ ପୁର୍ବରୁ ଥିଲା କିନ୍ତୁ ସେ ଇଶ୍ୱର ନ ଥିଲେ ବୋଲି (ଇଶ୍ୱରଙ୍କ ସହିତ ଏକ), ତୃତିୟ ଓ ଚତୁର୍ଥ ଶତାବ୍ଦିର ପ୍ରାରମ୍ଭରେ ସେ କହିଥିଲେ ଓ ସେ ଉପଦେଶକ ୮:୨୨-୩୧କୁ ନେଇ କହି ଥିଲେ। କିନ୍ତୁ ତାହାଙ୍କର ଏହି ଶିକ୍ଷାକୁ

ଆଲେକଜ୍ୟାଣ୍ଡର ବିଶପ (ଖ୍ରୀ ପୁ ୩୧୮) ଏହାକୁ ପ୍ରତିରୋଧ କରିଥିଲେ ଓ ଏହି ବିବାଦ ଅନେକ ଦିନ ଚାଲି ଥିଲା । ଆରିଆନିସମ ଏକ ପ୍ରକାରର ଧର୍ମଗତ ବିଶ୍ୱାସ ଭାବେ ପରିଚିତ ହେଲା ଓ ନିସାର ପରିଷଦରେ ଖ୍ରୀ ପୁ ୩୨୫ରେ ଏହି ଶିକ୍ଷାର ସମାଧାନ କରି ପୁତ୍ରଙ୍କୁ ଇଶ୍ୱରଙ୍କ ସହିତ ସମାନ ଇଶ୍ୱରତ୍ୱ ଭାବେ ଲୋକମାନଙ୍କୁ ବୁଝାଇଦିଆଗଲା ।

**Autographs.** ଏହା ବାଇବେଲର ପ୍ରାଥମିକ ଲେଖା ଅଟେ, ଏହାର ପ୍ରକୃତ ହସ୍ତଲିପି ବର୍ତମାନ ଉପଲବ୍ଧ ନୁହେ, ଏହାଅ ଲୋପ ପାଇଅଛି । ପ୍ରାଚୀନ ଯୁଗରେ ଏହା ପ୍ରାଚୀନ ଗ୍ରୀକ ଓ ଏବ୍ରୀ ଭାଷାର ଲେଖାଶୈଳୀରେ ଥିବା ପରିବର୍ତନର ଏହା ଏକ ମାତ୍ର ଉତ୍ସ ଅଟେ ।

**Bezae**. ଖ୍ରୀ ପୂ ଶଷ୍ଠ ଶତାବ୍ଦୀର ଏହା ଗ୍ରୀକ ଓ ଲାଟିନ ଲେଖାଶିଳ୍ପୀ ଅଟେ, ଏହାକୁ "D" ଭାବରେ ପ୍ରକାଶ କରାଯାଏ ଓ ଏହା ପ୍ରେରିତ ଓ କେତେକ ନୂତନ ନିୟମର ପୁସ୍ତକ ଦେଖିବାକୁ ମିଳେ । ଏଠାରେ ଅନେକ ପ୍ରକାର ଲେଖାଶିଳ୍ପୀକୁ ଯୋଗ କରାଯାଇ ଥିଲା । ଏହା King James Version ର ""ଲେଖା ବ୍ୟାଖ୍ୟା" କରିବା ନିମନ୍ତେ ପ୍ରାଥମିକ ଭାବରେ ବ୍ୟବହାର କରାଯାଏ ।

**Bias.** ଏକ ବିଷୟକୁ ବିରୁଦ୍ଧ ଭାବେ ଜଣେଇବା ନିମନ୍ତେ ଏହି ଶବ୍ଦକୁ ବ୍ୟବହାର କରାଯାଏ, ଏହା ଦ୍ୱାରା କୌଣସି ବିଷୟ ପ୍ରତି ପକ୍ଷପାତ କରାଯାଇ ପାରେ ନାହି । ଏହା ଏକ ପୁର୍ବ ଧାରଣାର ଏକ ସ୍ଥିତି ଅଟେ ।

**Canon**. ଏହା ବିଶେଷତଃ ଅନୁପ୍ରେରିତ ପୁସ୍ତକ ମାନଙ୍କୁ ବୁଝାଇ ଥାଏ, ଏହା ବାଇବଲର ଉଭୟ ପୁରାତନ ଓ ନୁତନ ନିୟମର ପୁସ୍ତକ ଗୁଡିକୁ ବୁଝାଏ ।

**Concordance.** ଏହା ବାଇବଲ ଅଧ୍ୟୟନ ନିମନ୍ତେ ଏକ ସାହାଯ୍ୟକାରି ପୁସ୍ତକ ଅଟେ । ଏହା ପୁରାତନ ଓ ନୂତନ ନିୟମରେ ବ୍ୟବହୃତ ହୋଇଥିବା ସମସ୍ତ ଶବ୍ଦର ତାଲିକା ପ୍ରଦାନ କରିଥାଏ । ଏହାର କେତେକ ଉପକାରିତା ହେଲା, (୧) ଏକ ଇଂରାଜୀ ଶବ୍ଦର ଏବ୍ରୀୟ ଓ ଗ୍ରୀକ ଭାଷାର ବ୍ୟାଖ୍ୟା କରିବା, (୨) ଯୋଉଠାରେ ଏକ ପ୍ରକାରର ଗ୍ରୀକ ଓ ଏବ୍ରିୟ ଶବ୍ଦର ବ୍ୟବହାର ହୋଇଥାଏ, ତାହାର ତୁଳନା କରିବା, (୩) ଦୁଇଗୋଟି ଗ୍ରୀକ ଓ ଏବ୍ରୀୟ ଭାଷାର ଶବ୍ଦକୁ କିଭଳି ଭାବରେ ଏକ ପ୍ରକାର ଇଂରାଜି ଶବ୍ଦରେ ଅନୁବାଦ କରାଯାଇ ଅଛି ତାହାକୁ ପ୍ରକାଶ କରିବା, (୪) କେତେକ ଶବ୍ଦ କେତେଥର କେତେକ ଲେଖକ ମାନଙ୍କ ଦ୍ୱାରା କେତେକ ପୁସ୍ତକରେ ବ୍ୟବହୃତ ହୋଇଅଛି, ତାହାକୁ ଦେଖାଇବା, (୫) ବାଇବଲରେ ବିଭିର୍ନ ଅନୁଛେଦକୁ ଖୋଜି ବାହାର କରିବା, (cf. Walter Clark's *How to Use New Testament Greek Study Aids,* pp. 54-55).

**Deductive.** ଏକ ସର୍ବ ସାଧାରଣ ନିୟମ ଠାରୁ ଏକ ନିର୍ଦ୍ଦିଷ୍ଟ ଉପାୟକୁ ଖୋଜିବାହାର କରିବାର ଏହା ଏକ ପ୍ରଣାଳୀ ଅଟେ । ଏହା ଏକ ଦୃଷ୍ଟାନ୍ତ ଦ୍ୱାରା ସାଧାରଣ ପଦ୍ଧତିରେ ପହଂଚିବା ଠାରୁ ଏହା ବିପରିତ ଅଟେ ।

**Dialectical.** ଏହା ଏକ ଏହି ପ୍ରକାର ଏକ ପ୍ରଣାଳୀ ଯାହା ଦ୍ୱାରା ଦ୍ୱନ୍ଦାତ୍ମକ ବା ଯୁକ୍ତିବାଦ ବିଷୟ ଯାହାଦ୍ୱାରା ଉଭୟ ପାର୍ଶ୍ୱର ବିଷୟରେ ଏକ ପ୍ରକାରର ଉପଯୁକ୍ତ ଉପାୟ ପ୍ରଦାନ କରିଥାଏ । ଅନେକ ବାଇବଲ ଭିତିକ ଶିକ୍ଷାମାନ ଯଥା, ପୁର୍ବ ନିର୍ଦ୍ଧାରର୍ଣ- ସ୍ୱ ଇଛା, ସୁରକ୍ଷା- ପରିଶ୍ରମ, ବିଶ୍ୱାସ- କାର୍ଯ୍ୟ, ନିଷ୍ପତି- ଶିଷ୍ୟତ୍ୱ, ଖ୍ରୀଷ୍ଟିୟ ସ୍ୱାଧିନତା- ଖ୍ରୀଷ୍ଟିୟ କର୍ତ୍ତବ୍ୟ ।

**Diaspora.** ଯିହୁଦୀ ଲୋକମାନେ ଯୋଉମାନେ ପାଲେଷ୍ଟାଇନରୁ ବାହାରେ ବା ପ୍ରତିଜ୍ଞା ଦେଶରୁ ବାହାରେ ବାସକରନ୍ତି ତାହାଙ୍କ ନିମନ୍ତେ ଏହା ବ୍ୟବହାର କରାଯାଏ ।

**Dynamic equivalent.** ଏହା ବାଇବଲକୁ ଅନୁବାଦ କରିବା ନିମନ୍ତେ ବ୍ୟବହାର କରାଯାଏ । ଏହା ଦ୍ୱାରା ଏହି ବାଇବଲ ଅନୁବାଦକୁ "ପ୍ରତି ଶବ୍ଦ ଅନୁସାରେ" ନିରିକ୍ଷଣ କରାଯାଇ ଥାଏ । ଯେତେବେଳେ ଏକ ଶବ୍ଦକୁ ତାହାର ପ୍ରକୃତ ଭାଷାରେ ସ୍ୱଷ୍ଟ ଭାବରେ ବୁଝିପାରିବା, ତେବେ ତାହାଅକୁ ଏକ "ବାକ୍ୟାଂଶ" ମାଧ୍ୟମରେ ପ୍ରକାଶ କରାଯାଇ ପାରିବ । ଏହି ପ୍ରକ୍ରିୟାରେ ଏହି ପଦ୍ଧତି ଅତି ମାତ୍ରାରେ ଏହି ଶବ୍ଦର ପ୍ରକୃତ ଅର୍ଥକୁ ବୁଝିବାରେ ସାହାଯ୍ୟ କରିଥାଏ, କିନ୍ତୁ ଏହାର ଅନୁବାଦରେ ଅନେକ ପ୍ରକାରର ପରିବର୍ତ୍ତନ ହୋଇଥାଏ । ଏହି ବିଷୟରେ ଏକ ଉତ୍ତମ ପୁସ୍ତକ ଯାହାକି ମାଗଣାରେ ଉପଲବ୍ଧ ଅଟେ, ସ୍ଟୁଆର୍ଟଙ୍କ ଲିଖିତ *How To Read The Bible For All It Is Worth, p. 35,* and in Robert Bratcher's Introduction to the ESV.

**Eclectic.** ଏହା ଲେଖଶୈଳୀର ସମାଲୋଚନା ଓ ଚିନ୍ତା ନିମନ୍ତେ ବ୍ୟବହାର କରାଯାଏ, ଏହା ଦ୍ୱାରା ବିଭିର୍ନ୍ନ ଗ୍ରୀକର ଲେଖାଶୈଳୀକୁ ପଢି ତାହାର ପ୍ରକୃତ ଅର୍ଥକୁ ଖୋଜି ବାହାର କରିବା ଅଟେ । ଯାହା ଦ୍ୱାର ଅନେକ ଭୁଲ ମତବାଦକୁ ରୋକାଯାଇ ପାରିଥାଏ ଓ ପ୍ରକୃତ ଲେଖାର ଅତିନିକଟବର୍ତୀ ହେବାର ସୁଯୋଗ ରହିଥାଏ ।

**Eisegesis.** ଏହାର ଅର୍ଥ ନିଜର ଚିନ୍ତାଧାରାକୁ ବାକ୍ୟ ମାଧମକୁ କଢେଇନେବା ଓ ତାହାକୁ ସତ୍ୟତା ଭାବେ ପ୍ରକାଶ କରିବା ଅଟେ । ଏହିଠାରେ ବ୍ୟାଖ୍ୟାକାରି ନିଜ ଚିନ୍ତାଧାରାକୁ ବାକ୍ୟ ମାଧମକୁ କଡେଇ ନେଇଥାଏ ।

**Etymology.** ଏହା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଶବ୍ଦର ଅଧ୍ୟୟନ ଦ୍ୱାରା ତାହାର ପ୍ରକ୍ରୁତ ଅର୍ଥକୁ ସଠିକ ଭାବରେ ବୁଝିବାକୁ ଚେଷ୍ଟା କରାଯାଇ ଥାଏ । କିନ୍ତୁ ଯେତେବେଳେ ବ୍ୟାଖ୍ୟା ସମୟରେ ଏହି ପ୍ରଣାଳୀକୁ ଗୁରୁତ୍ୱ ନ ଦେଇ ଏହି ଶବ୍ଦର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇ ଥାଏ ।

**Exegesis.** ଏହା ଏକ ନିର୍ଦ୍ଦିଷ୍ଟ ଅଧ୍ୟାୟର ବ୍ୟାଖ୍ୟା ନିମନ୍ତେ ଏକ ପ୍ରଣାଳୀ ଅଟେ । ଏହାର ଅର୍ଥ (ବାକ୍ୟ ଭିତରୁ) "ଅର୍ଥ ଖୋଜି ବାହାର କରିବା" ଓ ଐତିହାସିକ ଲେଖାଶୈଳୀ, ଲିଖିତ ପୃଷ୍ଟଭୂମି ଓ ବ୍ୟାକରଣଗତ ବ୍ୟବହାର ଦ୍ୱାରା ସେହି ପ୍ରକ୍ରୁତ ଲେଖକଙ୍କର ଉଦ୍ଦେଶ୍ୟକୁ ବୁଝିବା ନିମନ୍ତେ ଚେଷ୍ଟା କରିବା ।

**Genre.** ଏହା ଏକ ଫ୍ରାନ୍ସ ଭାଷର ଶବ୍ଦ ଅଟେ, ଯାହା ବିଶେଷ ପ୍ରକାରର ଲେଖା ଶୈଳୀକୁ ବୁଝାଇ ଥାଏ । ଏହାର ଉଦ୍ଦେଶ୍ୟ ଏହି ଲେଖାର ଚରିତ୍ରକୁ ବୁଝିବା ଓ ବ୍ୟାଖ୍ୟା ନିମନ୍ତେ ବିଭାଜନ କରିବା ଅଟେ । ଏହାର କେତେକ ଲେଖାଶୈଳୀ ହେଲା, ଐତିହାସିକ ଗଳ୍ପ, ପଦ୍ୟ, ଲୋକବାଣୀ ଓ ଶେଷ ସମୟର ଲେଖା ।

**Gnosticism**. ଅନେକ ପ୍ରକାରର ଭୁଲ ଶିକ୍ଷା ଓ ଚିନ୍ତାଧାରା ଏହି ଦ୍ୱୀତିୟ ଶତାବ୍ଦିର ଲେଖାରୁ ଆସିଅଛି, କିନ୍ତୁ ଏଥି ସମ୍ବନ୍ଧିୟ ସୁଚନା ପ୍ରଥମ ଶତାବ୍ଦୀରୁ ରହିଥିଲା । କେତେକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଦ୍ୱିତିୟ ଶତାବ୍ଦିରେ Valentian and Cerinthian Gnosticism ଦ୍ୱାରା ଦେଖିବାକୁ ମିଳେ, (୧) ଆତ୍ମା ଓ ଶରିର ଅନନ୍ତ ସ୍ଥାୟୀ ଓ ଆତ୍ମା ଉତ୍ତମ ଓ ଶରିର ମନ୍ଦ ଅଟେ ବୋଲି ବିଚାର କରାଯାଉ ଥିଲା, ଓ ସିଧାସଳଖ ଭାବରେ ଏହି ମନ୍ଦ ଶରିରକୁ ଉତ୍ତମ କରାଯାଇ ପାରିବ ନାହି । (୨) ଇଶ୍ୱର ଓ ଶରିର ମଧ୍ୟରେ (*eons* ଦୁତମାନଙ୍କର ଏକ ସ୍ତର ରହିଅଛି), ଶେଷରେ ପୁରାତନ ନିୟମର, ଯିହୋବା ଯେ ଏହି ପୃଥିବି (*kosmos*) ସୃଷ୍ଟି କରିଥିଲେ । (୩) ଯୀଶୁ ଯିହୋବାଙ୍କ ସଦୃଶ୍ୟ ଜଣେ ବ୍ୟକ୍ତିଥିଲେ, କିନ୍ତୁ ଉଚ୍ଚ ଓ ଇଶ୍ୱରଙ୍କ ନିକଟବର୍ତ୍ତୀ ଥିଲେ । କେତେକ ତାହାକୁଂ ଉଚ୍ଚସ୍ଥାନ ଦିଅନ୍ତି, କିନ୍ତୁ ଦେହବନ୍ତ ଇଶ୍ୱର ଭାବରେ ନୁହେ (ଯୋହନ ୧:୧୪) । କାରଣ ଶରିର ମନ୍ଦ ଅଟେ, ଏଣୁ ଯୀଶୁଙ୍କର ମାନବିକତାକୁ ସେମାନେ ଗ୍ରହଣ କରୁନ ଥିଲେ । ସେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିର ଛାୟା ମାତ୍ର (ଯୋହନ ୧:୧-୩; ୪:୧-୬) । (୪) ଉଦ୍ଧାର ନିମନ୍ତେ ଯୀଶୁଙ୍କ ଠାରେ ବିଶ୍ୱାସ ଓ ଏକ ପ୍ରକାରର ବିଶେଷ ଜ୍ଞାନର ସୁଧା ଆବଶ୍ୟକତା ରହିଅଛି, ଓ ତାହା ଏକ ବିଶେଷ ବ୍ୟକ୍ତିଙ୍କ ପାଖରେ ମିଳେ ବୋଲି ବିଶ୍ୱାସ କରନ୍ତି । ଜ୍ଞାନ ଯାହାକି ତାହାର ଏକ (ରହସ୍ୟ) ଓ ଯିହୁଦୀ ମାନଙ୍କର ରିତିନିତି ପାଳନର ସୁଧା ଆବଶ୍ୟକତା ରହିଅଛି ବୋଲି କୁହାଯାଏ ।

ଏହି ଭ୍ରାନ୍ତ ଶିକ୍ଷକ ମାନେ ଦୁଇଗୋଟି ବିଷୟରେ ବିରୋଦ୍ଧିଭାବ କରନ୍ତି, (୧) କେତେକ ନିର୍ଦ୍ଦିଷ୍ଟ ଜିବନର ଶୈଳୀକୁ ସେମାନେ ପ୍ରାଧାନ୍ୟ ଦେଉଥିଲେ, ଓ ଏକ ନିର୍ଦ୍ଦିଷ୍ଟ ଜ୍ଞାନ ଯାହାକି ତାହାର ଏକ (ରହସ୍ୟ) ଓ ଦୁତ ମାନଙ୍କର(*eons*) ଆବଶ୍ୟକତା ରହିଅଛି ବୋଲି କହୁଥିଲେ । (୨) ଅନ୍ୟକେତେକ ଲୋକ କୁଶଳ ଜିବନ ଯାପନ ଓ ଆତ୍ମସଂଜମ ଉଦ୍ଧାର ନିମନ୍ତେ ଆବଶ୍ୟକ ବୋଲି କହୁଥିଲେ ।

**Hermeneutics.** ଏହି ପ୍ରକ୍ରିୟା ବାକ୍ୟର ସଠିକ ବିଭାଜନକୁ କଡାଇ ନେଇଥାଏ, ଏହା ଏକ ପ୍ରକାରର ନିର୍ଦ୍ଦିଷ୍ଟ ପ୍ରଣାଳୀ ଯାହା ଅତି ସାହାଯ୍ୟ ପ୍ରଦ ହୋଇଥାଏ । ଏହି ପ୍ରକ୍ରିୟା ଦୁଇ ଭାଗରେ ବିଭକ୍ତ ହୋଇଥାଏ, ଯଥା ସର୍ବ ସାଧାରଣ ଭାବେ ଓ ନିର୍ଦ୍ଦିଷ୍ଟ ଭବେ । ଏହା ବାଇବଲ ମଧ୍ୟରେ ଦେଖାଯାଉ ଥିବା ବିଭିନ୍ନ ପ୍ରକାରର ଲେଖାକୁ ଦର୍ଶାଇ ଥାଏ । ନିର୍ଦ୍ଦିଷ୍ଟ ଲେଖା ଶୈଳୀର ଭିନ୍ନ ଭିନ୍ନ ପଦ୍ଧତି ରହିଅଛି, କିନ୍ତୁ ବ୍ୟାଖ୍ୟା ସମୟରେ ଏହା କେତେକ ସାଧାରଣ ସତ୍ୟତାରେ ସହମତ ହୋଇଥାଏ ।

**Higher Criticism**. ଏହି ପଦ୍ଧତି ବାଇବଲର ନିର୍ଦ୍ଦିଷ୍ଟ ପୁସ୍ତକର ବ୍ୟାଖ୍ୟାର ଐତିହାସିକ ଓ ନିର୍ଦ୍ଦିଷ୍ଟ ଲେଖା ଶୈଳୀ ଉପରେ ଧ୍ୟାନ ଦେଇ ଥାଏ ।

**Inductive.** ଏହା ଏକ କୈଶଳ ଓ ଯୁକ୍ତିବାଦ ପ୍ରଣାଳୀ ଯାହା ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ସମ୍ପୁର୍ଣ୍ଣକୁ ଗତିକରି ଥାଏ । ଏହା ଆଧୁନିକ ଯୁଗର ଏକ ପରିଚିତ ପ୍ରଣାଳୀ ଅଟେ ଓ ଆରିଷ୍ଟୋଟେଲ ଏହାକୁ ବ୍ୟବହାର କରିଥିଲେ ।

**Interlinear.** ଯୋଉମାନେ ପ୍ରକ୍ରୁତ ଭାଷାକୁ ବୁଝି ପାରନ୍ତି ନାହି, ସେମାନଙ୍କ ନିମନ୍ତେ ଏହା ତାହାର ଅର୍ଥ ଓ ଗଠନ ପ୍ରଣାଳୀ ବୁଝିବାରେ ଅତି ମାତ୍ରାରେ ସାହାଯ୍ୟ କରିଥାଏ । ଏହା ପ୍ରକ୍ରୁତ ଭାଷାର ପ୍ରତ୍ୟକ ସମାନ ଶବ୍ଦକୁ ଦେଖାଇ ଥାଏ । ଏହ ଅନ୍ୟ ଏକ "ବିପରିତ ଭାବପ୍ରଦ ଟୀକା" ଦ୍ୱାରା ସାଧାରଣ ଅର୍ଥ ପ୍ରକାଶ କରିଥାଏ ।

**Language of description.** ଏହା ପୁରାତନ ନିୟମର ରୁଢୋକ୍ତିର ବ୍ୟବହାରକୁ ବୁଝାଏ । ଏହା ଏକ ପ୍ରକାରର ବ୍ୟଗାଂତ୍ମକ ଭାଷା ବ୍ୟବହାର କରି ଏହାର ବାର୍ତ୍ତାକୁ ବୁଝାଏ, କୈଣସି ବୈଜ୍ଞାନିକ ବର୍ଣନା ନୁହେ ।

**Legalism.** ଏହା ଅତ୍ୟଧିକ ଗୁରୁତ୍ୱ ଦିଆଯାଇ ଥିବା ନିୟମ କିମ୍ବା ରିତିନିତିକୁ ବୁଝାଇ ଥାଏ, ଏହା ଇଶ୍ୱରଙ୍କର ଠାରେ ଗ୍ରହଣିୟ ହେବା ନିମନ୍ତେ ଇଶ୍ୱରଙ୍କ ଉପରେ ଭରସା ନ କରି, ମାନବ ଜାତିର କାର୍ଯ୍ୟ ଓ ନିତିନିୟମ ଉପରେ ନିର୍ଭର କରେ । ଏହା ଇଶ୍ୱଙ୍କ ସହିତ ସମ୍ପର୍କକୁ ବିନ୍ଧାକରି ମାନବ ଜାତିର କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଥାଏ, କିନ୍ତୁ ଉଭୟ ଏକ ଚୁକ୍ତି ଓ ଇଶ୍ୱରଙ୍କ ସହିତ ଥିବା ନିୟମ ଇଶ୍ୱର ଓ ପାପି ମାନବ ନିମନ୍ତେ ଗୁରୁତ୍ୱପୁର୍ଣ ଅଟେ ।

**Lower criticism.** "ପାଠ୍ୟଗତ ସମାଲୋଚନା" ଦେଖ ।

**Masoretic Text.** ଏହା ଖ୍ରୀ ପୂ ନବମ ଶତାବ୍ଦୀକୁ ଦର୍ଶାଇ ଥାଏ, ଏହି ସମୟରେ ଏବ୍ରୀୟ ଲେଖାରେ ଅନେକ ପୁରାତନ ନିୟମର ଯିହୁଦୀୟ ବିଜ୍ଞ ମାନେ ଅନେକ ପୁସ୍ତକ ଲେଖିଥିଲେ । ଏହା ଆମ୍ଭର ଏହି ଇଂରାଜୀ ପୁସ୍ତକର ଲେଖା ନିମନ୍ତେ ପ୍ରାଥମିକ ଉତ୍ସ ଅଟେ ।

**Metonymy.** ଏହା ଅନ୍ୟ ସହିତ ଜଡିତ ବସ୍ତୁକୁ ପ୍ରକାଶିତ କରିବା ନିମନ୍ତେ ଏହା ଏକ ବ୍ୟଗାଂତ୍ମକ ଭାଷାର ବ୍ୟବହାର ଅଟେ, ଏହର ଏକ ଉଦାହରଣ, "ପାଣିପାତ୍ରଟି ଫୁଟୁଅଛି", ଏହାର ଅର୍ଥ "ପାତ୍ରରେ ଥିବ ପାଣି ଫୁଟୁଅଛି" ।

**Muratorian Fragments.** ନୁତନ ନିୟମର ଅନୁପ୍ରେରିତ ପୁସ୍ତକ ସମୁହର ଏକ ତାଲିକା ଅଟେ, ଏହା ରୋମରେ ଖ୍ରୀ ପୂ ୨୦୦ରେ ଲେଖାଯାଇ ଥିଲା । ଏହା ପ୍ରୋଟେଷ୍ଟାନଙ୍କ ଭଳି ନୁତନ ନିୟମର ସତେଇଶ ଗୋଟି ପୁସ୍ତକ ପ୍ରଦାନ କରିଥାଏ । ଏହା ଚତୁର୍ଥ ଶତାବ୍ଦୀ ମଣ୍ଡଳୀ ପରିଷଦ ପୁର୍ବରୁ ଏହାକୁ ରୋମିୟ ସରକାର ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଅନୁପ୍ରେରିତ ପୁସ୍ତକକୁ "ପାଳନ କରିବା ନିମନ୍ତେ", ଅଲଗା କରାଯାଇ ଥିଲା ।

**Nestorianism.** ପଚଂମ ଶତାବ୍ଦୀରେ ନେଷ୍ଟୋରିଅସ କନଷ୍ଟାଣ୍ଟିନେପୋଲଙ୍କର ଜଣେ ମୁଖ୍ୟ ପୁରୁଷ ଥିଲେ, ସେ ସିରିଆର ଆନ୍ତିଓଖିଆରେ ଶିକ୍ଷା ଗ୍ରହଣ କରିଥିଲେ ଓ ସେ ଯୀଶୁଙ୍କର ସମ୍ପୁର୍ଣ ମନୁଶ୍ୟତ୍ୱ ଓ ଐଶ୍ୱରିକ ଚରିତ୍ରକୁ ସ୍ୱୀକୃତି ପ୍ରଦାନ କରିଥିଲେ । ପରବର୍ତ୍ତି ସମୟରେ ଏହାକୁ ଅନ୍ୟମାନେ ଗୁରୁତ୍ୱ ଦେଇଥିଲେ । ଏହର ଏକ ଅନ୍ୟ ସମସ୍ୟା ମେରୀଙ୍କୁ "ଇଶ୍ୱରଙ୍କର ମାତା" ବୋଲି ପ୍ରକାଶ କରିବା । ଏଥି ସକାଶୁ ନେଷ୍ଟୋରିଅସଙ୍କୁ ଆଲେକଜ୍ୟାଣ୍ଡରର ସିରିଲ ପ୍ରତିରୋଧ କରିଥିଲେ ଓ ଏହାର ପ୍ରତିବଦଳରେ ସେ ଆନ୍ତିଓଖିଆରେ ଏକ ଶିକ୍ଷା କେନ୍ଦ୍ର ଆରମ୍ଭ କରିଥିଲେ, ଯାହା ବାଇବଲ ବ୍ୟାଖ୍ୟାର ଐତିହାସିକ,, ବ୍ୟାକରଣାତ୍ମକ, ଓ ଲେଖାର ଏକ ମୁଖ୍ୟ କେନ୍ଦ୍ର ଥିଲା, କିନ୍ତୁ ଆଲେକଜ୍ୟାଣ୍ଡର (ବ୍ୟଗାଂତ୍ମକ) ବ୍ୟାଖ୍ୟାର ଏକ କେନ୍ଦ୍ର ଥିଲା । ପରେ ନେଷ୍ଟୋରିଅସଙ୍କୁ ତାହାଙ୍କ କାର୍ଯ୍ୟାଳୟରୁ ବାହାର କରାଯାଇ ଥିଲା ।

**Original author**. ଏହା ଧର୍ମଗ୍ରନ୍ଥର ପ୍ରକୃତ ଲେଖକଙ୍କୁ ବୁଝାଇ ଥାଏ ।

**Papyri.** ଏହା ମିଶର ଦେଶର ଏକ ଲେଖା ସାମଗ୍ରୀ ଅଟେ, ଏହା ନଦୀର ଏକ ଗଛରୁ ପ୍ରସ୍ତୁତ କରାଯାଏ । ଏହି ସାମଗ୍ରୀରେ ଗ୍ରୀକ ନୁତନ ନିୟମର ପୁରୁଣା ଲିପି ଲେଖା ଯାଇଥିଲା ।

**Parochialism.** ଏହା ସ୍ଥାନିୟ କଳା ଓ ବାଇବଲ ଶିକ୍ଷା ସହିତ ଜଡିତ ଅଟେ । ଏହା ଅନ୍ୟ କୈଣସି ସାମାଜିକ ନିତି ନିୟମକୁ ସ୍ୱାଗତ କରେ ନାହି ଓ ବାଇବଲ ଭିତିକ ସତ୍ୟତା ଓ ଶିକ୍ଷାରେ ଯୋଗ କରେ ନାହି ।

**Proof-texting**. ଏହା ଏକ ଶବ୍ଦକୁ ଏହାର ପ୍ରସଂଗ ଓ ଲେଖା ଶୈଳୀରୁ ବାହାର କରି ନିଜ ମତ୍ତ ଅନୁସାରେ ବ୍ୟାଖ୍ୟା କରିବା ଅଟେ । ଏହା ସେହି ବାକ୍ୟର ପକ୍ରୁତ ଲେଖକଙ୍କ ଉଦ୍ଦେଶ୍ୟକୁ ନ ବିଚାରି ନିଜର ବ୍ୟକ୍ତିଗତ ମନ୍ତବ୍ୟକୁ ପ୍ରମାଣ କରିବାକୁ ଚେଷ୍ଟା କରାଯାଇ ଥାଏ ।

**Rabbinical Judaism**. ବେବିଲୋନର ନିର୍ବାସନ ପରେ (୫୮୬-୫୩୮) ଯିହୁଦୀ ଲୋକମାନଙ୍କର ଜୀବନ ଯାପନ ଆରମ୍ଭ ହୋଇଥିଲା । ଯେହେତୁ ଯାଜକ, ମନ୍ଦିର ଓ ସମାଜଗୃହ ସବୁ ବନ୍ଦ ଥିବା ସକାଶୁ ଏହା ଯୀହୁଦି ମାନଙ୍କର ଜୀବନ ଶୈଳୀ ଉପରେ ପ୍ରଭାବ ପକାଇ ଥିଲା । ଏହି ଯିହୁଦୀ ମାନଙ୍କର ରିତିନିତି, ସହଭାଗିତା, ଉପାସନା ଓ ବାଇବେଲ ଶିକ୍ଷା, ଆଧ୍ୟାତ୍ମିକ ଜୀବନ ଯାପନ ଉପରେ ପ୍ରଭାବ ପକାଇ ଥାଏ ।

**Semantic field.** ଏହା ଶବ୍ଦ ସହିତ ଜଡିତ ସମସ୍ତ ବିଷୟକୁ ପ୍ରକାଶ କରିଥାଏ, ଓ ଏହାର ଏକ ସ୍ୱତନ୍ତ୍ର ପ୍ରକାରର ଅର୍ଥ ଓ ଭାବ ପ୍ରକାଶ କରିଥାଏ ।

**Septuagint.** ଏହା ଏବ୍ରୀୟ ପୁରାତନ ନିୟମର ଗ୍ରୀକ ଅନୁବାଦ ଅଟେ । ଅନେକ ପରମ୍ପରା ଏହା କୁହନ୍ତି ଯେ, ଏହା ସତୁରି ଜଣ ଯିହୁଦୀ ବିଦ୍ୱାନ ମାନଙ୍କ ଦ୍ୱାରା ସତୁରି ଦିନରେ ମିଶର ଆଲେକଜ୍ୟାଣ୍ଡରଙ୍କ ପୁସ୍ତକାଳୟ ନିମନ୍ତେ ଲେଖା ଯାଇଥିଲା । ଏହାର ଅନୁବାଦର ତାରିଖ ୨୫୦ ଖ୍ରୀ.ଅ ରେ ଅଟେ (କିନ୍ତୁ ଏହା ସତରେ ଏହା ଏକ ଶହ ବର୍ଷରୁ ଅଧିକ ଲାଗିଥିଲ) । ଏହା ଅତି ଗୁରୁତ୍ୱପୁର୍ଣ ଅଟେ କାରଣ, (୧) ଏହା ପ୍ରାଚୀନ ଲେଖାକୁ ମାସୋରାଇଟ ମାନଙ୍କର ଲେଖା ସହିତ ତୁଳନା କରିବାକୁ ସାହାଯ୍ୟ କରିଥାଏ । (୨) ଏହା ଖ୍ରୀପୁ, ତୃତିୟ ଓ ଦ୍ୱୀତିୟ ଶତାବ୍ଦିର ଯୀହୁଦି ମାନଙ୍କର ଅନୁବାଦ ବିଷୟରେ ଅନେକ ଶିକ୍ଷା ପ୍ରଦାନ

କରିଥାଏ । (୩) ଏହା ଯୀହୁଦି ମାନକଂର ଯୀଶୁଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରିବା ପୁର୍ବରୁ, ତାହାକଂ ବିଷୟରେ ଥିବା ଜ୍ଞାନ ବିଷୟରେ ଶିକ୍ଷା ପ୍ରଦାନ କରେ । ଏହାର ସଂଜ୍ଞା ହେଲା, "LXX"।

**Sinaiticus.** ଏହା ଖ୍ରୀ ଅ ଚତୁର୍ଥ ଶତାବ୍ଦିର ଏକ ଲେଖା ଅଟେ, ଏହା ଜର୍ମାନୀର ପଣ୍ଡିତ Tischendorf, ସିନୋୟ ପର୍ବତର କ୍ୟାଥରିନ ଆଶ୍ରମରେ ମିଳିଥିଲା । ଏହା ଏବ୍ରିୟ ଭାଷାର ଅକ୍ଷର "*aleph*" [ א] ଅନୁସାରେ ସଜାଯାଇ ଅଛି । ଏଠାରେ ପୁରାତନ ଓ ନୂତନ ନିୟମ ରହିଅଛି । ଏହା ପୁରାତନ କାଳର MSS ଅଟେ ।

**Spiritualizing.** ଏହା ମଧ୍ୟ ରୁପକ ବା ତୁଳନାତ୍ମକ ବ୍ୟାଖ୍ୟା ସହିତ ସମାନ ଅଟେ, ଏହା ବ୍ୟାଖ୍ୟା ସମୟରେ ଐତିହାସିକ ଓ ଲେଖା ଶୈଳୀ ଓ ପ୍ରସଂଗକୁ ଧ୍ୟାନ ଦିଆଯାଇ ନ ଥାଏ, କିନ୍ତୁ ନିଜ ଇଛା ମୁତାବକ ବ୍ୟାଖ୍ୟା କରାଯାଇ ଥାଏ ।

**Systematic theology.** ଏହା ବାକ୍ୟର ସତ୍ୟତାକୁ ଯୁକ୍ତିଯୁକ୍ତ ଭାବରେ ପ୍ରକାଶ କରିବା ନିମନ୍ତେ ଚେଷ୍ଟା କରିଥାଏ, ଏହା ଯୁକ୍ତିଯୁକ୍ତ ସହିତ, ଐତିହାସିକ ବିଷୟକୁ ଆଖି ଆଗରେ ରଖି ଖ୍ରୀଷ୍ଟିୟାନ ଶିକ୍ଷାକୁ ବିଭିନ୍ନ ଭାଗରେ ପ୍ରକାଶ କରିଥାଏ, (ଇଶ୍ୱର, ମନୁଶ୍ୟ, ପାପ ଓ ଉଦ୍ଧାର) ।

**Talmud.** ଏହା ଯୀହୁଦିୟ ମାନକଂର ମୈଖିକ ଶିକ୍ଷାର ପ୍ରଥାକୁ ବୁଝାଇ ଥାଏ, ଯିହୁଦୀ ଲୋକମାନେ ମୋଶାଙ୍କୁ ସିୟୋନ ପର୍ବତରେ ଇଶ୍ୱରକଂ ବାକ୍ୟ ମୈଖିକ ଭାବରେ ଦିଆଯାଇ ଥିଲା ବୋଲି ବିଶ୍ୱାସ କରନ୍ତି । ଏଠାରେ ଅନେକ ବର୍ଷର ଯୀହୁଦି ଶିକ୍ଷକ ମାନକଂର ଜ୍ଞାନ ଓ ଶିକ୍ଷାର ଏକ ସଂଗ୍ରହିତ ହୋଇ ରହିଥାଏ । ଏହା ଦୁଇ ପ୍ରକାରେ ଦେଖାଯାଏ, ବେବିଲୋନ ଓ ପାଲେଷ୍ଟାଇନ ମାନକଂର ।

**Textual criticism**. ଏହା ବାଇବଲର ଲେଖା ବିଷୟରେ ଏକ ଅଧ୍ୟୟନ ଅଟେ, ଏହି ଅଧ୍ୟୟନ ଅତି ଜରୁରି ଅଟେ, କାରଣ ବର୍ତମାନ କୈଣସି ପ୍ରକ୍ରୁତ ଲେଖା ଆମ ପାଖରେ ଉପଲବ୍ଧ ନୁହେ, ଓ ରହିଥିବା ଲେଖା ସବୁ ପରସ୍ପର ଠାରୁ ସମ୍ପୁର୍ଣ ଅଲଗା ଅଟେ । ଏହା ପୁରାତନ ଓ ନୂତନ ନିୟମର ପ୍ରକ୍ରୁତ ଲେଖା ଓ ତାହା ମଧ୍ୟରେ ଥିବା ବିଭିନ୍ନତାକୁ ବୁଝିବାରେ ସାହାଯ୍ୟ କରିଥାଏ ଓ (ଯେତେ ପରିମାଣରେ) ତାହାର ପ୍ରକ୍ରୁତ ଲେଖାର ନିକଟବର୍ତି ହେବାରେ ସାହାଯ୍ୟ କରିଥାଏ । ଏହା ଅନେକ ସମୟରେ "ନିମ୍ନ ସ୍ତରିୟ ସମାଲୋଚନା" ବୋଲି କୁହାଯାଏ ।

**Textus Receptus.** ଏହା ଏଲଜେଭରକଂ ଗ୍ରୀକ ନୁତନ ନିୟମ ଖ୍ରୀ ଅ ୧୬୩୩ ବିଶିତ ହୋଇଥିଲା । ଇରାସମୁସ, (୧୫୧୦-୧୫୩୫) ,ଷ୍ଟିପାନ (୧୫୪୬-୧୫୫୯) ଓ ଏଲଭିର (୧୬୨୪-୧୬୭୮) କେତେକ  ଗ୍ରୀକ ନୁତନ ନିୟମର ଶବ୍ଦ ଓ  କେତେକ ଗ୍ରୀକ ଲେଖାଶୈଳୀ ଓ ଲାଟିନ ଭାଷ୍ରେ ଅଟେ । *An Introduction to the Textual Criticism of the New Testament*, p. 27, ରେ ଏ ଟି ରୋବର୍ଟସ୍ନ କୁହନ୍ତି, "ଏହି ବାଜନଣ୍ଟାଇନ ଲେଖା ହି ସତ୍ୟ ଅଟେ", ଏହା ଏହି ତିନି ପରିବାର ମଧ୍ୟରେ ମୁଲ୍ୟବାନ ଓ ପ୍ରାଚୀନ ଅଟେ (ପଶ୍ଚିମ, ଆଲେକଜ୍ୟାଣ୍ଡର ବାଇଜାଇନଣ୍ଟାଇନ) । ଏଥିରେ ଅନେକ ବର୍ଷର ଭୁଲ ସବୁ ରହିଅଛି, କିନ୍ତୁ ଏହି ଲେଖା ଶିଳ୍ପିକୁ "ଅନେକ ପ୍ରକାରେ ସଂଗ୍ରହ କରି ରଖାଯାଇ ଅଛି" (ପୃ. ୨୧) । ଗ୍ରୀକ ଲେଖା ଅନୁସାରେ  (ଇରାସମସକଂର ୩ୟ ପୁସ୍ତକ ୧୫୨୨) ଠାରୁ ପୁରାତନ ବାକ୍ୟ ପର୍ଯ୍ୟନ୍ତ ରହିଅଛି, ଓ ଏହା ଖ୍ରୀଅ ୧୬୧୧ରୁ ଅହିଅଛି ।

**Torah.** ଏହା ଏବ୍ରିୟ ଭାଷାରେ "ଶିକ୍ଷାକୁ" ବୁଝାଏ, ଏହା ମୋଶାକଂର ପ୍ରଥମ ପାଚଂଗୋଟି ପୁସ୍ତକକୁ ଅର୍ଥାତ (ଆଦିପୁସ୍ତକରୁ ଦ୍ୱିତିୟ ବିବରଣୀ)କୁ ବୁଝାଏ । ଏହା ଯୀହୁଦି ମାନକଂ ନିମନ୍ତେ ଅତି ଅଧିକାର ଯୁକ୍ତ ବାକ୍ୟ ଅଟେ ।

**Typological.** ଏହା ଏକ ସ୍ୱତନ୍ତ୍ର ଧରଣର ଅନୁବାଦ ଅଟେ, ଏହା ପୁରାତନ ନିୟମର ବାକ୍ୟ ଯାହା ନୁତନ ନିୟମରେ ଆଂଶିକ ଭାବରେ ଦେଖିବାକୁ ମିଳେ । ଏହା ଆଲେକଜ୍ୟାଣ୍ଡରକଂର ଏକ ଅତି ଗୁରୁତ୍ୱପୁର୍ଣ ଅଦ୍ଧତି ଅଟେ । କିନ୍ତୁ ଏହାର ଅନେକ ମାତ୍ରାରେ ଅପବ୍ୟବହାର ସକାଶୁ, ଏହାର ବ୍ୟବହାରକୁ ନୁତନ ନିୟମରେ ରୋକାଯାଇ ଥିଲା ।

**Vaticanus.** ଏହା ଚତୁର୍ଥ ଶତାବ୍ଦିର ଗ୍ରୀକ ଲେଖା ଅଟେ, ଏହା ଭାଟିକାନରୁ ଉଦ୍ଧାର କରାଯାଇ ଥିଲା, ଏଠାରେ ପୁରାତନ ଓ ନୁତନ ନିୟମ, ଓ ଆପୋକ୍ରେଫା ର କିଛି ଅଂଶ ଲେଖା ରହିଥିଲା । କେତେକ ଅଂଶ ଆମ୍ଭେମାନେ ହରାଇ ଅଛୁ (ଆଦି ପୁସ୍ତକ, ଗୀତସଂହିତା, ଏବ୍ରି, ଓ ପାଳକିୟ ପୁସ୍ତକ, ଫିଲିମୋନ ଓ ପ୍ରକାଶିତ) । ଏହା ପ୍ରକ୍ରୁତ ଲେଖାର ଶବ୍ଦକୁ ପରକ୍ଷିବା ନିମନ୍ତେ ଅତି ସାହାଯ୍ୟ କରିଥିଲା । ଏହା କୁ "D" ବୋଲି କୁହାଯାଏ ।

**Vulgate.** ଏହା ଯେରୋମକଂ ଦ୍ୱାରା ଲିଖିତ ଲାଟିନ ଭାଷାର ବାଇବଲ ଅଟେ, ଏହା ରୋମାନ କ୍ୟାଥଲିକ ମାନକଂ ନିମନ୍ତେ ଅତି "ସାଧାରଣ" ଅନୁବାଦର ଆଧାର ଥିଲା । ଏହା ଖ୍ରୀ ଅ ୩୮୦ରେ ଅନୁବାଦ କରାଯାଇ ଥିଲା ।

**Wisdom literature.** ପ୍ରାଚୀନ ଶତାବ୍ଦିର (ଆଧୁନିକ ଯୁଗର) ଏହା ଏକ ସାଧାରଣ ଲେଖାଶୈଳୀ, ଏହା ପଦ୍ୟ, ଉପଦେଶ, ରଚନା ମାଧ୍ୟମରେ ନୁତନ ଯୁଗର ଲୋକମାନକଂ ନିମନ୍ତେ ଯାହା ଉତ୍ତମ ଓ ସଫଳ ଜିବନ ଯାପନ ନିମନ୍ତେ ଏକ ପ୍ରକାରର ପଥ ପ୍ରଦର୍ଶକ ଅଟେ । ଏହା ସମାଜ ଠାରୁ ବ୍ୟକ୍ତି ବିଶେଷକୁ ଅତି ମାତ୍ରାରେ ଜଣାଇ ଥାଏ । ଏହା ସଂକେତ ବ୍ୟବହାର ନ କରି, ଜୀବନର ଅଭିଜ୍ଞତାରୁ ଶିକ୍ଷା ପ୍ରଦାନ କରିଥାଏ । ବାଇବଲ ମଧ୍ୟରେ, ଆୟୁବ, ପରମଗୀତ ଏହି

ଲେଖାର ଅନ୍ତର୍ଭୁକ୍ତ ଅଟେ, ଏହା ଯିହୋବାଙ୍କର ଉପାସନା ନିମନ୍ତେ ଅଟେ, କିନ୍ତୁ ଏହି ଜଗତର ଲୋକମାନଙ୍କର ଚିନ୍ତା ଓ ଦୃଷ୍ଟିକୋଣ ସବୁ ସମୟରେ ସମାନ ନ ଥାଏ।

ଏକ ଲେଖା ଭାବରେ ଏହା ସତ୍ୟତାକୁ ପ୍ରକାଶ କରିଥାଏ, କିନ୍ତୁ ଏହା ସମସ୍ତ ପ୍ରକାରର ଅବସ୍ଥାରେ ବ୍ୟବହାର କରାଯାଇ ପାରିବ ନାହିଁ। ଏଠାରେ କେତେକ ସର୍ବସାଧାରଣ କଥା ରହିଅଛି, ଯାହା ସମସ୍ତଙ୍କ ନିମନ୍ତେ ସର୍ବଦା ଉପଯୋଗି ନୁହେ।

ଏହା ଜୀବନର ସତ୍ୟତା ବିଷୟରେ କଠିନ ପ୍ରଶ୍ନ ପଚାରି ଥାଏ, ଓ ଏହା ରିତିନିତି ଓ ଧାର୍ମିକ ଚିନ୍ତାଧାରାକୁ ଅନେକ ସମୟରେ ଏକ ପ୍ରଭାଭିତ କରିଥାଏ ଯାହାକି (ଆୟୁବ ଓ ଉପଦେଶକ) ପୁସ୍ତକରେ ଦେଖିବାକୁ ମିଳେ। ସେମାନେ ଜଟିଳ ଓ କଠିନ ଜିବନର ସମସ୍ୟାର ଏକ ଉପଯୁକ୍ତ ଉପାୟ ବାହାର କରନ୍ତି।

**World picture and world view.** ଏହା ପରସ୍ପର ଜଡିତ ଅଟେ, ଏହି ଦୁଏଶବ୍ଦ ସୃଷ୍ଟିର ଏକ ଦାର୍ଶନିକବାଦ ଶବ୍ଦ ଅଟେ। "ପୃଥିବିର ଛବି" "କିପରି" ଅର୍ଥକୁ ବୁଝାଏ ଓ "ପୃଥିବିର ଦୃଶ୍ୟ" "କିଏ" ଅର୍ଥକୁ ବୁଝାଏ। ଏହି ଶବ୍ଦ ସମୁହ ବିଶେଷତଃ ଆଦିପୁସ୍ତକ ୧-୩ ଅଧ୍ୟାୟକୁ ବୁଝିବାରେ ସାହାଯ୍ୟ କରେ ଓ ଏହା ବିଶେଷତଃ ସୃଷ୍ଟିର, କିଏ ଶବ୍ଦର ଉତ୍ତର ଦିଏ, କିପରି ନୁହେ।

# ଦ୍ୱୀତିୟ ପରିଶିଷ୍ଟ ବିଷୟ
# ପାଠ୍ୟଗତ ସମାଲୋଚନା

ଏହା ଟୀକାରେ ଦେଖାଯାଉ ଥିବା ପାଠ୍ୟଗତର ନିମ୍ନ ଭାଗରେ ଦେଖାଯାଉ ଥିବା ଟିପଣିକୁ ବୁଝାଇବାରେ ସାହାଯ୍ୟ କରିଥାଏ, ଏଥିପାଇ ନିମ୍ନ ଲିଖିତ ସାରଣୀ ସାହାଯ୍ୟ କରିଥାଏ,

I. ଇଂରାଜୀ ବାଇବଲର ପାଠ୍ୟ ଉତ୍ସ
   A. ପୁରାତନ ନିୟମ
   B. ନୁତନ ନିୟମ
II. ଏହି ସମସ୍ୟା ଓ "ନିମ୍ନସ୍ଥର ସମାଲୋଚନା" ଓ "ପାଠ୍ୟଗତ ସମାଲୋଚନା" ର ସିଦ୍ଧାନ୍ତର ଏକ ସଂକ୍ଷିପ୍ତ ବ୍ୟାଖ୍ୟାକରଣ
III. ଅତ୍ୟଧିକ ପଠନ ନିମନ୍ତେ ଦିଆଯାଇ ଥିବା ଉତ୍ସ

I. ଇଂରାଜୀ ବାଇବଲର ପାଠ୍ୟ ଉତ୍ସ
   A. ପୁରାତନ ନିୟମ
      1. ମାସୋରେଟିକ ପାଠ୍ୟ (MT)- ଏବ୍ରିୟ ବ୍ୟଞ୍ଜନ ବର୍ଣର ପାଠ୍ୟ ଶିକ୍ଷକ ଆକ୍ୟୁବାଙ୍କ ଦ୍ୱାରା ଖ୍ରୀଅ ୧୦୦ରେ ସ୍ଥାପନ କରିଥିଲେ। ସ୍ୱର ବର୍ଣର ଚିହ୍ନ, ପ୍ରାନ୍ତର ଟିପଣି, ବିରାମଚିହ୍ନ, ଓ ବିଭିନ୍ନ ପ୍ରକାରର ସଂଜ୍ଞା ସବୁ ଶଷ୍ଠ ଶତାବ୍ଦୀରେ ଯୋଗକରାଯିବାର ଆରମ୍ଭ ହୋଇଥିଲା ଓ ଖ୍ରୀଅ ନବମ ଶତାବ୍ଦୀରେ ଶେଷ ହୋଇଥିଲା। ଏହା ମାସୋରେଟ ନାମକ ଏକ ପରିବାର ଦ୍ୱାରା କରାଯାଇ ଥିଲା। ମିଶହ୍ନା, ତାଲମୁଡ, ଟାର୍ଗୁନ, ପେଶିଟା, ଓ ଭଲଗେଟରେ ଉପାୟ ବ୍ୟବହାର କରାଯାଇ ଥିଲା ସେହି ପରିବାର ଦ୍ୱାରା ତାହା ବ୍ୟବହାର କରାଯାଇ ଥିଲା।
      2. ସେପ୍ଟୁଜେଣ୍ଟ (LXX)- ପରମ୍ପରା ଅନୁସାରେ ଏହି ସେପ୍ଟୁଜେଣ୍ଟ ୭୦ ଜଣ ଯୀହୁଦିୟ ବୁଦ୍ଧୀଜିବି ମାନଙ୍କ ଦ୍ୱାରା ୭୦ ଦିନ ମଧ୍ୟରେ ରାଜା ଟୋଲେମିଙ୍କ (୨୮୫-୨୪୬ ଖ୍ରୀପୁ)ରେ ଆଲେକଜ୍ୟାଣ୍ଡର ପୁସ୍ତକାଳୟ ନିମନ୍ତେ ଏହା ରଚନା କରାଯାଇ ଥିଲା। ଏହା ଆଲେକଜ୍ୟାଣ୍ଡର ଏକ ଯୀହୁଦି ବିଜ୍ଞ ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ଅନୁବାଦ କରାଯାଇ ଥିଲା। ଏହି ଅନୁବାଦ "ଆରେଣ୍ଟିସଙ୍କ ଲେଖାରୁ" ଆସିଥିଲା, ଏହି LXX ଅତି ମାତ୍ରାରେ ଆକ୍ୟୁବା (MT) ଏବ୍ରିୟ ପାଠ୍ୟ ଠାରୁ ଅଲଗା ଥିଲା।
      3. ମୃତ ସାଗରର ଲେଖା (DSS)- ଏହି ମୃତ ସାଗରର ଲେଖାସବୁ ରୋମିୟ ମାନଙ୍କ ଦ୍ୱାରା (ଖ୍ରୀପୁ୨୦୦ ରୋ ଖ୍ରୀଅ ୭୦)ରେ ଲେଖାଯାଇ ଥିଲା, ଏହାକୁ ଯୀହୁଦି ମାନେ "ମର୍ମ ବା ମୁଖ୍ୟ" ବୋଲି ନାମ ଦେଇଅଛନ୍ତି। ଏହି ଏବ୍ରିୟ ମାନଙ୍କର ଲେଖା ମୃତସାଗରର ଅନେକ ପାର୍ଶ୍ୱରେ ଦେଖିବାକୁ ମିଳେ, ଏଣୁ ଏହି ପରିବାର ଏବ୍ରିୟ ଲେଖାର MT ଓ LXX ର ଉତ୍ସ ଅଟନ୍ତି।
      4. ଏହି ଲେଖା ମାନଙ୍କର ବିଶେଷ ତୁଳନା ପୁରାତନ ନିୟମର ବିଷୟରେ ବୁଝିବାକୁ ଓ ବ୍ୟାଖ୍ୟା କରିବାରେ ସାହାଯ୍ୟ କରିଥାଏ, ଏହାର ଉଦାହରଣ ହେଲା,
         a. LXX ସେପ୍ଟୁଜେଣ୍ଟ ଅନୁବାଦ କାରି ମାନଙ୍କୁ ଓ ବିଜ୍ଞ ବ୍ୟକ୍ତିଙ୍କୁ MT ବୁଝିବାରେ ସାହାଯ୍ୟ କରିଥାଏ
            (1) LXX ସେପ୍ଟୁଜେଣ୍ଟରେ ଯିଶାଇୟ ୫୨:୧୪, "ଯେପରି ଅନେକେ ତାହାଙ୍କ ବିଷୟରେ ଚମତ୍କୃତ ହେବେ"
            (2) MT ଲେଖା ଅନୁସାରେ, ଯିଶାଇୟ ୫୨:୧୪, "ଯେପରି ଅନେକେ ତୁମ ଠାରୁ ବିସ୍ମିତ ହେବେ"
            (3) ଯିଶାଇୟ ୫୨:୧୫ରେ ସର୍ବନାମ LXX ସେପ୍ଟୁଜେଣ୍ଟରେ ଏହାର ପାର୍ଥକ୍ୟ ସ୍ପଷ୍ଟଭାବରେ ଦେଖାଯାଏ
               (a) LXX ସେପ୍ଟୁଜେଣ୍ଟରେ, "ଏଣୁ ଅନେକେ ଦେଶସମୂହ ତାହାଙ୍କ ଠାରେ ଚମତ୍କୃତ ହେବେ"
               (b) MTରେ "ସେପରି ସେ ଅନେକ ଦେଶକୁ ଛିଟିଂବେ"
         b. ମୃତ ସାଗରର ଲେଖା (DSS) ଅନୁବାଦ କାରି ମାନଙ୍କୁ MT ବୁଝିବାରେ ସାହାଯ୍ୟ କରିଥାଏ
            (1) ମୃତ ସାଗରର ଲେଖା (DSS) ଅନୁସାରେ ଯିଶାଇୟ ୨୧:୮, "ପୁଣି ସେ ସିଂହତୁଲ୍ୟ ଉଚ୍ଚ ଶବ୍ଦକରି କହିଲା ମୁ ପ୍ରହରି ପରି ଦୁର୍ଗରେ ଠିଆ ହୋଇଥାଏ "
            (2) MTରେ ଯିଶାଇୟ ୨୧:୮ରେ ଏହିପରି ଲେଖା ଯାଏ, "ତହିରେ ମୁ ସିଂହ ତୁଲ୍ୟ ଉଚ୍ଚ ଶବ୍ଦ କରି କହିଲା, ହେ ପ୍ରଭୁ ମୁ ନିରନ୍ତର ପ୍ରହରୀ-ଦୁର୍ଗରେ ଠିଆ ହୋଇଥାଏ."
         c. ଉଭୟ ସେପ୍ଟୁଜେଣ୍ଟ (LXX) ଓ ମୃତ ସାଗରର ଲେଖା (DSS) ଯିଶାଇୟ ୫୩:୧୧କୁ ସ୍ପଷ୍ଟତା କରିଅଛି
            (1) ଉଭୟ ସେପ୍ଟୁଜେଣ୍ଟ (LXX) ଓ ମୃତ ସାଗରର ଲେଖା (DSS), "ପରେ ତାହାଙ୍କର ଯନ୍ତ୍ରଣାମୟ ପ୍ରାଣର ଫଳ ଦେଖି ସେ ପରିତୃପ୍ତ ହେବ "
            (2) MTରେ, "ସେ ଆପଣା ପ୍ରାଣ ବେଦନାର ଫଳ ଦେଖି ତୃପ୍ତ ହେବ"

   B. ନୁତନ ନିୟମ

1. ୫,୩୦୦ ଗ୍ରୀକ ନୁତନ ନିୟମର ଲେଖା ଆଜି ପର୍ଯ୍ୟନ୍ତ ବିଦ୍ୟମାନ ରହିଅଛି । ୮୫ ପାପିରସରେ ଲେଖା ଯାଇଅଛି, ଓ ୨୬୮ ବଡ ଅକ୍ଷରରେ ଲେଖାଯାଇ ଅଛି । ପରବର୍ତୀ ନବମ ଶତାଦ୍ଦିରେ ଅନ୍ୟ ଏକ ଲେଖାର (ମିନୁସ୍କୁଲ) ବିକଶିତ ହୋଇଥିଲା । ଗ୍ରୀକ ପାଠ୍ୟଲେଖାର ପ୍ରାୟ ୨୭୦୦ ପ୍ରକାରର ଲେଖାଶୈଳୀ ରହିଅଛି । ଆସ୍ତ ପାଖରେ ୨,୧୦୦ ନକଲ ଲେଖା ରହିଅଛି, ଯାହାକୁ ଶଦ୍ଦକୋଷ କୁହାଯାଏ ।
2. ପାପିରସରେ ନୁତନ ନିୟମର ୮୫ଟି ଗ୍ରୀକ ଲେଖା ରହିଅଛି ଓ ଏହା ସଂଗ୍ରହାଳୟରେ ରହିଅଛି । ଏଥି ମଧ୍ଯରୁ କେତେକ ଖ୍ରୀ ଅ ଦ୍ଵୀତିୟ ଶତାଦ୍ଦୀ ବୋଲି ପ୍ରକାଶ କରାଯାଇ ଅଛି, କିନ୍ତୁ ଏଥି ମଧ୍ଯରୁ ଅନେକ ତୃତିୟ କିମ୍ବା ଚତୁର୍ଥ ଶତାଦ୍ଦିର ଅଟେ । କୈଣସି MSS ନୁତନ ନିୟମର ସମ୍ପୁର୍ଣ ଲେଖା ନାହି । ଯେହେତୁ ଏହାସବୁ ପୁରାତନ ଲେଖା ଏଣୁ ଏଠାରେ କୈଣସି ପ୍ରକାରର ପାର୍ଥକ୍ୟ ଦେଖାଯିବ ନାହି, ତାହା କିଛି କହିହେବ ନାହି, କାରଣ ଲୋକମାନକଂ ନିମନ୍ତେ ଏହାର ନକଲ କରାଯାଇ ଅଛି । ଅନେକ ସମୟରେ ଏହାର ସୁରକ୍ଷା ହୋଇଥାଇ ନ ପରେ ଏଣୁ ଏହାର ପାର୍ଥକ୍ୟ ନିଶ୍ଚୟ ଦେଖାଯିବ ।
3. Codex Sinaiticus, ଏବ୍ରିୟ ଭାଷାର **א** (*aleph*) ଓ (01) Tischendorf କଂ ଦ୍ଵାରା ସିନୟ ପର୍ବତର, କ୍ୟାଥେରିନ ଆଶ୍ରମରେ ମିଳିଥିଲା । ଏହା ଖ୍ରୀ ଅ ଚତୁର୍ଥ ଶତାଦ୍ଦୀରେ ବୋଲି ବିଶ୍ଵାସ କରାଯାଏ ଓ ଏଠାରେ ପୁରାତନ ନିୟମର LXX ଓ ଗ୍ରୀକ ନୁତନ ନିୟମ ରହିଅଛି ବୋଲି କୁହାଯାଏ । ଏହା "ଆଲେକଜ୍ୟାଣ୍ଡରକଂ" ସଦୃଶ୍ୟ ପାଠ୍ୟ ଅଟେ ।
4. Codex Alexandrinus, ଏହା "A" ଓ (02) ଭାବେ ଜଣାଯାଏ, ଏହା ପଚଂମ ଶତାଦ୍ଦୀର ଏକ ଗ୍ରୀକ ପାଠ୍ୟ ଯାହା ମିଶରର ଆଲେକଜ୍ୟାଣ୍ଡରରୁ ଉଦ୍ଧାର କରାଯାଇ ଥିଲା ।
5. Codex Vaticanus, ଏହା "C" ଓ (03) ଭାବେ ଜଣାଯାଏ, ଏହା ଖ୍ରୀ ଅ ଚତୁର୍ଥ ଶତାଦ୍ଦୀର ଅଧ ଭାଗରେ ରୋମର ଭାଟିକାନର ଏକ ପୁସ୍ତକାଳୟରୁ ଉଦ୍ଧାର କରାଯାଇ ଥିଲା । ଏଠାରେ ପୁରାତନ ନିୟମର LXX ଓ ଗ୍ରୀକ ନୁତନ ନିୟମ ରହିଅଛି, ଏହା "ଆଲେକଜ୍ୟାଣ୍ଡରକଂ" ସଦୃଶ୍ୟ ପାଠ୍ୟ ଅଟେ ।
6. Codex Ephraemi, ଏହା "C" ଓ (04) ଭାବେ ଜଣାଯାଏ, ଏହା ପଂଚମ ଶତାଦ୍ଦିର ଗ୍ରୀକ ଲେଖାଶିଳ୍ପି ଯାହା ଅଧିକାଂଶ ନଷ୍ଟ ହୋଇଅଛି ।
7. Codex Bezae, ଏହା "D" ଓ (05) ଭାବେ ଜଣାଯାଏ, ଏହା ପଂଚମ ଓ ଶଷ୍ଠ ଶତାଦ୍ଦୀର ଲେଖା ଶିଳ୍ପି ଅଟେ । ଏହା "ପଶ୍ଚିମ ଲେଖାଶିଳ୍ପି" ବୋଲି ଏହା ଅଧିନସ୍ଥ କରିଥାଏ । ଏଠାରେ ଅନେକ ପ୍ରକାରର ସଂଯୋଗ ଦେଖାଯାଏ ଓ ଏହା ପ୍ରଥମ ଇଂରାଜି ବାଇବଲର ମଧ ଅନେକ ମୁଖ୍ୟ ଅବଦାନ ଦେଇଥାଏ ।
8. ନୁତନ ନିୟମର MSS କୁ ତିନି ଭାଗରେ ବିଭକ୍ତ କରାଯାଏ, ହୁଏତ ଚାରି ପରିବାର ଏହାର କେତେକ ଚରିତ୍ର ଦେଖାଯାଏ,
   a. ମିଶରର ଆଲେକଜ୍ୟାଣ୍ଡରକଂର ଲେଖା
      (1) $P^{75}$, $P^{66}$ (ଖ୍ରୀ ଅ ୨୦୦ରେ), ଯୋଉଠି ସୁସମାଚାର ଲେଖାଶିଳ୍ପି ଅଛି
      (2) $P^{46}$, (ଖ୍ରୀ ଅ ୨୨5) ଯୋଉଠି ପାଉଲକଂ ଲେଖାଶିଳ୍ପି ରହିଅଛି
      (3) $P^{72}$, (ଖ୍ରୀ ଅ ୨୨5-୨୫୦) ଯୋଉଠି ପିତର ଓ ଯିହୁଦାକଂ ଲେଖା ଅଛି
      (4) Codex B, ଭାଟିକାନର (ଖ୍ରୀ ଅ ୩୨୫) ଯେଉଠାରେ ସମ୍ପୁର୍ଣ ପୁରାତନ ଓ ନୁତନ ନିୟମ ରହିଅଛି
      (5) ଓରିଜିନ ଏହି ପ୍ରକାର ପୁସ୍ତକରୁ ଉଦ୍ଧାର କରିଥିଲେ
      (6) ଅନ୍ୟ MSS ଯାହା ଏହି ପ୍ରକାରର ଲେଖାଶୈଳୀର ଅନ୍ତର୍ଭୁକ୍ତ ଅଟେ, **א** C, L, W, 33
   b. ଉତ୍ତର ଆଫ୍ରିକାର ପଶ୍ଚିମଶୈଳୀର ଲେଖା
      (1) ଉତ୍ତର ଆଫ୍ରିକା ମଣ୍ଡଳୀ ପ୍ରାଚୀନ ମାନକଂର ଉଦ୍ଧୃତ ବାକ୍ୟ, ଟେର୍ଟୁଲିଆନ, ସାଇରିନ ଓ ପୁରାତନ ଲାଟିନ ଅନୁବାଦ
      (2) ଇରାନିଅସକଂ ଉଦ୍ଧୃତ ବାକ୍ୟ
      (3) ଟଟିଅନ ଓ ପୁରାତନ ସିରାଇକ ମାନକଂର ଉଦ୍ଧୃତ ବାକ୍ୟ
      (4) Codex D "Bezae" ଏହି ଲେଖା ଶୈଳୀକୁ ଅନୁକରଣ କରିଥାଏ
   c. କନଷ୍ଟାନଷ୍ଟିନେପୋଲକଂର ପୁର୍ବିୟ ବାଇଜାନଷ୍ଟାଇନକଂର ଲେଖା
      (1) ଏହା ୫୩୦୦ MSS ର ୮୦% ଏହି ଲେଖା ଶୈଳୀରେ ଦେଖାଯାଏ
      (2) ଏହା ଆନ୍ତିଓକିଆ ସିରିଆର ବିଶପ, କାପୋଡସିଆନ, ଖ୍ରୀଷ୍ଟୋମ ଓ ଥେରୋଡୋରେଟକଂ ଦ୍ଵାରା ଏହ ଉଦ୍ଧାର କରାଯାଇ ଥିଲା
      (3) Codex A, ଏହା କେବଳ ସୁସମାଚାରରେ ଦେଖାଯାଏ,
      (4) Codex E, (ଅଷ୍ଟମ ଶତାଦ୍ଦି) ଏହା ନୁତନ ନିୟମରେ ପୁର୍ଣ
   d. ଚତୁର୍ଥ ବିଷୟ ପାଲେଷ୍ଟାଇନର "ସିସେରିଆନ"
      (1) ପ୍ରାଥମିକ ଭାବେ ଏହା ମାର୍କ ପୁସ୍ତକରେ ଦେଖାଯାଏ
      (2) ଏହାର କେତେକ ସାକ୍ଷ୍ୟ, $P^{45}$ ଓ W

II. ଏହି ସମସ୍ୟା ଓ "ନିମ୍ନସ୍ତର ସମାଲୋଚନା" ଓ "ପାଠ୍ୟଗତ ସମାଲୋଚନା" ର ସିଦ୍ଧାନ୍ତର ଏକ ସଂକ୍ଷିପ୍ତ ବ୍ୟାଖ୍ୟାକରଣ

A. ଏହି ପାର୍ଥକ୍ୟ କେଉଠାରେ ଦେଖାଯାଏ

1. ଅନିଚ୍ଛାକୃତ ବା ଆଶ୍ଚର୍ଯ୍ୟଭାବେ (ଅନେକ ମାତ୍ରାରେ ଏହା ଦେଖାଯାଏ)

   a. କେତେକ ପ୍ରକାରର ନକଲ ଶବ୍ଦ ଯାହା ଆଖିକୁ ଦେଖାଯାଏ ନାହିଁ ଓ  ଯେଉଠାରେ ସମାନ ପ୍ରକାରର ଶବ୍ଦ ଦେଖାଯାଏ, ଓ କେତେକ ଶବ୍ଦ ତାହାଠାରୁ କାଡିନିଆଯାଇ ଥାଏ, (homoioteleuton)

      (1) ଦେଖିବାର ସମସସ୍ୟା, ଯାହା ଏକ ଶବ୍ଦ କିମ୍ବା ବାକ୍ୟରେ ଦୁଇ ଥର ଆସିଥାଏ (haplography)

      (2) ଗ୍ରୀକ ଲେଖାରେ କେତେକ ଅଂଶ ଯାହା ମନରୁ ସମୟ ସମୟରେ ପୁନଃରାବୃତି ଓ ଲେଖିବା ସମୟରେ ଭୁଲିଯାଇ ଥାଉ (dittography)

   b. ମୈଖିକ ଭାବରେ ଲେଖିବା ସମୟରେ ଶୁଣିବାରରେ ସମସ୍ୟା ଦ୍ୱାରା କିମ୍ବା ନକଲ କରିବା ସମୟରେ ଏହି ପ୍ରକାର ଭୁଲ ହୋଇପାରେ ତାହାକୁ (itacism) କୁହାଯାଏ । ଅନେକ ସମୟରେ ଗ୍ରୀକରେ ସମାନ ପ୍ରକାରର ଶବ୍ଦ ଉଚ୍ଚାରଣ ସକାଶୁ ଏହି ପ୍ରକାର ଲେଖାରେ ଭୁଲ ହୋଇଥାଏ ।

   c. ପ୍ରାଚୀନ ଗ୍ରିକ ପୁସ୍ତକର କୈଣସି ଅନୁଚ୍ଛେହ କିମ୍ବା ଅଧାୟର,କୈଣସି ମାତ୍ରା, କିମ୍ବା ଶବ୍ଦର ବିଭାଜନ ନ ଥିଲା । ଏଣୁ ଏହା ସମ୍ଭବ ଅଟେ ଯେ, ଏହାର ଶବ୍ଦ ଓ ବିନ୍ନ ଉଦ୍ଦେଶ୍ୟରେ ବିଭାଜନ ହୋଇପାରେ ।

2. ଇଛାକୃତ ବା ନିଜ ଇଛା ମୁତାବକ

   a. ଅନେକ ସମୟରେ ଏହି ପରିବର୍ତନ ଏହାର ବ୍ୟାକରଣ ଗତ ବ୍ୟବହାର ସକାଶୁ କିମ୍ବା ଅନ୍ୟ ନକଲ ସକାଶୁ ହୋଇଥାଏ

   b. ଅନେକ ସମୟରେ ଏହି ପରିବର୍ତନ ଅନ୍ୟ ବାଇବଲ ଭିତିକ ପୁସ୍ତକ ସହିତ ସମ୍ମତ କରିବା ନିମନ୍ତେ କରାଯାଇ ଥାଏ, (harmonization of parallels)

   c. ଅନେକ ସମୟରେ ଏହି ପରିବର୍ତନ ଏକରୁ ଅତ୍ୟଧିକ ଲେଖାକୁ ଆଧୟନ କରି ଏହାର ଭିନ୍ନତାକୁ ପରିବର୍ତନ କରାଯାଇ ଥାଏ, (conflation)

   d. ଅନେକ ସମୟରେ ଏହି ପରିବର୍ତନ ପୁସ୍ତକ୍ରେ ଥିବା ଭୁଲକୁ ଲକ୍ଷ୍ୟକରି କରାଯାଇ ଥାଏ, (୧ମ କରିନ୍ଥୀୟ ୧୧:୨୭ ଓ ୧ମ ଯୋହନ ୫:୭-୮)

   e. କେତେକ ଅନ୍ୟ ସବୁ ସୁଚନାକୁ, ଐତିହାସିକ ଘଟଣାକୁ ଏହାର ପ୍ରକୃତ ଅନୁବାଦ ନିମନ୍ତେ ଏହାର ରେଖା କିମ୍ବା ଲେଖା ଶୈଳୀକୁ ପରିବର୍ତନ କରାଯାଇ ଥାଏ, ଓ ଦ୍ୱୀତିୟ ପାଠ୍ୟପୁସ୍ତକ ଅନୁସାରେ ଆୟୋଜନ କରାଯାଇ ଥାଏ (ଯୋହନ ୫:୪)

B. ଏହି ପାଠ୍ୟଗତ ସମାଲୋଚନାର ସାଧାରଣ ସାହାଯ୍ୟ ହେଲା, ( ଯେତେବେଳେ ଲେଖାରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳେ, ସେହି ସମୟରେଏହା ପ୍ରକୃତ ଲେଖକଙ୍କର ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ବୁଝିବାରେ ସାହାଯ୍ୟ କରେ)

1. ବ୍ୟାକରଣ ବିଭାଗରେ ଅତି ପୁରୁଣା ବ୍ୟବହାର ଓ ଅନିୟମିତ ଭାବରେ ବ୍ୟବହାର ହୋଇଥିବା ଲେଖାଅଶୈଳୀ ଅତି ପୁରୁଣା ଅଟେ
2. ଅତି ଛୋଟ ଲେଖା, ହୁଏତ ପ୍ରକୃତ ଲେଖା ହୋଇପାରେ
3. ପୁରାତନ ଲେଖାକୁ ଅତି ଗୁରୁତ୍ୱ ଏଥିପାଇ ଦିଆଯାଏ, କାରଣ ଏହା ଐତିହାସିକ ଭାବରେ ନୁତନ ଲେଖା ଲିପି ଠାରୁ ଅତି ନିକଟ ତର ହୋଇଥାଏ, କିନ୍ତୁ ଏହି ଦୁଇ ଗୋଟି ସମାନ ଅଟନ୍ତି ।
4. MSS ଭୈଗଳିକ ଭାବରେ ହୁଏତ ଅନ୍ୟଥା ହୋଇପାରେ, କିନ୍ତୁ ଏହା ପ୍ରକୃତ ଲେଖାଶିଳ୍ପର ଅଂଶ ଅଟେ
5. ଶିକ୍ଷା ଅନୁସାରେ କ୍ଷିଣ ଥିବା ଲେଖା, ବିଶେଷତଃ ଯାହା ବାଇବଲର ଗୁରୁତ୍ୱ ବିଷୟକୁ ଆଲୋଚନା କରେ, ଯେପରି ୧ମ ଯୋହନ ୫:୭-୮ରେ ତ୍ରୀଏକ ଇଶ୍ୱରଙ୍କର ବିଷୟରେ ଲେଖାଶିଳ୍ପିର ପରିବର୍ତନ ହୋଇଥାଏ, ତାହାକୁ ପ୍ରାଥମିକ ଭାବରେ ଗୁରୁତ୍ୱ ଦିଆଯାଇ ଥାଏ ।
6. ଯେଉ ଲେଖା ସମୁହ ଅନ୍ୟ ଠାରେ ଥିବା ପାର୍ଥକ୍ୟକୁ ବୁଝାଇ ପାରିବ
7. ଦୁଇଗୋଟି ସଂଜ୍ଞା ଯାହା ଏହି ପାର୍ଥକ୍ୟକୁ ବୁଝିବାରେ ସାହାଯ୍ୟ କରେ

   a. J. Harold Greenlee's book, *Introduction to New Testament Textual Criticism*, p. 68:, "କୈଣସି ଖ୍ରୀଷ୍ଟିୟାନ ଶିକ୍ଷା ଏକ ବିବାଦିୟ ପୁର୍ଣ ଲେଖାରେ ନୁହେ, ଓ ନୁତନ ନିୟମର ଶିକ୍ଷାର୍ଥୀମାନେ ତାହାଙ୍କର ଲେଖା ବିଷୟରେ ଅତି ଜାଗ୍ରତ ହେବା ଆବଶ୍ୟକ, ଯେପରି ସେମାନେ ତାହାଙ୍କର ଲେଖା ଶୈଳୀକୁ ପ୍ରକୃତ ଲେଖା ଠାରୁ ଅଧିକ ପ୍ରାଚୀନ ଓ ଅନୁପ୍ରେରିତ ପୁସ୍ତକ ଠାରୁ ଅଧିକ ଗୁରୁତ୍ୱ ନ ଦିଅନ୍ତ ।"

   b. W. A. Criswell told Greg Garrison of *The Birmingham News,* ରେ କୁହନ୍ତି, ସେ ବାଇବଲର ପ୍ରତ୍ୟକ ଶବ୍ଦ ଅନୁପ୍ରେରିତ ବୋଲି ବିଶ୍ୱାସ କରନ୍ତି ନାହିଁ, "ନଚେତ, ଯାହା ଆଧୁନିକ ଯୁଗର ଅନୁବାଦକାରି ମାନଙ୍କୁ ଦିଆଯାଇ ଅଛି ସେ ସବୁକୁ ନୁହେ", କ୍ରିସୱେଲ କୁହନ୍ତି, "ମୁ ପାଠ୍ୟଗତ ସମାଲୋଚନାରେ ଅଧିକ ବିଶ୍ୱାସ କରେ, ସେ କୁହନ୍ତି ମାର୍କ ୧୬ ଅଧାୟର ଶେଷ ଅଂଶ ଭୁଲ ଅଟେ । ଏହା ଅନୁପ୍ରେରିତ ନୁହେ, ଏହାକୁ ପ୍ରେ ଯୋଗ କରାଯାଇ ଅଛି । ଯେତେବେଳେ ଗ୍ରୀକ ଭାଷାରେ ମାର୍କର ଲେଖାଶୈଳୀକୁ ଦେଖଯାଏ, ସେଠାରେ ଏହି ମାର୍କର ଶେଷ ଭାଗ ଦେଖିବାକୁ ମିଳେ ନାହିଁ, ଏହାକୁ ହୁଏତ କେହି ଜଣେ ପରେ ଯୋଗ କରିଅଛନ୍ତି ।"

ଏହି ବିଷୟ ଉପରେ ଅନେକ SBC ର ଯୋଉମାନେ ବାଇବଲର ସତ୍ୟତାକୁ ଧରିଅଛନ୍ତି, ସେମାନେ କୁହନ୍ତି, ପୁଣି ଏହା ଯୋହନ ୫ରେ ସୁଧା ଦେଖିବାକୁ ମିଳେ, ଯୀଶୁ ବେଥସାଇଦାରେ କରିଥିବା ଆଶ୍ଚର୍ଯ୍ୟ କର୍ମରେ ଏହା ଦେଖାଯାଇ । ପୁଣି ଯିହୁଦାଙ୍କର ଆତ୍ମ ହତ୍ୟାର ଦୁଇଗୋଟି ବର୍ଣନା (ମାଥିଉ ୨୭ ଓ ପ୍ରେରିତ ୧): "ଏହା ଆତ୍ମହତ୍ୟାର ଏକ ଭିନ୍ନ ଦ୍ରୁଷ୍ଟି କୋଣ ଅଟେ " । କ୍ରିସୱେଲ କୁହନ୍ତି "ଯଦି ଏହା ବାଇବଲରେ ଅଛି, ତେବେ ଏହା ନିମନ୍ତେ ଏକ ବ୍ୟାଖ୍ୟା ରହିଅଛି, ଓ ଯିହୁଦାଙ୍କର ଆତ୍ମହତ୍ୟାର ଦୁଇ ପ୍ରକାରର ବର୍ଣନା ବାଇବଲ ମଧ୍ୟରେ ରହିଅଛି ।" କ୍ରିସୱେଲ କୁହନ୍ତି, "ଏହି ପାଠ୍ୟଗତ ସମାଲୋଚନା ଏକ ବିଜ୍ଞାନ ଅଟେ, ଏହା କ୍ଷଣସ୍ଥାୟୀ ନୁହେ, ଏହା ଅପ୍ରାସଂଗିକ ନୁହେ, ଏହା ଶକ୍ତିଯୁକ୍ତ ଓ ମଧ୍ୟସ୍ଥ ଅଟେ."

III. ପାଣ୍ଡୁଲିପି ବା ଲେଖାଶୈଳୀର ସମସ୍ୟା, (ପାଠ୍ୟଗତ ସମାଲୋଚନା)

A. ଅତ୍ୟଧିକ ପଠନ ନିମନ୍ତେ ଦିଆଯାଇ ଥିବା ଉତ୍ସ

1. *Biblical Criticism: Historical, Literary and Textual*, by R.H. Harrison.
2. *The Text of the New Testament: Its Transmission, Corruption and Restoration* by Bruce M. Metzger.
3. *Introduction to New Testament Textual Criticism*, by J. H Greenlee.

# ତୃତିୟ ପରିଶିଷ୍ଟ ବିଷୟ
# ଗ୍ରୀକ ବ୍ୟାକରଣାତ୍ମକ ଶବ୍ଦର ସଂଜ୍ଞା

ସାଧାରଣ ଗ୍ରୀକ ଯାହା ବ୍ୟବହାର କରାଯାଏ, ତାହାକୁ ରାଷ୍ଟ୍ରିୟ ଭାଷା କୁହାଯାଏ, ଏହା ଭୂମଧ୍ୟସାଗରିୟ ଅଂଚଳର ସାଧାରଣ ଭାଷା ଥିଲା ଯାହା ଆଲେକଜ୍ୟାଣ୍ଡରଙ୍କ ସହିତ (୩୩୬-୩୨୩ ଖ୍ରୀ ପୂ)ରେ ଆରମ୍ଭ ହୋଇଥିଲା ଓ ଏହା ଦୀର୍ଘ ଆଠ ଶହ ବର୍ଷ ଧରି (୩୦୦ ଖ୍ରୀ ପୂ – ଖ୍ରୀ ଅ ୫୦୦) ରାଜତ୍ୱ କରିଥିଲା । ଏହା ଉତ୍ତମ ଶାସ୍ତ୍ରିୟ ଭାଷା ନ ଥିଲା, କିନ୍ତୁ ଅନେକ ମାତ୍ରାରେ ନୁତନ ଥିଲା, ଏଣୁ ଏହା ଭୂମଧ୍ୟସାଗରିୟ ଅଚଂଳରେ ଏହା ଦ୍ୱିତିୟ ଭାଷା ଭାବରେ ପରିଗଣିତ ହୋଇଥିଲା ।

ନୁତନ ନିୟମ ପୁସ୍ତକର ଗ୍ରୀକର ବ୍ୟବହାର ଶକାଶୁ ଏହାର କୈଣସି ତୁଳନା ନ ଥିଲା, ଲୁକ ଓ ଏବ୍ରି ପୁସ୍ତକ ଏହା ଠାରୁ ଅନ୍ୟତମ ଥିଲେ, ଏଠାରେ ଆରାମିକ ଭାଷାକୁ ପ୍ରାଥମିକ ଭାବରେ ବ୍ୟବହାର କରାଯାଇ ଅଛି । ଏଣୁ ଆରାମିକ ଲୋକ ମାନଙ୍କ ଦ୍ୱାରା ଏହି ଲେଖାଶୈଳୀ ପ୍ରଭାଭିତ ହୋଇଥିଲା । ପୁଣି ସେମାନେ ସେପ୍ଟୋଜେଣ୍ଟ (ଗ୍ରୀକ ଅନୁବାଦିତ ପୁରାତନ ନିୟମ) ଯାହା ସାଧାରଣ ଗ୍ରୀକ ଭଷାରେ ଲେଖାଯାଇ ଥିଲା । କିନ୍ତୁ ଏହି ସେପ୍ଟୋଜେଣ୍ଟ ଯୀହୁଦି ମାନଙ୍କ ଦ୍ୱାରା ଲେଖାଯାଇ ଥିଲା, ଯେଉମାନେ ଗ୍ରୀକ ଲୋକ ନ ଥିଲେ ।

ଏହା ଦ୍ୱାରା ଆମ୍ଭେମାନେ ବୁଝିବା ଆବଶ୍ୟକ ଯେ, ଆମ୍ଭେମନେ ଏହାକୁ ଅତି ଦୃଢ ଭାବରେ ବ୍ୟାକରଣାତ୍ମକ ପ୍ରଣାଳିରେ ବାନ୍ଧିପାରିବା ନାହି । ଏହା ଅନ୍ୟତମ ତଥାପି ଏହାର କେତେକ ସାଧାରଣ ବିଷୟ ଅଛି, (୧) ସେପ୍ଟୋଜେଣ୍ଟ, (୨) ଯୋଶିଫସଙ୍କ ସଦୃଶ୍ୟ ଯିହୁଦୀୟ ଲେଖା, (୩) ମିଶରରୁ ଉଦ୍ଧାର କରାଯାଇ ଥିବା ପାପିରସ । ତେବେ ଆମ୍ଭେମାନେ କିଭଳି ଭବରେ ନୁତନ ନିୟମର ଗ୍ରୀକଲେଖାକୁ କି ଭଳି ଭାବରେ ଗଠନ କରିପାରିବା?

ସାଧାରଣ ଗ୍ରୀକ ଓ ନୁତନ ନିୟମର ଗ୍ରୀକର ଏକ ସମୟରେ ଏହା ଅତି ସହଜ ଓ ସରଳ ଥିଲା, ଏଣୁ ଏହାର ପ୍ରସଂଗ ଆମ୍ଭର ମୁଖ୍ୟ ଲକ୍ଷ୍ୟ ଥିଲା । ଶବ୍ଦ ଗୁଡିକର ବ୍ୟବହାର କେବଳ ଏହାର ବୃହତ ପ୍ରସଂଗ ଦ୍ୱାରା ହୋଇଥାଏ, ଏଣୁ ଆମ୍ଭକୁ ଏହା ମନେ ରଖିବା ଉଚିତ, (୧) ନିର୍ଦ୍ଦିଷ୍ଟ ଲେଖକଙ୍କର ଲେଖାଶୈଳି, (୨) ଏକ ନିର୍ଦ୍ଦିଷ୍ଟ ପ୍ରସଂଗ । କୈଣସି ପ୍ରକାରର ସଂଜ୍ଞା ଓ ପ୍ରଣାଳୀ ଅନୁମାନ କରାଯିବା ଉଚିତ ନୁହେ ।

ଏହି ଗ୍ରୀକ ଏକ ସାଧାରଣ ଭାଷା ଅଟେ, ଏହାକୁ ବ୍ୟାଖ୍ୟ କରିବାର ଏକ ଉତ୍ତମ ପ୍ରଣାଳୀ, ଏହାର କ୍ରିୟାକୁ ବୁଝିବା । ଅନେକ କ୍ଷେତ୍ରରେ କ୍ରିୟା ପ୍ରଥମେ ଆସେ ଓ ଏହାର ପ୍ରଧାନ୍ୟତାକୁ ପ୍ରକାଶ କରିଥାଏ । ଏହି ଗ୍ରୀକର କ୍ରିୟାକୁ ବ୍ୟାଖ୍ୟା କରିବା ପୁର୍ବରୁ ଆମ୍ଭମାନଙ୍କୁ ତିନିଗୋଟି ବିଷୟ ମନେ ରଖିବା ଉଚିତ, (୧) କ୍ରିୟା, କାଳ ଓ ବ୍ୟବହାରର ସାଧାରଣ ଗୁରୁତ୍ୱ, (୨) ନିର୍ଦ୍ଦିଷ୍ଟ କ୍ରିୟାର ଏକ ସାଧାରଣ ଅର୍ଥ (lexicography), ଓ (୩) ପ୍ରସଂଗର ଏକ ନିରଦିଷ୍ଟତା, (syntax)

I. କାଳ

A. କାଳ ଓ କ୍ରିୟାର ଏକ ନିବିଷ୍ଟ ସମ୍ପର୍କ ଥାଏ, କ୍ରିୟାର କାର୍ଯ୍ୟ ଶେଷ ହେବା ନିମନେ କିମ୍ବା ଏହାର ଅସମ୍ପୁର୍ଣ କାର୍ଯ୍ୟ । ଏହା ଅନେକ ସମୟରେ "ସମ୍ପୁର୍ଣ" ଓ "ଅସମ୍ପୁର୍ଣ" ବୋଲି କୁହାଯାଏ

1. ସମ୍ପୁର୍ଣ କାଳ, କ୍ରିୟାର କାର୍ଯ୍ୟ ଉପରେ ଗୁରୁତ୍ୱ ଦିଏ, ଏହା ବ୍ୟତିତ କୈଣସି ଘଟଣାର ତଥ୍ୟ ପ୍ରଦାନ କରିନଥାଏ । ଏହା ନିରବଛିହ୍ନ, ଶେଷସୀମାର କୈଣସି ବିଷୟରେ ଜଣାଏ ନାହି ।
2. ଅସମ୍ପୁର୍ଣ କାଳ କ୍ରିୟାର କ୍ରମାଗତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥାଏ, ଏହାର କାର୍ଯ୍ୟ ଓ ପ୍ରଗତୀଶୀଳ ଦ୍ୱାରା ବର୍ଣନା କରାଯାଏ ।

B. ଲେଖକ କିଭଳି ଭାବରେ ଦେଖନ୍ତି, ସେହିପ୍ରକାରେ କାଳକୁ ବିଭାଗ କରାଯାଇ ପାରେ

1. ଏହା ଘଟିଅଛି= AORIST, ଅତୀତ କାର୍ଯ୍ୟକୁ ବର୍ତମାନ ପର୍ଯ୍ୟନ୍ତ ପ୍ରଭାଭିତ କରେ
2. ଏହା ଘଟିଅଛି ଓ ବର୍ତମାନର ସଫଳ କାଯ୍ୟକୁ ବୁଝାଏ = PERFECT
3. ଏହା ଅତୀତରେ ଘଟିଥିବା କାର୍ଯ୍ୟ କିନ୍ତୁ ତାହାର ଫଳ ରହିଅଛି, କିନ୍ତୁ ବର୍ତମାନ ନୁହେ= PLUPERFECT
4. ଏହା ବର୍ତମାନ ଘଟୁଅଛି= ବର୍ତମାନ କାଳ
5. ଏହା ଅତୀତରେ ଘଟୁଥିଲା= IMPERFECT
6. ଏହା ଭବିଷ୍ୟତରେ ଘଟିବ = ଭବିଷ୍ୟତ କାଳ

ଏହାର ଏକ ଉଦାହରଣ "ଉଦ୍ଧାର"କୁ ବୁଝାଯାଇ ଅଛି, ଯାହାଦ୍ୱାରା ଆମ୍ଭେ ବୁଝିପାରିବା, ଏହା ଅନେକ କ୍ରିୟା ଦ୍ୱାରା ବ୍ୟବହାର କରାଯାଇ ଅଛି,

1. AORIST- "ଉଦ୍ଧାର" (ରୋମିୟ 8:24)
2. PERFECT- "ଉଦ୍ଧାର ସମ୍ପୁର୍ଣ ହୋଇଅଛି ଓ ତାହାର କାର୍ଯ୍ୟ ବର୍ତମାନ ସୁଧା ଚଲିଅଛି" (ଏଫିସିୟ ୨:୫;୮)

3. ବର୍ତମାନ କାଳ- "ବର୍ତମାନ ବା ପରିସ୍ଥିତି, ଉଦ୍ଧାର" (୧ମ କରିନ୍ଥୀୟ ୧:୧୮; ୧୫:୨)
4. ଭବିଷ୍ୟତ କାଳ- ''ଉଦ୍ଧାର ହେବା'' (ରୋମିୟ ୫:୯, ୧୦; ୧୦:୯)

C. ଏହି କାଳ ଓ କ୍ରିୟାରେ ଅତ୍ୟଧିକ ଗୁରୁତ୍ୱ ଦେବାର କାରଣ, ଏହାଦ୍ୱାରା ଅନୁବାଦ କାରି ପ୍ରକୃତ ଲେଖକଙ୍କର ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତି। AORIST, ଏହା "ନିସ୍ୱଷ୍ଟ", "ଅସ୍ୱଷ୍ଟ", "ଅକ୍ଲାନ୍ତ" କ୍ରିୟାର ଏକ ବିଶେଷତ୍ୱ ଅଟେ। ଏହା ଅନେକ ପ୍ରକାର ଭାବରେ ଏହାର ପ୍ରସଂଗ ଅନୁସାରେ ବ୍ୟବହାର କରାଯାଇ ଥାଏ। ଏହା କୈଣସି ବିଷୟର ଜଣାଇ ଥାଏ, ଏହାର ଅତୀତ ବିଷୟ INDICATIVE MOOD ଦ୍ୱାରା ଜଣାଯାଇ ଥାଏ। ଯଦି ଅନ୍ୟ କୈଣସି କାଳର ବ୍ୟବହାର ହୋଇଥାଏ, ତେବେ ସେଠାରେ କୈଣସି ବିଶେଷ ବିଷୟରେ ଧ୍ୟାନ ଦିଆଯାଇ ଅଛି, କିନ୍ତୁ ତାହା କଣ ଅଟେ?

1. PERFECT TENSE. ଏହା ଏକ ସମ୍ପୂର୍ଣ କାର୍ଯ୍ୟ ବିଷୟରେ କହିଥାଏ, କେତେକ ମାତ୍ରାରେ AORIST ଓ ବର୍ତମାନ କାଳର ଏକ ମିଶ୍ରଣ ଅଟେ। ଏହାର ମୁଖ୍ୟ ବିଷୟ ହେଲା, କାର୍ଯ୍ୟର ସମାପ୍ତି ଓ ସ୍ଥାୟୀ ଫଳାଫଳ ଉପରେ ନିର୍ଭର କରିଥାଏ, ଉଦାହରଣ (ଏଫିସିୟ ୨:୫ ଓ ୮ "ଅତୀତର କାର୍ଯ୍ୟ ବର୍ତମାନରେ କାର୍ଯ୍ୟକ୍ଷମ ହୋଇଥାଏ")।
2. PLUPERFECT TENSE. ଏହା ଏକ PERFECT କାଳ ସଦୃଶ୍ୟ ଅଟେ, କିନ୍ତୁ ଏହାର ଫଳ ବର୍ତମାନ ସମାପ୍ତ ହୋଇଅଛି। ଏହାର ଏକ ଉଦାହରଣ ଯୋହନ ୧୮:୧୬, "କିନ୍ତୁ ପିତର ବାହାରେ ଦ୍ୱାର ନିକଟରେ ଠିଆ ହୋଇ ରହିଲେ "
3. ବର୍ତମାନ କାଳ. ଏହା ଏକ ଅସମ୍ପୂର୍ଣ ବ ଅପୂର୍ଣ କାର୍ଯ୍ୟ ବିଷୟରେ ପ୍ରକାଶ କରିଥାଏ, ଏହାର ଗୁରୁତ୍ୱ କ୍ରମାଗତ କାର୍ଯ୍ୟ ଉପରେ ରହିଥାଏ। ଏହାର ଏକ ଉଦାହରଣ ୧ମ ଯୋହନ୩:୬ ଓ ୯, "ଯେକେହି ତାହାଙ୍କ ଠାରେ ରହେ, ସେ ପାପ କରେ ନାହିଁ", "ଯେ କେହି ଈଶ୍ୱରଙ୍କ ଠାରୁ ଯାତ ସେ ପାପ କରେ ନାହିଁ"।
4. IMPERFECT TENSE. ଏହା ବର୍ତମାନ କାଳର ଅନୁରୂପ ଯାହା PERFECT ଓ PLUPERFECT ମଧ୍ୟରେ ଦେଖାଯାଏ, IMPERFECT ଯାହା ଅସମ୍ପୂର୍ଣ କାର୍ଯ୍ୟ ବିଷୟରେ ବର୍ଣନା କରିଥାଏ ଯାହା ବର୍ତମାନ ବନ୍ଦ ଅଟେ, କିମ୍ବା ଅତିତରେ ଏହାର କାର୍ଯ୍ୟର ଆରମ୍ଭ ଅଟେ। ଏହାର ଉଦାହରଣ "ମାଥିଉ ୩:୫, ସେତେବେଳେ ଯିରୁଶାଲେମ ଓ ସମଗ୍ର ଯିହୁଦା ପ୍ରଦେଶ ବାହାରି ତାହାଙ୍କ ନିକଟକୁ ଆସିବାକୁ ଲାଗିଲେ।"
5. ଭବିଷ୍ୟତ କାଳ. ଏହା ଭବିଷ୍ୟତରେ ଥିବା କାର୍ଯ୍ୟକୁ ବୁଝାଇ ଥାଏ, ଏହା ଏହାର ନିଶ୍ଚିତତା ଉପରେ ଗୁରୁତ୍ୱ ଦିଏ, ଏହା ଅନେକ ସମୟରେ କେତେକ ନିଶ୍ଚିତତା ଘଟଣା ବିଷୟରେ ପ୍ରକାଶ କରିଥାଏ। ଏହାର କେତେକ ଉଦାହରଣ ମାଥିଉ ୫:୪-୯, "ଲୋକେ ଧନ୍ୟ... ସେମାନେ..."

II. ବାଚ୍ୟ (Voice)

A. ବାଚ୍ୟ କ୍ରିୟାର କାର୍ଯ୍ୟ ଓ ବିଷୟ ମଧ୍ୟରେ ଥିବା ସମ୍ପର୍କକୁ ବର୍ଣନା କରିଥାଏ।

B. କ୍ରିୟାଶିଳ ବାଚ୍ୟ. ଏହା ସାଧାରଣ, ଆଶାଯୁକ୍ତ, ଏହାର ପ୍ରକାଶ ଅପ୍ରାଧାନ୍ୟ, ଯାହା ମୁଖ୍ୟ ବିଷୟ କାର୍ଯ୍ୟ କରିଥାଏ।

C. ନିଷ୍କ୍ରିୟ ବାଚ୍ୟ. ଏହାର ଅର୍ଥ ମୁଖ୍ୟ ବିଷୟ କ୍ରିୟା ଠାରୁ ବାହାରୁ ଅନ୍ୟକାହା ଠାରୁ କାର୍ଯ୍ୟକୁ ଗ୍ରହଣ କରିଥାଏ। ଏହି ବାହାର ବ୍ୟକ୍ତିର କାର୍ଯ୍ୟକୁ ଗ୍ରୀକରେ ନିମ୍ନ ଲିଖିତ ଅବ୍ୟୟ ସୁଚକ ଶବ୍ଦ ଓ ପ୍ରକୃତ ଅବସ୍ଥା ଦ୍ୱାରା ବୁଝାଯାଇ ଥାଏ:

1. ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର କାର୍ଯ୍ୟ *hupo* ଓ ABLATIVE CASE ର ବ୍ୟବହାର ଦ୍ୱାରା, (ମାଥିଉ ୧:୨୨; ପ୍ରେରିତ ୨୨:୩୦)
2. ଏକ ବ୍ୟକ୍ତିଗତ ମଧ୍ୟସ୍ଥ *dia* ଓ ABLATIVE CASE ର ବ୍ୟବହାର ଦ୍ୱାରା, (ମାଥିଉ ୧:୨୨)
3. ପରୋକ୍ଷ ବ୍ୟକ୍ତି ଦ୍ୱାରା *en* ଓ INSTRUMENTAL CASE ର ବ୍ୟବହାର
4. ଅନେକ ସମୟରେ ପ୍ରତକ୍ଷ୍ୟ ଓ ପରୋକ୍ଷ୍ୟ ବ୍ୟକ୍ତିର ସଂସ୍ପର୍ଷ ଦ୍ୱାରା INSTRUMENTAL CASE

D. MIDDLE VOICE, ମଧ୍ୟସ୍ଥ ବାଚ୍ୟ, ଏହାର ଅର୍ଥ ମୁଖ୍ୟ ବିଷୟ କ୍ରିୟାର କାର୍ଯ୍ୟକୁ ଉତ୍ପାଦନ କରେ, ଓ ଏଠାରେ କ୍ରିୟାର କାର୍ଯ୍ୟରେ ସଂପ୍ରୁକ୍ତ ରହେ। ଏହା ଅନେକ ସମୟରେ ବ୍ୟକ୍ତିଗତ ବାଚ୍ୟ ବୋଲି କୁହାଯାଏ। ଏହା ମୁଖ୍ୟ ବିଷୟର ଉପାଂଶକୁ ଓ ବାକ୍ୟକୁ ବୁଝାଇ ଥାଏ। ଏହାର କାର୍ଯ୍ୟ ଇଂରାଜୀରେ ଅତି କମ ଦେଖାଯାଏ, କିନ୍ତୁ ଗ୍ରୀକ ଭାଷାରେ ଏହା ଅତି ଗୁରୁତ୍ୱ ରହିଅଛି, ଏହାର କେତେକ ଉଦାହରଣ ହେଲା,

1. REFLEXIVE. ଏହାର ମୁଖ୍ୟ ବିଷୟର କାର୍ଯ୍ୟ ତାହା ଉପରେ ନିର୍ଭର କରେ, ଉଦାହରଣ ମାଥିଉ ୨୨:୫, "ଆପଣାକୁ ଫାଶୀଦେଲା "
2. INTENSIVE. ଏଠାରେ ମୁଖ୍ୟ ବିଷୟ ନିଜ ପାଇ କାର୍ଯ୍ୟକୁ ପ୍ରସ୍ତୁତ କରେ, ଉଦାହରଣ, ୨ୟ କରିନ୍ଥୀୟ ୧୧:୧୪, "କାରଣ ଶୟତାନ ନିଜେ ଦିପ୍ତିମୟ ଦୁତର ବେଶ ଧାରଣ କରେ"

3. RECIPROCAL. ଦୁଇଗୋଟି ମୁଖ୍ୟ ବିଷୟର କାର୍ଯ୍ୟ, ଉଦାହରଣ ମାଥିଉ ୨୬:୪, “ସେମାନେ ପରସ୍ପର ମନ୍ତ୍ର ନେଲେ”

III. MOOD (or "ମାନସିକ ଭାବ")

A. ଗ୍ରୀକ ଭାଷାରେ ଚରି ପ୍ରକାରର Moods ରହିଅଛି, ଏହା ଲେଖକଙ୍କ ହିସାବରେ କ୍ରିୟା ସମ୍ପର୍କକୁ ଦେଖାଇ ଥାଏ, ଏହି Moods ଦୁଇ ଭାଗରେ ବିଭକ୍ତ କରାଯାଏ, (INDICATIVE) ଏହା ଅନେକ ସମୟରେ ସତ୍ୟତକୁ ପ୍ରକାଶ କରିଥାଏ, ଓ ଯାହା ସମ୍ଭାବନାକୁ ବୁଝାଏ ତାହକୁ (SUBJUNCTIVE, IMPERATIVE ଓ OPTATIVE)

B. INDICATIVE MOOD. ଏହା ଏକ ସାଧାରଣ Mood ଯାହା ଲେଖକଙ୍କ ମନର କଥା ଓ ଏକ କ୍ରିୟାକୁ ଦର୍ଶାଏ । କେବଳ ଗ୍ରୀକରେ ନିଶ୍ଚିତ ସମୟକୁ ଦର୍ଶାଇ ଥାଏ ଓ ଏହାର ଦୃଷ୍ଟିକୋଣକୁ ଦେଖାଇ ଥାଏ ।

C. SUBJUNCTIVE MOOD. ଏହା ଭବିଷ୍ୟତ ବିଷୟକୁ ପ୍ରକାଶ କରିଥାଏ, କିଛି ବିଷୟ ଘଟୀନି କିନ୍ତୁ ଘଟିବାର ସମ୍ଭାବନା ରହିଅଛି । ଏହା FUTURE INDICATIVE ସହିତ ସମାନ ଅଟେ । SUBJUNCTIVE କେତେକ ସନ୍ଦେହକୁ ଦେଖାଇ ଥାଏ, ଆଉ ତାହାର ପାର୍ଥକ୍ୟ ରହିଅଛି । ଇଂରାଜୀରେ କେତେକ ଶବ୍ଦକୁ ଏଥିପାଇ ବ୍ୟବହାର କରାଯାଏ ଯଥା, "could," "would," "may," or "might."

D. OPTATIVE MOOD. ଯାହା ସମ୍ଭବ ତାହାକୁ ବୁଝାଇ ଥେ, ଏହା SUBJUNCTIVE ଠାରୁ କିଛି ମାତ୍ରାରେ କମ ଓ OPTATIVE ଠାରୁ ଏହା ସମ୍ଭାବନାକୁ ବୁଝାଇ ଥାଏ । ଏହା ନୁତନ ନିୟମରେ ଅତି କମ ଦେଖାଯାଏ ଓ ଅନେକ ମାତ୍ରାରେ ପାଉଲଙ୍କ ଲେଖାରେ ଦେଖାଯାଏ “ତାହା କେବେ ନ ହେଉ” ଏହାକୁ ପନ୍ଦର ଥର ବ୍ୟବହାର କରାଯାଇ ଅଛି, (ରୋମିୟ ୩:୪, ୬, ୩୧; ୬:୨, ୧୫; ୭:୭, ୧୩; ୯:୧୪; ୧୧:୧, ୧୧; ୧ମ କରିନ୍ଥୀୟ ୬:୧୫; ଗଲତିୟ ୨:୧୭; ୩:୨୧; ୬:୧୪) । ପୁଣି କେତେକ ଉଦାହରଣ ଲୁକ ଲିଖିତ ସୁସମାଚାର ପୁସ୍ତକରେ ଦେଖିବାକୁ ମିଳେ, ୧:୩୮, ୨୦:୧୬, ପ୍ରେରିତ ୮:୨୦ ଓ ୧ମ ଥେସଲନିକିୟ ୩:୧୧ ।

E. IMPERATIVE MOOD. ଏହା ଏକ ଆଦେଶ ଯାହା କହୁଥିବା ବ୍ୟକ୍ତି ଉପରେ ବିଶେଷ ଭାବରେ ଗୁରିତ୍ୱ ଦେଇଥାଏ । ଏହା ବ୍ୟକ୍ତିର ଇଚ୍ଛାଶକ୍ତି ଓ ଅନ୍ୟର ଅବସ୍ଥା ଉପରେ ନିର୍ଭର କରେ । କେତେକ ପ୍ରାର୍ଥନା ସମୟରେ ୩ୟ ପୁରୁଷର ବ୍ୟବହାର ହୋଇଥାଏ ଓ ଏହା ଆଦେଶ ଭାବରେ କାର୍ଯ୍ୟ କରେ । ଏହା ନୁତନ ନିୟମରେ ବର୍ତମାନ ଓ AORIST କାଳରେ ଦେଖିବାକୁ ମିଳେ ।

F. PARTICIPLES. କେତେକ ବ୍ୟାକରଣରେ ଏହାର ଏକ ଅନ୍ୟ ବିଭାଗ ରହିଥାଏ, ସେମାନେ ଗ୍ରୀକ ଭାଷାରେ ଅତି ସାଧାରଣ ଅଟନ୍ତି, ବିଶେଷ ଭାବରେ ଏହା କ୍ରିୟାର ବିଶେଷଣକୁ ବର୍ଣନା କରିଥାଆନ୍ତି । ପୁଣି ଏହା ଏକ ପ୍ରକାରର ସଂଯୋଜକ ଭାବରେ ମୁଖ୍ୟ କ୍ରିୟା ସହିତ ବ୍ୟବହାର ହୁଅନ୍ତି । ଏହାର ଅନୁବଦରେ ଅନେକ ବିଶେଷତ୍ୱ ରହିଅଛି । ଏହାର ଏକ ଉତ୍ତମ ପୁସ୍ତକ ହେଲା, *The Bible in Twenty Six Translations* published by Baker ଯାହା ଅତି ସାହାଯ୍ୟ ହୋଇପାରେ ।

G. AORIST ACTIVE INDICATIVE. ଏହା ସାଧାରଣ ଓ “ଅଚିହ୍ନା ଅଟେ” ଓ ଅନ୍ୟ ସମସ୍ତ କାଳ, ବାଚ୍ୟ ଓ ଭାବ ଠାରୁ ଅତିଭିନ୍ନ ଅଟେ । ଏହା ଦ୍ୱରା ଲେଖକ କେତେକ ନିର୍ଦ୍ଦିଷ୍ଟ ଧରଣର ବାର୍ତାକୁ ଜଣାଇବାକୁ ଚେଷ୍ଟା କରିଥାନ୍ତି ।

IV. ଯେଉମାନେ ଗ୍ରୀକ ଭାଷାଦ୍ୱାରା ପରିଚିତ, ସେମାନଙ୍କ ନିମନ୍ତେ ଉକ୍ତ ପୁସ୍ତକ ସବୁ ଅତି ସାହାଯ୍ୟ ହୋଇପାରେ ।

A. Friberg, Barbara and Timothy. *Analytical Greek New Testament*. Grand Rapids: Baker, 1988.

B. Marshall, Alfred. *Interlinear Greek-English New Testament*. Grand Rapids: Zondervan, 1976.

C. Mounce, William D. *The Analytical Lexicon to the Greek New Testament*. Grand Rapids: Zondervan, 1993.

D. Summers, Ray. *Essentials of New Testament Greek*. Nashville: Broadman, 1950.

E. Academically accredited Koine Greek correspondence courses are available through Moody Bible Institute in Chicago, IL.

V. ବିଶେଷ

A. ବ୍ୟାକରଣାତ୍ମକ ଭାବରେ ଏହି ବିଶେଷ ଗୁଡିକ କାରକ ବା ଅବସ୍ଥା ଦ୍ୱାରା ବିଭକ୍ତ ହୋଇଅଛି । ଏହି କାରକ ସମୂହ ବିଶେଷ ଦ୍ୱାରା ପ୍ରଭାଭିତ ହୋଇଥାଏ, ଓ ଏହାର କ୍ରିୟା ଓ ଅନ୍ୟ ଅଂଶ ଦ୍ୱାରା ପ୍ରଭାଭିତ ହୋଇଥାଏ । ଗ୍ରୀକର ସାଧାରଣ ଭାଷାରେ ଏହା ଅନେକ ସମୟରେ ଅବ୍ୟୟ ପଦ ଦ୍ୱାରା ପ୍ରଭାଭିତ ହୋଇଥାଏ । ଯେହେତୁ ଏହି ସବୁ କାରକ ବିଭିର୍ଣ ପ୍ରକାରର ଓ ଏହା ବିଭିର୍ଣ ପ୍ରକାରର ସମ୍ପର୍କ ଓ ଅବ୍ୟୟ ପଦର ବିକାଶ ବିଷୟରେ ପ୍ରକାଶ କରିଥାଏ, ଏଣୁ ଏହାକୁ ଏକ ନିର୍ଦ୍ଧିଷ୍ଟ ଭାଗ କରିବା କଷ୍ଟ ହୋଇଥାଏ ।

B. ଏହି ଗ୍ରୀକ କାରକ ଗୁଡିକୁ ଆଠ ଭାଗରେ ବିଭକ୍ତ କରାଯାଏ,

1. **କର୍ତ୍ତାକାରକ** ଯାହା ବିଶେଷ ଭାବରେ ଏକ ବାକ୍ୟ କିମ୍ବା ବାକ୍ୟାଂଶର  ମୁଖ୍ୟ ବିଷୟକୁ ଓ ନାମ କରଣକୁ ବଝାଏ । ଏହା ବିଧେୟ ବିଷୟ ଓ ବିଶେଷଣର କ୍ରିୟା "to be" ଓ "became" ର ଯୋଗାଯୋଗକୁ ବୁଝାଏ ।
2. **ସମ୍ବନ୍ଧସୂଚକ ପଦ**, ଏହା ତାହାର ସମ୍ପର୍କିତ ଶଦ୍ଦର ଚରିତ୍ର ଓ ତାହାର ଗୁଣକୁ ବୁଝାଏ । "ଏହା କି ପ୍ରକାରର?" ପ୍ରଶ୍ନର ଉତ୍ତର ପ୍ରଦାନ କରିଥାଏ । ଏହା ଅନେକ ସମୟରେ ଇଂରାଜୀ ଶଦ୍ଦ "ସୁଚକ ଶଦ୍ଦ" "of" କୁ ବୁଝାଇ ଥାଏ ।
3. ABLATIVE CASE, ଏହା ଅନେକ କ୍ଷେତ୍ରରେ "ସମ୍ବନ୍ଧସୂଚକ ପଦ" ସହିତ ସମାନ ଅଟେ, କିନ୍ତୁ ଏହା ଅଲଗାହେବା ବିଷୟକୁ ବୁଝାଇ ଥାଏ । ଏହା ଅନେକ ସମୟରେ ସମୟର ସୀମାକୁ ବୁଝାଇ ଥାଏ ଯଥା, ସମୟ, ବ୍ୟବଧାନ, ଉତ୍ସ, ଓ ଆରମ୍ଭକୁ ବୁଝାଇ ଥାଏ । ଏହା ଅନେକ ସମୟରେ ଇଂରାଜୀ ଶଦ୍ଦ ବା ଅବ୍ୟୟ ପଦ "ଠାରୁ" ବା "from" କୁ ସୁଚାଇ ଥାଏ ।
4. **ସମ୍ପ୍ରଦାନ କାରକ**, ଏହା ବ୍ୟକ୍ତିଗତ ଆଗ୍ରହକୁ ବୁଝାଇ ଥାଏ । କିନ୍ତୁ ଏହା ଉଭୟ ସାକାରାତ୍ମକ ଓ ନାକାରାତ୍ମକ ବିଷୟକୁ ସୁଚାଇ ଥାଏ । ଅନେକ ସମୟରେ ଏହା ପରୋକ୍ଷ ବିଷୟକୁ ବୁଝାଇ ଥାଏ । ଏହା ବିଶେଷ ଭାବରେ ଇଂରାଜୀ ଶଦ୍ଦ ଓ ଅବ୍ୟୟ ପଦ "କୁ" ବା "to" ବୁଝାଇ ଥାଏ ।
5. **ସ୍ଥାନ ପ୍ରକାଶକ ଶଦ୍ଦ**, ଏହା ଅନେକ ମାତ୍ରାରେ ସମ୍ପ୍ରଦାୟକ କାରକ ସହିତ ସମାନ ଅଟେ, କିନ୍ତୁ ଏହା ତାହାର ସ୍ଥାନ କିମ୍ବା ତାହାର ଅବସ୍ଥାକୁ, କିମ୍ବା ସମୟକୁ ସୁଚାଇ ଥାଏ । ଏହା ଇଂରାଜୀଶଦ୍ଦ ଓ ଅବ୍ୟୟ ପଦ , "in, on, at, among, during, by, upon and beside" କୁ ବ୍ୟବ ହାର କରି ଦର୍ଶାଯାଇ ଥାଏ ।
6. INSTRUMENTAL CASE, ଏହା ସମ୍ପ୍ରଦାୟର କାରକ ଓ ସ୍ଥାନ ପ୍ରକାଶକ ଶଦ୍ଦ ଦ୍ୱାରା ପ୍ରଭାଭିତ ହୋଇଥାଏ । ଏହା ସହଯୋଗର ଏକ ମାଧ୍ୟମ ଅଟେ । ଏହା ଇଂରାଜୀ ଶଦ୍ଦ ଓ ଅବ୍ୟୟ ପଦ "by" ଓ "with" ଦ୍ୱାରା ପ୍ରକାଶ କରାଯାଏ ।
7. **କର୍ମ କାରକ**, ଏହା ଏକ କାର୍ଯ୍ୟର ସମାପ୍ତିକୁ ବୁଝାଏ, ଏହାର ପ୍ରଦର୍ଶନର ଏକ ସିମା ରହିଅଛି । ଏହାକୁ ପ୍ରତକ୍ଷ୍ୟ ବସ୍ତୁକୁ ସୁଚାଇବାରେ ସାହାଯ୍ୟ କରିଥାଏ । ଏହା "How far?" ଓ "To what extent?" "କେତେ ସମୟ ବା କେତେ ବଢାଇବା" ପ୍ରଶ୍ନର ଉତ୍ତର ଦେଇଥାଏ ।
8. **ସମ୍ବୋଧନ ପଦ**, ଏହା ପ୍ରତ୍ୟକ୍ଷ ବସ୍ତୁକୁ ସୁଚାଇବାରେ ସାହାଯ୍ୟ କରେ ।

VI. ସଂଯୋଜକ ଶଦ୍ଦ ଓ ଦ୍ରବ୍ୟ

A. ଗ୍ରୀକ ଏକ ସଂକ୍ଷିପ୍ତ ଭାଷା ଅଟେ, କାରଣ ଏହାର ଅନେକ ପ୍ରକାରର ସଂଯୋଜକ ରହିଅଛି । ସେମାନେ (ବାକ୍ୟାଂଶ, ବାକ୍ୟ ଓ ଅନୁଛେଦ) ସଂଯୋଗ ହୋଇଥାନ୍ତି । ଏହି ସଂଯୋଜକ ମାନେ ଅତି ଗୁରୁତ୍ୱପୁର୍ଣ ସେମାନଙ୍କର ବିନା ଉପସ୍ଥିତିରେ ଅନେକ ଅସୁବିଧା ହୋଇଥାଏ । କାରଣ ଏହି ସଂଯୋଜକ ଶଦ୍ଦ ଦ୍ୱାରା ଲେଖକଙ୍କର ପ୍ରକ୍ରୁତ ଅର୍ଥକୁ ବୁଝିବାରେ ସାହାଯ୍ୟ ହୋଇଥାଏ । ସେମାନେ ଲେଖକ ମାନଙ୍କୁ ଅତ୍ୟଧିକ ସାହାଯ୍ୟ କରିଥାଆନ୍ତି ।

B. ଏଠାରେ କେତେକ ସଂଯୋଜକ ଶଦ୍ଦ ସମୂହର ଏକ ଉଦାହରଣ ଦିଆଯାଇ ଅଛି, (ଏହି ସମସ୍ତ ତଥ୍ୟ H. E. Dana and Julius K. Mantey's *A Manual Grammar of the Greek New Testament* ରୁ ନିଆଯାଇ ଅଛି ।

1. ସମୟର ସଂଯୋଜକ

a. *epei, epeidē, hopote, hōs, hote, hotan* (subj.) - "କେତେବେଳେ"

b. *heōs* - "କିଛିକ୍ଷଣ"

c. *hotan, epan* (subj.) - "ଯେ କୈଣସି ସମୟରେ"

d. *heōs, achri, mechri* (subj.) - "ପର୍ଯ୍ୟନ୍ତ"

e. *priv* (infin.) - "ପୁର୍ବରୁ"

f. *hōs* - "since," "କେତେବେଳେ," "ସେହିପରି"

2. ଯୁକ୍ତିଯୁକ୍ତ ସଂଯୋଜକ

a. ଉଦ୍ଦେଶ୍ୟ

(1) *hina* (subj.), *hopōs* (subj.), *hōs* – "ଯେପରି", "ତାହା"

(2) *hōste* (articular accusative infinitive)- "ତାହା"

(3) *pros*- (articular accusative infinitive) or *eis* (articular accusative infinitive) – "ତାହା"

b. ଫଳାଫଳ, (ଉଦ୍ଦେଶ୍ୟ ଓ ଫଳାଫଳ ମଧରେ ଅତି ଘନିଷ୍ଟ ସମ୍ପର୍କ ରହିଅଛି)

(1) *hōste* (infinitive, this is the most common)- "ଯେପରି", "ଏହିପରି"

(2) *hiva* (subj.) – "ସେଥିପାଇ"

(3) *ara*- "ଏଣୁ"

c. କାରଣ ସମ୍ବନ୍ଧିୟ ବା କାରଣ

(1) *gar* (cause/effect or reason/conclusion) – "କାରଣ", "ପାଇ"

(2) *dioti, hotiy* – "କାରଣ"

(3) *epei, epeidē, hōs* – "ନିର୍ଦ୍ଦିଷ୍ଟ ସମୟ ଠାରୁ"

(4) *dia* (with accusative) and (with articular infin.) – "କାରଣ"

d. ଆନୁମାନିକ

(1) *ara, poinun, hōste* – "ସେଥିପାଇ"

(2) *dio* (strongest inferential conjunction)- "ଯାହାଦ୍ୱାରା", "ଯେକେହି ହେଲେ ସୁଧା", "ସେଥିପାଇ"

(3) *oun* – "ସେଥିପାଇ", "ଏଣୁ", "ସେତେବେଳେ', "ଫଳସ୍ୱରୁପ"

(4) *toinoun*- "ସେହିପ୍ରକାରେ"

e. ପ୍ରତିଦ୍ୱନ୍ଦି ବା ବିପରିତ

(1) *alla* (strong adversative)- "କିନ୍ତୁ", "ବ୍ୟତିତ"

(2) *de*- "କିନ୍ତୁ", "ଯେମିତି ହେଲେ ମଧ", "ଏପର୍ଯ୍ୟନ୍ତ", "ଅନ୍ୟ ପାର୍ଶ୍ୱରେ"

(3) *kai*- "କିନ୍ତୁ"

(4) *mentoi, oun*- "ଯେମିତି ହେଲେ ମଧ"

(5) *plēn*- ତେବେ ବି, (ବିଶେଷ କରି ଲୁକଙ୍କ ଲିଖିତ ପୁସ୍ତକରେ)

(6) *oun*- "ଯାହା ହେଉ"

f. ତୁଳନାତ୍ମକ

(1) *hōs, kathōs* (ତୁଳନାତ୍ମକ ବାକ୍ୟାଂଶ)

(2) *kata* (ବହୁବଚନ *katho, kathoti, kathōsper, kathaper*)

(3) *hosos* (ଏବ୍ରିୟ ଭାଷାରେ)

(4) *ē* – "ସେତେବେଳେ"

g. କ୍ରମାଗତ ବା ଅନୁକ୍ରମ

(1) *de* – "ଏବଂ" ଓ "ବର୍ତମାନ"

(2) *kai* - "ଏବଂ"

(3) *tei* - "ଏବଂ"

(4) *hina, oun* – "ତାହା"

(5) *oun* - "ସେତେବେଳେ", (ଯୋହନଙ୍କ ପୁସ୍ତକରେ)

3. ଗୁରୁତ୍ୱପୂର୍ଣ ବ୍ୟବହାର

a. *alla* - "ନିଶ୍ଚିତତା," "ହ", "ହେଲେ"

b. *ara* – "ନିଶ୍ଚିତ ଭାବେ", "ନିଶ୍ଚିନ୍ତ ରୁପେ", "ସତରେ"

c. *gar* – "କିନ୍ତୁ ସତ୍ୟ ଭାବରେ", "ନିଶ୍ଚିତ ଭାବେ". "ସତରେ"

d. *de* - "ନିଶ୍ଚିତ ଭାବେ",

e. *ean* – "ତଥାପି"

f. *kai* – "ତଥାପି", "ନିଶ୍ଚିତ ଭାବେ", "ସତରେ"

g. *mentoi* - "ନିଶ୍ଚିତ ଭାବେ",

h. *oun* – "ସର୍ବ ପ୍ରକାରେ"

VII. ନିର୍ଭରମୂଳକ ବାକ୍ୟସମୂହ

A. ନିର୍ଭରମୂଳକ ବାକ୍ୟ**,** ଏହା ଅନେକ ପ୍ରକାରର ବାକ୍ୟ ଓ ବାକ୍ୟାଂଶ ଉପରେ ନିର୍ଭରକରେ, କାରଣ ଏହା ଅନେକ ପ୍ରକାରର ସର୍ତକୁ ବୁଝାଏ ଓ ମୁଖ୍ୟ କ୍ରିୟା ଓ କାର୍ଯ୍ୟର ସମ୍ପୂର୍ଣ ବିବରଣୀ ପ୍ରଦାନ କରିଥାଏ । ଚାରି ପ୍ରକାରର ନିର୍ଭର ମୂଳକ ବାକ୍ୟ ଦେଖାଯାଏ, ଏହି ସମସ୍ତ ଲେଖକଙ୍କର ଭାବନାରୁ ବାହାରି ଥାଏ ଓ ତାହାଙ୍କର ଲେଖାର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ସାହାଯ୍ୟ କରିଥାଏ ।

B. ପ୍ରଥମ ନିର୍ଭରମୂଳକ ବାକ୍ୟ. ଏହା ଲେଖକଙ୍କ ଦୃଷ୍ଟିରେ ଯାହା ସତ୍ୟ ବୋଲି ବିବେଚନା କରାଯାଏ, କିମ୍ବା ତାହାଙ୍କର ଉଦ୍ଦେଶ୍ୟ ନିମନ୍ତେ ଉପଯୋଗି ତାହାକୁ "ଯଦି" କୁ ବ୍ୟବହାର କରି ବର୍ଣନା କରିଥାଏ । ଏହାର ଅନେକ ପୃଷ୍ଠଭୂମି ରହିଅଛି, ଓ ଅନେକ ସମୟରେ ଏହା "ନିର୍ଦ୍ଦିଷ୍ଟ ସମୟ ପରେ" ଏହି ଶବ୍ଦକୁ ମଧ୍ୟ ବ୍ୟବହାର କରାଯାଇ ଥାଏ, (ମାଥିଉ ୪:୩, ରୋମିୟ ୮:୩୧) । କିନ୍ତୁ ଏହା ମଧ୍ୟ ସତ୍ୟ ନୁହେ କି ଏହା ସବୁ ସମୟରେ ସତ୍ୟ ଅଟେ, ଅନେକ ସମୟରେ ଏହା ଏକ ବିବାଦର ଯୁକ୍ତିକୁ ପ୍ରକାଶ କରିବା ନିମନ୍ତେ, କିମ୍ବା ଏକ ବିଷୟକୁ ଗୁରୁତ୍ୱ ଦେବା ନିମନ୍ତେ ସୁଧା ବ୍ୟବହାର କରାଯାଇ ଥାଏ, (ମାଥିଉ ୧୨:୨୭) ।

C. ଦ୍ୱିତିୟ ନିର୍ଭରମୂଳକ ବାକ୍ୟ, ଏହା ଅନେକ ସମୟରେ "ସତ୍ୟତାର ଏକ ବିପରିତ" ଭାବକୁ ବୁଝାଏ । ଯାହା ସତ୍ୟନୁହେ ତାହାକୁ ପ୍ରକାଶ କରିବାରେ ଏହାକୁ ବ୍ୟବହାର କରାଯାଏ । ଉଦାହରଣ,

1. "ତାହାଦେଖି, ଯେଉ ଫାରୁଶୀ ତାହାଙ୍କୁ ନିମନ୍ତ୍ରଣ କରିଥିଲେ, ସେ ମନେ ମନେ କହିଲେ, ଏ ଯଦି ଭାବବାଦୀ ହୋଇଥାନ୍ତା, ତାହା ହେଲେ ଏହାକୁ ଯେ ସ୍ୱର୍ଶ କରୁଅଛି ସେ କିଏ ଓ କି ପ୍ରକାର ସ୍ତ୍ରୀ, ଅର୍ଥାତ ସେ ପାପିଷ୍ଠା, ଏହା ସେ ଜାଣିପାରି ଥାଆନ୍ତା", (ଲୁକ ୭:୩୯)
2. "କାରଣ ତୁମ୍ଭେମାନେ ଯଦି ମୋଶାଙ୍କୁ ବିଶ୍ୱାସ କରନ୍ତେ, ତେବେ ମୋତେ ବିଶ୍ୱାସ କରନ୍ତେ, ଯେଣୁ ସେ ମୋ ବିଷୟରେ ଲେଖିଅଛନ୍ତି " (ଯୋହନ ୫:୪୬)
3. "ଯଦି ମୁ ଏବେ ସୁଧା ମନୁଶ୍ୟମାନଙ୍କୁ ସନ୍ତୁଷ୍ଟ କରୁଥାଆନ୍ତି, ତେବେ ମୁ ଖ୍ରୀଷ୍ଟଙ୍କ ଦାସ ହୁଅନ୍ତି ନାହିଁ" (ଗାଲାତିୟ ୧:୧୦)

D. ତୃତିୟ ବାକ୍ୟାଂଶ, ଏହା ଭବିଷ୍ୟତର ସମ୍ଭାବନା କାର୍ଯ୍ୟକୁ ବୁଝାଏ, ଏହା ଅନେକ ସମୟରେ ଅନିଶ୍ଚିତତାର ସମ୍ଭାବନାକୁ ବୁଝାଏ । ଏହି ମୁଖ୍ୟ କ୍ରିୟା "ଯଦି" ଶବ୍ଦ ଦ୍ୱାରା ବ୍ୟବହାର ହୋଇଥାଏ । ଏହାର କେତେକ ଉଦାହରଣ, ୧ମ ଯୋହନ ୧:୬-୧୦; ୨:୪, ୬, ୯, ୧୫, ୨୦, ୨୧, ୨୪, ୨୯; ୩:୨୧; ୪;୨୦; ୫:୧୪, ୧୬ ।

E. ଚତୁର୍ଥ ବାକ୍ୟାଂଶ, ଏହା ଦୁରତମ ସମ୍ଭାବନା ଅଟେ, ଏହା ନୁତନ ନିୟମରେ ଅତି ଅଳ୍ପ ମାତ୍ରାରେ ଦେଖାଯାଏ। ଏଣୁ ଏହାର ଚତୁର୍ଥ ନିର୍ଭର ମୁଳକ ବାକ୍ୟ ଦେଖାଯାଏ ନାହିଁ। ଏହି ଅତୁର୍ଥ ନିର୍ଭର ମୁଳକ ବାକ୍ୟର କେତେକ ଉଦାହରଣ ହେଲା,୧ମ ପିତର ୩:୧୪, ଓ ଏହାର ସମାପ୍ତ କାରି ବାକ୍ୟ ପ୍ରେରିତ ୮:୩୧ରେ ଦେଖିବାକୁ ମିଳେ।

VIII. ନିଷିଦ୍ଧତା

A. PRESENT IMPERATIVE, ଓ MĒ PARTICLE ଏହାର ଅସମ୍ପୁର୍ଣତା କାର୍ଯ୍ୟକୁ ବୁଝାଇ ଥାଏ, କିନ୍ତୁ (ବିଶେଷ ଭାବରେ) ଯାହା ଆରମ୍ଭ କରାଯାଇ ଅଛି, ଉଦାହରଣ, "ପୃଥିବିରେ ଆପଣା ଆପଣା ନିମନ୍ତେ ଧନ ସଂଚୟ କର ନାହିଁ, (ମାଥିଉ ୬:୧୯)" "ତୁମ୍ଭମାନଙ୍କ ଶରିର ବିଷୟରେ ଚିନ୍ତା କରନାହିଁ, (ମାଥିଉ୬:୨୫)", "ଆପଣା ଆପଣା ଅଂଗକୁ ଅଧାର୍ମିକତାର ଅସ୍ତ୍ରଶସ୍ତ୍ର ରୁପେ ପାପ ନିକଟରେ ସମର୍ପଣ କରନାହିଁ, (ରୋମିୟ ୬:୧୩)", "ପବିତ୍ର ଆତ୍ମାଙ୍କୁ ଦୁଃଖ ଦିଅ ନାହିଁ, (ଏଫିସିୟ ୪:୩୦)", "ଆଉ ଦ୍ରକ୍ଷାରସରେ ମତ୍ତ ହୁଅ ନାହିଁ, (୫:୧୮)"।

B. AORIST SUBJUNCTIVE ଓ MĒ PARTICLE, ଏହା "କୈଣସି ପ୍ରାରମ୍ଭ କାର୍ଯ୍ୟ ଉପରେ ଧ୍ୟାନ ଦେଇ ଥାଏ", ଉଦାହରଣ; "ଏହି ପରି ଭାବ ବାହିଁ, (ମାଥିଉ ୫:୧୭)", "ଏହା କହି ଚିନ୍ତିତ ହୁଅନାହିଁ, (ମାଥିଉ ୬:୩୧)", "ଲଜ୍ଜିତ ହୁଅନାହିଁ, (୨ୟ ତୀମଥି ୮:୧୩)"।

C. DOUBLE NEGATIVE ଓ SUBJUNCTIVE MOOD, ଏହା ଅତି ସୁଦୃଢ ଭାବରେ ଅସ୍ୱୀକାର କରିବା, "କେବେନୁହେଁ, କୈଣସି ପରିସ୍ଥିତିରେ ନୁହେଁ", "ସେ କଦାପି କେବେହେ ମୃତ୍ୟୁ ଦର୍ଶନ କରିବ ନାହିଁ, (ଯୋହନ ୮:୫୧)", "ଏଥିପାଇ ମୁ କେବେହେଲେ ତାହା କରିବି ନାହିଁ, (୧ମ କରିନ୍ଥୀୟ ୮:୧୩)"।

IX. THE ARTICLE

A. ସାଧାରଣ ଗ୍ରୀକରେ ବିଶେଷର ନିର୍ଦ୍ଦିଷ୍ଟ ଓ ଅନିର୍ଦ୍ଦିଷ୍ଟତାକୁ ବୁଝାଇବାକୁ ଏହା ବ୍ୟବହାରକୁ ବୁଝାଏ। ଏହି ଗ୍ରୀକରେ ନିର୍ଦ୍ଦିଷ୍ଟ article "the" ର ବ୍ୟବହାର ଗ୍ରୀକ ସହିତ ସମାନ ଅଟେ, ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ନାମର ପରିଚୟ ପ୍ରଦାନ କରିଥାଏ। ଏହା ନୁତନ ନିୟମରେ ବିଭିର୍ଣ ଭାବରେ ଅନେକ ଲେଖକଙ୍କ ଦ୍ୱାରା ବ୍ୟଭହୃତ ହୋଇଅଛି। ଏହାର କେତେକ କାର୍ଯ୍ୟର ଉଦାହରଣ,

1. ଏହା ଏକ ପ୍ରଦର୍ଶନକାରି ବିଶେଷଣ ସଦୃଶ୍ୟ କାମ କରିଥାଏ।
2. ଏହା ପୁର୍ବବର୍ତୀ ବିଷୟ କିମ୍ବା ବିଶେଷଣକୁ ବୁଝାଇ ଥାଏ
3. ଏହା ନିର୍ଦ୍ଦିଷ୍ଟ ବିଷୟ କିମ୍ବା ବାକ୍ୟକୁ ବୁଝାଏ, "ଇଶ୍ୱର ଆତ୍ମା (ଯୋହନ ୪:୨୪);" "ଇଶ୍ୱର ଜ୍ୟୋତି, (୧ମ ଯୋହନ ୧:୫)"; "ଇଶ୍ୱର ପ୍ରେମ, (୪:୮, ୧୬)"।

B. ସାଧାରଣ ଗ୍ରୀକରେ ଇଂରାଜୀ ଭାଷା ସଦୃଶ୍ୟ "a" ଓ "an" କୈଣସି ଅନିର୍ଦ୍ଦିଷ୍ଟ ଅନୁଚ୍ଛେଦ ଦେଖାଯାଏ ନାହିଁ, ଏହାର ଅର୍ଥ ହୁଏତ

1. ଏହା କୈଣସି ଚରିତ୍ର କିମ୍ବା ଅନ୍ୟ କୈଣସି ଗୁଣକୁ ବୁଝାଇ ଥାଏ
2. ଏହା କୈଣସି ଏକ ପ୍ରକାରର ବିଭାଗକୁ ବୁଝାଇ ଥାଏ

C. ନୁତନ ନିୟମର ଲେଖକ ମାନେ ଏହାକୁ ବିଭିନ୍ନ ପ୍ରକାର ଭାବରେ ବ୍ୟବହାର କରିଅଛନ୍ତି

X. ଗ୍ରୀକ ନୁତନ ନିୟମରେ ଗୁରୁତ୍ୱପୁର୍ଣ ବିଷୟକୁ ଦେଖାଇବାର ଉପାୟ

A. ନୁତନ ନିୟମର ଲେଖକ ମାନେ ବିଭିର୍ଣ ପ୍ରକାରର ଶୈଳୀ ବ୍ୟବହାର କରି ବାକ୍ୟର ଗୁରୁତ୍ୱତାକୁ ପ୍ରକାଶ କରିଅଛନ୍ତି, ଏହି ପ୍ରକାର ଲେଖାଶୈଳୀ ଅତି ମାତ୍ରାରେ ଓ ନିରବଛିନ୍ନ ଭାବରେ ଲୁକ ଓ ଏବ୍ରୀ ପୁସ୍ତକରେ ଦେଖିବାକୁ ମିଳେ

B. AORIST ACTIVE INDICATIVE, ଏହା ଗୁରୁତ୍ୱ ଦେବା ନିମନ୍ତେ ବ୍ୟବହାର କରାଯାଏ ବୋଲି ଆମ୍ଭେମାନେ ଆଗରୁ ଅଧ୍ୟୟନ କରିଅଛୁ, କିନ୍ତୁ କ୍ରିୟା, ବାଚ୍ୟ ଓ ଭାବ ଏହା ଅତି ମାତ୍ରାରେ ଗୁରୁତ୍ୱପୁର୍ଣ ଅଟେ। କିନ୍ତୁ AORIST ACTIVE INDICATIVE ଏତେ ପରିମାଣରେ ଗୁରୁତ୍ୱ ଭାବରେ ବ୍ୟାକରଣରେ ବ୍ୟବହାର କରାଯାଏ ନାହିଁ, ଉଦାହରଣ (ରୋମିୟ ୬:୧୦ [ଦୁଇଥର ବ୍ୟବହାର ହୋଇଅଛି])

C. ସାଧାରଣ ଗ୍ରୀକ ଶବ୍ଦର ପ୍ରଣାଳୀ ଥାଏ

1. ଏହି ସାଧାରଣ ଗ୍ରୀକ ଏକ ପରିବର୍ତନ ଶୀଳ ଭାଷା ଅଟେ, ଯାହା ଇଂରାଜୀ ଭାଷା ସଦୃଶ୍ୟ କୈଣସି ପ୍ରକାର ଶବ୍ଦର ସୋପାନରେ ଆବଧ ନୁହେଁ, ଏଣୁ ଲେଖକ ଏହାକୁ ଅତି ଯତ୍ନରେ ବ୍ୟବହାର କରନ୍ତି,

a. ଲେଖକ ନିଜ ପାଠକ ମାନଙ୍କୁ କେଉ ବିଷୟରେ ଚାହାନ୍ତି
b. ଲେଖକ ନିଜ ପାଠକ ମାନଙ୍କ ପାଇ କେଉ ବିଷୟକୁ ଆଶ୍ଚର୍ଯ୍ୟଭବେ ଜଣାଇବାକୁ ଚାହାନ୍ତି
c. ଲେଖକ କେଉ ବିଷୟରେ ଅତି ଗମ୍ଭୀର ଭାବରେ ଚିନ୍ତା କରନ୍ତି

2. ଏହି ଗ୍ରୀକର ସାଧାରଣ ଲେଖାର ସୋପାନ ଏପର୍ଯ୍ୟନ୍ତ ଏକ ବିବାଦିୟ ଅଟେ, କିନ୍ତୁ ଏହାର ସାଧାରଣ ଶଦ୍ଦର ସୋପାନ ହେଲା
   a. କ୍ରିୟାର ସଂଯୋଜକ ନିମନ୍ତେ
      (1) କ୍ରିୟା
      (2) ବିଶେୟ
      (3) ସମାପନ
   b. ସକର୍ମକ କ୍ରିୟା ନିମନ୍ତେ
      (1) କ୍ରିୟା
      (2) ବିଶେୟ
      (3) ଉଦ୍ଦେଶ୍ୟ
      (4) ପରୋକ୍ଷ ଉଦ୍ଦେଶ୍ୟ
      (5) ଅବ୍ୟୟ ସୁଚକ ବାକ୍ୟାଂଶ
   c. ବିଶେଷାତ୍ମକ ବାକ୍ୟାଂଶ
      (1) ବିଶେଷ
      (2) ପୁରାନ୍ତରଣ
      (3) ଅବ୍ୟୟ ସୁଚକ ବାକ୍ୟାଂଶ
3. ଏହି ଶଦ୍ଦ ସୋପାନ ଗ୍ରୀକର ବିଶ୍ଲେଷଣ ସମୟରେ ଅତି ଗୁରୁତ୍ୱ ପୁର୍ଣ ହୋଇଥାଏ, ଉଦାହରଣ:
   a. ‘‘ବର୍ଣବବାକୁଂ ସହଭାଗିତାର ଦକ୍ଷିଣ ହସ୍ତ ପ୍ରଦାନ କଲେ’’, “ସହଭାଗିତାର ଦକ୍ଷିଣ ହସ୍ତ” ଏହି ବାକ୍ୟାଂଶ ପ୍ରାରମ୍ଭକୁ ଆସିବା ଦ୍ୱାରା ବାକ୍ୟର ଗୁରୁତ୍ୱକୁ ବୁଝାଏ, (ଗାଲାତିୟ ୨:୯)
   b. “ଖ୍ରୀଷ୍ଟଙ୍କ ସହିତ” ଏହା ପ୍ରଥମକୁ ଅଣାଯାଇ ଅଛି ଓ ତାହାଙ୍କର ମୃତ୍ୟୁ ମଧ୍ୟସ୍ଥରେ ରହିଅଛି, (ଗାଲାତିୟ ୨:୨୦)
   c. “ବିଭିର୍ଣ ଭାଗରେ ଓ ବିଭିର୍ଣ ପ୍ରକାରେ”, (ଏବ୍ରି ୧:୧), ଏହା ପ୍ରଥମକୁ ଅଣାଯାଇ ଅଛି, ଏହାଦ୍ୱାରା ଇଶ୍ୱର କି ପ୍ରକାରେ ନିଜକୁ ପ୍ରକାଶିତ କରିଅଛନ୍ତି ତାହାର ବିପରିତ ଭାବ ପ୍ରକାଶ କରେ,ପ୍ରକାଶନର ତଥ୍ୟକୁ ନୁହେ।

D. ବିଶେଷତଃ କେତେକ ଗୁରୁତ୍ୱ ଏହଦ୍ୱାରା ଦେଖାଯାଇ ଥାଏ

1. କେତେକ ବିଶେଷଣ୍ର ପୁନରାବ୍ରୁତି, ଯାହା କ୍ରିୟା ଠାରେ ପ୍ରଥମରୁ ରହିଅଛି, ଉଦାହରଣ, “ମୁ ତୁମ୍ଭମାନଙ୍କ ସଂଗେ ସଂଗେ ଅଛି”, (ମାଥିଉ ୨୮:୨୦)
2. ଅପେକ୍ଷାକ୍ରୁତ ସଂଯୋଜକର ଅନୁପସ୍ଥିତି, କିମ୍ବା ଅନ୍ୟ ସଂଯୋଜକ ଯଥାମ ଶଦ୍ଦ, ବାକ୍ୟାଂଶ, ଖଣ୍ଡବାକ୍ୟ ଓ ବାକ୍ୟ, ଏହାକୁ ( ମୁକ୍ତ) ବୋଲି କୁହାଯାଏ। ଏହି ସଂଯୋଜକ ଶଦ୍ଦର ଆବଶ୍ୟକତା ସକାଶୁ ଏହାର ଗୁରୁତ୍ୱ ଅଧିକ ଅଛି, ଉଦାହରଣ
   a. ପାର୍ବତ୍ୟ ଉପଦେଶ, ମାଥିଉ ୫:୩ (ତାଲିକାର ଏକ ଗୁରୁତ୍ୱ ରହିଅଛି)
   b. ଯୋହନ ୧୪:୧ (ନୁତନ ବିଷୟ)
   c. ରୋମିୟ ୯:୧ (ନୁତନ୍ନ ଅଧ୍ୟାୟ)
   d. ୨ୟ କରିନ୍ଥୀୟ ୧୨:୨୦ (ଗୁରୁତ୍ୱପୁର୍ଣ ତାଲିକା)
3. ବାକ୍ୟ କିମ୍ବା ବାକ୍ୟାଂଶର ପୁନରାବ୍ରୁତି , ଉଦାହରଣ, “ତାହାଙ୍କ ଅନୁଗ୍ରହର ଗୌରବ ପ୍ରଶଂସା ନିମନ୍ତେ” (ଏଫିସିୟ ୧:୬, ୧୨ ଓ ୧୪) ଏହା ତ୍ରିଏକ ଇଶ୍ୱରଙ୍କର କାର୍ଯ୍ୟକୁ ବୁଝାଇ ଥାଏ।
4. କେତେକ ଶଦ୍ଦର ବ୍ୟବହାର (ଶଦ୍ଦର) ରୁଢୋକ୍ତି
   a. Euphemisms- ଏହା କେତେକ ବିଷୟର ବଦଳରେ ବ୍ୟବହାର କରାଯାଏ, ଯଥା, “ନିଦ୍ରା” ମୃତ୍ୟୁ ନିମନ୍ତେ, (ଯୋହନ ୧୧:୧୧-୧୪) ଓ “ପାଦ” ପୁରୁଷ ନିମନ୍ତେ (ରୂତର ବିବରଣ ୩:୭-୮, ୧ମ ଶାମୁଏଲ ୨୪:୩)
   b. ବହୁଶଦ୍ଦ ବ୍ୟବହାର କରିବା- ଇଶ୍ୱରଙ୍କ ନାମ ବଦଳରେ ବ୍ୟବହାର କରିବା, ଯଥା, “ଇଶ୍ୱରଙ୍କ ରାଜ୍ୟ” (ମାଥିଉ ୩:୨୧) କିମ୍ବା “ସ୍ୱର୍ଗର ଏକ ବାଣୀ” (ମାଥିଉ ୩:୧୭)

c. ବ୍ୟଗାଂତ୍ମକ ବାକ୍ୟ

(1) ଅବିଶ୍ୱସନିୟ ଭାବେ ବଢେଇ କହିବା- (ମାଥିଉ ୩:୯; ୫:୨୯-୩୦; ୧୯:୨୪)

(2) ଅନେକଙ୍କୁ ବୁଝାଉ ଥିବା ବାଣି- (ମାଥିଉ ୩:୫; ପ୍ରେରିତ ୨:୩୬)

(3) ମାନବୀକରଣ (୧ମ କରିନ୍ଥୀୟ ୧୫:୫୫)

(4) ବ୍ୟଗୋକ୍ତି- (ଗାଲାତିୟ ୫:୧୨)

(5) ପଦ୍ୟାଂଶ- (ଫିଲିପିୟ ୨:୬-୧୧)

(6) ଶବ୍ଦର ଅଦଳ ବଦଳ

(a) "ମଣ୍ଡଳୀ"

(i) "ମଣ୍ଡଳି" (ଏଫିସିୟ ୩:୨୧)

(ii) "ଆହ୍ୱାନ" (ଏଫିସିୟ ୪:୧୪)

(iii) "ଆହୁତ" (ଏଫିସିୟ ୪:୧-୪)

b." ମୁକ୍ତ"

(i) "ସ୍ୱାଧିନା ସ୍ତ୍ରୀର ସନ୍ତାନ" (ଗାଲାତିୟ ୪:୩୧)

(ii) "ସ୍ୱାଧିନ" (ଗାଲାତିୟ ୫:୧)

(iii) "ମୁକ୍ତ" (ଗାଲାତିୟ ୫:୧)

d. ରୁଢିଗତ ବାକ୍ୟ- ଯେଉ ଭାଷା ସାମାଜିକ ଓ ଭାଷାର ଏକ ନିଶ୍ଚିତତା ଅଟେ

(1) "ଖାଦ୍ୟ" ସଂକେତିକ ଭାଷା (ଯୋହନ ୪:୩୧-୩୪)

(2) "ମନ୍ଦିର" ସଂକେତିକ ଭାଷା (ଯୋହନ ୨:୧୯, ମାଥିଉ ୨୬:୬୧)

(3) ଦୟାର ଏବ୍ରୀ ଭାଷାର ରୁଢୀଶବ୍ଦ "ଘୃଣା" (ଆଦିପୁସ୍ତକ ୨୯:୩୧; ଦ୍ୱିତୀୟ ବିବରଣ ୨୧:୧୫; ଲୁକ ୧୪:୩୬; ଯୋହନ ୧୨:୨୫; ରୋମିୟ ୯:୧୩)

(4) "ସମସ୍ତ" ସହିତ "ଅନେକ" ଯିଶାଇୟ ୫୩:୬ ("ସମସ୍ତ") ୫୩:୧୧ ଓ ୧୨ ("ଅନେକ"), ଏହି ଦୁଇ ଶବ୍ଦ ରୋମିୟ ୫:୧୮ ଓ ୧୯ ପୁସ୍ତକରେ ସମାନ ଅଟେ।

(5) ଭାଷାର ସମ୍ପୁର୍ଣ ବ୍ୟବହାର ପରିବର୍ତେ ଏକ ଶବ୍ଦର ବ୍ୟବହାର। ଉଦାହରଣ "ଯୀଶୁ ଖ୍ରୀଷ୍ଟ ଇଶ୍ୱର"

(6) *autos* ର ବିଶେଷ ବ୍ୟବହାର

a. ଯେତେବେଳେ ଏହା ଅନୁଛେଦ ସହିତ ଆସେ (ଏକ ଗୁଣକୁ ଦର୍ଶାଏ), ଏହା "ସମାନ" ଶବ୍ଦ ଦ୍ୱାରା ଅନୁବାଦ କରାଯାଏ

b. ଯେତେବେଳେ ଷ୍ଟୁଛେଦ ବିନା ଆସ, (ବିଧେୟ ଅବସ୍ଥା) ଏହା ସମ୍ପୁର୍ଣ ରୁପେ ବିଶେଷଣକୁ ଦେଖାଏ- "ନିଜକୁ" (ପୁରୁଷ ଓ ସ୍ତ୍ରୀ) "ଏହାକୁ"

E. ଗ୍ରୀକ ଜାଣି ନ ଥିବା ବ୍ୟକ୍ତିମାନେ ସୁଧା ଏହାକୁ ଅତି ସହଜରେ ଏହାକୁ ଜାଣିପାରିବେ

1. ବିଶ୍ଳେଷଣାତ୍ମକ ଟିକା ଓ ଗ୍ରୀକ ଓ ଇଂରାଜୀ ଲେଖାର ସାମଂଜସ୍ୟ ଥିବା ପୁସ୍ତକ ଦ୍ୱାରା

2. ଇଂରାଜୀ ଅନୁବାଦର ତୁଳନା ଦ୍ୱାରା, ବିଭିର୍ଣ ସିଦ୍ଧାନ୍ତର ଅନୁବାଦ ଦ୍ୱାରା, ପୁଣି "ବାକ୍ୟ କୁ ବାକ୍ୟ" ର ତୁଳନା କରିବା ଦ୍ୱାରା (KJV, NKJV, ASV, NASB, RSV, NRSV), "କେତେକ ସାହାଯ୍ୟକାରି ଅନୁବାଦଦ ବିଷୟ ଦ୍ୱାରା", (NIV, NEB, REB, JB, NJB,TEV). ଏକ ଉତ୍ତମ ସାହାଯ୍ୟକାରି ପୁସ୍ତକ ହେଲା, *The Bible in Twenty-Six Translations* published by Baker.

3. *The Emphasized Bible* by Joseph Bryant Rotherham (Kregel, 1994), ଏହାର ବ୍ୟବ ହାର ଦ୍ୱାରା,

4. ଏକ ଆକ୍ଷରିକ ଅନୁବାଦ ଦ୍ୱାରା

a. *The American Standard Version* of 1901

b. *Young's Literal Translation of the Bible* by Robert Young (Guardian Press, 1976)

ଏହି ପ୍ରକାର ବ୍ୟାକରଣାତ୍ମକ ଅଧ୍ୟୟନ ବିରକ୍ତ କର ଅଟେ. କିନ୍ତୁ ଏକ ଉତ୍ତମ ବ୍ୟାଖ୍ୟା ନିମନ୍ତେ ଅତି ଜରୁରି ଅଟେ। ଏହି ସମସ୍ତ ବିଷୟ, ଲେଖା ଓ ଉଦାହରଣ ଦ୍ୱାରା, ଯେଉମାନେ ଗ୍ରୀକ ଭାଷା ପାଠ କରି ପାରନ୍ତି ନାହି, ସେମାନେ ଅତି ଉତ୍ସାହ ସହିତ ଏହାକୁ ବ୍ୟବହାର କରିବା ଆବଶ୍ୟକ। ନିଶ୍ଚିତ

ଭାବରେ ଏହି ସବୁ ବିଷୟ ଅତି ସରଳ ଭାବରେ ବୁଝଯାଇ ଅଛି। ସେମାନେ ଏହି ତଥ୍ୟକୁ ଅତି ଜାଗ୍ରତ ଭାବେ, ନିଜ ଚିନ୍ତାର ପରିବର୍ତନ ଶୀଳ ଭାବେ, ପୁଣି ଏହି ନୁତନ ନିୟମର ବ୍ୟାକରଣାତ୍ମକ ଶିକ୍ଷାକୁ ବାଇବଲକୁ ଅଧିକ ଭାବରେ ବୁଝିବା ନିମନ୍ତେ ବ୍ୟବହାର କରିବା ଆବଶ୍ୟକ। ଆଶାକରେ ଏହି ସମସ୍ତ ବିଷୟ ପାଠକ ମାନଙ୍କୁ ନୁତନ ନିୟମର ଟୀକାକୁ ପଢିବାରେ ଓ ବୁଝିବାରେ ଅଧିକରୁ ଅଧିକ ସାହାଯ୍ୟ କରିବ।

ଆମ୍ଭେମାନେ, ଆମ୍ଭ ମାନଙ୍କର ସମସ୍ତ ବ୍ୟାଖ୍ୟାକୁ ବାଇବଲ ଭିତିକ ଓ ବାଇବଲ ମଧ୍ୟରୁ ବାହାର କରିବା ଉଚିତ। ଏଥି ନିମନ୍ତେ ଏହି ବ୍ୟାକରଣର ସମସ୍ତ ଆବଶ୍ୟକିୟ ବିଷୟ ସାହାଯ୍ୟ କରିଥାଏ, ପୁଣି ଐତିହାସିକ ପୃଷ୍ଠଭୂମି, ଆକ୍ଷରିକ ପ୍ରସଂଗ, ଆଧୁନିକ ଭାଷାର ବ୍ୟବହାର ଓ ସମାନ ପ୍ରକାରର ବାକ୍ୟସବୁ ଅତି ସାହାଯ୍ୟ କରିଥାଏ।